

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.114, Wednesday, 12 August 2026, Puri, Pages - 26, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୪, ବୁଧବାର, ୧୨ ଅଗଷ୍ଟ ୨୦୨୬, ପୁରୀ, ୨୬ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.114, Wednesday, 12 August 2026, Puri, Pages - 26, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୪, ବୁଧବାର, ୧୨ ଅଗଷ୍ଟ ୨୦୨୬, ପୁରୀ, ୨୬ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org



Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଚ୍ଛୁକ ଥିଲେ

selfiedunia96@gmail.com

କିମ୍ବା ୯୦୪୦୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ



Vol.13, Issue.114, Wednesday, 12 August 2026, Puri, Pages - 26, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୪, ବୁଧବାର, ୧୨ ଅଗଷ୍ଟ ୨୦୨୬, ପୁରୀ, ୨୬ ପୃଷ୍ଠା, ମୂଲ୍ୟ - ୯ ଟଙ୍କା


### ଅର୍ଥ ବିଭାଗର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ଜୁଲାଇରେ ବଢ଼ିଛି ରାଜସ୍ୱ ଆଦାୟ

## କାର୍ଯ୍ୟକ୍ରମ ବ୍ୟୟ ୧୯.୧%, ପୁଞ୍ଜିବ୍ୟୟ ୨୦.୨% ବୃଦ୍ଧି

## ରାଜସ୍ୱ ଆଦାୟ ବ୍ୟବସ୍ଥାକୁ ଅଧିକ ଦକ୍ଷ କରାଯିବ



ଭୁବନେଶ୍ୱର(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଅର୍ଥ ବିଭାଗର ସମୀକ୍ଷା କରି ରାଜସ୍ୱ ଆଦାୟ ବ୍ୟବସ୍ଥାକୁ ଆହୁରି ଦକ୍ଷ କରିବା ସହିତ ପୁଞ୍ଜି ଓ କାର୍ଯ୍ୟକ୍ରମ ବ୍ୟୟକୁ ଆହୁରି ବୃଦ୍ଧି କରିବା ନିମନ୍ତେ ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଏକ ଦକ୍ଷ ରାଜସ୍ୱ ଆଦାୟ ବ୍ୟବସ୍ଥାର ଆବଶ୍ୟକତା ଥିବା ବେଳେ ପୁଞ୍ଜି ଓ କାର୍ଯ୍ୟକ୍ରମ ଖର୍ଚ୍ଚକୁ ମଧ୍ୟ ବ୍ୟାପକ କରିବାର ଆବଶ୍ୟକତା ରହିଛି । ଏହାଦ୍ୱାରା ରାଜ୍ୟର ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇପାରିବ। ଅର୍ଥବିଭାଗ ପକ୍ଷରୁ ରାଜସ୍ୱ ପ୍ରାପ୍ତି ଓ ଖର୍ଚ୍ଚ ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା ରଖାଯାଇଥିଲା । ବୈଠକରେ ଉପସ୍ଥାପିତ ହୋଇଥିବା ତଥ୍ୟ ଅନୁଯାୟୀ ରାଜ୍ୟ ସରକାରଙ୍କ ବିଭିନ୍ନ ସୂତ୍ରରୁ ମିଳୁଥିବା ରାଜସ୍ୱରେ କେନ୍ଦ୍ର ସରକାରଙ୍କ ଅନୁଦାନ ୧୦%, କେନ୍ଦ୍ରୀୟ ଟିକସରେ ଅଂଶ ୩୧%, ନିଜସ୍ୱ ଟିକସ ରାଜସ୍ୱ ୩୧% ଏବଂ ନିଜସ୍ୱ ଅଣରାଜସ୍ୱ ଟିକସ ୨୮% । ଚଳିତ ଆର୍ଥିକ ବର୍ଷ ଜୁଲାଇ ସୁଦ୍ଧା ବିଭିନ୍ନ ସୂତ୍ରରୁ ସମୁଦାୟ ରାଜସ୍ୱ ଆଦାୟ ୬୧,୫୯୩ କୋଟି ଟଙ୍କା ଥିବା ବେଳେ ଗତ ଆର୍ଥିକ ବର୍ଷର ଏହି ସମୟ ସୁଦ୍ଧା ରାଜସ୍ୱ ଆଦାୟ ତୁଳନାରେ ଏହା ହେଉଛି ୭.୩% ଅଧିକ । ସେହିପରି, ଚଳିତ ବର୍ଷର ଜୁଲାଇ ସୁଦ୍ଧା ରାଜ୍ୟର ସମୁଦାୟ ନିଜସ୍ୱ ରାଜସ୍ୱ ପୂର୍ବ ବର୍ଷ ଜୁଲାଇ ଅପେକ୍ଷା ୧୧.୯% ଅଧିକ ରହିଛି । ରାଜ୍ୟର ସମୁଦାୟ ନିଜସ୍ୱ ଟିକସ ରାଜସ୍ୱ ମଧ୍ୟ ଜୁଲାଇ ସୁଦ୍ଧା ପୂର୍ବ ବର୍ଷ ଅପେକ୍ଷା ୯.୩% ଅଧିକ ରହିଛି, ଏବଂ ଅଣଟିକସ ରାଜସ୍ୱ ପୂର୍ବ ବର୍ଷ ଜୁଲାଇ ଅପେକ୍ଷା ୧୪.୮% ଅଧିକ ରହିଛି । ରାଜସ୍ୱ ଆଦାୟରେ ଅଭିବୃଦ୍ଧି ହାର ଉତ୍ତମ ଥିବା ସହିତ କାର୍ଯ୍ୟକ୍ରମ ବ୍ୟୟ ଓ ପୁଞ୍ଜି ଖର୍ଚ୍ଚ ମଧ୍ୟ ପୂର୍ବ ବର୍ଷ ଅପେକ୍ଷା ବୃଦ୍ଧି ପାଇଛି । ଚଳିତ ଆର୍ଥିକ ବର୍ଷ ଜୁଲାଇ ସୁଦ୍ଧା କାର୍ଯ୍ୟକ୍ରମ ବ୍ୟୟ ପୂର୍ବ ବର୍ଷର ଏହି ସମୟ ସୁଦ୍ଧା କାର୍ଯ୍ୟକ୍ରମ ବ୍ୟୟ ଠାରୁ ୧୯.୧% ଅଧିକ ରହିଛି । ସେହିପରି, କ୍ୟାପେକ୍ସ ବା ପୁଞ୍ଜିବ୍ୟୟ ମଧ୍ୟ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ୨୦୨୬ ଜୁଲାଇ ଶେଷ ସୁଦ୍ଧା ମୋଟ ପୁଞ୍ଜିଗତ ବ୍ୟୟ ୧୧,୩୦୦ କୋଟି ଟଙ୍କା ଥିବାବେଳେ ଗତ ବର୍ଷ ଜୁଲାଇ ସୁଦ୍ଧା ଏହି ପରିମାଣ ୯,୩୯୯ କୋଟି ଟଙ୍କା ଥିଲା। ସମୁଦାୟ କ୍ୟାପେକ୍ସ ଖର୍ଚ୍ଚ ଜୁଲାଇ ସୁଦ୍ଧା ଗତ ବର୍ଷ ତୁଳନାରେ ୨୦.୨% ବୃଦ୍ଧି ପାଇଛି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ନେଇ ରାଜ୍ୟ ସରକାର ଅନେକ ଯୋଜନା ପ୍ରସ୍ତୁତ କରୁଛନ୍ତି । ଏଥିପାଇଁ ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ବିନିଯୋଗର ଆବଶ୍ୟକତା ରହିଛି । ରାଜସ୍ୱ ଆଦାୟ ଏବଂ କାର୍ଯ୍ୟକ୍ରମ ଓ ପୁଞ୍ଜିବ୍ୟୟ ପୂର୍ବ ବର୍ଷ ଅପେକ୍ଷା ଅଧିକ ଥିଲେ ମଧ୍ୟ ଏଥିରେ ଆହୁରି ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏଣୁ ରାଜସ୍ୱ ଆଦାୟ ବ୍ୟବସ୍ଥାକୁ ଆହୁରି ଦକ୍ଷ କରିବା ସହିତ ■ ପୃଷ୍ଠା-୧୫

### ବିବାଦରେ ଛନ୍ଦିହେଲା ପୋଲିସ ମୁଖିଆ ନିଯୁକ୍ତି ପ୍ରସଙ୍ଗ

# ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା : ଆଜି ଶୁଣାଣି

## ୟୁପିଏସ୍‌ସି ଓ ଓଡ଼ିଶା ସରକାରଙ୍କୁ ନୋଟିସ୍ ଜାରି



ନୂଆଦିଲ୍ଲୀ

ରାଜ୍ୟର ପରବର୍ତ୍ତୀ ପୁଲିସ ମୁଖିଆ(ଡିଜିପି) ଚୟନ ପ୍ରକ୍ରିୟାକୁ ନେଇ ବିବାଦ ଆଜି ସୁପ୍ରିମକୋର୍ଟ ପହଞ୍ଚିଛି। ସୁପ୍ରିମକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶକୁ ଅଣଦେଖା କରି ଓଡ଼ିଶା ସରକାର ଅଯୋଗ୍ୟ ଅଫିସରଙ୍କୁ ସୁପାରିଶ ପ୍ୟାନେଲରେ ସାମିଲ ପାଇଁ ଉଦ୍ୟମ କରୁଥିବା ଅଭିଯୋଗରେ ଦାଖଲ ହୋଇଥିବା ରିଟ୍ ପିଟିସନ୍‌କୁ ଆଜି ଗ୍ରହଣ କରି ଆସନ୍ତାକାଲି (ବୁଧବାର) ଜରୁରୀ ଶୁଣାଣି କରିବା ପାଇଁ ସମ୍ମତି ଦେଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ୩ଜଣିଆ ଖଣ୍ଡପୀଠ ଏହି ମାମଲାରେ ୟୁପିଏସସି ଓ ଓଡ଼ିଶା ସରକାରଙ୍କୁ ନୋଟିସ୍ ଜାରି କରିଥିବା ଜଣାପଡ଼ିଛି। ଏପଟେ ରାଜ୍ୟ ସରକାର ପୁଲିସ ଡିଜି ଚୟନ ନିମନ୍ତେ ମେ' ୧୪ତାରିଖରେ ୟୁପିଏସସିଙ୍କୁ ଦେଇଥିବା ୧୧ଜଣିଆ ବରିଷ୍ଠ ଆଇପିଏସଙ୍କ ତାଲିକାରେ କାହିଁକି ଶେଷ ମୁହୂର୍ତ୍ତରେ(ଅଗଷ୍ଟ ୭ରେ ବୈଠକ ଦିନ) ପରିବର୍ତ୍ତନ କରିବାକୁ ଚାହିଁଲେ ଓ ଏଥିପାଇଁ ସରକାରଙ୍କୁ କିଏ ପରାମର୍ଶ ଦେଲା ତାହା ଏବେ ପାୱାର କରିଡରରେ ଚର୍ଚ୍ଚାର ବିଷୟ ପାଲଟିଛି। ଆବେଦନକାରୀ ବାଲେଶ୍ୱର ଜିଲ୍ଲାର ଜୟନ୍ତ ଦାସଙ୍କ ପକ୍ଷରୁ ବରିଷ୍ଠ ଓକିଲ ପି.ଚିଦାମ୍ବରମ୍ ଆଜି ସୁପ୍ରିମକୋର୍ଟରେ ପକ୍ଷ ରଖି ଅଭିଯୋଗ କରିଥିଲେ ଯେ, ରାଜ୍ୟ ସରକାର ପୂର୍ବରୁ ୟୁପିଏସସି ନିକଟକୁ ପଠାଇଥିବା ଆଇପିଏସ୍ ଅଫିସରଙ୍କ ତାଲିକାକୁ ପ୍ରତ୍ୟାହାର କରିନେଇଛନ୍ତି। ଏବେ ଅତିରିକ୍ତ ଡିଜି ପାହ୍ୟାର ଅଫିସରଙ୍କୁ ପଦୋନ୍ନତି ଦେଇ ଡିଜିପି ପଦବୀକୁ ଆଣିବା ଓ ତାଙ୍କୁ ସୁପାରିସ ତାଲିକାରେ ପୂରାଇବା ପାଇଁ ବେଆଇନ ଉଦ୍ୟମ କରୁଛନ୍ତି। ଯାହାକି ପ୍ରକାଶ ସିଂହ ମାମଲାରେ ସୁପ୍ରିମକୋର୍ଟ ଦେଇଥିବା ଐତିହାସିକ ନିର୍ଦ୍ଦେଶାବଳୀର ସ୍ପଷ୍ଟ ଉଲ୍ଲଂଘନ ବୋଲି ସେ ଯୁକ୍ତି ବାଢ଼ିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ, ଗତ ଏପ୍ରିଲ ମାସରେ ରାଜ୍ୟ ସରକାର ପ୍ରଥମେ ୟୁପିଏସସି ନିକଟକୁ ଏକ ତାଲିକା ପଠାଇଥିଲେ ମଧ୍ୟ ତାକୁ ଆପଣାଛାଏଁ ଫେରାଇ ନେଇଥିଲେ। ପରେ ମଇ ମାସରେ ୩ଜଣ ଡିଜି ପାହ୍ୟାର ଅଫିସର ଓ ଅନ୍ୟ ୮ ଜଣ ଅତିରିକ୍ତ ଡିଜିଙ୍କୁ ମିଶାଇ ମୋଟ ୧୧ ଜଣିଆ ପ୍ୟାନେଲ୍ ୟୁପିଏସସିଙ୍କୁ ପଠାଇଥିଲେ। ଅଗଷ୍ଟ ୭ ତାରିଖରେ ୟୁପିଏସସି ବୈଠକ କରି ଡିଜିପି ପଦବୀ ନିମନ୍ତେ ୩ ଜଣ ଅଫିସରଙ୍କ ନାମ ଚୂଡ଼ାନ୍ତ କରିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଆୟୋଗ କେବଳ ଡିଜିପିସ୍ତରର ଯୋଗ୍ୟ ଅଫିସରଙ୍କ ନାମ ବିଚାର କରିବେ ବୋଲି ସ୍ପଷ୍ଟ କରିବା ପରେ ରାଜ୍ୟ ସରକାର ସେହି ତାଲିକାକୁ ମଧ୍ୟ ପ୍ରତ୍ୟାହାର ■ ପୃଷ୍ଠା-୧୫

# ବୁଧବାର ଶ୍ରୀମନ୍ଦିରରେ ଚିତାଲାଗି ଅମାବାସ୍ୟା

## ୫ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ

ପୁରୀ(ବ୍ୟୁରୋ)

ବୁଧବାର ଶ୍ରାବଣ ମାସ କୃଷ୍ଣପକ୍ଷ ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେବ ଚିତାଲାଗି ଅମାବାସ୍ୟା। ଶ୍ରୀବଳଭଦ୍ର, ଦେବୀ ମା ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କୁ ଚିତାଲାଗି କରାଯିବ। ଦଇତାପତି ସେବକଙ୍କ ଦ୍ୱାରା ଏହି ନୀତି ଅନୁଷ୍ଠିତ ହେବ। ପ୍ରଥମ ଭୋଗ ମଣ୍ଡପ ଶେଷ ପରେ ଦଇତାପତି ସେବକ ଓ ପତି ମହାପାତ୍ର ସେବକ ଶ୍ରୀବିଗ୍ରହଙ୍କ ମସ୍ତକରେ ହୀରା,ଲୀଳା ଓ ମାଣିକ ଚିତା ପରିଧାନ କରାଇବେ।ଶ୍ରୀଜଗନ୍ନାଥଙ୍କୁ ହୀରା ଚିତା, ଶ୍ରୀବଳଭଦ୍ରଙ୍କୁ ଲୀଳା ଚିତା ଓ ମା ସୁଭଦ୍ରାଙ୍କୁ ମାଣିକ ଚିତା ଲାଗି ହେବ। ସ୍ନାନପୂର୍ଣ୍ଣିମା ପରେ ଅଣସର ଘରକୁ ବିଜେ କରିବା ପରେ ଚିତା ଓ ରାହୁରେଖା କଢା ଯାଇ ଭଣ୍ଡାର ଘରେ ରଖାଯାଇଥିଲା । ପ୍ରଥମ ଭୋଗ ମଣ୍ଡପ ଶେଷ ପରେ ଆପତତଃ ଅପରାହ୍ନ ୨ଟାରୁ ସଂଧ୍ୟା ୭ଟା ପର୍ଯ୍ୟନ୍ତ ପ୍ରାୟ ୫ଘଣ୍ଟା ସର୍ବ ସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ସୂଚନା ଦେଇଛି ।

### ସ୍ୱାଧୀନତା ଦିବସ ପୂର୍ବରୁ ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

# ହର୍ ଘର୍ ତିରଙ୍ଗା, ଘର୍ ଘର୍ ତିରଙ୍ଗା, ହର୍ ମନ୍ ତିରଙ୍ଗା'

ନୂଆଦିଲ୍ଲୀ

ସ୍ୱାଧୀନତା ଦିବସ ପୂର୍ବରୁ ଦେଶବାସୀଙ୍କୁ 'ହର ଘର ତିରଙ୍ଗା' ଅଭିଯାନରେ ସାମିଲ ହେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି। ମଙ୍ଗଳବାର ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଭିଡିଓ ପୋଷ୍ଟ କରି ସେ ପ୍ରତ୍ୟେକ ଘରେ ତ୍ରିରଙ୍ଗା ଉଡ଼ାଇ ଏହାକୁ ଉତ୍ସବର ରୂପ ଦେବାକୁ କହିଛନ୍ତି। ଚଳିତବର୍ଷ ଅଗଷ୍ଟ ୧୫ରେ ଦେଶ ୮୦ତମ ସ୍ୱାଧୀନତା ଦିବସ ପାଳନ କରିବ। ମୋଦୀ କହିଛନ୍ତି, ଅଗଷ୍ଟ ୧୫କୁ ଗର୍ବ ଓ ସମ୍ମାନର ସହ ପାଳନ କରିବା ସହ ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯିବା ଉଚିତ। ଏଥିସହ ବିକଶିତ ଭାରତ ଗଠନ ପାଇଁ ସଂକଳ୍ପ ନେବାକୁ ସେ ଦେଶବାସୀଙ୍କୁ କହିଛନ୍ତି। 'ହର ଘର ତିରଙ୍ଗା, ଘର ଘର ତିରଙ୍ଗା, ହର ମନ ତିରଙ୍ଗା' ବାର୍ତ୍ତା ଦେଇ ପ୍ରତ୍ୟେକ ଘରେ ଜାତୀୟ ପତାକା ଉଡ଼ାଇବାକୁ ସେ ଆହ୍ୱାନ ଦେଇଛନ୍ତି। ଚଳିତବର୍ଷ ଅଗଷ୍ଟ ମାସରେ 'ହର ଘର ତିରଙ୍ଗା' ଅଭିଯାନ ପାଳନ କରାଯାଉଛି। ଏହି ଅଭିଯାନର ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ନିଜ ଘରେ ତ୍ରିରଙ୍ଗା ଉଡ଼ାଇବାକୁ ଉତ୍ସାହିତ କରିବା ଏବଂ ସ୍ୱାଧୀନତାର ଭାବନା ସହ ଅଧିକ ଲୋକଙ୍କୁ ଯୋଡ଼ିବା। ଏହାକୁ ନେଇ ଦେଶର ବିଭିନ୍ନ ସ୍ଥାନରେ ତ୍ରିରଙ୍ଗା ଯାତ୍ରା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେଉଛି। ସ୍ୱାଧୀନତା ଦିବସ ଦିନ ଦିଲ୍ଲୀର ଲାଲକିଲ୍ଲାର ପ୍ରାଚୀରରୁ ଜାତୀୟ ସଙ୍ଗୀତ ପୂର୍ବରୁ ସାମୂହିକ ଭାବେ 'ବନ୍ଦେ ମାତରମ୍ ଗାନ କରାଯିବ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମଙ୍ଗଳବାର କହିଛନ୍ତି। ଏହା ପ୍ରଥମଥର ପାଇଁ ଲାଲକିଲ୍ଲାରେ ଜାତୀୟ ସଙ୍ଗୀତ ପୂର୍ବରୁ ସାମୂହିକ ଭାବେ 'ବନ୍ଦେ ମାତରମ୍' ଗାନ ହେବ ବୋଲି ସେ କହିଛନ୍ତି। 'ବନ୍ଦେ ମାତରମ୍'ର ୧୫୦ତମ ବର୍ଷ ପାଳନ, ସଂସଦରେ ଏ ସମ୍ପର୍କିତ ପ୍ରସ୍ତାବ ଏବଂ ଏହି ପଦକ୍ଷେପକୁ ନେଇ ମଧ୍ୟ ସେ ଉଲ୍ଲେଖ କରିଛନ୍ତି।

# ପ୍ରବଳ ହଟ୍ଟଗୋଳରେ ଦୁଇଟି ବିଲ୍ ପାସ୍

- କେରଳର ନାମ 'କେରଳମ୍'
- ଟ୍ରିବ୍ୟୁନାଲ ସଂସ୍କାର ବିଲ୍- ୨୦୨୬ ପାସ୍

ନୂଆଦିଲ୍ଲୀ

ସଂସଦର ମୌସୁମୀ ଅଧିବେଶନରେ ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ମଙ୍ଗଳବାର ଲୋକସଭା ଆଉ ଦୁଇଟି ବିଲ୍ ବିନା ଆଲୋଚନାରେ ପାସ୍ କରିଛି। ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଛାତ୍ର ଆନ୍ଦୋଳନ ପ୍ରସଙ୍ଗରେ ସଂସଦରେ ଉପସ୍ଥିତ ହୋଇ ବିବୃତି ଦେବାକୁ ଦାବି କରି ବିରୋଧୀ ସାଂସଦମାନେ ପ୍ଲାକାର୍ଡ ଦେଖାଇବା ସହ ନାରାବାଜି କରିଥିଲେ। ଏହା ମଧ୍ୟରେ କେରଳର ନାମ 'କେରଳମ୍' କରିବା ପାଇଁ କେରଳ (ନାମ ପରିବର୍ତ୍ତନ) ବିଲ୍, ୨୦୨୬ ଏବଂ ନ୍ୟାସନାଲ କୋ-ଅପରେଟିଭ୍ ଡେଭେଲପ୍‌ମେଣ୍ଟ କର୍ପୋରେସନ୍ (ସଂଶୋଧନ) ବିଲ୍, ୨୦୨୬ ପାସ୍ ହୋଇଛି ।ମଙ୍ଗଳବାର ସକାଳ ୧୧ଟାରେ ଲୋକସଭା ବସିବାର କିଛି ସମୟ ପରେ ହିଁ ହଟ୍ଟଗୋଳ ଆରମ୍ଭ ହୋଇଥିଲା ଏବଂ ଗୃହକୁ କିଛି ସମୟ ପାଇଁ ମୁଲତବୀ କରାଯାଇଥିଲା। ପରେ ଅପରାହ୍ନ ୨ଟାରେ ଗୃହ ପୁଣି ବସିବା ବେଳେ ଅଯୋଧ୍ୟା ରାମମନ୍ଦିର ଦାନ ଅର୍ଥ ଚୋରି ଅଭିଯୋଗକୁ ନେଇ ମଧ୍ୟ ବିରୋଧୀ ସାଂସଦମାନେ ନାରାବାଜି କରିଥିଲେ। ଏହି ହଟ୍ଟଗୋଳ ମଧ୍ୟରେ ଅଧ୍ୟକ୍ଷଙ୍କ ଆସନରେ ଥିବା କୃଷ୍ଣପ୍ରସାଦ ତେନ୍ନେଟି ଗୃହରେ କାଗଜପତ୍ର ରଖିବାକୁ ଅନୁମତି ଦେଇଥିଲେ। ଗୃହମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କେରଳ (ନାମ ପରିବର୍ତ୍ତନ) ବିଲ୍ ଉପସ୍ଥାପନ କରିଥିଲେ। ଏହା ଧ୍ୱନି ଭୋଟ୍‌ରେ ପାସ୍ ହୋଇଥିଲା। ସେହିପରି ସମବାୟ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ ନ୍ୟାସନାଲ କୋ-ଅପରେଟିଭ୍ ଡେଭେଲପ୍‌ମେଣ୍ଟ କର୍ପୋରେସନ୍ (ସଂଶୋଧନ) ବିଲ୍ ■ ପୃଷ୍ଠା-୧୫



## 'ବନ୍ଦେ ମାତରମ୍'କୁ 'ଜନଗଣ ମନ' ସମାନ ଆଇନଗତ ସୁରକ୍ଷା

ନୂଆଦିଲ୍ଲୀ

ଜାତୀୟ ସଙ୍ଗୀତ 'ଜନଗଣ ମନ' ଭଳି ଜାତୀୟ ଗୀତ 'ବନ୍ଦେ ମାତରମ୍'କୁ ମଧ୍ୟ ସମାନ ଆଇନଗତ ସୁରକ୍ଷା ମିଳିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର 'ପ୍ରିଭେନ୍‌ସନ୍ ଅଫ୍ ଇନ୍‌ସଲ୍ଟସ ଟୁ ନ୍ୟାସନାଲ ଅନର (ସଂଶୋଧନ) ବିଲ୍, ୨୦୨୬'କୁ ଅନୁମୋଦନ ଦେବା ପରେ ଏହା ଆଇନରେ ପରିଣତ ହୋଇଛି। ଏହା ଫଳରେ 'ବନ୍ଦେ ମାତରମ୍' ଗାନ ସମୟରେ ଜାଣିଶୁଣି ବାଧା ସୃଷ୍ଟି କରିବା କିମ୍ବା ଏହାର ଅପମାନ କରିବା ଏବେ ଦଣ୍ଡନୀୟ ଅପରାଧ ହୋଇଛି ।ରାଷ୍ଟ୍ରପତି ଭବନ ପକ୍ଷରୁ ମଙ୍ଗଳବାର ଏହି ଅନୁମୋଦନ ଦିଆଯାଇଛି। ସଂସଦର ଉଭୟ ଗୃହରେ ବିଲ୍ ପାସ୍ ହେବା ପରେ ଏହା ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯାଇଥିଲା। ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଆଇନର ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ନୂଆ ଆଇନ ଅନୁସାରେ 'ବନ୍ଦେ ମାତରମ୍'କୁ ଅପମାନ କରିବା, ■ ପୃଷ୍ଠା-୧୫

### ସେ କହିଲେ...



ଦେଶରେ ପ୍ରତିବର୍ଷ ପ୍ରାୟ ୫ ଲକ୍ଷ ସଡ଼କ ଦୁର୍ଘଟଣା ଘଟୁଥିବା ବେଳେ ଏଥିରେ ପ୍ରାୟ ୧.୮ ଲକ୍ଷ ଲୋକଙ୍କ ମୃତ୍ୟୁ ହେଉଛି। ଅର୍ଥାତ୍ ପ୍ରତି ଘଣ୍ଟାରେ ପ୍ରାୟ ୨୦ ଜଣଙ୍କ ଜୀବନ ଯାଉଛି । ରୋଗ କିମ୍ବା ଯୁଦ୍ଧ ମଧ୍ୟ ଏଭଳି ଭାବେ ଜୀବନ ନେଉନାହିଁ । ଦୁର୍ଘଟଣାରେ ପ୍ରାଣ ହରାଉଥିବା ଲୋକଙ୍କ ମଧ୍ୟରୁ ୬୬ ପ୍ରତିଶତ ଯୁବକ। ଗତବର୍ଷ କେବଳ ହେଲମେଟ୍ ପିନ୍ଧି ନ ଥିବା କାରଣରୁ ୫୪,୧୩୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୋଟ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁର ୪୫ ପ୍ରତିଶତ ଦୁଇଚକିଆ ଯାନ ଚାଳକ ଓ ଆରୋହୀଙ୍କର ।

**ନୀତିନ ଗଡକରୀ**

କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ

### ଦୁଇବର୍ଷ ହେଲା ଶୋଇଛନ୍ତି ସରକାର

# ଦୁର୍ନୀତି ନିବାରଣ ଲାଗି ଆନ୍ତରିକତା ନାହିଁ

ତାଳୁରୁ ତଳିପା ପର୍ଯ୍ୟନ୍ତ ବିଭିନ୍ନ ବିଭାଗରେ ଦୁର୍ନୀତିର ମାତ୍ରା ବଢ଼ିଚାଲିଛି। ଦୁର୍ନୀତି ନେଇ ଜିରୋ ଟଲେରାନ୍ସ ନୀତି ଆପଣାଯିବ ବୋଲି ସରକାର ସବୁଠି ଡିଣ୍ଡିମ ପିଟୁଥିବା ବେଳେ କାଣିଚାଏ ପ୍ରୟାସ ବି କରାଯାଉନାହିଁ। ଲୋକାୟୁକ୍ତ ନିଯୁକ୍ତି ଗତ ୨ ବର୍ଷ ହେଲା ହୋଇନପାରିବା ସରକାରଙ୍କ ଆଉ ଏକ ବିଫଳତା ବୋଲି କୁହାଯାଇପାରେ। ଏବେ ଲୋକାୟୁକ୍ତ କାର୍ଯ୍ୟାଳୟରେ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ତାଲା ଝୁଲୁଛି। ୭୦୦ରୁ ଅଧିକ ମାମଲା ଏବେ ବି ବିଚାର ନହୋଇ ପଡ଼ିରହିଛି। ଏଭଳି ଅବସ୍ଥା ପାଇଁ ଦାୟୀ କିଏ ? କାହିଁକି ଲୋକାୟୁକ୍ତ ନିଯୁକ୍ତିରେ ବିଳମ୍ବ ହେଉଛି ? ଏମିତି ଅନେକ ପ୍ରଶ୍ନ ଆସିବା ସ୍ୱାଭାବିକ ଘଟଣା।








- ଲୋକାୟୁକ୍ତ ନିଯୁକ୍ତି ପ୍ରକ୍ରିୟାରେ ବିଳମ୍ବ
- ବିଭିନ୍ନ ବିଭାଗରେ ବଢ଼ିଚାଲିଛି ଦୁର୍ନୀତି
- ପଡ଼ିରହିଛି ୭୦୦ରୁ ଅଧିକ ମାମଲା
- ସରକାରଙ୍କୁ ତାଗିଦ କଲେ ହାଇକୋର୍ଟ

ଭୁବନେଶ୍ୱର(ବ୍ୟୁରୋ)

ଦୁର୍ନୀତିର ମାତ୍ରା ହୁ ହୁ ହୋଇ ବଢ଼ିଚାଲିଛି। ଭିଜିଲାନ୍ସକୁ ଛାଡ଼ିଦେଲେ ସେଭଳି ଦକ୍ଷ ଦୁର୍ନୀତି ନିର୍ବାରଣ ସଂସ୍ଥା ଆଉ ନାହିଁ। ହେଲେ ଦୁଇବର୍ଷ ହେଲା ରାଜ୍ୟ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ରହିଛନ୍ତି। ସାଧାରଣ ଲୋକଙ୍କ ଅଭିଯୋଗର ଶୁଣାଣି କରିବାକୁ କେହି ନାହିଁ। ଏବେ ଲୋକାୟୁକ୍ତ ନିଯୁକ୍ତିକୁ ନେଇ ରାଜ୍ୟ ରାଜନୀତିରେ ତେଜିବାରେ ଲାଗିଛି ବୟାନବାଜି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ମନ୍ତବ୍ୟକୁ ନେଇ ବିଜୁ ଜନତା ଦଳ ପକ୍ଷରୁ କଡ଼ା ପ୍ରତିକ୍ରିୟା ଦିଆଯାଇଛି। ବିଜେଡି ମୁଖପାତ୍ର ଲେନିନ ମହାନ୍ତି ମନ୍ତ୍ରୀଙ୍କ ମନ୍ତବ୍ୟକୁ 'ମିଥ୍ୟା ଓ ମନଗଢ଼ା କାହାଣୀ' ବୋଲି ଅଭିହିତ କରିଛନ୍ତି। ଲୋକାୟୁକ୍ତ ନିଯୁକ୍ତି ସମ୍ପର୍କିତ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହେବା ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତିରେ ୨୪ ବର୍ଷ ବିଳମ୍ବ ହୋଇନାହିଁ, ବରଂ ପ୍ରାୟ ୨ ବର୍ଷ ବିଳମ୍ବ ହୋଇଛି।

ମନ୍ତ୍ରୀଙ୍କ ଏହି ମନ୍ତବ୍ୟକୁ ନେଇ ଲେନିନ ମହାନ୍ତି ଅଭିଯୋଗ କରିଛନ୍ତି ଯେ, ଏଭଳି ତଥ୍ୟ ଦେଇ ଲୋକଙ୍କୁ ବିଭ୍ରାନ୍ତ କରାଯାଉଛି। ତାଙ୍କ କହିବା ଅନୁସାରେ, ୨୦୨୪ ମାର୍ଚ୍ଚରେ ତତ୍କାଳୀନ ଲୋକାୟୁକ୍ତ ଅଜିତ୍ ସିଂହଙ୍କ କାର୍ଯ୍ୟକାଳ ଶେଷ ହେବା ପରଠାରୁ ପ୍ରାୟ ଦୁଇବର୍ଷ ଧରି ଏହି ସ୍ୱାଧୀନ ସଂସ୍ଥା ନିୟମିତ ଭାବେ କାର୍ଯ୍ୟ କରିପାରୁନାହିଁ। ବିଜେଡିର ଅଭିଯୋଗ ହେଉଛି, ଦୁର୍ନୀତି ନିବାରଣ ପାଇଁ ଗଠିତ ଲୋକାୟୁକ୍ତ ଭଳି ଏକ ସ୍ୱାଧୀନ ସଂସ୍ଥାରେ ନିଯୁକ୍ତି ନହେବା ଯୋଗୁଁ ଏହାର କାର୍ଯ୍ୟକ୍ଷମତା ପ୍ରଭାବିତ ହୋଇଛି। ରାଜ୍ୟର ବିଭିନ୍ନ ବିଭାଗରେ ଅନିୟମିତତା ଓ ଦୁର୍ନୀତି ଅଭିଯୋଗ ଉଠୁଥିବା ବେଳେ ସରକାର ଲୋକାୟୁକ୍ତ ନିଯୁକ୍ତିକୁ ବିଳମ୍ବ କରିଥିବା ଦଳ ଅଭିଯୋଗ କରିଛି। ଲେନିନ ମହାନ୍ତିଙ୍କ ଅଭିଯୋଗ ଅନୁସାରେ, ଲୋକାୟୁକ୍ତ ନିଯୁକ୍ତି ପ୍ରସଙ୍ଗରେ ହାଇକୋର୍ଟରେ ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ ମଧ୍ୟ ସରକାରଙ୍କୁ ଏନେଇ ତାଗିଦ୍ କରାଯାଇଥିଲା। ସେପ୍ଟେମ୍ବର, ଡିସେମ୍ବର ଓ ଜାନୁଆରୀରେ ବାରମ୍ବାର ତାଗିଦ୍ ପରେ ଲୋକାୟୁକ୍ତ ନିଯୁକ୍ତି ପାଇଁ ସରକାର ପ୍ରକ୍ରିୟା ଆଗକୁ ବଢ଼ାଇଥିବା ବିଜେଡି କହିଛି।

ଅନ୍ୟପକ୍ଷରେ, ମୁଖ୍ୟମନ୍ତ୍ରୀ, ବାଚସ୍ପତି ଓ ବିରୋଧୀ ଦଳ ନେତାଙ୍କୁ ନେଇ ଗଠିତ ଲୋକାୟୁକ୍ତ ନିଯୁକ୍ତି କମିଟିର ପ୍ରଥମ ବୈଠକ ହୋଇଛି। ଏହି ବୈଠକ ପରେ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ମନ୍ତବ୍ୟ ଓ ବିଜେଡିର ପ୍ରତିକ୍ରିୟାକୁ ନେଇ ରାଜନୈତିକ ବିବାଦ ତୀବ୍ର ହୋଇଛି। ତେବେ ଲୋକାୟୁକ୍ତ ନିଯୁକ୍ତି ପ୍ରକ୍ରିୟା କେବେ ଶେଷ ହେବ ଏବଂ ନୂଆ ଲୋକାୟୁକ୍ତ କେବେ ଦାୟିତ୍ୱ ଗ୍ରହଣ କରିବେ, ତାହା ଉପରେ ଏବେ ନଜର ରହିଛି। ଗୋଟାଏ ପରେ ଗୋଟାଏ ମାମଲା ବଢ଼ି ଚାଲିଥିବା ବେଳେ ଏଭଳି ସରକାରୀ ନିଷ୍କ୍ରିୟତାକୁ ସାଧାରଣରେ ସମାଲୋଚନା କରାଯାଉଛି।

**ଆଜିକାଲିର ଯୁବପିଢ଼ି ନିଶାଦ୍ରବ୍ୟକୁ ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟ କରିସାରିଲେଣି। ପିଲାଠୁ ବୁଢ଼ା ସମସ୍ତେ ନିଶାସେବନ କରିବାକୁ ପାଗଳ ହୋଇ ଉଠିଛନ୍ତି। ଏଭଳି ମାନସିକତା ଯେମିତି ମନରେ ଘର କରିସାରିଲାଣି। ଏହା ମନ ଓ ଶରୀରର ଅନେକ କ୍ଷତି କରୁଥିବା ବେଳେ କେହି ଏହାକୁ ଛାଡ଼ିବା ଲାଗି ନାରାଜ। ନିଶା ଭବିଷ୍ୟତ ଉଜାଡୁଛି, ଘର ଭାଙ୍ଗୁଛି, ପରିବାରରେ ଅଶାନ୍ତିକୁ ବଢ଼ାଉଛି, ପରର ବି ଅନେକ କ୍ଷତି କରୁଛି ବୋଲି ଜାଣି ସୁଦ୍ଧା କେହି ସୁଧୁରିବାର ନାଁ ନେଉନାହାନ୍ତି। ସରକାରଙ୍କ ଅନେକ ସଚେତନତା ଫସର ଫାଟୁଛି। ଲିଫଲେଟ, ନାଟକ, ଘୋଡ଼ାନାଚ ମାଧ୍ୟମରେ ଲୋକମାନଙ୍କୁ ନିଶାଠାରୁ ଦୂରେଇ ରହିବା ଲାଗି କୁହାଯାଉଥିଲେ ହେଁ କେହି ଶୁଣୁନାହାନ୍ତି। ଫଳରେ ପିଢ଼ି ପିଢ଼ି ଧରି ଏହା ଲୋକଙ୍କ ଜୀବନକୁ କ୍ଷତି ପହଞ୍ଚାଉଛି, ମୁଣ୍ଡ ଗଡ଼ାଉଛି। ଏଥିଲାଗି ଏବେ କଠୋର ଆଇନର ଆବଶ୍ୟକତା ରହିଛି। ନିଶାଦ୍ରବ୍ୟ ପ୍ରସ୍ତୁତି, ବିକ୍ରିବଟା ଉପରେ ରୋକ ଲଗାଇ ଲୋକମାନଙ୍କୁ ଅଧିକ ସଚେତନ କରିବାର ସମୟ ଆସିଛି।**



# ନିଶା କବଳରେ ଯୁବପିଢ଼ି

**ସୁଶାନ୍ତ କୁମାର ଦାସ**

ସମାଜର ମୁଡ୍ ବିଗାଡୁଛି ନିଶା। ବିକାଶଠାରୁ ବାଟ ହୁଡୁଛି ଓ ଯୁବଛାତ୍ରଙ୍କୁ ବିପଥଗାମୀ କରାଉଛି। ଗ୍ଲୋବାଲ ୟୁଥ୍ ଟୋବାକୋ ସର୍ଭେ (ଜିୱାଇଟିଏସ୍) ୨୦୧୯ ଅନୁଯାୟୀ, ସାରା ଦେଶରେ ୧୩ରୁ ୧୫ ବର୍ଷ ବୟସର ୮.୫ ପ୍ରତିଶତ ଛାତ୍ରୀଛାତ୍ର ବିଭିନ୍ନ ରୂପରେ ତମାଖୁ ସେବନ କରିଥାନ୍ତି। ବିଦ୍ୟାଳୟ ଓ ମହାବିଦ୍ୟାଳୟ କ୍ୟାମ୍ପସ ଚାରିପାଖରେ ତମାଖୁ ଦ୍ରବ୍ୟର ସହଜ ଉପଲବ୍ଧତା ଜଟିଳ ପରିସ୍ଥିତି ସୃଷ୍ଟି କରିବାର ଏକ ପ୍ରମୁଖ କାରଣ ବୋଲି ବିଶ୍ୱାସ କରାଯାଏ। ଅଧ୍ୟୟନରୁ ସୂଚନା ମିଳୁଛି ଯେ, ଯୁବପିଢ଼ିଙ୍କ ମଧ୍ୟରେ ତମାଖୁ ସେବନ ବୃଦ୍ଧି ପାଉଛି। ଚିନ୍ତାଜନକ ବିଷୟ ହେଉଛି, ଭାରତରେ ପ୍ରତିଦିନ ୫ ହଜାରରୁ ଅଧିକ ପିଲା ତମାଖୁ ସେବନ କରିବା ଆରମ୍ଭ କରୁଛନ୍ତି।

## ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ନିଶାସେବନ

ନିଶା ସେବନ ପ୍ରତି ଆକର୍ଷଣ ଯୁବବର୍ଗଙ୍କୁ ଗଭୀର କ୍ଷତି ପହଞ୍ଚାଉଛି। ଏହା ସାମାଜିକ, ଆଇନଶୃଙ୍ଖଳା ଓ ରାଜ୍ୟର ଅର୍ଥନୈତିକ ସ୍ଥିତି ପ୍ରତି ଗଭୀର ଅନ୍ତରାୟ ସୃଷ୍ଟି କରୁଛି। ଏହାର ପ୍ରଭାବରେ ଯୁବପିଢ଼ିଙ୍କ ମଧ୍ୟରେ ହିଂସା ମନୋଭାବ ବଢ଼ିବାରେ ଲାଗିଛି। ନିଶାଦ୍ରବ୍ୟ ବ୍ୟବହାର ଦ୍ୱାରା ଯୁବସମାଜ ପଥ ଭ୍ରଷ୍ଟ ହେଉଛନ୍ତି। ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରମାନେ ଅନେକ ସମୟରେ ନିଶା ସେବନ କରୁଛନ୍ତି, ଯେଉଁଥିପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକର ଶୈକ୍ଷିକ ବାତାବରଣ ନଷ୍ଟ ହେଉଛି। ଯୁବବର୍ଗ ନିଶାସକ୍ତ ହେବା ଏଥିପାଇଁ କେବଳ ସେ ଦାୟୀ ନୁହେଁ, ତା' ପରିବାର, ପରିବେଶ, ସାଙ୍ଗସାଥୀ ସମପରିମାଣରେ ଦାୟୀ। ପରିବାରର କୌଣସି ସଦସ୍ୟଙ୍କ ନିଶାଦ୍ରବ୍ୟ ଅପବ୍ୟବହାରର ପ୍ରଭାବ ଯୋଗୁ ସେହି ପରିବାରର ଶିଶୁମାନେ ସମାନ ଆଚରଣ ଗ୍ରହଣ କରି ବିପଦକୁ ବରଣ କରନ୍ତି।




## ନିଶାସେବନର କାରଣ ଓ କୁପ୍ରଭାବ

ନିଶାସେବନ ପ୍ରତି ଆଗ୍ରହର ଅନେକ କାରଣ ରହିଛି। ପ୍ରଥମରେ ପରିବାରରେ ସଂସ୍କାର ଓ ଶୃଙ୍ଖଳାର ଅଭାବ; ଦ୍ୱିତୀୟରେ ମାନସିକ ଚାପ, କୁସଙ୍ଗର ପ୍ରଭାବ, ଅତ୍ୟାଧୁନିକ ଜୀବନଶୈଳୀ ଏବଂ ମୋବାଇଲ ଓ ଇଣ୍ଟରନେଟର ପ୍ରଭାବ; ତୃତୀୟରେ ନିଶାଦ୍ରବ୍ୟର ସହଜ ଉପଲବ୍ଧତା ଏବଂ ଚତୁର୍ଥରେ ଅନୁପଯୁକ୍ତ ନିୟନ୍ତ୍ରଣ ବ୍ୟବସ୍ଥା ତଥା ଆଇନର ଦୁରୁପଯୋଗ। ନିଶାଗ୍ରସ୍ତ ଯୁବଗୋଷ୍ଠୀ କେବଳ ନିଜର କିମ୍ବା ନିଜ ପରିବାରର ପଦମର୍ଯ୍ୟାଦାକୁ ହାନି କରୁଛନ୍ତି ତା'ନୁହେଁ ବରଂ ସେମାନେ ଯକ୍ଷ୍ମା, କର୍କଟ, କିଡ୍‌ନୀ, ଲିଭର ଇତ୍ୟାଦିରେ ପୀଡ଼ିତ ହୋଇ ମୃତ୍ୟୁକୁ ଆମନ୍ତ୍ରଣ କରୁଛନ୍ତି। ମାତାପିତାଙ୍କ ଆଶା ଭରସାକୁ ଧୂଳିସାତ୍ କରୁଛନ୍ତି। ନିଶାସେବନ ଦ୍ୱାରା ଯୁବପିଢ଼ି ଅଧିକ ବିପଦରେ ପଡ଼ିଥାନ୍ତି; ଯାହାଦ୍ୱାରା ସେମାନେ ଅବସାଦ, ଆଚରଣ ସମସ୍ୟା, ଆତ୍ମହତ୍ୟାର ଚିନ୍ତା, ଆତ୍ମହତ୍ୟା ଉଦ୍ୟମ ଭଳି ଚରମ ପନ୍ଥାକୁ ବାଛି ନେଇଥାନ୍ତି। ମୋଟ ଆତ୍ମହତ୍ୟାର ୭୦ ଶତକଡ଼ା କେବଳ ନିଶାସେବନ କାରଣରୁ ହୋଇଥାଏ। ନିଶାଦ୍ରବ୍ୟ ଅପବ୍ୟବହାର ବୃଦ୍ଧି ପାଇବା ଜୀବନ, ପରିବାର, ରାଷ୍ଟ୍ର ପ୍ରତି ବିପଦ। ଦେଶରେ ୧୦ରୁ ୧୭ ବର୍ଷ ବୟସର ୧.୫୮ କୋଟିରୁ ଅଧିକ ଶିଶୁ ନିଶାସକ୍ତ। ଯୁବତୀଯୁବକମାନେ ଏହି ନିଶାର ଶିକାର ହେବା ଦ୍ୱାରା ଘର, ପରିବାର, ଶିକ୍ଷାନୁଷ୍ଠାନ ଓ ସମାଜ ବିପର୍ଯ୍ୟସ୍ତ ହେଉଛି। ନିଶା କେବଳ ଜଣକୁ ନୁହେଁ, ପୂରା ପିଢ଼ିକୁ ଧ୍ୱଂସ କରିଦେବାକୁ ବସିଛି।

## କୋଟପା ଆଇନର ଉଲ୍ଲଂଘନ

ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ (ଏନ୍‌ଟିସିପି)ର ଏକ ଅଂଶ ଭାବରେ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ନାବାଳକ ଏବଂ ଯୁବକଙ୍କୁ ତମାଖୁ ସେବନରୁ ରକ୍ଷା କରିବା ପାଇଁ ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ପକ୍ଷରୁ ବିଦ୍ୟାଳୟଗୁଡ଼ିକ ପାଇଁ ଏକ ଟିଓଏଫଇଆଇ କାର୍ଯ୍ୟକାରୀ ମାନୁଆଲ ବିକଶିତ କରାଯାଇଛି। ତମାଖୁ ବିକ୍ରି ଓ ସେବନ ରୋକିବା ପାଇଁ ସିଗାରେଟ ଏବଂ ଅନ୍ୟାନ୍ୟ ତମାଖୁ ଦ୍ରବ୍ୟ ନିବାରଣ ଆଇନ (କୋଟପା) ରହିଛି। କୋଟପା ଆଇନ ୨୦୦୩ର ସେକ୍ସନ ୪ ଅନୁଯାୟୀ ସ୍କୁଲ, କଲେଜ, ଅଡିଟୋରିୟମ, ବସଷ୍ଟାଣ୍ଡ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଆଦି ସର୍ବସାଧାରଣ ସ୍ଥାନରେ ଧୂମପାନ କଲେ ୨୦୦ଟଙ୍କା ଜରିମାନା ଦେବାକୁ ନିୟମ ରହିଛି। ସେହିପରି ଜଣେ ସେବନକାରୀଙ୍କଠାରୁ ଏକାଧିକ ଥର ଜରିମାନା ଆଦାୟ କରାଯାଇପାରିବ। ଧାରା ୬(ଏ) ଅନୁଯାୟୀ, ୧୮ବର୍ଷରୁ କମ୍ ବୟସର ପିଲାମାନେ ସିଗାରେଟ୍ ଓ ତମାଖୁ ଜାତୀୟ ପଦାର୍ଥ ବିକ୍ରି କରିପାରିବେ ନାହିଁ। ଶିକ୍ଷାନୁଷ୍ଠାନର ଶହେ ଗଜ ଦୂର ମଧ୍ୟରେ ତମାଖୁ ଜାତୀୟ ପଦାର୍ଥ ବିକ୍ରି ହୋଇପାରିବ ନାହିଁ। ଶିକ୍ଷାନୁଷ୍ଠାନର ଶହେ ଗଜ ପରିଧି ମଧ୍ୟରେ ନିଶା ସାମଗ୍ରୀ ବିକ୍ରି ଦଣ୍ଡନୀୟ ଅପରାଧ ହୋଇଥିବା ବେଳେ ଏକ୍ଷେତ୍ରରେ ଠିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଆଇନକୁ ଦଳିମକଚି ଅଧିକାରୀମାନେ ହାତ ଚିକଣ କରୁଥିବା ବେଳେ ଲୁଚାଛପାରେ ନିଶାବେପାର ଜାରି ରହିଛି। ନିୟମିତ ବ୍ୟବଧାନରେ ଯାଞ୍ଚକରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ରଖିଛନ୍ତି, ହେଲେ ତାହା ସଠିକଭାବେ କାର୍ଯ୍ୟକାରୀ କରାଯାଉନି। ଏନେଇ ବିଦ୍ୟାଳୟ ଏବଂ କଲେଜର ଏନ୍‌ଏସ୍‌ଏସ୍ ସଦସ୍ୟ, ଏନ୍‌ସିସି କ୍ୟାଡେଟ୍, ରେଡକ୍ରସ ସୋସାଇଟିର ସଦସ୍ୟମାନଙ୍କୁ ଏହି ନିଶାମୁକ୍ତ ଆନ୍ଦୋଳନରେ ସାମିଲ କରିବାର ଆବଶ୍ୟକତା ରହିଛି।

## କଠୋର ଆଇନ ଓ ସରକାରୀ ଉଦାସୀନତା

ନିଶାସେବନ ରୋକିବା ଲାଗି ସରକାର କଠୋର ଆଇନ ପ୍ରଣୟନ କରିବାର ଆବଶ୍ୟକତା ରହିଛି। କେବଳ ରାଜସ୍ୱ ସଂଗ୍ରହରେ ନମାତି ଯୁବ ସମାଜର ସୁରକ୍ଷା ଲାଗି ପଦକ୍ଷେପ ଗ୍ରହଣ କରିବା ଦରକାର। ନିଶା ନିବାରଣର ଦ୍ୱାହିଦେଇ ଯେଉଁଭଳି ମଦଦୋକାନ ଖୋଲାଯାଉଛି, ତାହା କେବେହେଲେ ଗ୍ରହଣଯୋଗ୍ୟ ନୁହେଁ। ସେହିଭଳି ଲୁଚାଛପାରେ ଗଞ୍ଜେଇ, ଅଫିସ, ଚରସ, ବ୍ରାଉନସୁଗାର ଆଦି ବେପାର ଚାଲିଛି। ଅଧିକାରୀ ଓ ପୋଲିସ ଲୋକଦେଖାଣିଆ ଭାବେ ଛଢ଼ଉ କରୁଛନ୍ତି। କମିଶନ ନେଇ ଅଭିଯୁକ୍ତମାନଙ୍କୁ ଛଡ଼ାଯାଉଛି। ଏଭଳି ସ୍ଥିତିରେ କାହାକୁ କହିବା। ନିଶା ନିବାରଣ ଲାଗି କେବଳ କାଗଜ କଲମରେ ଆଇନ ପ୍ରସ୍ତୁତ କରାଯାଉଛି। ଗରିବ ଲୋକମାନଙ୍କୁ ଟାର୍ଗେଟ କରି ସେମାନଙ୍କୁ ବନ୍ଧାଯାଉଛି। ହେଲେ ବଡ଼ବଡ଼ିଆଙ୍କ ପାଇଁ ସବୁ ଆଇନର ଫାନ୍ଦ ବଦଳିଯାଉଛି। ଏକ୍ଷେତ୍ରରେ ଅଧିକାରୀମାନେ ସତର୍କ ହେବା ଜରୁରୀ। ସେମାନଙ୍କ କାର୍ଯ୍ୟଶୈଳୀ ଓ ଉତ୍ତରଦାୟିତ୍ୱ ଉପରେ ତର୍ଜମା କରାଯିବା ଉଚିତ। କେବଳ ଶିକ୍ଷାନୁଷ୍ଠାନ ନୁହେଁ, ପ୍ରତ୍ୟେକ ସ୍ଥାନରେ ନିଶାକୁ ନାଁ କୁହାଗଲେ ପରିସ୍ଥିତିରୁ ସୁଧାର ଆସିପାରିବ। ନିଶାଦ୍ରବ୍ୟ ଉତ୍ପାଦନ, ବଣ୍ଟନକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯିବା ନିହାତି ଆବଶ୍ୟକ। ନହେଲେ ସରକାରଙ୍କ ନିଶାମୁକ୍ତି ଆନ୍ଦୋଳନ ଯେ କେବଳ ଭୋଟବ୍ୟାଙ୍କ ଲାଗି ଉଦ୍ଦିଷ୍ଟ ଓ ଏଥିରେ ତିଳେମାତ୍ର ଆନ୍ତରିକତା ନାହିଁ ବୋଲି ବୁଝିବାକୁ ପଡ଼ିବ। ନିଶାଦ୍ରବ୍ୟଗୁଡ଼ିକରେ ଯେଉଁଭଳି ଭେଜାଲ ଦ୍ରବ୍ୟ ମିଶ୍ରଣ ହେଉଛି, ଲୋକମାନେ ସେନେଇ ସଚେତନ ହେବା ଜରୁରୀ। ମଦ ହେଉକି ଗଞ୍ଜେଇ, ଅଫିସ, ବ୍ରାଉନସୁଗର- ଏସବୁ ଯେ, ମୁଣ୍ଡ ଗଡ଼ାଇବା ଏହାକୁ ଭୁଲିଯିବା ଅନୁଚିତ। ବିଶେଷକରି ଯୁବଛାତ୍ରମାନେ ଏଥିପ୍ରତି ସାବଧାନତା ଅବଲମ୍ବନ କରିବା ନିହାତି ଜରୁରୀ।

## ପାଠପଢ଼ା ସହିତ ନୈତିକ ଶିକ୍ଷାକୁ ଗୁରୁତ୍ୱ

ଛାତ୍ରାବସ୍ଥାରୁ ପିଲାମାନଙ୍କୁ ନିଶାର କୁପରିଣତି ସମ୍ବନ୍ଧରେ ଅବଗତ କରାଇବା ଓ ସଚେତନ କରିବା ଉଦ୍ଦେଶ୍ୟ ନେଇ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ସଚେତନ ମୂଳକ ନାଟକ, ଚଳଚ୍ଚିତ୍ର ପ୍ରଦର୍ଶନ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା, ସେମିନାର ଆଦି କାର୍ଯ୍ୟକ୍ରମ କରାଯିବା ଦରକାର। ନିଶାର କୁପରିଣତି ସମ୍ବନ୍ଧରେ ପିଲାଙ୍କ ଭିତରେ ସଚେତନତା ସୃଷ୍ଟି ଓ ପାଠ୍ୟକ୍ରମରେ ସାମିଲ କରିବା ଦିଗରେ ସରକାରୀ ସ୍ତରରେ ପଦକ୍ଷେପ ନିଆଯିବା ଆବଶ୍ୟକ। ଅନୁଷ୍ଠାନରେ ପାଠପଢ଼ା ସହିତ ନୈତିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯିବା ଦରକାର। ପୋଲିସ ପ୍ରଶାସନ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଏବଂ ଅବକାରୀ ବିଭାଗର ମିଳିତ ଉଦ୍ୟମରେ ନିଶାମୁକ୍ତ ଅନୁଷ୍ଠାନ ନିମନ୍ତେ ପ୍ରୟାସ ଜରୁରୀ। ଯୁବପିଢ଼ି ହେଉଛନ୍ତି ରାଷ୍ଟ୍ରର ଭବିଷ୍ୟତ ଓ ଶକ୍ତି। ଯୁବପିଢ଼ିଙ୍କୁ ନିଶା କବଳରୁ ରକ୍ଷା କରିବା ସମସ୍ତଙ୍କର ଦାୟିତ୍ୱ। ସୁସ୍ଥ ରାଷ୍ଟ୍ର ଏବଂ ସୁସ୍ଥ ବିଶ୍ୱ ଗଠନର ସହଭାଗିତାରେ ଆମେ ନିଜକୁ ସାମିଲ କରିବା ଯେଉଁଠାରେ ପ୍ରତ୍ୟେକ ଶିଶୁ ଖୁସିରେ ଦିନ କାଟିବେ। ଅବାଟରୁ ଯୁବଗୋଷ୍ଠୀଙ୍କୁ ବାହାର କରି ଏକ ସୁସ୍ଥ, ନିଶାମୁକ୍ତ ଓ ହିଂସାମୁକ୍ତ ସମାଜ ଗଠନରେ ଭାଗୀଦାର ହେବା। ଭାରତବର୍ଷ ହେଉଛି ଯୁବଶକ୍ତିର ମେରୁଦଣ୍ଡ। ତେଣୁ ଯୁବକମାନେ ଶୃଙ୍ଖଳିତ ଏବଂ ନିଶାଠାରୁ ଦୂରେଇ ରହିଲେ ଏକ ସୁନ୍ଦର ବିକଶିତ ଭାରତ ଗଠନ ହୋଇ ପାରିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।







# ଅବକାରୀ ବିଭାଗ ନିଷ୍କ୍ରିୟ
# ଚୋରାମଦ ବିରୋଧରେ ପୋଲିସର ଚଢ଼ଉ ଜାରି

◆ ୧୮ ଲିଟର ଦେଶୀମଦ ଜବତ

**ଖପ୍ରାଖୋଲ(ଅମୃତ ମିଡିଆ) ଅଶୋକ କୁମାର ବାଗ:** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଥାନା ପୁଲିସର ଚୋରା ମଦ କାରବାର ବିରୋଧରେ ଚଢ଼ାଉ ଜାରି ରହିଛି। ଅବୈଧ ଦେଶୀ ମଦ ବିକ୍ରି ଅଭିଯୋଗରେ ପୁଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୧୮ ଲିଟର ଦେଶୀ ମଦ ଓ ୨୦୦ ଟଙ୍କା ନଗଦ ଜବତ କରିଛି। ପୁଲିସ ସୂଚନା ଅନୁସାରେ, ସୋମବାର ରାତି ପ୍ରାୟ ୯ଟା ସମୟରେ ଖପ୍ରାଖୋଲ ଥାନା ଏଏସ୍ଆଇ ନବୀନ କୁମାର ଭୋଇଙ୍କ ନେତୃତ୍ୱରେ ପୁଲିସ ଟିମ୍ ତୁର୍ଲା ଗ୍ରାମ ନିକଟରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ରାସ୍ତାକଡ଼ରେ ଅବୈଧ ଭାବେ ଦେଶୀ ମଦ ବିକ୍ରି କରୁଥିବା ଦୟାନିଧି ବୁଡକିଆଙ୍କୁ ପୁଲିସ କାବୁ କରିଥିଲା। ତାଙ୍କ ନିକଟରୁ ୧୮ ଲିଟର ଦେଶୀ ମଦ ଓ ମଦ ବିକ୍ରିରୁ ମିଳିଥିବା ୨୦୦ ଟଙ୍କା ନଗଦ ଜବତ କରାଯାଇଛି। ଏନେଇ ଖପ୍ରାଖୋଲ ଥାନାରେ କେସ୍ ନମ୍ବର ୧୬୬/୨୦୨୬ ରୁଜୁ ହୋଇଛି। ଓଡ଼ିଶା ଅବକାରୀ ଆଇନ-୨୦୦୮ର ଧାରା ୫୨(ଏ) ଅନୁଯାୟୀ ମାମଲା ରୁଜୁ କରି ପୁଲିସ ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନେଇଛି। ତେବେ ଚୋରା ମଦ କାରବାର ରୋକିବାର ମୁଖ୍ୟ ଦାୟିତ୍ୱ ଅବକାରୀ ବିଭାଗର ଥିବାବେଳେ ଏହି କ୍ଷେତ୍ରରେ ବିଭାଗର ଦୃଶ୍ୟମାନ ସକ୍ରିୟତାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଗାଁ ଗାଁରେ ଚୋରା ମଦ ବିକ୍ରି ହେଉଥିବା ଅଭିଯୋଗ ରହିଥିବା ସତ୍ତ୍ୱେ ନିୟମିତ



ଚଢ଼ାଉ ଓ କଠୋର କାର୍ଯ୍ୟାନୁଷ୍ଠାନ ନ ହେବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ବିଭାଗର ନିରବତା ଯୋଗୁଁ ଚୋରା ମଦ ବେପାରୀମାନେ ନିର୍ଭୟରେ କାରବାର ଚଳାଇବାର ସୁଯୋଗ ପାଉଛନ୍ତି କି ବୋଲି ମଧ୍ୟ ଆଲୋଚନା ହେଉଛି। ଅନ୍ୟପଟେ ଅବକାରୀ ବିଭାଗର ଦାୟିତ୍ୱ ଥିବା ସତ୍ତ୍ୱେ ଖପ୍ରାଖୋଲ ପୁଲିସ ନିଜ ଅଞ୍ଚଳରେ ଚୋରା ମଦ କାରବାର ଉପରେ ନିୟମିତ ନଜର ରଖି ଚଢ଼ାଉ ଓ ଗିରଫଦାରୀ କରୁଥିବାରୁ ପୁଲିସର ଏହି ସକ୍ରିୟତାକୁ ସାଧାରଣ ମହଲରେ ପ୍ରଶଂସା କରାଯାଉଛି। ଅପରାଧ ଓ ଅବୈଧ କାରବାର ବିରୋଧରେ ପୁଲିସର ଏଭଳି ତତ୍ପରତା ଜାରି ରହିଲେ ଚୋରା ମଦ ବେପାରୀଙ୍କ ଉପରେ ନିଶ୍ଚିତ ଭାବେ ଅଙ୍କୁଶ ଲାଗିପାରିବ ବୋଲି ମତ ପ୍ରକାଶ ପାଇଛି। ତେବେ ପ୍ରଶ୍ନ ହେଉଛି— ଚୋରା ମଦ ବିକ୍ରି ବିରୋଧରେ ପୁଲିସ ଯେତେବେଳେ ନିଜ ଦାୟିତ୍ୱରୁ ଆଗକୁ ବଢ଼ି ପଦକ୍ଷେପ ନେଉଛି, ସେତେବେଳେ ଅବକାରୀ ବିଭାଗ କେବେ ନିଜ ଦାୟିତ୍ୱ ପ୍ରତି ସଚେତନ ହେବ ? ଏହା ଜନସାଧାରଣ ରେ ଚର୍ଚ୍ଚା ଚାଲିଛି ।

# ପାଣିଘେରରେ ଗୁରୁଦ୍ୱାର ରୋଡ୍ ୱାର୍ଡ ନମ୍ବର ୨୫ରେ ୫୦ ଘର

**ରାଉରକେଲା(ଅମୃତ ମିଡିଆ):** ସ୍ମାର୍ଟ ସିଟି ରାଉରକେଲା ସହରର ଥିବା ୨୫ ନମ୍ବର ୱାର୍ଡ ଗୁରୁଦ୍ୱାର ରୋଡରେ ପ୍ରାୟ ୫୦ ଘରେ ବର୍ଷା ପାଣି ଜମି ରହିଥିବା ଅଭିଯୋଗ ହୋଇଛି । ରାଉରକେଲା ମହାନଗର ନିଗମ (ଆରଏମ୍‌ସି)ର ଡ୍ରେନ୍ ପୁନଃ ନିର୍ମାଣ ସମୟରେ ବଡ ବଡ଼ ଡ୍ରେନଗୁଡିକୁ ସଂକୁଚିତ କରାଯାଇଥିବା ଯୋଗୁଁ, ଲଗାଣ ବର୍ଷା ଯୋଗୁଁ ଏପରି ପରିସ୍ଥିତି ଉପୁଜିଛି ବୋଲି ସ୍ଥାନୀୟ ବାସିନ୍ଦାମାନେ ଅଭିଯୋଗ କରିଛନ୍ତି । ଏଥିସହିତ ଡ୍ରେନଗୁଡିକରୁ ବର୍ଷା ପାଣି ସହିତ ମଇଳା ପାଣି ଘରେ ପ୍ରବେଶ କରୁଛି । ଫଳରେ ବାସଗୃହ ଭିତରେ ଆଲମାରୀରେ ରଖାଯାଇଥିବା ପୋଷାକ, ପିଲାମାନଙ୍କର ପୁସ୍ତକ, ନୋଟ୍‌ବୁକ୍, ଘରକରଣା ଜିନିଷପତ୍ର ଇତ୍ୟାଦି ନଷ୍ଟ



ସ୍କୁଲରୁ ଛୁଟି ଦେବାକୁ ପଡୁଛି । ଏଥିସହିତ ଗୋପବନ୍ଧୁପାଲ୍ଲି ସନ୍ନିକଟ ରାଉରକେଲା ରେଳ ଷ୍ଟେସନ୍ ଦ୍ୱିତୀୟ ପ୍ରବେଶପଥ ସମ୍ମୁଖରେ ଥିବା ପାର୍କିଂ ସ୍ଥଳ ସମ୍ପୂର୍ଣ୍ଣ ବର୍ଷା ପାଣିରେ ବୁଡ଼ି ରହିଛି ବୋଲି ସ୍ଥାନୀୟ ଲୋକେ ଏବଂ ରେଳଯାତ୍ରୀ ଅଭିଯୋଗ କରିଛନ୍ତି । ହୋଇଛି । ପ୍ରତିବର୍ଷ ବର୍ଷା ଋତୁରେ ଘଟୁଥିବା ସମସ୍ୟା ଯୋଗୁଁ ଲୋକମାନେ ଚିନ୍ତିତ ରହିଛନ୍ତି । ଲଗାଣ ବର୍ଷା ଯୋଗୁଁ ପିଲାମାନଙ୍କୁ ରାଉରକେଲା ମହାନଗର ନିଗମ ପକ୍ଷରୁ ଏହାର ତୁରନ୍ତ ପ୍ରତିକାର କରାଯିବା ପାଇଁ ଦାବି କରାଯାଇଛି ।

# ହର୍ ଘର ତ୍ରିରଙ୍ଗା ଅଭିଯାନ



**ବଙ୍ଗୋମୁଣ୍ଡା(ଅମୃତ ମିଡିଆ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ସୁଭଦ୍ରା ଶକ୍ତି କାର୍ଯ୍ୟାଳୟ ଠାରେଆଜି 'ହର ଘର ତ୍ରିରଙ୍ଗା ଅଭିଯାନ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ଆୟୋଜିତ କାର୍ଯ୍ୟକ୍ରମରେ ବଙ୍ଗୋମୁଣ୍ଡା ବିଡ଼ିଓ ନିତୁଶ୍ରୀ ମେହେର, ଏବିଡ଼ିଓ ସୁଶାନ୍ତ ପାଣି,ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘ ର ସଭାପତି ରଶ୍ମିରଞ୍ଜନ ପୁଟେଲ, ସିଡିପିଓ ମାଧୁରୀ ହୋତା, ଜିପିଡ଼ିଓ ପୁରୁଷୋତ୍ତମ ମାଝୀ,ବଲାଙ୍ଗୀର ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘ ର ସଂଗଠନ ସମ୍ପାଦକ ହୁଲେଶ୍ୱର ହଂସ, ବିଏସଏସଓ ସଞ୍ଜିତ ସୁନା, ଶିକ୍ଷାବିତ ଡ଼ଃ ନାରାୟଣ ମିଶ୍ର,ବିପିସି ପିତାମ୍ବର ବାଗ, ଏକାଉଣ୍ଟାନ ଧିରଜ ମହାନନ୍ଦ,କର୍ମଚାରୀ ଅଗସ୍ତି ମହାନନ୍ଦ,ରେଣୁରଞ୍ଜନ ବାଗ, ବ୍ଲକ ଶକ୍ତି ସଂଚୟିକା ମହାସଂଘ ର ମହିଳା ମାନେ ସାମିଲ ହୋଇଥିଲେ । ବଙ୍ଗୋମୁଣ୍ଡା ବ୍ଲକ ର ୨୬ ଗୋଟି ପଞ୍ଚାୟତ କୁ ପ୍ରାୟ ୧୦ ହଜାର ପତାକା ବଣ୍ଟନ କରାଯାଇଛି ।

# ଜୟପାଟଣାରେ କଟକଣା ଓ ଖାଦ୍ୟ ସୁରକ୍ଷା ଯାଞ୍ଚ

## ୩୧ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଆଦାୟ, ବାସି ଓ ରଙ୍ଗ ମିଶା ଖାଦ୍ୟ ନଷ୍ଟ

**କଳାହାଣ୍ଡି(ଅମୃତ ମିଡିଆ):** କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ଜୟପାଟଣା ଓ ଏହାର ଆଖପାଖ ଅଞ୍ଚଳରେ ତମ୍ବାଖୁ ନିୟନ୍ତ୍ରଣ ଏବଂ ଖାଦ୍ୟ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ଏକ ମିଳିତ ଚଢ଼ଉ କରାଯାଇଛି। ପୁଲିସ, ଅବକାରୀ ଏବଂ ଖାଦ୍ୟ ସୁରକ୍ଷା ବିଭାଗକୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଏହି ଯାଞ୍ଚ ଅଭିଯାନ ଚାଲିଥିଲା। ଚଢ଼ଉ ସମୟରେ 'ତମ୍ବାଖୁ ଏବଂ ଅନ୍ୟାନ୍ୟ ଧୂମପାନ ଜାତ ଦ୍ରବ୍ୟ ଆଇନ' ଉଲ୍ଲଂଘନ କରିଥିବା ୩୧ ଜଣଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କଠାରୁ ମୋଟ ୬,୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହା ସହିତ ତମ୍ବାଖୁ ବିକ୍ରେତା



ଓ ବ୍ୟବସାୟୀମାନଙ୍କୁ କୋଟ୍ପା ଆଇନର ବିଭିନ୍ନ ନିୟମ ବିଷୟରେ ସଚେତନ କରାଯାଇ ଏହାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଖାଦ୍ୟ ସୁରକ୍ଷା ଯାଞ୍ଚ ବେଳେ ବିଭିନ୍ନ ଦୋକାନରୁ ପ୍ରାୟ ୨୦ କିଲୋଗ୍ରାମର ବାସି ଖାଦ୍ୟ ଏବଂ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ କୃତ୍ରିମ ରଙ୍ଗ ମିଶ୍ରିତ ଖାଦ୍ୟ ସାମଗ୍ରୀ ଜବତ କରାଯାଇ ସେଗୁଡ଼ିକୁ ଘଟଣାସ୍ଥଳରେ ହିଁ ନଷ୍ଟ କରାଯାଇଥିଲା। ଏହା ବ୍ୟତୀତ ବିନା ବୈଧ ଲାଇସେନ୍ସରେ ବ୍ୟବସାୟ କରୁଥିବା ଖାଦ୍ୟ ବ୍ୟବସାୟୀଙ୍କୁ ନୋଟିସ୍ ଜାରି କରାଯାଇଛି। ସେମାନଙ୍କୁ ତୁରନ୍ତ ଆବଶ୍ୟକୀୟ ଲାଇସେନ୍ସ ହାସଲ କରିବା ସହ ଖାଦ୍ୟ ସୁରକ୍ଷା ନିୟମ ମାନିବାକୁ କୁହାଯାଇଛି।ଏହି ଟିମ ରେ ପବ୍ଲିକ ହେଲଥ୍ ବା ଜନସ୍ୱାସ୍ଥ୍ୟର ସୁରକ୍ଷା ପାଇଁ କରାଯାଇଥିବା ଏହି ମିଳିତ ଚଢ଼ଉରେ ବିଶ୍ୱଜିତ ନାୟକ (ଖାଦ୍ୟ ସୁରକ୍ଷା ଅଧିକାରୀ, କଳାହାଣ୍ଡି), ଡୋଲାମଣି ମିର୍ଦ୍ଧା (ପୋଲିସ ସବ୍-ଇନ୍ସପେକ୍ଟର, ଜୟପାଟଣା), ନିରଞ୍ଜନ ବେହେରା (ଅବକାରୀ କର୍ମଚାରୀ),ସଂଯୁକ୍ତା ବାଗ ସମେତ ଜୟପାଟଣା ଥାନାର ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ ।

# କପିଳାଭଟା ପଞ୍ଚାୟତସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

**ବଙ୍ଗୋମୁଣ୍ଡା(ଅମୃତ ମିଡିଆ):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ କପିଳାଭଟା ଗାଁରେ ହେବାକୁ ଥିବା ପଞ୍ଚାୟତସ୍ତରୀୟ ୮୦ ତମ ସ୍ୱାଧୀନତା ଦିବସ ପାଳନ ପାଇଁ ଆଜି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ରେ ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଅରୁଣ କୁମାର ବାରିକ ଙ୍କ ସଭାପତିତ୍ୱରେ କପିଳାଭଟା ପଞ୍ଚାୟତ ର ସମିତି ସଭ୍ୟ କେଦାର ଭୋଇ,କପିଳାଭଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ପ୍ରଧାନଶିକ୍ଷକ ଟଙ୍କଧର ବିଶ୍ୱାଳ,ସହକାରୀ ଶିକ୍ଷକ ଶିବରାମ ସ୍ୱାଇଁ,ବରୁଣ କୁମାର ବାରିକ, କିରଣ କୁମାର ପ୍ରଧାନ ପ୍ରମୁଖ ଙ୍କ ସହ ବିଭିନ୍ନ ସଂଗଠନ ର କର୍ମକର୍ତ୍ତା, ଶିକ୍ଷାବିତ,ଶିକ୍ଷକ କର୍ମଚାରୀ ମାନେ ସାମିଲ ହୋଇଥିଲେ ।ଏହି ବୈଠକ କୁ ସାମ୍ବାଦିକ ହୁଲେଶ୍ୱର ହଂସ ପରିଚାଳନା କରିଥିଲେ ।ସ୍ୱାଧୀନତା ଦିବସ ଉପଲକ୍ଷେ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ରେ କୃତୀ ପ୍ରତିଯୋଗୀ ଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯିବ ବୋଲି ଜଣାପଡିଛି । ସବୁ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବଡ଼ ଧୁମ୍ ଧାମରେ ପାଳନ କରାଯିବ ଜଣାପଡିଛି । ଅଗଷ୍ଟ ୧୫ ତାରିଖ ଦିନ ପାହାନ୍ତିଆ ୫.୦୦ ଘଟିକା ରେ ପ୍ରଭାତ ଫେରୀ,ସକାଳ ୭, ୧୫ଘଟିକା - ଜାତୀୟ ପତାକା ଉତୋଳନ, ୭.୨୫ଗ୍ରାମ ପରିକ୍ରମା,୮.୦୦ଘଟିକା - ପରେଡ ଅଭିବାଦନ,୯.୦୦ଘଟିକା - ସାଂସ୍କୃତିକ କାର୍ଯ୍ୟକ୍ରମ,୧୧.୦୦- ପୁରସ୍କାର ପ୍ରଦାନ, ୧୨.୦୦ଘଟିକା - ମିଷ୍ଟାନ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ନେଇ ସୂଚନା ମିଳିଛି ।

# କୁଆରମୁଣ୍ଡା ନାଇକେନବାହାଲରେ 'ବିଶ୍ୱ ଆଦିବାସୀ ଦିବସ'

**ରାଉରକେଲା(ଅମୃତ ମିଡିଆ):** ବିଶ୍ୱ ଆଦିବାସୀ ଦିବସ ଅବସରେ ନାଇକେନବାହାଲ, କୁଆରମୁଣ୍ଡା ଠାରେ ଏକ ବିଶାଳ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବୀରମିତ୍ରପୁର ବିଧାୟକ ରୋହିତ ଯୋସେଫ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଦିବାସୀ ସମାଜକୁ ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ବିଧାୟକଙ୍କୁ ପରମ୍ପରାଗତ ରୀତିନୀତି ଅନୁସାରେ ସମ୍ବର୍ଦ୍ଧନା ଦିଆଯାଇଥିଲା । ଆଦିବାସୀ ଭାଇ ଭଉଣୀମାନେ ନିଜ ପରମ୍ପରାଗତ ନୃତ୍ୟ ଏବଂ ସଂଗୀତ ପ୍ରଦର୍ଶନ କରି ପରିବେଶକୁ ଆକର୍ଷଣୀୟ କରିଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ତିର୍କୀ କହିଲେ ଯେ, ଆଦିବାସୀ ସମାଜ ଆମ ଦେଶ ଓ ରାଜ୍ୟର ମୂଳ ଚିହ୍ନ । ପ୍ରକୃତିର ସଂରକ୍ଷଣ, ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବାରେ ଆଦିବାସୀ ଭାଇ ଭଉଣୀମାନଙ୍କର ବଡ଼ ଭୂମିକା ରହିଛି । ରାଜ୍ୟ ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଏବଂ ଜଙ୍ଗଲ, ଜଳ, ଜମି ଅଧିକାର ରକ୍ଷା ପାଇଁ ସବୁବେଳେ ପ୍ରତିଶ୍ରୁତିବଦ୍ଧ । ସେ ଆହୁରି ମଧ୍ୟ କହିଥିଲେ ଯେ, "କୁଆରମୁଣ୍ଡା ଅଞ୍ଚଳର ବିକାଶ ପାଇଁ ରାସ୍ତା, ପାନୀୟ ଜଳ, ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରେ ଆହୁରି ଅଧିକ ପଦକ୍ଷେପ ନିଆଯିବ । ଆଦିବାସୀ ଯୁବପିଢ଼ି ଶିକ୍ଷା ଏବଂ କ୍ରୀଡ଼ା ମାଧ୍ୟମରେ ଆଗକୁ ବଢ଼ି ଅଞ୍ଚଳର ନାମ ଉଜ୍ଜ୍ୱଳ କରନ୍ତୁ ।

# ଅବ୍ୟବସ୍ଥାଘେରରେ କଣ୍ଟାବାଞ୍ଜି ଡାକ୍ତରଖାନା



◆ ମିଳୁନି ରୋଗୀଙ୍କୁ ଆମ୍ବୁଲାନ୍ସ ସେବା

◆ ବିଜେଡି ପକ୍ଷରୁ ସମ୍ମିଳନୀ

**ବଙ୍ଗୋମୁଣ୍ଡା(ଅମୃତ ମିଡିଆ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପୁଣି ଅବ୍ୟବସ୍ଥା ହୋଇଥିବା ନେଇ ଜଣାପଡିଛି । ଏ ନେଇ ଆଜି ବଙ୍ଗୋମୁଣ୍ଡା ଠାରେ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଛନ୍ତି ରାଜ୍ୟ ଯୁବ ବିଜେଡି ସମ୍ପାଦକ ଅଜିତ କୁମାର ଯୋଶୀ । କଣ୍ଟାବାଞ୍ଜି ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭିତରେ ରୋଗୀ ମାନେ ହଇରାଣ ହେଉଥିବା ସହ ଦରକାର ସମୟ ରେ ରୋଗୀ ମାନଙ୍କୁ ଆମ୍ବୁଲାନ୍ସ ସେବା ମିଳୁ ନଥିବା ଅଭିଯୋଗ ଆଣିଛନ୍ତି । ନିଜେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ରୋଗୀ କଲ୍ୟାଣ ସମିତି ଅଧକ୍ଷ ଥିବା ସତ୍ତ୍ୱେ କଣ୍ଟାବାଞ୍ଜି ରେ ଏଭଳି ସମସ୍ୟା ହେବା ଦୁଃଖର ବିଷୟ ବୋଲି ପ୍ରତିକ୍ରିୟା ରଖିଛନ୍ତି । ଅନ୍ୟପଟେ ଜିଲ୍ଲାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଥିବା ବେଳେ କଣ୍ଟାବାଞ୍ଜି କୁ ସବୁବେଳେ ଅଣଦେଖା କରୁଛନ୍ତି ଏହି ସରକାର ବୋଲି କହିଛନ୍ତି । ଏହି ସମସ୍ତ ସମସ୍ୟାର ସମାଧାନ ନ ହେଲେ ଆଗମୀ ଦିନରେ ବିଜୁ ଜନତା ଦଳ ପକ୍ଷରୁ ଭୟାବହ ଆନ୍ଦୋଳନ ହେବ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି ।

## ବିଶ୍ୱ ଆଦିବାସୀ ଦିବସ ଉପଲକ୍ଷେ 'ବିନ୍ଦୁମିନା ସେବା ଫାଉଣ୍ଡେସନ' ପକ୍ଷରୁ ସହାୟତା

# ୮୨୦ ଜଣଙ୍କୁ ଛତା ଓ ଚପଲ ବଣ୍ଟନ



**କଳାହାଣ୍ଡି(ଅମୃତ ମିଡିଆ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଖଳିଆପାଲି ଗ୍ରାମପଞ୍ଚାୟତରେ ଏକ ମହତ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଧାନ ମଣ୍ଡିଠାରେ 'ବିନ୍ଦୁମିନା ସେବା ଫାଉଣ୍ଡେସନ' ପକ୍ଷରୁ ଅସହାୟ ଲୋକଙ୍କୁ ମାଗଣାରେ ସହାୟତା ପ୍ରଦାନ କରାଯାଇଛି ।ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ପ୍ରାୟ ୮୨୦ ଜଣ ଅସହାୟ ବୃଦ୍ଧ, ବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗ ମାନଙ୍କୁ ମାଗଣାରେ ଛତା ଏବଂ ଚପଲ ବଣ୍ଟନ କରାଯାଇଛି। ବିନ୍ଦୁମିନା ସେବା ଫାଉଣ୍ଡେସନର ଅଧକ୍ଷ ତଥା ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ଏହି କାର୍ଯ୍ୟକ୍ରମରେ ନିଜେ ଉପସ୍ଥିତ ରହି ଏହି ସାମଗ୍ରୀଗୁଡ଼ିକ ବଣ୍ଟନ କରିଥିଲେ। ବିତରଣ କାର୍ଯ୍ୟକ୍ରମରେ ଫାଉଣ୍ଡେସନର ଅଧକ୍ଷ ବିନ୍ଦୁ ମହାନନ୍ଦ ନିଜେ ଯୋଗଦାନ କରି ଗରିବ ଓ ଅସହାୟ ଲୋକଙ୍କ ସେବା କରିବା ସଂଗଠନର ମୂଳ ଲକ୍ଷ୍ୟ ବୋଲି ପ୍ରକାଶ କରିଥିଲେ । ଏହି ବଣ୍ଟନ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବରେ ବରିଷ୍ଠ ବିଜେପି ନେତା ମନୋଜ ମେହେର ଯୋଗଦାନ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜୟନ୍ତ ସିଂ, ବୈଶାଖୁ କେତକୀ,ଗଣେଶ ସାହୁ,ହରେ ମଲ୍ଲିକ, ଜୟ କୃଷ୍ଣ ସାହୁ,ସ୍ଥାନୀୟ ସରପଞ୍ଚ ଜିମୁତ ବାହାନ ହରପାଲ,ଆଶୁତୋଷ ରାଉତ, ସୁଶାନ୍ତ ଦଳେଇ, ସୌମ୍ୟ ରଞ୍ଜନ ଅଗସ୍ତି, ସୁବାସ ବାଗ,ଦୁଃଶାସନ ବାଗ, ମନୋଜ ଅଗ୍ରୱାଲ, ସୁରେଶ ମଙ୍ଗରାଜ,ମଣ୍ଟୁ ସାହୁ,ଅନନ୍ତ ସାହୁ, ଅଶୋକ ମଙ୍ଗରାଜ, ଜଗୁଜୀବନ ସେଠିଆ, ମୋହନ ଲାଲ ଅଗ୍ରୱାଲ ପ୍ରମୁଖ ଫାଉଣ୍ଡେସନ ର କାର୍ଯ୍ୟ କୁ ପ୍ରଶଂସା କରିଥିଲେ କ୍ଷ ଅନ୍ୟ ପକ୍ଷରେ ଖଲିଆପାଲି ଗ୍ରାମ ପଞ୍ଚାୟତ ର ରାଜୁ ବାଗ, ରବୀନ୍ଦ୍ର ସୁନାନୀ, କ୍ଷୀରସିନ୍ଧୁ ଜଗତ,ତ୍ରିଲୋଚନ ବାଗ, ପୁନି ବାଗ, ସରୋଜ ମୁଣ୍ଡ, ପିତାମ୍ବର ବେହେରା, ପିଣ୍ଡ ଜାଲ, ଶମ୍ଭୁ ସୁନାନୀ,ଲିଙ୍ଗରାଜ ସିଂ,ଅନିରୁଦ୍ଧ ବାଗ, ନାଥ ବାଗ, ଅନୁପ ସୁନାନୀ, ଅନିରୁଦ୍ଧ ବାଗ, ଜଗଦିଶ ମଙ୍ଗରାଜ, ନର ତାଣ୍ଡି, ପକ୍ଷୀ ତାଣ୍ଡି, କ୍ଷୀରସିନ୍ଧୁ ଚଲାନ,ଦୁର୍ବର୍ଣ ନାଏକ, ଦୁରମନ ନାଏକ,କସ୍ତୁରୀ ବାଗ ପ୍ରମୁଖ ସେବା ଫାଉଣ୍ଡେସନ କୁ ସମର୍ଥନ କରି ନିଜେ ରହି ବଣ୍ଟନ କାର୍ଯ୍ୟକ୍ରମ ସଫଳ କରିଥିଲେ କ୍ଷ ଫାଉଣ୍ଡେସନର ଏଭଳି ଜନହିତକର କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳବାସୀ ଉଚ୍ଚ ପ୍ରଶଂସା କରିଛନ୍ତି।

## ଦିବ୍ୟଶଙ୍କରଙ୍କୁ ନେଇ ବାବୁଲିଙ୍କ ବିସ୍ଫୋରକ ଅଭିଯୋଗ

# 'ମମିତା ମେହେର ଘଟଣା ପାଇଁ ବିଜେଡିର ଭୋଟ ହ୍ରାସ ପାଇଥିଲା'

◆ ପାର୍ଟି ଅଫିସ ଜମି, ଖଣି ଓ ବାଲିଘାଟକୁ ନେଇ ମଧ୍ୟ ଉଠାଇଲେ ପ୍ରଶ୍ନ

**କଳାହାଣ୍ଡି(ଅମୃତ ମିଡିଆ):** ବିଜେଡିରୁ ନିଲମ୍ବନ ପରେ ଦଳର ଆଭ୍ୟନ୍ତରୀଣ ରାଜନୀତିକୁ ନେଇ ମୁହଁ ଖୋଲିଛନ୍ତି ନିଲମ୍ବିତ ନେତା ସାରଦା ପ୍ରସାଦ ସ୍ୱାଇଁ ଓରଫ ବାବୁଲି ସ୍ୱାଇଁ। ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ରଙ୍କୁ ନେଇ ସେ ଅନେକ ଗୁରୁତର ଅଭିଯୋଗ ଆଣିଛନ୍ତି। ତେବେ ଏହି ସମସ୍ତ ଅଭିଯୋଗ ବାବୁଲି ସ୍ୱାଇଁଙ୍କ ନିଜସ୍ୱ ଦାବି ଓ ମତାମତ ବୋଲି ସ୍ପଷ୍ଟ କରାଯାଉଛି। ବାବୁଲି ସ୍ୱାଇଁଙ୍କ କହିବା ଅନୁସାରେ, ଗତ ବିଧାନସଭା ନିର୍ବାଚନରେ ମମିତା ମେହେର ଘଟଣାର ପ୍ରଭାବ ବିଜେଡି ଉପରେ ପଡ଼ିଥିଲା। ତାଙ୍କ ଦାବି ଅନୁସାରେ, ଏହି ଘଟଣାକୁ ନେଇ ଦିବ୍ୟଶଙ୍କର ମିଶ୍ରଙ୍କ କାରଣରୁ ରାଜ୍ୟରେ ବିଜେଡିର ଭୋଟ ହାର ପ୍ରାୟ ୧୦ ପ୍ରତିଶତ କମିଥିଲା। ଏହା ସହିତ ଭବାନୀପାଟଣାରେ ବିଜେଡି ପାର୍ଟି ଅଫିସ ପାଇଁ ଆସିଥିବା ଅର୍ଥର ହିସାବକୁ ନେଇ ମଧ୍ୟ ବାବୁଲି ପ୍ରଶ୍ନ ଉଠାଇଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ, ପାର୍ଟି ଅଫିସ ନିର୍ମାଣ ପାଇଁ ଆସିଥିବା ଟଙ୍କାର ସ୍ପଷ୍ଟ ହିସାବ ସମ୍ପର୍କରେ ସମସ୍ତଙ୍କୁ ଜଣା ନାହିଁ। ପାର୍ଟି ଅଫିସ ପାଇଁ ଶିଳାନ୍ୟାସ ହୋଇଥିବା ଜମିକୁ ନେଇ ମଧ୍ୟ ସେ ଗୁରୁତର ପ୍ରଶ୍ନ ଉଠାଇଛନ୍ତି। ବାବୁଲିଙ୍କ କହିବା ଅନୁସାରେ, ଯେଉଁ ଜମିରେ ଶିଳାନ୍ୟାସ କରାଯାଇଥିଲା, ସେହି ଜମି ଜଣେ ଅନୁସୂଚିତ ଜାତି ବ୍ୟକ୍ତିଙ୍କ ନାମରେ ଥିଲା। ପରବର୍ତ୍ତୀ ସମୟରେ ଉକ୍ତ ଜମି ଅନ୍ୟ ଜଣଙ୍କୁ ବିକ୍ରି କରାଯାଇଥିବା ସେ ଦାବି କରିଛନ୍ତି। ଏହି ଜମି ସମ୍ପର୍କିତ ଦାବିର ସତ୍ୟତା ଜାଣିବା ପାଇଁ ରେକର୍ଡ ଅଫ୍ ରାଇଟ୍ସ, ଜମିର ପୂର୍ବ ଓ ବର୍ତ୍ତମାନ ମାଲିକାନା, ବିକ୍ରୟ ଦଲିଲ ଏବଂ ଜମି



ବ୍ୟବହାର ସମ୍ପର୍କିତ ସରକାରୀ ଅନୁମତିର ଯାଞ୍ଚ ଆବଶ୍ୟକ ହେବ। ପଥର କୁଆରୀ ଓ ବାଲିଘାଟକୁ ନେଇ ମଧ୍ୟ ଅଭିଯୋଗ ବାବୁଲି ସ୍ୱାଇଁ ଆହୁରି ଅଭିଯୋଗ କରିଛନ୍ତି ଯେ, ଦିବ୍ୟଶଙ୍କର ମିଶ୍ର ନିଜ ସମ୍ପର୍କିତ ଲୋକଙ୍କୁ ପଥର କୁଆରୀ ଲିଜ୍ ଓ ବାଲିଘାଟ ଦେବାରେ ପ୍ରଭାବ ପକାଇଛନ୍ତି ଏବଂ ଏଗୁଡ଼ିକୁ ନିଜ ନିୟନ୍ତ୍ରଣରେ ରଖିଛନ୍ତି।

ଏହି ଅଭିଯୋଗ ସତ୍ୟ କି ନୁହେଁ, ତାହା ଜାଣିବା ପାଇଁ ସମ୍ପୃକ୍ତ ପଥର କୁଆରୀ ଓ ବାଲିଘାଟର ଲିଜ୍ ଦଲିଲ, ଟେଣ୍ଡର ପ୍ରକ୍ରିୟା, ଲିଜ୍ଧାରୀଙ୍କ ନାମ, ସରକାରୀ ରାଜସ୍ୱ ଏବଂ ଅନ୍ୟାନ୍ୟ ରେକର୍ଡର ଯାଞ୍ଚ ଜରୁରୀ। ବାବୁଲିଙ୍କ ଏହି ବିସ୍ଫୋରକ ଅଭିଯୋଗ ପରେ କଳାହାଣ୍ଡି ବିଜେଡିର ରାଜନୀତି ଆହୁରି ସରଗରମ ହୋଇଛି। ଦଳରୁ ନିଲମ୍ବନ ପରେ ବାବୁଲିଙ୍କ ଖୋଲାଖୋଲି ବୟାନ ଦଳ ଭିତରେ ଥିବା ଅସନ୍ତୋଷକୁ ସାମ୍ନାକୁ ଆଣୁଛି କି, ନା ଏହା ତାଙ୍କ ବ୍ୟକ୍ତିଗତ ରାଜନୈତିକ ଲଢ଼େଇର ଅଂଶ—ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ। ତେବେ ବାବୁଲି ସ୍ୱାଇଁଙ୍କ ଏହି ସମସ୍ତ ଅଭିଯୋଗ ଉପରେ ଦିବ୍ୟଶଙ୍କର ମିଶ୍ର ଏବଂ ଅନ୍ୟ ସମ୍ପୃକ୍ତ ପକ୍ଷଙ୍କ ପ୍ରତିକ୍ରିୟା ମିଳିବା ପରେ ଖବରକୁ ଆହୁରି ସ୍ପଷ୍ଟ ଓ ସମତୁଳିତ କରାଯାଇପାରିବ।

ସମ୍ପାଦକୀୟ...

# ଭାରତ ବିରୋଧୀ ପଡ଼ୋଶୀ

ବିଶ୍ୱରେ ପ୍ରାୟ ୨୦୦ରୁ ଅଧିକ ରାଷ୍ଟ୍ର ରହିଛି। ସବୁ ଦେଶର ନିଜସ୍ୱ ସଂସ୍କୃତି ଏବଂ ପରମ୍ପରା ରହିଛି। ତେବେ ବିଶ୍ୱରେ ଏସିଆ ମହାଦେଶର ସସ୍କୃତି ପରମ୍ପରା କିନ୍ତୁ ସବୁଠୁ ନିଆରା ଯେଉଁଠାରେ ବିଶ୍ୱର ତିନି ପ୍ରମୁଖ ସମ୍ପ୍ରଦାୟ ନିଜ ନିଜ ମଧ୍ୟରେ ସମନ୍ୱୟ ରଖି ସେମାନଙ୍କ ମଧ୍ୟରେ ସୃଷ୍ଟି କରିଛନ୍ତି ଏକ ନିଆରା ପରମ୍ପରା,ଏକ ନିଆରା ପରିବେଶ। ପ୍ରକୃତରେ ଏମିତି ଯଦି ହୋଇପାରିଥାନ୍ତା ତାହାହେଲେ ବହୁତ ଭଲ ହୋଇଥାନ୍ତା ହେଲେ ସେମିତି କିଛି ହୋଇନାହିଁ। ବିଶ୍ୱରେ ଅନ୍ୟାନ୍ୟ ମହାଦେଶ ଭଳି ଏସିଆ ମହାଦେଶର ମଧ୍ୟ ରହିଛି ଏକ ସ୍ୱତନ୍ତ୍ର ସଂସ୍କୃତି ଆଉ ସ୍ୱତନ୍ତ୍ର ପରମ୍ପରା। ସେହି ଦୃଷ୍ଟିରୁ ଏସିଆ ମହାଦେଶକୁ ଆମେ ବିଶ୍ୱର ଏକ ଶ୍ରେଷ୍ଠ ମହାଦେଶର ମାନ୍ୟତା ଦେବାରେ କୌଣସି ଅସୁବିଧା ନାହିଁ। ହେଲେ ସେମିତି କିନ୍ତୁ ଏଯାବତ୍ ସମ୍ଭବ ହୋଇନାହିଁ। ପ୍ରାକୃତିକ ସମ୍ପଦରେ ଭରପୂର ଏସିଆ ମହାଦେଶ କିନ୍ତୁ ସମସ୍ୟାରେ ଭରପୂର ଯାହା ପଛରେ ମୁଖ୍ୟକାରଣ ହେଉଛି ସାମ୍ପ୍ରଦାୟିକ ଭିନ୍ନତା, ସାମ୍ପ୍ରଦାୟିକ ଅସମାନତା ଏବଂ ସାମ୍ପ୍ରଦାୟିକ ମତଭେଦ ଯାହା କାରଣରୁ ଏସିଆ ମହାଦେଶରେ ବାରମ୍ବାର ସୃଷ୍ଟି ହେଉଛି ସାମ୍ପ୍ରଦାୟିକ ବିବାଦ ଯାହାକି ବେଳେ ବେଳେ ଏତେ ଉଗ୍ରରୂପ ନେଉଛି ଯେ ପୂରା ଏସିଆର ସୀମା ସରହଦ୍ ଡେଇଁ ସାରା ବିଶ୍ୱକୁ ବ୍ୟାପି ଯାଉଛି। ଏସିଆର ମୁଖ୍ୟତଃ ଏହି ତିନିଟି ମୌଳିକ ସମ୍ପ୍ରଦାୟ ପାଇଁ, ସେମାନଙ୍କ ମଧ୍ୟରେ ତାଳମେଳର ଅଭାବ କାରଣରୁ ଅତୀତରୁ ଏଯାବତ୍ ଏସିଆ ମହାଦେଶରେ ସମ୍ପୂର୍ଣ୍ଣ ଶାନ୍ତି ପ୍ରତିଷ୍ଠା ସମ୍ଭବ ହୋଇପାରୁନି କି ଆଗକୁ ମଧ୍ୟ ସେମିତି ହେବାର ସମ୍ଭାବନା ନାହିଁ । ଅତୀତରୁ ଗଡ଼ିଆସିଥିବା ଇସଲାମ୍- ଖ୍ରୀଷ୍ଟିଆନ୍ ବିବାଦ ଆଜି କେତେକାଂଶରେ ଥମିଯାଇ ଏବେ ତାହା ହିନ୍ଦୁ-ଇସଲାମ୍ ବିବାଦ ଆଡ଼କୁ ଯାଉଛି। ତେବେ ଇସ୍ରାଏଲ୍ ଏବଂ ପାଲେଷ୍ଟାଇନ୍ ମଧ୍ୟରେ ବିବାଦ ଆଜି ବି ଏସିଆ ମହାଦେଶରେ ସାମ୍ପ୍ରଦାୟିକ ବିବାଦକୁ ଉଗ୍ର ରୂପ ଦେଉଛି। ତେବେ ମହାଦେଶରେ ହିନ୍ଦୁ- ମୁସଲିମ୍ ବିବାଦ କିନ୍ତୁ ଅତି ଚିନ୍ତାର ବିଷୟ ହୋଇଛି। ଯାହା ପଛରେ ଇତିହାସ ବି ରହିଛି ମୂକସାକ୍ଷୀ। ସେହି ଦୁଇ ଜାତିଙ୍କ ମଧ୍ୟରେ ବାଦ ବିବାଦରୁ ଉତ୍ପନ୍ନ ବିବାଦୀୟ ସ୍ଥିତି ଯାହା ସମଗ୍ର ଏସିଆ ମହାଦେଶକୁ ଅଶାନ୍ତ କରିଦେଇଛି ଯାହା କେବଳ ଏସିଆ ମହାଦେଶ ନୁହେଁ, ସମଗ୍ର ବିଶ୍ୱକୁ ନିନ୍ଦିତ କରିଛି, ଯାହା ସମଗ୍ର ବିଶ୍ୱକୁ ବାରମ୍ବାର ବଦନାମ୍ କରିଛି, ବାରମ୍ବାର ବରବାଦ୍ କରିଛି। ଯାହାର ଏକ ନଗ୍ନ ନମୂନା ହେଉଛି ଏସିଆ ମହାଦେଶ ଯେଉଁଠାରେ କିନ୍ତୁ ଖ୍ରୀଷ୍ଟିଆନ୍ ଏବଂ ମୁସଲିମ୍‌ଙ୍କ ମଧ୍ୟରେ ବିବାଦ ସାଙ୍ଗକୁ ହିନ୍ଦୁ ଏବଂ ମୁସଲିମ୍‌ଙ୍କ ମଧ୍ୟରେ ବିବାଦ କିନ୍ତୁ ଅନେକ ସମୟରେ ଉଗ୍ରରୂପ ନେଉଛି । ବିଶେଷକରି ଭାରତ ଭଳି ଅତି ବିକଶିତ ହିନ୍ଦୁ ରାଷ୍ଟ୍ରର ଚାରିପଟେ ଘେରି ରହିଛି ମୁସଲିମ ଦେଶ ସମୂହ। ସେମାନେ ଆଜି ବି ଭାରତ ବିପକ୍ଷରେ ତାଙ୍କର ରଣନୀତି ପ୍ରସ୍ତୁତ କରି ଚାଲିଛନ୍ତି। ଏଇ ଯେମିତି ପାକିସ୍ତାନ୍ ଏବଂ ବାଂଲାଦେଶ ଯେମାନେ ଭାରତର ଉନ୍ନତିରେ , ଭାରତର ପ୍ରଗତିରେ କେବେ ବି ଖୁସି ନୁହଁନ୍ତି କି ସେମାନେ କେବେ ବି ସହମତ ନୁହଁନ୍ତି। ଭାରତର ପଡ଼ୋଶୀ ଉଭୟ ପାକିସ୍ତାନ୍ ଏବଂ ବାଂଲାଦେଶ। ଉଭୟ ଦେଶ ଏସିଆର ଦୁଇ ଅନୁନ୍ନତ ରାଷ୍ଟ୍ର ତାଲିକାରେ ସାମିଲ୍ । ତଥାପି ସୁଧୁରୁନାହାଁନ୍ତି ସେମାନେ । ଭାରତ ଭଳି ସେମାନଙ୍କର ଏତେ ନିକଟତର ଏବଂ ଆପଣାର ପଡ଼ୋଶୀ ଥାଉ ଥାଉ ସେମାନେ କିନ୍ତୁ ଭାରତର ବନ୍ଧୁତାକୁ ଏତେ ସହଜରେ ଗ୍ରହଣ କରି ପାରୁନାହାଁନ୍ତି କି ଭାରତ ପ୍ରତି ସେମାନଙ୍କର ସମର୍ଥନ ଜାହିର କରୁନାହାଁନ୍ତି। ଯାହା ପଛରେ ସେମାନଙ୍କର ଈର୍ଷାନ୍ୱିତ ମନୋଭାବକୁ ଦାୟୀ କରାଯାଇପାରେ। ଯାହା ପଛରେ ଚାଲ୍‌ବାଜ ଚାଇନାର ଚାଲ୍‌ବାଜୀ ଅବା କାରସାଦୀକୁ ସମ୍ପୂର୍ଣ୍ଣରୂପେ ଦାୟୀ କରାଯାଇପାରେ। ଯାହାର ସାହସରେ ଏମିତି ଫୁଙ୍କୁରୁ ଫୁଙ୍କୁରୁ ହୋଇ ଡେଉଁଛନ୍ତି ପାକିସ୍ତାନ୍-ବାଂଲାଦେଶ ଭଳି ଉଗ୍ରବାଦ ସମ୍ପନ୍ନ ଦେଶ ଯେଉଁମାନେ ଭାରତ କିଭଳି ଏକ ଧର୍ମନିରପେକ୍ଷ ରାଷ୍ଟ୍ର ସହିତ ବନ୍ଧୁତା ସ୍ଥାପନ କରିବା ପରିବର୍ତ୍ତେ ସେମାନେ ସବୁବେଳେ ଭାରତ ବିପକ୍ଷରେ ଯାଉଛନ୍ତି। ସେଣୁ ଭାରତ ମଧ୍ୟ ସେହି ଅନୁସାରେ ନିଜକୁ ପ୍ରସ୍ତୁତ କରିବା ଉଚିତ ଶତ୍ରୁର ମୁକାବିଲା ପାଇଁ।

# ସାଧୁ ଯେ ମଳୟ ପବନ



ଶ୍ରୀହରିଗୁରୁ ବୈଷ୍ଣବ
ଆଶ୍ରିତ ଅତୀଶ

ଶ୍ରୀଳ କୃଷ୍ଣଦାସ କବିରାଜ ଗୋସ୍ୱାମୀ ସ୍ୱରଚିତ ଶ୍ରୀଚୈତନ୍ୟ ଚରିତାମୃତରେ ବର୍ଣ୍ଣନା କରାଯାଇଛି ଠାକୁର ହରିଦାସଙ୍କ ଉପରେ - 'ହରିଦାସର ଗୁଣ ଗଣ ଅସଂଖ୍ୟ ଅପାର। କହେ କୋନ ଅଂଶ ବର୍ଣ୍ଣେ ନେହି ପାୟ ପାର।।' ଶ୍ରୀଳ ହରିଦାସ ଠାକୁରଙ୍କ ମହିମା ଅସଂଖ୍ୟ ଓ ଅପାର ତାହା କେହି ବର୍ଣ୍ଣନା କରିପାରିବେ ନାହିଁ ଅସଂଖ୍ୟ ଲୀଳା ମାନଙ୍କ ଭିତରୁ କିପରି ଏକ ବେଶ୍ୟାର ଉଦ୍ଧାର କରିଛନ୍ତି ତାହା ଶ୍ରୀଚୈତନ୍ୟ ଚରିତାମୃତରେ ରହିଛି। ହରିଦାସ ଠାକୁର ବେନାପୋଲ ଗ୍ରାମର ଶେଷ ମୁଣ୍ଡରେ ଏକ କୁଟୀର ନିର୍ମାଣ କରି କୁଟୀର ଆଗରେ ଏକ ତୁଳସୀ ଚଉରା ରଖି ତାଙ୍କ ପାଖରେ ପ୍ରତିଦିନ ୩ ଲକ୍ଷ ମହାମନ୍ତ୍ର ଜପ କରୁଥିଲେ। ସେହି ଗ୍ରାମର ଜମିଦାର ଥିଲେ ରାମଚନ୍ଦ୍ର ଖାଁ ସେ ସାଧୁ ବୈଷ୍ଣବ ମାନଙ୍କର ଘୋର ବିରୋଧୀ ଓ ଧର୍ମ ବିରୋଧୀ। ସେ ଦେଖିଲା ମୁଁ ଏହି ଗ୍ରାମର ଜମିଦାର ହୋଇ ମଧ ଲୋକମାନେ ମତେ ଶ୍ରଦ୍ଧା ସମ୍ମାନ ନକରି ସେ ଭିକାରୁ ସାଧୁ ହରିଦାସକୁ ଭକ୍ତି କରୁଛନ୍ତି। ମୁଁ ଯଦି ତାହାର ଚରିତ୍ର ଖରାପ କରିଦିଅ ଗ୍ରାମବାସୀମାନଙ୍କ ଆଗରେ ତାହେଲେ ସେମାନେ ମତେ ସମ୍ମାନ ଦେବେ। ସେ ଠାକୁର ହରିଦାସଙ୍କ ଦୋଷ ଖୋଜିବାକୁ ଲାଗିଲା ହେଲେ ସେ କୌଣସି ଦୋଷ ହରିଦାସଙ୍କ ପାଇଲା ନାହିଁ କ'ଣ କରିବ ଭାବି ଭାବି ଶେଷରେ ଚିନ୍ତାକଲା ଗୋଟିଏ ସୁନ୍ଦରୀ ବେଶ୍ୟାକୁ ହରିଦାସଙ୍କ ପାଖକୁ ପଠାଇ ତାଙ୍କ ଚରିତ୍ର ନଷ୍ଟ କରିବ ସୁନ୍ଦରୀ ମେନକାର ଘୁଁଘୁର ଶବ୍ଦରେ ତପସ୍ୱୀ ବିଶ୍ୱାମିତ୍ରଙ୍କ ହଜାର ବର୍ଷର ତପସ୍ୟା ନଷ୍ଟ ହୋଇଥିଲା ସେହି ପରି ଦୁଇ ଦିନର ବୈରାଗୀ ହରିଦାସର କଥା ବା କ'ଣ ? କାରଣ କାମି ପୁରୁଷ ନିଜ ଧନ ସମ୍ପତ୍ତିକୁ ତୁଚ୍ଛ କରି ନାରୀ ସଙ୍ଗ କରିବାକୁ ଇଚ୍ଛାକରେ। ନାରୀର କଟାକ୍ଷ ବାଣରେ ଘାଇଲା ହୋଇ ଇନ୍ଦ୍ର ସମାନ ପଦ ଓ ଐଶ୍ୱର୍ଯ୍ୟକୁ ତୁଚ୍ଛକରି ନାରୀ ସଙ୍ଗ ପାଇବା ପାଇଁ ବ୍ୟାକୁଳିତ ହୁଏ। ଏହା ଭାବି ସବୁଠାରୁ ସୁନ୍ଦର ବେଶ୍ୟା ଲକ୍ଷେ ହୀରାକୁ ହରିଦାସ ଠାକୁରଙ୍କ ବୈରାଗୀ ଧର୍ମକୁ ନଷ୍ଟ କରିବାକୁ କହିଲା। ସେ ସୁନ୍ଦର ବେଶ୍ୟା ନିଜ ରୂପ ଯୌବନର ଗର୍ବରେ ଚୁର ହୋଇ କହିଲା ମୁଁ ତିନି ଦିନ ଭିତରେ ବୈରାଗୀ ଠାକୁର ହରିଦାସଙ୍କ ଚିତ୍ତକୁ ହରଣ କରି ଭଜନରୁ ହଟାଇ ମୋର ଠାରେ ଆସକ୍ତ କରିଦେବି। ଏହା ଶୁଣି ରାମଚନ୍ଦ୍ର ଖାଁ କହିଲା ମୁଁ ତୁମ ସହିତ ମୋର ଗୋଟେ ଦୂତକୁ ପଠାଇ ଦେବି । ସେ ତୁମ ଦୁଇଜଣକୁ ଅସଂଯତ ଅବସ୍ଥାରେ ଧରି ମୋର ପାଖକୁ ନେଇ ଆସିବ। ଏହା ଶୁଣି ଲକ୍ଷେ ହୀରା କହିଲା - ମୁଁ ଗୋଟ ଦିନ ହରିଦାସକୁ ଭୋଗ କରିସାରେ ଦ୍ୱିତୀୟ ଦିନ ତୁମେ ଦୂତ ପଠାଇବ ରାମଚନ୍ଦ୍ର ଖାଁ ଏହି କଥା ଶୁଣି ସ୍ୱୀକୃତି ଦେଲା। ସେ ଦିନ ରାତିରେ ବେଶ୍ୟା ଲକ୍ଷେ ହୀରା ସୁନ୍ଦର ଢ଼ଙ୍ଗରେ ସଜବାଜ ଭାବ ବିଭୋର ହୋଇ ଶ୍ରୀଳ ହରିଦାସ ଠାକୁରଙ୍କ ଭଜନ କୁଟୀରରେ ଯାଇ ପହଞ୍ଚିଲା। ଏହି ସମୟରେ ଠାକୁର ହରିଦାସ ଆନନ୍ଦରେ ଭାବ ବିଭୋର ହୋଇ ଶ୍ରୀ ମହାମନ୍ତ୍ର ଉଚ୍ଚାରଣ ପୂର୍ବକ ଜପ କରୁଥାନ୍ତି ଓ ଏହି ସମୟରେ ଲକ୍ଷେ ହୀରା ଦେଖିଲା କୁଟୀର ବାହାରେ ତୁଳସୀ ଚଉରା ରହିଛି ତାକୁ ସେ ପ୍ରଣାମ କଲା ଓ କୁଟୀର ଦ୍ୱାର ପାଖରେ ସେ ନାମଚର୍ଯ୍ୟା ଶ୍ରୀ ହରିଦାସଙ୍କୁ ପ୍ରଣାମ କଲା। ଶ୍ରୀନାମ ପ୍ରଭାବରୁ କିମ୍ବ ଅଭିନୟ ଦୃଷ୍ଟିରୁ ହୋଇପାରେ କିନ୍ତୁ ଶ୍ରୀ ତୁଳସୀ ଓ ବୈଷ୍ଣବ ପ୍ରବର ଶ୍ରୀଳ ହରିଦାସ ଠାକୁରଙ୍କୁ ପ୍ରଣାମ କରି ସଦା ପାପଚାର କରୁଥିବା ବେଶ୍ୟା ଭକ୍ତିର ଦୁଇ ଅଙ୍ଗକୁ ପାଳନ କରିଦେଲା। ଲକ୍ଷେ ହୀରା ଧୀରେ ଧୀରେ କୁଟୀର ଭିତରକୁ ଯାଇ ନିଜ ବସ୍ତ୍ର ଅଳ୍ପ ଖୋଲି ଅଙ୍ଗ ପ୍ରଦର୍ଶନ ପୂର୍ବକ କହିଲା ଠାକୁର ଆପଣ ବହୁତ ସୁନ୍ଦର ଆପଣଙ୍କୁ ଦେଖି କୋଉ ନାରୀ ସମ୍ଭାଳି ରହିପାରିବ ମୋର ବହୁତ ଇଚ୍ଛା ହେଉଛି ଆପଣଙ୍କ ଅଙ୍ଗ ସଙ୍ଗ କରିବା ପାଇଁ। ଏହା ଶୁଣି ଠାକୁର ହରିଦାସ କହିଲେ ମୁଁ ତୁମର କାମନା ଅବଶ୍ୟ ପୂର୍ଣ୍ଣ କରିବି କିନ୍ତୁ ମୋର ନିୟମିତ ନାମ ଜପ ସଂଖ୍ୟା ପୂର୍ଣ୍ଣ କରିସାରେ ତୁମେ ଏହିଠାରେ ବସି ନାମ ଶ୍ରବଣ କର ଏହା କହି ଠାକୁର ହରିଦାସ ନାମ ଜପ କଲେ। ଠାକୁର ହରିଦାସ ବେଶ୍ୟାର ଖରାପ ଅଭିଳାଷକୁ ଦୃଷ୍ଟି ନ ଦେଇ ତାକୁ କୃପା ପ୍ରଦାନ କଲେ ଭୁବନ ମଙ୍ଗଳକରି ଶ୍ରୀ ହରିନାମ ଶ୍ରବଣ କରାଇଲେ। ଠାକୁର ହରିଦାସଙ୍କ ଦୃଢ଼ ବିଶ୍ୱାସ ଥିଲା ହରିନାମ ଉପରେ ଯାହାକୁ ଶ୍ରବଣ କରିବା ଦ୍ୱାରା ଏହି କଳୁଷିତ ଚିନ୍ତା ରଖିଥିବା କାମିନୀ ନାରୀ ମନରୁ ସବୁ କାଳିମା ହଟିଯିବ ଓ ନିଜେ ମତେ ନାମତତ୍ତ୍ୱ, ବିଷୟରେ ଜାଣିବା ପାଇଁ ଜିଜ୍ଞାସା କରିବ। ସେ ଦିନ ସାରା ରାତି ସୁନ୍ଦରୀ ହରିଦାସଙ୍କ ପାଖରେ ବସି ପବିତ୍ର ହରିନାମ ଶ୍ରବଣ କଲା ଶୁଦ୍ଧ ଭକ୍ତ ଠାରୁ ଏହିପରି ସକାଳ ହୋଇଗଲା ନାମ ଜପ ସରିଲା ନାହିଁ ସେ ରାତିରେ ଆସିବା କହି ଚାଲିଗଲା। ସକାଳେ ରାମଚନ୍ଦ୍ର ଖାଁ ସହିତ ଦେଖକରି କହିଲା ଠାକୁର ହରିଦାସ କଥା ଦେଇଛନ୍ତି ଆଜି ମୋର ଅଭିଳାଷ ପୂର୍ଣ୍ଣ କରିବେ। ସେ ଦିନ ରାତିରେ ପୁଣି ଥରେ ସେ ଆସିଲା ହରିଦାସ କହିଲେ ଟିକେ ବସ ମୁଁ ନାମଜପ କରିସାରେ ଲକ୍ଷେ ହୀରା ବସିଲା ଓ ଶ୍ରୀହରିନାମ ଶ୍ରବଣ କଲା ଏହିପରି ସେ ଦିନ ରାତି ମଧ୍ୟ ବିତିଗଲା ହେଲେ ନାମ ଜପ ହରିଦାସ ଠାକୁରଙ୍କ ସାରିଲା ନାହିଁ ବେଶ୍ୟା ଜିଦି କରି କହିଲା ମୋର ଇଚ୍ଛା ତାହାଲେ ଆପଣ ପୂର୍ଣ୍ଣ କରିବେ ନାହିଁ ଠାକୁର କହିଲେ ଆଜି ହିଁ ତାହା ପୂର୍ଣ୍ଣ ହେବ ତୁମେ ରାତିରେ ଆସ। ଧନ୍ୟ ହରିଦାସ ଯେ ତାଙ୍କର ପତନ ପାଇଁ ଆସିଲା ତାର କଲ୍ୟାଣ ପାଇଁ ଏତେ ଚେଷ୍ଟା ଶ୍ରୀ ଠାକୁର ହରିଦାସଙ୍କ ମୁଖରୁ ଶ୍ରୀହରିନାମ ଶ୍ରବଣ ତୁଳସୀଙ୍କୁ ପ୍ରଣାମ ବୈଷ୍ଣବ ପ୍ରଣାମ ସହିତ ବୈଷ୍ଣବର ଭଜନ କୁଟୀରକୁ ଆସିବା ଓ ସେଠାରେ କିଛି ସମୟ ବସିବା ଯୋଗୁଁ ସେ ହରିନାମର ମଦିରା ସେ ବେଶ୍ୟା ଲକ୍ଷେ ହୀରା ଉପରେ ଚଢ଼ିଗଲା ସେ ଦିନ ରାତିରେ ଆସି ନିଦରେ ଘୁମାଇ ଘୁମାଇ ମହାମନ୍ତ୍ର ଜପ କରିବାକୁ ଲାଗିଲା। ହଠାତ୍ ସେ ଚମକି ଉଠିଲା ଏ କ'ଣ ମୁଁ କରୁଛି ମୋର ପାଟିରୁ ଏହି ଦିବ୍ୟ ନାମ କିପରି ପଶୁଛି ମୋର ମନରୁ କାମ ରୂପୀ ପାପ ଚିନ୍ତା ଚାଲି ଯାଉଛି ମୋର ସହିତ କ'ଣ ହେଉଛି ମୋ ପରି ପାପୀ ଚଣ୍ଡାଳୁଣୀକୁ ଦୟା କଲେ ଏହି ମହାପୁରୁଷ ଯାହାର ଚରିତ୍ର ମୁଁ ନଷ୍ଟ କରିବାକୁ ଆସିଥିଲି ହେଲା ସେ ମୋର ଏହି ଖରାପ ଚରିତ୍ରକୁ ଶୋଧନ କରିଦେଲେ ଏହା କହି ଠାକୁର ହରିଦାସଙ୍କ ପାଦ ତଳେ ଲମ୍ବ ହୋଇ ପଡ଼ିଗଲା ଲକ୍ଷେ ହୀରା ମୋର ଉଦ୍ଧର କର ଠାକୁର ।ତାର ଏହି ଅବସ୍ଥା ଦେଖି ଦୟା ହେଲା ହରିଦାସଙ୍କର କହିଲେ ମୁଁ ତୁମକୁ ସ୍ୱୀକାର କରିସାରିଛି ମୁଁ ଆଗରୁ ଜାଣିଥିଲି ରାମଚନ୍ଦ୍ର ଖାଁ ଏହି ଷଡ଼ଯନ୍ତ୍ର କଥା କିନ୍ତୁ ତୁମକୁ ଉଦ୍ଧାର କରିବା ପାଇଁ ମୁଁ ଏଠାରେ ରହିଥିଲି ତୁମେ ପାପ କର୍ମରେ ରୋଜଗାର କରିଥିବା ଧନକୁ ବ୍ରାହ୍ମଣ ମାନଙ୍କୁ ଦାନ ଦେଇ ଲଣ୍ଡିତ ମସ୍ତକ ହୋଇ ଧଳା ଲଉଗା ପିନ୍ଧି ଏହି କୁଟୀରରେ ଆସିରୁହ ସବୁଦିନ ତୁଳସୀ ମହାରାନୀକୁ ସେବା କରିବ ଭିକ୍ଷା କରି ଭୋଜନ କରିବ ଓ ସବୁଦିନ ଏକ ଲକ୍ଷ ହରିନାମ ଜପ କରିବ ଏହା କହି ଠାକୁର ହରିଦାସ ନାମ କୀର୍ତ୍ତନକରି ସେଠାରୁ ଅନ୍ୟତ୍ର ଚାଲିଗଲେ। ଯେଉଁ ବେଶ୍ୟାକୁ ଦେଖିଲେ ଲୋକ ସାଧୁ ବ୍ରାହ୍ମଣ ଛି ଛି କରୁଥିଲେ ଶୁଦ୍ଧ ଭକ୍ତର ସଙ୍ଗ ପାଇ ସେ ଶୁଦ୍ଧ ହୋଇଗଲା। ପରବର୍ତ୍ତୀ କାଳରେ ଅନେକ ଭଗବାନ ଭକ୍ତ ସାଧୁ ଓ ସନ୍ଥ ତାଙ୍କ ସତସଙ୍ଗ ପାଇଁ ତାଙ୍କ ପାଖକୁ ଆସିଲେ ଧନ୍ୟ ଶ୍ରୀହରିନାମ ଧନ୍ୟ ଠାକୁର ହରିଦାସ ଯାହାଙ୍କ କୃପାରୁ ବେଶ୍ୟା ଭଳି ବୃତ୍ତି କରୁଥିବା ନାରୀ ପରମ ଭାଗବତ ହୋଇଗଲା ଯାହାକୁ ସଭିଏଁ ହୀରା ବାଇ ବୋଲି ଭକ୍ତି ଶ୍ରଦ୍ଧାରେ ଡାକିବାକୁ ଲାଗିଲେ ଯେପରି ମଳୟ ପବନ ବହିଲେ ଲିମ୍ବଗଛ ଦିବ୍ୟ ଚନ୍ଦନ ବୃକ୍ଷରେ ପରିଣତ ହୁଏ ସେହିପରି ସାଧୁସଙ୍ଗ ରୂପୀ ମଳୟ ଲାଗି ବେଶ୍ୟା ରୂପୀ ତିକ୍ତ ସୁଗନ୍ଧ ବିହୀନ ଲିମ୍ବ ଦେହରୂପୀ ଓଲଟ ବୃକ୍ଷ ସାଧୁ ରୂପୀ ମଳୟ ପବନ ସ୍ପର୍ଶରେ ଶୀତଳ ମଳୟଗିରି ଚନ୍ଦନ ହୋଇଗଲା ସେଥିପାଇଁ ଶ୍ରୀମଦ ଭାଗବତ କହିଲେ ସାଧୁ ସଙ୍ଗତେ ସଙ୍ଗ ଯାର, ପବିତ୍ର ହୁଏ ତା ଶରୀର। ନିତାଇ ଗୌର ହରିବୋଲ।

**କଟକ, ଦୂରଭାଷ : ୬୩୭୧୫୮୦୫୨୪**

# 'ହେପାଟାଇଟିସ୍ : ଚାଲ ଏହାକୁ ଭାଙ୍ଗିବା'



ପ୍ରଫେସର ଡାକ୍ତର
ଉମେଶ ଚନ୍ଦ୍ର ପାତ୍ର

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ହେପାଟାଇଟିସ୍ ବିପକ୍ଷରେ ଲୋକମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ପ୍ରତିବର୍ଷ ଜୁଲାଇ ୨୮ ତାରିଖରେ ବିଶ୍ୱ ହେପାଟାଇଟିସ୍ ଦିବସ ପାଳନ କରିଆସୁଛି। ବିଶ୍ୱବ୍ୟାପୀ ଏହି ଦିବସ ପାଳିତ ହୋଇଥାଏ। ପ୍ରତିବର୍ଷ ପରି ଚଳିତ ବର୍ଷର ବାର୍ତ୍ତା ରହିଛି 'ହେପାଟାଇଟିସ୍ : ଚାଲ ଏହାକୁ ଭାଙ୍ଗିବା' ("Hepatitis: Let's Break It Down")। ମିଳିତ ଭାବେ ଏକପ୍ରକାର ସଂକ୍ରାମକ ରୋଗକୁ ହେପାଟାଇଟିସ କୁହାଯାଏ। ସାଧାରଣ ଅର୍ଥରେ ବୁଝିବାକୁ ଗଲେ ଏହା ଲିଭର ସମ୍ବନ୍ଧୀୟ ଏକ ରୋଗ। ହେପାଟାଇଟିସ୍‌କୁ ପାଞ୍ଚଟି ଶ୍ରେଣୀଭୁକ୍ତ କରାଯାଇଛି। ସେଗୁଡ଼ିକ ହେଲା ଏ, ବି, ସି, ଡି ଏବଂ ଇ। ଏହି ଦିବସର ଆଭିମୁଖ୍ୟ ହେଉଛି ରୋଗର ପ୍ରତିକାର ଓ ଚିକିତ୍ସା। ସମଗ୍ର ବିଶ୍ୱରେ କୋଟି କୋଟି ବ୍ୟକ୍ତି ହେପାଟାଇଟିସ୍ ଦ୍ୱାରା ଆକ୍ରାନ୍ତ। ଏହାର ଭୟାବହତା ଓ ଦୁର୍ବଳ ଚିକିତ୍ସା ସେବା ହେତୁ ପ୍ରତିବର୍ଷ ପ୍ରାୟ ୧୪ ଲକ୍ଷ ଲୋକ ମୃତ୍ୟୁମୁଖରେ ପଡୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ମୁତାବକ ପ୍ରତିବର୍ଷ ବିଶ୍ୱରେ ପାଖାପାଖି ୫୦ କୋଟି ଲୋକ ହେପାଟାଇଟିସ-ବି, ବା ହେପାଟାଇଟିସ୍-ସି ରୋଗରେ ପୀଡ଼ିତ। ଚିକିତ୍ସକଙ୍କ ମତରେ, ଯଦି ହେପାଟାଇଟିସ୍-ବି କିମ୍ବା ସି ରୋଗର ଉପଯୁକ୍ତ ଚିକିତ୍ସା କରାନଯାଏ ତେବେ ଏହା ଲିଭର ସିରୋସିସ, ଲିଭର କ୍ୟାନସର ଭଳି ଗୁରୁତର ସମସ୍ୟା ସୃଷ୍ଟି କରିପାରେ। ଅନେକଙ୍କର ଧାରଣା ରହିଛି ଯେ, ହେପାଟାଇଟିସ୍ ଠାରୁ ଏଡ଼୍ସ ଅତ୍ୟନ୍ତ ଭୟାବହ ରୋଗ। କିନ୍ତୁ ସତକଥା ହେଉଛି, ପ୍ରତିବର୍ଷ ଏଡ଼୍ସ ରୋଗରେ ଯେତିକି ଲୋକ ମରୁନାହାନ୍ତି ତା'ଠାରୁ ଅଧିକ ମରୁଛନ୍ତି ହେପାଟାଇଟିସ୍-ବି ଅଥବା ସି ରୋଗରେ।

ହେପାଟାଇଟିସ୍ ସଂସ୍ଥା ଏବଂ ସ୍ୱେଚ୍ଛାସେବୀମାନେ ପ୍ରତିବର୍ଷ ଏହି ଦିବସରେ ଲୋକମାନଙ୍କୁ ବିଭିନ୍ନ ସଚେତନଧର୍ମୀ ବାର୍ତ୍ତା ଦେଇଥାନ୍ତି। ୨୦୦୪ ମସିହାରେ ୟୁରୋପୀୟ ରାଷ୍ଟ୍ର ଏବଂ ମଧ୍ୟ ପୂର୍ବ ରାଷ୍ଟ୍ରର କେତେକ ଲିଭର ସଂସ୍ଥା ଓ ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଦ୍ୱାରା ପ୍ରଥମେ ଏହାକୁ ନେଇ ଏକ ପ୍ରାରମ୍ଭିକ ଆଲୋଚନା ହୋଇଥିଲା। ୨୦୦୮ରେ ବିଶ୍ୱ ହେପାଟାଇଟିସ୍ ଚୁକ୍ତିନାମା ବୈଠକରେ ୧୯ମେ' ବିଶ୍ୱ ହେପାଟାଇଟିସ୍ ଦିବସ ଭାବେ ଘୋଷଣା କରାଯାଇଥିଲା। କିନ୍ତୁ ୨୦୧୦ରେ ହେପାଟାଇଟିସ୍-ବି ଭୂତାଣୁ ଆବିଷ୍କାର କରିଥିବା ନୋବେଲ ପୁରସ୍କାର ବିଜେତା ବାରୁଚ୍ ସାମୁଏଲ ବ୍ଲୁମ୍ବରର୍ଗଙ୍କ ଜନ୍ମଦିନ ଅବସରରେ ଜୁଲାଇ ୨୮କୁ ବିଶ୍ୱ ହେପାଟାଇଟିସ୍ ଦିବସ ଘୋଷଣା କରାଯାଇଥିଲା। ବର୍ତ୍ତମାନ ବିଶ୍ୱର ପ୍ରାୟ ଶହେଟି ରାଷ୍ଟ୍ର ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ହେପାଟାଇଟିସ୍ ରୋକିବା ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି।

ହେପାଟାଇଟିସ୍ କଣ ? : ଲିଭର ଫୁଲିଯିବା, ପେଟରେ ଯନ୍ତ୍ରଣା ଅନୁଭୂତ ହେବା ବା ଜଣ୍ଡିସ୍ ହେଲେ ତାହା ହେପାଟାଇଟିସ୍ ବୋଲି କୁହାଯାଏ। ଜୀବାଣୁ ଜନିତ ଏହା ଏକ ସଂକ୍ରମିତ ରୋଗ। ନିଶାଦ୍ରବ୍ୟ, ମଦ୍ୟପାନ ଓ ଅତ୍ୟଧିକ ଔଷଧ ସେବନର କୁପ୍ରଭାବରୁ ମଧ୍ୟ ହେପାଟାଇଟିସ୍ ହେବାର ଆଶଙ୍କା ଥାଏ। ହେପାଟାଇଟିସ୍ ବି, ଏବଂ ସି ଅଧିକ ମାରାତ୍ମକ ରୋଗ।

ହେପାଟାଇଟିସ୍-ଏ : କେତେକ ଖାଦ୍ୟ ପଦାର୍ଥ ଓ ପାଣିରୁ ହେପାଟାଇଟିସ୍-ଏ ଭୂତାଣୁ ବ୍ୟକ୍ତି ଶରୀରକୁ ପ୍ରବେଶ କରିଥାଏ। ଯାହାଫଳରେ ବ୍ୟକ୍ତି ଏହି ରୋଗରେ ପୀଡ଼ିତ ହୁଏ।

ହେପାଟାଇଟିସ୍-ବି : ରକ୍ତ, ଲାଳ କିମ୍ବା ଯୌନ ସଂକ୍ରମଣ ଦ୍ୱାରା ହେପାଟାଇଟିସ୍-ବି ଭୂତାଣୁ ଆସିଥାଏ। ଦୂଷିତ ଇଞ୍ଜେକ୍ସନ ବା ସଂକ୍ରମିତ ବ୍ୟକ୍ତି ସହ ଶାରୀରିକ ସଂପର୍କ ରଖିବା ଦ୍ୱାରା ଏହି ରୋଗ ହେବାର ଆଶଙ୍କା ଅଧିକ।

ହେପାଟାଇଟିସ୍-ସି : ସଂକ୍ରମିତ ରୋଗୀର ରକ୍ତ ବା ଯୌନ ସଂସ୍ରବ ଦ୍ୱାରା ସିଧାସଳଖ ଏହି ରୋଗ ବ୍ୟକ୍ତିକୁ ପ୍ରବେଶ କରିଥାଏ।

ହେପାଟାଇଟିସ୍-ଡି : ହେପାଟାଇଟିସ୍-ଡି ଭୂତାଣୁ ସାଧାରଣତଃ ହେପାଟାଇଟିସ୍ ବି ଭୂତାଣୁ ସହିତ ମିଶି ମାରାତ୍ମକ ଲିଭର ରୋଗ ସୃଷ୍ଟି କରେ।

ହେପାଟାଇଟିସ୍-ଇ : ଏହା ଏକ ଜଳବାହିତ ରୋଗ। ତେବେ ଦୂଷିତ ପରିବେଶରେ ପାଣି ଓ ଖାଦ୍ୟ ଦ୍ୱାରା ଏହି ଭୂତାଣୁ ବ୍ୟାପିବାର ଆଶଙ୍କା ଯଥେଷ୍ଟ।

ଲକ୍ଷଣ : ଲିଭରରେ ଗଭୀର ଯନ୍ତ୍ରଣା ନହେବା ପର୍ଯ୍ୟନ୍ତ କୌଣସି ଲକ୍ଷଣ ଜଣାପଡ଼େ ନାହିଁ ଅର୍ଥାତ୍ ପ୍ରାରମ୍ଭିକ ଅବସ୍ଥାରେ ଜାଣିହୁଏନାହିଁ। ଥକା ଲାଗିବା, ଜ୍ୱର ହେବା, ହଳଦିଆ ପରିସ୍ରା, ପତଳା ଝାଡା, ପେଟରେ ଯନ୍ତ୍ରଣା ଅନୁଭବ କରିବା, ଭୋକ ନଲାଗିବା, ବାନ୍ତି ହେବା, ଅଚାନକ ଓଜନ କମିବା, ଜଣ୍ଡିସ୍ ହେବା ଇତ୍ୟାଦି ଲକ୍ଷଣ ପ୍ରକାଶ ପାଏ।

ପ୍ରତିକାର : ହେପାଟାଇଟିସ୍ ରୋଗରୁ ରକ୍ଷା ପାଇବା ପାଇଁ ପରିଷ୍କାର, ପରିଚ୍ଛନ୍ନ ଖାଦ୍ୟପଦାର୍ଥ ଉପରେ ଗୁରୁତ୍ୱ ଦେବାକୁ ପଡ଼ିଥାଏ। ବାହାର ପାଣି, ବରଫ ଠାରୁ ଦୂରେଇ ରହିବା, ସାମୁଦ୍ରିକ ଖାଦ୍ୟ ନଖାଇବା, ଗୋଟିଏ ଇଞ୍ଜେକ୍ସନକୁ ଜଣେ ବ୍ୟବହାର କରିବା ଉଚିତ। ରକ୍ତକୁ ନଛୁଇଁବା ଓ ହେପାଟାଇଟିସ୍ ବି ରୋକିବା ପାଇଁ ଟୀକା ନେବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ହେପାଟାଇଟିସ୍ ଏ ପାଇଁ ମଧ୍ୟ ଟୀକା ମିଳିଲାଣି। ହେପାଟାଇଟିସକୁ ନେଇସେପରି ଭୟଭୀତ ହେବାର କାରଣ ନାହିଁ। ବର୍ତ୍ତମାନ ମୌସୁମୀ ବର୍ଷା ପ୍ରବାହ ରହୁଥିବାରୁ ସର୍ବନିମ୍ନ ଭାବେ ସୁଷମ ଖାଦ୍ୟ, ଫୁଟାପାଣି ଯଥା ସମ୍ଭବ ନିରାମିଷ ଖାଦ୍ୟ, ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବା ସହ ସର୍ବନିମ୍ନ ଏକ ସ୍ୱାସ୍ଥ୍ୟଧର୍ମୀ ରୁଟିନବନ୍ଧା ଜୀବନଟି ନିଜେ ତିଆରି କଲେ ହେପାଟାଇଟିସ ରାକ୍ଷସର ପ୍ରକୋପକୁ ଭାଙ୍ଗି ପାରିବା ଓ ଚଳିତ ବର୍ଷର ବାର୍ତ୍ତାର ଅନ୍ତର୍ନିହିତ ତାତ୍ପର୍ଯ୍ୟକୁ ସଫଳ କରିବାରେ ସମସ୍ତେ ସାମିଲ ହେବା।

**ଅବସରପ୍ରାପ୍ତ ପ୍ରଫେସର,**
**ଲିଭର ବିଶେଷଜ୍ଞ, କଟକ,**
**ଦୂରଭାଷ : ୯୪୩୭୦୫୧୯୫୭**
**drumeshchandra123patra@gmail.com**

# ନିଦ କିଣିବାକୁ ନ୍ୟାପକେସନ



ପ୍ରଫେସର ଡାକ୍ତର
ସମ୍ରାଟ କର

ଆଜିକାଲି ଆରାମର ନିଦ ପାଇବା ଅନେକଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ଏବେ କିନ୍ତୁ ନିଦ ବି କିଣିବା ସମ୍ଭବ ହୋଲାଣି। ଲୋକେ ଟଙ୍କା ଖର୍ଚ୍ଚ କରି ଆରାମ ପାଇବାର ନୂଆ ନୂଆ ଉପାୟ ଖୋଜୁଛନ୍ତି ଏବଂ ଦୈନନ୍ଦିନ ଜୀବନରୁ ସାମୟିକ ବିରତି ନେଇ ନିଜ ଉପରେ ଧ୍ୟାନ ଦେଉଛନ୍ତି। ଆଧୁନିକ ଭାଷାରେ ଏହାକୁ କୁହାଯାଉଛି - ନ୍ୟାପକେସନ ।ବ୍ୟସ୍ତବହୁଳ ଜୀବନରେ ମଣିଷ ଏମିତି ଛନ୍ଦି ହୋଇପଡ଼ିଛି ଯେ ଚାକିରିରେ ଛୁଟିର ବ୍ୟବସ୍ଥା ଥିଲେ ମଧ୍ୟ ଛୁଟି ନେବାକୁ ସମୟ ନାହିଁ। ଛୁଟି ନେଲେ ବି ବୁଲିବା ବଦଳରେ ମଣିଷ ଶୋଇପଡ଼ିବାକୁ ବେଶି ପସନ୍ଦ କରୁଛି। ଏମିତିକି ଟଙ୍କା ଖର୍ଚ୍ଚ କରି ନିଜ ମନ ପସନ୍ଦର ସ୍ଥାନକୁ ଭ୍ରମଣରେ ଯାଇଥିଲେ ବି ହୋଟେଲ ରୁମରେ ଆରାମଦାୟକ ବିଛଣାରେ ଶୋଇ ରହିବାକୁ ମନ ହେଉଛି। ଆତିଥେୟତା ବ୍ୟବସାୟରେ ମଧ୍ୟ ଗ୍ରାହକଙ୍କର ଏପରି ରୁଚି କି ଲକ୍ଷ୍ୟ କରି ସ୍ଲିପ ଟୁରିଜିମ ବା ନିଦ୍ରା ପର୍ଯ୍ୟଟନର ଚଳଣି ବଢୁଛି। ଛୁଟି ବା ଭ୍ୟାକେସନରେ ଯାଇ ନିଦ ଆରାମ ନେବାକୁ କୁହାଯାଉଛି ନ୍ୟାପିକେସନ। ଏପରି ଛୁଟି ବିତାଇବା ପରେ ଲୋକେ ପୁଣି କର୍ମକ୍ଷେତ୍ରକୁ ଫେରିବା ପାଇଁ ଶାରୀରିକ ଏବଂ ମାନସିକ ସ୍ତରରେ ପ୍ରସ୍ତୁତ ହୋଇଯାଇଥାନ୍ତି ।ଏକ ସମୟରେ ଛୁଟି ଯାଇଥିବା ଲୋକଙ୍କର ହୋଟେଲ ରୁମରେ ଶୋଇ ରହିବାକୁ ଅଯଥା ଖର୍ଚ୍ଚ ଏବଂ ସମୟର ଅପଚୟ ବୋଲି ଗ୍ରହଣ କରାଯାଉଥିଲା। ଛୁଟିରେ ଯିବାର ଅର୍ଥ ଥିଲା ଅନ୍ୟ କୌଣସି ସହର ବା ଦେଶକୁ ଯାଇ ସେଠାକାର ଖାଦ୍ୟପେୟ ସାଂସ୍କୃତିକ ଐତିହ୍ୟ ତଥା ପରମ୍ପରା ସମ୍ପର୍କରେ ଜାଣିବା ଏବଂ ଦର୍ଶନୀୟ ସ୍ଥାନ ବୁଲି ଦେଖିବା। ଏବେ କିନ୍ତୁ ନିଦରେ ଶୋଇବା ସମୟ ତଥା ଶରୀରର ଆବଶ୍ୟକତା ହୋଇଯାଇଛି। ନ୍ୟାସନାଲ ସ୍ଲିପ ଫାଉଣ୍ଡେସନର ତଥ୍ୟ ଅନୁସାରେ କମ ନିଦ ଏବଂ ଅବସାଦ ପରସ୍ପର ସହ ସିଧାସଳଖ ଜଡ଼ିତ। ଓଟିଟି, ମୋବାଇଲ ତଥା କମ୍ପ୍ୟୁଟର, ଟିଭି ଆଦିରେ ଅଧିକ ସ୍କ୍ରିନ ସମୟ ବିତାଇବା ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିରେ କାର୍ଯ୍ୟ କରିବା ଆଦି କାରଣରୁ ଲୋକମାନେ ସମ୍ପୂର୍ଣ୍ଣ ନିଦରେ ଶୋଇପାରୁନାହାଁନ୍ତି। ନିୟମିତ ସାତଘଣ୍ଟାରୁ କମ ସମୟ ଶୋଇବା ଦ୍ୱାରା ବ୍ୟବହାରରେ ପରିବର୍ତ୍ତନ ଯଥା ଚିଡ଼ଚିଡ଼ାପଣ, କ୍ରୋଧ, ଅବସାଦ, ଚିନ୍ତା, କ୍ଲାନ୍ତି ଏବଂ ଦୁର୍ବଳତା ଆଦି ଲକ୍ଷଣ ପ୍ରକାଶ ପାଉଛି। ଏପରି ସ୍ଥିତିରେ ନିଦ୍ରା ପର୍ଯ୍ୟଟନ ଏକ ଭଲ ବିକଳ୍ପ ହୋଇଥାଏ। ପର୍ଯ୍ୟଟନ ଉଦ୍ୟୋଗୀମାନେ ବି ଲକ୍ଷ କରୁଛନ୍ତି ଯେ ପୂର୍ବରୁ ଲୋକେ କେବଳ ଭ୍ରମଣ ଉପଭୋଗ କରିବାକୁ ଆସୁଥିବା ବେଳେ ଏବେ ଅଧିକାଂଶ ଆରାମ କରିବାକୁ ବେଶୀ ପସନ୍ଦ କରୁଛନ୍ତି। ଏମାନଙ୍କ ମଧ୍ୟରେ ୨୨ରୁ ୩୫ ବର୍ଷ ବୟସ ପର୍ଯ୍ୟଟକଙ୍କ ସଂଖ୍ୟା ଅଧିକ ଥିବା ଜଣାଯାଇଛି। ଏମାନେ ଭାରତରେ ବିଭିନ୍ନ ସ୍ଥାନ ବୁଲିବା ସହ ଟ୍ରି ହାଉସ ପରି ପ୍ରାକୃତିକ ପରିବେଶରେ ବ ସପ୍ତାହେରୁ ଅଧିକ କାଳ ବିତାଇବାକୁ ପସନ୍ଦ କରୁଛନ୍ତି। ସ୍ଲିପ ଟୁରିଜମ ବା ନିଦ୍ରା ପର୍ଯ୍ୟଟନ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ମଧ୍ୟ ଉପଲବ୍ଧ ହେଉଛି ।ଭାରତୀୟଙ୍କ ସହ ଭାରତ ଆସୁଥିବା ବିଦେଶୀ ପର୍ଯ୍ୟଟକ ମଧ୍ୟ ଏଠାକାର ହୋଟେଲ ଗୁଡ଼ିକରେ ମିଳୁଥିବା ସୁବିଧା ସୁଯୋଗ ସମ୍ପର୍କରେ ଜାଣିବା ପରେ ବୁକିଂ କରୁଛନ୍ତି। ଆୟୁର୍ବେଦ, ଯୋଗ, ଧ୍ୟାନ ଠାରୁ ଆରମ୍ଭ କରି ହାଇଡ୍ରୋଥେରାପି ବା ଜଳ ଚିକିତ୍ସା, ମସାଜ ଥେରାପି ବା ମାଲିସ ଆଦି ସେବା ଭାରତର ସାଂସ୍କୃତିକ ଐତିହ୍ୟ। ଏଗୁଡ଼ିକ ମଧ୍ୟ ଭଲ ନିଦ ସହ ସ୍ୱାସ୍ଥ୍ୟ ପାଇଁ ଉପକାରୀ। ଏସବୁ ବ୍ୟବସ୍ଥା ଭାରତର ହୋଟେଲଗୁଡ଼ିକରେ ଉପଲବ୍ଧ ଥିବାରୁ ଦେଶରେ ନିଦ୍ରା ପର୍ଯ୍ୟଟନର କ୍ଷେତ୍ର ବିସ୍ତୃତ ହେଉଛି। ପ୍ରାକୃତିକ ପରିବେଶରେ ଥିବା ରିସୋର୍ଟ ହେଉ କି ପଞ୍ଚତାରକା ହୋଟେଲର ଶବ୍ଦ ନିୟନ୍ତ୍ରିତ କକ୍ଷ, ଆୟୁର୍ବେଦ ଏବଂ ଆରୋମା ଥେରାପି ସହିତ ଏଆଇ ସୁବିଧାଯୁକ୍ତ ବିଛଣା, ହିପ୍ନୋଥେରାପିଷ୍ଟ ପରି ନିଦ ଦେଉଥିବା ସୁବିଧା ଆଦି ପର୍ଯ୍ୟଟକଙ୍କୁ ରାଜକୀୟ ଅନୁଭବ ଦେଇପାରୁଛି। ଏପରିକି ଲେହ-ଲଦାଖରେ ଶାନ୍ତ ମଠ ପରିବେଶ ଏବଂ ବାରାଣାସୀ, ଋଷିକେଶ ପରି ଆଧ୍ୟାତ୍ମିକ ସ୍ଥାନରେ ରହଣିକୁ ପର୍ଯ୍ୟଟକ ପସନ୍ଦ କରୁଛନ୍ତି ।ଅସଲରେ ବିଂଶ ଶତାବ୍ଦୀର ଅଷ୍ଟମ ଦଶକରୁ ହୋଟେଲ କକ୍ଷଗୁଡ଼ିକରେ ଆରାମଦାୟକ ନିଦ ପାଇଁ ଭଲ ତକିଆ, ସୁଗନ୍ଧିତ ଚାଦର, କକ୍ଷକୁ ଅନ୍ଧାରୁଆ କରିପାରୁଥିବା ପରଦା, ଶାନ୍ତି ଦେଉଥିବା ଭଳି ରଙ୍ଗ ବ୍ୟବହାର ଆରମ୍ଭ ହୋଇସାରିଥିଲା। ଏହାର ଏବେ ଅତ୍ୟାଧୁନିକ ରୂପ ଦେଖିବାକୁ ମିଳୁଛି ତଥାପି ନିଦ ପାଇଁ ବଢୁଥିବା ଚିନ୍ତାର ସମାଧାନ ଆବଶ୍ୟକ।

**ମାନସିକରୋଗ ବିଶେଷଜ୍ଞ,**
**ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ,**
**ଦୂରଭାଷ : ୯୧୩୨୪୩୩୩୩୩**

ଜ୍ଞାନାମୃତ

# ଶକ୍ତି ପରୀକ୍ଷା

ଥରେ ଦୁଇ ଯୁବକ ସେମାନେ ଆସିଥିଲେ ଆକବରଙ୍କ ପାଖକୁ କିଛିଟା ନିଯୁକ୍ତି ଆଶା ନେଇ । କୁହାଯାଏ କି ଅଶୋକ୍, ଆକବର ଏବଂ ଆଲେକଜାଣ୍ଡାର। ଇତିହାସର ତିନି ପ୍ରସିଦ୍ଧ ବୀର। ସେହିଭଳି ବୀର ଥିଲେ ଆକବର ଯେ କି ଦିଲ୍ଲୀରୁ ନିଜର ଶାସନ ଚଳାଉଥିଲେ। ଥରେ ଦୁଇ ରାଜପୁତ ଆକବରଙ୍କ ସୈନ୍ୟବାହିନୀରେ ଯୋଗ ଦେବାର ଇଚ୍ଛା ନେଇ ଯେବେ ତାଙ୍କର ଇଚ୍ଛା ଆକବରଙ୍କ୍ ନିକଟରେ ପ୍ରକାଶ କଲେ, ଆକବର ତୁରନ୍ତ ତାଙ୍କୁ ସୈନ୍ୟବାହିନୀରେ ଯୋଗ ଦେବାର ପ୍ରତିଶ୍ରୁତି ଦେଇଥିଲେ। ତେବେ ତା'ପୂର୍ବରୁ ଆକବର କିନ୍ତୁ ସେମାନଙ୍କ ପରୀକ୍ଷା ନେଇଥିଲେ। ସେମାନେ କେତେଦୂର ସାହସୀ, ସେ ବିଷୟରେ ସେମାନେ ଆକବରଙ୍କ ନିକଟରେ ପରୀକ୍ଷା ଦେବାର ସେମିତି କିଛି ଆବଶ୍ୟକ ପଡ଼ିଲା। ଦୁଇ ଭାଇ ନିଜକୁ ରାଜପୁତ ବୋଲି କହି ତାହା ହିଁ ତାଙ୍କରା ସାହସ ବୋଲି କହିବା ପରେ ବି ବାଦଶାହ ଆକବର ତଥାପି ତାଙ୍କର ପରିଚୟ ମାଗନ୍ତେ ରାଜପୁତ ଭ୍ରାତାଦ୍ୱୟ ତୁରନ୍ତ ଉଭୟ ନିଜର ଖଡ଼୍‌ଗ୍ ବାହାର କରି ପରସ୍ପର ବିରୁଦ୍ଧରେ ତୁରନ୍ତ ଖଡ଼୍‌ଗ ଉତ୍ତୋଳନ କରି ଆରମ୍ଭ କରିଦେଲେ ଅସୀ ଚାଳନା। ଦେଖୁ ଦେଖୁ ଉଭୟଙ୍କ ମଧ୍ୟରେ ଆରମ୍ଭ ହୋଇଗଲା ଏକ ଖଣ୍ଡ ଯୁଦ୍ଧ। ଯାହାକୁ ଦେଖି ଆକବର ନିଜ ଆଖିକୁ ମଧ୍ୟ ବିଶ୍ୱାସ କରିପାରିଲେ ନାହିଁ । ଏହି ରାଜପୁତ ଭାଇମାନେ ନିଜ ଆଖିକୁ ମଧ୍ୟ ବିଶ୍ୱାସ କରି ପାରିଲେ ନାହିଁ। ଉଭୟ ରାଜପୁତ ଭାଇଦ୍ୱୟଙ୍କୁ ସେ ତ କେବଳ ତାଙ୍କର ସାହସିକତାର ପ୍ରମାଣ ମାଗିଥିଲେ। ହେଲେ ରାଜପୁତ ଭାଇମାନେ କିନ୍ତୁ ପରସ୍ପର ମଧ୍ୟରେ ଏମିତି ଯେ ଭିଡ଼ିଯିବେ, ଏମିତି ତ କେବେ ବି ଭାବିପାରିନଥିଲେ ବାଦଶାହ ଆକବର। ବାଦଶାହ ଆକବର ନିଜେ ବି ତାଜୁବ୍ ହୋଇଗଲେ। ହେଲେ କ'ଣ କରିବେ ଏବଂ କ'ଣ ନ କରିବେ , ସେଥିନେଇ ସେ ବି କିଛି ଭାବିପାରିଲେ ନାହିଁ। କିଛି ସମୟ ପାଇଁ ସେ ବି ବିଚଳିତ ହୋଇପଡ଼ିଲେ। ହଠାତ୍ ସେ ଡାକ ପକାଇଲେ ସେନାପତି ମାନସିଂଙ୍କୁ ଯେ କି ଆକବରଙ୍କ୍ ରାଜ ଦରବାରରେ ବହୁ ପୂର୍ବରୁ ନିଯୁକ୍ତି ପାଇଥିଲେ ଜଣେ ସେନାପତି ଭାବରେ। ତେବେ ରାଜପୁତ ମାନସିଂଙ୍କ୍ ଆସିଲାବେଳକୁ ସାମାନ୍ୟ ବିଳମ୍ବ ହୋଇଯାଇଥିଲା। ତଥାପି ମାନ ସିଂ ଅତି ଧୈର୍ଯ୍ୟର ସହିତ ସେ ଦୁହିଁଙ୍କ୍ ଯୋଗ୍ୟତା ବିଷୟରେ ଅନୁଧ୍ୟାନ କରି ଆକବରଙ୍କ୍ ଆଗରେ ସେମାନଙ୍କ୍ ବୀରତ୍ୱ ବିଷୟରେ ବଖାଣିଥିଲେ ଯାହା ଫଳରେ ତାଙ୍କ୍ ବୀରତ୍ୱରେ ମଧ୍ୟ ବିଶ୍ୱାସ କରିଯାଇଥିଲେ ବାଦଶାହ ଆକବର୍।

# ଖାଲଖମାରେ ପୂର୍ତ୍ତବିଭାଗ ରାସ୍ତା



କଳାହାଣ୍ଡି (ଅମୃତ ମିଡ଼ିଆ) : କଳାହାଣ୍ଡି ଜିଲ୍ଲା ମ. ରାମପୁର ଦେଇ ଯାଇଥିବା ପୂର୍ତ୍ତ ବିଭାଗ ଅନ୍ତର୍ଗତ ରାଜ୍ୟ ରାଜପଥ ଭବାନୀପାଟଣା ଠାରୁ ରିଶିଡା ପର୍ଯ୍ୟନ୍ତ ଯାହା ଚାରିଛକ ଠାରୁ ବିଭିନ୍ନ ଦିଗକୁ ଯଥା ରାଜ୍ୟର ରାଜଧାନୀ ଭୁବନେଶ୍ୱର, ବିଭିନ୍ନ ବଡ଼ ସହର ତଥା ରାଜ୍ୟ ବାହାର ଗୋପାଳପୁର - ରାୟପୁର ଆଦି ବଡ଼ ସହରକୁ ଏହି ରାସ୍ତା ସଂଯୋଗ କରିଥାଏ । ହେଲେ ଆଜକୁ ଦୀର୍ଘ ବର୍ଷ ହେଲା ଉତ୍ତେଇ ନ ?ଦୀ ଠାରୁ ଆରମ୍ଭ କରି ଚରିଛକ ପର୍ଯ୍ୟନ୍ତ ଦୁଇ କିମି ରାସ୍ତା ମରଣ ଯନ୍ତା ପାଲଟିଛି । ଏହି ରାସ୍ତାର ବ୍ରାହ୍ମଣପଡ଼ାରେ କିଛି ସ୍ଥାନରେ ଓ ସରସ୍ୱତୀ ଶିଶୁ ମନ୍ଦିର ସାମ୍ନାରେ କେତେକ ରାସ୍ତା ଛାଡ଼ି ସବୁ ଜାଗାରେ ବିରାଟ ବିରାଟ ଖାଲଖମାରେ ଭରପୁର ହୋଇ ଥିବା ଯୋଗୁ ଜନଜୀବନ ପାଇଁ ବହୁତ୍ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ରାସ୍ତାର ରାଜବାଟୀ ଛକ , ଶରତ ମାର୍କେଟ କମ୍ପ୍ଲେକ୍ସ ସାମନା, ଜିଓ ମୋବାଇଲ୍ ସାମ୍ନା, ଗାୟତ୍ରୀ ପ୍ରଜ୍ଞା ପୀଠ ସାମନା, କେଡିଆ ଛକ, ମାନପୁରମ୍ ଗୋଲ୍ଡ଼ ଲୋନ୍ ସାମନା, ଦୁର୍ଗା ମଣ୍ଡପ, ସାମନା, ପୁରୁଣା ସୋସାଇଟି ସାମନା, ଉତେଇ ଇରିଗେଶନ ସାମନା, ରାମକୃଷ୍ଣ ହୋଟେଲ ସାମନା, ବାଜାଜ ସୋ ରୁମ ସାମନା, କଲେଜ ଛକ, କାଳି ମନ୍ଦିର ଛକ, ରାମକୃଷ୍ଣ ଆଶ୍ରମ ସାମନା, ଖୋଦ୍ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସାମାନ ତଥା ଜେନା ବୁଢ଼ା ମନ୍ଦିର ପାଖ ଆଦି ରାସ୍ତା ଉପରେ ଖାଲଖମା ଭର୍ତ୍ତି ହୋଇ ରହିଛି । ଏହିସବୁ ଭିତରୁ ଶରତ ମାର୍କେଟ କମ୍ପ୍ଲେକ୍ସ ସାମନା ଓ ରାମକୃଷ୍ଣ ହୋଟେଲ ସାମନା ରେ ଯେଉଁଭଳି ବିରାଟ ଗର୍ତ୍ତ ପୋଖରୀ ସଦୃଶ ହୋଇଛି କେତେବେଳେ ବଡ଼ ଧରଣର ଦୁର୍ଘଟଣା ଘଟିବ ତାହା କହିହେବନି । ସାଧାରଣ ଭାବେ ଅନ୍ୟ ଦିନ ମାନଙ୍କରେ ରେ ରାସ୍ତାଟିରେ ଚଳ ପ୍ରଚଳ ହେବାରେ ଅସୁବିଧା ହେଉଥିବା ବେଳେ ବର୍ଷା ଦିନରେ ସାଂଘାତିକ ପରିସ୍ଥିତି ସୃଷ୍ଟି ହୋଇଥାଏ । ସମୟ ସମୟରେ ଲୋକଙ୍କ ଚାପ ପଡ଼ିଲେ କିମ୍ବା ଯାତ୍ରା ମହୋତ୍ସବ ସମୟରେ ନାମମାତ୍ର କିଛି ବଜରୀ ପକାଇ କାମ ସାରିଦିଏ ଯାଏ । ବର୍ତ୍ତମାନ ବର୍ଷା ଋତୁ ଚାଲିଥିବା ବେଳେ ଟିକିଏ ବର୍ଷା ହେଲେ ସବୁ ଖାଲ ହୋଇ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେବାକୁ ପଡୁଛି । ଏହି ରାସ୍ତାରେ ଦିନକୁ ଶତାଧିକ ଛୋଟ ବଡ଼ ଗାଡ଼ି ଯାତାୟାତ ହେଉଥିବା ବେଳେ ସବୁ ସ୍କୁଲ, କଲେଜକୁ ଛାତ୍ରଛାତ୍ରୀମାନେ ଯାତାୟାତ କରିଥାନ୍ତି । ରାସ୍ତା ଦେଇ ପ୍ରତିଦିନ ବଡ଼ ବଡ଼ ପଦାଧିକାରୀ, ନେତା ଓ ମନ୍ତ୍ରୀ ଯାତାୟତ କରୁଥିଲେ ହେଁ ରାସ୍ତାର ଦୁରବସ୍ଥା ନେଇ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ । ଆହୁରି ପୁଣି ଏହି ରାସ୍ତାଟି ୱାନ ୱେ ରାସ୍ତା ହେବ ବୋଲି ଚାରି ବର୍ଷ ହେଲା କୁହାଯାଉଥିଲେ ହେଁ ଆଜି ଯାଏଁ ଭିତ୍ତିପ୍ରସ୍ତର ପଡ଼ିନି । ଓଲଟା ରାସ୍ତା ସମ୍ପ୍ରସାରଣ ନାମରେ ତିନିବର୍ଷ ହେଲା ଦୁଇ କଡ଼ରେ ଥିବା ଶହଶହ ବର୍ଷର ପୁରୁଣା ଗଛଗୁଡ଼ିକ କାଟି ସଫା କରିଦିଆଯାଇଛି । ତେଣୁ ଖରା ଓ ବର୍ଷା ସମୟରେ ଲୋକ ହନ୍ତସନ୍ତ ହେଉଛନ୍ତି । ଦୁର୍ଭାଗ୍ୟକୁ ଏହି ରାସ୍ତା କଡ଼ରେ ପୋତା ଯାଇଥିବା ଜଳ ଯୋଗାଣ ଓ ପରିମଳ ବିଭାଗ ରାସ୍ତାର ବିଭିନ୍ନ ସ୍ଥାନରେ ସମୟ ସମୟରେ ଫାଟି ଯାଇଥିବା ଯୋଗୁ ପ୍ରାୟ ପାଣି ବାହାରି ରାସ୍ତାକଡ଼ରେ ଓ ମଝିରେ କର୍ଦ୍ଦମାକ୍ତ ହୋଇ ରହିଥାଏ । ତେଣୁ ଅନେକ ସ୍ଥାନରେ ସନ୍ତସନ୍ତିଆ ହୋଇ ସଂକ୍ରମଣ ଜନିତ ରୋଗ ବ୍ୟାପିବାର ଆଶଙ୍କା ଦେଖାଦେଇଥାଏ । ଏହି ଦୁଇ ବିଭାଗର ସ୍ଥାଣୁତା ଯୋଗୁ ଅଞ୍ଚଳବାସୀ ଘାଣ୍ଟି ହେଉଥିଲେ ହେଁ ପ୍ରଶାସନ ତରଫରୁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାନଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ବିଶ୍ୱ ମୂଳନିବାସୀ ଦିବସ ପାଳିତ



**କଳାହାଣ୍ଡି (ଅମୃତ ମିଡ଼ିଆ) :** ମାଆ ମାଟି ମାଳି ସୁରକ୍ଷା ମଞ୍ଚର ଆହ୍ୱାନ କ୍ରମେ ଅଗଷ୍ଟ ୯ ତାରିଖ ବିଶ୍ୱ ମୂଳନିବାସୀ ଦିବସ INDIGENOUS DAY ପାଳନ ଅବସରରେ ରାୟଗଡା ଓ କଳାହାଣ୍ଡି ଜିଲ୍ଲା ସୀମାନ୍ତ ଶୁଙ୍ଗେର ଠାରେ ହଜାର ହଜାର ଏସ୍‌ଟିଏସ୍‌ସି ଏକତ୍ରୀତ ହୋଇ ପ୍ରଥମେ ବିଶାଳ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ବନତିଜ ଖେଳ ପଡିଆରେ ପହଞ୍ଚିଥିଲେ । ବାବାସାହେବ ଆମ୍ବେଦକର ବିର୍ସାମୁଣ୍ଡା ରେଣ୍ଡୋ ମାଝିଙ୍କ ଫଟୋଚିତ୍ରରେ ପୁଷ୍ପ ଦୀପ୍ ଅର୍ପଣ କଲାପରେ ଜଳ ଜଙ୍ଗଲ ଜମି ଅଧିକାର ପାଇଁ ଆନ୍ଦୋଳନ କରି ଜେଲ ଯାଇଥିବା ସଂଗ୍ରାମି ସାଥିମାନଙ୍କୁ ଓ ଉପସ୍ଥିତ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ମଞ୍ଚାସୀନ ଥିଲେ ସଂଘର ସଭାପତି ସୁଭାସିଂ ମାଝି, ଉପସଭାପତି ଲାଇ ମାଝି, କାର୍ତ୍ତିକ ମାଝି, ନାରେଙ୍ଗଦେଇ ମାଝି, ଆଳନ୍ତି ମାଝି, ଆଲଙ୍ଗଦେଇ ମାଝି, ଆଫଲାଟୁନ, ସନାତନ ପ୍ରଧାନ, ଅଲ୍ ଓଡ଼ିଶା ସିଡୁଲ୍‌କାଷ୍ଟ ଫେଡରେସନ ରାଜ୍ୟ ସଭାପତି ଧନଞ୍ଜୟ ଦୀପ୍, କମେଶ ନାଗ, ଜଳେଶର ନାଏକ, ହିରାମଳ ନାଏକ ମଞ୍ଚ ପରିଚାଳନା କରିଥିଲେ ଗୋବିନ୍ଦ ନାଏକ ଉପେନ୍ଦ୍ର ଦ୍ରାବିଡ ଓ ଲକ୍ଷ୍ମଣ ନାଏକ ସମସ୍ତ ପ୍ରକାର ସଂଯୋଜକ କାର୍ଯ୍ୟ ତୁଲାଇଥିଲେ । ତିଜମାଳିର ଝରଣା ପାଇଁ ବର୍ଷକୁ ଦୁଇ ଫସଲ ହେଉଛି । ସୁସ୍ଥ ପରିବେଷରେ ଅଛୁ ସୁସ୍ଥ ଅମ୍ଳଜାନ ମିଳୁଛି । ଆମେ ଆଦିବାସୀ ପ୍ରକୃତି ପୂଜକ ପ୍ରକୃତିକୁ ରକ୍ଷାକରିବା ଆମ ନୈତିକ ଦାଇତ୍ୱ ବିକାଶ ନାମରେ ପ୍ରକୃତିକୁ ବିନାଶ କରିବା ପାଇଁ ଆସିଥିବା କମ୍ପାନୀ ମାନଙ୍କର ସ୍ୱାର୍ଥ ସାଧନ କରିବାକୁ କେବେ ଦେବୁ ନାହିଁ । ଏଣୁ ଆମ ଜୀବନର ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ଜଙ୍ଗଲ ପରିବେଶର ସୁରକ୍ଷା କରିବୁ ବୋଲି ମାଆ ମାଟି ମାଲି ସୁରକ୍ଷା ମଞ୍ଚର ସମସ୍ତ ସଦସ୍ୟ ସଦସ୍ୟା ବଜ୍ର ଶପଥ କରିଛନ୍ତି ।

# ବାରପୁଡୁଗିଆ ଶିବ ମନ୍ଦିର ପୁନରୁଦ୍ଧାର କାର୍ଯ୍ୟର ଶିଳାନ୍ୟାସ



**ବଲାଙ୍ଗୀର (ଅମୃତ ମିଡିଆ) :** ସଦର ବ୍ଲକ ଅନ୍ତର୍ଗତ ବାରପୁଡୁଗିଆ ଗ୍ରାମସ୍ଥିତ ପ୍ରାଚୀନ ଶିବ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟର ଶିଳାନ୍ୟାସ ମାନ୍ୟବର ବିଧାୟକ ଶ୍ରୀ କଳିକେଶ ନାରାୟଣ ସିଂହଦେଓଙ୍କ କରକମଳରେ ଶୁଭାରମ୍ଭ ହୋଇଯାଇଛି । ମନ୍ଦିରର ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିବା ବିଧାୟକ ସୂଚନା ଦେଇଥିଲେ । ଏହି ଅବସରରେ ବିଧାୟକ କହିଥିଲେ ଯେ, ମନ୍ଦିରର ପୁନରୁଦ୍ଧାର ଏକ ମହତ୍ ? କାର୍ଯ୍ୟ । ଏହା ଶୀଘ୍ର ସମ୍ପୂର୍ଣ୍ଣ ହେଲେ ଅଞ୍ଚଳବାସୀ ଦଳମତ ନିର୍ବିଶେଷରେ ଏକତାର ସୂତ୍ରରେ ଆବଦ୍ଧ ହେବା ସହ ସାମୂହିକ ଉନ୍ନତିରେ ଏହା ସହାୟକ ହେବ । ପବିତ୍ର ଶ୍ରାବଣ ମାସରେ ମହାଦେବଙ୍କ ସ୍ୱତନ୍ତ୍ର ପୂଜାପାର୍ବଣ ଅବସରରେ ଏହି ଶୁଭ କାର୍ଯ୍ୟରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ । ସମସ୍ତଙ୍କ ମଙ୍ଗଳ କାମନା କରିବା ସହ ଏକ ସୁନ୍ଦର ଓ ଭବ୍ୟ ମନ୍ଦିର ନିର୍ମାଣରେ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ । କାର୍ଯ୍ୟକ୍ରମରେ ବ୍ଲକର ପୂର୍ବତନ ଅଧକ୍ଷ ଗୋଲାପ ବାଗ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସଂସ୍କୃତ ଗବେଷକ ଡ. ସୁରେଶ ଚନ୍ଦ୍ର ଷଡ଼ଙ୍ଗୀ ମନ୍ଦିର ନିର୍ମାଣ ଦ୍ୱାରା ଅଞ୍ଚଳରେ ସୁଖ, ଶାନ୍ତି ଓ ଭାଇଚାରାର ପରିବେଶ ସୃଷ୍ଟି ହୋଇଥିବା କହିବା ସହ ଏହି ଭାଇଚାରାକୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ । ନିମାଇଁ ଚରଣ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ ଜୟକୃଷ୍ଣ ମିଶ୍ର ସଂଯୋଜନା କରିଥିଲେ । ଏହି ଅବସରରେ ବ୍ଲକ ଅଧକ୍ଷା ସରିତା ବାଗ, ସହ-ଅଧକ୍ଷା ପୁଷ୍ପାଞ୍ଜଳି ହୋତା, ସମିତି ସଭ୍ୟା ଶକୁନ୍ତଳା କାଲସାଏ, ପ୍ରଦ୍ୟୁମ୍ନ ହୋତା, ସମିତି ସଭ୍ୟା, କୈଳାସ ମହାନ୍ତି ଓ ନିହାର ରଞ୍ଜନ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ । ସେହିପରି ସଦାନନ୍ଦ ମହଲା, ପରମେସ୍ୱର ନାଏକ, ସନ୍ତୋଷ ନାରାୟଣ ମିଶ୍ର, ଲବ ବାଗ, ସଞ୍ଜୟ ନାଏକ, ବିଶ୍ୱରାଜ ସାଏ, ଚୈତନ୍ୟ ସା, ଘାସିରାମ ଭୋଇ, ଗିରିଧାରୀ କାଲସାଏ, ଗଦନ ସାହୁ, ରମେଶ ମହଲା, ଅନିଲ ସେଠ୍, ରିଙ୍କୁ ନାଏକ, ବଳରାମ ନାହାକ, ଭରତ ବରିହା, ରାଜୀବ ସାହୁ, କୃଷ୍ଣଚନ୍ଦ୍ର ମାହାର ଓ ଶଙ୍କର ଜାଲଙ୍କ ସମେତ ଶତାଧିକ ଅଞ୍ଚଳବାସୀ ଉପସ୍ଥିତ ଥିଲେ । ଏହି ଅବସରରେ ଅଞ୍ଚଳବାସୀଙ୍କ ପକ୍ଷରୁ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପାଇଁ ମିନି ଷ୍ଟାଡିୟମ, ଲାଇବ୍ରେରୀ ହଲ୍, କମ୍ପ୍ୟୁଟର ଶିକ୍ଷା ଏବଂ ବେଞ୍ଚ-ଡେସ୍କ ବ୍ୟବସ୍ଥା କରିବା ନିମନ୍ତେ ପଦକ୍ଷେପ ନେବାକୁ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।

# ଜାତୀୟ ପତାକା ପ୍ରତି ସମ୍ମାନଜାଗ୍ରତ ଉଦ୍ଦେଶ୍ୟରେ ବିଶାଳ 'ତ୍ରିରଙ୍ଗା ରାଲି'




**ବଲାଙ୍ଗୀର (ଅମୃତ ମିଡିଆ) :** ଦେଶପ୍ରେମ, ଜାତୀୟ ଏକତା ଓ ଅଖଣ୍ଡତାର ଭାବନାକୁ ଅଧିକ ସୁଦୃଢ଼ କରିବା ସହ ପ୍ରତ୍ୟେକ ନାଗରିକଙ୍କ ମନରେ ଜାତୀୟ ପତାକା ପ୍ରତି ସମ୍ମାନ ଓ ଗର୍ବର ଭାବନା ଜାଗ୍ରତ କରିବା ଉଦ୍ଦେଶ୍ୟରେ ତଥା ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଆହ୍ୱାନ କ୍ରମେ ଆଜି ବଲାଙ୍ଗିର ଜିଲ୍ଲାର ପୁଇଁତଲା ଓ ଆଗଲପୁର ବ୍ଲକଠାରେ ଏକ ବିଶାଳ 'ତ୍ରିରଙ୍ଗା ରାଲି' ଆୟୋଜିତ ହୋଇଯାଇଛି । ଏହି ଭବ୍ୟ କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର କ୍ୟାବିନେଟ ମନ୍ତ୍ରୀ ଡଃ. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ । ଆଟଗାଁ ସ୍ଥିତ ମହାନ ସ୍ୱାଧୀନତା ସଂଗ୍ରାମୀ ଧରମ ସିଂ ମାଝି ମନ୍ଧତାଙ୍କ ଜନ୍ମ ପୀଠରୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଏହି ପରିକ୍ରମାର ଆରମ୍ଭ କରାଯାଇଥିଲା । ଏହି ସ୍ମରଣୀୟ ରାଲିଟି ପୁଇଁତଲା ବ୍ଲକର ଆଟଗାଁରୁ ବାହାରି ମହାଦେବପାଲି ଶିବ ମନ୍ଦିର ଛକ, ଦଶପୁର ହାଟପଦା, ତେଣ୍ଡିପାଲି, ଛତାପିପଲ୍, କୁରେଭନା, ମେହେରମୁଣ୍ଡା, ରଣ୍ଡା, ସାତମାଇଲ, ଅଙ୍କରିଆପଦର ଓ ଜାମଗାଁ ଦେଇ ଆଗେଇଥିଲା । ପରବର୍ତ୍ତୀ ସମୟରେ ଆଗଲପୁରରୁ ଆରମ୍ଭ ହୋଇ ରୋଥ, ଉପରବାହାଲ, ଡୁଡୁକା, ସାଲେଭଟା, କୁଟାସିଂହା ଦେଇ ରୁଗୁଡ଼ିଖାଲ ଛକ ଠାରେ ଉଦ୍‌ଯାପିତ ହୋଇଥିଲା । ସମଗ୍ର ପରିକ୍ରମା ପଥରେ ସ୍ଥାନୀୟ ଜନସାଧାରଣ, ଯୁବଶକ୍ତି, ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ, ସାମାଜିକ ସଂଗଠନର ପ୍ରତିନିଧି ଏବଂ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ହାତରେ ତ୍ରିରଙ୍ଗା ପତାକା ଧରି ଅତ୍ୟନ୍ତ ଉତ୍ସାହ ଓ ସ୍ୱତଃସ୍ଫୂର୍ତ୍ତ ଭାବେ ଅଂଶଗ୍ରହଣ କରିଥିଲେ । ରାଲି ସାରା ଜାତୀୟ ଏକତା ଓ ଦେଶପ୍ରେମର ସ୍ଲୋଗାନରେ ଗଗନ ପବନ ମୁଖରିତ ହୋଇଉଠିଥିଲା । ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ପ୍ରକାଶ କରିଥିଲେ ଯେ, ଅଗଷ୍ଟ ୦୯ରୁ ୧୭ ପର୍ଯ୍ୟନ୍ତ ଆୟୋଜିତ ହେଉଥିବା 'ହର ଘର ତିରଙ୍ଗା' କେବଳ ଏକ ଆନୁଷ୍ଠାନିକ କାର୍ଯ୍ୟକ୍ରମ ନୁହେଁ ବରଂ ଏହା ଭାରତୀୟ ଆତ୍ମା, ଦେଶପ୍ରେମ, ଜାତୀୟ ଏକତା ଓ ଦେଶର ଗୌରବ ପ୍ରତି ଆମ ସମସ୍ତଙ୍କ ଦାୟିତ୍ୱର ପ୍ରତୀକ । ଏହି ଅଭିଯାନକୁ ଏକ ବ୍ୟାପକ ଜନଆନ୍ଦୋଳନର ରୂପ ଦେବା ସହ ପ୍ରତ୍ୟେକ ଘରେ ତିରଙ୍ଗାର ଗର୍ବ ଓ ସମ୍ମାନ ପହଞ୍ଚାଇବା ପାଇଁ ସମାଜର ପ୍ରତ୍ୟେକ ବର୍ଗର ସକ୍ରିୟ ସହଯୋଗ ଆବଶ୍ୟକ । ଏହି ଅବସରରେ ମନ୍ତ୍ରୀ ବଲାଙ୍ଗିର ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧି, ଯୁବସମାଜ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସର୍ବସାଧାରଣଙ୍କୁ ମିଳିମିଶି ଏହି ମହାନ ଅଭିଯାନରେ ସାମିଲ ହେବାକୁ ଆନ୍ତରିକ ନିବେଦନ କରିଛନ୍ତି ।

# ଅନ୍ତୋଦୟ ଗୃହ ଯୋଜନାରୁ ବଞ୍ଚିତ ୯୦ ବର୍ଷୀୟା ବୃଦ୍ଧା



କଳାହାଣ୍ଡି (ଅମୃତ ମିଡ଼ିଆ) : ସରକାର କହୁଛନ୍ତି, ଯୋଗ୍ୟ ହିତାକାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନାରେ ପକ୍କାଘର ଯୋଗାଇ ଦିଆଯାଉଛି । କିନ୍ତୁ କଳାହାଣ୍ଡି ଜିଲ୍ଲାରୁ ଆସିଛି ଏକ ଭିନ୍ନ ଚିତ୍ର । ଜଣେ ୯୦ବର୍ଷରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମ ବିଧବା ଆଦିବାସୀ ଆଜି ବି ଭଙ୍ଗାଘରେ ଜୀବନ ବିତାଉଛନ୍ତି, ହେଲେ ମଧ୍ୟ ତାଙ୍କୁ ଅନ୍ତୋଦୟ ଗୃହ ଯୋଜନାର ସୁବିଧା ମିଳିନାହିଁ ଓ ମଦନପୁର ରାମପୁର ବ୍ଲକର ବମକ ପଞ୍ଚାୟତ ଅଧୀନ ସିତାରାମପାଲି ଓ ବାଙ୍କେଲ କେନାଲପଡ଼ା ଓ ଏହି ଭଙ୍ଗା ଘରଟି ହେଉଛି ବିଧବା ବାସନ୍ତୀ ଭୋଇଙ୍କ ଆଶ୍ରୟସ୍ଥଳ । ସ୍ୱାମୀଙ୍କ ମୃତ୍ୟୁପରେ ସେ ଏକାକୀ ରହୁଥିବାବେଳେ ବୟସ ଓ ଶାରୀରିକ ଅକ୍ଷମତା ସତ୍ତ୍ୱେ ଅତି କଷ୍ଟରେ ଦିନ କାଟୁଛନ୍ତି । ଅଭିଯୋଗ ଅନୁସାରେ, ସମସ୍ତ ଯୋଗ୍ୟତା ଥିଲେ ମଧ୍ୟ ବାସନ୍ତୀ ଭୋଇଙ୍କ ନାଁ ଅନ୍ତୋଦୟ ଗୃହ ଯୋଜନାରେ ସାମିଲ ହୋଇନାହିଁ । ବର୍ଷା ହେଲେ ଭଙ୍ଗା ଛପର ରୁ ପାଣି ପଡୁଥିବାରୁ ଘର ଭିତରେ ରହିବା ମଧ୍ୟ କଷ୍ଟକର ହୋଇପଡୁଛି । ସ୍ଥାନୀୟଲୋକ କହୁଛନ୍ତି, ଏଭଳି ଜଣେ ଅସହାୟ ବୃଦ୍ଧା ଯଦି ଯୋଜନାରୁ ବଞ୍ଚିତ ହୁଅନ୍ତି, ତେବେ ହିତାଧିକାରୀ ଚୟନ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ । ଘଟଣାର ନିରପେକ୍ଷ ତଦନ୍ତ କରି ବାସନ୍ତୀ ଭୋଇଙ୍କୁ ତୁରନ୍ତ ଅନ୍ତୋଦୟ ଗୃହ ଯୋଜନାରେ ସାମିଲ କରି ପକ୍କାଘ ଘର ସହ ଅନ୍ୟାନ୍ୟ ସରକାରୀ ସହାୟତା ଯୋଗାଇବାକୁ ଦାବି କରିଛନ୍ତି ସ୍ଥାନୀୟ ଲୋକ ଓ ସାମାଜିକ କର୍ମୀ ଓ ଏଥିସହ ଘଟଣାରେ ସରକାରଙ୍କ ହସ୍ତକ୍ଷେପ ମଧ୍ୟ ସେମାନେ ଦାବି କରିଛନ୍ତି । ବାସନ୍ତୀ ଭୋଇଙ୍କୁ ପ୍ରକୃତରେ କାହିଁକି ଗୃହ ଯୋଜନାର ସୁବିଧା ମିଳିନା ନାହିଁ, ତାହାର କାରଣ ସ୍ପଷ୍ଟ ହୋଇନାହିଁ । ପ୍ରଶାସନ ଏହି ଅଭିଯୋଗର ଯାଞ୍ଚ କରି କେବେ ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲ ।

# ଜିଲ୍ଲା ଶିଶୁ ସୁରକ୍ଷା କର୍ମୀଙ୍କୁ ମାନସିକ ସ୍ୱାସ୍ଥ୍ୟ ପ୍ରଶିକ୍ଷଣ



**ବଲାଙ୍ଗୀର (ଅମୃତ ମିଡିଆ) :** ବଲାଙ୍ଗୀର ଜିଲ୍ଲାର ଜିଲ୍ଲା ପଞ୍ଚାୟତ ସମ୍ମଳ କେନ୍ଦ୍ର ବଲାଙ୍ଗୀର ଠାରେ ଅରୁଣା ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ବଲାଙ୍ଗୀର ତରଫରୁ ଜିଲ୍ଲା ଶିଶୁ ସୁରକ୍ଷା କର୍ମୀଙ୍କୁ ମାନସିକ ସ୍ୱାସ୍ଥ୍ୟ ଓ ମନୋ ସାମାଜିକ ଦକ୍ଷତା ବିକାଶ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି ।ବଲାଙ୍ଗୀର ଜିଲ୍ଲାର ଶିଶୁ ଯତ୍ନ ଅନୁଷ୍ଠାନ ଆଦୃତ ଚିଲ୍ଡ୍ରେନ ହୋମ, ଧୂମାମରା, ପର୍ବତିଗି ବାଲ୍ ନିକେତନ, ପଥରଚେପା, ଗ୍ରାମ ମଙ୍ଗଳ ପାଠାଗାର, ସାଲେପାଲି, ଉତ୍କଳ ବାଳାଶ୍ରମ, ଶିଶୁ ହେଲ୍ପ ଡେସ୍କ,ଶିଶୁ ସୁରକ୍ଷା ୟୁନିଟ, ବଲାଙ୍ଗୀର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମୀ, ପ୍ରତିନିଧିମାନେ ଉପସ୍ଥିତ ଥିଲେ ।ଏହି ତାଲିମ କାର୍ଯକ୍ରମରେ ସିଆର୍‌ଏସ୍‌ର ମନୋରଞ୍ଜନ ଦାସ,ଶିଶୁ ମଙ୍ଗଳ ସମିତିର ଏସ୍ ଲତାଶ୍ରୀ,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ସୁରକ୍ଷା ଅଧିକାରୀ ସୁଜାତା ଦୋରା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମାନସିକ ସ୍ୱାସ୍ଥ୍ୟ ଓ ମନୋ ସାମାଜିକ ଅଧିକାରୀ ସୁଶ୍ରୀ ଶ୍ରାବଣୀ କାଲସାଇ, ମଳୟ କୁମାର ନାଗ ପ୍ରମୁଖ ଯୋଗଦାନ କରି ଜିଲ୍ଲାରେ ମାନସିକ ସ୍ୱାସ୍ଥ୍ୟ କାର୍ଯକ୍ରମ ସମ୍ପର୍କରେ ଜଣାଇ ଥିଲେ ।ତାଲିମ ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ବିକ୍ରମ ପଣ୍ଡା ଅତିଥି ଓ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ ଜଣାଇ ତାଲିମ କୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ । ଏହି ତାଲିମ କାର୍ଯକ୍ରମକୁ ଅରୁଣାର ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତୀ ସଂଯୋଜନା କରିଥିଲେ ।ତାଲିମ ଦାତ୍ରୀ ଭାବେ ସୌମ୍ୟା ଏସ ମହାପାତ୍ର ତାଲିମ ପ୍ରଦାନ କରିଥିଲେ । ମାନସିକ ସ୍ୱାସ୍ଥ୍ୟ ଓ ମନୋ ସାମାଜିକ ସହାୟତା, ମାନସିକ ଆଘାତର ପ୍ରଭାବ, ମାନସିକ ସ୍ୱାସ୍ଥ୍ୟ ଓ ମନୋ ସାମାଜିକ ପ୍ରାଥମିକ ଚିକିତ୍ସା, ସଙ୍କଟ ଗ୍ରସ୍ତ ଶିଶୁମାନଙ୍କ ପାଇଁ ସମ୍ବେଦନଶୀଳ ବ୍ୟବହାର, କାଉନସେଲିଂ ପ୍ରକ୍ରିୟା ସମ୍ପର୍କରେ ପୁଙ୍ଖାନୁ ପୁଙ୍ଖ ଭାବରେ ତାଲିମ ପ୍ରଦାନ କରିଥିଲେ । ଏହି ତାଲିମ କାର୍ଯକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ପ୍ରୋଗ୍ରାମ ଅଫିସର ସୁଧାଂଶୁ ଶେଖର କୁମ୍ଭାର, ଆଶିଷ ନାଏକ୍, ଆଇନ୍ ପରିବିକ୍ଷକ ଅଧିକାରୀ ଦିଗମ୍ବର କର, ହରିବନ୍ଧୁ ରାଉତ୍, ଡଲି ବେହେରା, ଚାଇଲ୍ଡ ହେଲ୍ପ ଲାଇନ୍‌ର ସୁଦନ ଖମାରୀ, ଶ୍ରଦ୍ଧାଞ୍ଜଳି ସିଂ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ପରିଶେଷରେ ଜିଲ୍ଲା ସାମାଜିକ କର୍ମୀ ଅରୁଣ ଖୁଆସ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# କିସ୍ ଆବାସିକ ବିଦ୍ୟାଳୟରେ ନିଶାମୁକ୍ତ ଭାରତ କାର୍ଯ୍ୟକ୍ରମ




କଳାହାଣ୍ଡି (ଅମୃତ ମିଡ଼ିଆ) : ଆଜି ମଙ୍ଗଳବାର ପୂର୍ବାହ୍ନ ୪ ଘଣ୍ଟା ସମୟରେ କିସ୍ ଆବାସିକ ବିଦ୍ୟାଳୟ ବାଦିଲି, କଳାହାଣ୍ଡି ପରିସରରେ ଭାରତ ସରକାରଙ୍କ 'ନିଶାମୁକ୍ତ ଭାରତ 'କାର୍ଯକ୍ରମ ବ୍ରହ୍ମକୁମାରିଜ୍ ସଂଗଠନ ଭବାନୀପାଟଣା, କଳାହାଣ୍ଡି ତରଫରୁ ଆୟୋଜିତ ହୋଇଯାଇଛି । ଏଥିରେ ମୁଖ୍ୟବକ୍ତା ଭାବରେ ବ୍ରହ୍ମାକୁମାରୀ ଭବାନୀପାଣାର ମୁଖ୍ୟ ସଂଚାକଳିକା ଶଶି ଭଉଣୀ, ବି.କେ ଦୁଲ୍‌ହଣୀ ଭଉଣୀ, ବି.କେ ଡ. ଜୟନ୍ତୀ ଭଉଣୀ, ବି.କେ ବିକାଶ ଭାଇ,ଶ୍ରୀଯୁକ୍ତ ମହେନ୍ଦ୍ର କୁମାର ପଣ୍ଡା, ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଅଧିକାରୀ କଳାହାଣ୍ଡି, ତଥା କ୍ରୀଡା ଭାରତୀ ର ଅଧକ୍ଷ ପ. ଓଡ଼ିଶା, ପ୍ରଧାନ ଶିକ୍ଷୟତ୍ରୀ ସୁନୀତା ପଣ୍ଡା, କିସ୍ କଳାହାଣ୍ଡିର ଉପ କାର୍ଯ୍ୟ ନିର୍ବାହୀ ଦୁଷ୍ମନ୍ତ କୁମାର ପଧାନଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ । ପ୍ରଥମେ ଅତିଥି ମାନଙ୍କୁ ବୃକ୍ଷ ଓ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଅର୍ପଣ ପରେ କାର୍ଯକ୍ରମ ଆୟୋଜିତ ହୋଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀଙ୍କ ସ୍ୱାଗତ ଅଭିଭାଷଣ ପରେ ମୁଖ୍ୟବକ୍ତା ବି.କେ ଶଶି ଭଉଣୀ ପିଲାଙ୍କୁ ନୀତି, ଆଦର୍ଶ ଓ ଶୃଙ୍ଖଳିତ ଜୀବନ ମଣିଷକୁ କେମିତି ସୁନ୍ଦର ଭାବରେ ଗଢ଼ିଥାଏ ଓ କେଉଁ ନିଶା ଗ୍ରହଣୀୟ ଓ କାହାକୁ ପରିତ୍ୟକ୍ତ କରିବା ସେ ବିଷୟରେ ଆଲୋଚନା କରିବା ସହ ୨ମିନିଟର କ୍ରିୟାତ୍ମକ ଧ୍ୟାନ କରାଯାଇଥିଲା ଏହା ମାଧ୍ୟମରେ ମନକୁ ପରିବର୍ତ୍ତନ କରାଯାଇପାରିବ ବୋଲି ସୁନ୍ଦର ବକ୍ତବ୍ୟ ରଖିଥିଲେ । ପରେ ଡ. ଜୟନ୍ତୀ ଭଉଣୀ ନିଶା ସେବନର ଦୁଷ୍ପରିଣାମ ବିଷୟରେ ଅବଗତ କରାଇଥିଲେ । ଅତିଥି ମହେନ୍ଦ୍ର କୁମାର ପଣ୍ଡା ମଧ୍ୟ ନିଶାସେବନର କୁପରିଣାମ ସହ ଏକ ସୁସ୍ଥ ସମାଜ ଗଠନ ଦିଗରେ ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଉପସ୍ଥିତ ସମସ୍ତଙ୍କୁ ନିଶାମୁକ୍ତ ଦେଶ ଗଠନ ପାଇଁ ପ୍ରତିଜ୍ଞା ମଧ୍ୟ କରାଯାଇଥିଲା । ଏ କାର୍ଯ୍ୟକ୍ରମ କୁ ଶିକ୍ଷକ କ୍ଷୀରସିନ୍ଧୁ ସାହୁ ପରିଚାଳନା କରିଥିଲେ ଓ ଅନୁଷ୍ଠାନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।ଶେଷରେ କିସ୍ ଅନୁଷ୍ଠାନର ଆସିଷ୍ଟାଣ୍ଟ ସିଇଓ ଦୁଷ୍ମନ୍ତ କୁମାର ପଧନ କିସ୍‌ର ବିଚାରଧାରା ଓ ଡ. ଅଚ୍ୟୁତ ସାମନ୍ତଙ୍କ ବିଚାର ଧାରା କେମିତି ହଜାର ହଜାର ଛାତ୍ରଛାତ୍ରୀଙ୍କୁ ଏକ ନୂତନ ଦିଗଦର୍ଶନ ପ୍ରଦାନ କରିଆସୁଛି ସେ ବିଷୟରେ ଅବଗତ କରାଇବା ସହ ବିଶେଷ କରି ଏ କାର୍ଯକ୍ରମରେ ଆଗେଇଆସିଥିବା ବ୍ରହ୍ମକୁମାରୀ ର ସମସ୍ତ ସଦସ୍ୟଙ୍କୁ ଓ ଉପସ୍ଥିତ ସମସ୍ତ ଛାତ୍ରୀ ତଥା କର୍ମଚାରୀଙ୍କୁ ଧନ୍ୟବାଦ ଅର୍ପଣ ପରେ ସଭା କାର୍ଯ୍ୟ ଶେଷ ହୋଇଥିଲା ।

## କେନ୍ଦ୍ରୀୟ ଟ୍ରେଡ ୟୁନିୟନ ତରଫରୁ ଆନ୍ଦୋଳନ

# 'ଆମେରିକା ପାଖରେ ନତମସ୍ତକ ହୋଇ ଦେଶର ଅର୍ଥନୀତିକୁ ଦେବାଳିଆ କରିଦେଇଛି କେନ୍ଦ୍ର'



**ବାରିପଦା(ଅମୃତମିଡିଆ):** ବହୁତ ହେଲାଣି ଶୋଷଣ ଅତ୍ୟାଚାର, ଗଢିତୋଳ ଏବେ ପ୍ରତିବାଦର ଜୁଆର ନାରା ଦେଇ ଆଜି ସର୍ବ ଭାରତୀୟ ପ୍ରତିଦାନ ଆନ୍ଦୋଳନର ଅଂଶ ହିସାବରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ବାରିପଦା ଠାରେ କେନ୍ଦ୍ରୀୟ ଟ୍ରେଡ ୟୁନିୟନ, ସାଧୀନ କର୍ମଚାରୀ ଫେଡେରେସନ ଏବଂ ସଂଯୁକ୍ତ କୃଷକ ମୋର୍ଚ୍ଚା ଆହ୍ୱାନ କ୍ରମେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ବିରୁଦ୍ଧରେ ପ୍ରତିବାଦ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି । ସି.ଆଇ.ଟି.ୟୁ.ର ଜିଲ୍ଲା ସଂଯୋଜକ ଆଇନଜୀବି, କମ୍ୟୁନିଷ୍ଟ ପାର୍ଟିର ବର୍ଷିୟାନ ନେତା ସାଥୀ ରବି ଗୋସାମୀଙ୍କ ସଭାପତିତ୍ୱରେ ପରିଚାଳିତ ପ୍ରତିବାଦ କାର୍ଯ୍ୟକ୍ରମରେ କ୍ଷେତମଜଦୁର ୟୁନିୟନ ରାଜ୍ୟ କମିଟିର ମୃତ୍ୟୁଞ୍ଜୟ ବେହେରା, ଏ.ଆଇ.ଟି.ୟୁ.ସି.ର କାହ୍ନୁଚରଣ ବେହେରା, ଆଇ.ଏନ.ଟି.ୟୁ.ସି.ର ଆଇନଜୀବୀ ଶାନ୍ତନୁ ପାଲ, ମୟୂରଭଞ୍ଜ ପରିବହନ କର୍ମଚାରୀ ସଂଘର ସଭାପତି ରଘୁନାଥ ପଣ୍ଡା, ପାଚିକା ସଂଗଠନ ଜିଲ୍ଲା ସମ୍ପାଦିକା କ୍ଷୀରମଣି ମହାନ୍ତ, ସି.ଆଇ.ଟି.ୟୁ. ର ମୟୁରଭଞ୍ଜ ଆବାହକ ଅମଲ ଦେ, ପାଚିକା ସଂଗଠନ ଜିଲ୍ଲା କମିଟିର ଜୟନ୍ତ ଦାସ, କ୍ଷେତମଜଦୁର ୟୁନିୟନର ଜିଲ୍ଲା ସଭାପତି ହରିଶ୍ଚନ୍ଦ୍ର ସିଂ, କୃଷକ ସଭାର ଜିଲ୍ଲା ସଦସ୍ୟ ରାମେଶ୍ୱର ଭାଟ ପ୍ରମୁଖ ଉଦବୋଧନ ଦେଇ କେନ୍ଦ୍ର ଓ ରାଜ୍ୟ ଡବଲ ଇଂଜିନ ସରକାର ନିଜର ନିର୍ବାଚନୀ ପ୍ରତିଶ୍ରୁତି ପାଳନ କ୍ଷେତ୍ରରେ ବିଫଳ ହେବା ସହିତ ଜନଗଣଙ୍କର ସାର୍ଥ ବିରୁଦ୍ଧରେ ଜନ ବିରୋଧୀ ନୀତି ଗୁଡିକ କାର୍ଯ୍ୟକାରୀ କରି ହିନ୍ଦୁ ରାଷ୍ଟ୍ରର ଏଜେଣ୍ଡାକୁ କାର୍ଯ୍ୟକାରୀ କରୁଛି ବୋଲି କହିଥିଲେ। କେନ୍ଦ୍ର ସରକାର ସାମ୍ରାଜ୍ୟବାଦୀ ଆମେରିକା ପାଖରେ ନତମସ୍ତକ ହୋଇ ଥିବାରୁ ଦେଶର ଅର୍ଥନୀତି ଆଜି ଦେବାଳିଆ, ଏକ ଡଲାରର ମୂଲ୍ୟ ୯୬ ଟଙ୍କାରେ ପହଞ୍ଚିଲାଣି । ବିଶ୍ୱବ୍ୟାଙ୍କର ଋଣୀ ଦେଶ ତାଲିକାରେ ଆମ ଦେଶ ପ୍ରଥମ. ଦରଦାମ ବୃଦ୍ଧି ଫଳରେ ସାଧାରଣ ଲୋକଙ୍କର କ୍ରୟ କ୍ଷମତା କମିଯାଉଛି । ରୋଜଗାର ମିଳୁନି, ଭେଣ୍ଡିଆ ଯୁବକ ଯୁବୀ ଆଜି ଦାଦନ ଶ୍ରମିକ, କୃଷି କ୍ଷେତ୍ରରେ ଏମ.ଏସ.ପି. ଲାଗୁ ହୋଇ ପାରୁନି, ଋଣ ଶୁଝି ନପାରି ଆତ୍ମହତ୍ୟା କରୁଛି, ଆମେରିକା ସହିତ କୃଷି ସଂକ୍ରାନ୍ତୀୟ ମୁକ୍ତ ବାଣିଜ୍ୟ ଚୁକ୍ତି ନାମା ଚାଷୀର ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରିଛି । ମନରେଗାକୁ କେନ୍ଦ୍ର ସରକାର ବନ୍ଦ କରିଦେବା ଫଳରେ ଏଥିରେ ପଂଜିକୃତ ହୋଇଥିବା ଗରିବ ଲୋକ ବିଶେଷ କରି ଆଦିବାସୀ ଦଳିତ ମହିଳମାନେ ରୋଜଗାରରୁ ବଂଚିତ ହୋଇଛନ୍ତି । ଦେଶ ସାଧୀନତା ପରେ ଆମ ଦେଶର ବେକାରୀ ହାର ସର୍ବୋଚ୍ଚ ସ୍ଥାନରେ ପହଂଚିଛି । ଶିକ୍ଷାର ଗେରୁଆ କରଣ ଓ ଘରୋଇ କରଣ ଫଳରେ ଗରିବ, ନିମ୍ନ, ମଧ୍ୟବିତ୍ତ ଘର ପିଲାମାନେ ପାଠ ପଢାରୁ ବଂଚିତ । ଆମ ଦେଶର ପ୍ରାକୃତିକ ସମ୍ପଦ ଜଙ୍ଗଲ ଜମି ଦଳ ଠାରୁ ଆରମ୍ଭ କରି ଖଣି ଖାଦାନ, କଳକାରଖାନା, ବିଭିନ୍ନ ଗବେଷଣା ମୂଳକ ଅନୁଷ୍ଠାନକୁ ପୁଞ୍ଜିପତି କମ୍ପାନୀ ହାତରେ ଟେକି ଦିଆଯାଉଛି । ଆଦିବାସୀ ଓ ଦଳିତଙ୍କ ଅଧିକାର ଉପରେ ଆକ୍ରମଣ ହେବା ସହିତ ଭିଟା ମାଟିରୁ ଉଚ୍ଛେଦ କରାଯାଉଛି । ଏହା ବିରୁଦ୍ଧରେ ଏକ ବ୍ୟାପକ ଗଣ ଆନ୍ଦୋଳନ ଜରିଆରେ କେନ୍ଦ୍ର ରାଜ୍ୟ ବିଜେପି ସରକାରକୁ ଉଚିତ ଜବାବ ଦେବା ପାଇଁ ଏବଂ ଦିଲ୍ଲୀ ଛାତ୍ର ଆନ୍ଦୋଳନରୁ ଶିକ୍ଷା ନେଇ ଆଗାମୀ ଦିଗରେ ସମସ୍ତ ଶ୍ରମଜିବୀ ମଣିଷଙ୍କର ବ୍ୟାପକ ଏକତା ଗଢିତୋଳିବା ପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ । ପରିବହନ କମର୍ଚାରୀ ସମିତିର ମନୋରଞ୍ଜନ ପରିଡା, ଅଶୋକ ଭଞ୍ଜଦେଓ, ଗଙ୍ଗାଧର ସାମଲ, ସୁଭାସ ତ୍ରିପାଠୀ, ସୁଶିଳା ପାତ୍ର, ରଞ୍ଜିତା ରାଉତ, ଆହ୍ଲାଦି ହେମ୍ବ୍ରମ, ସନ୍ଧ୍ୟା ବେହେରା, କୁଞ୍ଜଲତା ମହାନ୍ତ, ଜୟମୁନି ମହାନ୍ତ, ଲକ୍ଷ୍ମୀନାରାୟଣ ପରିଡା, କାଳୁ ଦେହୁରୀ, ଦାକ୍ଷୀନ ସରେନ, ଜ୍ୟୋତ୍ସ୍ନା ବେହେରା, ମେରିଆ ହାଁସଦା, ରେବତୀ କବି, ରେବତୀ ନାୟକ, ରଥୁଆ ସିଂ, ସାବାନା ଏନଥୋନୀ, ଗାୟତ୍ରୀ ମହାପାତ୍ର, ମହେଶ୍ୱର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ପ୍ରିନ୍ସିପାଲଙ୍କ ବଦଳି ଦାବିରେ ରାଜରାସ୍ତାରେ ଛାତ୍ରୀ

## ନିୟମିତ ପାଠପଢ଼ା ହେଉନଥିବା ଅଭିଯୋଗ



**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜ ଜିଲ୍ଲା,ବିଶୋଇ ବ୍ଲକ ଅନ୍ତର୍ଗତ ବାଡୁଣିଆ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ନେଇ ଶତାଧିକ ଛାତ୍ରୀ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଥିଲେ । ବିଦ୍ୟାଳୟରେ ନିୟମିତ ପାଠପଢ଼ା ହେଉନଥିବା, ଅନ୍ନ-ଜଳର ମାନ ନିମ୍ନମାନର ହେବା ସହ ବିଭିନ୍ନ ଅବ୍ୟବସ୍ଥା ନେଇ ଛାତ୍ରୀ ମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ଆନ୍ଦୋଳନରତ ଛାତ୍ରୀ ମାନଙ୍କ ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟରେ ନିୟମିତ ଭାବେ ପାଠପଢ଼ା ହେଉନଥିବାରୁ ସେମାନଙ୍କ ଶିକ୍ଷା ବ୍ୟବସ୍ଥା ପ୍ରଭାବିତ ହେଉଛି । ସେହିପରି ବିଦ୍ୟାଳୟରେ ମିଳୁଥିବା ଅନ୍ନ-ଜଳର ମାନକୁ ନେଇ ମଧ୍ୟ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ. ବିଭିନ୍ନ ସମସ୍ୟା ସମ୍ପର୍କରେ ବାରମ୍ବାର ଜଣାଇବା ସତ୍ତ୍ୱେ ଏହାର ସମାଧାନ ହେଉନଥିବା ଅଭିଯୋଗ କରି ଛାତ୍ରୀମାନେ ରାଜରାସ୍ତାରେ ବସିଥିଲେ। ଏଥିସହ ବିଦ୍ୟାଳୟର ପ୍ରିନ୍ସିପାଲଙ୍କ ବଦଳି ଦାବି ମଧ୍ୟ ଆନ୍ଦୋଳନରତ ଛାତ୍ରୀମାନେ ଉଠାଇଥିଲେ । ଛାତ୍ରୀମାନଙ୍କ ରାସ୍ତା ଅବରୋଧ ଯୋଗୁଁ ଉଭୟ ପାର୍ଶ୍ୱରେ ଯାନବାହନ ଚଳାଚଳ କିଛି ସମୟ ପାଇଁ ପ୍ରଭାବିତ ହୋଇଥିଲା । ଖବର ପାଇ ଘଟଣାସ୍ଥଳରେ ପ୍ରଶାସନ ପହଞ୍ଚି ଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ । ତେବେ ଦାବିଗୁଡ଼ିକର ସମାଧାନ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବେ ବୋଲି ଛାତ୍ରୀମାନେ ଅଡ଼ି ବସିଥିଲେ । ପ୍ରାୟ ଦୁଇ ଘଣ୍ଟା ପରେ ଉପଖଣ୍ଡ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ଦାବି ଓ ସମସ୍ୟାର ସମାଧାନ ନେଇ ଆଶ୍ୱାସନା ଦେବା ପରେ ଆନ୍ଦୋଳନ ହଟିଥିଲା ।

## ଓଡ଼ିଶା ସାମ୍ବାଦିକ ସଙ୍ଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

# ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତରେ ବିଲୟକୁ ବିରୋଧ

## ପୂର୍ବବତ୍ ଯୋଜନା ଚାଲୁ ରଖିବା ସହ ସାମ୍ବାଦିକଙ୍କ ପିତାମାତାଙ୍କୁ ସାମିଲ ପାଇଁ ଦାବି



**ବାରିପଦା(ଅମୃତମିଡିଆ):** ରାଜ୍ୟ ସରକାରଙ୍କ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନାରେ ପରିବର୍ତ୍ତନ କରାଯିବା ପ୍ରୟାସକୁ ଓଡ଼ିଶା ସାମ୍ବାଦିକ ସଂଘ (ଅଜେୟୁ) ମୟୂରଭଞ୍ଜ ଜିଲ୍ଲା ୟୁନିଟ ପକ୍ଷରୁ ବିରୋଧ କରାଯାଇଛି । ଏନେଇ ଜିଲ୍ଲାପାଳଙ୍କ ଅନୁପସ୍ଥିତି ରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ରରେ କୁହାଯାଇଛି ଯେ, କାର୍ଯ୍ୟରତ ସାମ୍ବାଦିକମାନଙ୍କ ପାଇଁ ପ୍ରଚଳିତ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନାରେ ପରିବର୍ତ୍ତନ କରାଯିବା ନେଇ ଚାଲିଥିବା ପ୍ରକ୍ରିୟା ସାମ୍ବାଦିକ ମହଲରେ କ୍ଷୋଭ ତଥା ଅସନ୍ତୋଷ ସୃଷ୍ଟି କରିଛି । ସଂଘ ପକ୍ଷରୁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ପୂର୍ବବତ ସ୍ୱତନ୍ତ୍ର ଭାବେ ଜାରି ରଖାଯିବା ସହ ସାମ୍ବାଦିକମାନଙ୍କ ପିତାମାତାଙ୍କୁ ମଧ୍ୟ ବୀମା ଯୋଜନାରେ ସାମିଲ କରାଯାଉ ବୋଲି ଦୃଢ଼ ଦାବି କରାଯାଇଛି । ସରକାର ଏହି ଦାବି ଉପରେ ତୁରନ୍ତ ସ୍ପଷ୍ଟ ଓ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି କିମ୍ବା ବିବୃତି ଜାରି ନ କଲେ, ଓଜେୟୁ ପକ୍ଷରୁ ସାରା ରାଜ୍ୟରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ସଙ୍ଘ ପକ୍ଷରୁ ସାମ୍ବାଦିକ ଅଭିଜିତ ମହାନ୍ତି, ସାରଦା ପ୍ରସାଦ ବାରିକ, ଦୀପକ କୁମାର ନାୟକ, ମନୋଜ କୁମାର ପଣ୍ଡା, ଦୋଳ ଗୋବିନ୍ଦ ବାରିକ, ସୁକାନ୍ତ କୁମାର ସାହୁ, ମାନସ କୁମାର ବେହେରା, ପ୍ରିୟବ୍ରତ ମିଶ୍ର, ତପନ କୁମାର ଦାସ, ସେକ୍ ସିରାଜୁଦ୍ଦିନ, ସୁକାନ୍ତ କୁମାର ଜୀଉ, ସୁବ୍ରତ କୁମାର ଦାସ, ଦିଲ୍ଲୀପ କୁମାର ପାତ୍ର, ରୋହିତ କୁମାର ବେହେରା, ରୂପମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ରାସ୍ତା ପାଲଟିଛି ମରଣଯନ୍ତା; ମାନବାଧିକାର ଆୟୋଗ ଦେଲେ ତଦନ୍ତ ନିର୍ଦ୍ଦେଶ

**ବାରିପଦା(ଅମୃତମିଡିଆ):** ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ଗ୍ରାମାଞ୍ଚଳ ରାସ୍ତା ଗୁଡିକ ଅବସ୍ଥା ସାଙ୍ଘାତିକ ହୋଇ ପଡିଛି । ପ୍ରଶାସନର ଅବହେଳାକୁ ନେଇ ଏଭଳି ଏକ ଖବର ସାମ୍ନାକୁ ଆସିଛି ଉକ୍ତ ଜିଲ୍ଲା ଅନ୍ତର୍ଗତ ବହଳଦା ବ୍ଲକର ଇନ୍ଦଖୋଳି ଗ୍ରାମରୁ । ସୂଚନା ଅନୁସାରେ ଉକ୍ତ ଗ୍ରାମର ଆଖଡ଼ା ଛକରୁ ବିଲଡୁଙ୍ଗୁରି ପର୍ଯ୍ୟନ୍ତ ରାସ୍ତା ଅତ୍ୟନ୍ତ ଖରାପ ଥିବା ଯୋଗୁଁ ସମାଜସେବୀ ବିକାଶ ନାୟକ ଗତ ୦୯. ୦୨. ୨୦୨୫ରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ଦ୍ୱାରା ଜିପିଡିପି ଯୋଜନା ଅଧୀନରେ ଆର୍ଥିକ ବର୍ଷ ୨୦୨୫-୨୬ ରେ ରାସ୍ତା ମରାମତି କରାଯିବ ବୋଲି ୦୭. ୦୩. ୨୦୨୫ରେ ଜିଲ୍ଲାପାଳଙ୍କୁ ଚିଠି କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ରାସ୍ତା ମରାମତି କରା ନଯିବାରୁ ରାସ୍ତା ଅଧିକ ବିପଦଗାମୀ ହେବା ଯୋଗୁଁ ସମାଜସେବୀ ଶ୍ରୀ ନାୟକ ଗଣମାଧ୍ୟମରେ ଅଭିଯୋଗ କରିବାରୁ ଖବର ପ୍ରସାରଣ କରାଯିବା ପରେ ପୁନଶ୍ଚ ଉକ୍ତ ବିଡ଼ିଓ ଏମ.ଜି.ଏନ.ଆର.ଜି.ଏ ଯୋଜନା ଅଧୀନରେ ଆର୍ଥିକ ବର୍ଷ ୨୦୨୫-୨୬ ରେ କରାଯିବ ବୋଲି ଚିଠି ନଂ ୩୦୧୪ ଯୋଗେ ଗତ ୧୪. ୧୧. ୨୦୨୫ ରେ ଜିଲ୍ଲାପାଳଙ୍କୁ ଚିଠି କରିଥିଲେ । ମାତ୍ର ବର୍ତ୍ତମାନ ସୁଦ୍ଧା ରାସ୍ତାକୁ କୌଣସି ମରାମତି ନକରିବାରୁ ପ୍ରାୟ ୭ ଟି ଗ୍ରାମର ଲୋକ ଉକ୍ତ ରାସ୍ତାରେ ଯିବା ଆସିବା ବନ୍ଦ କରିଦେଇଛନ୍ତି । ଯାହାକୁ ନେଇ ସମାଜସେବୀ ଶ୍ରୀ ନାୟକ ଗତ ୩୧. ୦୭. ୨୦୨୬ ରେ ମାନବାଧିକାର ଆୟୋଗରେ ମାମଲା ରୁଜ୍ଜୁ କରିଛନ୍ତି । ଯାହାର ମାମଲା ନମ୍ବର ୩୧୧୦/୨୦୨୬ ଅଟେ । ଘଟଣା ସମ୍ପର୍କରେ ତଦନ୍ତ କରି ଆସନ୍ତା ନଭେମ୍ବର ୧୭ ତାରିଖ ସୁଦ୍ଧା ରିପୋର୍ଟ ଦେବା ନିମନ୍ତେ



ଜଷ୍ଟିସ ଏସ.ପୂଜାହାରୀ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଉକ୍ତ ଆୟୋଗରୁ ଚିଠି ଯୋଗେ ସୂଚନା ଦେଇଛନ୍ତି । ତେବେ କେବେ ତିଆରି ହେବ ଏ ରାସ୍ତା, ଲୋକେ କେବେ ମୁକ୍ତି ପାଇବେ ଯମ ଯନ୍ତ୍ରଣାରୁ ତାହା ଦେଖିବାକୁ ବାକି ରହିଲା ।

## ଗଛରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ବାରିପଦା /ସାହାରପଡ଼ା (ଅମୃତମିଡିଆ):** କେନ୍ଦୁଝରର ସାହାରପଡା ଫାଣ୍ଡି ଅନ୍ତର୍ଗତ ଖଡ଼ିବେଡ଼ା ଗ୍ରାମ ନିକଟରେ ଥିବା ଜାମୁ ଗଛରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାରକୁ ନେଇ ଚାଞ୍ଚଲ୍ୟ ପ୍ରକାଶ ପାଇଛି। ସେ ହେଲେ ପାଟଣା ଥାନା ଅନ୍ତର୍ଗତ ମାଛଗଡ଼ - ପଇତାମଞ୍ଜା ଗ୍ରାମର ସୁରେନ୍ଦ୍ର ମହାନ୍ତଙ୍କ ପୁଅ ଯଶୋବନ୍ତ ମହାନ୍ତ (୩୭)। ଘଟଣା ସମ୍ପର୍କରେ ସୂଚନା ପାଇ ସାହାରପଡା ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ଭାବେ ମାନସିକ ଚାପ ଯୋଗୁଁ ଏଭଳି ଘଟଣା ଘଟିଥିବା ଆଶଙ୍କା କରା ଯାଉଥିଲେ ମଧ୍ୟ ପ୍ରକୃତ କାରଣ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଏ ନେଇ ପାଟଣା ଥାନାରେ କେସ୍ ନମ୍ବର ୪୧ ରୁଜୁ ହୋଇଛି।

# ବେକରେ ଶାଢ଼ି ଗୁଡ଼ାଇ ଯୁବକଙ୍କ ଆତ୍ମହତ୍ୟା

**ବାରିପଦା(ଅମୃତମିଡିଆ):** ଦିନକୁ ଦିନ ଯୁବ ମହଲରେ ଅବସାଦ ଓ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଉଛି, ଯାହାକି ସାମାଜିକ କର୍ମୀ ମହଲରେ ଚିନ୍ତାର ବିଷୟ ପାଲଟିଛି । ସୂଚନାଯୋଗ୍ୟ ମୟୂରଭଂଜ ଜିଲ୍ଲାର ସିମାନ୍ତ ତିରିଂ ଥାନା ଅଞ୍ଚଳର ଦୁବୁଲାବେଡା ଗ୍ରାମର ବାଦଲ ପାତ୍ରଙ୍କ ରୋଜଗାରିଆ ୨୪ ବର୍ଷୀୟ ଭେଣ୍ଡିଆ ପୁଅ ସାଧୁ ପାତ୍ର ସୋମବାର ରାତିରେ ନିଜ ଘରେ ମାନସିକ ଭାରସାମ୍ୟ ହରାଇ ବେକରେ ଶାଢ଼ି ଗୁଡ଼ାଇ ଆତ୍ମହତ୍ୟା କରିଥିବାର ଅଭିଯୋଗ ହୋଇଛି । ଖବର ପାଇ ତିରିଂ ପୋଲିସ ମୃତକକୁ ଉଦ୍ଧାର କରି ରାଇରଙ୍ଗପୁର ହସ୍ପିଟାଲକୁ ଆଣିଥିଲେ। ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଘଟଣା ଗାଁରେ ଶୋକରେ ଛାୟା ଖେଳାଇ ଦେଇଛି।

# ରାସ୍ତା ତଳକୁ ଖସି ପଡ଼ିଲା ବାଇକ୍, ୨ ଆରୋହୀ ଆହତ

**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜ-କେନ୍ଦୁଝର ଜିଲ୍ଲା ସୀମାନ୍ତ ଗାୟଳମୁଣ୍ଡା





ପଞ୍ଚାୟତ ଅନ୍ତର୍ଗତ ଧ ବଣୀ ବାଙ୍କ ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ବାଇକ ଦୁର୍ଘଟଣା ଘଟି ଦୁଇଜଣ ଆହତ ହୋଇଛନ୍ତି। ଆହତ ଦୁଇଜଣଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରାଯାଇ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଜଣେ ଆହତଙ୍କୁ ଅଧିକ ଚିକିତ୍ସା ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ ଠାକୁରମୁଣ୍ଡା ବ୍ଲକ ଜରକ ପଞ୍ଚାୟତ ଅନ୍ତର୍ଗତ ପାଣପୋଷୀ ଗ୍ରାମର ସୁଶୀଳ ହୋ (୨୫) ଓ ଗୋବର୍ଦ୍ଧନ ହୋ (୩୦) ଦୁଇ ସାଙ୍ଗ ଏକ ବାଇକ ଯୋଗେ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଅଞ୍ଚଳ ଗୟଳମୁଣ୍ଡା, ବାଉଁଶରାୟ ଠାରେ ଥିବା ମାମୁଁ ଘରକୁ ଯାଉଥିଲେ। ତେବେ ଧବଣୀ ବାଙ୍କ ନିକଟରେ ବାଇକଟି ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସି ପଡ଼ିଥିଲା। ଦୁର୍ଘଟଣା ପରେ ରାସ୍ତାରେ ଯାଉଥିବା ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଉଭୟ ଆହତଙ୍କୁ ଉଦ୍ଧାର କରିଥିଲେ। ପରେ ସେମାନଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଭର୍ତ୍ତି କରାଯାଇଥିଲା। ଦୁର୍ଘଟଣାରେ ଗୋବର୍ଦ୍ଧନ ହୋଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବା ବେଳେ ସୁଶୀଲ ହୋଙ୍କ ପାଦ ଓ ମୁହଁରେ ଆଘାତ ଲାଗିଛି। ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତରୀ ଚିକିତ୍ସା ଜାରି ରହିଥିଲା। ପରବର୍ତ୍ତୀ ସମୟରେ ସୁଶୀଲ ହୋଙ୍କୁ ଅଧିକ ଚିକିତ୍ସା ଓ ପରୀକ୍ଷା ପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିବା ଜଣାପଡ଼ିଛି।

# ସେପ୍ଟେମ୍ବର ୨୨ରୁ ୯ଦିନ ବ୍ୟାପୀ ବାରିପଦାରେ ଜାତୀୟ ନାଟ୍ୟ ମହୋତ୍ସବ




**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜର ପ୍ରତିଷ୍ଠିତ 'ଆମେ : ବାରିପଦା' ନାଟ୍ୟସଂସ୍ଥା ଦ୍ୱାରା ଆଗାମୀ ସେପଟ୍ଟେମ୍ବର ମାସ ୨୨ ରୁ ୩୦ ତାରିଖ, ଦୀର୍ଘ ନଅ ଦିନ ବ୍ୟାପୀ ଐତିହାସିକ ଦ୍ୱିତୀୟ ଜାତୀୟ ନାଟ୍ୟ ମହୋତ୍ସବ ସ୍ଥାନୀୟ ଶହୀଦ ସ୍ମୃତି ଭବନଠାରେ ଆୟୋଜିତ ହେବାକୁ ଯାଉଅଛି । ଏଥି ନିମନ୍ତେ ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ଡକ୍ଟର ବିଜୟ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ ବାରିପଦାସ୍ଥିତ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ମହୋତ୍ସବ ର ଆଭିମୁଖ୍ୟ ସଂପର୍କରେ ଆବାହକ ତଥା ସାଧାରଣ ସମ୍ପାଦକ ବିଶିଷ୍ଟ ଅଭିନେତା, ନାଟ୍ୟକାର ଓ ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ ଆଲୋକପାତ କରି କହିଥିଲେ ଏହି ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରର ପ୍ରତିଷ୍ଠିତ ନାଟ୍ୟଦଳମାନେ ସେମାନଙ୍କର ଉତ୍କୃଷ୍ଟ ନାଟକ ପରିବେଷଣ କରିବା ସହିତ ବିରଳ ପ୍ରତିଭାଧର ମାନେ ମହାସମ୍ମାନରେ ସମ୍ବର୍ଦ୍ଧିତ ହେବେ । ବିଭିନ୍ନ ପ୍ରତିଯୋଗିତାରେ ବିଜ୍ଞ ବିଚାରକ ଭାବେ ଯୋଗ ଦେଇଥିବା ଜୟନ୍ତ ସେନାପତି, ଡକ୍ଟର ପ୍ରକାଶ ଚନ୍ଦ୍ର ଦାଶ, ପ୍ରୟାସ ଶତପଥୀ, ପ୍ରଦୀପ ସରଘରିଆ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରଛାତ୍ରୀମାନଙ୍କ ପ୍ରତିଭା ସଂପର୍କରେ ପ୍ରକାଶ କରିଥିବା ବେଳେ ଡକ୍ଟର ଅସୀମା ସାହୁ ମହୋତ୍ସବ ଅବସରରେ ଅନୁଷ୍ଠିତ ହେଇଯାଇଥିବା ଚମତ୍କାର ନାଟ୍ୟ ଆଲୋଚନାଚକ୍ରମାନ ସଂପର୍କରେ ନିଜର ଭାବଗର୍ଭକ ଭାଷଣ ରଖିଥିଲେ । ବାରିପଦା କଳାକାର ପରିବାର ର ସଭାପତି ସନ୍ତୋଷ ମହାନ୍ତି ଓ ବାସ୍ତବ ପରିବାରର ସଭାପତି ଶାନ୍ତନୁ ପାଢୀ ଜିଲ୍ଲାସ୍ତରୀୟ ନାଟକ ଲିଖନ ପ୍ରତିଯୋଗିତାର ଅଭିନବ ପରିକଳ୍ପନାକୁ ବହୁ ପ୍ରଶଂସା କରିଥିବା ବେଳେ ବିଭିନ୍ନ ପ୍ରତିଯୋଗିତାରେ ବିଜେତାମାନଙ୍କର ନାମ ଜାତୀୟ ନାଟ୍ୟ ମହୋତ୍ସବ ର ଅନ୍ତିମ ରଜନୀରେ ଘୋଷଣା କରାଯାଇ ସେମାନଙ୍କୁ ପୁରସ୍କୃତ କରାଯିବ ବୋଲି ମିଡିଆ ସଂଯୋଜକ ସୋମନାଥ ସିଂହ ପ୍ରକାଶ କରିଥିଲେ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ କାର୍ଯ୍ୟକାରୀ ସଂପାଦକ ରାଜୀବ କୁମାର ପାତ୍ର ।

## ଶ୍ରୀ ତ୍ରୟମ୍ବକେଶ୍ୱର ମନ୍ଦିରକୁ ଭୂଦାନ କଲେ କ୍ଷେତ୍ରମୋହନ

**ବାରିପଦା(ଅମୃତମିଡିଆ):** ଯଶିପୁର ଥାନା ଅନ୍ତର୍ଗତ ଗେକ୍ଷଡାପଳସା ଏକ ପୁରାତନ



ଧର୍ମପରାୟଣ ଗ୍ରାମ ଭାବେ ବେଶ୍ ପରିଚିତ । ସେଠାକାର ଲେକ୍ଷକଂକ ଅସାମାନ୍ୟ ଐକ୍ୟ ଓ ସଦଭାବ ହେତୁ ଆଜିକୁ ୪ବର୍ଷ ହେଲା ସେଠାରେ ଶ୍ରୀ ତ୍ରୟମ୍ବକେଶ୍ୱର ଶିବ ମନ୍ଦିର ପ୍ରତିଷ୍ଠା ହେବା ସହିତ ନାନାଦି ପବିତ୍ର ଧାର୍ମିକ ଓ ଆଧ୍ୟାତ୍ମିକ ଅନୁଷ୍ଠାନ ହୋଇ ଆସୁଛି । ଇତିମଧ୍ୟରେ, ଗ୍ରାମର ବିଶିଷ୍ଟ ଶିବଭକ୍ତ, ଅବସରପ୍ରାପ୍ତ ପୋଷ୍ଟମାଷ୍ଟର କ୍ଷେତ୍ରମୋହନ ତନ୍ତୀ ୩୦ ଡେସିମିଲ୍ ଜମି ଉକ୍ତ ମନ୍ଦିରକୁ ଦାନ କରିଛନ୍ତି । ଯଦ୍ୱାରା ମନ୍ଦିରର ଆନୁଷଙ୍ଗିକ ସାଂସ୍କୃତିକ ଓ ଧାର୍ମିକ କାର୍ଯ୍ୟ ସଂପାଦନ ହେବା ସହିତ ଏହାର ଆର୍ଥିକ ଭିତ୍ତିଭୂମିକୁ ନିଶ୍ଚୟ ସୁଦୃଢ଼ କରିବ । ଗତକାଲି ରରୁଆଁ ସବରେଜିଷ୍ଟ୍ରାର୍ ଅଫିସରେ ଜମିର କବଲା ମନ୍ଦିର ନାମରେ କରା ଯାଇଛି । ଏ ମନ୍ଦିର ଏ ଅଂଚଳରେ ଏକ ପବିତ୍ର ବାତାବରଣ ସୃଷ୍ଟି କରିଛି, ଏଥିରେ ଦ୍ୱିରୁକ୍ତି ନାହିଁ । ପବିତ୍ର ଶ୍ରାବଣ ମାସରେ ଗ୍ରାମର କାଉଡିଆମାନେ ବହୁ ସଂଖ୍ୟାରେ ବୈତରଣୀ ନଦୀରୁ ଜଳ ଆଣି ମନ୍ଦିରରେ ଜଳାଭିଷେକ କରିଛନ୍ତି । ପୂଜକ ଶ୍ରୀକୁମାର ପାଣିଗ୍ରାହୀ ଏହି ପବିତ୍ର ପୂଜାକୁ ସମାପନ କରିଥିଲେ। ଗ୍ରାମର ବହୁ ଭକ୍ତମାନେ ଏଥିରେ ଯୋଗ ଦେଇଥିଲେ ।

## ଭତ୍ତାରୁ ବଂଚିତ ୮୦ ବର୍ଷୀୟ ବୃଦ୍ଧ; ଆଧାର କାର୍ଡ ସାଜିଛି ବାଧକ

**ବାରିପଦା(ଅମୃତମିଡିଆ):** ବୟସର ସାୟାହ୍ନରେ ପରିବାରର ସ୍ନେହ, ସହଯୋଗ ଓ ସରକାରୀ ଯୋଜନାରୁ ବଂଚିତ ହୋଇ ରାସ୍ତାରେ ସାଜିଛନ୍ତି ଭିକାରୀ । ଭାରତ ୮୦ ତମ ସ୍ୱାଧୀନତା ଦିବସ ପାଳୁଥିବା ବେଳେ ପୀଡିତଙ୍କ ବୟସ ୮୦ । ସୂଚନାଯୋଗ୍ୟ ଯେ, ମୟୂରଭଞ୍ଜ ଜିଲ୍ଲା, ବିଶୋଇ ବ୍ଲକ, ଲୁହାକାନୀ ପଞ୍ଚାୟତର ଲକ୍ଷ୍ମୀପୋଷି ଗ୍ରାମର ଅଶୀତିପର ବିନ୍ଦୁ ନାଏକଙ୍କ ଜୀବନ ସଂଘର୍ଷର ଏକ ହୃଦୟ ବିଦାରକ କରୁଣ ଚିତ୍ର ଦେଖିବାକୁ ମିଳିଛି। ପେଟର ଭୋକ ମେଣ୍ଟାଇବା ପାଇଁ ସେ ଆଜି ବି ରାସ୍ତା କଡ଼ରେ ବସି ଓଳିଆ, ଜରି, ପ୍ଲାଷ୍ଟିକ ବୋତଲ, ବର୍ଜ୍ୟବସ୍ତୁ ଗୋଟାଇ ବିକ୍ରି କରି ଜୀବିକା ନିର୍ବାହ କରୁଛନ୍ତି। ସୂଚନା ଅନୁଯାୟୀ, ବିନ୍ଦୁ ନାଏକଙ୍କ ପାଖରେ ରେସନ କାର୍ଡ ଥିବାରୁ ସେ ପ୍ରତିମାସ ସରକାରଙ୍କ ପକ୍ଷରୁ ୫ କିଲୋ ଚାଉଳ ପାଉଛନ୍ତି। ସରକାରୀ ଆବାସ ଯୋଜନାରେ ଏକ ଘର ମିଳିଥିଲେ ମଧ୍ୟ ବର୍ତ୍ତମାନ ତାହା ଅତ୍ୟନ୍ତ ଜର୍ଜର ଓ ବାସଯୋଗ୍ୟ ଅବସ୍ଥାରେ ନାହିଁ। ସବୁଠାରୁ ଦୁଃଖଦ ବିଷୟ ହେଉଛି, ତାଙ୍କ ପାଖରେ ପରିଚୟପତ୍ର ଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଆଧାର କାର୍ଡ ହୋଇପାରିନାହାନ୍ତି । ଫଳରେ ସେ ସରକାରୀ ବାର୍ଦ୍ଧକ୍ୟ ଭତ୍ତା ତଥା ୮୦ ବର୍ଷ ହେଲେ



୩୫୦୦ ଟଙ୍କା ଭତ୍ତା ସମେତ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଯୋଜନାର ସୁବିଧାରୁ ବଞ୍ଚିତ ହୋଇ ରହିଛନ୍ତି। କେବଳ ଆଧାର କାର୍ଡର ଅଭାବ ତାଙ୍କ ଜୀବନକୁ ଆହୁରି କଷ୍ଟଦାୟକ କରିଦେଇଛି। ଅନ୍ୟପକ୍ଷରେ, ବୃଦ୍ଧଙ୍କର ଦୁଇଜଣ ପୁଅ ଥିବା ସତ୍ତ୍ୱେ ତାଙ୍କର ଯତ୍ନ ନେଉନଥିବା ଅଭିଯୋଗ ସାମ୍ନାକୁ ଆସିଛି। ପରିବାରର ସହଯୋଗ ନମିଳିବାରୁ ବୟସର ଏହି ଅବସ୍ଥାରେ ମଧ୍ୟ ସେ କଠିନ ପରିଶ୍ରମ କରି ଜୀବିକା ନିର୍ବାହ କରିବାକୁ ବାଧ୍ୟ ହୋଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ, ପ୍ରଶାସନ ପକ୍ଷରୁ ବିନ୍ଦୁ ନାଏକଙ୍କ ଆଧାର କାର୍ଡ ଶୀଘ୍ର ପ୍ରସ୍ତୁତ କରାଯିବା ସହ ବାର୍ଦ୍ଧକ୍ୟ ଭତ୍ତା ଓ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇ ଦେବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

# ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଯାପିତ

**ବାରିପଦା(ଅମୃତମିଡିଆ):** ରାଇରଙ୍ଗପୁରସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଗତ ୭ତାରିଖ ଠାରୁ ୩ ଦିନ ଧରି ଚାଲିଆସୁଥିବା ରାଜ୍ୟସ୍ତରୀୟ ୭୨ତମ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା -୨୦୨୬ ଉଦଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ମନ୍ତ୍ରୀ ଇଂ. ଗଣେଶ ରାମ ସିଂଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଚରଣ ହେମ୍ବ୍ରମ, ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲପାଳ ଅଜିତ କୁମାର, ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ରାଇରଙ୍ଗପୁର ଉପଜିଲ୍ଲାପାଳ ଉଗ୍ରସେନ ଓରାମ, ରାଇରଙ୍ଗପୁର ଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଜେନା, ଓଡିଶା ଅଲମ୍ପିକ ଆସୋସିଏସନ ସଭାପତି ସମୀର କୁମାର ମହାନ୍ତି ପ୍ରମୁଖଙ୍କ ସମେତ ସ୍ୱତନ୍ତ୍ର



ଅତିଥି ଭାବେ କ୍ରୀଡା ଜଗତର ସୁନାମ ଧନ୍ୟ କ୍ରୀଡ଼ାବିତ ତଥା ଅଲମ୍ପିଆଡ଼ ଏବଂ ଅର୍ଜୁନ ପୁରସ୍କାରପ୍ରାପ୍ତ ଧାବିକା ଦୂତି ଚାନ୍ଦ ଯୋଗଦେଇ କ୍ରୀଡ଼ା କେବଳ ଶାରୀରିକ ଦକ୍ଷତାର ବିକାଶ କରେ ନାହିଁ, ବରଂ ଶୃଙ୍ଖଳା, ଏକାଗ୍ରତା, ଧୈର୍ଯ୍ୟ, ନେତୃତ୍ୱ ଓ ଦଳଗତ ମନୋଭାବର ବିକାଶରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ବୋଲି କହିଥିଲେ । ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା କନିଷ୍ଠ ବର୍ଗର ଶତାଧିକ ପ୍ରତିଭାବାନ କ୍ରୀଡ଼ାବିତ ବିଭିନ୍ନ ଦୌଡ଼, ଲମ୍ଫ ଓ ନିକ୍ଷେପ ଇଭେଣ୍ଟରେ ଅଂଶଗ୍ରହଣ କରି ନିଜର କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରିଥିଲେ. ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରି ରେକର୍ଡ ସୃଷ୍ଟି କରିଥିବା କ୍ରୀଡ଼ାବିତ୍‌ମାନଙ୍କୁ ଉଦ୍‌ଯାପନୀ ଉତ୍ସବରେ ପଦକ, ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଏହି ଅବସରରେ ପ୍ରତିଯୋଗିତାକୁ ସୁଚାରୁ ଓ ସଫଳତାର ସହ ଆୟୋଜନ କରିବାରେ ସହଯୋଗ କରିଥିବା ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ, କ୍ରୀଡ଼ା ବିଭାଗ, ଓଡ଼ିଶା ଆଥଲେଟିକ୍ସ ସଂଘ, ବିଚାରକମଣ୍ଡଳୀ, ପ୍ରଶିକ୍ଷକ, ସ୍ୱେଚ୍ଛାସେବୀ ଓ ସମସ୍ତ ସହଯୋଗୀଙ୍କୁ ଆୟୋଜକଙ୍କ ପକ୍ଷରୁ ବିଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



# କନ୍ୟାରୀବାଡିରେ ବେସାହାରା ହେଲେ ୪ କୁନିଛୁଆ
## ସାହାଯ୍ୟର ହାତ ବଢ଼େଇବା ପାଇଁ ଗ୍ରାମବାସୀଙ୍କ ନିବେଦନ



**ବେଗୁନିଆପଡା (ଅମୃତ ମିଡିଆ):** ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ୍ ଅନ୍ତର୍ଗତ ବୁରୁଝରି ପଞ୍ଚାୟତ କନ୍ୟାରିବାଡି ଗ୍ରାମରେ ଦେଖିବାକୁ ମିଳିଛି ଏକ ଦୁଃଖଦ ଘଟଣା ।ବେସାହାରା ହୋଇଗଲେ ଚାରି କୁନି ଛୁଆ । ୨୦୨୫ ମସିହାରେ ସେମାନଙ୍କ ବାପା ବାହନ ଡାକୁଆ (୪୦) ଙ୍କ ଦେହାନ୍ତ ହୋଇଥିଲା । ଦୁଃଖ କଷ୍ଟରେ ମା ସୁକାନ୍ତି ୪ ସନ୍ତାନକୁ ନେଇ ଯେନେତେନେ ପ୍ରକାରେ ଚଳି ଆସୁଥିଲେ । ବିଧିର ବିଧାନ କେତେ ଦାରୁଣ । ଗତ ୭ ତାରିଖ ଦିନ ତାଙ୍କ ମା ସୁକାନ୍ତି ଡାକୁଆ (୩୬)ଙ୍କ ଦେହାନ୍ତ ହୋଇଯାଇଛି । ଘରେ ୭୫ ବର୍ଷୀୟ ବୁଢ଼ୀ ମା । ।ଏବେ କୁନି କୁନି ଚାରି ଛୁଆଙ୍କ ସାହାରା ହେବ କିଏ  ଚାରି ଛୁଆଙ୍କ ମଧ୍ୟରେ ୩ ଝିଅ ୧ ପୁଅ । ଘରେ ଟଙ୍କା ପଇସା ବୋଲି କିଛି ନାହିଁ । ଚାରି ଛୁଆଙ୍କ ମଧ୍ୟରୁ ବଡ ଝିଅ ପୂଜା ର ବୟସ ହେଉଛି ୧୫ । ସେ ଦଶମ ଶ୍ରେଣୀରେ ପଢୁଛି । ମଝିଆ ଝିଅ ଲିଜା ବୟସ (୧୩) ସେ ଅଷ୍ଟମ ଶ୍ରେଣୀରେ ପଢୁଛି । ସାନ ଝିଅ ରାତ୍ରୀ ବୟସ (୧୦) ସେ ପଞ୍ଚମ ଶ୍ରେଣୀରେ ପଢୁଛି । ସବା ସାନ ହେଉଛି ପୁଅ ଭାଗବତ ଯାହାର ବୟସ ମାତ୍ର ୨ ବର୍ଷ । ଏଭଳି ଦୁଃଖଦ ଘଟଣା ଯିଏ ଶୁଣୁଛି ତା ଆଖିରୁ ଲୁହ ଝରି ପଡୁଛି । ବର୍ତ୍ତମାନ ଅଜା ଆଇ ଏହି ଛୁଆ ମାନଙ୍କର ଦାୟୀତ୍ୱ ନେଉଛନ୍ତି । ସେମାନଙ୍କ ଆର୍ଥିକ ପରିସ୍ଥିତି ମଧ୍ୟ ସ୍ୱଚ୍ଛଳ ନାହିଁ । ଗୋଟିଏ ପଟେ ଚାରି ଛୁଆଙ୍କ ଚଳିବା ପାଇଁ ଟଙ୍କାର ଆବଶ୍ୟକତା ଥିବା ବେଳେ ସେପଟେ ମାଆ ର ଶୁଦ୍ଧିକ୍ରିୟା କରିବା ପାଇଁ ଟଙ୍କା ନାହିଁ । ଏନେଇ ପ୍ରଶାସନ ଏବଂ ବଦାନ୍ୟ ବ୍ୟକ୍ତି ବିଶେଷଙ୍କୁ ସାହାଯ୍ୟର ହାତ ବଢ଼େଇବା ଗ୍ରାମବାସୀ ମାନେ ନିବେଦନ କରିଛନ୍ତି ।

# ନିଶାମୁକ୍ତି ପ୍ରତିଜ୍ଞା ଓ ସଚେତନତା କାର୍ଯ୍ୟକ୍ରମ




**ବେଗୁନିଆପଡା (ଅମୃତ ମିଡିଆ):** ମଙ୍ଗଳବାର ଦିବା ୧୧ ଘଟିକା ସମୟରେ କୋଦଳା ସ୍ଥିତ ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟ ରେ ନିଶାମୁକ୍ତି ପ୍ରତିଜ୍ଞା ଓ ସଚେତନତା ସଭା ମହାବିଦ୍ୟାଳୟ ର ଅଧ୍ୟକ୍ଷ ଶ୍ରୀଯୁକ୍ତ ରଘୁନାଥ ମୁଦୁଲିଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଅନ୍ତର୍ନିହିତ ଗୁଣାବଳୀ ବର୍ଦ୍ଧକ ସଂଯୋଜକ ଶ୍ରୀ ସପନ କୁମାର ଦାଶ ଏ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କେ ବକ୍ତବ୍ୟ ପ୍ରଦାନ କରିଥିଲେ କ୍ଷପ୍ରଶାସନିକ ଅଧିକାରୀ ଶ୍ରୀମତୀ ରଞ୍ଜୁବାଳା ନନ୍ଦ ନିଶା ର ଭୟଙ୍କର ପ୍ରଭାବ ଉପରେ ଆଲୋଚନା କରିଥିଲେ । ମହାବିଦ୍ୟାଳୟ ର ଅଧ୍ୟକ୍ଷ, ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, କୋଦଳା ଶାଖା ର  ମୁଖ୍ୟ ପରିଚାଳିକା ରାଜଯୋଗିନୀ ବ୍ରହ୍ମକ୍ଷକୁମାରୀ ସୁମିତ୍ରା ଭଉଣୀ ,ବି କେ ମମତା, ବି କେ ସଞ୍ଜୟ , ବି କେ ଦୀନବନ୍ଧୁ ଭାଇ ଆଦି ସଦସ୍ୟ ଯୋଗଦେଇ ନିଶାମୁକ୍ତ ସମାଜରୁ ଯୁବଶକ୍ତିକୁ ମୁକ୍ତ କରାଇବା ନିମନ୍ତେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଯୋଗାଇଥିଲେ । ନିଶାମୁକ୍ତ ସମାଜ ଗଠନ ନିମନ୍ତେ ଏକ ଶପଥ ପାଠ ଅନୁଷ୍ଠିତ ହୋଇଥିଲା ଜାତୀୟ ସେବା ଯୋଜନା ର ସଂଯୋଜିକା ଶ୍ରୀମତୀ ସାଗରିକା ଦାଶ,ଯୁବ ରେଡ଼କ୍ରସ ର ସଂଯୋଜକ ଶ୍ରୀ ରତ୍ନାକର ପ୍ରଧାନ,ରସାୟନ ବିଜ୍ଞାନ ଅଧ୍ୟାପିକା ସୁଶ୍ରୀ ମନୀଷା ପଟ୍ଟନାୟକ, ଗଣିତ ବିଭାଗୀୟ ଅଧ୍ୟାପିକା ସୁଶ୍ରୀ ଭୁବନେଶ୍ୱରୀ ରାୟସାମନ୍ତଙ୍କ ସମେତ ଅନେକ ଅଧ୍ୟାପିକା, ଅଧ୍ୟାପକ ଓ ଅଣ କର୍ମଚାରୀଙ୍କ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ସଫଳ ରୂପାୟନ ହୋଇଥିଲା ପରିଶେଷରେ ଫିଟ କଲେଜ ର ନୋଡାଲ ଅଧିକାରୀ ଶ୍ରୀ ଲିପୁନ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସହିଦ ଖୁଦିରାମ ବୋଷଙ୍କ ୧୧୮ତମ ସହିଦ ଦିବସ ପାଳିତ



**ବ୍ରହ୍ମପୁର (ଅମୃତ ମିଡିଆ):** ଦେଶର ସବୁଠାରୁ କନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ଓ ଅମର ଶହୀଦ ଖୁଦିରାମ ବୋଷଙ୍କ ୧୧୮ତମ ସହିଦ ଦିବସ ଆଜି ପୂଜ୍ୟ ପୂଜା ସମିତି ତରଫରୁ ବ୍ରହ୍ମପୁର ବିଜିପୁର କମ୍ୟୁନିଟି ହଲ୍ ଠାରେ ଶ୍ରଦ୍ଧାର ସହ ପାଳନ କରାଯାଇଛି । କାର୍ଯ୍ୟକ୍ରମର ଆରମ୍ଭରେ ଶହୀଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ସ୍ମରଣ ସଭାରେ ସମିତି ସମ୍ପାଦକ ଏସ୍. ସାମ୍ବସିବା ରାଓ ଅଧକ୍ଷତା କରିଥିବା ବେଳେ ସମାଜସେବୀ ଶ୍ରୀ ସୁରେନ୍ଦ୍ର ନାଥ ପଣ୍ଡା ଖୁଦିରାମ ବୋଷଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ ।

ସେ କହିଲେ, ମାତ୍ର ୧୮ ବର୍ଷ ବୟସରେ ଦେଶ ପାଇଁ ହସି ହସି ଫାଶୀ ବରଣ କରିଥିବା ଖୁଦିରାମଙ୍କ ତ୍ୟାଗ ଆଜି ମଧ୍ୟ ଯୁବ ପିଢ଼ିଙ୍କୁ ଦେଶପ୍ରେମର ପ୍ରେରଣା ଦେଉଛି । ୧୯୦୮ ମସିହା ଅଗଷ୍ଟ ୧ ତାରିଖରେ ସେ ମୁଜାଫରପୁର ଜେଲରେ 'ବନ୍ଦେ ମାତରମ୍' ଧ୍ୱନି ଦେଇ ଶହୀଦ ହୋଇଥିଲେ କ୍ଷ ଏହି ଅବସରରେ ମାନବ ଅଧିକାର ସୁରକ୍ଷା ମଞ୍ଚର ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ଅବସରପ୍ରାପ୍ତ ଅଧ୍ୟାପକ ମନୋରଞ୍ଜନ ସାହୁ, ଜଗନ୍ନାଥ ପାଢ଼ୀ, ମହମ୍ମଦ ସଫିଉଦ୍ଦିନ ମଲ୍ଲିକ, ମହେଶ୍ୱର ବାଡତ୍ୟା, ଅବନୀ ଗୟା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ସମସ୍ତ ବକ୍ତା ଖୁଦିରାମଙ୍କ ଆଦର୍ଶକୁ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଚାର କରିବା ସହ ପାଠ୍ୟ ପୁସ୍ତକରେ ମଧ୍ୟ ସ୍ଥାନ ଦେବାପାଇଁ ଗୁରୁତ୍ୱ ଦେଇଥିଲେ ।

# ସ୍ତ୍ରୀକୁ କିରୋସିନି ଢାଳି ନିଆଁ ଲଗାଇ ହତ୍ୟା ଘଟଣା...
## ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡାଦେଶ




**ବେଗୁନିଆପଡା (ଅମୃତ ମିଡିଆ):** ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ବୁଢାମ୍ବ ଠାରେ ବିବାହର ୮ ବର୍ଷ ପରେ ସ୍ତ୍ରୀ କୁ କିରୋସିନି ଢାଳି ନିଆଁ ଲଗାଇ ହତ୍ୟା ମାମଲାର ଆଜି ରାୟ ପ୍ରକାଶ ପାଇଛି । କୋଦଳା ସ୍ଥିତ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ବିଶ୍ୱ ରଞ୍ଜନ ବେହେରା ଉକ୍ତ ମାମଲାର ଆଜି ରାୟ ପ୍ରକାଶ କରିଛନ୍ତି । ଅଭିଯୁକ୍ତ ସ୍ୱାମୀକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ଅତିରିକ୍ତ ଜିଲ୍ଲା ଦୌରାଜଜ୍ । ଏଥି ସହିତ ୫୦ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ ସତ୍ତ୍ୱେ ଅଧିକ ୬ ମାସ କାରାଦଣ୍ଡାଦେଶ ହୋଇଥିବା ରାୟରେ ଉଲ୍ଲେଖ କରିଛନ୍ତି କୋର୍ଟ ।ସୂଚନା ମୁତାବକ ଗତ ୧୧ ଅକ୍ଟୋବର ୨୦୨୨ ରେ ବୁଢାମ୍ବ ଠାରେ ସ୍ତ୍ରୀ କୁଂ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା । ସ୍ୱାମୀ ସଦାମ ହୁସେନ୍ ନିଜ ସ୍ତ୍ରୀ ସନିମା ବିବିଙ୍କୁ କିରୋସିନି ଢାଳି ନିଆଁ ଲଗାଇ ଦେଇଥିଲେ ।ଗୁରୁତର ଅବସ୍ଥାରେ ତାଙ୍କୁ ଖୋର୍ଦ୍ଧା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । କିଛି ଦିନ ହସ୍ପିଟାଲରେ ଜୀବନ ମରଣ ସହ ସଂଘର୍ଷ କରି ଶେଷରେ ପିଡିତା ମହିଳାଙ୍କ ଗତ ୨୩ ଡିସେମ୍ବର ୨୦୨୨ ରେ ମୃତ୍ୟୁ ଘଟିଥିଲା । ଏହି ମାମଲାରେ ସ୍ୱାମୀ ସଦାମ ହୁସେନ୍ , ଶାଶୁ ସାଇରା ଭାନୁ, ୨ ନଣନ୍ଦ ସାଜିଦା ବିବି, ଓ୍ୱାହିଦା ବିବିଙ୍କ ନାମରେ କବିସୂର୍ଯ୍ୟନଗର ଥାନାରେ ମାମଲା ରୁଜୁ ହୋଇଥିଲା । ତେବେ କୋର୍ଟ ମୋଟ ୨୧ ଜଣ ସାକ୍ଷୀଙ୍କ ବୟାନକୁ ଭିତି କରି ସ୍ୱାମୀକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିବା ବେଳେ ଶାଶୁ ଓ ୨ ନଣନ୍ଦଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ମୁଖ୍ୟ ଅଭିଯୁକ୍ତ ସ୍ୱାମୀକୁଂ କୋଦଳା ଉପ କାରାଗାରକୁ ପଠାଇ ଦିଆଯାଇଛି ।

# ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାର ପରିବର୍ତ୍ତନକୁ ବିରୋଧ



## ଓଜେୟୁ ଗଞ୍ଜାମ ଜିଲ୍ଲା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ଛତ୍ରପୁର (ଅମୃତ ମିଡିଆ):** ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନାରେ ପରିବର୍ତ୍ତନ କରିବା ପ୍ରକ୍ରିୟାକୁ ବିରୋଧ କରିଛି ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) ଗଞ୍ଜାମ ଜିଲ୍ଲା ଶାଖା । ଏନେଇ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପଠାଯାଇଥିଲା ।

# ଘଟଣା/ଦୁର୍ଘଟଣା

## ପିକଅପ୍-କାର୍ ମୁହାଁମୁହିଁ ଧକ୍କା: ମହିଳାଙ୍କ ମୃତ୍ୟୁ



**ଭଞ୍ଜନଗର (ଅମୃତ ମିଡିଆ):** ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ମୁଜାଗଡ଼ ପେଟ୍ରୋଲ ପମ୍ପ ନିକଟରେ ମଙ୍ଗଳବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏଥିରେ ଜଣେ ମହିଳା ମୃତ୍ୟୁବରଣ କରିଥିବାବେଳେ ୩ ଜଣ ଆହତ ହୋଇଛନ୍ତି । ଆହତ ମାନଙ୍କୁ ଭଞ୍ଜନଗର ମେଡିକାଲରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇ ଦିଆଯାଇଛି । ମୃତ ମହିଳା ଜଣକ କୋଟଗଡ ଅଞ୍ଚଳର ଅମିତା ସିଂଘଟଣାରୁ ପ୍ରକାଶ ଯେ, ଆନନ୍ଦ ବର୍ଷାରଙ୍କ ସାଥିରେ ଜଣେ ମହିଳା ଅମିତା ଏବଂ ଜଣେ ଶିଶୁ ମିଶି ଏକ କାର ଯୋଗେ ବ୍ରହ୍ମପୁର ଯାଉଥିଲେ । ଏହି ସମୟରେ ମୁଜାଗଡ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ପିକଅପ ଗାଡ଼ି ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଏହାପରେ ସମ୍ପୃକ୍ତ ଅଞ୍ଚଳବାସୀ ଉଭୟ ଗାଡ଼ିର ୪ ଜଣ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ହସ୍ପିଟାଲ ଆଣିଥିଲେ । ଏଠାରୁ ସମସ୍ତଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ଅଧିକ ଚିକିତ୍ସା ପାଇଁ ନେବାବେଳେ ମହିଳା ଜଣକ ମୃତ୍ୟୁବରଣ କରିଛନ୍ତି ।

## ବେକରେ ଶାଢି ଲଗାଇ ଯୁବକଙ୍କ ଆତ୍ମହତ୍ୟା




**ବାରିପଦା (ଅମୃତ ମିଡିଆ):** ଦିନକୁ ଦିନ ଯୁବ ମହଲରେ ଅବସାଦ ଓ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଉଛି ଯାହାକି ସାମାଜିକ କର୍ମି ମହଲରେ ଚିନ୍ତାର ବିଷୟ ପାଲଟିଛି ।

ସୂଚନାଯୋଗ୍ୟ ମୟୂରଭଂଜ ଜିଲ୍ଲାର ସିମାନ୍ତ ତିରିଂ ଥାନା ଅଞ୍ଚଳର ଦୁବୁଲାବେଡା ଗ୍ରାମର ବାଦଲ ପାତ୍ରଙ୍କ ରୋଜଗାରିଆ ୨୪ ବର୍ଷୀୟ ଭେଣ୍ଡିଆ ପୁଅ ସାଧୁ ପାତ୍ର ସୋମବାର ରାତିରେ ନିଜ ଘରେ ମାନସିକ ଭାରସାମ୍ୟ ହରାଇ ବେକରେ ଶାଢ଼ୀ ଗୁଡ଼ାଇ ଆତ୍ମହତ୍ୟା କରିଥିବା ର ଅଭିଯୋଗ ହୋଇଛି । ଖବର ପାଇ ତିରିଂ ପୋଲିସ ମୃତକକୁ ଉଦ୍ଧାର କରି ରାଇରଙ୍ଗପୁର ? ହସ୍ପିଟାଲକୁ ଆଣିଥିଲେ ।ଡାକ୍ତର ମୃତ ଘୋଷଣା କରିଥିଲେ ।ଭେଣ୍ଡିଆ ପୁଅ ସାଧୁ ପାତ୍ର  କେଉଁ ପରିସ୍ଥିତିରେ ନିଜର ଅମୂଲ୍ୟ ଜୀବନକୁ ହରାଇଲା ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ଚାଲିଛି ।ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରାଇ ଆଜି ମଙ୍ଗଳବାର ଦିନ ଶବ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି । ସାଧୁର ମୃତ୍ୟୁକୁ ନେଇ ଗାଁରେ ଶୋକରେ ଛାୟା ଖେଳିଯାଇଛି ।

## ଥାନାରୁ ଜେସିବି ଚୋରି

**ବାରିପଦା (ଅମୃତ ମିଡିଆ):** ପୋଲିସ ଜବତ କରିଥିବା ଜେସିବିକୁ ବାଲି ମାଫିଆମାନେ ଚୋରାଇ ନେଇଥିଲେ । ମାତ୍ର ଏହାକୁ ପୁଣି ଜବତ କରି ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ରାସଗୋବିନ୍ଦପୁର ଥାନା ପୋଲିସ । ତେବେ ଜେସିବି ମାଲିକ, ଅନ୍ୟ ୨ ଜଣ ଅଟକ ଥିବା ସୂଚନା ମିଳିଛି । ସୂଚନା ଅନୁସାରେ, ଦେବଶୋଳ ଅଞ୍ଚଳରେ କେତେକ ସ୍ଥାନରେ ଗଚ୍ଛିତ ଚୋରା ବାଲିକୁ ଜେସିବି ସାହାଯ୍ୟରେ ଡମ୍ପରରେ ବୋଝେଇ କରି ଚାଲାଣ ହେଉଥିଲା । ଖବର ପାଇ ରାସଗୋବିନ୍ଦପୁର ପୋଲିସ  ବିଳମ୍ବିତ ରାତିରେ ଚଢ଼ାଉ କରିଥିଲା । ଘଟଣାସ୍ଥଳରୁ ଡମ୍ପର ଚମ୍ପଟ ମାରିଥିବା ବେଳେ ଜେସିବି ମେସିନକୁ ଜବତ କରି ଚାଳକ ସହ ଥାନାକୁ ଆଣିଥିଲା ପୋଲିସ ।

## ବଡ଼ ଯା' ହତ୍ୟା ମାମଲା...
### ୫ବର୍ଷ ପରେ ସାନଯା' ନିର୍ଦ୍ଦୋଷରେ ଖଲାସ

**ଭଞ୍ଜନଗର (ଅମୃତ ମିଡିଆ):** ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ବିଞ୍ଜିଗିରି ଗ୍ରାମର ବଡ ଯାଆ ସଙ୍ଗୀତା ସାଇଁଙ୍କୁ ତାଙ୍କ ସାନ ଯା' ଅମି ସାଇଁ ଯୋଜନାବଦ୍ଧ ଭାବେ ଗତ ୨୦୨୧ ମସିହା ମେ ମାସ ୨୧ ତାରିଖରେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା । ଉକ୍ତ ମାମଲାର ରାୟ ସୋମବାର ପ୍ରକାଶ ପାଇଛି । ଭଞ୍ଜନଗର ଏଡିଜେ ଶେଖ ମହମ୍ମଦ କଏସ ମାମଲାର ବିଚାରଣ କରି ପ୍ରମାଣ ଅଭାବରୁ ଅଭିଯୁକ୍ତ ଅମି ସାଇଁଙ୍କୁ ନିର୍ଦ୍ଦୋଷରେ ଖଲାସ କରିଦେଇଛନ୍ତି ।

ଘଟଣାରୁ ପ୍ରକାଶ ଯେ, ଦୁଇ ଯାଆ ମଧ୍ୟରେ ଭଲ ସମ୍ପର୍କ ନ ଥିଲା । ତେଣୁ ମଝିରେ ମଝିରେ ଉଭୟଙ୍କ ମଧ୍ୟରେ ବିବାଦ ଥିଲା । ଘଟଣା ଦିନ ଅମି ସଙ୍ଗୀତାଙ୍କ ଲୁଗାରେ ଯୋଜନାବଦ୍ଧ ଭାବେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଥିଲା । ଏହାପରେ ସଙ୍ଗୀତାଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଜୁନ ମାସ ୩ ତାରିଖରେ ସଙ୍ଗୀତା ଚିକିତ୍ସାଧିନ ଅବସ୍ଥାରେ କଟକ ବଡ ମେଡିକାଲରେ ମୃତ୍ୟୁବରଣ କରିଥିଲେ । ସେ ସମୟରେ ସଙ୍ଗୀତାଙ୍କ ମା'ଙ୍କ ଏତଲାକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ଅମିଙ୍କୁ ଜୁଲାଇ ମାସ ୨୪ ତାରିଖରେ ଗିରଫ କରିଥିଲେ । ଅମି ସେବେଠୁ ଜେଲରେ ବନ୍ଦୀ ଜୀନ ବିତାଉଥିବାବେଳେ ଆଜି ଜେଲରୁ ମୁକୁଳିଛନ୍ତି । ମୁଦଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଅନିତା ପଣ୍ଡା, ଅଶୋକ ଗୌଡ଼, ଧ୍ରୁବ ତ୍ରିପାଠୀ, ପିତବାସ ବିଷୋୟୀ ପ୍ରମୁଖ ମାମଲା ପରିଚାଳନା କରୁଥିଲେ ।

## ଅସିତ୍ ଧଳ ମନ୍‌କୀ ବାତ୍ ସଂଯୋଜକ



**କେନ୍ଦ୍ରାପଡା (ଅମୃତ ମିଡିଆ):** ବିଜେପି ଯୁବନେତା ଅସିତ କୁମାର ଧଳଙ୍କୁ ମନକିବାତ୍ ସଂଯୋଜକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କେନ୍ଦ୍ରାପଡା ବ୍ଲକର ୭ନମ୍ବର ଜୋନ ମା'ପଥରକଣୀ ମଣ୍ଡଳର ଭାରତୀୟ ଜନତା ପାର୍ଟି ପକ୍ଷରୁ ମନକିବାତ୍ ର ସଂଯୋଜକ ଭାବେ ଯୁବନେତା ଅସିତ ଧଳଙ୍କୁ ମନୋନିତ କରାଯାଇଛି । ଏହି ନିଯୁକ୍ତି ନିମନ୍ତେ ଶ୍ରୀ ଧଳ କେନ୍ଦ୍ରାପଡା ବିଧାନସଭା କ୍ଷେତ୍ରର ପ୍ରିୟ ନାରୀନେତ୍ରୀ ଗୀତାଞ୍ଜଳୀ ସେଠୀ, ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ମନକିବାତ୍ ଜିଲ୍ଲା ପ୍ରଭାରୀ ତେଜେଶ୍ୱର ପରିଡା ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# କମୁଛି ଜଳସ୍ତର: ବନ୍ୟା ପରେ ବିପନ୍ନଙ୍କ ସଂଘର୍ଷ



**ପଟ୍ଟାମୁଣ୍ଡାଇ (ଅମୃତ ମିଡିଆ):** ବ୍ରାହ୍ମଣୀ ନଦୀର ଜଳସ୍ତର କ୍ରମଶଃ କମିବାରେ ଲାଗିଛି । ମୁଖ୍ୟ ରାସ୍ତା ଉପରୁ ପାଣି ଖସିଥିଲେ ମଧ୍ୟ ତଳିଆ ଅଞ୍ଚଳର ରାସ୍ତାଘାଟ ବୁଡ଼ି ରହିଛି । ଚାଷଜମି ସମ୍ପୂର୍ଣ୍ଣ ଭାବେ ବୁଡ଼ି ରହିବା ସହ ଗୋରୁଗାଇମାନେ ଖୁଣ୍ଟରେ ବନ୍ଧା ହୋଇଛନ୍ତି । ପାଣି ଛାଡିବା ପରେ ବିପନ୍ନମାନେ ଘର ସଜାଡ଼ିବାରେ ଲାଗିଛନ୍ତି । ବନ୍ୟା ଯୋଗୁ କଚ୍ଚାଘର ଗୁଡିକ ଭାଙ୍ଗିଥିବା ବେଳେ ଚାଷ ସଂପୁର୍ଣ୍ଣ ଉଜୁଡ଼ିଯାଇଛି ।

୬ଟି ପଞ୍ଚାୟତ ଆଜିବି ପାଣି ଘେରରେ

ଅସଜଡା ଘରକୁ ସଜାଡ଼ି ଅଣ୍ଟା ସଳଖ କରି କିପରି ଠିଆ ହେବେ ସେଥିପାଇଁ ସେମାନେ ସଂଘର୍ଷ ଚଳାଇଛନ୍ତି । ପାଣି ଛାଡି ଥିଲେ ମଧ୍ୟ ସିଂହଗାଁ ସମେତ ପାଖାପାଖି ୬ଟି ପଞ୍ଚାୟତ ଆଜି ସୁଦ୍ଧା ପାଣି ଘେରରେ ରହିଛି । ପଟ୍ଟାମୁଣ୍ଡାଇ ବ୍ଲକର ୧୨ ପଂଚାୟତ ଓ ପେ??ରାଞ୍ଚଳର ୬ ଓ୍ୱାର୍ଡରେ ଆଜି ବିପନ୍ନମାନଙ୍କୁ ଚୁଡା, ବିସ୍କୁଟ, ପାଣି ଓ ଗୁଡ଼ ପ୍ରଶାସନ ପକ୍ଷରୁ ବଣ୍ଟନ କରାଯାଇଛି ।

ମଣିଷ-କୁମ୍ଭୀର ସଂଘର୍ଷ ହ୍ରାସ, ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ବିପଦସଙ୍କୁଳ ଗ୍ରାମଗୁଡ଼ିକରେ 'ଘରକୁ ଘର ବୁଲି' ସଚେତନତା ଅଭିଯାନ ଆରମ୍ଭ ହୋଇଛି । ବନ୍ୟାଜଳ ବୃଦ୍ଧି ହେତୁ ନଦୀକୂଳିଆ ଅଞ୍ଚଳରୁ କୁମ୍ଭୀରମାନେ ଜନବସତି କିମ୍ବା ଲୋକମାନେ ବ୍ୟବହାର କରୁଥିବା ନଦୀଘାଟ ନିକଟକୁ ଚାଲି ଆସିବାର ଯଥେଷ୍ଟ ସମ୍ଭାବନା ରହିଛି । ତେଣୁ ଜନସାଧାରଣଙ୍କ ସୁରକ୍ଷା ପାଇଁ ବନ ବିଭାଗର କ୍ଷେତ୍ର କର୍ମଚାରୀମାନେ ବନ୍ୟାପ୍ରବଣ ଗ୍ରାମଗୁଡ଼ିକ ପରିଦର୍ଶନ କରି



କୁମ୍ଭୀର ସହ ସମ୍ଭାବ୍ୟ ମୁକାବିଲା ଏବଂ ଏଥିରୁ ରକ୍ଷା ପାଇବାକୁ ସତର୍କତାମୂଳକ ପଦକ୍ଷେପ ବିଷୟରେ ଲୋକଙ୍କୁ ସଚେତନ କରାଯାଉଛି ।



### ।।। ୧୩୩ ଦିନରେ ନୀରବ ସତ୍ୟାଗ୍ରହ ପଦଯାତ୍ରା ।।।

# ୧୨ରୁ ପଶ୍ଚିମଦ୍ୱାର ପଟେ ଅହିଂସାମୂଳକ ପ୍ରବେଶ ପ୍ରୟାସ





**ପୁରୀ (ବ୍ୟୁରୋ):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ସହରବାସୀଙ୍କ ନିମନ୍ତେ ସ୍ୱତନ୍ତ୍ର ପ୍ରବେଶ ଓ ଦର୍ଶନ ବ୍ୟବସ୍ଥା ଦାବିରେ ଚାଲିଥିବା ନୀରବ ସତ୍ୟାଗ୍ରହ ପଦଯାତ୍ରା ଆଜି ୧୩୩ତମ ଦିନରେ ପହଞ୍ଚିଛି । ଗତ ଅପ୍ରେଲ ୧, ଉତ୍କଳ ଦିବସ ଠାରୁ ପୁରୀ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ପୀଠରୁ ପ୍ରତ୍ୟହ ନୀରବ ପଦଯାତ୍ରା ନିରବଚ୍ଛିନ୍ନ ଭାବେ ଜାରି ରହିଛି । ପୁରୀବାସୀଙ୍କ ଦାବି ହେଉଛି, ଶ୍ରୀମନ୍ଦିରରେ ପୂର୍ବପରି ପୁରୀ ସହରବାସୀଙ୍କ ପାଇଁ ସ୍ୱତନ୍ତ୍ର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନ ସୁବିଧା ପୁନଃସ୍ଥାପନ କରାଯାଉ । ଏହି ଦାବିକୁ ନେଇ ୧୩୩ ଦିନ ଧରି ନୀରବତା, ଶାନ୍ତି ଓ ଅହିଂସାର ପଥରେ ସତ୍ୟାଗ୍ରହ ଜାରି ରହିଛି । ମଞ୍ଚର ପଦଯାତ୍ରୀ ସତ୍ୟାଗ୍ରହୀମାନଙ୍କ କହିବା ଅନୁଯାୟୀ ଗତ ଜୁନ ୨୩ ତାରିଖରେ ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପୁରୀବାସୀଙ୍କ ପାଇଁ ଆଧାର କାର୍ଡ ମାଧ୍ୟମରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନ ବ୍ୟବସ୍ଥା କରାଯିବ ବୋଲି କହିଥିଲେ । ମନ୍ତ୍ରୀଙ୍କ ଏହି କଥାକୁ ପାଥେୟ କରି ପୁରୀବାସୀ ଆଶା ଓ ବିଶ୍ୱାସର ସହ ଅପେକ୍ଷା କରିଆସିଛନ୍ତି । ରଥଯାତ୍ରା ସମାପ୍ତ ହୋଇଥିଲେ ମଧ୍ୟ ଘୋଷିତ ବ୍ୟବସ୍ଥା ଏଯାଏଁ କାର୍ଯ୍ୟକାରୀ ହୋଇନଥିବାରୁ ପୁରୀବାସୀଙ୍କ ମଧ୍ୟରେ ନିରାଶା ପ୍ରକାଶ ପାଇଛି । ମନ୍ତ୍ରୀଙ୍କ ଘୋଷଣାକୁ ପାଥେୟ କରି ଏବଂ ପୁରୀବାସୀଙ୍କ ଦୀର୍ଘଦିନର ଦାବିକୁ ସମ୍ମାନ ଦେଇ ଘୋଷିତ ବ୍ୟବସ୍ଥାକୁ ତୁରନ୍ତ ବାସ୍ତବ ରୂପ ଦେବା ପାଇଁ ପୁରୀ ସହରବାସୀଙ୍କୁ ସ୍ୱତନ୍ତ୍ର ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ମଞ୍ଚ ପକ୍ଷରୁ ସର୍ବସମ୍ମତି କ୍ରମେ ନୂଆ ନିଷ୍ପତ୍ତି ନିଆଯାଇଛି । ଏହି ପରିପ୍ରେକ୍ଷୀରେ ଆସନ୍ତାକାଲି ୧୨ ଅଗଷ୍ଟରୁ ପ୍ରତ୍ୟହ ସନ୍ଧ୍ୟା ସମୟରେ ପୁରୀବାସୀ ନିଜ ଆଧାର କାର୍ଡ ଦେଖାଇ ଶ୍ରୀମନ୍ଦିରର ପଶ୍ଚିମ ଦ୍ୱାର ପଟେ ପ୍ରବେଶ ପାଇଁ ଅହିଂସାମୂଳକ ଭାବେ ପ୍ରୟାସ କରିବେ । ଏହି ପ୍ରୟାସ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଓ ଅହିଂସାମୂଳକ ରହିବ । କୌଣସି ପ୍ରକାରର ଉତ୍ତେଜନା, ବିଶୃଙ୍ଖଳା କିମ୍ବା ବିବାଦରେ ନଯାଇ ଶାନ୍ତି, ସଂଯମ ଓ ଅହିଂସାକୁ ମାର୍ଗ ଭାବେ ଅନୁସରଣ କରାଯିବ । ଏଥିସହ ନୀରବ ସତ୍ୟାଗ୍ରହ ପଦଯାତ୍ରା ମଧ୍ୟ ପୂର୍ବପରି ନିରବଚ୍ଛିନ୍ନ ଭାବେ ଜାରି ରହିବ । ଆଜିର ନୀରବ ସତ୍ୟାଗ୍ରହ ପଦଯାତ୍ରାରେ ସର୍ବଶ୍ରୀ ଶିବସୁନ୍ଦର ମିଶ୍ର, ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ବିଶ୍ୱନାଥ ମିଶ୍ର, ସୁକାନ୍ତ ପଣ୍ଡା, କାହ୍ନୁଚରଣ ପ୍ରଧାନ, ଦୁର୍ଗା ଚରଣ ମିଶ୍ର, ଅରୁଣା ପଟ୍ଟନାୟକ, ମମତା ଦାସ, ବନିତା ଦିକ୍ଷୀତ, ପ୍ରୀତ ରାଉତ, ସୌମ୍ୟା ସାହୁ, ରୁପା ବେହେରା, ବୈଶାଳୀ ପ୍ରଧାନ, ରଶ୍ମିତା ଦଳେଇ, ବର୍ଷା ପଣ୍ଡା, ରିତିକା ପ୍ରଧାନ, ସୁଭଦ୍ରା ସାହୁ, ଦୀପା ବେହେରା, ଶୁଭଶ୍ରୀ ମହାରଣା, ମମତା ସ୍ୱାଇଁ, ଅଭିମନ୍ୟୁ ପ୍ରଧାନ, ଲିଙ୍ଗରାଜ ସାହୁ, ନୃସିଂହନାଥ ନାୟକ, ପ୍ରକାଶ ଚନ୍ଦ୍ର ନାୟକ, ଯାଦବାନନ୍ଦ ରାୟ, ମନୋରଞ୍ଜନ ରଣସିଂହ, ଶିଶିରକାନ୍ତ ଶତପଥୀ, କିଶୋର ଚନ୍ଦ୍ର ଦାସ, ପ୍ରଫୁଲ୍ଲ କୁମାର ସାହୁ, ମାନସ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ । ମଞ୍ଚର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି, "୧୩୩ ଦିନ ଧରି ଆମେ ନୀରବ ରହିଛୁ, କିନ୍ତୁ ଆମର ଦାବି ନୀରବ ହୋଇନାହିଁ । ଆମେ କାହାରି ବିରୋଧୀ ନୁହେଁ ।

# ସ୍ୱତନ୍ତ୍ର ସଘନ ସଂଶୋଧନ ସମୀକ୍ଷା ବୈଠକ



**ପୁରୀ (ବ୍ୟୁରୋ):** ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍ଆଇଆର ସମ୍ପର୍କରେ ପୁରୀ ଜିଲ୍ଲାର ସମସ୍ତ ଛଅଟି ବିଧାନସଭା ନିର୍ବାଚନମଣ୍ଡଳୀର ସ୍ୱୀକୃତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କ ସହ ଏକ ସମୀକ୍ଷା ବୈଠକ ମଙ୍ଗଳବାର ଅପରାହ୍ନ ରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ତଥା ନିର୍ବାଚନ ଅଧିକାରୀ ଶରତ ଚନ୍ଦ୍ର ବେହେରା ଅଧକ୍ଷତା କରିବା ସହ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କରେ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ସହ ଆଲୋଚନା କରିଥିଲେ । ସମସ୍ତ ଛଅ ଗୋଟି ନିର୍ବାଚନ ପଞ୍ଜିକରଣ ଅଧିକାରୀ ୧୦୫ କାକଟପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ,୧୦୬ ନିମାପଡା ନିର୍ବାଚନ ମଣ୍ଡଳୀ ପାଇଁ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ,୧୦୭ ପୁରୀ ନିର୍ବାଚନ ମଣ୍ଡଳୀ ପାଇଁ ଉପଜିଲ୍ଲାପାଳ,୧୦୮ ବ୍ରହ୍ମଗିରି ପାଇଁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ,୧୦୯ ସତ୍ୟବାଦୀ ପାଇଁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଓ ୧୧୦ ପିପିଲି ନିର୍ବାଚନ ମଣ୍ଡଳୀ ପାଇଁ ଅତିରିକ୍ତ ଉପ ଜିଲ୍ଲାପାଳ ଦାୟିତ୍ୱ ରେ ରହିଛନ୍ତି ।ବୈଠକରେ ଦାବି ଓ ଆପତ୍ତି ସମ୍ବନ୍ଧୀୟ ଫର୍ମ ୯, ୧୦, ୧୧, ୧୧ ଏ ଓ ୧୧ ବି ରେ ଗ୍ରହଣ କରାଯାଇଥିବା ତାଲିକାଗୁଡ଼ିକ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ସୂଚନା ଓ ଆବଶ୍ୟକ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ହସ୍ତାନ୍ତର କରାଯାଇଥିଲା ।ପ୍ରତିନିଧିମାନଙ୍କୁ ଚାଲୁଥିବା ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର ବିସ୍ତାରିତ ଏସଆଇଆର ୨୦୨୬ ସମୟସୀମା ଏବଂ ସଂଶୋଧିତ କାର୍ଯ୍ୟସୂଚୀ ସମ୍ପର୍କରେ ମଧ୍ୟ ଅବଗତ କରାଯାଇଥିଲା । ସମୟୋପଯୋଗୀ କାର୍ଯ୍ୟାନୁଷ୍ଠାନ ଏବଂ ସଂଶୋଧନ କାର୍ଯ୍ୟକ୍ରମର ସୁଚାରୁ, ସ୍ୱଚ୍ଛ ଓ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ନିଶ୍ଚିତ କରିବା ପାଇଁ ଦାବି ଓ ଆପତ୍ତିର ନିଷ୍ପତ୍ତି ସମ୍ବନ୍ଧୀୟ ବ୍ୟବସ୍ଥା ଓ ସମୟସୀମା ବିସ୍ତୃତ ଭାବେ ଆଲୋଚିତ ହୋଇଥିଲା ।ଏହି ବୈଠକ ଚାଲୁଥିବା ଏସଆଇଆର ପ୍ରକ୍ରିୟା ସମ୍ପର୍କରେ ସ୍ୱୀକୃତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କୁ ସ୍ପଷ୍ଟୀକରଣ ଚାହିବା ଏବଂ ନିଜ ମତାମତ ରଖିବାର ସୁଯୋଗ ପ୍ରଦାନ କରିଥିଲା । ନିର୍ବାଚନ କର୍ତ୍ତୃପକ୍ଷମାନେ ଭୋଟର ତାଲିକା ପ୍ରସ୍ତୁତି ଓ ସଂଶୋଧନରେ ସ୍ୱଚ୍ଛତା, ସମାବେଶୀକରଣ ଓ ସଠିକତା ନିଶ୍ଚିତ କରିବା ପ୍ରତି ନିଜର ପ୍ରତିବଦ୍ଧତା ସମ୍ପର୍କରେ ଆଲୋଚନା କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଉପଜିଲ୍ଲାପାଳ ରାଜକିଶୋର ଜେନା, ଅତିରିକ୍ତ ଉପଜିଲ୍ଲାପାଳ ନୀଳମାଧବ ମାଝୀ, ଡେପୁଟି କଲେକ୍ଟର ରୁନୀତା ପ୍ରଧାନ,ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

# ଘୋଷଣାନାମାକୁ ୧୮ ମାସ ବିତିଲା

## ଆରମ୍ଭ ହେଲାନି ଦେବାଳୟ ପ୍ରକଳ୍ପ କାର୍ଯ୍ୟ



**ପୁରୀ (ବ୍ୟୁରୋ):** ଶ୍ରୀମନ୍ଦିର ଚାରିପାଖରେ ଥିବା ୧୯ଟି ମଠ ପରିକ୍ରମା ପ୍ରକଳ୍ପ ନିର୍ମାଣ ବେଳେ କ୍ଷତିଗ୍ରସ୍ତ ହୋଇଥିଲା । ସେଥିପାଇଁ ମଠମାନଙ୍କୁ କୌଣସି କ୍ଷତିପୂରଣ ରାଶି ମିଳି ନଥିଲା । ଫଳରେ ମଠାଧିଶମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କ୍ଷତିଗ୍ରସ୍ତ ୧୯ଟି ମଠର ପୁନର୍ବାସ ସହ ଗୋଟିଏ ସ୍ଥାନରେ ସମସ୍ତ ମଠର ବିଜେସ୍ଥଳୀ ରଖିବା ପାଇଁ ସୂଚନା ଦେଇଛନ୍ତି । ନୂତନ ସରକାର କ୍ଷମତାକୁ ଆସିବା ପରେ ଦେବାଳୟ ପ୍ରକଳ୍ପ ଯୋଜନା ଅଧୀନରେ ରାଜ୍ୟରେ ଥିବା ମଠ, ମନ୍ଦିରମାନଙ୍କର ପୁନଃନିର୍ମାଣ, ଐତିହ୍ୟ ସହ ଧାର୍ମିକସ୍ଥଳୀର ସଂଯୋଗୀକରଣ, ସୁରକ୍ଷା ଏବଂ ସଂରକ୍ଷଣ ବ୍ୟବସ୍ଥା ପାଇଁ ୨୦୨୪ ଡିସେମ୍ବର ୩୦ ତାରିଖରେ ଘୋଷଣା କରାଯାଇଥିଲା । ଗୋଟିଏ ୱେବସାଇଟରେ ରାଜ୍ୟର ସମସ୍ତ ମଠ ଓ ମନ୍ଦିରର ସମ୍ପୂର୍ଣ୍ଣ ତଥ୍ୟ ରହିବ । ଅବହେଳିତ ହୋଇ ରହିଥିବା ମଠ, ମନ୍ଦିରଗୁଡ଼ିକର ଉନ୍ନତିକରଣ ପାଇଁ ନୂଆ ଯୋଜନା ଦେବାଳୟ ପ୍ରକଳ୍ପ ଦ୍ୱାରା କାର୍ଯ୍ୟ ଆରମ୍ଭ କରାଯିବ ବୋଲି କୁହାଯାଇଥିଲା । ୨୦୨୪ ନିର୍ବାଚନ ପୂର୍ବରୁ ସଂକଳ୍ପ ପତ୍ରରେ ବିଜେପି ଦେବାଳୟ ପ୍ରକଳ୍ପ ସମ୍ପର୍କରେ ପ୍ରତିଶ୍ରୁତି ଦେଇଥିଲା । ଯେଉଁ ମଠ, ମନ୍ଦିର ଗୁଡ଼ିକର ମରାମତି, ରକ୍ଷଣାବେକ୍ଷଣ, ପରିଚାଳନା ସମସ୍ୟା ରହିଛି ସେଗୁଡ଼ିକ ପ୍ରତି ବିଶେଷ ଧ୍ୟାନ ଦିଆଯିବ ବୋଲି ରାଜ୍ୟ ସରକାର କହିଥିଲେ । ମଠମାନଙ୍କୁ ଜମି ଆବଣ୍ଟନ ସହ ମଠର ପୂର୍ବ ଗୌରବ ପୁନରୁଦ୍ଧାର କରାଯିବ । ତେବେ ନୂତନ ଦେବାଳୟ ପ୍ରକଳ୍ପରେ ସ୍ୱତନ୍ତ୍ର ଫୋକସରେ ଶ୍ରୀମନ୍ଦିର ରହିଛି । ଏହି ଯୋଜନା ରାଜ୍ୟରେ ଆଧାତ୍ମିକ ପର୍ଯ୍ୟଟନ କ୍ଷେତ୍ରକୁ ଆହୁରି ଆଗକୁ ନେବ ବୋଲି ସରକାର ଆଶା ରଖିଥିଲେ । ରାଜ୍ୟ ସରକାରଙ୍କ ନୂଆ ଦେବାଳୟ ପ୍ରକଳ୍ପ ନେଇ ଶ୍ରୀକ୍ଷେତ୍ର ମଠାଧୀଶ ସେବା ସଂଘ ପକ୍ଷରୁ ସ୍ୱାଗତ କରାଯାଇଥିଲା । କିନ୍ତୁ ଅଦ୍ୟାବଧି ଘୋଷଣାନାମାକୁ ୧୮ ମାସ ଗତ ହୋଇଥିଲେ ମଧ୍ୟ ଦେବାଳୟ ପ୍ରକଳ୍ପ ସମ୍ପର୍କରେ ରାଜ୍ୟ ସରକାର କୌଣସି ସ୍ପଷ୍ଟତା ଆଣି ନାହାନ୍ତି । କେବଳ ପରିକ୍ରମା ପ୍ରକଳ୍ପରେ କ୍ଷତିଗ୍ରସ୍ତ ୧୯ଟି ମଠର ପୁନର୍ବାସ ସମ୍ପର୍କରେ ଆଇନମନ୍ତ୍ରୀ ସୂଚନା ଦେଇଛନ୍ତି । ଅନ୍ୟ ପକ୍ଷରେ ପୁରୀ ଜିଲାରେ ୩ହଜାର୪ଶହ ମଠ ରହିଥିବା ବେଳେ ସମ୍ପୂର୍ଣ୍ଣ ଓଡ଼ିଶାରେ ୮ରୁ ୧୦ହଜାର ମଠ ଏବଂ ଦେବାଳୟ ରହିଛି । ଏହି ପ୍ରକଳ୍ପ ଅଧିନରେ ଏହାର ପୁନଃରୁଦ୍ଧାର କରାଗଲେ ସାଧୁ, ସନ୍ଥ ଏବଂ ଭକ୍ତଗଣ ବେଶ ଆନନ୍ଦ ଅନୁଭବ କରିବେ । ପୂର୍ବ ସରକାରରେ କିଛି ଦେବାଳୟର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଯାହା ବର୍ତ୍ତମାନ ସୁଦ୍ଧା ପୂର୍ଣ୍ଣାଙ୍ଗ ହୋଇ ପାରିନାହିଁ । ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ଦେବାଳୟ ପ୍ରକଳ୍ପ ଅଧିନରେ ରାଜ୍ୟରେ ଥିବା ମଠ ଏବଂ ମନ୍ଦିର ଗୁଡ଼ିକର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ସହ ଗୋଟିଏ ୱେବସାଇଟରେ ସମସ୍ତ ତଥ୍ୟ ରଖିବା ପାଇଁ ମଠାଧିଶମାନେ ଦାବି କରିଛନ୍ତି ।

# 'ଶ୍ରୀମନ୍ଦିରରେ ଚିତାଲାଗି ଅମାବାସ୍ୟାର ବୈଶିଷ୍ଟ୍ୟ' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର



**ପୁରୀ (ବ୍ୟୁରୋ):** ଶ୍ରୀଗୁଣ୍ଡିଚା ଆଧାତ୍ମିକ ଟ୍ରଷ୍ଟ ଓଡ଼ିଶା, ପୁରୀ ଆନୁକୂଲ୍ୟରେ ସୋମବାର ରାଣୀସତୀ ଭବନ ପରିସରରେ ଶ୍ରୀମନ୍ଦିରରେ ଚିତାଲାଗି ଅମାବାସ୍ୟାର ବୈଶିଷ୍ଟ୍ୟ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ । ବରିଷ୍ଠ ଦଇତାପତି ସେବକ ରଘୁନାଥ ଦାସ ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଛନ୍ତି, ଶ୍ରୀମନ୍ଦିର ସଂସ୍କୃତି ଓ ପରମ୍ପରା ଅନୁଯାୟୀ ଜ୍ୟେଷ୍ଠ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ଦଇତା ସେବକଙ୍କ ଶ୍ରୀମନ୍ଦିର ପ୍ରବେଶ ପୂର୍ବରୁ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ମଥାରେ ଥିବା ହୀରା, ନୀଳା ଓ ବୈଦର୍ଯ୍ୟମଣି ଉଲାଗି କରାଯାଇଥାଏ । ପରବର୍ତ୍ତୀ ଦେବସ୍ନାନ ନୀତି, ଅଣସର ନୀତି, ନେତ୍ରୋତ୍ସବ, ରଥଯାତ୍ରା, ଘୋଷଯାତ୍ରା ଓ ନୀଳାଦ୍ରିବିଜେ ପରେ ଶ୍ରୀଜଗନ୍ନାଥ ସଂସ୍କୃତିର ରଥଯାତ୍ରା ଅବଧି ଶେଷ ହୋଇଥାଏ । କିନ୍ତୁ ଉଲାଗି କରାଯାଇଥିବା ଏହି ଚିତା, ଯାହାକୁ ଶ୍ରୀଗୁଣ୍ଡିୟ ଆଧାତ୍ମିକ ଟ୍ରଷ୍ଟ, ଓନି ପରୀ ଆବ୍ୟରେ ଟ୍ରଷ୍ଟର ମୁଖପତ୍ର 'ଶ୍ରୀପୁରୁଷୋତ୍ତମ ମାସ ମାହାତ୍ମ୍ୟ' ଅତିଥିଙ୍କ ଦ୍ୱାରା ଲୋକାର୍ପିତ । କରିଥାନ୍ତି । ବିଶେଷକରି କୃଷକମାନେ ଏହି ତିଥିରେ ଚିତଉ ପିଠା ପ୍ରସ୍ତୁତ କରି ବସୁମତୀସ୍ୱରୂପା ନିଜ କ୍ଷେତରେ ଦେବୀଙ୍କୁ ପୂଜା କରିଥାନ୍ତି । ବିଶିଷ୍ଟ ଅତିଥିଭାବେ ଟ୍ରଷ୍ଟର ଉପଦେଷ୍ଟା ପୁଷ୍କର ମହାପାତ୍ର, ଉପାଧ୍ୟକ୍ଷ ବିନୋଦ କୁମାର ପଣ୍ଡା, ବିନୟ ନୃସିଂହ ମହାପାତ୍ର, ଟ୍ରଷ୍ଟର ବରିଷ୍ଠ ସଦସ୍ୟା ପ୍ରତିଭା ତ୍ରିପାଠୀ, ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । ପ୍ରାରମ୍ଭରେ ଟ୍ରଷ୍ଟର ସାଧାରଣ ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଟ୍ରଷ୍ଟର ମୁଖପତ୍ର 'ଶ୍ରୀପୁରୁଷୋତ୍ତମ ମାସ ଲୋକକଥାରେ ବ୍ରହ୍ମଜ୍ୟୋତି କୁହାଯାଏ, ତାହା ପୁଣି ଚିତାଲାଗି ଅମାବାସ୍ୟାରେ ଲାଗି କରାଯାଇଥାଏ । ଏହି ନୀତି ଦଇତା ସେବକଙ୍କ ଦ୍ୱାରା ସମ୍ପନ୍ନ ହୋଇଥାଏ । ମୁଖ୍ୟ ଅତିଥିଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରାଧ୍ୟାପକ ଡ. ପ୍ରଭାତ କୁମାର ମହାପାତ୍ର ଓ ମୁଖ୍ୟବକ୍ତା । ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ସତ୍ୟନାରାୟଣ ଆଚାର୍ଯ୍ୟ ଯୋଗଦେଇ କହିଛନ୍ତି, ବ୍ରହ୍ମସ୍ୱରୂପ ଶ୍ରୀଜଗନ୍ନାଥଙ୍କର ଏହି ନୀତି ଆଧାରରେ ଆମ ଉତ୍କଳୀୟ ପରମ୍ପରା ଓ ସଂସ୍କୃତିରେ ପ୍ରତି ଗୃହିଣୀମାନେ ଚିତାଲାଗି ଅମାବାସ୍ୟା ପାଳନ ମାହାତ୍ମ୍ୟ' ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ଆଲୋଚନାଚକ୍ରରେ ପଣ୍ଡିତ ସଦାଶିବ ମିଶ୍ର, ଡ. ପ୍ରମୋଦ କୁମାର ଦଳାଇ, ପଣ୍ଡିତ ଦୟାନିଧି ତ୍ରିପାଠୀ, ଡ. କାର୍ତ୍ତିକ କୁମାର ଦାସ, ରବିଶଙ୍କର ମିଶ୍ର, ସୁରେଶ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ କ୍ରିଷ୍ଣା ମହାପାତ୍ର, ଟି. ପ୍ରକାଶ ରାଓ, ଭାଗବତ ପ୍ରସାଦ ପଟ୍ଟନାୟକ, ବନମାଳୀ ପୃଷ୍ଟି, ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ ଓ ତପନ ସେଠୀ । ଅଧିବକ୍ତା ସର୍ବାଣୀ ଦାସ ଧନ୍ୟବାଦ ଦେଇଥିଲେ ।

# ପର୍ଯ୍ୟଟକଙ୍କ ସୁନାଚେନ୍ ଛିନ୍‌ତାଇ

## ଲୁଟେରାକୁ ମାଡ଼ିବସିଲା ପୋଲିସ



**ପୁରୀ (ବ୍ୟୁରୋ):** ସମୁଦ୍ରକୂଳରେ ପର୍ଯ୍ୟଟକଙ୍କ ସୁରକ୍ଷା ଓ ଆଇନଶୃଙ୍ଖଳା ରକ୍ଷା ପାଇଁ ପୁରୀ ପୁଲିସର ନିରନ୍ତର ପାଟ୍ରୋଲିଂ ଓ ତ୍ୱରିତ ପଦକ୍ଷେପ ଯୋଗୁଁ ଜଣେ ପର୍ଯ୍ୟଟକଙ୍କ ଠାରୁ ଚୋରି ହୋଇଥିବା ସୁନା ଚେନ୍ ଉଦ୍ଧାର କରାଯିବା ସହ ଲୁଟେରାକୁ କାବୁ କରାଯାଇଛି । ସୂଚନା ଅନୁଯାୟୀ, ଢେଙ୍କାନାଳରୁ ପୁରୀ ବୁଲିବାକୁ ଆସିଥିବା କିଛି ପର୍ଯ୍ୟଟକ ସମୁଦ୍ରରେ ଗାଧୋଉଥିବା ସମୟରେ ଜଣେ ବ୍ୟକ୍ତି ସୁଯୋଗ ନେଇ ଜଣେ ପର୍ଯ୍ୟଟକଙ୍କ ବେକରୁ ସୁନା ଚେନ୍ ଛିଡ଼ାଇ ନେଇଥିଲା । ଘଟଣା ପରେ ଅଭିଯୁକ୍ତ ଜଣକ ସୁନା ଚେନ୍ ନେଇ ସେଠାରୁ ଦୌଡ଼ି ପଳାଇଥିଲା । ଘଟଣା ସମ୍ପର୍କରେ ସୂଚନା ପାଇ ପିସିଆର -୫ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ପୋଲିସ ବିଳମ୍ବ ନକରି ଲୁଟେରା ଯେଉଁ ଦିଗକୁ ଦୌଡ଼ି ପଳାଇଥିଲା, ସେହି ଦିଗକୁ ତାଙ୍କ ପିଛା କରିଥିଲେ । ପୁଲିସ କର୍ମଚାରୀଙ୍କୁ ପିଛା କରୁଥିବା ଦେଖି ଲୁଟେରା ଜଣକ ପୁରୀ ହୋଟେଲ ଲେନ ଭିତରକୁ ପଶି ଯାଇଥିଲା । ପୁଲିସକୁ ଚକମା ଦେଇ ଖସିଯିବା ଉଦ୍ଦେଶ୍ୟରେ ସେ ସାଙ୍ଗରେ ନେଇଯାଉଥିବା ସୁନା ଚେନ୍‌ଟିକୁ ସେଠାରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ନିକଟକୁ ଫୋପାଡ଼ି ଦେଇଥିଲା । ତେବେ ପୋଲିସ କର୍ମଚାରୀମାନେ ଅଭିଯୁକ୍ତଙ୍କ ଗତିବିଧିକୁ ନଜରରେ ରଖି ତାଙ୍କୁ ପିଛା କରିଥିଲେ । ଶେଷରେ ଲୁଟେରା ସେଠାରୁ ଖସି ପଳାଇବାକୁ ଚେଷ୍ଟା କରୁଥିବା ସମୟରେ ପୋଲିସ ତାଙ୍କୁ କାବୁ କରିଥିଲେ । ଏଥିସହ ଅଭିଯୁକ୍ତ ଫୋପାଡ଼ି ଦେଇଥିବା ସୁନା ଚେନ୍‌ଟି ମଧ୍ୟ ଉଦ୍ଧାର କରାଯାଇଥିଲା । ଘଟଣା ସମୟରେ ଅଭିଯୁକ୍ତଙ୍କ ଦ୍ୱାରା ସୁନା ଚେନ୍ ଛିଡ଼ାଇ ନେବା ସମୟରେ ପର୍ଯ୍ୟଟକ ଜଣକ ଆହତ ହୋଇଥିଲେ । ତାଙ୍କୁ ପୁଲିସ ପକ୍ଷରୁ ତୁରନ୍ତ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଥିଲା । ଲୁଟେରା ହେଲେ ବି. ଛାଟୁ ବେହେରା, ବୟସ ୩୩ ବର୍ଷ,ବାଲିନୋଳିଆ ସାହି, ପୁରୀ । ଲୁଟେରାକୁ ବର୍ତ୍ତମାନ ସମୁଦ୍ରକୂଳ ଥାନାରେ ଅଟକ ରଖାଯାଇଛି । ଘଟଣା ସମ୍ପର୍କରେ ଆବଶ୍ୟକ ଆଇନଗତ ପ୍ରକ୍ରିୟା ଚାଲୁ ରହିଛି । ପୁରୀ ପୁଲିସ ପକ୍ଷରୁ ପର୍ଯ୍ୟଟକ ଓ ସାଧାରଣ ଲୋକଙ୍କୁ ଅନୁରୋଧ କରାଯାଉଛି ଯେ, ସମୁଦ୍ରକୂଳରେ ଗାଧୋଇବା ସମୟରେ ନିଜର ମୂଲ୍ୟବାନ ସାମଗ୍ରୀ, ଯଥା ସୁନା ଅଳଙ୍କାର, ମୋବାଇଲ୍ ଫୋନ୍, ପର୍ସ ଓ ଅନ୍ୟାନ୍ୟ ଜିନିଷ ସୁରକ୍ଷିତ ସ୍ଥାନରେ ରଖନ୍ତୁ । ଅଜଣା ବ୍ୟକ୍ତିଙ୍କ ଗତିବିଧି ପ୍ରତି ସତର୍କ ରୁହନ୍ତୁ ଏବଂ କୌଣସି ସନ୍ଦେହଜନକ ଘଟଣା ଘଟିଲେ ତୁରନ୍ତ ନିକଟସ୍ଥ ପୁଲିସ କର୍ମଚାରୀଙ୍କୁ ଜଣାନ୍ତୁ ।

# ନିଲାମ ହେବ ରଥଚକା



**ପୁରୀ (ବ୍ୟୁରୋ):** ଶେଷ ହୋଇଛି ମହାପ୍ରଭୁଙ୍କ ଚଳିତବର୍ଷର ରଥଯାତ୍ରା । ସିଂହଦ୍ୱାର ସମ୍ମୁଖରେ ତିନିରଥ ଏବେ ଦଣ୍ଡାୟମାନ । ତେବେ ଆଗାମୀ ଦୁଇ ସପ୍ତାହ ପରେ ତିନି ରଥ ଭଙ୍ଗା କାର୍ଯ୍ୟ ଆରମ୍ଭ ହେବ । ତିନି ରଥର ଚକ, ପ୍ରଭା, ଗୁଜ, ଅସୁଆରୀକୁ ଭକ୍ତଙ୍କ ଉଦ୍ଦେଶ୍ୟରେ ନିଲାମ କରାଯିବ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ହେବାକୁ ଥିବା ରଥ ଚକ ଓ ବିଭିନ୍ନ ଅଂଶର ନିଲାମରେ ଭାଗ ନେବେ ସାଧାରଣ ଜନତା । ସୂଚନା ମୁତାବକ, ଖୁବଶୀଘ୍ର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ କରାଯାଇ ଚଳିତବର୍ଷ ପାଇଁ ରଥ ଚକ ସହିତ ରଥର ଅନ୍ୟାନ୍ୟ ଅଂଶ ନିଲାମ ନେଇ ସର୍ବନିମ୍ନ ଧାର୍ଯ୍ୟ ମୂଲ୍ୟ ସ୍ଥିର କରାଯିବ । ଜଗନ୍ନାଥପ୍ରେମୀ ଏବଂ ବିଭିନ୍ନ ଅନୁଷ୍ଠାନ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଯୋଗାଯୋଗ କରି ସମସ୍ତ ପ୍ରକ୍ରିୟାକୁ ଅନୁପାଳନ କରି ରଥ ଚକ ଏବଂ ରଥର ଅନ୍ୟାନ୍ୟ ଅଂଶ କିଣିପାରିବେ । କିଛି ବରିଷ୍ଠ ସେବକଙ୍କ ସୂଚନା ମୁତାବକ, ମହାପ୍ରଭୁଙ୍କ ରଥର ଚକ ନେବା ପାଇଁ ବହୁତ ଆବେଦନ ଆସୁଛି । ପ୍ରଥମେ ଧାର୍ମିକ ଅନୁଷ୍ଠାନ ଗୁଡିକୁ ଚକ ଦେବା ପାଇଁ ଅଗ୍ରାଧିକାର ଦିଆଯାଉ । ଦର ମଧ୍ୟ ସୁହାଇଲା ଭଳି ରଖାଯାଉ । କାରଣ ଅନେକ ଛୋଟ ଅନୁଷ୍ଠାନ ଅଛନ୍ତି ସେମାନଙ୍କ ପାଖରେ ଅର୍ଥ ଅଧିକ ନାହିଁ । ସୂଚନା ଅନୁସାରେ ୨୦୨୫ ମସିହାରେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଗୋଟିଏ ଚକର ସର୍ବନିମ୍ନ ନିଲାମୀ ମୂଲ୍ୟ ୩ ଲକ୍ଷ ଟଙ୍କା, ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥର ଚକ ଦୁଇଲକ୍ଷ ଏବଂ ଦେବୀ ସୁଭଦ୍ରାଙ୍କ ଦେବଦଳନ ରଥ ଚକର ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ରଖାଯାଇଥିଲା । ସେହିପରି ରଥର ଗୁଜ ଏବଂ ଅସୁଆରୀର ମୂଲ୍ୟ ଗୋଟା ପିଛା ୧୫ ହଜାର ଟଙ୍କା ଏବଂ ରଥର ପ୍ରଭା ପିଛା ୨୫ ହଜାର ଟଙ୍କା ରଖାଯାଇଥିଲା । ତେବେ ରଥ ଚକ ଏବଂ ରଥର ବିଭିନ୍ନ ଅଂଶର ଚାହିଦା ବହୁତ ଅଧିକ ଥିବାରୁ ଚଳିତବର୍ଷ ପୂର୍ବ ବର୍ଷ ଅପେକ୍ଷା ଅଧିକ ଦାମ ସ୍ଥିର ହେବା ନେଇ ସମ୍ଭାବନା ରହିଛି । ତେବେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ କରାଯାଇ ରଥ ଚକ ସହିତ ବିଭିନ୍ନ ଅଂଶର ନିଲାମ ଦର ଧାର୍ଯ୍ୟ ସ୍ଥିର କରାଯିବ ବୋଲି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ସୂଚନା ଦେଇଛନ୍ତି । ପୂର୍ବ ବର୍ଷ ଅପେକ୍ଷା ସର୍ବନିମ୍ନ ନିଲାମ ରାଶି ବୃଦ୍ଧି ହେବାର ସମ୍ଭାବନା ରହିଛି । ମହାପ୍ରଭୁଙ୍କ ରଥ ଚକ ଓ ଅନ୍ୟାନ୍ୟ ଅଂଶ ନେବା ପାଇଁ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ବହୁତ୍ ଉତ୍ସାହ ରହିଛି । ଚଳିତବର୍ଷ ରଥଯାତ୍ରାରେ ମହାପ୍ରଭୁଙ୍କ ତିନି ରଥର ଗୋଟିଏ ଲେଖାଏଁ ଚକ ରାଷ୍ଟ୍ରପତି ଭବନରେ ସ୍ଥାନ ପାଇବାକୁ ଯାଉଛି । ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏନେଇ ଅନୁମତି ପ୍ରଦାନ କରିଛନ୍ତି । ଯାହାକୁ ନେଇ ସେବାୟତ ଓ ଜଗନ୍ନାଥପ୍ରେମୀ ମହଲରେ ଖୁସିର ଲହରୀ ଖେଳିଯାଇଛି ।

# ସ୍ୱାଧୀନତା ଦିବସ ପାଇଁ ପରେଡ୍ ପ୍ରସ୍ତୁତି





**ପୁରୀ (ବ୍ୟୁରୋ):** ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱାଧୀନତା ଦିବସ ପାଇଁ ପ୍ୟାରେଡ ପ୍ରସ୍ତୁତି ଆରମ୍ଭ ହୋଇଛି । ମଙ୍ଗଳବାର ଅପରାହ୍ନରେ ତାଳବଣିଆ ଇଣ୍ଡୋର ଷ୍ଟାଡିୟମ ପଡିଆରେ ପ୍ୟାରେଡ ପ୍ରସ୍ତୁତି ଆରମ୍ଭ ହୋଇଛି । ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ ମାନେ ଶୃଙ୍ଖଳିତ ପ୍ୟାରେଡ ପାଇଁ ଅଭ୍ୟାସ କରୁଛନ୍ତି । ପୋଲିସ ପ୍ରଶାସନ ପକ୍ଷରୁ ସେମାନଙ୍କୁ ସହଯୋଗ କରାଯାଉଛି । ପୁରୀ ଜିଲ୍ଲାସ୍କୁଲ, ବିଶ୍ୱମ୍ବର ହାଇସ୍କୁଲ, ଗଦାଧର ହାଇସ୍କୁଲ, ମ୍ୟୁନିସିପାଲ ହାଇସ୍କୁଲ, ସରକାରୀ ବାଳିକା ବିଦ୍ୟାଳୟ, ବଳଗଣ୍ଡି ହାଇସ୍କୁଲ, ଏସସିଏସ କଲେଜ, ସୂରଜମଲ ସାହା କଲେଜ, ସରକାରୀ ମହିଳା କଲେଜ,ପୁରୀ ମହିଳା ମହାବିଦ୍ୟାଳୟଙ୍କ ସମେତ ସହର ପ୍ରମୁଖ ସ୍କୁଲର ଛାତ୍ରଛାତ୍ରୀଙ୍କ ବ୍ୟାଣ୍ଡ ର ତାଳେ ତାଳେ ପ୍ୟାରେଡ ପ୍ରସ୍ତୁତି କରୁଛନ୍ତି । ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସରେ ମନ୍ତ୍ରୀଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ । ପରେ ପୋଲିସ ବ୍ୟାଣ୍ଡ ର ତାଳେ ତାଳେ ବିଭିନ୍ନ ସରକାରୀ ଓ ଘରୋଇ କଲେଜ ଓ ସ୍କୁଲର ଛାତ୍ରଛାତ୍ରୀଙ୍କ ଚିତାକର୍ଷକ ପ୍ୟାରେଡ ଓ ଅଭିବାଦନ କରାଯିବ ।



# ସଂକଟରେ ଗଜରାଜଙ୍କ ସୁରକ୍ଷା



■ ଅରବିନ୍ଦ ତ୍ରିପାଠୀ

ପରିବେଶ ସନ୍ତୁଳନରେ ସମସ୍ତଙ୍କ ଭୂମିକା ରହିଛି । ପଶୁ ପକ୍ଷୀ, ବନ୍ୟପ୍ରାଣୀ, କୀଟପତଙ୍ଗଙ୍କ ସହିତ ସରକାର ଓ ବିଭିନ୍ନ ବେସରକାରୀ ସଂଗଠନ ମାନଙ୍କ ଭୂମିକା ରହିଥାଏ । ସେଥିମଧ୍ୟରୁ ଐତିହ୍ୟ ପ୍ରାଣୀ ହାତୀର ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ ଅଟେ । ସାଂପ୍ରତିକ ସମୟରେ ହାତୀଙ୍କ ସୁରକ୍ଷା ଏକାନ୍ତ ଅପରିହାର୍ଯ୍ୟ ହୋଇପଡ଼ିଛି । ମାତ୍ର ବହୁ ଦୁଃଖ ଓ କ୍ଷୋଭର ବିଷୟ ଯେ, ହାତୀମାନଙ୍କର ଅବୈଧ ଶିକାର, ହତ୍ୟା, ଦୁର୍ଘଟଣାରେ ମୃତ୍ୟୁ, ସ୍ୱାସ୍ଥ୍ୟଗତ କାରଣ ପ୍ରମୁଖ ଘୋର ଚିନ୍ତା ଓ ପରିତାପର ବିଷୟ । ପରିବେଶ ସନ୍ତୁଳନରେ ହାତୀଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ନୂତନ ଜଙ୍ଗଲ ସୃଷ୍ଟି କରିବା, ନୂତନ ଜଳାଶୟ ତଥା ଅନ୍ୟ ପଶୁ ପକ୍ଷୀମାନଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା ସେଥିମଧ୍ୟରୁ ଅନ୍ୟତମ । ହାତୀମାନେ ବିଭିନ୍ନ ପ୍ରକାର ଫଳ ଓ ଗଛ ଡ଼ାଳପତ୍ର ଖାଇବା ପରେ ସେମାନଙ୍କର ମଳ ଜରିଆରେ ବିଭିନ୍ନ ଜଙ୍ଗଲୀ ଗଛର ମଂଜିକୁ ଜଙ୍ଗଲର ବିଭିନ୍ନ ସ୍ଥାନରେ ଖେଳାଇ ଦିଅନ୍ତି । ଯାହା ଫଳରେ ନୂତନ ଜଙ୍ଗଲ ତଥା ଗଛ ସୃଷ୍ଟି ହୋଇଥାଏ । ନିଜର ଓଜନ ଦ୍ୱାରା ହାତୀମାନେ ଶୁଷ୍କ ଜଙ୍ଗଲ ଭୂମିରେ ଗାତ ସୃଷ୍ଟି କରନ୍ତି । ଯେଉଁଥିରେ ବର୍ଷା ଜଳ ଜମି ରହିବା ସହିତ ଅନ୍ୟ ଛୋଟ ଜୀବ ଜନ୍ତୁଙ୍କ ପାଇଁ ପାଣି ଯୋଗାଇଥାଏ । ହାତୀମାନେ ଚଲାବୁଲା କରୁଥିବା ରାସ୍ତା ରକ୍ଷା ହେଲେ ଅନ୍ୟ ଜୀବଜନ୍ତୁ ମଧ୍ୟ ସୁରକ୍ଷିତ ରୁହନ୍ତି । ଆମ ରାଜ୍ୟ ଓଡ଼ିଶାରେ ୨୦୨୪ ମସିହାରେ ରାଜ୍ୟସ୍ତରୀୟ ହାତୀ ଗଣନା ଅନୁସାରେ ମୋଟ ୨୧୦୩ ହାତୀ ଅଛନ୍ତି । ରାଜ୍ୟର ମୁଖ୍ୟ ତିନିଟି ହାତୀ ଅଭୟାରଣ୍ୟରେ ୫୮୪ ଟି ହାତୀ ମୋଟ ସଂଖ୍ୟାରେ ୨୮ ପ୍ରତିଶତ ରହିଛନ୍ତି । ବନ୍ୟଜନ୍ତୁ ଓ ମଣିଷ ଲଢ଼େଇ ବର୍ତ୍ତମାନ ସମୟରେ ନୀତିଦିନିଆ ଘଟଣା ହୋଇଗଲାଣି । ଓଡ଼ିଶାରେ ବିଦ୍ୟୁତ ଆଘାତ ଓ ରେଳ ଧକ୍କାରେ ବହୁ ହାତୀଙ୍କର ଜୀବନ ଚାଲିଯାଇଛି । ଏକ ଆକଳନରୁ ଜଣାପଡ଼ିଛି ଗତ ୫ ବର୍ଷ ଭିତରେ ୧୫୧ ହାତୀ ଓ ୬୪୬ ଜଣ ମଣିଷଙ୍କ ମୃତ୍ୟୁ ହୋଇଛି । ଜୀବମାନଙ୍କର ପ୍ରାକୃତିକ ବାସସ୍ଥଳୀକୁ ସୁରକ୍ଷା ଦେବା ପାଇଁ ସରକାରୀ ସ୍ତରରେ ବିଭିନ୍ନ ସଂରକ୍ଷିତ ଅଂଚଳ ନିର୍ମାଣ କରାଯାଇଛି । ଏହାସହିତ ବେଆଇନ ଶିକାର ଓ ପଶୁ ଚାଲାଣ ରୋକିବା ପାଇଁ କଠୋର ଆଇନ ପ୍ରଣୟନ କରାଯାଇଛି । ବନ୍ୟ ଜୀବନ ସୁରକ୍ଷା ଆଇନ ୧୯୭୨ କାର୍ଯ୍ୟକାରୀ ହେଉଥିଲେ ମଧ୍ୟ ଅବୈଧ ଶିକାରର ମାତ୍ରା ଦିନକୁ ଦିନ ବଢ଼ିବାରେ ଲାଗିଛି । ବର୍ତମାନ ଗୋଟିଏ ଘଟଣା ଯାହାକି ବହୁ ପରିବେଶବିତ୍, ବୁଦ୍ଧିଜୀବୀ, ସରକାର ତଥା ସମସ୍ତ ସଚେତନ ନାଗରିକଙ୍କ ମନରେ ଦାରୁଣ ଦୁଃଖ ଦେଇଛ ଢ଼େଙ୍କାନାଳ ଜିଲ୍ଲା ହିନ୍ଦୋଳ ବନ୍ୟାଚଂଳରେ ଏକ ହାତୀକୁ ମାରି ପୋତିଦେଇଥିଲେ ଜଣେ ଫାର୍ମା ହାଉସ ମାଲିକ । ଘଟଣା ଘଟିବାର ୫ ଦିନ ବିତିଯାଇଥିଲେ ମଧ୍ୟ କିପରି ବନ ବିଭାଗ ଏହା ଜାଣିପାରିନଥିଲା ତାହା ସନ୍ଦେହ ଘେରକୁ ଆସିଛି । ମୃତ ହାତୀକୁ ଜେସିବି ମାଧ୍ୟମରେ ମାଟି ତଳୁ ଉଦ୍ଧାର କରାଯାଇଥିବା ଘଟଣା ସମସ୍ତଙ୍କୁ ନିଶ୍ଚିତ ଚକିତ କରିବା ସହିତ ଆଘାତ ଦେଇଛି । ଏଠାରେ ସୂଚନା ଯୋଗ୍ୟ ଯେ, ବନ ବିଭାଗ ର କିଛି କର୍ମଚାରୀଙ୍କ ଜ୍ଞାତସାରରେ ହେଉ ଅବା କୌଣସି କାରଣରୁ ହେଉ ତାହା କୌଣସି ପରିପ୍ରେକ୍ଷୀରେ ଏହିପରି ଘଟଣାକୁ ଯେତେ ନିନ୍ଦା କଲେ କମ୍ ପଡ଼ିବ । ଏହିପରି ଘଟଣାର ଯେମିତି ପୁନରାବୃତି ନହୁଏ ସେଥିପ୍ରତି ସରକାରଙ୍କ ସହିତ ବନ ବିଭାଗ, ଜନସାଧାରଣ, ସାମାଜିକ ସଂଗଠନ ପ୍ରମୁଖ ଦୃଷ୍ଟିନିକ୍ଷେପ କରିବା ନିହାତି ଆବଶ୍ୟକ । ହାତୀଙ୍କ ସହିତ ବିଭିନ୍ନ ବନ୍ୟଜୀବମାନେ ପାଣିପାଗ ଓ ଜଳବାୟୁକୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରିଥାନ୍ତି । ହାତୀକୁ ଆମେ ଐତିହ୍ୟ ପ୍ରାଣି ବୋଲି ଘୋଷଣା କରିଛେ ମାତ୍ର ସେମାନଙ୍କ ସୁରକ୍ଷା ପାଇଁ ସରକାର ଯେତିକି ଧ୍ୟାନ ଦେବା କଥା ସେତିକି ମାତ୍ରାରେ ଧ୍ୟାନ ଦେଉଛନ୍ତି ତ ? ବୁଦ୍ଧିଜୀବୀ ଓ ପରିବେଶବିତ୍ ମାନେ ଘୋର ଚିନ୍ତା ପ୍ରକଟ ବିଭିନ୍ନ ସମୟରେ କରିଆସୁଛନ୍ତି । ଗଣମାଧ୍ୟମରେ ଅବୈଧ ହାତୀମାନଙ୍କ ଶିକାର ଘଟଣା ସହିତ ହାତୀ ଦାନ୍ତର ଚୋରା କାରବାର, ବିଦେଶକୁ ରପ୍ତାନୀ ପ୍ରମୁଖ ପ୍ରସଙ୍ଗ ପ୍ରକାଶିତ ହେଉଛି । ସମସ୍ତେ ଏ ପ୍ରସଙ୍ଗରେ ସମ୍ବେଦନଶୀଳ ଭାବେ ଚିନ୍ତନ କରି ଯେପରି କୌଣସି ହାତୀ ଏହିପରି ଅବୈଧ ଶିକାର ନ ହୁଅନ୍ତି ସେଥିପ୍ରତି ଯତ୍ନବାନ ହେବା ଆବଶ୍ୟକ । ଏକ ରିପୋର୍ଟ ଅନୁସାରେ ୧୯୭୯ରେ ରାଜ୍ୟରେ ୨୦୪୪ଟି ହାତୀ ଥିଲେ । ୨୦୧୭ ହାତୀ ଗଣନା ଅନୁସାରେ ୧୯୭୬ କୁ ଖସିଆସିଥିଲା । ବର୍ତମାନ ୨୧୦୩ ହାତୀ ରହିଥିବାବେଳେ ଆଶାନୁରୂପକ ବୃଦ୍ଧି ନ ହେବା ଘୋର ପରିତାପର ବିଷୟ ପାଲଟିଛି । ଯଦି ଏହିପରି କ୍ରମାଗତ ଭାବେ ହାତୀଙ୍କ ସଂଖ୍ୟାରେ ହ୍ରାସ ଘଟିଚାଲେ ପରିବେଶ ସନ୍ତୁଳନରେ ଘୋର ବିଘଟଣ ଘଟିପାରେ ବୋଲି ପରିବେଶବିତ୍ ମାନେ ଆକଳନ କରୁଛନ୍ତି । ଅନେକ ସମୟରେ ଜଙ୍ଗଲର କ୍ଷୟ ପାଇଁ ହାତୀମାନେ ସହରମୁହାଁ ହେଉଥିବା ଦେଖାଯାଉଛି । ତାହା ସହିତ ସେମାନଙ୍କ ଆକ୍ରମଣରେ ବହୁ ଧନ ଜୀବନ ନଷ୍ଟ ହେଉଛି । ହାତୀମାନଙ୍କ ସୁରକ୍ଷା ସହିତ ପରିବେଶ ସନ୍ତୁଳନ ପାଇଁ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ହାତୀ ସୁରକ୍ଷା ସଚେତନତା ଶିବିର ଆୟୋଜନ କରିବା ସହିତ ବିଭିନ୍ନ ବେସରକାରୀ ଓ ସରକାରୀ ସଂଗଠନ ମାନଙ୍କ ମାଧ୍ୟରେ ବ୍ୟାପକ ଜନସଚେତନତା ଅତି ଆବଶ୍ୟକ ହୋଇପଡ଼ିଛି । ହାତୀ ସଂରକ୍ଷଣ କେବଳ ସଭା ସମିତି ଓ ଭାଷଣରେ ସୀମିତ ନରଖି ବାସ୍ତବରେ ଯଦି ସମସ୍ତେ ଆଗେଇ ଆସନ୍ତେ ତେବେ ବହୁ ପରିମାଣରେ ଅବକ୍ଷୟମୁଖୀ ଏହି ହାତୀବଂଶର ସୁରକ୍ଷା ହୋଇପାରନ୍ତା । ଓଡ଼ିଶାର ବନ୍ୟଜନ୍ତୁଙ୍କ ମଧ୍ୟରେ ହାତୀର ସ୍ଥାନ ସ୍ୱତନ୍ତ୍ର । ହାତୀଙ୍କୁ ନେଇ ବିଭିନ୍ନ ଚଳଚିତ୍ର ନିର୍ମାଣ କରାଯାଇଛି । ହାତୀ ସର୍ବଦା ମନୁଷ୍ୟ ସମାଜ ପାଇଁ ସମର୍ପିତ ଥିବାବେଳେ ମନୁଷ୍ୟ ଏହାର ଅମାନୁଷିକ ଭାବେ ଏହାର ଅହରହ ଶିକାର କରିଚାଲିଛି । ବର୍ତମାନ ସମୟରେ ଚିନ୍ତା କରିବାର ସମୟ ଉପନୀତ ।

ମୁଖପାତ୍ର, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ, ଭୁବନେଶ୍ୱର
ମୋ: ୯୯୩୭୬୮୯୬୮୩





# ସ୍ୱାଧୀନ ଜୀବନର ସମ୍ବିଧାନ



ଡ.ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ

ସାଧାରଣତଃ ଜୀବନର ସମ୍ବିଧାନକୁ ଅନୁସରଣ କରିଥାନ୍ତି ସ୍ୱାଧୀନ ପଥର ଯାତ୍ରୀ-ସତ୍ୟସନ୍ଧାନୀ । ଦୁଃଖ ନିରାକରଣ ଲକ୍ଷ୍ୟ ରଖି ନିୟନ୍ତ୍ରଣ କରିଥାନ୍ତି ମନକୁ ସତ୍ୟ ମାର୍ଗରେ । ମନୁଷ୍ୟର ସ୍ୱଭାବ, ସଂସ୍କାର ଓ ସମସ୍ତ କର୍ମର ପରିଚାଳକ ମନ ଯଦି ଆଦର୍ଶ ବିହୀନ ହୁଏ, ଭାରବହନଯୁକ୍ତ ଯାନର ଚକ ଯେପରି ଟାଣୁଥିବା ପଶୁକୁ ଅନୁସରଣ କରେ-ସେହି ମନୁଷ୍ୟ ଦୁଃଖକୁ ହିଁ ଅନୁସରଣ କରିଥାଏ । ଭୌତିକ ବାଦର ପ୍ରଲୋଭନ ମାନବିକ ସଦଗୁଣ ଭୁଲାଇ, ଧର୍ମର ବାହାନାରେ ଅଧର୍ମାଚରଣର ଅଭ୍ୟାସ କରିବାକୁ ପ୍ରବର୍ତ୍ତାଇ ଥାଏ । ମନୁଷ୍ୟ ସମାଜ ମାୟାଜାଲରେ ପଡି ଅସ୍ତିତ୍ୱ ହରାଇବାବେଳେ ସୃଷ୍ଟି ହୋଇଥିବା ଧର୍ମ ସଙ୍କଟକୁ ଦୂର କରିବାକୁ ସୃଷ୍ଟିକର୍ତ୍ତାଙ୍କୁ ଧରାପୃଷ୍ଠରେ ଜନ୍ମ ନେବାକୁ ପଡିଥାଏ ଏବଂ ଠିକ୍ ସେହିପରି ଏକ ସମୟରେ ମାନବ ସମାଜକୁ ସଂସ୍କାରିତ କରି ଶାନ୍ତିପୂର୍ଣ୍ଣ ଜୀବନର ପଥ ଦେଖାଇବାକୁ ଜନ୍ମ ନେଇଥିଲେ ପରମେଶ୍ୱରଙ୍କ ଅବତାରୀ ପୁରୁଷ ଗୌତମ ବୁଦ୍ଧ । ଉତ୍ସବ ମୁଖରିତ ବୈଶାଖର ଚନ୍ଦ୍ର ବିଧୌତ ରଜନୀରେ ଲୁମ୍ବିନୀ ରାଜମହଲରେ ଶାକ୍ୟ ରାଜ ଶୁଦ୍ଧୋଦନ ଓ ମାତା ମାୟାଦେବୀଙ୍କ କୋଳମଣ୍ଡନ କରି, ନିଶବ୍ଦ ଆଷାଢ ପୂର୍ଣ୍ଣିମାର ମଧ୍ୟରାତ୍ରରେ ପତ୍ନୀ ପୁତ୍ର ସଂସାର ତ୍ୟାଗ କରି ବୈରାଗ୍ୟ ପଥରେ ସାଧନା କରିବାକୁ ଚାଲିଯାଇଥିଲେ ।

ବୌଦ୍ଧ ଧର୍ମର ସଂସ୍ଥାପକ ଭଗବାନ ଗୌତମ ବୁଦ୍ଧ ସାରା ସଂସାରକୁ ଜ୍ଞାନର ଆଲୋକରେ ଆଲୋକିତ କରିଥିଲେ ।ସମସ୍ତ ସୃଷ୍ଟିକୁ ଭଲପାଇବାକୁ ଅହିଂସା ହିଁ ପରମ ଧର୍ମ ବୋଲି ଗ୍ରହଣ କରିଥିଲେ ।ସ୍ୱାଧୀନତାର ଅର୍ଥ ସ୍ୱଧର୍ମ ପାଳନରେ ପ୍ରତି ପ୍ରତ୍ୟେକ ପରସ୍ପର ଉପରେ ନିର୍ଭରଶୀଳ । ଆର୍ଯ୍ୟ ଅଷ୍ଟାଙ୍ଗ ମାର୍ଗ ଅନୁସରଣରେ ନିଃସ୍ୱାର୍ଥପର ଭଲପାଇବାରେ ଶାନ୍ତି ଓ ଆନନ୍ଦିତ ଜୀବନଯାପନ ସହଜ ହୁଏ । ଜରା,ବ୍ୟାଧି,ମୃତ୍ୟୁର ଦୁଃଖରେ ଜର୍ଜରିତ ସଂସାରରେ ମିଳୁଥିବା କଷ୍ଟରୁ ମୁକ୍ତ ପାଇ ଦିବ୍ୟଜ୍ଞାନ (ନିର୍ବାଣ) ପ୍ରାପ୍ତ ହେବା ସମ୍ଭବ-ସତ୍ୟ ସହିତ ଯୁକ୍ତ ହୋଇ ରହିବା ଅର୍ଥାତ୍ ସନ୍ୟାସ ଧର୍ମର ପରିପାଳନରେ । କ୍ରୋଧାଗ୍ନି ପ୍ରଜ୍ୱଳିତ ହୁଏ, କାମନା ଯେତେବେଳେ ବାଧାପ୍ରାପ୍ତ ହୁଏ । ଅନାବଶ୍ୟକ ଚାହିଦା(କାମନା)ର ବିନାଶରେ ଦୁଃଖର ବିନାଶ । ମନୁଷ୍ୟ ନିଜ ଭିତରେ ଥିବା ପଶୁ ପ୍ରବୃତ୍ତିକୁ ବଳୀ ବା ତ୍ୟାଗ କରିବା ବଦଳରେ ପଶୁମାନଙ୍କୁ ମାରିବା ମାନବ ଧର୍ମ ନୁହଁ ।

ଜନ୍ମ ମୃତ୍ୟୁର ସଂସାରରେ କାମନା ଓ ଆସକ୍ତି ଭଳି ଦୁଃଖର ମୂଳ କାରଣକୁ ତ୍ୟାଗ କଲେ ଦୁଃଖରୁ ମୁକ୍ତି ମିଳେ ଏବଂ ସୁଖୀ ଜୀବନରେ ଆବଶ୍ୟକ ଅଷ୍ଟାଙ୍ଗ ମାର୍ଗର ଅନୁସରଣ । ସମ୍ୟକ୍ ଦୃଷ୍ଟି:-ସତ୍ୟ ଓ ଅସତ୍ୟକୁ ସଠିକ୍ ଭାବେ ବୁଝିବା ।ସମ୍ୟକ୍ ସଂକଳ୍ପ:- ହିଂସା ଓ ସ୍ୱାର୍ଥପରତାରୁ ମୁକ୍ତ ବିଚାର ରଖିବା ।ସମ୍ୟକ୍ ବାକ୍:-ସଦାସର୍ବଦା ସତ୍ୟ ଓ ମଧୁର ବାକ୍ୟ କହିବା । ସମ୍ୟକ୍ କର୍ମ:- ସତ୍କର୍ମ ଓ ଅହିଂସା ଧର୍ମ ପାଳନ କରିବା ।ସମ୍ୟକ୍ ଉପାର୍ଜନ:-ଧର୍ମାନୁମୋଦିତ ଓ ସଚ୍ଚୋଟ ଉପାୟରେ ଜୀବିକା ନିର୍ବାହ କରିବା । ସମ୍ୟକ୍ ପରିଶ୍ରମ ଓ ଯୋଗ:- ମନରେ ଶୁଭ ଚିନ୍ତା ଜାଗ୍ରତ କରିବା ପାଇଁ ପ୍ରୟାସ ।ସମ୍ୟକ୍ ସ୍ମୃତି ଓ ଜାଗ୍ରତ:- ସଚେତନ ଓ ଆତ୍ମ-ସମୀକ୍ଷୀ ହୋଇ ରହିବା । ସମ୍ୟକ୍ ସମାଧି: ମନକୁ ଏକାଗ୍ର ଓ ଶାନ୍ତ ରଖିବା ।

ବୁଦ୍ଧଙ୍କ ଭାଷାରେ ସରଳ ସାଧନା ହେଉଛି ମନରେ ଯେଉଁ ଚିନ୍ତା ଆସିବ, କାମନା, କ୍ରୋଧ ଯାହା ଆସିବ, ତାକୁ କେବଳ ଦେଖ ।କିଛି କର ନାହିଁ । ନିଜ ମନଭିତରେ ସର୍ବଦା ସତର୍କ ରୁହ । ଯେମିତି ଗୋଟିଏ ଅନ୍ଧାରଘରେ ଆଲୋକ ଜଳାଇ ଦେଲେ ସବୁ ଦେଖା ଯାଏ, ସେମିତି ନିଜ ମନରେ ଜାଗ୍ରତ ରହି ସବୁ ଦେଖ ।ସେସବୁ କ୍ରମଶଃ ଦୂରେଇଯିବ । 'ଧର୍ମୋ ରକ୍ଷତି ରକ୍ଷିତଃ' ଅର୍ଥାତ୍ ଧର୍ମରକ୍ଷା କରିଥିବା ବ୍ୟକ୍ତିଙ୍କୁ ନିଜେ ଧର୍ମହିଁ ରକ୍ଷାକରେ, ଅନ୍ୟ ଅର୍ଥରେ, ଧର୍ମକୁ ନିଜେ ଧର୍ମହିଁ ରକ୍ଷା କରିଥାଏ କ୍ଷ କରୁଣାବତାର ବୁଦ୍ଧ 'ଜୀବେଦୟା ପରମଧର୍ମ' ବାଣୀ ପ୍ରଚାର କରିଥିବାରୁ ଦଶାବତାର ସ୍ତୋତ୍ରରେ କୁହାଗଲା, 'ନିନ୍ଦସି ଯଜ୍ଞ୍ବିଧେରହହଃ ଶ୍ରୁତି-ଜାତମ୍ । ସଦୟ ହୃଦୟ ଦର୍ଶିତ ପଶୁ-ଘାତମ୍ । କେଶ୍ୱ ଧୃତ ବୁଦ୍ଧ ଶରୀର ଜୟ ଜଗଦୀଶ ହରେ' ।

ଆସନ୍ତୁ ଆମେ ଆଦର୍ଶରେ ଅନୁପ୍ରାଣିତ ହୋଇ ସତ୍ୟ ମାର୍ଗରେ,ସୁବିଚାରରେ ସତକର୍ମ କରି ସୁବ୍ୟକ୍ତିତ୍ୱର ଅଧିକାରୀ ହେବା ସହିତ ଏକ ଶାନ୍ତିପୂର୍ଣ୍ଣ ସମାଜ ଗଠନରେ ବ୍ରତୀ ହେବା ।

*ପ୍ରତିଷ୍ଠାତା, ଆଧ୍ୟାତ୍ମିକ ଚେତନା ପରିଷଦ ଓ ସମ୍ପାଦକ,*
*ବିଭୁବୈଭବ, ମଧୁପାଟଣା, କଟକ-୧୦*
*ମୋ: ୭୯୭୮୨୯୪୯୬୩*






# ୧୨ରେ ଲଘୁଚାପ, ୧୬ ଯାଏଁ ପ୍ରବଳ ବର୍ଷା

**ଭୁବନେଶ୍ୱର(ବ୍ୟୁରୋ):** ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଉପରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହା ଆସନ୍ତା ୧୨ ତାରିଖବେଳକୁ ଏକ ଲଘୁଚାପରେ ପରିଣତ ହେବା ସମ୍ଭାବନା ଅଛି । ଏହା ପ୍ରଭାବରେ କ୍ରମଶଃ ବର୍ଷା ବଢ଼ିବ । ୧୩ରୁ ୧୫ ଯାଏଁ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ଏଭଳି ପୂର୍ବାନୁମାନ ଦେଖାଇଛି ପାଣିପାଗ ବିଭାଗ । ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ଲଗାଣ ବର୍ଷା ହେଲେ ଉତ୍ତର ଓଡ଼ିଶାର ବିଭିନ୍ନ ନଦୀର ଜଳସ୍ତର ବଢ଼ିବା ଆଶଙ୍କା ରହିଛି । ବିଶେଷ କରି ମହାନଦୀର ତଳ ଓ ଉପରମୁଣ୍ଡରେ ବେଶି ବର୍ଷା ସମ୍ଭାବନା ଅଛି । ପାଣିପାଗ ବୈଜ୍ଞାନିକ ବିଶ୍ୱଜିତ ସାହୁଙ୍କ ଆକଳନ ହେଲା, ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ରାଜ୍ୟରେ ଏବେ ବର୍ଷା ଲାଗି ରହିବ । ସମ୍ଭାବ୍ୟ ଲଘୁଚାପ ୧୪/୧୫ ତାରିଖବେଳକୁ ଉତ୍ତର ଓଡ଼ିଶା



ଓ ଏହାକୁ ଲାଗିଥିବା ପଶ୍ଚିମବଙ୍ଗ ଦେଇ ସ୍ଥଳଭାଗକୁ ପ୍ରବେଶ କରିପାରେ । ଏହା ଲଘୁଚାପରୁ ଅଧିକ ଘନୀଭୂତ ହୋଇ ସ୍ୱଷ୍ଟ ଚିହ୍ନଟ (ୱେଲ ମାର୍କଡ) ରୂପ ନେଇପାରେ । ଗତକାଲି ଅପରାହ୍ନରୁ ବର୍ଷା ପ୍ରକୋପ ବଢ଼ିଛି । ୧୪-୧୫ ତାରିଖ ବେଳକୁ ବର୍ଷା ପ୍ରଭାବ ଉତ୍ତର ଓଡ଼ିଶାରେ ବେଶୀ ରହିବ । ଉତ୍ତର ଓଡ଼ିଶା ପରେ ପଶ୍ଚିମ ଓଡ଼ିଶା ଏବଂ ମହାନଦୀ ଉପରମୁଣ୍ଡ ଛତିଶଗଡ଼ରେ ବି ପ୍ରବଳ ବର୍ଷା ହୋଇପାରେ । ପାଣିପାଗ ବିଭାଗର ପୂର୍ବାନୁମାନ କହୁଛି, ମଙ୍ଗଳବାର ରାଜ୍ୟର ଅନେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଜିଲ୍ଲାର ଗୋଟିଏ ଦୁଇଟି ଜାଗାରେ ପ୍ରବଳ ବର୍ଷା ଆଶଙ୍କା ରହିଛି । କେତେକ ସ୍ଥାନରେ ଘଣ୍ଟା ପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିପାରେ । ବୁଧବାର ଅନେକ ସ୍ଥାନରେ ବର୍ଷା ସମ୍ଭାବନା ଥିବାବେଳେ କଟକ, ଝାରସୁଗୁଡ଼ା, ସମ୍ବଲପୁର, ଅନୁଗୋଳ ଏବଂ ଢେଙ୍କାନାଳର ଗୋଟିଏ ଦୁଇଟି ଜାଗାରେ ପ୍ରବଳରୁ ପ୍ରବଳତର ବର୍ଷା ଆଶଙ୍କା ରହିଛି । ଉତ୍ତର ଓ ପଶ୍ଚିମ ଓଡ଼ିଶାର କେତେକ ଜିଲ୍ଲା ଏବଂ ପାର୍ଶ୍ୱବର୍ତ୍ତୀ ଆଭ୍ୟନ୍ତରୀଣ ଏବଂ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ । ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ବର୍ଷା ଆହୁରି ବଢ଼ିବ । ପଶ୍ଚିମ ଓଡ଼ିଶାରେ ଅତି ପ୍ରବଳ ବର୍ଷା ହୋଇପାରେ । ୧୬ରେ ବି ରାଜ୍ୟର କେତେକ ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କା ଅଛି ।

# ଚିତ୍ରକଳା କର୍ମଶାଳା ଓ ପ୍ରଦର୍ଶନୀ 'ସ୍ୱରାଜ' ଉଦ୍‌ଘାଟିତ

**ଭୁବନେଶ୍ୱର(ବ୍ୟୁରୋ):** ସୋମବାର ସକାଳ ୧୧:୩୦ ସମୟରେ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟ ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ସମାରୋହ ଅବସରରେ ଆୟୋଜିତ ଚିତ୍ରକଳା କର୍ମଶାଳା 'ସ୍ୱରାଜ 'ଅନୁଷ୍ଠାନିକ ଭାବେ ଉଦଘାଟନ ହୋଇଯାଇଛି । ଏହି କର୍ମଶାଳାକୁ ଅନୁଷ୍ଠାନର ଅଧ୍ୟକ୍ଷ ଶ୍ରୀଯୁକ୍ତ ଦେବୀ ପ୍ରସାଦ ଦାଶ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଭାରତର ସ୍ୱାଧୀନତା ସଂଗ୍ରାମ ଓ ସଂଗ୍ରାମୀ ମହାପୁରୁଷଙ୍କ ତ୍ୟାଗ, ବଳିଦାନ ଓ ବୀରତ୍ୱ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ସ୍ୱରାଜର ବ୍ୟାଖ୍ୟା କରିବା ସହ ଲୋକମାନ୍ୟ ବାଲ ଗଙ୍ଗାଧର ତିଲକ, ମହାତ୍ମା ଗାନ୍ଧୀ, ସୁବାଷ ଚନ୍ଦ୍ର ବୋଷ ଆଦି ଅନେକ ସଂଗ୍ରାମୀଙ୍କର ସ୍ୱରାଜ ପ୍ରତିଷ୍ଠା ନିମିତ୍ତ ପ୍ରଚେଷ୍ଟା ଓ ବଳିଦାନ ଉପରେ ଆଲୋକପାତ କରାଯାଇଥିଲା । ଏଥିସହ ପ୍ରଧାନମନ୍ତ୍ରୀଙ୍କ 'ହର ଘର ତ୍ରିରଙ୍ଗା 'ଅଭିଯାନ ବିଷୟରେ




ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ । ମହାବିଦ୍ୟାଳୟର ୭୦ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ହେବାକୁ ଥିବା ବିଭିନ୍ନ କର୍ମଶାଳା, ପ୍ରଦର୍ଶନୀ ଓ ସେମିନାର ଗୁଡ଼ିକର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଏହି କର୍ମଶାଳା ଅଗଷ୍ଟ ୧୪ ପ୍ରଯ୍ୟନ୍ତ ଚାଲିବ ଓ କର୍ମଶାଳାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ରିତ କଳାକୃତି ଗୁଡିକ ୧୫ଅଗଷ୍ଟ ଅର୍ଥାତ ସ୍ୱାଧୀନତା ଦିବସ ଅବସରରେ ମହାବିଦ୍ୟାଳୟର ପ୍ରଦର୍ଶନୀ କକ୍ଷରେ ପ୍ରଦର୍ଶିତ ହେବ । ଉକ୍ତ ସଭାରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ଓ ଅଧାପକ ଉକ୍ତ କର୍ମଶାଳାକୁ ସୁଚାରୁରୂପେ ପରିଚାଳନା କରିଥିଲେ । ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶୃଙ୍ଖଳର ସହିତ କର୍ମଶାଳାରେ ଅଂଶଗ୍ରହଣ କରିବା ସହ କର୍ମଶାଳା ଆୟୋଜନରେ ସହଯୋଗ କରିଥିଲେ ।

# ସ୍ୱାଧୀନତା ଦିବସରେ କିଏ କେଉଁଠି କରିବେ ପତାକା ଉତ୍ତୋଳନ

**ଭୁବନେଶ୍ୱର(ବ୍ୟୁରୋ):** ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜଧାନୀ ଭୁବନେଶ୍ୱରରେ ପତାକା ଉତ୍ତୋଳନ କରିବେ । ସେହିପରି କଳାହାଣ୍ଡିରେ ଉପମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓ ଓ ସୁନ୍ଦରଗଡ଼ରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ପତାକା ଉତ୍ତୋଳନ କରିବେ । ସେହିପରି ୧୪ଟି ଜିଲ୍ଲାରେ ମନ୍ତ୍ରୀ ଏବଂ ୨ଟି ଜିଲ୍ଲାରେ ଆରଡିସି ପତାକା ଉତ୍ତୋଳନ କରିବେ । ଅନ୍ୟ ସବୁ ଜିଲ୍ଲାରେ ଜିଲ୍ଲାପାଳ ପତାକା ଉତ୍ତୋଳନ କରିବେ ।



**କିଏ କେଉଁଠି କରିବେ ପତାକା ଉତ୍ତୋଳନ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ – ଭୁବନେଶ୍ୱର, ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ- କଳାହାଣ୍ଡି, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା – ସୁନ୍ଦରଗଡ଼, ମନ୍ତ୍ରୀ ସୁରେଶ ପୂଜାରୀ – କଟକ, ମନ୍ତ୍ରୀ ରବି ନାରାୟଣ ନାୟକ- ଅନୁଗୁଳ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ- ମାଲକାନଗିରି, ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର- ସମ୍ବଲପୁର, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ହରିଚନ୍ଦନ- ଗଞ୍ଜାମ, ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ- ରାୟଗଡା, ମନ୍ତ୍ରୀ ବିଭୁତି ଭୂଷଣ ଜେନା- କନ୍ଧମାଳ, ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର- ଖୋର୍ଦ୍ଧା, ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ- ପୁରୀ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ- ବଲାଙ୍ଗୀର, ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ- ବାଲେଶ୍ୱର, ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ- ଗଜପତି, ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ- କୋରାପୁଟ ।

# ମୃତ ସୌମ୍ୟରଞ୍ଜନଙ୍କ ବାପା ଓ ବନ୍ଧୁ ନିଶିକାନ୍ତଙ୍କୁ ୫ ଘଣ୍ଟା ଜେରା

**ଭୁବନେଶ୍ୱର(ବ୍ୟୁରୋ):** ଜିଆରପି କନେଷ୍ଟବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ମୃତ୍ୟୁ ପଛର ରହସ୍ୟ ବଢ଼ିବାରେ ଲାଗିଛି । ମୃତ ସୌମ୍ୟଙ୍କ ପରିବାର ଏକ ପେନ୍ ଡ୍ରାଇଭରେ ଥିବା ୭ଟି ଭିଡିଓ କ୍ରାଇମବ୍ରାଞ୍ଚ ନିକଟରେ ଦାଖଲ କରିଛନ୍ତି । ଏଡିଜି ଦୟାଲ ଗଙ୍ଗୱାରଙ୍କ ସହିତ ତାଙ୍କର ଥିବା ପୂର୍ବ ବିବାଦ ସମ୍ପର୍କିତ ତଥ୍ୟ ଏହି ଭିଡିଓରେ ରହିଛି । ନିଜେ ସୌମ୍ୟ ହତ୍ୟାକାଣ୍ଡ ଦିନ ସକାଳେ ଏହି ଭିଡିଓଗୁଡ଼ିକ ମୋବାଇଲ୍ ?ରେ ରେକର୍ଡ କରିଥିଲେ । ଏହାସହିତ ଘଟଣା ପରେ ପୀଡ଼ିତା ଓ ପରିବାର ସଦସ୍ୟ ଗଣମାଧମରେ ଦେଇଥିବା ବୟାନ ସମ୍ପର୍କିତ ଭିଡିଓ, ମୃତ୍ୟୁ ପୂର୍ବରୁ ପଡ଼ିଆରେ ପଡ଼ି ସୌମ୍ୟ ଯନ୍ତ୍ରଣାରେ ଛଟପଟ ହେଇ ଯାହା କହୁଥିଲେ, ଏ ସମ୍ପର୍କିତ ଭିଡିଓ ମଧ କ୍ରାଇମବ୍ରାଞ୍ଚରେ ଦାଖଲ ହୋଇଛି । ସୌମ୍ୟଙ୍କ ବାପା ଦୁଃଶାସନ ସ୍ୱାଇଁ ଓ ବନ୍ଧୁ ନିଶିକାନ୍ତ ମହାନ୍ତିଙ୍କୁ ପ୍ରାୟ ୫ ଘଣ୍ଟା ଧରି କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟରେ ଜେରା କରାଯାଇଛି । ସୌମ୍ୟଙ୍କୁ ମେ' ୭ ତାରିଖରେ ବାଲିଅନ୍ତା କାଜ ବ୍ରିଜ୍ ନିକଟରେ ଦିନ ପ୍ରାୟ



୧୦ଟା ବେଳେ ହତ୍ୟା କରାଯାଇଥିବା ବେଳେ ବାଲିଅନ୍ତା ଥାନା ପୁଲିସ ଗୋଟିଏ ମୋବାଇଲ ଫୋନ୍ ଘଟଣାସ୍ଥଳରୁ ଜବତ କରିଥିଲା । ଆଉ ଏକ ମୋବାଇଲ୍ ଫୋନ୍ ପରିବାର ଲୋକେ ଗଲା ଜୁଲାଇ ମାସରେ କ୍ରାଇମବ୍ରାଞ୍ଚ ଜିମା ଦେଇଥିଲେ । ହତ୍ୟାକାଣ୍ଡ ଦିନ ସକାଳ ପ୍ରାୟ ୬ଟା ବେଳେ ସୌମ୍ୟ ଏହି ମୋବାଇଲ ଫୋନରେ ଅଡ଼ଶପୁର ଅଗ୍ନିଶମ କେନ୍ଦ୍ର ନିକଟରେ ରହୁଥିବା ଏକ ଭଡ଼ାଘରେ ଏକକାଳୀନ ୯ଟି ଭିଡିଓ ରେକର୍ଡ କରିଥିଲେ । ଏଡିଜି ଦୟାଲ ଗଙ୍ଗୱାରଙ୍କୁ ସେଦିନ ଭୁଲ ମାଗିବାକୁ ଯିବା କଥା ଗୋଟିଏ ଭିଡିଓରେ କହୁଥିବା ବେଳେ ଆଉ ଏକ ଭିଡିଓରେ ରୁମ୍ ଭିତର ଦୃଶ୍ୟ ରେକର୍ଡ କରୁଥିବା ଦେଖିବାକୁ ମିଳିଛି । ଏଡିଜି ଦୟାଲ ଗଙ୍ଗୱାରଙ୍କୁ ଦୋଷୀ ସଜାଇବାକୁ ତଦନ୍ତକାରୀ ଅଧିକାରୀଙ୍କୁ ସହଯୋଗ କରିବା ନେଇ ପରିବାର ଲୋକେ ପୂର୍ବରୁ ବାରମ୍ବାର ଦାବି କରିଆସୁଥିବା ବେଳେ ଶେଷରେ ଏହି ଭିଡିଓଗୁଡ଼ିକ ସୋମବାର କ୍ରାଇମବ୍ରାଞ୍ଚରେ ଦାଖଲ କରିଛନ୍ତି । ହତ୍ୟାକାଣ୍ଡ ଦିନ ଭୋର ୪ଟା ବେଳେ ସୌମ୍ୟ ତାଙ୍କ ବନ୍ଧୁ ବିକାଶ କୁମାର ଜେନା, ଗୋପବନ୍ଧୁ ଜେନା, ନିଶିକାନ୍ତ ମହାନ୍ତି ପ୍ରମୁଖଙ୍କୁ ଫୋନ୍‌ରେ ଅଡ଼ଶପୁର ଭଡ଼ା ଘର ନିକଟରେ ଥିବା ନିଜ ଜିମ୍ ନିକଟକୁ ଆସିବାକୁ କହିଥିଲେ । ସେଦିନ ସକାଳେ ବନ୍ଧୁମାନେ ସେଠାରେ ପହଞ୍ଚିବା ପରେ କିଛି ସମୟ କଥାବାର୍ତ୍ତା ହୋଇ ନିଜ ବନ୍ଧୁ ଓମ୍ ପ୍ରକାଶ ରାଉତଙ୍କ ବାଇକ୍‌ରେ ବସି ସୌମ୍ୟ ଭୁବନେଶ୍ୱର ଆଡ଼କୁ ଚାଲି ଯାଇଥିଲେ । ବାଲିଅନ୍ତା ଭିଡ଼ ହିଂସାରେ ପ୍ରାଣ ହରାଇବା ପୂର୍ବର ଘଟଣାକ୍ରମକୁ କ୍ରାଇମବ୍ରାଞ୍ଚ ଟିମ୍ ଅନୁଧ୍ୟାନ କରୁଥିବା ବେଳେ ନିଶିକାନ୍ତ ଓ ଦୁଃଶାସନଙ୍କୁ ପଚରାଉଚରା କରି ସୋମବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ ଛାଡ଼ିଛି ।

# କ୍ରାନ୍ତି ଦିବସରେ ଯୁବଶକ୍ତି ଟ୍ରଷ୍ଟର 'କ୍ରାନ୍ତି ହିଁ କର୍ତ୍ତବ୍ୟ'କାର୍ଯ୍ୟକ୍ରମ

**ଭୁବନେଶ୍ୱର(ବ୍ୟୁରୋ):** ଐତିହାସିକ ଭାରତ ଛାଡ ଆନ୍ଦୋଳନର ସ୍ମୃତି ଓ ଚେତନାକୁ ନୂତନ ଯୁବ ପିଢିଙ୍କ ମଧ୍ୟରେ ପହଞ୍ଚାଇବା ସହ ଯୁବ ଶକ୍ତିକୁ ଦେଶ ଓ ସମାଜ ପ୍ରତି ନିଜର କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରାଇବା ଉଦ୍ଦେଶ୍ୟରେ ଯୁବ ଶକ୍ତି ଟ୍ରଷ୍ଟ ପକ୍ଷରୁ ଭୁବନେଶ୍ୱରସ୍ଥିତ ପ୍ରେସ କ୍ଲବ ଅଫ ଓଡିଶାଠାରେ 'କ୍ରାନ୍ତି ହିଁ କର୍ତ୍ତବ୍ୟ' ଶୀର୍ଷକ ଏକ ପ୍ରେରଣାଦାୟକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯକ୍ରମରେ ଯୁବ ଶକ୍ତିକୁ ସମାଜ ପରିବର୍ତ୍ତନର ଅଗ୍ରଦୂତ ହେବାକୁ ଆହ୍ୱାବାନ ଦିଆଯାଇଥିଲା । ୧୯୪୨ର ଭାରତ ଛାଡ ଆନ୍ଦୋଳନର ତ୍ୟାଗ, ସାହାସ, ଏକତା ଓ ଦେଶପ୍ରେମରୁ ପ୍ରେରଣା ନେଇ ଆଜିର ଯୁବପିଢି ଏକ ନୂତନ ଓଡିଶା ଓ ସଶକ୍ତ ଭାରତ ଗଠନରେ ନିଜର ସକ୍ରିୟ ଭୂମିକା ନିର୍ବାହ କରିବାକୁ ଅତିଥିମାନେ ଅଭିଭାଷଣ ଦେଇଥିଲେ । କାର୍ଯ୍ୟକ୍ରମରେ ସ୍ୱାଧିନତା ସଂଗ୍ରାମର ଆଦର୍ଶକୁ ବର୍ତ୍ତମାନ ସମୟର ଯୁବପିଢି ସହ ଯୋଡିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ମହାତ୍ମା ଗାନ୍ଧୀଙ୍କ କର ବା ମର ଆହୱାନ ପରେ ଛାତ୍ର, ଯୁବକ, ମହିଳା ଓ ସାଧାରଣ ଲୋକ ଯେପରି ଆନ୍ଦୋଳନକୁ ଆଗକୁ ନେଇଥିଲେ ସେ ସମ୍ପର୍କରେ ଆଲୋକପାତ କରାଯାଇଥିଲା । ସୂଚନାଯୋଗ୍ୟ, ଯୁବ ଶକ୍ତି ଟ୍ରଷ୍ଟ ହେଉଛି ଯୁବପିଢ଼ିଙ୍କୁ ସାମାଜିକ ଦାୟିତ୍ୱ, ନେତୃତ୍ୱ ଓ ସୃଜନଶୀଳତା ସହ ଯୋଡ଼ିବା ଲକ୍ଷ୍ୟରେ କାର୍ଯ୍ୟରତ ଏକ ସାମାଜିକ ସଂଗଠନ । ଯୁବକମାନଙ୍କ ପ୍ରତିଭାକୁ ପ୍ରୋତ୍ସାହନ ଦେବା, ସମାଜରେ ସଚେତନତା ସୃଷ୍ଟି କରିବା ଏବଂ ସକାରାତ୍ମକ ପରିବର୍ତ୍ତନ ଆଣିବା ଟ୍ରଷ୍ଟର ପ୍ରମୁଖ ଲକ୍ଷ୍ୟ । କଳା, କ୍ରୀଡ଼ା, ଯୁବ ନେତୃତ୍ୱ, ସାମାଜିକ ସେବା ଓ ଜନସଚେତନତା ଭଳି ବିଭିନ୍ନ କ୍ଷେତ୍ରରେ ଯୁବପିଢ଼ିକୁ ଏକ ମଞ୍ଚରେ ଆଣି, ସଶକ୍ତ, ସଚେତନ ଓ ଦାୟିତ୍ୱବାନ ସମାଜ ଗଠନ ଦିଗରେ ଯୁବ ଶକ୍ତି ଟ୍ରଷ୍ଟ କାର୍ଯ୍ୟ କରୁଛି । ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପ୍ରମୋଦ ଭଗତ, ସେନା ମେଡାଲ ପ୍ରାପ୍ତ କର୍ଣ୍ଣେଲ ସୁଧାଂଶୁ ଶେଖର, ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡାଇ, ଯୁବନେତା ତେଜେଶ୍ୱର ପରିଡା, ମନୋଚିକିତ୍ସକ ବିଶେଷଜ୍ଞ ଅମ୍ରିତ ପଟ୍ଟଯୋଶୀ, ଅଭିନେତା ଆକାଶ ହୋତା, ଅଭିନେତ୍ରୀ ଦେବଜାନୀ ଦେହୁରିଆ, ଅଭିନେତ୍ରୀ ପୁନମ ମିଶ୍ର, ଅଭିନେତ୍ରୀ ସୁପ୍ରିୟା ନାୟକ ଏବଂ ଅଭିନେତା ଦେବାଶିଷ ପାତ୍ର ସମେତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବିଶିଷ୍ଟ ବ୍ୟକ୍ତି, କଳାକାର, ସାମ୍ବାଦିକ, ସମାଜ ସେବୀ, ଖେଳାଳୀ, ରାଜନେତା ଓ ବହୁ ସଂଖ୍ୟକ ଯୁବ ପ୍ରତିନିଧି ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ସାମ୍ବାଦିକ, ସାମ୍ବାଦିକା, କଳାକାର, ସମାଜସେବୀ, ଖେଳାଳୀ ଓ ରାଜନୈତିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଶିଷ୍ଟ ବ୍ୟକ୍ତିଙ୍କୁ ସ୍ମାରକ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଶେଷରେ ଆୟୋଜକଙ୍କ ପକ୍ଷରୁ ଉପସ୍ଥିତ ସମସ୍ତ ଅତିଥି ଓ ସହଯୋଗୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା ।




# ନନ୍ଦନକାନନକୁ ଆସିବେ ବିଦେଶୀ ଅତିଥି



**ଭୁବନେଶ୍ୱର(ବ୍ୟୁରୋ):** ନନ୍ଦନକାନନ ପ୍ରାଣୀ ଉଦ୍ୟାନ ବିଶ୍ୱସ୍ତରୀୟ ଚିଡ଼ିଆଖାନାରେ ପରିଣତ ହେବ । ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ସମସ୍ତ ପ୍ରକାର ସହାୟତା ପ୍ରଦାନ କରୁଛନ୍ତି । ପ୍ରାଣୀ ଉଦ୍ୟାନରେ ନୂଆ ଖୁଆଡ଼ ସହିତ ନବୀକରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି । ଏବେ ନୂଆ ଜନ୍ତୁ ଆଣିବା ପାଇଁ ଯୋଜନା ଚାଲିଛି । ଏନେଇ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କଠାରୁ ଅନୁମୋଦନ ମିଳିସାରିଛି । ଏଥର ନନ୍ଦନକାନନ କର୍ତ୍ତୃପକ୍ଷ କିଛି ବିଦେଶୀ ନୂଆ ଜନ୍ତୁ ସହିତ କିଛି ପୁରୁଣା ଜନ୍ତୁ ଆଣୁଛନ୍ତି । ସେଥିରେ ଅଛନ୍ତି ଜେବ୍ରା, ଆଫ୍ରିକୀୟ ଚିତା, ବୁଲ୍ ୱାଇଲ୍ଡ ବିଷ୍ଟ, ଅଷ୍ଟ୍ରେଲିଆର ରେଡ୍ କଙ୍ଗାରୁ, ପୂର୍ବ ହିମାଳୟର ରେଡ୍ ପାଣ୍ଡା । ଏହି ଜନ୍ତୁଙ୍କ ପାଇଁ କିଛି ଖୁଆଡ଼ କାର୍ଯ୍ୟ ଶେଷ ହୋଇଥିବା ବେଳେ କିଛି ଖୁଆଡ଼ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ନନ୍ଦନକାନନ ପ୍ରତିଷ୍ଠା ଦିବସ ଡିସେମ୍ବର ୨୯ ତାରିଖ ପୂର୍ବରୁ ଏହି ଜନ୍ତୁ ଆସିବେ । ଏକ ମାସ କ୍ୱାରେଣ୍ଟାଇନ୍ ସେଣ୍ଟରରେ ରହିବା ପରେ ଖୁଆଡ଼ରେ ଛଡ଼ାଯିବ । ପ୍ରତିଷ୍ଠା ଦିବସ ପରେ ପର୍ଯ୍ୟଟକ ବହୁ ବିଦେଶୀ ଜୀବଜନ୍ତୁ ଦେଖିପାରିବେ । ନୂଆ ବିଦେଶୀ ଜନ୍ତୁ ଆସିବା ପରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି କର୍ତ୍ତୃପକ୍ଷ ଆଶା ରଖିଛନ୍ତି ।

# ନୀଳାଦ୍ରି ବିହାର କନ୍ୟାଶ୍ରମରେ ଜବରଦଖଲ ଉଚ୍ଛେଦ ଆରମ୍ଭ

**ଭୁବନେଶ୍ୱର(ବ୍ୟୁରୋ):** ଭୁବନେଶ୍ୱର ନୀଳାଦ୍ରୀ ବିହାର ଅଞ୍ଚଳରେ ଜବରଦଖଲ ଉଚ୍ଛେଦ ବେଳେ ଉତ୍ତେଜନା ଦେଖାଦେଇଛି । ନୀଳାଦ୍ରୀ ବିହାର କନ୍ୟାଶ୍ରମ ଫେଜ୍-୧, ଫେଜ୍-୨ ଓ ଫେଜ୍-୩ରେ ଥିବା ଜବରଦଖଲକୁ ବିଡିଏ, ବିଏମ୍ସି ଓ କମିଶନରେଟ୍ ପୁଲିସର ମିଳିତ ଉଦ୍ୟମରେ ଉଚ୍ଛେଦ କରାଯାଇଛି । ଉଚ୍ଛେଦକୁ ନେଇ କିଛି ସମୟ ପାଇଁ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଜବରଦଖଲକାରୀଙ୍କ ମଧ୍ୟରୁ ଯେଉଁମାନଙ୍କୁ ଥଇଥାନ କରାଯାଇଛି, ସେମାନଙ୍କୁ ବୁଦ୍ଧବିହାର ଅଞ୍ଚଳରେ ବିଡିଏ ପକ୍ଷରୁ ଘର ଯୋଗାଇ ଦିଆଯାଇଛି । ତେବେ ଘର ମିଳିବା ସତ୍ତ୍ୱେ ଅନେକ ପରିବାର କନ୍ୟାଶ୍ରମ ଅଞ୍ଚଳରେ ଜବରଦଖଲ କରି



ରହୁଥିଲେ । ରାସ୍ତା ସମ୍ପ୍ରସାରଣ ଉଦ୍ଦେଶ୍ୟରେ ବିଡିଏ ପକ୍ଷରୁ ଆଜି ଉଚ୍ଛେଦ କାର୍ଯ୍ୟ ଜାରି ରହିଛି । ଉଚ୍ଛେଦ ସମୟରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଘଟଣାସ୍ଥଳରେ ଜୋନ୍-୫ ଏସିପି, ଜୋନ୍-୬ ଏସିପି, ୨ ଜଣ ଅତିରିକ୍ତ ଡିସିପିଙ୍କ ସମେତ ୫ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ଅଛନ୍ତି ।

# ରାଜଧାନୀରେ ଧଳାଜହର କାରବାର, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର(ବ୍ୟୁରୋ):**ବ୍ରାଉନସୁଗର ବେପାରୀକୁ ମାଡ଼ି ବସିଲା କମିଶନରେଟ ପୋଲିସ । ଡ୍ରଗ ବିରୋଧୀ ଅଭିଯାନରେ ସ୍ପେଶାଲ କ୍ରାଇମ ୟୁନିଟକୁ ବଡ଼ ସଫଳତା । ଅଭିଯୁକ୍ତ ଜଣକ ପଶ୍ଚିମବଙ୍ଗ ମୁର୍ସିଦାବାଦ ଅଞ୍ଚଳର ଜାକିରୁଲ ଇସଲାମ । ତା'ଠାରୁ ୨୬୩ ଗ୍ରାମର ବ୍ରାଉନସୁଗର ଜବତ କରାଯାଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୨୬ଲକ୍ଷ ୫ ହଜାର ଟଙ୍କା ହେବ ବୋଲି ଆକଳନ କରିଛି ପୋଲିସ । ତେବେ ଜାକିରୁଲ ବାବୁଘାଟରୁ ଭୁବନେଶ୍ୱର ସିଆରପି ଛକରେ ଆସି ଡ୍ରଗ୍ସ କାରବାର କରୁଥିଲା । ବିଶେଷ ସୂତ୍ରରୁ ଖବର ପାଇ ଜାକିରୁଲକୁ ଗିରଫ କରିଥିଲା କମିଶନରେଟ୍ ପୋଲିସ । ତେବେ ବ୍ରାଉନସୁଗର କାରବାର ଚେର ଭୁବନେଶ୍ୱରରୁ ପଶ୍ଚିମବଙ୍ଗ ଲମ୍ବିଥିବା ବେଳେ ଏହି ନେଟୱର୍କ ବାବଦରେ ଅଧିକ ଛାନଭିନ କରୁଛି ସ୍ପେଶାଲ କ୍ରାଇମ ୟୁନିଟ୍ । ପୋଲିସର ସୂଚନା ଅନୁସାରେ, ଏହି ଡ୍ରଗ୍ସ କାରବାରର ଚେର ଭୁବନେଶ୍ୱରରୁ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ଲମ୍ବିଥିବା ସନ୍ଦେହ କରାଯାଉଛି । ତେଣୁ ଏହି କାରବାର ପଛରେ ଆଉ କେଉଁମାନେ ରହିଛନ୍ତି ଏବଂ ଏହାର ନେଟୱର୍କ କେତେ ଦୂର ପର୍ଯ୍ୟନ୍ତ ବ୍ୟାପିଛି, ସେନେଇ ସ୍ପେଶାଲ କ୍ରାଇମ ୟୁନିଟ୍ ପକ୍ଷରୁ ଛାନଭିନ ଜାରି ରହିଛି । ଡ୍ରଗ୍ସ କାରବାରକୁ ରୋକିବା ପାଇଁ ଆଗକୁ ମଧ ଏଭଳି ଅଭିଯାନ ଜାରି ରହିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

# ବାହୁଦାରେ ସାଟେଲାଇଟ୍ ବନ୍ଦର ଓ ପୁରୀରେ କ୍ରୁଜ୍ ଟର୍ମିନାଲ ବିକଶିତ କରିବ ପାରାଦୀପ ବନ୍ଦର: ପିପିଏ ଅଧ୍ୟକ୍ଷ

**ଭୁବନେଶ୍ୱର(ବ୍ୟୁରୋ):** ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଓଡ଼ିଶା କ୍ଷେତ୍ରର ଆନ୍ତଃଗଣମାଧ୍ୟମ ପ୍ରଚାର ସମନ୍ୱୟ କମିଟି (ଆଇଏମପିସିସି)ର ଏକ ବୈଠକ ପାରାଦୀପ ବନ୍ଦର ପ୍ରାଧିକରଣ ବୋର୍ଡ ରୁମରେ ଅନୁଷ୍ଠିତ ହୋଇଯାଇଛି । ରଣନୀତିକ ଯୋଗାଯୋଗକୁ ସୁଦୃଢ଼ କରିବା, ଆନ୍ତଃବିଭାଗୀୟ ସମନ୍ୱୟକୁ ପ୍ରୋତ୍ସାହିତ କରିବା ଏବଂ ସମଗ୍ର ଅଞ୍ଚଳରେ କେନ୍ଦ୍ର ସରକାରଙ୍କ ନୀତି ଏବଂ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସଚେତନତା ବୃଦ୍ଧି କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା । ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ)ର ଅଧ୍ୟକ୍ଷ ପି.ଏଲ. ହରନାଧ ଦେଶର ପ୍ରମୁଖ ଶିଳ୍ପ ଏବଂ ସାମୁଦ୍ରିକ କେନ୍ଦ୍ର ଭାବରେ ପାରାଦୀପର ଦ୍ରୁତ ଅଭ୍ୟୁଦୟ ଉପରେ ଆଲୋକପାତ କରିଥିଲେ । ମାଲ ପରିବହନ କ୍ଷମତାରେ ପାରାଦୀପ ବନ୍ଦର ଭାରତର ପ୍ରମୁଖ ବନ୍ଦର ହେବାର ମାଇଲଖୁଣ୍ଟ ହାସଲ କରିଛି ବୋଲି କହିଥିଲେ । ରାଜ୍ୟର ସାମୁଦ୍ରିକ କାରବାରକୁ ଉଲ୍ଲେଖନୀୟ ଭାବରେ ବିସ୍ତାର କରିବା ପାଇଁ ପରିକଳ୍ପନା କରାଯାଇଥିବା ରୂପରେଖ ଶ୍ରୀ ହରନାଧ ଉପସ୍ଥାପନ କରିଥିଲେ । ସେ ଗଞ୍ଜାମ ଜିଲ୍ଲାର ବାହୁଦାରେ ଏକ ପୂର୍ଣ୍ଣାଙ୍ଗ ସାଟେଲାଇଟ୍ ବନ୍ଦର ବିକାଶ ବିଷୟରେ ବିସ୍ତୃତ ଭାବରେ ସୂଚନା ପ୍ରଦାନ କରିଥିଲେ । ସେଠାରେ ୧୫୦ ନିୟୁତ ଟନ୍ କ୍ଷମତା ବିଶିଷ୍ଟ କଣ୍ଟେନର ଟର୍ମିନାଲ ରହିବ ଯାହା ଓଡ଼ିଶା, ଉତ୍ତର ଆନ୍ଧ୍ର ପ୍ରଦେଶ ଏବଂ ଛତିଶଗଡ଼ର ଆଭ୍ୟନ୍ତରୀଣ ଅଞ୍ଚଳକୁ ସେବା ଯୋଗାଇବା ସହିତ ବ୍ୟାପକ ଅନ୍ତର୍ଜାତୀୟ ବାଣିଜ୍ୟ କରିଡରକୁ ସହଜ କରିବ । ଶ୍ରୀ ହରନାଧ କହିଥିଲେ, କେନ୍ଦ୍ରାପଡ଼ା ଜିଲ୍ଲାରେ ଏକ ଜାହାଜ ନିର୍ମାଣ ଏବଂ ମରାମତି କ୍ଲଷ୍ଟର ପାଇଁ ଯୋଜନା ରହିଛି । ଏହା ସ୍ଥାନୀୟ ନିଯୁକ୍ତି ଏବଂ ଦକ୍ଷ କର୍ମଶକ୍ତି ବିକାଶକୁ ପ୍ରୋତ୍ସାହନ ଦେବ । ସେ କହିଥିଲେ, ଉପକୂଳ ପର୍ଯ୍ୟଟନ ଏବଂ ଅନ୍ତର୍ଜାତୀୟ ଯୋଗାଯୋଗକୁ ସୁଦୃଢ଼ କରିବା ପାଇଁ ପୁରୀରେ ଏକ ଆଧୁନିକ କ୍ରୁଜ୍ ଟର୍ମିନାଲ ପ୍ରତିଷ୍ଠା ଦିଗରେ ମଧ ପାରାଦୀପ ବନ୍ଦର ପ୍ରାଧିକରଣ ଆଗକୁ ବଢୁଛି । ଏହା ପୁରୀ ଭଳି ବିଶ୍ୱ ପ୍ରସିଦ୍ଧ ତୀର୍ଥସ୍ଥଳ ସହିତ କୋଣାର୍କ ଏବଂ ଚିଲିକାକୁ ନେଇ ଏକ



ଚିତାକର୍ଷକ ସାମୁଦ୍ରିକ ପର୍ଯ୍ୟଟନ ସର୍କିଟ ବିକଶିତ କରିବ । ବୈଠକରେ ଅଧ୍ୟକ୍ଷତା କରି, ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଓ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି)ର ଅତିରିକ୍ତ ମହାନିର୍ଦ୍ଦେଶକ ତଥା ଆଇଏମପିସିସି ଓଡ଼ିଶାର ଅଧ୍ୟକ୍ଷ ଅଖିଳ କୁମାର ମିଶ୍ର ଗଣଯୋଗାଯୋଗରେ ସହାନୁଭୂତି ଏବଂ ଭାବପ୍ରବଣ ଉପସ୍ଥାପନା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ, ପ୍ରକୃତ ସମ୍ପର୍କ ଏବଂ ନାଗରିକଙ୍କ ଆଶାକୁ ଠିକ୍ ଭାବେ ବୁଝି ନ ପାରିଲେ ଗଣଯୋଗାଯୋଗ ପ୍ରଭାବଶୂନ୍ୟ ହୋଇଥାଏ । ରାଷ୍ଟ୍ର ପ୍ରଗତିର ଉପସ୍ଥାପନ କରିବା ଲାଗି କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ଗଣମାଧମ ସଂସ୍ଥାଗୁଡ଼ିକ ମଧ୍ୟରେ ବ୍ୟବସ୍ଥିତ ସମନ୍ୱୟ ରହିବା ଅତି ଆବଶ୍ୟକ । ବୈଠକରେ ଦୂରଦର୍ଶନ, ଭୁବନେଶ୍ୱରର ଆଞ୍ଚଳିକ ସମାଚାର ୟୁନିଟର ଉପନିର୍ଦ୍ଦେଶକ ତଥା ମୁଖ୍ୟ ଡକ୍ଟର ଅଭିଷେକ ମିଶ୍ରା, ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ, ଭୁବନେଶ୍ୱରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର ସୁଚିତ୍ରା ସାମଲ, ମାଇ ଭାରତ ଓଡ଼ିଶା ରାଜ୍ୟ ନିର୍ଦ୍ଦେଶକ ଅଶୋକ କୁମାର ଦାଶ, ମାଇ ଭାରତ ସହକାରୀ ସେକ୍ସନ ଅଫିସର ରୋହିତ ନନ୍ଦେଶ୍ୱର, ସିଏସଆଇଆର-ଆଇଏମଏମଟି ଭୁବନେଶ୍ୱରର ବୈଜ୍ଞାନିକ ଡକ୍ଟର ସତ୍ୟଜିତ ରଥ, ଏନଆଇଟି ରାଉରକେଲାର ଲୋକ ସମ୍ପର୍କ ଅଧିକାରୀ ଅଭିଜିତ ପଟ୍ଟନାୟକ, ଆକାଶବାଣୀ କଟକ ଆଞ୍ଚଳିକ ସମାଚାର ୟୁନିଟର ବାର୍ତ୍ତା ସମ୍ପାଦକ ନିର୍ମାଲ୍ୟ ବେହେରା, ବିଏସଏନଏଲ ଉପଖଣ୍ଡ ଅଧିକାରୀ ଅସିତ ପ୍ରସାଦ ସାମଲ, ଏମପିଇଡିଏ ସହାୟକ ନିର୍ଦ୍ଦେଶକ ବିଜୁ ଭି.ଏନ. ଇଏସଆଇସି ପାରାଦୀପର ଶାଖା ପରିଚାଳକ ରୋଜାଲିନ ସାହୁ, ପିଆଇବି ଭୁବନେଶ୍ୱରର ସୂଚନା ସହାୟକ ବିକାଶ ରଞ୍ଜନ ଦଳେଇ, ପିପିଏର ମୁଖ୍ୟ ପ୍ରବନ୍ଧକ (କର୍ପୋରେଟ୍ ସମ୍ପର୍କ ଓ ଯୋଗାଯୋଗ) ରତିକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଆଇଏମପିସିସି ଓଡ଼ିଶା କ୍ଷେତ୍ରର ସଦସ୍ୟ ସଚିବ ପ୍ରଦୀପ କୁମାର ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ବୈଠକ ପରିଚାଳନା କରିଥିଲେ । ପିଆଇବି ଭୁବନେଶ୍ୱରର ଗଣମାଧମ ଓ ଯୋଗାଯୋଗ ଅଧିକାରୀ ସ୍ୱାଧୀନ ଶକ୍ତି ପ୍ରସାଦ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭୟଙ୍କର ମୌସୁମୀ ବର୍ଷାରେ ଛିନ୍ନଛତ୍ର ହିମାଚଳ

- ଗଲାଣି ୧୫୭ଙ୍କ ଜୀବନ
- ଭୂସ୍ଖଳନ ପରେ ୨୬୦ ରାସ୍ତା ବନ୍ଦ



**ନୂଆଦିଲ୍ଲୀ,୧୧।୮:** ପ୍ରକୃତିର ତାଣ୍ଡବରେ ଛିନଛତ୍ର ହିମାଚଳ ପ୍ରଦେଶ। ମୌସୁମୀ ଜନିତ ଲଗାଣ ବର୍ଷା ହିମାଚଳ ପ୍ରଦେଶର ସ୍ଥିତିକୁ ଦିନକୁ ଦିନ ଅଧିକ ଜଟିଳ କରିବାରେ ଲାଗିଛି। ଅବିଶ୍ରାନ୍ତ ବର୍ଷା ଯୋଗୁ ରାଜ୍ୟର ପ୍ରାୟ ୨୬୦ଟି ପ୍ରମୁଖ ରାସ୍ତା ବନ୍ଦ ହୋଇ ଯାଇଛି। ସେହିପରି ବର୍ଷା ଜନିତ ଅଘଟଣ ଇତି ମଧ୍ୟରେ ୧୫୭ ଜଣଙ୍କ ଜୀବନ ନେଇ ସାରିଲାଣି। ପ୍ରାୟ ୯୦୦ ସମ୍ପତ୍ତି ଓ ସର୍ବସାଧାରଣ ସ୍ଥାନ ବର୍ଷା ଯୋଗୁ କ୍ଷତିଗ୍ରସ୍ତ ହୋଇଛି। ମୌସୁମୀ ବର୍ଷା ଯୋଗୁ ୮୮୬ କୋଟି ଟଙ୍କାର କ୍ଷତି ହୋଇଥିବା ରାଜ୍ୟ ଜରୁରିକାଳୀନ ଅପରେସନ ସେଣ୍ଟର (ସିଇଓସି) ରିପୋର୍ଟରେ କୁହାଯାଇଛି। ରିପୋର୍ଟରେ ଜୁନ ୩୦ରୁ ଅଗଷ୍ଟ ୯ ମଧ୍ୟରେ ଲଗାଣ ବର୍ଷା, ଭୂସ୍ଖଳନ ଓ ଅନ୍ୟାନ୍ୟ ମୌସୁମୀ ଜନିତ ଅଘଟଣ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଏଥିରେ କୁହାଯାଇଛି ଯେ ଲଗାଣ ବର୍ଷା ଯୋଗୁ ହୋଇଥିବା ଭୂସ୍ଖଳନ ଓ ଅଚାନକ ବନ୍ୟା ଯୋଗୁ ୬୮ ଜଣ ପ୍ରାଣ ହରାଇଛନ୍ତି। ବର୍ଷା ବେଳେ ଘଟିଥିବା ସଡ଼କ ଦୁର୍ଘଟଣା ଆଉ ୮୯ ଜଣଙ୍କ ଜୀବନ ନେଇଛି। ସେହିପରି ପ୍ରାୟ ୨୫୭ ଜଣ ବିଭିନ୍ନ ସ୍ଥାନରେ ନିଖୋଜ ହୋଇଯାଇଛନ୍ତି। ସେମାନଙ୍କ ପତ୍ତା ଏଯାଏ ମିଳି ନାହିଁ। ପ୍ରକୃତରେ ଏଭଳି ଭୟଙ୍କର ରୂପରେ ତଳିତଳାନ୍ତ ହୋଇ ସାରିଥିବା ହିମାଚଳ ପ୍ରଦେଶକୁ ଏବେ ବି କୌଣସି ନିସ୍ତାର ମିଳିବାର ସମ୍ଭାବନା ନାହିଁ। କାରଣ ରାଜ୍ୟର ୫ଟି ଜିଲ୍ଲାକୁ ଭାରତୀୟ ପାଣିପାଗ ପ୍ରବଳ ବର୍ଷା ନେଇ ଅରେଞ୍ଜ ଆଲର୍ଟ ଜାରି କରିଛି। ବର୍ଷା ଜନିତ ବିପର୍ଯ୍ୟୟ ଯୋଗୁ ରାଜ୍ୟରେ ବିଜୁଳି ଯୋଗାଣ ମଧ୍ୟ ପ୍ରଭାବିତ ହୋଇଛି। କୁଲୁ ଓ ମଣ୍ଡି ଜିଲ୍ଲା ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି। ପ୍ରାୟ ଗୋଟିଏ ସପ୍ତାହରୁ ଅଧିକ ସମୟ ହେଲା ୧୬୧ଟି ବିତରଣ ଟ୍ରାନ୍ସଫରମର୍ସ (ଡିଆର) ଅଚଳ ହୋଇ ପଡ଼ିଛି। ମଣ୍ଡିରେ ଏହି ସଂଖ୍ୟା ୭୭ ଥିବା ବେଳେ ଶିମଲାରେ ୪୩ ଓ କୁଲୁର ୪୦ଟି ଡିଆର ଅକାମୀ ହୋଇଯାଇଛି। ହିମାଚଳ ପ୍ରଦେଶରେ ଏହି ସମୟରେ ପ୍ରତିବର୍ଷ ଭଳି ଏଥର ମଧ୍ୟ ଲଗାଣ ବର୍ଷା ଜାରି ରହିଛି। ଏଥିଯୋଗୁ କୁଲୁର ବିଭିନ୍ନ ନଦୀ ଓ ଝରଣାରେ ହଠାତ୍ ଜଳସ୍ତର ବୃଦ୍ଧି ପାଇଛି। ଅବିଶ୍ରାନ୍ତ ବର୍ଷା ଯୋଗୁ ପାହାଡ଼ରୁ ବଡ଼ ବଡ଼ ଆବର୍ଜନା ଓ ମାଟି ଧସି ତଳକୁ ଖସୁଥିବା ବେଳେ ଅଚାନକ ବନ୍ୟାରେ କାର୍ ଓ ଅସ୍ଥାୟୀ ପୋଲଗୁଡ଼ିକ ଭାସିଯାଉଥିବା ଦେଖିବାକୁ ମିଳିଛି। ଭୂସ୍ଖଳନ ଓ ପାହାଡ଼ ଧସିବା ଯୋଗୁ ହିମାଚଳର ପ୍ରାୟ ୨୫୯ଟି ରାସ୍ତା ବନ୍ଦ ହୋଇଯାଇଛି। ଏହା ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ମଣ୍ଡି-କୁଲୁ ଜାତୀୟ ରାଜପଥ ରହିଛି। ମଣ୍ଡି ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ଏଠାରେ ୧୨୦ଟି ରାସ୍ତା ବନ୍ଦ ରହିଛି। ଏହା ପରେ ଚମ୍ବାରେ ୪୨, କୁଲୁରେ ୪୦ ଓ ଶିମଲାରେ ୩୦ଟି ରାସ୍ତା ବନ୍ଦ ହୋଇଯାଇଛି।



## ଆସାମ ପ୍ରଳୟଙ୍କରୀ ବନ୍ୟାରେ ୧୦୧ ମୃତ

ଆମଗୁରୀର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ନିଶ୍ଚିତ କରିବା ପରେ ଆସାମରେ ବନ୍ୟା ପରିସ୍ଥିତି ଗମ୍ଭୀର ରହିଛି ଏବଂ ମୃତକଙ୍କ ସଂଖ୍ୟା ୧୦୧ କୁ ବୃଦ୍ଧି ପାଇଛି। ଏକ ସରକାରୀ ବୁଲେଟିନରେ କୁହାଯାଇଛି ଯେ ୧.୨୬ ଲକ୍ଷରୁ ଅଧିକ ଲୋକ ଏବେ ବି ବନ୍ୟା ତଳେ ଫସି ରହିଛନ୍ତି। ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଦ୍ୱାରା ଜାରି କରାଯାଇଥିବା ସଦ୍ୟତମ ସୂଚନା ଅନୁଯାୟୀ, ରବିବାର ରାତିରୁ ଶିବସାଗର ଜିଲ୍ଲାର ଆମଗୁରି ରାଜସ୍ୱ ସର୍କଲରୁ ଏକମାତ୍ର ମୃତ୍ୟୁ ରିପୋର୍ଟ ହୋଇଛି। ଏହା ସହିତ, ଏହି ବର୍ଷର ବନ୍ୟାରେ ମୋଟ ମୃତ୍ୟୁ ସଂଖ୍ୟା ୧୦୧କୁ ବୃଦ୍ଧି ପାଇଛି। ସରକାରୀ ରିପୋର୍ଟ ଅନୁଯାୟୀ, ଚରାଇଦେଓ, ଦାରାଙ୍ଗ, ଗୋଲାଘାଟ, ଜୋରହାଟ, କାର୍ବି ଆଙ୍ଗଲଙ୍ଗ, ନାଗାଓଁ ଏବଂ ଶିବସାଗର ଜିଲ୍ଲାରେ ୧,୨୬,୪୩୧ ଲୋକ ପ୍ରଭାବିତ ହୋଇଛନ୍ତି। ଗୋଲାଘାଟ ହେଉଛି ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ଜିଲ୍ଲା ଯେଉଁଥିରେ ୭୧,୦୦୦ ରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି, ଏହା ପରେ ଶିବସାଗରରେ ୨୧,୦୦୦ ରୁ ଅଧିକ ଲୋକ ଏବଂ ଜୋରହାଟରେ ୧୩,୦୦୦ ରୁ ଅଧିକ ଲୋକ ବନ୍ୟା ପାଣି ତଳେ ଫସି ରହିଛନ୍ତି।

## କଲମ୍ବିଆରେ ଭୂକମ୍ପ ମୃତ୍ୟୁସଂଖ୍ୟା ବଢୁଛି

# ଧ୍ୱଂସାବଶେଷ ତଳୁ ଚାଲିଛି ଜୀବନଖୋଜା

### ଭାଙ୍ଗିଲା ୧୬୦୦ରୁ ଅଧିକ କୋଠା, ୧୩୨ ମୃତ, ୫୭୦ ଆହତ



**ନୂଆଦିଲ୍ଲୀ,୧୧।୮:** ପଶ୍ଚିମ କୋଲମ୍ବିଆରେ ୭.୪ ତୀବ୍ରତାର ଏକ ଶକ୍ତିଶାଳୀ ଭୂକମ୍ପ ଝଟକା ଅନୁଭୂତ ହୋଇଛି, ଯାହା ଫଳରେ ସମଗ୍ର ଦେଶ ଦୋହଲି ଯାଇଛି। ଏହି ଭୂକମ୍ପ ଯୋଗୁଁ କେତେକ ସହରରେ ଶହ ଶହ କୋଠା ଭୁଶୁଡ଼ି ପଡ଼ିଥିବା ବେଳେ ଧ୍ୱଂସାବଶେଷ ତଳେ ଚାପି ହୋଇରହିଥିବା ଲୋକଙ୍କୁ ଉଦ୍ଧାର କରିବାକୁ ଅଭିଯାନ ଜାରି ରହିଛି। ଏହି ଦକ୍ଷିଣ ଆମେରିକୀୟ ଦେଶରେ ଚଳିତ ଶତାବ୍ଦୀର ଏହା ହେଉଛି ସବୁଠାରୁ ଶକ୍ତିଶାଳୀ ଭୂକମ୍ପ । ଏଥିଯୋଗୁ ୧୩୨ ଜଣ ଲୋକଙ୍କର ମୃତ୍ୟୁ ଘଟିଛି ଏବଂ ପ୍ରାୟ ୫୭୦ ଜଣ ଆହତ ହୋଇଛନ୍ତି। ଉଦ୍ଧାରକାରୀ ଦଳ ଏବଂ ସ୍ଥାନୀୟ ଲୋକେ ମାଟିରେ ମିଶିଯାଇଥିବା କୋଠାଗୁଡ଼ିକର ଧ୍ୱଂସାବଶେଷ ଖୋଳିବା ଜାରି ରଖିଥିବାରୁ ମୃତ୍ୟୁ ସଂଖ୍ୟା ଆହୁରି ବୃଦ୍ଧି ପାଇବାର ଆଶଙ୍କା ରହିଛି। ଅନ୍ୟପଟେ କୋଲମ୍ବିଆ ଜିଓଲୋଜିକାଲ୍ ସର୍ଭିସ୍ ପକ୍ଷରୁ ଆହୁରି ପରବର୍ତ୍ତୀ ଭୂକମ୍ପ ଝଟକା (ଆଫ୍ଟରଶକ୍) ଆସିବା ନେଇ ସତର୍କ ସୂଚନା ଦିଆଯାଇଛି। ରାଷ୍ଟ୍ରପତି ଆବେଲାର୍ଡୋ ଡି ଲା ଏସପ୍ରିଏଲା ଦେଶର ସର୍ବୋଚ୍ଚ ପଦ ଗ୍ରହଣ କରିବାର ମାତ୍ର କିଛି ଦିନ ପରେ ଏହି ବିପତ୍ତି ଆସିପହଞ୍ଚିଛି, ଯାହା ନୂତନ ପ୍ରଶାସନକୁ ଏହାର ପ୍ରଥମ ବଡ଼ ସଙ୍କଟ ମଧ୍ୟକୁ ଠେଲି ଦେଇଛି। ସେହିପରି ଗତ ଜୁନ୍ ମାସରେ ପଡ଼ୋଶୀ ଭେନେଜୁଏଲାରେ ଆସିଥିବା ଦୁଇଟି ବିନାଶକାରୀ ଭୂକମ୍ପ ମନରୁ ନଲିଭୁଣୁ ଘଟିଛି ଏହି ଭୂକମ୍ପ। ରାଷ୍ଟ୍ରପତି ଆବେଲାର୍ଡୋ ଡି ଲା ଏସପ୍ରିଏଲାଙ୍କ ଅନୁଯାୟୀ, ଏହି ଶକ୍ତିଶାଳୀ ଭୂକମ୍ପ ଏବଂ ଏହା ପରେ ଆସିଥିବା ୨୧ଟି ଝଟକା (ଆଫ୍ଟରଶକ୍) ଯୋଗୁ ଅନ୍ତତଃ ୧,୫୭୫ଟି ଘର, ୧୮ଟି ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ୫୨ଟି ସ୍କୁଲ୍ କ୍ଷତିଗ୍ରସ୍ତ ହୋଇଛି। ଅନ୍ତତଃ ୬୧ଟି କୋଠା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଥିବା କଥା ରାଷ୍ଟ୍ରପତି କହିଛନ୍ତି। ଭୂକମ୍ପ ପରବର୍ତ୍ତୀ ଉଦ୍ଧାର ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ଆର୍ଥିକ ସହାୟତା ତ୍ୱରାନ୍ୱିତ କରିବାକୁ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି ।

## ଚୁଟ୍‌କୀରେ...

### ‘ମୁନ୍ ବେସ୍’ ପ୍ରୋଗ୍ରାମରେ ସାମିଲ ହେବ ଭାରତ

**ନୂଆଦିଲ୍ଲୀ,୧୧।୮:** ଆମେରିକୀୟ ମହାକାଶ ଏଜେନ୍ସି ନ୍ୟାସନାଲ ଏୟରୋନଟିକ୍ସ ଆଣ୍ଡ ସ୍ପେସ୍ ଆଡମିନିଷ୍ଟ୍ରେସନ ଭାରତୀୟ ମହାକାଶ ଏଜେନ୍ସି ଭାରତୀୟ ମହାକାଶ ଅନୁସନ୍ଧାନ ସଙ୍ଗଠନ କୁ ବଡ଼ା ଅଫର ଦେଇଛି। ପ୍ରକୃତ କଥା ହେଲା , ନାସା ଇସ୍ରୋକୁ ଆର୍ଟିମିସ୍ ମିଶନ ଅନୁସାରେ ମୁନ ବେସ୍ ପ୍ରୋଗ୍ରାମ ସାମିଲ ହେବାକୁ ନିମନ୍ତ୍ରଣ କରିଛି। ଆମେରିକୀୟ ଦୂତାବାସ ମଙ୍ଗଳବାର କହିଛି ଯେ, ନାସା ଆର୍ଟିମିସ୍ ଚୁକ୍ତି ଅନୁସାରେ ଭାରତ-ଆମେରିକା ଚୁକ୍ତିକୁ ଆହୁରି ମଜବୁତ କରିବା ପାଇଁ ଇସ୍ରୋକୁ ନିଜର ମୁନ୍ ସ୍ତରୀୟ ପ୍ରୋଗ୍ରାମରେ ଅନ୍ତର୍ଭୁକ୍ତ ହେବା ପାଇଁ ନିମନ୍ତ୍ରଣ କରିଛି। ଉଭୟ ପକ୍ଷ ଚୁକ୍ତି ଅନୁସାରେ , ଓପେନ ସାଇଣ୍ଟିଫିକ୍ ଡାଟା ସେୟାରିଂ ଉପରେ ସହଯୋଗ ପାଇଁ କଥାବାର୍ତ୍ତାକୁ ଆଗକୁ ବଢାଇବା ଉପରେ ମଧ୍ୟ ସହମତି ପ୍ରକାଶ କରିଛନ୍ତି। ଏହି ଚୁକ୍ତିର ଉଦ୍ଦେଶ୍ୟ ବାହ୍ୟ ମହାକାଶର ନାଗରିକ ଅନ୍ୱେଷଣ ଓ ଏହାର ଉପଯୋଗର ଗଭର୍ଣ୍ଣାସକୁ ଉତ୍ତମ କରିବାର ଅଛି। ନାସା ମହାକାଶରେ ଆମେରିକାର ଲିଡରଶିପକୁ ମଜବୁତ କରିବା , ବୈଜ୍ଞାନିକ ଆବିଷ୍କାରକୁ ପ୍ରୋତ୍ସାହିକ କରିବା ,ଇଣ୍ଡଷ୍ଟ୍ରୀ ଓ ଅନ୍ତର୍ଜାତୀୟ ସହଯୋଗୀଙ୍କ ସହ ଇନୋଭେସନକୁ ଆଗକୁ ବଢାଇବା ଓ ମଙ୍ଗଳଗ୍ରହର ମିଶନ ପାଇଁ ମାନବତାକୁ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଚନ୍ଦ୍ରର ଦକ୍ଷିଣ ଧ୍ରୁବ ନିକଟରେ ଏକ ମୁନ ବେସ୍ ନିର୍ମାଣ କରୁଛି। ୨୧ ଜୁନ ୨୦୨୩ରେ ଭାରତ ଆର୍ଟମିସ ଚୁକ୍ତିରେ ହସ୍ତାକ୍ଷର କରିବାର ୨୭ ତମ ଦେଶ ହୋଇଥିଲା।

### ସିରିଆର ପୂର୍ବତନ ରାଷ୍ଟ୍ରପତି ବଶର-ଅଲ୍-ଆସାଦଙ୍କୁ ମୃତ୍ୟୁଦଣ୍ଡ

**ଜାମସଦର,୧୧।୮:** ସିରିଆର ପୂର୍ବତନ ରାଷ୍ଟ୍ରପତି ବଶର ଅଲ-ଆସାଦ ଏବଂ ତାଙ୍କ ସାନ ଭାଇ ମାହେର ଅଲ-ଆସାଦଙ୍କୁ ମୃତ୍ୟୁଦଣ୍ଡ ମିଳିଛି। ମଙ୍ଗଳବାର ଦିନ ସିରିଆର ଏକ କୋର୍ଟ ଏହି ରାୟ ଶୁଣାଇଛନ୍ତି । ସେମାନଙ୍କୁ ମାନବତା ବିରୋଧୀ ଅପରାଧ ଏବଂ ଯୁଦ୍ଧ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ କରାଯାଇଛି। ସିରିଆର କୋର୍ଟ ବଶର ଅଲ-ଆସାଦ ଏବଂ ତାଙ୍କ ଭାଇଙ୍କୁ ମାନବତା ବିରୋଧୀ ଅପରାଧ ଏବଂ ଯୁଦ୍ଧ ଅପରାଧ ପାଇଁ ସେମାନଙ୍କ ଅନୁପସ୍ଥିତିରେ ମୃତ୍ୟୁଦଣ୍ଡ ଦେଇଛନ୍ତି। ଉଭୟଙ୍କୁ ସିରିଆର ୧୪ ବର୍ଷର ଗୃହ ଯୁଦ୍ଧ ସମୟରେ ମାନବତା ବିରୋଧୀ ଅପରାଧ ଏବଂ ଯୁଦ୍ଧ ଅପରାଧ ପାଇଁ ଅଭିଯୁକ୍ତ କରାଯାଇଥିଲା, ଯେଉଁଥିରେ ପ୍ରାୟ ୫ ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇଥିଲା। ଆସାଦଙ୍କ ସମ୍ପର୍କୀୟ ଭାଇ ଆତିଫ ନଜିବଙ୍କୁ ମଧ୍ୟ ସମାନ ମାମଲାରେ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ନଜିବଙ୍କ ବିରୋଧରେ ଦକ୍ଷିଣ ପ୍ରଦେଶ ଦାରାରେ ଦମନର ନେତୃତ୍ୱ ନେବାର ଅଭିଯୋଗ ହୋଇଥିଲା, ଯାହା ଏକ ବିଦ୍ରୋହ ସୃଷ୍ଟି କରିଥିଲା ଏବଂ ଗୃହଯୁଦ୍ଧ ଆରମ୍ଭ କରିଥିଲା। ସିରିଆର ବିଚାରପତି ଦଣ୍ଡ ଘୋଷଣା କରିବା ସମୟରେ ନଜିବ ଏକ କଏଦୀଙ୍କ ପୋଷାକ ପିନ୍ଧି ଏକ ପିଞ୍ଜରା ଭିତରେ ଠିଆ ହୋଇଥିଲେ। ବଶର ଅଲ-ଆସାଦଙ୍କ ମାମୁଁଙ୍କ ପୁଅ ଆତେଫ ନଜିବଙ୍କୁ ମଧ୍ୟ ସମାନ ମାମଲାରେ ମୃତ୍ୟୁଦଣ୍ଡ ଦିଆଯାଇଛି।

### ଆମେରିକାର ୭ଟି ରାଜ୍ୟର ୱାଟର ସିଷ୍ଟମ୍ ହ୍ୟାକ୍

**ନୂଆଦିଲ୍ଲୀ,୧୧।୮:** ଆମେରିକା ଓ ଇରାନ ମଧ୍ୟରେ ଲାଗି ରହିଛି ଉତ୍ତେଜିତ ମାହୋଲ। ଆଉ ଏହି ମଧ୍ୟରେ ଆମେରିକୀୟ ୱାଟର ପ୍ଲାଣ୍ଟରେ କୋଅର୍ଡିନେଟେଡ୍ ସାଇବର ଆକ୍ରମଣର ରିପୋର୍ଟ ସାମ୍ନାକୁ ଆସିଛି। ମିନେସୋଟା ସ୍ପଷ୍ଟ କରିଛି ଯେ ,ରାଜ୍ୟର ଅତି କମରେ ୩୦ଟି ପୌରପାଳିକା ଜଳ ସିଷ୍ଟମ ଉପରେ ସମନ୍ୱିତ ସାଇବର ଆକ୍ରମଣ ହୋଇଥିଲା। ଜୁଲାଇର ଶେଷ ଭାଗରେ ଆସିଥିବା ଏହି ରିପୋର୍ଟ ପରେ ଏଫବିଆଇ ଚେତାବନୀ ଜାରି କରିଛି ଯେ, ଦୁର୍ଭାବନାପୂର୍ଣ୍ଣ ସାଇବର ଆକ୍ଟର୍ ମାନେ ଆମେରିକାର ପ୍ରାୟ ସାତୋଟି ରାଜ୍ୟରେ ପାନୀୟ ଜଳ ଓ ୱେଷ୍ଟ ୱାଟର ସିଷ୍ଟମକୁ ଟାର୍ଗେଟ୍ କରିଛନ୍ତି। ରିପୋର୍ଟ ପରେ ଜର୍ଜିଆ , ନ୍ୟୁ ଜର୍ସି ଓ ସାଉଥ୍ ଡକୋଟା ସମେତ ଅନେକ ରାଜ୍ୟ ସମାନ ସାଇବର ଘଟଣାର ସୂଚନା ଦେଇଛନ୍ତି। ହେଲେ ଏବେସୁଦ୍ଧା ସ୍ପଷ୍ଟ ହୋଇ ନାହିଁ ଯେ,ଏହି ଆକ୍ରମଣ ଏଫବିଆଇ ଦ୍ୱାରା ଚିହ୍ନିତ ସାତୋଟି ରାଜ୍ୟର ଆକ୍ରମଣର ଅଂଶ ବିଶେଷ କି ନାହିଁ। ଟ୍ରମ୍ପ ପ୍ରଶାସନ ପୂର୍ବରୁ ଇରାନ ସହ ଜଡ଼ିତ ହ୍ୟାକରଙ୍କ ଉପରେ ସାଇବର ଆକ୍ରମଣର ଅଭିଯୋଗ କରିଥିଲେ , କିନ୍ତୁ ଏବେସୁଦ୍ଧା କାହାକୁ ଆନୁଷ୍ଠାନିକ ଭାବେ ଦାୟୀ କରାଯାଇ ନାହିଁ। ସରକାରୀ ତଥ୍ୟ ଅନୁସାରେ , ଆମେରିକାରେ ପ୍ରାୟ ୧,୫୨,୦୦୦ ସାର୍ବଜନିକ ପାନୀୟ ଜଳ ସିଷ୍ଟମ ଓ ୧୬,୦୦୦ରୁ ଅଧିକ ୱେଷ୍ଟ ୱାଟର ଟ୍ରିଟମେଣ୍ଟ ସୁବିଧା ରହିଛି।

## ଶୁଭେନ୍ଦୁ ଅଧିକାରୀଙ୍କ ହେଲିକପ୍ଟର ଏମର୍ଜେନ୍ସୀ ଲ୍ୟାଣ୍ଡିଂ



**କୋଲକାତା, ୧୧।୮:** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ହେଲିକପ୍ଟରରେ ଏମର୍ଜେନ୍ସି ଲ୍ୟାଣ୍ଡିଂ । ମଙ୍ଗଳବାର ଖରାପ ପାଗ ଯୋଗୁଁ ପାଇଲଟ ହେଲିକପ୍ଟରକୁ ପୂର୍ବ ମେଦିନୀପୁର ଜିଲ୍ଲାର କୋଲାଘାଟରେ ଅବତରଣ କରିବାକୁ ବାଧ୍ୟ ହୋଇଥିଲେ। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଦମ୍ ଦମ୍ ରୁ କେଶପୁର ଅଭିମୁଖେ ଉଡ଼ାଣ କରୁଥିବା ବେଳେ ଏଭଳି ଘଟିଛି। ଖରାପ ପାଗ ଏବଂ କମ୍ ଦୃଶ୍ୟମାନତା ଯୋଗୁଁ ହେଲିକପ୍ଟରଟି ଉଡ଼ିବା ଅସୁରକ୍ଷିତ ଥିଲା। ଫଳସ୍ୱରୂପ, ଜରୁରୀକାଳୀନ ଅବତରଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। କୋଲାଘାଟ ତାପଜ ବିଦ୍ୟୁତ୍ କେନ୍ଦ୍ର ନିକଟରେ ଏକ ଖାଲି ପଡ଼ିଆରେ ଅବତରଣ ପାଇଲଟ୍ ହେଲିକପ୍ଟରକୁ ଜରୁରୀ ଅବତରଣ କରିଥିଲେ। ରିପୋର୍ଟ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଖୁଦିରାମ ବୋଷଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ପାଇଁ ଏକ ସମାରୋହରେ ଯୋଗଦେବା ପାଇଁ କେଶପୁର ଯାଉଥିଲେ। ଅବତରଣ କରିବା ପରେ,ସେ ପଶ୍ଚିମ ମିଦନାପୁର ଜିଲ୍ଲାର କେଶପୁରରେ ଥିବା କାର୍ଯ୍ୟକ୍ରମ ସ୍ଥାନକୁ ସଡ଼କ ପଥରେ ଯାଇଥିଲେ। ଅଧିକାରୀଙ୍କ ସୂଚନା ଅନୁସାରେ, ଏହି ଘଟଣାରେ କେହି ଆହତ ହୋଇନାହାନ୍ତି କିମ୍ବା କୌଣସି ପ୍ରକାର କ୍ଷତି ହୋଇନାହିଁ।

# ମଙ୍ଗଳ ମିଳନ ବୈଠକ ତ୍ରିରଙ୍ଗାମୟ

### ସାଂସଦଙ୍କ ସହ ତ୍ରିରଙ୍ଗା ଉଡାଇଲେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ,୧୧।୮:** ସଂସଦ ପାଠାଗାରରେ ମଙ୍ଗଳବାର ଅନୁଷ୍ଠିତ ଏନଡିଏର ‘ମଙ୍ଗଳ ମିଳନ’ ବୈଠକରେ ମୌସୁମୀ ଅଧିବେଶନର ଶେଷ ତିନି ଦିନ ପାଇଁ ରଣନୀତି ଉପରେ ଆଲୋଚନା କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅମିତ ଶାହଙ୍କ ସମେତ ଅନେକ ବରିଷ୍ଠ ଏନଡିଏ ନେତା ଉପସ୍ଥିତ ଥିଲେ। ବୈଠକ ‘ବନ୍ଦେ ମାତରମ୍’ ସ୍ଲୋଗାନ୍ ସହିତ ଆରମ୍ଭ ହୋଇଥିଲା। ପ୍ରଧାନମନ୍ତ୍ରୀ ବିଜେପି ସଭାପତି ନୀତିନ ନବୀନ ଏବଂ ଅନ୍ୟାନ୍ୟ ଏନଡିଏ ନେତାମାନେ ତ୍ରିରଙ୍ଗା ଉଡ଼ାଉଥିବାର ଦେଖାଯାଇଥିଲା। ଏନଡିଏ ସାଂସଦମାନେ ଝାଡ଼ଖଣ୍ଡରେ ଛାତ୍ର ପ୍ରତିବାଦକୁ ନେଇ ସଂସଦ ପରିସରରେ ପ୍ରତିବାଦ କରିଥିଲେ। ‘ମଙ୍ଗଳ ମିଳନ’ ବୈଠକ ମୂଳତଃ ଏନଡିଏ ସଂସଦୀୟ ଦଳର ଏକ ସାପ୍ତାହିକ ରଣନୀତି ବୈଠକ। ଏହାର ଉଦ୍ଦେଶ୍ୟ ହେଉଛି ଗଠନମୂଳକ ଆଲୋଚନାକୁ ପ୍ରୋତ୍ସାହିତ କରିବା ଏବଂ ମେଣ୍ଟ ଅଂଶୀଦାରମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ବଜାୟ ରଖିବା। ସଂସଦ ଅଧିବେଶନ ସମୟରେ ଗୃହ ପାଇଁ ଦୈନନ୍ଦିନ ରଣନୀତି ପ୍ରସ୍ତୁତ କରିବା ଏବଂ ବିଭିନ୍ନ ଦଳ ମଧ୍ୟରେ ସହମତି ସୃଷ୍ଟି କରିବା।

### ୧୯ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

# କ୍ୟାନ୍‌ସରକୁ ‘ସୂଚନୀୟ ରୋଗ’ ଘୋଷଣା କର



**ନୂଆଦିଲ୍ଲୀ,୧୧।୮:** ଦେଶରେ କ୍ୟାନ୍‌ସର ରୋଗୀଙ୍କ ଚିହ୍ନଟ, ଚିକିତ୍ସା ଓ ତଥ୍ୟ ସଂଗ୍ରହରେ ସମାନତା ଆଣିବା ପାଇଁ କ୍ୟାନ୍‌ସରକୁ ସୂଚନୀୟ ବା ‘ଅନିବାର୍ଯ୍ୟ ଭାବେ ରିପୋର୍ଟ କରିବାକୁ ପଡୁଥିବା ରୋଗ’ ଭାବେ ଘୋଷଣା କରିବାକୁ ମଙ୍ଗଳବାର ସୁପ୍ରିମ୍‌କୋର୍ଟ ଅବଶିଷ୍ଟ ୧୯ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ କହିଛନ୍ତି। ଏଥିସହ ଏହି ପ୍ରସଙ୍ଗରେ ଉପଯୁକ୍ତ ନିଷ୍ପତ୍ତି ନେଇ ଅନୁପାଳନ ସତ୍ୟପାଠ ଦାଖଲ କରିବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ୧୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଏହି ଆଦେଶ କାର୍ଯ୍ୟକାରୀ କରିସାରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି. ମୋହନାଙ୍କ ଖଣ୍ଡପୀଠ ମଙ୍ଗଳବାର ଏହି ମାମଲାର ଶୁଣାଣି କରିଥିଲେ। କ୍ୟାନ୍‌ସରକୁ ସାରା ଦେଶରେ ଅନିବାର୍ଯ୍ୟ ଭାବେ ରିପୋର୍ଟ କରିବାକୁ ପଡୁଥିବା ରୋଗ ଘୋଷଣା କରିବା ଦାବିରେ ଦାଖଲ ଜନସ୍ୱାର୍ଥ ମାମଲାର ଶୁଣାଣି ସମୟରେ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କ ମତ ଜାଣିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଅନିଲ କୌଶିକ କୋର୍ଟଙ୍କୁ କହିଥିଲେ ଯେ ସ୍ୱାସ୍ଥ୍ୟ ରାଜ୍ୟ ତାଲିକାଭୁକ୍ତ ବିଷୟ। ତାଙ୍କ ଅନୁସାରେ, ଏପର୍ଯ୍ୟନ୍ତ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ୧୭ଟିରେ କ୍ୟାନ୍‌ସରକୁ ଅନିବାର୍ଯ୍ୟ ଭାବେ ରିପୋର୍ଟ କରାଯିବାକୁ ଥିବା ରୋଗ ଭାବେ ଘୋଷଣା କରାଯାଇସାରିଛି। ଏହା ପରେ ପ୍ରଧାନ ବିଚାରପତି କେନ୍ଦ୍ରକୁ ପଚାରିଥିଲେ, ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ବାଧ୍ୟତାମୂଳକ ନିର୍ଦ୍ଦେଶାବଳୀ କାହିଁକି ଜାରି କରାଯାଇପାରିବ ନାହିଁ ? ଦେଶରେ ଏଥିପାଇଁ ଏକ ସମାନ ନୀତି ରହିବା ଆବଶ୍ୟକ ବୋଲି ସେ କହିଥିଲେ।

# ପାର୍ଲାମେଣ୍ଟ ଭିତରେ ଓ ବାହାରେ ମୁହାଁମୁହିଁ



**ନୂଆଦିଲ୍ଲୀ,୧୧।୮:** ପାର୍ଲାମେଣ୍ଟ ଭିତରେ ମୁହାଁମୁହିଁ । ପାର୍ଲାମେଣ୍ଟ ବାହାରେ ବି ମୁହାଁମୁହିଁ। ଆଜି ସଂସଦ ଭବନ ପରିସରରେ ଦେଖିବାକୁ ମିଳିଛି ଏଭଳି କିଛି ଦୃଶ୍ୟ । ଗୋଟିଏ ପଟେ ବିରୋଧୀ ଦଳର ଆଭିମୁଖ୍ୟକୁ ନିନ୍ଦା କରି ଏନଡିଏ ସାଂସଦମାନେ ପ୍ରତିବାଦ ଶୋଭାଯାତ୍ରା କରିଥିଲେ । ଅନ୍ୟପଟେ ଯନ୍ତରମନ୍ତରରେ ଛାତ୍ରମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନକୁ ନେଇ ଗୃହ ମନ୍ତ୍ରୀ ଅମିତ ଶାହଙ୍କ ବିରୋଧରେ ପ୍ରତିବାଦ କରିଥିଲେ କଂଗ୍ରେସ ସାଂସଦମାନେ। ସଂସଦର ମକର ଦ୍ୱାରରେ ଉଭୟ ଦଳର ସାଂସଦମାନେ ମୁହାଁମୁହିଁ ହୋଇ ସ୍ଲୋଗାନ ଦେଇଥିଲେ। ଏହା ପୂର୍ବରୁ ଏନଡିଏର ସାପ୍ତାହିକ ବୈଠକ ମଙ୍ଗଳ ମିଳନ ସରିବା ପରେ ଦଳୀୟ ସାଂସଦମାନେ ପାର୍ଲାମେଣ୍ଟ ଅଭିମୁଖେ ଶୋଭାଯାତ୍ରାରେ ଯାଇଥିଲେ । ହାତରେ ପ୍ଲାକାର୍ଡ ଧରି ସେମାନେ କଂଗ୍ରେସ ନେତାଙ୍କ ବିରୋଧରେ ସ୍ଲୋଗାନ୍ ଦେଇଥିଲେ । ଏନଡିଏ ସାଂସଦଙ୍କ ଅଭିଯୋଗ ଯେ, ବିରୋଧୀ ଜାଣିଶୁଣି ସଂସଦକୁ ଅଚଳ କରୁଛନ୍ତି । ଯନ୍ତରମନ୍ତରରେ ଛାତ୍ରମାନଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ବିରୋଧୀ ଗୃହକାର୍ଯ୍ୟ ଚଳାଇ ଦେଉନାହାନ୍ତି । ତେବେ ଶାସକ ଦଳ ପକ୍ଷରୁ ଏ ନେଇ ଗୃହ ମନ୍ତ୍ରୀ ଅମିତ ଶାହା ଉତ୍ତର ଦେବେ ବୋଲି କହିବା ସତ୍ତ୍ୱେ ବିରୋଧୀ ପଳାୟନ କରୁଛନ୍ତି । ଝାଡଖଣ୍ଡ ଛାତ୍ର ଆନ୍ଦୋଳନରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କାହିଁକି ଚୁପ୍ ରହୁଛନ୍ତି ବୋଲି ଏନଡିଏ ସାଂସଦମାନେ କହିଛନ୍ତି । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିଛନ୍ତି, ଛାତ୍ରଙ୍କ ପ୍ରସଙ୍ଗରେ ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଏବଂ ଗୃହମନ୍ତ୍ରୀ ଅମିତ ଶାହ ଏହି ପ୍ରସଙ୍ଗରେ ବିବୃତି ରଖିବେ । ତେବେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସଂସଦରେ ଉପସ୍ଥିତ ରୁହନ୍ତୁ, ବିତର୍କରେ ଭାଗ ନିଅନ୍ତୁ ।

# ଟ୍ରମ୍ପଙ୍କୁ ଘାରିଲା ଇରାନ ଭୟ: ଲୁଚିଛପି ତୁର୍କୀରୁ ଆମେରିକା ଆସିଲେ

**ନୂଆଦିଲ୍ଲୀ,୧୧।୮:** ଇରାନ ସହ ଯୁଦ୍ଧ କରୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏବେ ଭୟ ଘାରିଛି। ଏଥିଯୋଗୁ ସେ ଲୁଚିଛପି ତୁର୍କୀରୁ ଆମେରିକା ଆସିବାକୁ ବାଧ୍ୟ ହୋଇଛନ୍ତି। ନିକଟରେ ନାଟୋ ସମ୍ମିଳନୀରେ ଯୋଗ ଦେବାକୁ ତୁର୍କୀ ଯାଇଥିଲେ ଟ୍ରମ୍ପ। ଆଉ ସେଠାରୁ ସେ ପୁରୁଣା ଏୟାର ଫୋର୍ସ ୱାନ ବିମାନରେ ବସିବା ସମସ୍ତଙ୍କୁ ଚକିତ କରିଥିଲା। ବାସ୍ତବରେ ସେ କତର ପକ୍ଷରୁ ଉପହାରରେ ମିଳିଥିବା ବୋଇଂରେ ଆସିବାର ଥିଲା। ହେଲେ ସେ ଇରାନ ଭୟରେ ପୁରୁଣା ବିମାନରେ ବସିଥିଲେ। କେବଳ ସେତିକି ନୁହେଁ, ସେ ପୁରୁଣା ବିମାନରେ ମଧ୍ୟ ସ୍ୱଦେଶ ଫେରି ନଥିଲେ, ବରଂ ଟ୍ରମ୍ପ ଗୋଟିଏ ଛୋଟ ସାମରିକ ବିମାନରେ ଗୁପ୍ତ ଭାବେ ସ୍ୱଦେଶ ଫେରିଥିବା ଥିବା ଏବେ ରିପୋର୍ଟ ପ୍ରକାଶ ପାଇଛି। ‘ଦ ୱାଶିଂଟନ୍ ପୋଷ୍ଟ’ର ରିପୋର୍ଟ ଅନୁଯାୟୀ, ଇରାନ୍ ପକ୍ଷରୁ ଟ୍ରମ୍ପଙ୍କୁ ହତ୍ୟା ଯୋଜନା ସମ୍ପର୍କରେ ବିଶ୍ୱସନୀୟ ସୂତ୍ରରୁ ଖବର ମିଳିଥିଲା। ଏହି ଖବର ମିଳିବା ପରେ ୮୦ ବର୍ଷୀୟ ଟ୍ରମ୍ପଙ୍କୁ ଗୁପ୍ତ ଭାବେ ଗୋଟିଏ ସାମରିକ ବିମାନରେ ତୁର୍କୀରୁ ବାହାର କରାଯାଇଥିଲା। ଏହି ସମୟରେ ପୁରୁଣା ‘ଏୟାର ଫୋର୍ସ ୱାନ୍’କୁ ଭ୍ରମ ସୃଷ୍ଟି କରିବା ପାଇଁ ମଧ୍ୟ ବ୍ୟବହାର କରାଯାଇଥିଲା। ଅଙ୍କାରା ବିମାନବନ୍ଦରରେ ଟ୍ରମ୍ପ ପ୍ରଥମେ ପୁରୁଣା ‘ଏୟାର ଫୋର୍ସ ୱାନ୍’ରେ ଚଢୁଥିବା ଦୃଶ୍ୟ ଗଣମାଧ୍ୟମ କ୍ୟାମେରାରେ କଏଦ ହୋଇଥିଲା। କିନ୍ତୁ ପରେ ତାଙ୍କୁ ଏକ ଛୋଟ ସି-୩୨ଏ ସାମରିକ ବିମାନକୁ ସ୍ଥାନାନ୍ତର କରାଯାଇଥିଲା। ଏଥିପାଇଁ ତାଙ୍କୁ ଏକ କ୍ୟାଟରିଂ ଟ୍ରକ୍ ବା ଖାଦ୍ୟ ପରିବହନରେ ବିମାନବନ୍ଦର ଭିତରେ ନିଆଯାଇଥିଲା। ଟ୍ରମ୍ପଙ୍କ ପ୍ରକୃତ ଅବସ୍ଥାନକୁ କିଛି ଘଣ୍ଟା ଯାଏ ଗୋପନ ରଖିବା ଥିଲା ଏହି ଗୁପ୍ତ ବିମାନ ପରିବର୍ତ୍ତନର ଉଦ୍ଦେଶ୍ୟ। ଏପରି କି କିଛି ସାମ୍ବାଦିକ ଓ ହ୍ୱାଇଟ୍ ହାଉସ୍‌ର କିଛି କର୍ମଚାରୀ ମଧ୍ୟ ବଡ଼ ବିମାନରେ ରାଷ୍ଟ୍ରପତିଙ୍କ ସହ ଯାତ୍ରା କରୁଥିବା ଭାବି ନେଇଥିଲେ। ବାସ୍ତବରେ ଏୟାର ଫୋର୍ସ ୱାନରେ ଟ୍ରମ୍ପ ନଥିଲେ। କତରର ବୋଇଂ ୭୪୭-୮ ବିମାନରେ ଟ୍ରମ୍ପ ତୁର୍କୀରେ ପହଞ୍ଚିଥିଲେ। ପରେ ସି-୩୨ଏ ଓ ପୁରୁଣା ଏୟାର ଫୋର୍ସ ୱାନ୍ ବ୍ରିଟେନ୍‌ରେ ଥିବା ଟ୍ରାନ୍‌ଜିଟ୍ ସ୍ଥଳରେ କିଛି ମିନିଟ୍ ବ୍ୟବଧାନରେ ପହଞ୍ଚିଥିଲେ। ଟ୍ରମ୍ପଙ୍କ ତୁର୍କୀ ଛାଡ଼ିବା ଘଟଣା ଆରମ୍ଭରୁ ସମ୍ପୂର୍ଣ୍ଣ ସାଧାରଣ ଲାଗୁଥିଲା। ଟେଲିଭିଜନ କ୍ୟାମେରାରେ ଟ୍ରମ୍ପ ବିମାନବନ୍ଦରରେ ପହଞ୍ଚି ନୀଳ-ଧଳା ବୋଇଂ ୭୪୭ ବିମାନ (ଏୟାର ଫୋର୍ସ ୱାନ)ର ସିଡ଼ି ଚଢୁଥିବା ଓ ହାତ ହଲାଇ ବିଦାୟ ଜଣାଉଥିବା ଦେଖାଯାଇଥିଲା। ଏହା ପୂର୍ବରୁ ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଥିଲା ଯେ ଟ୍ରମ୍ପ ପୁରୁଣା ‘ଏୟାର ଫୋର୍ସ ୱାନ୍’ରେ ତୁର୍କୀ ଛାଡ଼ିବେ। ପୁରୁଣା ସମୟର ସ୍ମୃତି ପାଇଁ ଟ୍ରମ୍ପ ପୁରୁଣା ଏୟାର ଫୋର୍ସ ୱାନ୍‌ରେ ଯିବେ ଓ ବ୍ରିଟେନ୍‌ରେ ଥିବା ଆମେରିକୀୟ ସୈନ୍ୟମାନଙ୍କୁ ଏହି ବିମାନ ଦେଖିବାର ସୁଯୋଗ ମିଳିବ ବୋଲି କହିଥିଲେ।





# ରୋଗର ବାହକ ପାଲଟିଛି ବଜାରକିଣା ପାଣି !

- ଯାଞ୍ଚ ନାହିଁ, ଲାଭବାନ ବ୍ୟବସାୟୀ
- ଏଫଏସ୍ଏସ୍ଏଆଇ ଆଇନ କାଗଜରେ
- ମାସିକିଆ ନେଇ ଅଧିକାରୀ ନିରବ

**କାକଟପୁର/ଅସ୍ତରଙ୍ଗ(ଅମୃତ ମିଡିଆ):** ଏବେ ବର୍ଷାଋତୁ ସହିତ ବନ୍ୟା ଯୋଗୁ ପାନୀୟ ଜଳର ସମସ୍ୟାରା ଦେଖାଦେଇଛି। ତାଛଡ଼ା ବର୍ଷା ଋତୁ ଆସିଲେ ଜଳବାହିତ ରୋଗର ଭୟ। ଏହି ଡରରେ ଗତବର୍ଷ ଭଳି ଚଳିତ ବର୍ଷ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକର ଶହ ଶହ ଗାଁ ବାସିନ୍ଦା ରହିଛନ୍ତି, ଯେଉଁମାନେ କି ବଜାର କିଣା ପାଣି ଉପରେ ଭରସା କରୁଛନ୍ତି। କିନ୍ତୁ ଯେଉଁ ପାଣି ଜୀବନ ବଞ୍ଚାଇବା କଥା, ସେହି ପାଣି ହିଁ ଆଜି ରୋଗ ବାଣ୍ଟୁଛି କି ? ଅସ୍ତରଙ୍ଗ ଓ କାକଟପୁର ବଜାରରେ ବ୍ରାଣ୍ଡେଡ୍ ବୋତଲଠୁ ଆରମ୍ଭ କରି ନନ୍-ବ୍ରାଣ୍ଡ ପାଉଚ, ୨୦ ଲିଟର ଆକ୍ୱା ଜାର ପର୍ଯ୍ୟନ୍ତ ସବୁ ମିଳୁଛି। ଅସ୍ତରଙ୍ଗ ଓ କାକଟପୁର ବଜାର ସମେତ ତଣ୍ଡାହାର, ଶିଶୁଆ, କେଉଟଜଙ୍ଘା, ସହନ, ସୁଦିକେଶର, କୋରଣା, ଝାଡଲିଙ୍ଗ, ନୂଆଗଡ, ନଗର ପଞ୍ଚାୟତ ଆଦି ଅଞ୍ଚଳର ଦୋକାନରେ ୪୦ ଟଙ୍କାରେ ବିକ୍ରି ହେଉଛି ଆକ୍ୱା କ୍ୟାନ୍। ଟାଟା ଏସି ଓ ଅଟୋରେ ଘର ଘର ବୁଲି ବି ବିକ୍ରି ହେଉଛି। କିନ୍ତୁ ଏହି ପାଣି କେଉଁଠୁ ଆସୁଛି, କେମିତି ପ୍ରସ୍ତୁତ ହେଉଛି ତାହା କେହି ଜାଣୁନାହାନ୍ତି। ଅଭିଯୋଗ ହେଉଛି, ଅନେକ ସ୍ଥାନରେ ଖୋଲା ଟ୍ୟାପ୍ ଓ ନର୍ଦ୍ଦମା ପାଣିକୁ ସିଧା ଜାରରେ ଭର୍ତ୍ତି କରି ବିକ୍ରି କରାଯାଉଛି। ପ୍ରସ୍ତୁତି ସ୍ଥଳର ପରିବେଶ, ଯନ୍ତ୍ରପାତିର ସ୍ୱଚ୍ଛତା ଓ ସଂରକ୍ଷଣ ବ୍ୟବସ୍ଥା ନେଇ ବଡ ପ୍ରଶ୍ନ। ନିକଟରେ ହୋଇଥିବା ବର୍ଷା ଓ ବନ୍ୟା ଯୋଗୁଁ ନାଳ ନର୍ଦ୍ଦମାରେ ଦୂଷିତ ପାଣି ଭର୍ତ୍ତି ହୋଇଛି। ସେହି ସମୟରେ ବିନା ଯାଞ୍ଚରେ ବିକ୍ରି



ହେଉଥିବା ପାଣି କେତେ ବିପଦଜନକ ହୋଇପାରେ ତାହା ସହଜରେ ଅନୁମେୟ। ସବୁଠୁ ବଡ କଥା ହେଲା ଯାଞ୍ଚର ଅଭାବ। ଖାଦ୍ୟ ସୁରକ୍ଷା ବିଭାଗ, ଜିଲ୍ଲା ଜନସ୍ୱାସ୍ଥ୍ୟ ବିଭାଗ ଓ ଯୋଗାଣ ବିଭାଗ ଥିଲେ ମଧ୍ୟ ମାସ ମାସ ହେଲା କୌଣସି ଚଢାଉ ନାହିଁ। ପ୍ୟାକେଜିଂ ପାଣିର ଲେବଲ, ମାନକ ପ୍ରମାଣପତ୍ର, ଦର ତାଲିକା କିଛି ଯାଞ୍ଚ ହେଉନାହିଁ। ନିୟମ ଉଲ୍ଲଂଘନ କରୁଥିବା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା। ଫଳରେ କିଛି ବ୍ୟବସାୟୀ ମୋଟା ମୁନାଫା କମାଉଥିବା ବେଳେ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ବିପଦରେ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଦାୟିତ୍ୱରେ ଥିବା କିଛି ଅଧିକାରୀ ଓ କର୍ମଚାରୀ ମାସିକିଆ ନେଇ ଆଖି ବୁଜି ଦେଇଛନ୍ତି। ଏ ନେଇ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା, କିନ୍ତୁ ସେ ଫୋନ୍ ରିସିଭ କରିନଥିଲେ। ବର୍ଷା ଦିନେ ଡାଇରିଆ, ଜଣ୍ଡିସ, ଟାଇଫଏଡ୍ ଭଳି ରୋଗ ସହଜରେ ବ୍ୟାପେ। ସେଥିପାଇଁ ପାନୀୟ ଜଳର ମାନ ସବୁଠୁ ଜରୁରୀ। କିନ୍ତୁ ପ୍ରଶାସନର ନିଦ୍ରା ଯୋଗୁଁ ଲୋକେ ଟଙ୍କା ଦେଇ ରୋଗ କିଣୁଛନ୍ତି। ଏନେଇ ସାଧାରଣ ଲୋକଙ୍କ ଦାବି, ତୁରନ୍ତ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ସମସ୍ତ ପାଣି କମ୍ପାନୀର ଯାଞ୍ଚ କରାଯାଉ। ନିୟମ ଉଲ୍ଲଂଘନ କରୁଥିବା ବ୍ୟବସାୟୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ହେଉ। ନଚେତ୍ ଆସନ୍ତା ଦିନରେ ଅସ୍ତରଙ୍ଗ-କାକଟପୁର ଅଞ୍ଚଳରେ ଜଳବାହିତ ରୋଗ ମହାମାରୀ ରୂପ ନେବା ସ୍ୱାଭାବିକ।

# ଗୋପବନ୍ଧୁଙ୍କ କର୍ମଭୂମି ବିକାଶ ନାଁରେ ହରିଲୁଟ୍

**ଗୋପ(ଅମୃତ ମିଡିଆ):** ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କର୍ମଭୂମି ବିକାଶ ନାମରେ ବଡ଼ଧରଣର ହରିଲୁଟ୍ ହୋଇଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ମାଧ୍ୟମରେ ବିଭିନ୍ନ ଅଞ୍ଚଳର ରାସ୍ତାଘାଟ ନିର୍ମାଣ ନିମନ୍ତେ କୋଟି କୋଟି ଟଙ୍କାର ଅନୁଦାନ ଯୋଗାଇ ଦିଆଯାଉଥିବା ବେଳେ ବର୍ତ୍ତମାନ ସରକାର ସମୟରେ ଏହାର ସଠିକ୍ ବିନିଯୋଗ ନ ହେବା ସହ ବ୍ୟାପକ ଅନିୟମିତତା ଏବଂ ହରିଲୁଟ୍ ହେଉଥିବା ଅଭିଯୋଗ ହୋଇଛି। ପୁରୀ ଜିଲ୍ଲା ଗୋପ ବ୍ଲକ ଅଧୀନରେ ଥିବା ପଣ୍ଡିତ ଗୋପବନ୍ଧୁ ଦାସଙ୍କ କର୍ମସ୍ଥାନର ବିକାଶ ନାମରେ ବଡ଼ଧରଣର ହରିଲୁଟ୍ ହୋଇଛି। ଗୋପ ବ୍ଲକ ଅନ୍ତର୍ଗତ ଡଭାର ଗ୍ରାମରେ ଗୋପବନ୍ଧୁ ଦାସ ରହି



ବନ୍ୟାବିପନ୍ନ ଓ ଅସହାୟଙ୍କୁ ସହାୟତାର ହାତ ବଢ଼ାଇଥିଲେ। ସେହି ଗ୍ରାମର ରାସ୍ତାଘାଟ ବିକାଶ ପାଇଁ ଆସିଥିବା କୋଟି କୋଟି ଟଙ୍କା ହରିଲୁଟ୍ କରାଯାଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଶଙ୍ଖ ତିରା ଠାରୁ ଗୋପବନ୍ଧୁଙ୍କ କର୍ମସ୍ଥଳୀ ଡଭାର ପର୍ଯ୍ୟନ୍ତ ପାଖାପାଖି ୫ କି.ମି. ରାସ୍ତା ଉନ୍ନତୀକରଣ ନିମନ୍ତେ ୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ରାସ୍ତା ନିର୍ମାଣର ମାତ୍ର ୨ମାସ ମଧ୍ୟରେ ପିଚୁ ମନକୁ ମନ ଫାଟି ୩ ଫୁଟ୍ ତଳକୁ ଦବିଯିବା ସହ ଅନେକ ସ୍ଥାନରେ ରାସ୍ତା ଭୁଶୁଡ଼ି ଯାଇଥିବା ଦେଖିବାକୁ ମିଳିଛି। ଏହାସହ ଯେଉଁ ଯେଉଁ ସ୍ଥାନରେ ଢଳେଇ ରାସ୍ତା ନିର୍ମାଣ ହୋଇଛି। ଅନେକ ସ୍ଥାନରେ ରାସ୍ତା ଫାଟି ଆଁ କରିଥିବା ମଧ୍ୟ ଦେଖିବାକୁ ମିଳିଛି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗକୁ ନେଇ ଗୋପ ଗ୍ରାମ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ଆଶୁତୋଷ ସ୍ୱାଇଁଙ୍କୁ ଯୋଗାଯୋଗ କରିବାରେ ତାଙ୍କ ମୋବାଇଲ୍ ନମ୍ବର ୮୨୪ ୯୪୨୪୬୧୮ ସୁଇଚ୍ ଅଫ ରହିଛି।

# ଧନୁଆ ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ



**ନିମାପଡ଼ା(ଅମୃତ ମିଡିଆ):** ମଇଁଷି ଚରାଇବାକୁ ଯାଇ ଧନୁଆ ନଦୀରେ ବୁଡ଼ି ଜଣେ ୫୨ ବର୍ଷୀୟ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋପ ବ୍ଲକ ନୂଆଖୋଲମରା ପଞ୍ଚାୟତ ଅନ୍ତର୍ଗତ ଓରତଣ୍ଡା ଗ୍ରାମର ରମେଶ ବେହେରା। ସୂଚନା ଅନୁଯାୟୀ, ରମେଶ ପ୍ରତିଦିନ ଭଳି ମଇଁଷି ଚରାଇବା ପାଇଁ ନିକଟସ୍ଥ ଧନୁଆ ନଦୀ କୂଳକୁ ଯାଇଥିଲେ। ଚଳିତ ବର୍ଷ ଧନୁଆ ନଦୀରେ ବନ୍ୟାପାଣି ରହିଥିବା ବେଳେ କୌଣସି କାରଣରୁ ରମେଶ ନଦୀରେ ବୁଡ଼ି ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ରମେଶ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ।ପରେ ଧନୁଆ ନଦୀରୁ ରମେଶଙ୍କୁ ଉଦ୍ଧାର କରାଯାଇ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ରମେଶଙ୍କୁ ମୃତ ଘୋଷଣା କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିବା ଜଣାପଡ଼ିଛି। ଏହି ଘଟଣା ପରେ ଓରତଣ୍ଡା ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ଜମିପଟ୍ଟା ପାଇବାକୁ ଅଣ୍ଡିଆ ମୌଜାବାସୀ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ

**ନିମାପଡ଼ା(ଅମୃତ ମିଡିଆ):** ଦୀର୍ଘ ୯୯ ବର୍ଷର ବ୍ୟବଧାନ ପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ପ୍ରଚେଷ୍ଟା ଓ ଉଦ୍ୟମକ୍ରମେ ନିମାପଡ଼ା ଏନ୍ଏସି ଅନ୍ତର୍ଗତ ଅଣ୍ଡିଆ ଲୋକଙ୍କୁ ଜମିର ସ୍ଥାୟୀ ପଟ୍ଟା ମିଳିପାରିଛି। ଯାହାଦ୍ୱାରା ଅଣ୍ଡିଆ ମୌଜାବାସୀଙ୍କୁ ପଟ୍ଟା ମିଳିବା ସମସ୍ୟାର ଅନ୍ତ ଘଟିଛି। ତେବେ ଚକବନ୍ଦୀ କାର୍ଯ୍ୟାଳୟ ପକ୍ଷରୁ ଅଣ୍ଡିଆମୌଜାବାସୀଙ୍କୁ ପଟ୍ଟା ବଣ୍ଟନ ପ୍ରକ୍ରିୟା ଜାରି ରହିଥିବାବେଳେ ସ୍ଥାନୀୟ ଚକବନ୍ଦୀ ଅଧିକାରୀଙ୍କ ଟାଳଟୁଳ ନୀତି ଯୋଗୁ ବହୁ ଅଣ୍ଡିଆମୌଜାବାସୀ ସେମାନଙ୍କର ପଟ୍ଟା ପାଇବା ପାଇଁ ନାନା ହଟହଟା ହଇରାଣ ହେଉଥିବା ଅଣ୍ଡିଆମୌଜାବାସୀ ଅଭିଯୋଗ କରିଛନ୍ତି। ପଟ୍ଟା ବଣ୍ଟନ ବେଳେ ଚକବନ୍ଦୀ କାର୍ଯ୍ୟାଳୟ ପକ୍ଷରୁ ବହୁପ୍ରକାର ଆଇନକାନୁନ ନୀତିନିୟମ ଖୋଜାଯାଉଥିବାରୁ ଅଣ୍ଡିଅ ।ମୌଜାବାସୀ ସହଜରେ ସୁରୁଖୁରୁରେ ସେମାନଙ୍କର ପଟ୍ଟା ପାଇବା ପାଇଁ ନାନା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଚକବନ୍ଦୀ କାର୍ଯ୍ୟାଳୟର ଏଭଳି କଟକଣା ଯୋଗୁ ଲୋକେ ଅତିଷ୍ଠ ହୋଇପଡ଼ି ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଅଣ୍ଡିଆ ମୌଜାବାସୀଙ୍କୁ ସହଜରେ ସୁବିଧାରେ ଜମିପଟ୍ଟା ପ୍ରଦାନ କରାଯିବା ଦିଗରେ ଦୃଢ଼ ପଦକ୍ଷେପ ନିଆଯିବାକୁ ଅଣ୍ଡିଆ ମୌଜାର ଶତାଧିକ ଜନସାଧାରଣ ଉପମୁଖ୍ୟମନ୍ତ୍ରୀ ଓ ପୁରୀ ଜିଲ୍ଲାପାଳଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି। ଏ ଦିଗରେ ତୁରନ୍ତ ଜିଲ୍ଲାପାଳ ଓ ଉପମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରି ସୁବିଧା ଓ ସହଜରେ ମୌଜାବାସୀଙ୍କୁ ଜମିପଟ୍ଟା ଯୋଗାଇଦେବାର ବ୍ୟବସ୍ଥା କରିବାକୁ ଅଣ୍ଡିଆ ମୌଜାବାସୀ ବିନମ୍ର ନିବେଦନ କରିଛନ୍ତି।

# ରାସ୍ତା ପଚାରିବା ବାହାନାରେ ଝାମ୍ପିନେଲେ ସୁନାଚେନ୍

**ଅସ୍ତରଙ୍ଗ(ଅମୃତ ମିଡିଆ):** ପ୍ରାତଃ ଭ୍ରମଣବେଳେ କାକଟପୁର ଅଞ୍ଚଳରେ ସୋମବାର ସକାଳେ କେତେଜଣ ଦୁର୍ବୃତ୍ତ ଜଣେ ଅବସରପ୍ରାପ୍ତ ଅଧାପିକାଙ୍କଠାରୁ ୨ ଭରିରୁ ଅଧିକ ଓଜନର ସୁନା ଗହଣା ଝାମ୍ପି ନେଇ ଯାଇଛନ୍ତି। ଏ ନେଇ ପୀଡ଼ିତା କାକଟପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଘଟଣାର ତଦନ୍ତ କରୁଛନ୍ତି। ସୂଚନାନୁଯାୟୀ ସନ୍ଧ୍ୟାରାଣୀ ସକାଳ ପ୍ରାୟ ୮ଟାରେ ପ୍ରାଚୀ ବିହାର ନିକଟରେ ନୂତନ ଭାବେ ନିର୍ମିତ ହେଉଥିବା ପାର୍କ ପାଖରେ ପ୍ରାତଃ ଭ୍ରମଣ କରୁଥିବା ସମୟରେ ଏକ କଳା ରଙ୍ଗର ବାଇକ୍‌ରେ ୨ଜଣ ଯୁବକ ମୁହଁରେ ରୁମାଲ ବାନ୍ଧି ଆସିଥିଲେ। ସେମାନେ ତାଙ୍କୁ ରାସ୍ତା ବାହାନାରେ ନିକଟତର ହୋଇଥିଲେ ଏବଂ ଅଚାନକ ବେକରୁ ସୁନା ଚେନ ଛଡ଼ାଇ ନେଇ ପଳାଇଥିଲେ। ଦୁର୍ବୃତ୍ତଙ୍କ ଆକ୍ରମଣରେ ସନ୍ଧ୍ୟାରଣୀ ରାସ୍ତାରେ ପଡ଼ିଯାଇ ଆହତ ହୋଇଛନ୍ତି। ତେବେ ଦିନବେଳେ ଏହି ଲୁଟ୍ ଯୋଗୁ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ନାଗରିକ ଓ ମହିଳାଙ୍କ ମଧ୍ୟରେ ଚିନ୍ତା ଓ ଭୟର ବାତାବରଣ ସୃଷ୍ଟି ହୋଇଛି। ଅଞ୍ଚଳବାସୀ ତୁରନ୍ତ ଦୁର୍ବୃତ୍ତଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି।

# ରକ୍ତଦାନ କରି ମାନବିକତାର ଉଦାହରଣ ସୃଷ୍ଟିକଲେ ପୋଲିସ କର୍ମଚାରୀ

**ପୁରୀ (ବ୍ୟୁରୋ):** ପୋଲିସର କର୍ତ୍ତବ୍ୟ କେବଳ ଆଇନ-ଶୃଙ୍ଖଳା ରକ୍ଷା, ଅପରାଧ ନିୟନ୍ତ୍ରଣ ଓ ଜନସାଧାରଣଙ୍କ ସୁରକ୍ଷାରେ ସୀମିତ ନୁହେଁ। ବିପଦ ସମୟରେ ମାନବିକତାର ହାତ ବଢ଼ାଇ ଅସହାୟଙ୍କ ପାଖରେ ଠିଆ ହେବା ମଧ୍ୟ ପୋଲିସ ସେବାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ଏହାର ଏକ ଉତ୍କୃଷ୍ଟ ଉଦାହରଣ ସୃଷ୍ଟି କରିଛନ୍ତି ପୁରୀ ପୋଲିସର ତିନିଜଣ କର୍ତ୍ତବ୍ୟରତ ପୋଲିସ କର୍ମଚାରୀ। ସୂଚନା ଅନୁଯାୟୀ, ରକ୍ତଜନିତ ସମସ୍ୟାରେ ପୀଡ଼ିତ ଜଣେ ରୋଗୀ ଏବଂ କିଡ୍‌ନୀ ସମସ୍ୟାରେ ପୀଡ଼ିତ ଜଣେ ରୋଗୀଙ୍କ ପାଇଁ ଜରୁରୀକାଳୀନ ଭାବେ ମୋଟ ୩ ୟୁନିଟ୍ ରକ୍ତର ଆବଶ୍ୟକତା ଥିଲା। ରୋଗୀମାନଙ୍କ ଚିକିତ୍ସା ଜାରି ରହିଥିବା ସମୟରେ ତୁରନ୍ତ ରକ୍ତର ଆବଶ୍ୟକତା ଥିବା ସମ୍ପର୍କରେ ପୁରୀ ଏସପି ପ୍ରତୀକ ସିଂଙ୍କୁ ସୂଚନା ମିଳିଥିଲା। ରକ୍ତର ଜରୁରୀ ଆବଶ୍ୟକତା ସମ୍ପର୍କରେ ସୂଚନା ପାଇବା ପରେ ଏସପି ଶ୍ରୀ ସିଂ ତୁରନ୍ତ ପଦକ୍ଷେପ ନେବା ସହ ଆବଶ୍ୟକ ରକ୍ତ ଯୋଗାଣ ପାଇଁ ପୋଲିସ କର୍ମଚାରୀମାନଙ୍କୁ ସୂଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପୁରୀ ପୋଲିସ ପକ୍ଷରୁ ରକ୍ତଦାନ ପାଇଁ ଆବଶ୍ୟକ ସୂଚନା କରାଯାଇଥିଲା। ଏହି ଜରୁରୀ ପରିସ୍ଥିତିରେ ପୁରୀ



ପୋଲିସର ଦୁଷ୍ମନ୍ତ କୁମାର ସାହୁ, ମହେନ୍ଦ୍ର ପ୍ରସାଦ ମହାନ୍ତି ଏବଂ ସୌମ୍ୟରଞ୍ଜନ ସେଠୀ ମାନବିକତାର ପରିଚୟ ଦେଇ ତୁରନ୍ତ ରକ୍ତଦାନ ପାଇଁ ଆଗେଇ ଆସିଥିଲେ। ସେମାନେ ବିଳମ୍ବ ନକରି ସମ୍ପୃକ୍ତ ମେଡିକାଲରେ ପହଞ୍ଚି ନିଜ ରକ୍ତଦାନ କରିଥିଲେ। ଫଳରେ ଆବଶ୍ୟକ ଥିବା ୩ ୟୁନିଟ୍ ରକ୍ତ ଯୋଗାଣ ସମ୍ଭବ ହୋଇଥିଲା ଏବଂ ରୋଗୀମାନଙ୍କ ଚିକିତ୍ସାରେ ଏହା ସହାୟକ ହୋଇଥିଲା।ଏହି ତିନିଜଣ ପୋଲିସ କର୍ମଚାରୀଙ୍କ ଏହି ଉଦ୍ୟମ କେବଳ ଏକ ରକ୍ତଦାନ ନୁହେଁ, ବରଂ ମାନବିକତା, କର୍ତ୍ତବ୍ୟନିଷ୍ଠା ଓ ସେବା ମନୋଭାବର ଏକ ଉଦାହରଣ। ନିଜ କର୍ତ୍ତବ୍ୟ ପାଳନ ସହିତ ଆବଶ୍ୟକ ସମୟରେ ଅନ୍ୟର ଜୀବନ ରକ୍ଷା ପାଇଁ ଆଗେଇ ଆସିବା ନିଶ୍ଚିତ ଭାବେ ପ୍ରଶଂସନୀୟ। ପୁରୀ ପୋଲିସର ଏହି ମାନବିକ ପଦକ୍ଷେପ ସାଧାରଣ ଲୋକଙ୍କ ମଧ୍ୟରେ ମଧ୍ୟ ରକ୍ତଦାନ ପ୍ରତି ସଚେତନତା ଓ ଆଗ୍ରହ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଜରୁରୀ ସମୟରେ ରକ୍ତର ଅଭାବ ଯୋଗୁଁ ଯେପରି କୌଣସି ରୋଗୀ ଚିକିତ୍ସାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ସମାଜର ପ୍ରତ୍ୟେକ ସୁସ୍ଥ ନାଗରିକ ନିଜ ସାମର୍ଥ୍ୟ ଅନୁଯାୟୀ ରକ୍ତଦାନ କରିବାକୁ ଆଗେଇ ଆସିବା ଆବଶ୍ୟକ। ରକ୍ତଦାନ ଏକ ମହାନ ସେବା। ଜଣେ ବ୍ୟକ୍ତିଙ୍କ ଦ୍ୱାରା ଦାନ କରାଯାଇଥିବା ରକ୍ତ ଅନ୍ୟ ଜଣଙ୍କ ଜୀବନ ବଞ୍ଚାଇପାରେ। ତେଣୁ ଜନସାଧାରଣଙ୍କୁ ନିୟମିତ ରକ୍ତଦାନ ପାଇଁ ଆଗେଇ ଆସିବା ସହ ଏଭଳି ମାନବିକ କାର୍ଯ୍ୟରେ ଅନ୍ୟମାନଙ୍କୁ ମଧ୍ୟ ପ୍ରେରିତ କରିବାକୁ ପୁରୀ ପୋଲିସ ପକ୍ଷରୁ ଆହ୍ୱାନ କରାଯାଉଛି। ପୁରୀ ପୋଲିସର ଏହି ତିନିଜଣଙ୍କୁ ନିଷ୍ଠା, ତତ୍ପରତା ଓ ମାନବିକ ମନୋଭାବ ପୋଲିସ ବିଭାଗର ସେବା, ସୁରକ୍ଷା ଓ ସହଯୋଗ ର ମୂଳ ଭାବନାକୁ ପ୍ରତିଫଳିତ କରୁଛି।

# ମହିଳାଙ୍କୁ ନିର୍ଯାତନା ଅଭିଯୋଗ

**ପୁରୀ (ବ୍ୟୁରୋ):** ପୁରୀ ଜିଲ୍ଲା ବଳଙ୍ଗା ଥାନା ଅନ୍ତର୍ଗତ ରୂପଦେଇପୁର ଗ୍ରାମରେ ଜଣେ ମହିଳାଙ୍କୁ ଶାଶୂଘର ଲୋକେ ନିର୍ଯାତନା ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି। ରୂପଦେଇପୁର ଗ୍ରାମର ରାଜେନ୍ଦ୍ର ପ୍ରସାଦ ମିଶ୍ରଙ୍କ ପତ୍ନୀ ରଶ୍ମିତା ଦାଶ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ରଶ୍ମିତା ବୈଦିକ ରୀତିରେ ରାଜେନ୍ଦ୍ରଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଶାଶୂଘର ଲୋକେ ରାଜେନ୍ଦ୍ର ଚାକିରି କରିଥିବା ଓ ତାଙ୍କର ଅନେକ ଜମିବାଡ଼ି ଥିବା ନେଇ ରଶ୍ମିତାଙ୍କ ପରିବାରକୁ କହିଥିଲେ। ବିବାହର ମାସକ ପରେ ରାଜେନ୍ଦ୍ର ଜଣେ ମାନସିକ ରୋଗୀ ଓ ସେ କୌଣସି ଚାକିରି କରି ନ ଥିଲେ କିମ୍ବା ତାଙ୍କର କହିବା ଅନୁସାରେ ଜମିବାଡ଼ି ନ ଥିବା ନେଇ ଜାଣିବାକୁ ପାଇଥିଲେ । ରଶ୍ମିତା ଏନେଇ ପ୍ରତିବାଦ କରିବାରୁ ଶ୍ୱଶୁର, ଶାଶୁ, ନଣନ୍ଦ ତାଙ୍କୁ ଧମକ ଚମକ ଦେଇ ସେମାନଙ୍କ କହିବା ଅନୁସାରେ ଚଳିବାକୁ କହିଥିଲେ। ରଶ୍ମିତା ବହୁ ଦୁଃଖକଷ୍ଟରେ ଚଳିବା ଭିତରେ ତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। କିଛିଦିନ ତଳେ ଶାଶୁଘର ଲୋକେ ରଶ୍ମିତାଙ୍କ ସୁନା ଲକେଟକୁ ବନ୍ଧା ପକାଇ କରଜ ଟଙ୍କା ଶୁଝିଥିଲା । ବେଳେ ପରବର୍ତ୍ତୀ ସମୟରେ ଉକ୍ତ ଲକେଟ୍‌କୁ ମୁକୁଳାଇ ଆଣିବେ ବୋଲି କହିଥିଲେ। ନିକଟରେ ଶ୍ୱଶୁର ତାଙ୍କ ନାମରେ ଥିବା ଜମିକୁ ବିକ୍ରି କରି ଘରେ ଟଙ୍କା ରଖିଥିଲେ। ରଶ୍ମିତା ଘରେ ଟଙ୍କା ଥିବା ଜାଣି ତାଙ୍କ ଲକେଟକୁ ମୁକୁଳାଇ ଆଣିବାକୁ ଶ୍ୱଶୁରଙ୍କୁ କହିଥିଲେ। ଶ୍ୱଶୁର ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି ଘର କବାଟ ଆଉଜେଇ ରଶ୍ମିତାକୁ ମାଡ଼ ମାରିଥିଲେ। ଏହି ସମୟରେ ଶାଶୂ ଆସି ଛଡ଼ାଇବା ପରିବର୍ତ୍ତେ ଶ୍ୱଶୁରଙ୍କୁ ସମର୍ଥନ କରି ରଶ୍ମିତାକୁ ଜୀବନରେ ମାରିଦେବାକୁ କହିଥିଲେ। ଏସମସ୍ତ ଘଟଣା ଦେଖି ସ୍ୱାମୀ ପ୍ରତିବାଦ ନ କରି ନୀରବଦ୍ରଷ୍ଟା ସାଜିଥିଲେ। ସେମାନଙ୍କ କଥାରେ ନଗଲେ ଶ୍ୱଶୁର ରଶ୍ମିତାକୁ ନିଜ ପତ୍ନୀ କରି ରଖିବାକୁ ଧମକ ଦେଇଥିଲେ ବୋଲି ରଶ୍ମିତା ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

# ଦବୁଛି ଦୟା ନଦୀବନ୍ଧ ବସ୍‌ଚଳାଚଳ ବନ୍ଦ

**କଣାସ(ଅମୃତ ମିଡିଆ):** କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟା ନଦୀ ବାମପାର୍ଶ୍ୱ ବନ୍ଧ ବସନ୍ତପୁର ନିକଟରେ ୪ ବର୍ଷ ହେଲା କ୍ରମାଗତ ଭାବେ ଦବୁଥିବାରୁ ପ୍ରଶାସନ ପକ୍ଷରୁ ମରାମତି ହେଉଥିଲେ ମଧ୍ୟ ବାରମ୍ବାର ନଦୀବନ୍ଧ ଦବିବାରେ ଲାଗିଛି। କିଛିଦିନ ତଳେ ନଦୀବନ୍ଧ ଦବିଥିବାରୁ ଏହି ବନ୍ଧ ଦେଇ ଯାଉଥିବା କଣାସଠାରୁ ଗଡ଼ିଶାଗୋଦାକୁ ମୁଖ୍ୟମନ୍ତ୍ରୀ ବସ୍ ଯାତାୟାତ କରୁନାହିଁ। ଉକ୍ତ ବସ୍ ଅନ୍ୟ ରାସ୍ତା ଦେଇ ଯାତାୟାତ କରୁଥିବାରୁ ଆଦର୍ଶ ବିଦ୍ୟାଳୟକୁ ପଢ଼ିବା ପାଇଁ କଣାସରୁ ଯାଉଥିବା ଛାତ୍ରୀଛାତ୍ର ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ପକ୍ଷରୁ ବନ୍ଧ ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସାପ କାମୁଡ଼ାରେ ଯୁବତୀ ମୃତ

**କଣାସ(ଅମୃତ ମିଡିଆ):** କଣାସ ବ୍ଲକ ଦୋକନ୍ଦା ପଞ୍ଚାୟତ କେଶରପୁର ଗ୍ରାମର ଲିପ୍ସାରାଣୀ ଜୟସିଂହ(୨୪)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଲିପ୍ସା ମା'ଙ୍କ ସହ ରବିବାର ରାତିରେ ଘରେ ଶୋଇଥିବା ବେଳେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକ ଚିକିତ୍ସା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଥମେ ଆଣିଥିଲେ। ଅବସ୍ଥା ଗୁରୁତର ଥିବାରୁ ସେଠାରୁ ତାଙ୍କୁ ପୁରୀ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପରେ ପୁରୀରୁ ଭୁବନେଶ୍ୱର ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇ ଦିଆଯାଇଥିଲା। ସୋମବାର ପୂର୍ବାହ୍ନ ୧୦ଟାରେ ତାଙ୍କର ମୃତ୍ୟୁ ଘଟିଛି।

# ପୋଲିସ ପକ୍ଷରୁ 'ସାଇବର ଅଭିଯାନ ଯାତ୍ରା' ଓ ଛାତ୍ରଛାତ୍ରୀଙ୍କୁ ସଚେତନତା

**ପୁରୀ (ବ୍ୟୁରୋ):** ପୁରୀ ଏସପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶକ୍ରମେ ଏବଂ ସିଟି ଡିଏସ୍‌ପି ରଶ୍ମି ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ପୁରୀ ସହରର ବିଭିନ୍ନ ସ୍କୁଲ ଓ କଲେଜରେ ଛାତ୍ରଛାତ୍ରୀଙ୍କୁ ସାଇବର ଅପରାଧ ଏବଂ ଅନଲାଇନ୍ ଠକେଇ ସମ୍ପର୍କରେ ସଚେତନ କରାଯାଇଥିଲା।ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଛାତ୍ରଛାତ୍ରୀଙ୍କୁ ସାଇବର ସୁରକ୍ଷା ସମ୍ପର୍କରେ ସଚେତନ କରିବା ସହିତ ସେମାନଙ୍କ ମାଧ୍ୟମରେ ପରିବାରର ବୟସ୍କ ବ୍ୟକ୍ତି, ବିଶେଷକରି ବରିଷ୍ଠ ନାଗରିକ ଓ ସାଇବର ସୁରକ୍ଷା ବିଷୟରେ କମ୍ ଜ୍ଞାନ ଥିବା ବ୍ୟକ୍ତିମାନଙ୍କୁ ସଚେତନ କରାଇବା। ଏହି ପରିପ୍ରେକ୍ଷୀରେ ସ୍କୁଲ ଓ କଲେଜରେ ଛାତ୍ରଛାତ୍ରୀଙ୍କୁ ଓଟିପି, ୟୁପିଆଇ ପିନ୍,ସିଭିଭି ପାସୱାର୍ଡ ଓ ବ୍ୟାଙ୍କ ସମ୍ପର୍କିତ ଗୁପ୍ତ ତଥ୍ୟ କାହା ସହିତ ମଧ୍ୟ ସେୟାର ନକରିବା, ଅଜଣା ଲିଙ୍କ୍ କିମ୍ବା କ୍ୟୁଆର କୋଡ ଉପରେ କ୍ଲିକ୍/ସ୍କାନ୍ ନକରିବା, ଅଜଣା ଆପ ଇନଷ୍ଟଲ୍ ନକରିବା, ସ୍କ୍ରିନ୍ ସେୟାର କିମ୍ବା ରିମୋଟ ଆକସେସ୍ ନଦେବା ଏବଂ ସନ୍ଦେହଜନକ ଫୋନ୍ କଲ୍‌ରୁ ସତର୍କ ରହିବା ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇ ଦିଆଯାଇଥିଲା। ଛାତ୍ରଛାତ୍ରୀଙ୍କୁ ଏହା ମଧ୍ୟ ବୁଝାଇ ଦିଆଯାଇଥିଲା ଯେ 'ଡିଜିଟାଲ୍ ଆରେଷ୍ଟ' ବୋଲି କୌଣସି ଆଇନଗତ ବ୍ୟବସ୍ଥା ନାହିଁ ଏବଂ କୌଣସି ପୋଲିସ, ସିବିଆଇ, ଇଡି ,କଷ୍ଟମ୍ସ କିମ୍ବା ନ୍ୟାୟାଳୟ ଫୋନ୍ କଲ୍ କିମ୍ବା ଭିଡିଓ କଲ୍ ମାଧ୍ୟମରେ କାହାକୁ ଗିରଫ କରନ୍ତି ନାହିଁ ।ସଚେତନତା କାର୍ଯ୍ୟକ୍ରମ ସମୟରେ ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କୁ ସାଇବର ସୁରକ୍ଷା ସମ୍ପର୍କିତ ସଚେତନତା ଲିଫ୍‌ଲେଟ୍ ବଣ୍ଟନ କରାଯାଇଥିଲା। ଲିଫ୍‌ଲେଟ୍‌ରେ ଥିବା ସାଇବର ସୁରକ୍ଷା ନିର୍ଦ୍ଦେଶାବଳୀକୁ ପଢ଼ିବା ସହିତ ଏହାକୁ ନିଜ ପରିବାରର ସଦସ୍ୟ ଓ ପରିଚିତମାନଙ୍କ ମଧ୍ୟରେ ପହଞ୍ଚାଇବା ପାଇଁ ଛାତ୍ରଛାତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। ପୁରୀ ସହରର ବିଭିନ୍ନ ସ୍କୁଲ ଓ କଲେଜରେ ପୋଲିସ ଅଧିକାରୀମାନେ ସ୍ୱୟଂ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ସାଇବର ଅପରାଧର ବିଭିନ୍ନ ଦିଗ ଏବଂ ଏଥିରୁ ନିଜକୁ କିପରି ସୁରକ୍ଷିତ ରଖିବେ ସେ ସମ୍ପର୍କରେ ବୁଝାଇଥିଲେ।ଛାତ୍ରଛାତ୍ରୀମାନେ ମଧ୍ୟ ସାଇବର ଅପରାଧ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ପଚାରିଥିବା ବେଳେ ପୋଲିସ ଅଧିକାରୀମାନେ ସେମାନଙ୍କୁ ଆବଶ୍ୟକ ପରାମର୍ଶ ଓ ସୂଚନା ପ୍ରଦାନ କରିଥିଲେ। ଆଜିର ଏହି ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ପୁରୀ ପୋଲିସର 'ସାଇବର ଅଭିଯାନ ଯାତ୍ରା' ଆରମ୍ଭ ହୋଇଛି। ଆଗାମୀ ଦିନରେ ମଧ୍ୟ ଏହି ଅଭିଯାନକୁ ଜିଲ୍ଲାର ବିଭିନ୍ନ ଅଞ୍ଚଳ, ଶିକ୍ଷାନୁଷ୍ଠାନ ଓ ସାଧାରଣ ଲୋକଙ୍କ ନିକଟକୁ ନେଇ ସାଇବର ଅପରାଧ ବିରୋଧରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବ। ସାଇବର ଠକେଇ ହେଲେ ତୁରନ୍ତ ୧୯୩୦କୁ କଲ୍ କରନ୍ତୁ। ଜରୁରୀ ପୋଲିସ ସହାୟତା ପାଇଁ ୧୧୨କୁ କଲ କରନ୍ତୁ।

# ଜେନେଟିକ୍ ଓ ନିମ୍ନମାନର ଔଷଧ ବିକ୍ରି ଅଭିଯୋଗ

- ବାହାର ରାଜ୍ୟରୁ ଆସୁଛି ନକଲି ଔଷଧ

**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନର ନୀରବତା ଯୋଗୁଁ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ବ୍ଲକ ଅଂଚଳର ମୁଖ୍ୟ ବଜାର ହେଉ କି ଗ୍ରାମାଞ୍ଚଳ ରେ ଥିବା ଔଷଧ ଦୋକାନ ଗୁଡିକରେ ଜେନେରିକ ଓ ନିମ୍ନ ମାନର ଔଷଧ ବହୁଳ ଭାବରେ ବିକ୍ରି ଚାଲିଛି। ଏ ସବୁ ବିକ୍ରି କରି ଦୋକାନୀ ଲାଭବାନ ହେଉଥିବା ଅଭିଯୋଗ ହେଉଛି। ଡ୍ରଗ୍ସ ଇନିସ୍ପେକ୍ଟର ଦୋକାନ ଉପରେ ସଠିକ ନିୟମ ଅନୁଯାୟୀ ଚଢ଼ାଉ କରୁ ନଥିବାରୁ ଏହି କାରବାର ଦିନକୁ ଦିନ ବଢ଼ି ଚାଲିଛି। ଅସ୍ତରଙ୍ଗ ବ୍ଲକ ଅଧୀନ ଅସ୍ତରଙ୍ଗ ମୁଖ୍ୟ ବଜାର ସମେତ ପୋଟଳ ଛକ, ଆଳସାହି, ନଗର, ନଈଗୁଆଁ, ସରିପୁର, କୋରଣା, ଉଦୟପୁର, ତାଳଦା ସମେତ କାକଟପୁର ବ୍ଲକ ଅଧୀନ ବାଙ୍ଗୁରୀଗାଁ, ଆନନ୍ଦ ବଜାର, ପାଟପୁର, ଓଥକା, ନାସିକେଶ୍ୱର, ଶହ ଅନ୍ୟ ସ୍ଥାନ ମାନଙ୍କରେ ମାଳ ମାଳ ଔଷଧ ଦୋକାନ ଖୋଲା ଯାଇଛି। କିନ୍ତୁ ନିୟମ କାନୁନ କୁ ଉପେକ୍ଷା କରି ଔଷଧ ଦୋକାନୀ ରୋଗୀଙ୍କୁ ବିକ୍ରି କରୁଛନ୍ତି ଜେନେରିକ ଓ ନିମ୍ନ ମାନର ଔଷଧ କୁ ରୋଗୀ ସେବନ କରିବା ଯୋଗୁଁ ସେମାନେ ଉପସମ ମିଳିବା ସ୍ଥାନରେ ରୋଗ ବଢ଼ି ବଢ଼ି ଚାଲୁଛି ବୋଲି ଅଭିଯୋଗ ହୋଇଛି। ଯାହା ସାଧାରଣ ଚର୍ଚ୍ଚା ହେଉଛି 'ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧୀ 'କେନ୍ଦ୍ର ଗରିବ ଲୋକଙ୍କୁ ସହାୟକ ହେଉଛି। ଏହି ଜନ ଔଷଧୀ କେନ୍ଦ୍ରରେ ଜେନେରିକ ଔଷଧ ୫୦ରୁ ୯୦ପ୍ରତିଶତ ଶସ୍ତା ଦରରେ ମିଳିଥାଏ। ମାତ୍ର କେତେକ ଅସାଧୁ ବ୍ୟବସାୟୀ ପ୍ରଧାନମନ୍ତ୍ରୀ ଜନ ଔଷଧୀ କେନ୍ଦ୍ରରେ ଅନ୍ୟ କମ୍ପାନୀର ପ୍ରସ୍ତୁତ ଔଷଧ ଅଧା



ଦାମ୍ (ଲେଖାଥିବା ମୂଲ୍ୟ )ବିକ୍ରି କରାଯାଉଥିବା ଅଭିଯୋଗ ସାଧାରଣ ଲୋକ କରୁଛନ୍ତି। ବିଶେଷ କରି ନକଲି ଔଷଧ ଅଧିକ ପରିମାଣରେ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି ବିଭିନ୍ନ ଔଷଧ ଦୋକାନରେ। ମଧୁମେହ, ଉଚ୍ଚ ରକ୍ତଚାପ, କୀଡିନ, ହୃଦରୋଗ ଭଳି ଗୁରୁତର ରୋଗ ଦାମୀ ଔଷଧ ଏବେ ନକଲି ଭାବେ ବଜାର ରେ ମିଳୁଛି। ଏହାକୁ ସେବନ କରି ରୋଗ କମିବା ପରିବର୍ତ୍ତେ ବଢ଼ି ବଢ଼ି ଚାଲିଛି। ଏହି ନକଲି ଔଷଧ ପଶ୍ଚିମବଙ୍ଗ, ବିହାର, ବାଙ୍ଗାଲୋର, ଦିଲ୍ଲୀ ରୁ ଆସୁଥିବା ଶୁଣିବାକୁ ମିଳୁଛି। ବ୍ଲକର କିଛି ସ୍ଥାନରେ କ୍ଲିନିକ ଖୋଲି ବୈଧ ଲାଇସେନ୍ସ ପ୍ରାପ୍ତ ଓ ଫାର୍ମାସିଷ୍ଟ ନଥାଇ ଔଷଧ ବିକ୍ରି କରିବା ଶହ ରୋଗୀ ସେବା କରାଯାଉଛି। ଫାର୍ମାସିଷ୍ଟ ସାର୍ଟିଫିକେଟ ଆଳରେ ଲକ୍ଷ ଲକ୍ଷ ଟଙ୍କାର ନକଲି ଔଷଧ ବିକ୍ରି ହେଉଛି। ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଅଂଚଳରେ ଗଳି କନ୍ଦିରେ ମାଳ ମାଳ କ୍ଲିନିକ ଖୋଲି ରୋଗୀ ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ବିଶେଷଜ୍ଞ ଡକ୍ଟର ଉପଲବ୍ଧ ବୋଲି ସାଇନି ବୋର୍ଡ ଓ ପ୍ରଚାର ହେଉଥିବା ବେଳେ କ୍ଲିନିକ କୁ ସେହିଭଳି ନାମିଦାମୀ ଡାକ୍ତର ଆସୁନଥିବା ଅଭିଯୋଗ ହୋଇଛି। କେବଳ ସାପ୍ତାହିକ ଫିସ ଆଦାୟ କରାଯାଉଛି। ଏ ସବୁ ଅନିୟମିତତା କାର୍ଯ୍ୟ ଚାଲିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ କାହିଁକି ନିରବ ଦ୍ରଷ୍ଟା ସାଜିଛି, ତାହା ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ସ୍ୱାସ୍ଥ୍ୟ ବିଭାଗ ଔଷଧ ଦୋକାନ ଯାଞ୍ଚ ଶହ କ୍ଲିନିକ ଯାଞ୍ଚ କରିବାକୁ ଦାବୀ ହେଉଛି। ଆଉ ବେଆଇନି ଭାବେ ଯିଏ କରିଛନ୍ତି ଫର୍ଦାଫାଶ କରିବାକୁ ସାଧାରଣ ରେ ଦାବି ହେଉଛି।



# ବଡ଼ ଡାକ୍ତରଖାନାରେ ଅଭୟା ଦିବସ ପାଳନ ସହ ସଚେତନତା



**ବ୍ରହ୍ମପୁର (ଅମୃତ ମିଡିଆ):** ଦେଶ ବ୍ୟାପୀ ଅଭୟା ଦିବସ ପାଳନ କରାଯାଇଛି। ଏହି ଅବସରରେ ଫୋଗସି ତରଫରୁ ବଡ ଡ଼ାକ୍ତରଖାନା ସ୍ତ୍ରୀ ଓ ପ୍ରସୂତୀ ବିଭାଗ ସହ ସରକାରୀ ଓ ବେସରକାରୀ ଅନୁଷ୍ଠାନ ରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ମହାରାଜ କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟର ସ୍ତ୍ରୀ ଓ ପ୍ରସୂତୀ ବିଭାଗରେ ବ୍ରହ୍ମପୁର ସୋସାଇଟି ଦ୍ୱାରା ସଚେତନତା କାଯ୍ୟକ୍ରମ ଆୟୋଜିତ ହୋଇଥିଲା ।

ଏଥିରେ ବହୁ ବିଶେଷଜ୍ଞ ଓ ପିଜି ଛାତ୍ର ଛାତ୍ରୀ ଯୋଗଦେଇ ସଚେତନତା ସୃଷ୍ଟି କରିବା ସହ ଏ ସମ୍ପର୍କରେ ଚର୍ଚ୍ଚା କରିଥିଲେ । ନାରୀର ସୁରକ୍ଷା , ହିଂସା ରୋକିବା ଓ ଡାକ୍ତର ମାନଙ୍କ ସୁରକ୍ଷା ବ୍ୟବସ୍ଥା ବିଷୟରେ ଆଲୋଚନା ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ପ୍ରଫେସର ଭାରତୀ ମିଶ୍ର , ପ୍ରଫେସର ନିନା ମିଶ୍ର, ଡାକ୍ତର ପ୍ରେମପ୍ରିୟା ଜେନା ଡାକ୍ତର ସନ୍ଧ୍ୟାରାଣୀ ପାଣିଗ୍ରାହୀ , ଡାକ୍ତର ବନିତା ପଣ୍ଡା, ଡାକ୍ତର ପ୍ରଣତି ମିଶ୍ର ଙ୍କ ସମେତ ବହୁ ସଂଖ୍ୟକ ସ୍ନାତକ ଛାତ୍ର ଛାତ୍ରୀ ଯୋଗଦେଇ ଥିଲେ ।

# ମହାବିଦ୍ୟାଳୟରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନତା

**ଭଞ୍ଜନଗର (ଅମୃତ ମିଡିଆ):** ଭଞ୍ଜନଗର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ସ୍ୱାସ୍ଥ୍ୟ, ପରାମର୍ଶ ଓ ସମସ୍ୟା ସମାଧାନର ସଚେତନତା ସଭା ତା ୧୦/୦୮/୨୦୨୬ ହୋଇଯାଇଛି । ଅଧ୍ୟକ୍ଷ ଶ୍ରୀ ଦିଲ୍ଲୀପ କୁମାର ପ୍ରଧାନ ଛାତ୍ରୀମାନଙ୍କୁ ମହିଳାଙ୍କ ସଶକ୍ତିକରଣ ସମ୍ପର୍କରେ ଉଦବୋଧନ ଦେଇଥିଲେ । ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟର ' ସଖୀ ' ୱାନ ସହାୟକ କେନ୍ଦ୍ରର ପ୍ରଶାସନିକ ସଂଚାଳକ ମଣିଷ ସ୍ୱାଇଁ, ପରାମର୍ଶଦାତା ପ୍ରତିଭାରାଣୀ ନାୟକ, ସୁପ୍ରଭା ରାଉତ, ଲିଗାଲ ସହାୟକ ଶ୍ରୀ ବିଂରାଗୀ ପତ୍ର, ଚିକିତ୍ସାଳୟ ସହଯୋଗୀ ସାଇଲକ୍ଷ୍ମୀ ସାହୁ ଆଦି ସ୍ୱେଚ୍ଛାସେବିନୀ ମାନଙ୍କୁ ବିଭିନ୍ନ ବିଷୟ ଘରୋଇ ହିସା ର ଅସୁବିଧା ସମୟର ସମାଧାନ ସମ୍ପର୍କରେ ବୁଝାଇଥିଲେ । କାର୍ଯ୍ୟକ୍ରମ ଅଧିକାରିଣୀ ଶ୍ରୀମତୀ ଜୟଲକ୍ଷ୍ମୀ ରଥ ଆଭିମୁଖ୍ୟ ଗୁଡ଼ିକ ବୁଝାଇଥିଲେ । ଅନ୍ୟତମ ଯୋଜନା ଅଧିକାରୀ ସୂରଜ ସସମଲ୍ କାର୍ଯ୍ୟକ୍ରମର ପରେ ଧନ୍ୟବାଦ ଅର୍ପଣ କରିଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା , ଅଧ୍ୟାପକ ଓ କର୍ମଚାରୀ ଗଣ ଉପସ୍ଥିତ ଥିଲେ ।



# ଯୌତୁକ ନିରୋଧ ଆଇନ ଉପରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ

➔ ଝିଅ ଓ ପୁଅଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତୁ
➔ ସମାନ ସୁଯୋଗ ଦିଅନ୍ତୁ



**ବ୍ରହ୍ମପୁର /ଛତ୍ରପୁର (ଅମୃତ ମିଡିଆ):** ଯୌତୁକ ଭଳି ଏକ ସାମାଜିକ ବ୍ୟାଧିର ମୂଳୋତ୍ପାଟନ ପାଇଁ କେବଳ ଆଇନର କଡ଼ା କାର୍ଯ୍ୟାନ୍ୱୟନ ଯଥେଷ୍ଟ ନୁହେଁ; ସମାଜର ମାନସିକତାରେ ପରିବର୍ତ୍ତନ ଆସିବା ନିତାନ୍ତ ଆବଶ୍ୟକ ବୋଲି ଯୌତୁକ ନିରୋଧ ଆଇନ, ୧୯୬୧ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମତପ୍ରକାଶ ପାଇଛି। ଛତ୍ରପୁରସ୍ଥିତ ଜିଲ୍ଲା ପରିଷଦର ଜଉଗଡ଼ା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣରେ ଯୌତୁକ ନିରୋଧ ଆଇନର ବିଭିନ୍ନ ବ୍ୟବସ୍ଥା, ଯୌତୁକ ସମ୍ପର୍କିତ ଅଭିଯୋଗ ଦାଖଲ ପ୍ରକ୍ରିୟା, ପୁଲିସର ଭୂମିକା, ମହିଳାଙ୍କ ପାଇଁ ଉପଲବ୍ଧ ସହାୟତା ବ୍ୟବସ୍ଥା ଏବଂ ଯୌତୁକ ବିରୋଧୀ ସଚେତନତା ସମ୍ପର୍କରେ ବିସ୍ତୃତ ଆଲୋଚନା ଓ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ କହିଥିଲେ ଯେ, ଆଜିର ଦିନରେ ଝିଅମାନେ ପୁଅମାନଙ୍କ ସହ ସମାନ ଭାବେ ପ୍ରତ୍ୟେକ କ୍ଷେତ୍ରରେ ଆଗେଇ ଚାଲିଛନ୍ତି। ତେଣୁ ଝିଅ ଓ ପୁଅଙ୍କୁ ସମାନ ଦୃଷ୍ଟିରେ ଦେଖିବା ସହ ବିଶେଷ କରି ଗ୍ରାମାଞ୍ଚଳର ଝିଅମାନଙ୍କୁ ମଧ୍ୟ ପୁଅମାନଙ୍କ ଭଳି ସମାନ ସୁଯୋଗ ପ୍ରଦାନ କରିବା ଆବଶ୍ୟକ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ପାତ୍ର କହିଥିଲେ ଯେ, ଘରୋଇ ହିଂସା ଓ ଯୌତୁକ ନିର୍ଯାତନା ପରସ୍ପର ସହ ଜଡ଼ିତ ବିଷୟ। ତେଣୁ ଯୌତୁକ ବିରୋଧୀ ଆଇନ ସମ୍ପର୍କରେ ସଚେତନତା ସହ ଘରୋଇ ହିଂସା ବିରୋଧରେ ମଧ୍ୟ ସଚେତନତା ଓ ଆବଶ୍ୟକ ଆଇନଗତ ପଦକ୍ଷେପ ଉପରେ ଗୁରୁତ୍ୱ ଦେବା ଦରକାର। ଆଇନଜୀବୀ ଶ୍ରୀ ଟି. କେ. ରେଡ୍ଡୀ ଯୌତୁକ ନିରୋଧ ଆଇନର ବିଭିନ୍ନ ଦିଗ ଉପରେ ଆଲୋକପାତ କରି କହିଥିଲେ ଯେ, କେତେକ ମାମଲାରେ ଯୌତୁକ ସମ୍ପର୍କିତ ଅଭିଯୋଗ ମିଥ୍ୟା କିମ୍ବା ଭିତ୍ତିହୀନ ଭାବେ ଦାଖଲ ହେଉଥିବା ଦେଖାଯାଏ। ତେବେ ଏଭଳି ଘଟଣା ଯୋଗୁଁ ଆଇନର ଉଦ୍ଦେଶ୍ୟ ଓ ଗୁରୁତ୍ୱ କମିଯାଏ ନାହିଁ। ଆଇନ ସମାଜରେ ସମାନତା ଓ ସନ୍ତୁଳନ ସ୍ଥାପନ ପାଇଁ ରହିଛି। ଆଇନର ସଠିକ୍? ବ୍ୟବହାର ସହ ଯୌତୁକ ପ୍ରଥା ରୋକିବା ପାଇଁ ପ୍ରତିଷେଧମୂଳକ ପଦକ୍ଷେପ ନେବା ଅଧିକ ଫଳପ୍ରଦ ବୋଲି ସେ ମତ ଦେଇଥିଲେ।

ପ୍ରଶିକ୍ଷଣରେ ଯୌତୁକ ଦେବା, ନେବା କିମ୍ବା ଦାବି କରିବା ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ବୋଲି ସ୍ପଷ୍ଟ କରାଯାଇଥିଲା। ଯୌତୁକ ସମ୍ପର୍କିତ ଅଭିଯୋଗ କିମ୍ବା ଆବଶ୍ୟକ ସହାୟତା ପାଇଁ ମହିଳା ହେଲ୍ପଲାଇନ୍? ୧୮୧ରେ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା । ଏହି ପ୍ରଶିକ୍ଷଣରେ କିଶୋର ନ୍ୟାୟ ବୋର୍ଡର ସଦସ୍ୟା ସି. ଏଚ. ଜ୍ୟୋତି କୁମାରୀ, ଉପଖଣ୍ଡ ଚିକିତ୍ସା ଅଧିକାରୀ, ଛତ୍ରପୁର ଡା. ଅଲେଖ ପ୍ରଧାନ, ପ୍ରକଳ୍ପ ଅଧିକାରିଣୀ ଡି. ନାଗରତ୍ନମ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନଙ୍କ ସମେତ ଉପେନ୍ଦ୍ର ବେହେରା, ଗୀତାଞ୍ଜଳି ମହାରଣା, ସମୀର କୁମାର ପାତ୍ର, କର୍ମଚାରୀ ଓ ପ୍ରଶିକ୍ଷାର୍ଥୀମାନେ ଯୋଗ ଦେଇଥିଲେ ।

# ଲଘୁଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତା

## ନୃତ୍ୟ ପ୍ରତିଭା ବିକାଶ ମୂଳଲକ୍ଷ୍ୟ

**ବ୍ରହ୍ମପୁର (ଅମୃତ ମିଡିଆ):** କବି ସମ୍ରାଟ ଶ୍ରୀ ଉପେନ୍ଦ୍ର ଭଞ୍ଜଙ୍କୁ ସାହିତ୍ୟ ଏବଂ ସାଂସ୍କୃତିକ ଶ୍ରଦ୍ଧାଞ୍ଜଳି ଉପଲକ୍ଷେ ଲଘୁ ଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତା ଗଞ୍ଜାମ କଳା ପରିଷଦ ଭାଷା ଭବନ ପରିସରରେ ଆୟୋଜିତ ହୋଇଯାଇଛି । ଅନେଶ୍ୱା କଳା କେନ୍ଦ୍ର ତରଫରୁ ମହେନ୍ଦ୍ର କଳା ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗୀତା ମୁଖ୍ୟ ପରିଚାଳିକା ତଥା ସମ୍ପାଦିକା ଉଷାରାଣୀ ମହାପାତ୍ର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତି ଯୋଗିତାରେ ପ୍ରାୟ ୬୦ ଜଣ ନୃତ୍ୟ ଶିଳ୍ପୀ ଅଂଶ ଗ୍ରହଣ କରିଥିଲେ । ବିଚାରକ ରୂପେ ଶ୍ୱେତା, ଜାନଭି ଓ ଗଙ୍ଗୋତ୍ରୀ ପ୍ରମୁଖ ଯୋଗ ଦେଇଥିଲେ । କିଡ୍ସ, ଜୁନିଅର, ସବଜୁନିଅର୍ ଓ ସିନିୟର୍ ବିଭାଗ ରେ ଏପରି ପ୍ରତିଯୋଗିତା ହୋଇଥିଲା । ସମସ୍ତ ପ୍ରତି ଯୋଗୀମାନଙ୍କୁ ପ୍ରମାଣ ପତ୍ର ସହ ପୁରସ୍କାର




ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥି ରୂପେ କଳାପ୍ରେମୀ ଇଞ୍ଜିନିୟର ଯାମିନୀ କାନ୍ତ ଦାସ ଓ ସମ୍ମାନୀତ ଅତିଥି ରୂପେ ବଶିଷ୍ଠ ସାମ୍ବାଦିକ ସୁଦୀପ କୁମାର୍ ସାହୁ ଏବଂ ସମାଜ ସେବିକା ମନୀଷା ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ । କାଯ୍ୟକ୍ରମ ପରିଚାଳନାରେ କେନ୍ଦ୍ର ର ବହୁ କର୍ମକର୍ତ୍ତା ସହଯୋଗ କରିଥିଲେ। ଏହି ପ୍ରତି ଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅଗଷ୍ଟ ୧୮ ତାରିଖରେ ହୋଟେଲ୍ ମୋତିରେ ଆୟୋଜିତ ସ୍ୱପ୍ନିଳ ଓଡ଼ିଶା ଭଞ୍ଜ ସ୍ମୃତିରେ ପୁରସ୍କୃତ କରାଯିବାର କାଯ୍ୟକ୍ରମ ରହିଛି ।

# ମହାବିଦ୍ୟାଳୟରେ ନିଶାମୁକ୍ତ ଅଭିଯାନ




**ଭଞ୍ଜନଗର (ଅମୃତ ମିଡିଆ):** ସାବିତ୍ରୀ ମହିଳା ମହାବିଦ୍ୟାଳୟରେ ନିଶାମୁକ୍ତ ଅଭିଯାନର ପାଳନ ଜାତୀୟ ସେବା ଯୋଜନା ଦ୍ୱାରା ଗତ ୦୬/୦୮/୨୬ ଦିନରେ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବିନୀ ମାନେ ସମାଜରେ ନିଶା ନିବାରଣ ଉଦ୍ଦେଶ୍ୟରେ ଶପଥ ପାଠ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ଦିଲ୍ଲୀପ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଂଚାଳନ ହୋଇଥିଲା । ପ୍ରଜାପିତା ବ୍ରହ୍ମକୁମାରୀ ଅନୁଷ୍ଠାନର ମୁଖ୍ୟ ଭଉଣୀ ସନ୍ତୋଷୀନୀ ଛାତ୍ରୀ ମାନଙ୍କ ସତ୍ ଚିନ୍ତନ ଓ ଆତ୍ମନିୟନ୍ତ୍ରଣର ବାର୍ତ୍ତା ରଖିଥିଲେ । ସମାଜ ସ୍ୱେବୀ ଶ୍ରୀ ଶୂଳପାଣି ଶତପଥୀ ନିଶାର ସମାଜ ପ୍ରତି କୁପରିଣାମ ଗୁଡ଼ିକ ଦର୍ଶାଇଥିଲେ । ଜାତୀୟ ସେବା ଯୋଜନା ଅଧିକାରୀ ଶ୍ରୀ ସୂରଜ ସାସ୍ମଲ୍ ଅତିଥି ପରିଚୟ ପତ୍ର ପ୍ରଦାନ କରିଥିଲେ । ଯୋଜନା ଅଧିକାରିଣୀ ଶ୍ରୀମତୀ ଜୟଲକ୍ଷ୍ମି ରଥ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ସଭାରେ ପ୍ରଜାପିତା ବ୍ରହ୍ମକୁମାରୀର ସହଯୋଗୀଗଣ ଅଧ୍ୟାପିକା ଉର୍ମିଳା ପାଟଯୋଶୀ, ସନ୍ଧ୍ୟା ରାଣୀ ପ୍ରଧାନ, ସସ୍ମିତା ମିଶ୍ର, ହେମଲତା ଭୋଇ, ସ୍ୱର୍ଣ୍ଣମୟୀ ମହାରଣା, ଅମୂଲ୍ୟ ଶତପଥୀ । ପଙ୍କଜ ଦାସ, ସନ୍ତୋଷ ମହାନ୍ତି ଆଦି ଉପସ୍ଥିତ ଥିଲେ ।

# ମନରେଗା କାମରେ ଦୁର୍ନୀତି ଓ ଅନିୟମିତତା ଅଭିଯୋଗ

## ବିଡ଼ିଓଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

**ବେଗୁନିଆପଡା (ଅମୃତ ମିଡିଆ):** ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ତିରିଡା ଠାରେ ଚାଲିଥିବା ମନରେଗା ରାସ୍ତା କାମରେ ଦୁର୍ନୀତି ଅଭିଯୋଗ। ଗ୍ରାମର ନୂଆଁ ସାହି ଠାରୁ ବସନ୍ତବଣ ପର୍ଯ୍ୟନ୍ତ ମନରେଗା ରାସ୍ତା ତିଆରି ଚାଲିଥିବା ବେଳେ ଏଥିରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି। କାର୍ଯ୍ୟକୁ ଗାଁ ର କିଛି ଠିକାଦାର ପରିଚାଳନା କରୁଛନ୍ତି ଏବଂ କିଛି ଶ୍ରମିକଙ୍କ କେବଳ ଫଟୋ ଉଠାଇ ସେମାନଙ୍କୁ ୧୦୦ ଟଙ୍କା ଲେଖାଏଁ ଅର୍ଥ ପ୍ରଦାନ କରାଯାଉଥିବା ଅଭିଯୋଗ ହୋଇଛି। ମାତ୍ର ୫ ଜଣ ଶ୍ରମିକ କାମ କରି ୩୦ ରୁ ଉର୍ଦ୍ଧ୍ୱ ଶ୍ରମିକଙ୍କ ନାମରେ ଫଟୋ ଓ ଉପସ୍ଥାନ ଦର୍ଶାଇ ସରକାରୀ ଅର୍ଥ ଲୁଟ୍ କରାଯାଉଥିବା ନେଇ ଗ୍ରାମର ପୂର୍ବତନ ସଭାପତି ବିଜୟ ବେହେରା ଅଭିଯୋଗ କରି ବେଗୁନିଆପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏପରିକି ବିଜୟ ବେହେରାଙ୍କ ପଟ୍ଟା ଜମିରେ ଥିବା



ଗଛ କାଟି ଦେଇ ଜମିର ହୁଡା କୁ ହାଣି ରାସ୍ତା କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ବିଡ଼ିଓଙ୍କୁ ଏନେଇ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ସେପଟେ ବିଡ଼ିଓ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସୂଚନା ଅନୁଯାୟୀ ମନରେଗା ଯୋଜନାରେ ଏବେ ବିଭିନ୍ନ ସ୍ଥାନରେ ଦୁର୍ନୀତି ହେଉଥିବା ଅଭିଯୋଗ ଆସୁଛି। ଶ୍ରମିକଙ୍କ ଫଟୋ ଉଠାଇ ବିଲ୍ କରାଯାଉଥିବା ବେଳେ ମନରେଗା କାର୍ଯ୍ୟ ଗ୍ରାମାଞ୍ଚଳରେ ଠିକାଦାରୀ ପ୍ରଥା ସୃଷ୍ଟି କରି ଲୋକଙ୍କୁ ରୋଜଗାର ଦେବା ପରିବର୍ତ୍ତେ କାମ ନହୋଇ ମିଥ୍ୟା ବିଲ୍ ହେଉଥିବା ଅଭିଯୋଗ ଆସୁଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଭିନ୍ନ ସମୟରେ କାର୍ଯ୍ୟ ହେଉଥିବା ସ୍ଥାନକୁ ଯାଇ ତଦନ୍ତ କରିବା ଆବଶ୍ୟକ ହୋଇପଡିଛି।

# ଦେଶପ୍ରେମର ବାର୍ତ୍ତା 'ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ' ଅଭିଯାନ



**ବ୍ରହ୍ମପୁର (ଅମୃତ ମିଡିଆ):** ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ଦେଶପ୍ରେମର ଭାବନାକୁ ଏକାଠି ନେଇ ବ୍ରହ୍ମପୁର ସହରରେ ଆଜି 'ଆମ ଗଞ୍ଜାମ ସ୍ୱଚ୍ଛ ଗଞ୍ଜାମ' ଅଭିଯାନ ଅନୁଷ୍ଠିତ ହୋଇଛି। ବ୍ରହ୍ମପୁର ମହାନଗର ନିଗମ ଅନ୍ତର୍ଗତ ଫୁଲସୁନ୍ଦରୀ ସାହି ଓ ନେଳିଆ ବନ୍ଧ ଅଞ୍ଚଳରେ ଆୟୋଜିତ ଏହି ସ୍ୱଚ୍ଛତା ଅଭିଯାନରେ ପ୍ରଶାସନ ସହ ଜନସାଧାରଣଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ନିଜେ ସ୍ୱଚ୍ଛତା ସେବାରେ ସାମିଲ ହୋଇ ସ୍ୱଚ୍ଛ, ସବୁଜ ଓ ପ୍ଲାଷ୍ଟିକ୍ ?ମୁକ୍ତ ପରିବେଶ ଗଠନ ପାଇଁ ଜନସାଧାରଣଙ୍କ ସକ୍ରିୟ ସହଯୋଗ ଆହ୍ୱାନ କରିଥିଲେ। ସ୍ୱଚ୍ଛତା କେବଳ ପ୍ରଶାସନର ଦାୟିତ୍ୱ ନୁହେଁ, ଏହା ପ୍ରତ୍ୟେକ ନାଗରିକଙ୍କ ସାମୂହିକ ଦାୟିତ୍ୱ ବୋଲି ସେ ବାର୍ତ୍ତା ଦେଇଥିଲେ। ଅଭିଯାନରେ ବ୍ରହ୍ମପୁର ମହାନଗର ନିଗମ କମିଶନର ଆକବରମ୍ ସସ୍ୟା ରେଡ୍ଡୀ, ଭାରତୀୟ ପ୍ରଶାସନିକ ସେବାର ଶିକ୍ଷାନବୀସ ସରଣ୍ୟା ସାରାଭନନ୍, ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା, ଆଶୀର୍ବାଦ ପରିଡ଼ା, ସହକାରୀ କମିଶନର ରୋନିତ କୁମାର, ବିଶାଳ ଗୌରବ ମଲ୍ଲିକଙ୍କ ସମେତ ୱାର୍ଡ ନଂ. ୯ର କର୍ପୋରେଟର ଟି. କିଶୋର କୁମାର ପାତ୍ର, ଜନପ୍ରତିନିଧି, ମହାନଗର ନିଗମର ଅଧିକାରୀ ଓ କର୍ମଚାରୀ ଏବଂ ସ୍ଥାନୀୟ ଜନସାଧାରଣ ଉତ୍ସାହର ସହ ଯୋଗଦେଇଥିଲେ। ସ୍ୱଚ୍ଛତା ଅଭିଯାନ ସହ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନକୁ ଯୋଡ଼ି ଦେଶପ୍ରେମର ବାର୍ତ୍ତା ମଧ୍ୟ ପ୍ରସାର କରାଯାଇଥିଲା। ଜିଲ୍ଲାପାଳ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଜନସାଧାରଣ, ବିଶେଷକରି ଛାତ୍ରଛାତ୍ରୀଙ୍କୁ ଜାତୀୟ ପତାକା ବଣ୍ଟନ କରିଥିଲେ। ତ୍ରିରଙ୍ଗା ପ୍ରତି ସମ୍ମାନ ଓ ଦେଶ ପ୍ରତି ଗର୍ବର ଭାବନାକୁ ପ୍ରତ୍ୟେକ ଘରେ ପହଞ୍ଚାଇବା ସହ ଅଭିଯାନରେ ସମସ୍ତଙ୍କୁ ସାମିଲ ହେବାକୁ ଜିଲ୍ଲାପାଳ ଆହ୍ୱାନ କରିଥିଲେ ।

# ସାହିତ୍ୟ ପରିଷଦର ' ଅଗଷ୍ଟ କବିତା ଆସର'



**ବ୍ରହ୍ମପୁର (ଅମୃତ ମିଡିଆ):** ସ୍ଥାନୀୟ ଗୋଇଲୁଣ୍ଡି ସ୍ଥିତ ଶ୍ରୀରାମ ମନ୍ଦିର ସମ୍ମିଳନୀ କକ୍ଷରେ ବ୍ରହ୍ମପୁର ସାହିତ୍ୟ ପରିଷଦର 'ଅଗଷ୍ଟ କବିତା ଆସର' କବି ସୁଶାନ୍ତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସମ୍ପାଦକ ବି. ସତ୍ୟମ ଅଚାରୀ ସମ୍ପାଦକୀୟ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ଓ କବି ସୁନୀଲ କୁମାର ଗୌଡ଼ ଯୋଗଦେଇ ଆଜି ତଥା ୯ ଅଗଷ୍ଟ କ୍ରାନ୍ତିର ଦିବସ ବୋଲି କହିଥିଲେ। ଏହି ଦିବସରେ ବ୍ରହ୍ମପୁର ସାହିତ୍ୟ ପରିଷଦ 'ଅଗଷ୍ଟ କବିତା ଆସର' ଗୁରୁତ୍ୱ ବହନ କରିଛି ବୋଲି ଶ୍ରୀଯୁକ୍ତ ଗୌଡ଼ ଦର୍ଶାଇ ଥିଲେ। ଏଥି ସହ କବି ପ୍ରଫୁଲ୍ଲ ତ୍ରିପାଠୀଙ୍କ ମାତୃ ସ୍ୱର୍ଗତ ଶ୍ରୀମତୀ ଶଶିକଳା ତ୍ରିପାଠୀଙ୍କ ପାଇଁ ଦୁଇ ମିନଟ ନିରବ ପ୍ରାର୍ଥନା କରାଯାଇଥିଲା। ଡ଼ ବିଜୟ ଚନ୍ଦ୍ର ମହାରଣା ଓ କବି ଅଶୋକ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଦେଶ ଗଠନରେ ସାହିତ୍ୟିକ ମାନଙ୍କ ଭୂମିକା ବିଷୟରେ ଆଲୋଚନା କରିଥିଲେ। ଯୁବକବି ସୌରଭକାନ୍ତ ତ୍ରିପାଠୀଙ୍କ ସଂଯୋଜନାରେ କବି ଭିକାରୀ ଚରଣ ମହାପାତ୍ର, ନୃସିଂହାନଂଦ ମହାପାତ୍ର, ସରୋଜିନି ସାହୁ, ମଧୁସ୍ମିତା ସାହୁ, କାଳୀ ପ୍ରସାଦ ରାଓ, ଉମାକାନ୍ତ ବେହେରା, କିଶୋରୀ ମହାରଣା, ଲିପ୍ସା ମହାରଣା, ନୀଳକଣ୍ଠେଶ୍ୱର ଦାଶ, କାର୍ତ୍ତିକ ପାଣିଗ୍ରାହୀ, ପ୍ରମୋଦ କୁମାର ପଣ୍ଡା, ମନା ମୋହନ ରଥ, ଶରତ କୁମାର ଦାସ, ଅଜିତ କୁମାର ସେଠି, ସୀତାରାମ ପାତ୍ର, ମିହିର କୁମାର ରଥଶର୍ମା, ଲୋପା ସାମଲ, ଗଙ୍ଗାଧର ମହାକୁଡ଼, ସ୍ମୃତି ଶ୍ୱେତା ଜେନା, ପ୍ରେମଶିଳା ରାଉତ, ବିଜୟ ଚନ୍ଦ୍ର ମିଶ୍ର ପ୍ରମୁଖ ନିଜ ନିଜ କବିତା ପାଠ କରିଥିଲେ। ସାହିତ୍ୟ ସାଧନା ନିମନ୍ତେ କବି ପ୍ରଫୁଲ କୁମାର ତ୍ରିପାଠୀଙ୍କୁ ଉତ୍କଳିକା ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯଇଥିଲା। କବି ସୁନୀଲ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ନିର୍ଦ୍ଧାରିତ ମୂଲ୍ୟରେ ସାର ବିକ୍ରୟ ଉପରେ ଗଞ୍ଜାମ ଜିଲ୍ଲା ପ୍ରଶାସନର ଗୁରୁତ୍ୱ

## ଅଧିକ ଦାମ୍‌ରେ ସାର ବିକ୍ରିହେଲେ ଅଭିଯୋଗ କରିବାକୁ ଚାଷୀଙ୍କୁ ପରାମର୍ଶ

**ବ୍ରହ୍ମପୁର / ଛତ୍ରପୁର (ଅମୃତ ମିଡିଆ):** ଚାଷୀମାନଙ୍କୁ ନିର୍ଦ୍ଧାରିତ ଓ ଉଚିତ ମୂଲ୍ୟରେ ସାର ଯୋଗାଣ ସୁନିଶ୍ଚିତ କରିବା ସହ ସାର ବିକ୍ରୟରେ ସ୍ୱଚ୍ଛତା ଓ ନିୟମିତତା ବଜାୟ ରଖିବା ଉଦ୍ଦେଶ୍ୟରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକାର ସାରର ନିର୍ଦ୍ଧାରିତ ମୂଲ୍ୟ ସମ୍ପର୍କରେ ସୂଚନା ପ୍ରକାଶ କରାଯାଇଛି। ଚାଷୀମାନେ ସାର କିଣିବା ସମୟରେ ନିର୍ଦ୍ଧାରିତ ମୂଲ୍ୟ ଯାଞ୍ଚ କରିବା ସହ ବିକ୍ରୟ ରସିଦ ନିଶ୍ଚିତ ଭାବେ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

ପ୍ରକାଶିତ ତାଲିକା ଅନୁଯାୟୀ, ୟୁରିଆ ସାରର ନିର୍ଦ୍ଧାରିତ ମୂଲ୍ୟ ପ୍ରତି ବସ୍ତା ୨୬୬ ଟଙ୍କା ୫୦ ପଇସା ରହିଛି। ଡିଏପି ସାରର ମୂଲ୍ୟ ୧,୩୫୦ ଟଙ୍କା ଏବଂ ଏମ୍?ଓପି ସାରର ପୁରୁଣା ଓ ନୂତନ ମୂଲ୍ୟ ଯଥାକ୍ରମେ ୧,୯୭୫ ଟଙ୍କା ଓ ୨,୨୦୦ ଟଙ୍କା ରହିଛି। ସେହିପରି ୨୦-୨୦-୦-୧୩ (ଏନ୍?ପିକେ) ସାରର ଇଫକୋ ମୂଲ୍ୟ ୧,୪୫୦ ଟଙ୍କା ଏବଂ ପିପିଏଲ୍? ମୂଲ୍ୟ ୨,୧୦୦ ଟଙ୍କା ରହିଛି। ୧୬-୧୬-୧୬ (ଏନ୍‌ପିକେ) ସାରର ମୂଲ୍ୟ ୨,୦୫୦ ଟଙ୍କା ରହିଥିବା ବେଳେ ଏସ୍‌ଏସ୍‌ପି (ଦାନାଦାର)ର ମୂଲ୍ୟ ୮୦୦ ଟଙ୍କା ଏବଂ ଏସ୍‌ଏସ୍‌ପି (ଗୁଣ୍ଡ)ର ମୂଲ୍ୟ ୭୭୫ ଟଙ୍କା ରହିଛି। ଏହା ବ୍ୟତୀତ ଆମୋନିୟମ୍ ସଲ୍‌ଫେଟ୍‌ର ପିପିଏଲ୍ ମୂଲ୍ୟ ୧,୪୦୦ ଟଙ୍କା ଏବଂ ଏଚ୍?ୟୁଆର୍‌ଏଲ୍? ମୂଲ୍ୟ ୧,୬୫୦ ଟଙ୍କା ରହିଛି। ୨୮-୨୮-୦ (ଏନ୍?ପିକେ) ସାରର ଇଫକୋ ନିର୍ଦ୍ଧାରିତ ମୂଲ୍ୟ ପ୍ରତି ବସ୍ତା ୧,୭୫୦ ଟଙ୍କା ରହିଛି। ତାଲିକାରେ ଉଲ୍ଲେଖିତ ଏହି ମୂଲ୍ୟଗୁଡ଼ିକ ୮ ଅଗଷ୍ଟ ୨୦୨୫ ଠାରୁ ପ୍ରଚଳିତ ଥିବା ସୂଚନା ଦିଆଯାଇଛି। ଚାଷୀମାନେ ସାର କ୍ରୟ ସମୟରେ ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଅର୍ଥ ପ୍ରଦାନ ନ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସଚେତନ କରାଯାଇଛି। କୌଣସି ବିକ୍ରେତା ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଦାମରେ ସାର ବିକ୍ରୟ କରୁଥିଲେ, ସାର ଯୋଗାଣରେ ଅନିୟମିତତା କରୁଥିଲେ କିମ୍ବା ସାର କ୍ରୟ ସମୟରେ ଚାଷୀଙ୍କୁ କୌଣସି ପ୍ରକାର ଅସୁବିଧାରେ ପକାଉଥିଲେ, ତେବେ ଚାଷୀମାନେ ତୁରନ୍ତ ଜିଲ୍ଲା ପ୍ରଶାସନକୁ ଜଣାଇପାରିବେ।

ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଭିଯୋଗ ହେଲ୍ପଲାଇନ୍? ନମ୍ବର ୦୬୮୦-୨୨୩୩୨୬୨ ଜାରି କରାଯାଇଛି। ଏହି ନମ୍ବରରେ ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ଅଭିଯୋଗ ଜଣାଇପାରିବେ। ସେହିପରି ୨୪ ଘଣ୍ଟିଆ ଅଭିଯୋଗ ପାଇଁ ହ୍ୱାଟ୍ସଆପ୍ ନମ୍ବର ୭୭୮୯୦୩୨୬୨୦ରେ ଅଭିଯୋଗ ଜଣାଇବାକୁ ଚାଷୀମାନଙ୍କୁ କୁହାଯାଇଛି। ସାର ବିକ୍ରୟ ସମୟରେ ବ୍ୟବସାୟୀମାନେ ଆଇଏଫ୍‌ଏମ୍‌ଏସ୍ ବିଲ୍ ମାଧ୍ୟମରେ ନିର୍ଦ୍ଧାରିତ ଦରରେ ସାର ବିକ୍ରୟ କରିବାକୁ ନିର୍ଦ୍ଦେଶ ରହିଛି। ଚାଷୀମାନେ ସାର କ୍ରୟ ସମୟରେ ନିର୍ଦ୍ଧାରିତ ଦର ଯାଞ୍ଚ କରିବା ସହ ବିକ୍ରୟ ରସିଦ ନେବାକୁ ଏବଂ କୌଣସି ପ୍ରକାର ଅନିୟମିତତା ନଜରକୁ ଆସିଲେ ତୁରନ୍ତ ଅଭିଯୋଗ ଜଣାଇବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଚାଷୀଙ୍କ ହିତ ସୁରକ୍ଷା, ସାରର କଳାବଜାରୀ ଓ ବେଆଇନ ମୂଲ୍ୟବୃଦ୍ଧି ରୋକିବା ଏବଂ ଚାଷୀମାନଙ୍କୁ ନିର୍ଦ୍ଧାରିତ ମୂଲ୍ୟରେ ସାର ଉପଲବ୍ଧ କରାଇବା ପାଇଁ ଜିଲ୍ଲା ପ୍ରଶାସନର ନିରୀକ୍ଷଣ ଓ ଆବଶ୍ୟକ ପଦକ୍ଷେପ ଜାରି ରହିବ।





# ନିଖିଳ ଓଡ଼ିଶା ଆଶାକର୍ମୀ ସଙ୍ଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ନିଖିଳ ଓଡିଶା ଆଶାକର୍ମୀ ସଙ୍ଘ କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଜରିଆରେ ଏକ ୯ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଆମ ଦେଶ, ରାଜ୍ୟ ଓ ଜିଲ୍ଲାରେ ସ୍ୱାସ୍ଥ୍ୟସେବାର ଉନ୍ନତି ସହିତ ମା’ ଶିଶୁର ଯତ୍ନ ତଥା ମୃତ୍ୟୁହାରକୁ କମାଇବା ପାଇଁ ୨୦୦୬ମସିହାରୁ ଆଜି ପର୍ଯ୍ୟନ୍ତ ୨୦ବର୍ଷ ଧରି ବିନା ପାରିଶ୍ରମିକରୁ ବର୍ତ୍ତମାନ ନିଶ୍ଚିତ ଭତ୍ତା ୭ହଜାର ୪ଶହ ଟଙ୍କା ପର୍ଯ୍ୟନ୍ତ ପାଇ ଆମେ ନିଜ ଜୀବନ ଓ ପରିବାରକୁ ପଛ କରି ସେବା ଯୋଗାଇ ଦେଇ ଆସୁଛୁ। ଫଳରେ ଆମ ଜିଲ୍ଲା ଠାରୁ ଦେଶ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସେବାର ଉନ୍ନତି ହୋଇଛି। ବନ୍ୟା, ବାତ୍ୟା ସମୟରେ ଆଶାମାନଙ୍କ କାର୍ଯ୍ୟ ଦେଖି ତାଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଛନ୍ତି। କିନ୍ତୁ ଦୁଃଖର କଥା ଆଶାକର୍ମୀମାନଙ୍କୁ ସାମାଜିକ ସୁରକ୍ଷା ଓ ଆର୍ଥିକ ନିରାପତ୍ତା ପ୍ରଦାନ କରାଯାଉନାହିଁ। ତେଣୁ ଆଶାକର୍ମୀଙ୍କୁ ସର୍ବନିମ୍ନ ମାସିକ ୨୬ହଜାର ଟଙ୍କା ଦରମା ପ୍ରଦାନ, ପଦୋନ୍ନତି ଓ ମାସିକ ପେନସନ ସର୍ବନିମ୍ନ ୫ହଜାର, ପ୍ରତ୍ୟେକ ଗ୍ରାମରେ ଆଶାଗୃହ ନିର୍ମାଣ, ଡ୍ୟୁଟି ବେଳେ ମୃତ୍ୟୁ ହେଲେ ପରିବାରର ଜଣଙ୍କୁ ଆଶାକର୍ମୀ ଚୟନ କରାଯିବା, ଏନ.ଏଚ.ଏମ.ର ସମସ୍ତ କର୍ମଚାରୀଙ୍କୁ ସରକାରୀ ଚାକିରୀ ମାନ୍ୟତା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ସିଏଚସିରେ ଭଲ ଆଶାଗୃହ ଯୋଗାଇ ଦିଆଯିବା, ଆଶାକର୍ମୀଙ୍କ କାମ ସୁପରିଚାଳନା ପାଇଁ ବଡ ମୋବାଇଲ ସେଟ୍ ଓ ସ୍କୁଟି ଯୋଗାଇଦେବା, ଘରୋଇ ଡାକ୍ତରଖାନାକୁ ରୋଗୀ ଗଲେ ଆଶାକର୍ମୀଙ୍କୁ ତାର ପ୍ରାପ୍ୟ ପ୍ରଦାନ କରାଯିବା ଓ ବାର୍ଷିକ ୧୦ହଜାର ଟଙ୍କା ତୁରନ୍ତ ପ୍ରଦାନ କରାଯିବା ଭଳି ଦାବି ଗୁଡିକ ରହିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଅନୁପସ୍ଥିତିରେ ଡାକ୍ତରଖାନାର ପ୍ରଶାସକ ଦିଲ୍ଲିପ କୁମାର ନାୟକ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ସଙ୍ଘ ପକ୍ଷରୁ ଦାବିପତ୍ର ଗ୍ରହଣ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସଙ୍ଘ ସଭାପତି ବିକାଶ ଚନ୍ଦ୍ର ବେଉରା, ଉପସଭାପତି ଭଜହରି ପ୍ରଧାନ, କୋଷାଧ୍ୟକ୍ଷ ନନ୍ଦିନୀ ସ୍ୱାଇଁ, ଜୟନ୍ତୀ ବାରିକ ଓ ଉପଦେଷ୍ଟା ଆଇନଜୀବୀ ରମଣୀରଞ୍ଜନ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ତାଲିମ ନାମରେ ହରିଲୁଟ୍

କେନ୍ଦ୍ରାପଡ଼ା (ଅମୃତ ମିଡିଆ) : କେନ୍ଦ୍ରାପଡା ବ୍ଲକରେ ବିଭିନ୍ନ ସମୟରେ ହେଉଥିବା ତାଲିମ ଶିବିର ନାମରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ ହେଉଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟି ସରକାରଙ୍କ ବିଭିନ୍ନ ଯୋଜନାରେ କେନ୍ଦ୍ରାପଡା ବ୍ଲକରେ ହେଉଥିବା ତାଲିମ ଶିବିରକୁ ବ୍ଲକର ମଙ୍ଗଳ ସଂପ୍ରସାରଣ ଅଧିକାରୀ ଶୁଭ୍ରଜିତ ରାଉତ ପରିଚାଳନା କରିଥାନ୍ତି। ବିଗତ ୩ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ବ୍ଲକରେ କାର୍ଯ୍ୟରତ ଥିବା ଡବ୍ଲୁଇଓ ଶ୍ରୀ ରାଉତ ଏହିସବୁ ତାଲିମ ଶିବିରର ପରିଚାଳନା କରିବା ସହ ଅତ୍ୟନ୍ତ ନିମ୍ନମାନର ଖାଦ୍ୟପଦାର୍ଥ ଶିବିରାର୍ଥୀମାନଙ୍କୁ ଖାଇବାକୁ ଦେବା ଓ ଅନେକ ସମୟରେ ବିନା ଖାଦ୍ୟ ପ୍ରଦାନରେ ମିଥ୍ୟା ବିଲ ଭାଉଚର ପ୍ରସ୍ତୁତ କରି ଲକ୍ଷ ଲକ୍ଷ ଟଙ୍କା ହଡପ କରିନେଇଥିବା ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ ସରକାରଙ୍କ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ ଉନ୍ନୟନ ବିଭାଗ ଅଧିନରେ କେନ୍ଦ୍ରାପଡା ବ୍ଲକର ବିଭିନ୍ନ ସ୍ଥାନରେ ଥିବା ଆଶ୍ରମ ଓ ସେବାଶ୍ରମ ବିଦ୍ୟାଳୟ ଛାତ୍ରାବାସର ଅନ୍ତେବାସୀ ଛାତ୍ରଛାତ୍ରୀ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସରକାରୀ ଅନୁଦାନ ଅର୍ଥକୁ ଲୁଟ କରିବାରେ ସଂପୃକ୍ତ ବିଦ୍ୟାଳୟର ଶିକ୍ଷକଙ୍କୁ ପୂର୍ଣ୍ଣ ସହଯୋଗ କରି ଅର୍ଥ ଲୁଟ କରୁଛନ୍ତି। ଫଳରେ ସରକାରଙ୍କ ଯୋଜନା ଏହାଦ୍ୱାରା ଦିଗହରା ହୋଇପଡିଛି। ଦଳିତ ସ୍ୱୟଂସହାୟିକା ଗୋଷ୍ଠୀର ମହିଳାମାନଙ୍କୁ ଋଣ କରାଇଦେବା ନାମରେ ସେମାନଙ୍କ ଠାରୁ ଅର୍ଥ ଉକ୍ଚ ନେବା ସହ ଅନେକ ସମୟରେ ସେମାନଙ୍କୁ ଦୁର୍ବ୍ୟବହାର କରୁଥିବା ନେଇ ଅଭିଯୋଗ ହୋଇଛି। ତାଙ୍କର ଥାର୍ଡ ଫ୍ଲୋରରେ ହାତ ଅଛି ବୋଲି କହି ଲୋକମାନଙ୍କୁ ଡରାଉଥିବା ମଧ୍ୟ ଅଭିଯୋଗ ହୋଇଛି। ଏସମ୍ପର୍କରେ ସୂଚନା ଅଧିକାର କର୍ମୀ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ସମେତ ଶତାଧିକ ଦଳିତ ମହିଳା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଅଭିଯୋଗ କରି ଘଟଣାର ଭିଜିଲାନ୍ସ ତଦନ୍ତ କରାଯିବାକୁ ଦାବି କରିଛନ୍ତି। ଏହି ଅଭିଯୋଗର ନକଲ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ, ମୁଖ୍ୟଶାସସନ ସଚିବ, ବିଭାଗୀୟ ଶାସନ ସଚିବ, ଭିଜିଲାନ୍ସ ଏସପି ଓ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଛି।

## ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

### ଜୁଲାଇରେ...

କ୍ୟାପେକ୍ସ’ରେ ଯେପରି ଅଧିକ ବ୍ୟୟ ହେବ, ସେଥିପ୍ରତି ବିଭିନ୍ନ ବିଭାଗ ଆହୁରି ତ୍ୱରାନ୍ୱିତ ଭାବେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଅର୍ଥବିଭାଗ ପକ୍ଷରୁ ବିଭାଗୀୟ ପ୍ରମୁଖ ସଚିବ ସଞ୍ଜୀବ ମିଶ୍ର ତଥ୍ୟ ଉପସ୍ଥାପନ କରିଥିଲେ । ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଯାମିନୀ ଷଡ଼ଙ୍ଗୀ ଏବଂ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ ।

### ସୁପ୍ରିମକୋର୍ଟରେ...

କରି ନୂଆ ତାଲିକା ଗଢ଼ିବାକୁ ଚେଷ୍ଟା କରୁଛନ୍ତି ବୋଲି ଚିଦାମ୍ବରମ୍ ଆଜି କୋର୍ଟଙ୍କୁ ଅବଗତ କରିଥିଲେ। ଏହି ସମସ୍ତ ଯୁକ୍ତି ଶୁଣିବା ପରେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ, କେଉଁ ଅଫିସର ଯୋଗ୍ୟ ଓ କାହା ନାଁ ବିଚାର କରାଯାଇପାରିବ, ସେ ନେଇ ୟୁପିଏସସି ସମ୍ପୂର୍ଣ୍ଣ ଅବଗତ ଅଛି। ଯଦି ଅଯୋଗ୍ୟ ଅଫିସରଙ୍କ ନାମ ପଠାଯାଏ, ତେବେ ସୁପ୍ରିମକୋର୍ଟଙ୍କ ପୂର୍ବନିର୍ଦ୍ଦେଶ ଅନୁସାରେ ୟୁପିଏସସି କାର୍ଯ୍ୟ କରିବେ। ନିୟମାନୁସାରେ, ଲେଭଲ-୧୬ରେ ଥିବା ଡିଜିପି ପାହ୍ୟାର ଅଫିସରଙ୍କ ମଧ୍ୟରୁ ହିଁ ଶୀର୍ଷ ଲେଭଲ-୧୭ (ଡିଜିପି ପଦବୀ) ପାଇଁ ଚୟନ କରାଯାଏ। କମସଂଖ୍ୟକ ଯୋଗ୍ୟ ଅଫିସର ଅଛନ୍ତି ଦର୍ଶାଇ ନିୟମ ଭାଙ୍ଗିବାର କୌଣସି ଅଧିକାର ରାଜ୍ୟ ସରକାରଙ୍କର ନାହିଁ ବୋଲି ସୁପ୍ରିମକୋର୍ଟ ପୂର୍ବରୁ ମଧ୍ୟ ସ୍ପଷ୍ଟ କରିସାରିଛନ୍ତି। ଖଣ୍ଡପୀଠ ପ୍ରଥମେ ୟୁପିଏସସିଙ୍କ ପକ୍ଷ ଶୁଣିବାକୁ ଚାହୁଁଥିବା ମଧ୍ୟ କହିଛନ୍ତି।

### ‘ବନ୍ଦେ ...

ଏହାର ଗାନକୁ ଜାଣିଶୁଣି ବାଧା ଦେବା କିମ୍ବା ଏହା ଗାନ କରାଯାଉଥିବା ସମୟରେ ଅସମ୍ମାନଜନକ ଆଚରଣ କରିବା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇପାରିବ। ଏହି ବ୍ୟବସ୍ଥା ଜାତୀୟ ସଙ୍ଗୀତ ପ୍ରତି ଥିବା ଆଇନଗତ ସୁରକ୍ଷା ସହ ସମାନ ଭାବେ ଲାଗୁ ହେବ।ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ‘ବନ୍ଦେ ମାତରମ୍’ ଭାରତର ସ୍ୱାଧୀନତା ସଂଗ୍ରାମ ସହ ଗଭୀର ଭାବେ ଜଡ଼ିତ। ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ ଏହି ଗୀତ ରଚନା କରିଥିଲେ। ଏହା ପ୍ରଥମେ ତାଙ୍କ ‘ଆନନ୍ଦମଠ’ ଉପନ୍ୟାସରେ ପ୍ରକାଶ ପାଇଥିଲା। ସ୍ୱାଧୀନତା ଆନ୍ଦୋଳନ ସମୟରେ ଏହା ଦେଶଭକ୍ତିର ପ୍ରମୁଖ ପ୍ରତୀକ ଭାବେ ଲୋକପ୍ରିୟ ହୋଇଥିଲା। ଚଳିତବର୍ଷ ‘ବନ୍ଦେ ମାତରମ୍’ ରଚନାର ୧୫୦ ବର୍ଷ ପୂରଣ ହୋଇଥିବାରୁ ଏହାର ବିଶେଷ ଗୁରୁତ୍ୱ ରହିଛି। ସ୍ୱାଧୀନତା ଦିବସ ପୂର୍ବରୁ ଏହି ଆଇନ ଲାଗୁ ହେବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସରକାରଙ୍କ ମତରେ ଜାତୀୟ ସଙ୍ଗୀତ ଓ ଜାତୀୟ ଗୀତ ପ୍ରତି ସମ୍ମାନ ଓ ମର୍ଯ୍ୟାଦା ସୁନିଶ୍ଚିତ କରିବା ଏହି ସଂଶୋଧନର ପ୍ରମୁଖ ଉଦ୍ଦେଶ୍ୟ।

### ବଜ୍ରପାତରେ...

ସମାନେ ସଙ୍ଗେ ସଙ୍ଗେ ଗୁରୁତରମାନଙ୍କୁ ଉଦ୍ଧାର କରି ସବ୍‌ଡେଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଚମ୍ପା ଓ ଶୁଶିଲାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ, ଗୁରୁତର ଅବସ୍ଥାରେ ଥିବା ବରଡିହି ଗ୍ରାମର ସବା ଟିର୍କୀ (୬୦), ଫୁଲକି ବାଡ଼ା(୫୫) ଓ ସରସ୍ୱତୀ ଟିର୍କୀ (୩୦)ଙ୍କୁ ପ୍ରାଥମିକ ଚିକିତ୍ସା ପରେ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଜଣେ ମହିଳା ଲଳିତା ତର୍କି (୩୦) ସବଡେଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଅନ୍ୟ ୨ ଗୁରୁତରଙ୍କୁ ବାଲିଶଙ୍କରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି। ତଳସରା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତର ଖାନାକୁ ପଠାଇଛି। ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି।ସେହିପରି ବଣାଇଁ ଥାନା ଅନ୍ତର୍ଗତ ଇନ୍ଦ୍ରପୁର ଗ୍ରାମରେ ଚାଷ ଜମିରେ ୧୧ ଜଣ ମହିଳା କାମ କରୁଥିବା ବେଳେ ହଠାତ୍ ଘଡ଼ଘଡ଼ି ସହ ବ୍ରଜପାତ ହୋଇଥିଲା। ଏଥିରେ ୩ ଜଣଙ୍କ ଗୁରୁତର ହୋଇପଡିଥିଲେ। ସମସ୍ତଙ୍କୁ ଉଦ୍ଧା କରାଯାଇ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ସୁନିତା ଓ ଦ୍ରୌପଦୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ପ୍ରବଳ...

ଉପସ୍ଥାପନ କରିଥିଲେ। ହଟ୍ଟଗୋଳ ଜାରି ରହିଥିବା ବେଳେ ଏହି ବିଲ୍ ମଧ୍ୟ ବିନା ଆଲୋଚନାରେ ପାସ୍ ହୋଇଥିଲା। ଏପର୍ଯ୍ୟନ୍ତ ମୌସୁମୀ ଅଧିବେଶନରେ ଲୋକସଭା ୧୧ଟି ବିଲ୍ ପାସ୍ କରିଥିବା ବେଳେ ମାତ୍ର ଦୁଇଟି ଉପରେ ଆଲୋଚନା ହୋଇଛି।ଅନ୍ୟପକ୍ଷରେ ରାଜ୍ୟସଭା ମଙ୍ଗଳବାର ଟ୍ରିବ୍ୟୁନାଲ ସଂସ୍କାର ବିଲ୍, ୨୦୨୬ ପାସ୍ କରିଛି। ବିଭିନ୍ନ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଓ ସଦସ୍ୟ ଚୟନ ପାଇଁ ଜାତୀୟ ଟ୍ରିବ୍ୟୁନାଲ କମିସନ୍ ଗଠନ କରିବା ଏହି ବିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ। ଲୋକସଭା ଏହି ବିଲ୍‌କୁ ସୋମବାର ପାସ୍ କରିଥିଲା। ବିଲ୍ ଉପରେ ଆଲୋଚନା ସମୟରେ ବିରୋଧୀ ଇଣ୍ଡିମେଣ୍ଟର ଦଳଗୁଡ଼ିକ କକ୍ଷତ୍ୟାଗ କରିଥିଲେ। କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ଅଧ୍ୟକ୍ଷ କହିବାକୁ ସୁଯୋଗ ନ ଦେବାରୁ ଏହି କକ୍ଷତ୍ୟାଗ ହୋଇଥିଲା। ପରେ ଆଇନ ଓ ନ୍ୟାୟମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ବିଲ୍ ଉପରେ ସରକାରଙ୍କ ପକ୍ଷ ରଖିଥିଲେ।

# ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ



**ଚଣ୍ଡିଖୋଲ (ଅମୃତ ମିଡ଼ିଆ):** ବଡ଼ଚଣା ବ୍ଲକ ଭୂଷଣ୍ଡପୁର ପଂଚାୟତ ଖଣ୍ଡିଆବନ୍ଧରେ ନୂତନ କରି ନିର୍ମିତ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉଛବ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ଟ୍ରଷ୍ଟର ଉପଦେଷ୍ଟା ଚନ୍ଦନ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରସ୍ତୁତି ବୈଠକରେ କମିଶନରେଟ ପୋଲିସର ବରିଷ୍ଠ ଅଧିକାରୀ ଅମିତାଭ ମହାପାତ୍ର, ମର୍କତ୍ତ ନଗର ଥାନା ଅଧିକାରୀ ଅସିତ ବଳବନ୍ତରାୟ, ଅବସରପ୍ରାପ୍ତ ପ୍ରାଧ୍ୟାପକ ବିନାୟକ ପଣ୍ଡା, ପଣ୍ଡିତ ବିଜୟ କର ଓ ଲଘୁ ଖଣିଜ ପରିବହନ ସଙ୍ଘ ସଭାପତି ଅଜାମ୍ବର ସାହୁ ପ୍ରମୁଖ ଯୋଗଦେଇ ଶେଷ ପର୍ଯ୍ୟାରରେ ପହଂଚିଥିବା ମନ୍ଦିର ନିର୍ମାଣ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଜଗନ୍ନାଥ ଆଶ୍ରିତ ପ୍ରକାଶ କୁମାର ସାହୁ ଆଉ ଦୁଇ ମାସ ଭିତରେ ବାକି ରହିଯାଇଥିବା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯିବ ବୋଲି ବୈଠକରେ ସୂଚନା ଦେଇଥିଲେ। ପଣ୍ଡିତ ବିଜୟ କୁମାର କରଙ୍କ ମତରେ ୨୦୨୭ ଫେବୃଆରୀ ୨୮ ତାରିଖ ମନ୍ଦିର ପ୍ରତିଷ୍ଠା ଉଛବ ପାଇଁ ସର୍ବୋତମ ଦିନ ଓ ସେହିଦିନ ମନ୍ଦିର ପ୍ରତିଷ୍ଠା ପାଇଁ ସର୍ବସମ୍ମତି କ୍ରମେ ବୈଠକରେ ସ୍ଥିର କରାଗଲା। ସଭ୍ୟ ଅନନ୍ତ କୁମାର ଦାସ ପୂର୍ବ ବିବରଣୀ ସହିତ ପୂର୍ବ ବୈଠକରେ ଆଗତ ବିଭିନ୍ନ ପ୍ରସ୍ତାବଗୁଡିକ ପାଠ କରି ସମସ୍ତଙ୍କୁ ଅବଗତ କରାଇଥିଲେ.ବରିଷ୍ଠ ସଭ୍ୟ ଧନେଶ୍ୱର ସ୍ୱାଇଁ ବିଗତ ୬ମାସର ଆୟ ଓ ବେୟର ହିସାବ ବୈଠକରେ ରଖିଥିଲେ। ମନ୍ଦିର ପୂର୍ଣ୍ଣାଙ୍ଗ ପାଇଁ ଆଉ କିଛି ଅର୍ଥର ଆବଶ୍ୟକତା ରହିଅଛି ବୋଲି ଅମିତାଭ ମହାପାତ୍ର କହିବା ସହ ବିଭିନ୍ନ ବଦାନ୍ୟ ବ୍ୟକ୍ତି, ସଙ୍ଘ, ଅନୁଷ୍ଠାନ ଓ ଟ୍ରଷ୍ଟର ସମସ୍ତ ସଭ୍ୟ ମାନେ ମିଳିମିଶି ଏହି ଅର୍ଥ ଯୋଗାଡ କରିବାକୁ ପରାମର୍ଶ ଦେଇଥିଲେ। ଶେଷରେ ପ୍ରାଧ୍ୟାପକ ବିନାୟକ ପଣ୍ଡା ବୈଠକରେ ଉପସ୍ଥିତ ଥିବା ସମସ୍ତ ଜଗନ୍ନାଥ ପ୍ରେମୀଙ୍କୁ ସାଧୁବାଦ ଦେବା ସହ ମନ୍ଦିର ନିର୍ମାଣରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁରର ଆଲେକ ଜାଣ୍ଡର ଦାସ, ଶିଳ୍ପପତି ଦିଲ୍ଲିପ କୁମାର ପାଢ଼ୀ, ଚିତ୍ତରଞ୍ଜନ ମହାପାତ୍ର, ବିଭୁତିଭୂଷଣ ଜେନା, ମୁସୁଲ ହାଁସଦା, ଅଜୟ କୁମାର କର, ସନ୍ତୋଷ ରାଉତ, ପ୍ରଶାନ୍ତ କୁମାର ଜେନା, ଦେବେନ୍ଦ୍ର ମହାନ୍ତି, ପବିତ୍ର କୁମାର ରାଉତ, ବଳରାମ ନାୟକ, ବୀରେନ୍ଦ୍ର କୁମାର ମିଶ୍ର, ଶ୍ରୀନିବାସ ଜେନା, ଅଭୟ ସାମଲ, ହେମନ୍ତ ମହଲା, ପୁଷ୍ପରାଜ ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ଅବସରପ୍ରାପ୍ତ କର୍ମଚାରୀଙ୍କ ଧାରଣା କାର୍ଯ୍ୟକ୍ରମ

**ବେତନଟୀ (ଅମୃତ ମିଡିଆ) :** ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ସ୍ଥାନୀୟ ପ୍ରତିଭା ନିବାସଠାରେ ବେତନଟୀ ବ୍ଲକ୍ ଅବସରପ୍ରାପ୍ତ କର୍ମଚାରୀ ସଂଘର ଜରୁରୀ ଅଧିବେଶନ ସଭାପତି ହରିଶଚନ୍ଦ୍ର ନନ୍ଦ ଗୋସାମୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ଗତ୨୦୧୬ ମସିହାଠାରୁ ୨୦୨୬ ମସିହା ଦଶବର୍ଷ ଧରି ରାଜ୍ୟସରକାରଙ୍କୁ ସିଧା ବହୁବାର ୯ ଦଫା ଦାବି ସମ୍ମିଳିତ ପତ୍ର ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧୭ ଗୋଟି ବ୍ଲକ୍ ତଥା ଅନୁବନ୍ଧିତ ସଂଗଠନ ଦ୍ୱାରା ସ୍ଥାନୀୟ ବିଡିଓ, ତହସିଲଦାର, ଉପ- ଜିଲାପାଳ,ଅତିରିକ୍ତ ଜିଲ୍ଲା ପାଳ ଓ ଜିଲ୍ଲାପାଳମାନଙ୍କ ଠାରେ ଦାଖଲ କରିଛି । ସଂଘର କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟାଗଣ, ଭୁବନେଶ୍ୱର ପି.ଏମଜି ଛକରେ ପ୍ରତ୍ୟେକ ବର୍ଷ ଧାରଣା ଦେଇ ଆସୁଛନ୍ତି। ଦାବି ମଧ୍ୟରେ ମୁଖ୍ୟତଃ ଗତ ମାର୍ଚ୍ଚ ୨୦୨୫ ରେ ସଂସଦରେ ଗୃହୀତ ପେନସନ ଓ ଡିଏ ନ ବଢିବାର କଳା ଆଇନ ଉଚ୍ଛେଦ ସହ ଚିକିତ୍ସା ଭତ୍ତା, ବୀମା ବ୍ୟବସ୍ଥା, ବସ ଭଡାରେ ରିହାତି ପ୍ରଦାନ ଏବଂ ପେନସନ ବିଭାଗ ପୁଣିଥରେ ଚାଲୁ କରିବା, କମ୍ୟୁଟେଡ ପେନସନ ସମୟସୀମା ୧୦ ବର୍ଷକୁ ହ୍ରାସ ଇତ୍ୟାଦି ପ୍ରମୁଖ ଦାବି ମାନ ରହିଅଛି । ତଥାପି ବିଗତ ସରକାର ବା ଏବେର ସରକାର ରାଜ୍ୟସଂଘ ସହ ଆଲୋଚନା ନ କରି ନୀରବ ହୋଇ ବସିଛନ୍ତି। ଏପରିକି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାଖଲ ଦାବିପତ୍ର ଉପରେ ସଂଘୀୟ କର୍ମକର୍ତ୍ତାଙ୍କୁ ଥରଟିଏ ଡକାଇ ସରକାର ଆଲୋଚନା କରୁନାହାନ୍ତି ।ଏହାର ତୀବ୍ର ପ୍ରତିବାଦ କରିବାକୁ ଯାଇ ଆସନ୍ତା ଅଗଷ୍ଟ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ପିଏମ୍‌ଜି ଛକ, ଭୁବନେଶ୍ୱର ଠାରେ ପରିଣତ ବୟସ୍କ ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀଗଣ ଅହୋରାତ୍ର ଧାରଣା ଦେବାକୁ ଚରମ ନିଷ୍ପତ୍ତି ଗ୍ରହଣ କରିଅଛନ୍ତି। ଏଥି ନିମନ୍ତେ ବେତନଟୀ ବ୍ଲକ୍ ସଂପାଦକ ସଚ୍ଚିଦାନନ୍ଦ ମହାନ୍ତି ଓ ସଭାପତି, ରାଜ୍ୟ ସଂଘ ଆନ୍ଦୋଳନକୁ ସଂପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ସଭାରେ ବାସୁଦେବ ନାପିତ, ଯତୀନ୍ଦ୍ର ନାଥ ସାହୁ ହରେନ୍ଦ୍ର ନାଥ ବାରିକ, ରବିନ୍ଦ୍ରନାଥ ମିଶ୍ର, ଦୁର୍ଯ୍ୟୋଧନ ସିଂ, ରବିନାରାୟଣ ପୃଷ୍ଟି, ଗଣେଶ ଚନ୍ଦ୍ର ସାହୁ, ରାଧାକ୍ରିଷ୍ଣ ପାତ୍ର,ରାମଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ସହ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସଭା ପରିଚାଳନାରେ କମଳଲୋଚନ କର ସହଯୋଗ କରିଥିଲେ।

# କ୍ରାନ୍ତିକାରୀ ଶ୍ରମିକ ନେତାଙ୍କ ୨୫ତମ ସ୍ମୃତିଚାରଣ ସଭା

**ଜଟଣୀ (ଅମୃତ ମିଡିଆ) :** ଜଟଣୀର ଲଢୁଆ ନେତା ତଥା କ୍ରାନ୍ତିକାରୀ ଶ୍ରମିକ ନେତା ସୁଶାନ୍ତ ମହାର୍ଷିକ ୨୫ତମ ସ୍ମୃତି ଚାରଣ ସଭା ଅଗଷ୍ଟ କ୍ରାନ୍ତି ଦିବସରେ ସ୍ଥାନୀୟ ବରିଷ୍ଠ ନାଗରିକ ସେବା ସଂଘ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରରୁ ଅଲଗା କରି ଜଟଣୀକୁ ଏକ ସ୍ୱତନ୍ତ୍ର ବିଧାନସଭା ନିର୍ବାଚନ ମଣ୍ଡଳୀ କରାଯିବାକୁ ୧୯୭୨ ମସିହାରେ ସ୍ୱର୍ଗତ ସୁଶାନ୍ତ ମହାନ୍ତି ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ ଓ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଡାକରାରେ ସମ୍ପୁର୍ଣକ୍ରାନ୍ତି ଆନ୍ଦୋଳନରେ ନିଜକୁ ସାମିଲ କରିବା ସହିତ ୧୯୭୫ ମସିହାରେ ଦେଶରେ ଜରୁରୀ କାଳିନ ପରିସ୍ଥିତି ଘୋଷଣାକୁ ବିରୋଧ କରି ସ୍ୱର୍ଗତ ମହାନ୍ତି ୧୯ ମାସ ମିସା ବନ୍ଦୀ ଭାବେ କାରା ବରଣ କରିଥିବାର ଏହି ସ୍ମୃତି ଚାରଣ ସଭାରେ ଉପସ୍ଥିତ ବକ୍ତା ମାନେ ମତବ୍ୟକ୍ତ ଜରିଥିଲେ। ଜଟଣୀ ବରିଷ୍ଠ ନାଗରିକ ସେବା ସଂଘ ଓ ପ୍ରାଣନାଥ ପଟ୍ଟନାୟକ ଫାଉଣ୍ଡେସନର ସଭାପତି ଅବନୀ ରାଉତରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସ୍ମୃତି ଚାରଣ ସଭାରେ ଅନୁଷ୍ଠାନର ସାଧାରଣ ସଂପାଦକ ଜବାହରଲାଲ ସୁବୁଦ୍ଧି, ରବିନ୍ଦ୍ର ପ୍ରସାଦ ମିଶ୍ର, ରେଳ ଶ୍ରମିକ ନେତା ବିଜୟରାମ ମହାନ୍ତି, ବିଭିରାମଣା, ଯୁବ ସଂଗଠକ କିଶୋର ପାଇକରାୟ, ପ୍ରବୀର କୁମାର ମହାନ୍ତି, ରଜନୀକାନ୍ତ ପଣ୍ଡା, ଅକ୍ଷିତା ରାଉତରାୟ, ପ୍ରବିଣ ଗଜେନ୍ଦ୍ର, ପ୍ରମୁଖ ସ୍ୱର୍ଗତ ସୁଶାନ୍ତ ମହାନ୍ତିଙ୍କୁ ଓଡିଶାର ଅନ୍ୟତମ ଲଢୁଆ ନେତା ଭାବେ ମତବ୍ୟକ୍ତ କରିଥିଲେ। ଶେଷରେ ଜଟଣୀ ବିକାଶ ପରିଷଦ ଉପସଭାପତି ରାଜେନ୍ଦ୍ର ପ୍ରସାଦ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ସୁଶାନ୍ତ ମହାନ୍ତିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା।

# ହଜିଯାଇଥିବା ମୋବାଇଲ୍ ଫେରି ପାଇଲେ ଯୁବକ



**ବାଲୁଗାଁ (ଅମୃତ ମିଡିଆ) :** ବାଲୁଗାଁ ପୋଲିସ ପ୍ରୟାସରେ ହଜିଯାଇଥିବା ମୋବାଇଲ୍ ଫେରି ପାଇଛନ୍ତି ଯୁବକ। ଖବର ଅନୁସାରେ ବାଲୁଗାଁ ଥାନା ଅନ୍ତର୍ଗତ ଗୋବର୍ଦ୍ଧନପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ପୁଅ ଲଲାଟେନ୍ଦୁ ସାହୁ (୩୧) ନିଜ ମୋବାଇଲ ହଜିଯାଇଥିବା ନେଇ ଗତ ୧୦ ତାରିଖରେ ବାଲୁଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ବେଳେ ଉକ୍ତ ମୋବାଇଲର ଆଇଏମଇଆଇ ନମ୍ବର ଟ୍ରାକିଙ୍ଗ କରି ଉକ୍ତ ମୋବାଇଲଟି ଜଣେ ବାଲୁଗାଁ ଅଞ୍ଚଳର ସୁଜିତ ମଣ୍ଡଳ ନାମକ ଜଣେ ଫେରୀୱାଲା ପାଇଥିବା ବେଳେ ତାଙ୍କ ନିକଟରୁ ଉଦ୍ଧାର ହୋଇଥିଲା। ସେହି ମୋବାଇଲଟିକୁ ରବିବାର ଦିନ ବାଲୁଗାଁ ପୋଲିସ ଉପସ୍ଥିତରେ ଲଲାଟେନ୍ଦୁଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରିଣୀ ଶ୍ରଦ୍ଧା ନାୟକ କହିଛନ୍ତି।

# ‘ପ୍ରତ୍ୟକ୍ଷ ନିର୍ବାଚନରେ ବିଜୟୀ ନଗରପାଳ ଓ ପ୍ରମିଳା ପଣ୍ଡାଙ୍କର ରହିଛି ସ୍ୱତନ୍ତ୍ର ସମ୍ମାନ’



**ବାରିପଦା/ଉଦଳା (ଅମୃତ ମିଡିଆ) :** ଉଦଳା ବିଜ୍ଞାପିତ ଅଂଚଳ ଚଳିତ ବର୍ଷ ୫୩ ବର୍ଷ ବୟସରେ ପଦାର୍ପଣ କଲା। ଇତି ମଧ୍ୟରେ ଏହାର ରଜତ ଜୟନ୍ତି ଓ ସୁବର୍ଣ୍ଣ ଜୟନ୍ତି ଉତ୍ସବ ବେଶ ଧୁମଧାମରେ ପାଳିତ ହୋଇଯାଇଛି। ତେବେ ବିଜ୍ଞାପିତ ଅଂଚଳ ଘୋଷିତ ହେବା ଠାରୁ ଆଜି ପର୍ଯ୍ୟନ୍ତ ଏଠାରେ ନିର୍ବାଚିତ ନଗରପାଳମାନଙ୍କର ତାଲିକାକୁ ନଜର ପକାଇଲେ ମାତ୍ର ୨ ଜଣ ପ୍ରତ୍ୟକ୍ଷ ନିର୍ବାଚନରେ ଜିତି ନଗରପାଳ ପଦ ଦଖଲ କରିଥିବାର ଦୃଶ୍ୟ ଦେଖିବାକୁ ମିଳେ। ପ୍ରଥମ ପ୍ରତ୍ୟକ୍ଷ ନିର୍ବାଚନରେ ମନୋଜ କୁମାର ମହାନ୍ତି ଓ ୨ୟରେ ପ୍ରମିଳା ପଣ୍ଡାଙ୍କ ନାମ ଦୃଶ୍ୟମାନ ହୁଏ। ସିଧାସଳଖ ଲୋକଙ୍କ ଠାରୁ ଭୋଟ ନେଇ ନଗରପାଳ ପଦ ଦଖଲ କରିଥିବା ଏହି ୨ ରାନେତାଙ୍କର ଜନମାନସରେ ସ୍ୱତନ୍ତ୍ର ସମ୍ମାନ ରହିଛି ବୋଲି ଏବେ ସାଧାରଣରେ ଚର୍ଚ୍ଚା ହେଉଛି। ପରୋକ୍ଷ ନିର୍ବାଚନରେ ନଗରପାଳ ପଦ ଦଖଲ କରୁଥିବା ରାଜନେତା ମାନେ କିପରି ଢ଼ଙ୍ଗରେ ଜିତନ୍ତି ତାହା କାହାକୁ ଅଛପା ନାହିଁ। ପରୋକ୍ଷ ନିର୍ବାଚନରେ କାଉନସିଲର ମାନେ ଜିତି ସାରିବା ପରେ କିଛିଦିନ ଲୁଚକାଳି ଖେଳ ଖେଳନ୍ତି। ଏହାକୁ ସାଧାରଣରେ ଘୋଡ଼ା ବେପାର ଚାଲିଛି ବୋଲି କୁହାଯାଏ। ପରେ ହଠାତ ନଗରପାଳ ଓ ଉପନଗରପାଳଙ୍କ ନାମ ଶୁଣିବାକୁ ମିଳେ। ଏଥର ଏହିଭଳି ପରୋକ୍ଷ ନିର୍ବାଚନ ହୋଇଥିଲେ ପ୍ରମିଳା ପଣ୍ଡା ଆଦୌ ନଗରପାଳ ପଦ ଦଖଲ କରିପାରିନଥାନ୍ତେ ବୋଲି କେତେକ ମତ ଦେଇଛନ୍ତି। କାରଣ ସେ ଘୋଡ଼ାଙ୍କୁ ଖାଇବାକୁ ଦେଇପାରି ନଥାନ୍ତେ କିମ୍ବା ଲଗାମ ଟାଣି କେଉଁ ଘୋଡ଼ାକୁ କିପରି ଅକ୍ତିଆରକୁ ଅଣାଯିବ ସେଥିପାଇଁ ବଳ ପ୍ରୟୋଗ କରିପାରିନଥାନ୍ତେ କହିଛନ୍ତି। କିନ୍ତୁ ମନୋଜ କୁମାର ମହାନ୍ତି ପ୍ରତକ୍ଷ ଓ ପରୋକ୍ଷ ନିର୍ବାଚନ ସବୁକିଛିରେ କ୍ଷମତା ଦଖଲ କରିବା ପାଇଁ ପୁରା ଧୁରନ୍ଧର। ଏଥିପାଇଁ ମନୋଜ କୁମାର ମହାନ୍ତିଙ୍କୁ ଉଦଳା ରାନୀତିରେ ଅଲରାଉଣ୍ଡର ବୋଲି କୁହାଯାଏ। ପ୍ରମିଳା ପଣ୍ଡାଙ୍କୁ ଉଦଳା ରାଜନୀତିରେ ଚଟୁ ବ୍ୟାଟସମ୍ୟାନ ବୋଲି କୁହାଯାଉଥିବାର ଶୁଣାଯାଏ। ତେବେ ଆଗାମୀ ନିର୍ବାଚନରେ ନଗରପାଳଙ୍କୁ ଲୋକେ ସିଧାସଳଖ ଭୋଟ ଦେଇ ବାଛିବେ କିମ୍ବା କାଉନସିଲର ମାନଙ୍କ ଦ୍ୱାରା ବଛା ହେବେ ତାହା ସ୍ପଷ୍ଟ ହୋଇ ନାହିଁ। ପରୋକ୍ଷ ନିର୍ବାଚନ ହେଲେ ଆମକୁ ଜିତିବା ସହଜ ହେବ ବୋଲି ବହୁ ପଇସା ବାଲା ଲୋକ ବଖାଣୁ ଥିବାର ଶୁଣିବାକୁ ମିଳୁଛି। ଏହାଦ୍ୱାରା ଘୋଡ଼ା ମାନେ ପେଟପୁରା ଖାଇବାକୁ ପାଇବେ ବୋଲି କୁହାଯାଉଛି। କିନ୍ତୁ ଲୋକେ ସିଧାସଳଖ ଭୋଟ ଦେଇ ନଗରପାଳଙ୍କୁ ବାଛନ୍ତୁ ବୋଲି ବହୁ ଜ୍ଞାନିଗୁଣି ଲୋକ ମତ ଦେଇଛନ୍ତି। ଏହାଦ୍ୱାରା ଘୋଡ଼ା ବେପାର ଆଦୌ ହେବ ନାହିଁ, ପ୍ରକୃତ ଲୋକ ପସନ୍ଦର ନଗରପାଳ କ୍ଷମତା ଦଖଲ କରିବେ ବୋଲି କହିଛନ୍ତି। ତେବେ ଆଗାମୀ ନିର୍ବାଚନରେ ନଗରପାଳ ପଦ ପାଇଁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ନିର୍ବାଚନ ହେବ ତାହା ଦେଖିବା ବାକି ରହିଛି।

# କଟକ, କେନ୍ଦ୍ରାପଡ଼ା, ଯାଜପୁର ଜିଲ୍ଲା ଅବକାରୀ ସିପାହୀ ସଂଘ କର୍ମକର୍ତ୍ତା ନିର୍ବାଚନ



**କଟକ (ବ୍ୟୁରୋ) :** କୃଷକ ବଜାର ସ୍ଥିତ କଟକ ଜିଲ୍ଲା ଅବକାରୀ କାର୍ଯ୍ୟାଳୟଠାରେ ଜିଲ୍ଲା ଅବକାରୀ ସିପାହୀ ସଂଘର ଦ୍ୱିବାର୍ଷିକ ସାଧାରଣ ସଭା ଓ କାର୍ଯ୍ୟ ନିର୍ବାହୀ ପରିଷଦର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଅଛି। ଏହି ନିର୍ବାଚନରେ କଟକ, କେନ୍ଦ୍ରାପଡ଼ା ଏବଂ ଯାଜପୁର ଜିଲ୍ଲା ର ଅବକାରୀ ବିଭାଗ ସିପାହୀ ଭାଇ ଭଉଣୀମାନେ ଅଂଶଗ୍ରହଣ କରିଥିଲେ। ଏହି ନିର୍ବାଚନ ରେ ନିର୍ବାଚିତ ହୋଇଥିବା ପ୍ରତିନିଧି ମଣ୍ଡଳୀଙ୍କୁ ନିମ୍ନ ରେ ପ୍ରଦାନ କରାଗଲା। ୧. ସଭାପତି-ଆଶିଷ କୁମାର ପ୍ରଧାନ (କଟକ), ୨. ଉପସଭାପତି-ଶିଶିର ପ୍ରଧାନ (ଯାଜପୁର), ୩. ସମ୍ପାଦକ- ରମାକାନ୍ତ ରାଉତ (କଟକ), ୪. ଯୁଗ୍ମ ସମ୍ପାଦକ-ପ୍ରଶାନ୍ତ କୁମାର ଘଡ଼େଇ (କେନ୍ଦ୍ରାପଡ଼ା), ୫. କୋଷାଧ୍ୟକ୍ଷ-ରଞ୍ଜିତ୍ ମହାନ୍ତି (କଟକ)। ଏହି ନିର୍ବାଚନକୁ ମାନନୀୟ ଅବକାରୀ ଅଧିକ୍ଷକ, କଟକଙ୍କ ଦ୍ୱାରା ନିୟୋଜିତ ଅବକାରୀ ନିରୀକ୍ଷକ କମଳ ଲୋଚନ ପାଇକରାୟଙ୍କୁ ନିର୍ବାଚନ ଅଧିକାରୀ ଭାବେ ଏବଂ ଅବକାରୀ ନିରୀକ୍ଷକ ଭକ୍ତ ବତ୍ସଳ ବର୍ମାଙ୍କୁ ନିର୍ବାଚନର ପୁଲିଙ୍ଗ ଅଧିକାରୀ ଭାବେ ନିୟୋଜିତ କରାଯାଇଥିଲା। ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ବାଚିତ କର୍ମକର୍ତ୍ତା ମାନଙ୍କୁ ସଂଘ ସମ୍ବିଧାନ ପ୍ରତି ବିଶ୍ୱାସ ଓ ଗୋପନୀୟତାର ଶପଥ ପାଠ କରାଇଲେ।

# ୨୧ ଲକ୍ଷରୁ ଅଧିକ ଟଙ୍କା ଚଲୁ
# ସମବାୟ ସମିତିର ପୂର୍ବତନ ସମ୍ପାଦକ ଗିରଫ

**କଟକ(ବ୍ୟୁରୋ)** ୨୧ ଲକ୍ଷ ୨୮ ହଜାର ୫୮ ଟଙ୍କାର ଆର୍ଥିକ ହେରଫେର ଅଭିଯୋଗରେ ମଙ୍ଗଳବାର କଟକ ଜିଲ୍ଲା ଆନନ୍ଦପୁର ସେବା ସମବାୟ ସମିତି ବାଙ୍କୀ ପ୍ୟାକ୍ସ ର ପୂର୍ବତନ ସମ୍ପାଦକ ଶରତ କୁମାର ନାୟକଙ୍କୁ ଗିରଫ କରିଛି ଭିଜିଲାନ୍ସ। ଭିଜିଲାନ୍ସର ତଦନ୍ତରୁ ଜଣାପଡ଼ିଛି ଯେ, ଶ୍ରୀ ନାୟକ ବାଙ୍କୀ ପ୍ୟାକ୍ସର ବିଭିନ୍ନ ଋଣଗ୍ରହିତା ସଦସ୍ୟଙ୍କଠାରୁ ସିଧାସଳଖ ଋଣ ପରିଶୋଧ ଅର୍ଥ ସଂଗ୍ରହ କରିଥିଲେ। ସେ ଦୈନନ୍ଦିନ କାରବାର ଖାତାରେ ପ୍ରକୃତ ଆଦାୟ ଅର୍ଥ ଲେଖୁଥିଲେ ମଧ୍ୟ ସରକାରୀ ହିସାବ ଖାତାରେ ସମୁଦାୟ ଆଦାୟ ଅର୍ଥକୁ କମ୍ ଦର୍ଶାଇ ଚଞ୍ଚକତା କରିଥିଲେ। ପ୍ରକୃତ ଆଦାୟଠାରୁ କମ୍ ପରିମାଣର ଜାଲ୍ ତଥ୍ୟ ପ୍ରସ୍ତୁତ କରି, ସେ ନିଜସ୍ୱ ଫାଇଦା ପାଇଁ ବଳକା ୨୧ ଲକ୍ଷ ୨୮ ହଜାର ୫୮ ଟଙ୍କା ଆତ୍ମସାତ୍ କରିଥିଲେ। ଏହା ଫଳରେ ପ୍ୟାକ୍ସ ବାଙ୍କୀ ପ୍ୟାକ୍ସ ତଥା ସରକାରୀ ରାଜକୋଷର ପ୍ରଚୁର ଆର୍ଥିକ କ୍ଷତି ଘଟିଥିଲା। ଆନନ୍ଦପୁର ସେବା ସମବାୟ ସମିତି ବାଙ୍କୀ ପ୍ୟାକ୍ସ ର ପୂର୍ବତନ ସମ୍ପାଦକ ଶରତ କୁମାର ନାୟକଙ୍କ ବିରୋଧରେ କଟକ ଭିଜିଲାନ୍ସ ଥାନାରେ ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇଛି। ଗିରଫ କରିବା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

# ସୌରଭ ଗାଙ୍ଗୁଲି ଓ ପତ୍ନୀ ଡୋନା ଗାଙ୍ଗୁଲିଙ୍କୁ ହତ୍ୟା ଧମକ



**ନୂଆଦିଲ୍ଲୀ :** ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ଏବଂ ତାଙ୍କ ପତ୍ନୀ ଡୋନା ଗାଙ୍ଗୁଲିଙ୍କୁ ହତ୍ୟା ଧମକ ମିଳିଛି। ବର୍ତ୍ତମାନ କ୍ରିକେଟ ଆସୋସିଏସନ ଅଫ ବେଙ୍ଗଲର ସଭାପତି ଗାଙ୍ଗୁଲି ତାଙ୍କ କୋଲକାତା କାର୍ଯ୍ୟାଳୟରେ ଏହି ଧମକପୂର୍ଣ୍ଣ ଚିଠି ପାଇଛନ୍ତି। ଏହି ଧମକ କେବଳ ଗାଙ୍ଗୁଲି ଏବଂ ତାଙ୍କ ପତ୍ନୀଙ୍କୁ ନୁହେଁ ବରଂ ତାଙ୍କ ସହିତ କାମ କରୁଥିବା ସମସ୍ତଙ୍କୁ ମଧ୍ୟ ମିଳିଛି। ଧମକପୂର୍ଣ୍ଣ ଚିଠିଟି କୁରିଅର ମାଧ୍ୟମରେ ପଠାଯାଇଥିଲା, ଯେଉଁଥିରେ ଇଂରାଜୀରେ ଲେଖାଯାଇଥିଲା। ଗାଙ୍ଗୁଲି ପରିବାର ଠାକୁରପୁକୁର ଥାନାରେ ଏହି ମାମଲା ସମ୍ପର୍କରେ ଅଭିଯୋଗ କରିଛନ୍ତି। ସୌରଭ ଗାଙ୍ଗୁଲି ଏବଂ ତାଙ୍କ ପରିବାର ଗତ ଛଅ ମାସ ଧରି ନିରନ୍ତର ଧମକ ପାଉଥିଲେ; କିନ୍ତୁ ସୋମବାର କ୍ରିକେଟ ଆସୋସିଏସନ ଅଫ ବେଙ୍ଗଲ କାର୍ଯ୍ୟାଳୟରେ ପହଞ୍ଚିଥିବା ଦୁଇଟି ଚିଠିରେ ଅତ୍ୟନ୍ତ ଆକ୍ରମଣାତ୍ମକ ଏବଂ ହିଂସାତ୍ମକ ଭାଷା ବ୍ୟବହାର କରାଯାଇଥିଲା। ପ୍ରାରମ୍ଭରେ, ଏହି ଧମକକୁ ଜଣେ ଅସନ୍ତୁଷ୍ଟ ପ୍ରଶଂସକଙ୍କ କାମ ବୋଲି ଖାରଜ କରାଯାଇଥିଲା। ଏଥର ମିଳିଥିବା ଦୁଇଟି ନଆ ଚିଠିରେ କେବଳ ସୌରଭ ଗାଙ୍ଗୁଲି ଏବଂ ତାଙ୍କ ପରିବାର ପ୍ରତି ଘୃଣାପୂର୍ଣ୍ଣ ମନ୍ତବ୍ୟ ଦିଆଯାଇନଥିଲା ବରଂ ଗାଙ୍ଗୁଲି ଏବଂ ତାଙ୍କ କର୍ମଚାରୀଙ୍କୁ ହତ୍ୟା କରିବାକୁ ସ୍ପଷ୍ଟ ଧମକ ମଧ୍ୟ ଦିଆଯାଇଥିଲା। ସିଏବି କାର୍ଯ୍ୟାଳୟରେ କୋରିଅର ମାଧ୍ୟମରେ ମିଳିଥିବା ଚିଠିଗୁଡ଼ିକରେ ପଶ୍ଚିମବଙ୍ଗର ବେଲଘରିଆ ଅଞ୍ଚଳର ବାସିନ୍ଦା ଅରୁଣ କୁମାରଙ୍କ ନାମ ଥିଲା। ତଦନ୍ତ ପରେ, ପୋଲିସ ଜାଣିବାକୁ ପାଇଲା ଯେ ଚିଠିରେ ଉଲ୍ଲେଖ କରାଯାଇଥିବା ମୋବାଇଲ ନମ୍ବରଟି ମଧ୍ୟ ଅରୁଣ କୁମାରଙ୍କ ନାମରେ ପଞ୍ଜୀକୃତ ହୋଇଥିଲା। ପୋଲିସ ଏହି ଘଟଣାର ଗମ୍ଭୀର ତଦନ୍ତ ଆରମ୍ଭ କରିଛି। ସୌରଭ ଗାଙ୍ଗୁଲି ପ୍ରଥମ ଭାରତୀୟ କ୍ରିକେଟର ନୁହଁନ୍ତି ଯିଏ ହତ୍ୟା ଧମକ ପାଇଥିଲେ। ଗତ ବର୍ଷ ହିଁ ଷ୍ଟାର ବ୍ୟାଟସମ୍ୟାନ ରିଙ୍କୁ ସିଂହଙ୍କୁ ଅଣ୍ଡରୱାର୍ଲଡରୁ ହତ୍ୟା ଧମକ ଏବଂ ଦାଦାବଟି ଦାବି କରାଯାଇଥିଲା। ଗାଙ୍ଗୁଲିଙ୍କୁ ପୂର୍ବରୁ ୨୦୧୭ରେ ହତ୍ୟା ଧମକ ମିଳିଥିଲା। ଏହି ଘଟଣା ତାଙ୍କ ଏକ କ୍ରିକେଟ ଇଭେଣ୍ଟରେ ଯୋଗ ଦେବାକୁ ମନା କରିବା ସହିତ ଜଡିତ ବୋଲି କୁହାଯାଉଛି। ପୂର୍ବରୁ ଏମ ଏସ ଧୋନି, ରାହୁଲ ଦ୍ରାବିଡ ଏବଂ ମହମ୍ମଦ ଶାମିଙ୍କୁ ମଧ୍ୟ ହତ୍ୟା ଧମକ ମିଳିଛି।

# ମୁମ୍ବାଇ ଇଣ୍ଡିଆନ୍ସକୁ ବାଏ ବାଏ କହିବେ ହାର୍ଦ୍ଦିକ !



**ନୂଆଦିଲ୍ଲୀ ;** ଆଇପିଏଲ୍ ୨୦୨୭ ପୂର୍ବରୁ ଫ୍ରାଞ୍ଚାଇଜ୍ ମଧ୍ୟରେ ଅନେକ ବଡ଼ କାରବାର ହେବାର ସମ୍ଭାବନା ରହିଛି । ଆଇପିଏଲ୍ ଇତିହାସରେ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ଏବଂ ଦିଲ୍ଲୀ କ୍ୟାପିଟାଲ ମଧ୍ୟରେ ବଡ଼ କାରବାର ହୋଇସାରିଛି । ଋଷଭ ପନ୍ତ ପୁଣି ଥରେ ତାଙ୍କ ପୁରୁଣା ଦଳ ଦିଲ୍ଲୀ କ୍ୟାପିଟାଲ୍ସକୁ ଫେରିଛନ୍ତି । ୨୦୧୬ରୁ ୨୦୨୪ ପର୍ଯ୍ୟନ୍ତ ସେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ୧୧୧ଟି ମ୍ୟାଚ୍ ଖେଳି ଦଳ ପାଇଁ ସର୍ବାଧିକ ରନ୍ କରିଥିଲେ । ଏବେ ପୁଣି ଥରେ ଦଳ ପନ୍ତଙ୍କଠାରୁ ଦମଦାର ପ୍ରଦର୍ଶନ ଆଶା କରିବ। ସେହିପରି ଦିଲ୍ଲୀର ଷ୍ଟାର ସ୍ପିନର କୁଲଦୀପ ଯାଦବ ଏବେ ଲକ୍ଷ୍ନୌ ସୁପର ଜାଏଣ୍ଟସର ଜର୍ସିରେ ନଜର ଆସିବେ । ଆଜିକାଲି ଆଇପିଏଲର କରିଡରରେ ସବୁଠାରୁ ବଡ ପ୍ରଶ୍ନ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନେଇ ରହିଛି । ମୁମ୍ବାଇ ଇଣ୍ଡିଆନ୍ସ ଛାଡ଼ିବାକୁ ଯାଉଛନ୍ତି କି ପାଣ୍ଡ୍ୟା ? ଗୁଜରାଟକୁ ଚାମ୍ପିଅନ କରାଇବା ପରେ ମୁମ୍ବାଇ ନେତୃତ୍ୱ ନେଇଥିଲେ ହାର୍ଦ୍ଦିକ । ହେଲେ ତାଙ୍କ ଅଧିନାୟକତ୍ୱରେ ମୁମ୍ବାଇର ପ୍ରଦର୍ଶନରେ ସେପରି କିଛି ଖାସ୍ ଦେଖିବାକୁ ମିଳିନାହିଁ । ଚଳିତ ସିଜିନରେ ଦଳ ନବମ ସ୍ଥାନରେ ରହିବା ପରଠାରୁ ହାର୍ଦ୍ଦିକଙ୍କ ଭବିଷ୍ୟତକୁ ନେଇ କଳ୍ପନା ଜଳ୍ପନା ଲାଗି ରହିଛି । ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ପରବର୍ତ୍ତୀ ଓଟଖ ସିଜିନରେ, ଅର୍ଥାତ୍ ୨୦୨୭ ରେ ଏକ ନୂତନ ଦଳ ପାଇଁ ଖେଳିବାର ଦେଖିବାକୁ ମିଳିବ । ପାଣ୍ଡ୍ୟାଙ୍କ ଟ୍ରେଡ୍ ଡିଲ୍ ସମ୍ପର୍କରେ ବିଭିନ୍ନ ରିପୋର୍ଟ ସାମ୍ନାକୁ ଆସୁଛି । ଏହାକୁ ନେଇ ନୀରବତା ଭାଙ୍ଗି ବଡ଼ କଥା କହିଛି ମୁମ୍ବାଇ ଇଣ୍ଡିଆନ୍ସ । ପାଣ୍ଡ୍ୟା ମୁମ୍ବାଇ ଛାଡିବେ କି ? କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଏବଂ ଚେନ୍ନାଇ ସୁପର କିଙ୍ଗ୍ସ ଦଳ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦଳରେ ସାମିଲ କରିବାକୁ ଇଚ୍ଛା ପ୍ରକାଶ କରିଥିବା କିଛି ରିପୋର୍ଟରେ ଦାବି କରାଯାଇଥିଲା । ରାହାଣେ ଅବସର ନେବା ପରେ ଚର୍ଚ୍ଚା ହୋଇଥିଲା ଯେ, ହାର୍ଦ୍ଦିକ କୋଲକାତା ନାଇଟ୍ ରାଇଡର୍ସ କ୍ୟାପଟେନ ହେବେ । ତେବେ ସତ୍ୟ ହେଉଛି ଏଭଳି ଖବର ପାଇଁ ପ୍ରଶଂସକଙ୍କୁ ଟିକିଏ ଅଧିକ ସମୟ ଅପେକ୍ଷା କରିବାକୁ ପଡ଼ିପାରେ । କାରଣ ମୁମ୍ବାଇ ଇଣ୍ଡିଆନ୍ସ ଏହି ବାଣିଜ୍ୟ ଉପରେ ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ନିଷ୍ପତି ନେଇନାହିଁ । କେକେଆର୍ ଏବଂ ସିଏସ୍କେରେ କିଏ ଆଗରେ ? କ୍ରିକବଜରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନେଇ ମୁମ୍ବାଇ ଇଣ୍ଡିଆନ୍ସ ଆଲୋଚନା ଏବେ ମଧ୍ୟ ପ୍ରାରମ୍ଭିକ ପ୍ରାରମ୍ଭିକ ପର୍ଯ୍ୟାୟରେ ଅଛି । କେକେଆର ହାର୍ଦ୍ଦିକଙ୍କ ପ୍ରତି ଆଗ୍ରହ ଦେଖାଇଛି, କିନ୍ତୁ ସେ ତାଙ୍କର କୌଣସି ବଡ ତାରକା ଖେଳାଳିଙ୍କୁ ଛାଡିବା ମୁଡରେ ଥିବା ପରି ମନେ ହେଉନାହିଁ। କ୍ୟାମେରନ୍ ଗ୍ରୀନଙ୍କ ନାମ ମଧ୍ୟ ଆଲୋଚନା କରାଯାଉଛି । କିନ୍ତୁ ଅଷ୍ଟ୍ରେଲିଆର କାର୍ଯ୍ୟସୂଚୀ ଏବଂ ଖେଳାଳିଙ୍କ ଉପଲବ୍ଧତାକୁ ଦୃଷ୍ଟିରେ ରଖି ମୁମ୍ବାଇ ଏହି ଚୁକ୍ତି ପାଇଁ ଅଧିକ ଆଗ୍ରହ ଦେଖାଉନାହିଁ। ଅନ୍ୟପକ୍ଷରେ ଚେନ୍ନାଇ ସୁପର କିଙ୍ଗ୍ସ ଏହି ପ୍ରସଙ୍ଗରେ କାର୍ଡ ଖୋଲି ନାହିଁ। ସିଏସକେ ସିଇଓ କାଶୀ ବିଶ୍ୱନାଥ କହିଛନ୍ତି ଯେ, ପ୍ରଥମେ ଦଳ ପାଇଁ ନୂତନ ମୁଖ୍ୟ ପ୍ରଶିକ୍ଷକ ସ୍ଥିର କରିବା ତାଙ୍କର ପ୍ରାଥମିକତା । ତା'ପରେ ହିଁ ଖେଳାଳିଙ୍କ ବ୍ୟବସାୟ କିମ୍ବା ନିଲାମ ରଣନୀତି ଉପରେ କାର୍ଯ୍ୟ କରିବେ ।

# ଟିଭି ସ୍କ୍ରିନରେ ଧମାଲ୍ କରିବେ ରୋହିତ



**ନୂଆଦିଲ୍ଲୀ :** ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ରୋହିତ ଶର୍ମା ଖୁବ୍‌ଶୀଘ୍ର ଟେଲିଭିଜନ୍ ଦୁନିଆରେ ଡେବ୍ୟୁ କରିବାକୁ ଯାଉଛ । ଟେଷ୍ଟ ଏବଂ ଟି-୨୦ କ୍ରିକେଟରୁ ଅବସର ନେବା ପରେ ରୋହିତ ଏବେ ମନୋରଞ୍ଜନ ଜଗତରେ ନୂଆ ଇନିଂସ ଆରମ୍ଭ କରିବେ । ରୋହିତଙ୍କ ଶୋ ନାଁ ରହିଛି ଦ ରୋହିତ ଶର୍ମା ଶୋ । ଏହାକୁ ରୋହିତଙ୍କର ସବୁଠୁ ବଡ଼ ଏଣ୍ଟରଟେନମେଣ୍ଟ ଡେବ୍ୟୁ ବୋଲି କୁହାଯାଉଛି । ସୋନି ଟିଭି ନେଟୱାର୍କ ପକ୍ଷରୁ ଦ ରୋହିତ ଶର୍ମା ଶୋର ଏକ ନୂଆ ଟିଜର୍ ରିଲିଜ୍ କରାଯାଇଛି । ଏହା ପରେ ଶୋକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ବଢି ରହିଛି । ଗତ ମେ ମାସରେ ରିଲିଜ୍ ହୋଇଥିବା ଏକ ପ୍ରୋମୋରେ ରୋହିତଙ୍କ ପ୍ରସିଦ୍ଧ ଗାର୍ଡେନ୍ ମେଁ ଘୁମନେ ଡାଏଲଗ୍କୁ ନେଇ ମଜାଦାର ଝଲକ ଦେଖିବାକୁ ମିଳିଥିଲା । ଏବେ ନୂଆ ଟିଜର୍ରେ ରୋହିତ କ୍ୟାମେରାମ୍ୟାନ୍ ଏବଂ ଅନ୍ୟ କ୍ରୁ ସଦସ୍ୟଙ୍କୁ ପରାମର୍ଶ ଦେଉଥିବା ନଜର ଆସିଛନ୍ତି । ମେ' ମାସରେ ପ୍ରଥମ ପ୍ରୋମୋ ରିଲିଜ୍ ସମୟରେ ରୋହିତ ମଜାଳିଆ ଢଙ୍ଗରେ କହିଥିଲେ, ମୁଁ ଦୁଇ ଲାଇନ୍ କଣ କହିଦେଲି, ଏତେ ଭାଇରଲ୍ ହୋଇଗଲା । ଯେତେବେଳେ ପୂରା ଶୋ ଆସିବ, କଣ ହେବ ? ରୋହିତ ଶର୍ମା ନିଜେ ଏହି ଶୋର ହୋଷ୍ଟ କିମ୍ବା ଆଙ୍କର୍ ଭୂମିକାରେ ନଜର ଆସିପାରନ୍ତି । ସୋନି ପିକଚର୍ସ ନେଟୱାର୍କସ୍ ଇଣ୍ଡିଆର ସିଇଓ ଗୌରବ ବାନାର୍ଜୀ ମଧ୍ୟ ରୋହିତ ନିଜେ ଶୋଟି ହୋଷ୍ଟ କରିବେ ବୋଲି ନିଶ୍ଚିତ କରିଛନ୍ତି । ଏବେ କ୍ରିକେଟ୍ ପଡ଼ିଆ ସହ ଟେଲିଭିଜନ୍ ପରଦାରେ ରୋହିତଙ୍କ ନୂଆ ଅବତାର ଦେଖିବାକୁ ପ୍ରଶଂସକମାନେ ଉତ୍ସାହର ସହ ଅପେକ୍ଷା କରିଛନ୍ତି । ରୋହିତ ଶର୍ମା ୨୦୨୪ ଟି-୨୦ ବିଶ୍ୱକପ୍ ପରେ ଟି୨୦ କ୍ରିକେଟରୁ ଅବସର ନେଇଥିଲେ । ଏହାପରେ ୨୦୨୫ ମେ' ମାସରେ ସେ ଟେଷ୍ଟ କ୍ରିକେଟକୁ ମଧ୍ୟ ବିଦାୟ ଦେଇଥିଲେ। ବର୍ତ୍ତମାନ ସେ କେବଳ ଦିନିକିଆ ମ୍ୟାଚ୍ ଖେଳୁଛନ୍ତି ।

# ୩ ଦିନ ପରେ ଭାରତ-ଶ୍ରୀଲଙ୍କା ଟେଷ୍ଟ ସିରିଜ



**ନୂଆଦିଲ୍ଲୀ ;** ଶ୍ରୀଲଙ୍କା ବୋର୍ଡ ଏକାଦଶ ଓ ଭାରତ ମଧ୍ୟରେ ଏକ ୩ ଦିନିଆ ଅଭ୍ୟାସ ମ୍ୟାଚ ଶେଷ ହୋଇଛି । ଏହି ଅନଫିସିଆଲ ମ୍ୟାଚରେ ଭାରତ ବିଜୟ ସହ ଟେଷ୍ଟ ସିରିଜ ପାଇଁ ମନୋବଳ ବୃଦ୍ଧି କରିଛି । ଅନ୍ୟ ପଟରେ ଆହତ ସାଇ ସୁଦର୍ଶନଙ୍କ ସ୍ଥାନରେ ସର୍ଫରାଜ ଖାନ ଡ଼ାକରା ପାଇ ଦଳରେ ଯୋଗ ଦେଇ ସାରିଛନ୍ତି । କଲମ୍ବୋରେ ଭାରତୀୟ ଦଳ ଶେଷ ଅଭ୍ୟାସ କରି ଗଲ୍ ଅଭିମୁଖେ ଯାତ୍ରା କରିବାକୁ ପ୍ରସ୍ତୁତ ହେଉଛି । ୨ ବର୍ଷ ପରେ ସରଫରାଜ ପୁଣି ଥରେ ଟେଷ୍ଟ ଦଳକୁ ଫେରିଛନ୍ତି । ମାତ୍ର ସେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବା ସମ୍ଭାବନା ନାହିଁ କହିଲେ ଭୁଲ ହେବ ନାହିଁ । ସୁଦର୍ଶନଙ୍କ ଅନୁପସ୍ଥିତି ସତ୍ତ୍ୱେ ଅଭ୍ୟାସ ମ୍ୟାଚ ଜରିଆରେ ଭାରତ ଏକ ସନ୍ତୁଳିତ ତଥା ସୁଦୃଢ଼ ବ୍ୟାଟିଂ ବିଭାଗ ପ୍ରସ୍ତୁତ କରି ସାରିଥିବା ମନେ ହେଉଛି । କିନ୍ତୁ ଚୂଡ଼ାନ୍ତ ଏକାଦଶ ପ୍ରସ୍ତୁତ କରିବା ପାଇଁ ଟିମ ମ୍ୟାନେଜମେଣ୍ଟକୁ ବେଶ ପରିଶ୍ରମ କରିବାକୁ ପଡ଼ିବ । ଶ୍ରୀଲଙ୍କାର ସ୍ପିନ୍ ଉପଯୋଗୀ ପିଚ୍କୁ ଦେଖି ଏକାଦଶ ପ୍ରସ୍ତୁତ ହେବ । ଗଲ୍ ପ୍ରଥମ ଟେଷ୍ଟ ପୂର୍ବରୁ ଭାରତ ଏକାଦଶ ଚୟନ ପାଇଁ ବେଶ୍ ଆଲୋଚନା ଓ ପର୍ଯ୍ୟାଲୋଚନା କରିବ । ରାହୁଲ ଓପନର ରୋହିତ ଶର୍ମା ଟେଷ୍ଟ କ୍ରିକେଟ୍ରୁ ଅବସର ନେବା ପରେ କେଏଲ ରାହୁଲ ପୁନର୍ବାର ଓପନିଂ ସ୍ଥାନ ଫେରି ପାଇଛନ୍ତି । ଅଭ୍ୟାସ ମ୍ୟାଚରେ ତାଙ୍କ ପ୍ରଦର୍ଶନ ସେଭଳି ଆକର୍ଷଣୀୟ ନଥିଲେ ହେଁ ଟିମ ମ୍ୟାନେଜମେଣ୍ଟ ବିକଳ୍ପ ଚିନ୍ତା କରୁନାହିଁ । ରାହୁଲଙ୍କ ଉପରେ ଦଳର ପୂର୍ଣ୍ଣ ଭରସା ରହିଛି । ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ୍ରେ ପହଞ୍ଚିବାକୁ ହେଲେ ଆଗାମୀ ୩ଟି ଯାକ ଟେଷ୍ଟ ସିରିଜ ଗୁରୁତ୍ୱପୂର୍ଣ୍ଣ । ଦଳରେ ରାହୁଲ ସବୁଠୁ ଅଭିଜ୍ଞ ବ୍ୟାଟର । ତେଣୁ ଦଳ ତାଙ୍କ ବ୍ୟାଟ୍ରୁ ବଡ଼ ସ୍କୋର ଆବଶ୍ୟକ କରିବ । ଶ୍ରୀଲଙ୍କା ବିପକ୍ଷ ସିରିଜ ହିଁ ତାଙ୍କ ପାଇଁ ବଡ଼ ସୁଯୋଗ ହେବ । ସୁଦର୍ଶନଙ୍କ ବିକଳ୍ପ ପାଡ଼ିକଲ ଆହତ ସୁଦର୍ଶନଙ୍କ ସ୍ଥାନରେ ସରଫରାଜ ଖାନଙ୍କୁ ଦଳକୁ ଡ଼ାକରା ମିଳିଥିଲେ ହେଁ ଦେବଦତ୍ତ ପାଡ଼ିକଲଙ୍କୁ ଏକାଦଶରେ ଅଗ୍ରାଧିକାର ମିଳିବା ନିଶ୍ଚିତ । ଅଭ୍ୟାସ ମ୍ୟାଚରେ ପାଡିକଲ ୩ନଂ ସ୍ଥାନରେ ବ୍ୟାଟିଂ କରି ଶତକ ଅର୍ଜନ କରିବା ସହ ଟେଷ୍ଟ ସିରିଜ ପାଇଁ ପ୍ରସ୍ତୁତ ଥିବା ପ୍ରମାଣ କରିଛନ୍ତି । ତେଣୁ ସେ ଟେଷ୍ଟ ସିରିଜରେ ଏହି ସ୍ଥାନ ସମ୍ଭାଳିବେ । ଆହତ ଶୁଭମନ ଗିଲ୍ ଅଭ୍ୟାସ ମ୍ୟାଚର ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରି ଦଳକୁ ଆଶ୍ୱସ୍ତ କରିଛନ୍ତି । ପ୍ରଥମ ଟେଷ୍ଟ ପୂର୍ବରୁ ସେ ସମ୍ପୂର୍ଣ୍ଣ ଫିଟ୍ ହୋଇଯିବେ । ତେଣୁ ସେ ୪ନଂ ସ୍ଥାନ ଫେରି ପାଇବେ । ୫ନଂ ସ୍ଥାନ ପାଇଁ ଋଷଭ ପନ୍ତ ପ୍ରସ୍ତୁତ ହୋଇ ରହିଛନ୍ତି । ଶେଷ ୫ଟି ସ୍ଥାନରେ ଭାରତ ୨ଜଣ ସ୍ପିନ ବୋଲିଂ ଅଲରାଉଣ୍ଡର, ୨ଜଣ ପେସ୍ ବୋଲର ଓ ଜଣେ ସ୍ପିନରଙ୍କୁ ଖେଳାଇବା ସମ୍ଭାବନା ରହିଛି । ଫଳରେ କେବଳ ବ୍ୟାଟିଂ କ୍ରମର ୬ନଂ ସ୍ଥାନ ବାକି ରହୁଛି ।

## ଆଇପିଏଲ କ୍ରିକେଟର ଅଭିଷେକ ଘୋରେଲ ଗିରଫ, ଦୁଷ୍କର୍ମ ମାମଲାରେ ଫସିଲେ



**ନୂଆଦିଲ୍ଲୀ :** ଦିଲ୍ଲୀ କ୍ୟାପିଟାଲ୍ସ ୱିକେଟ କିପର ବ୍ୟାଟର୍ ଅଭିଷେକ ପୋରେଲଙ୍କୁ ଗିରଫ କରିଛି ପୋଲିସ । ଅଭିଷେକଙ୍କୁ ହୁଗଲିରେ ପୋଲିସ ଅଟକ ରଖିଥିଲା । କିଛି ଘଣ୍ଟା ପଚରାଉଚରା ପରେ ଗିରଫ କରିଛି । ମହିଳାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଯୌନ ସମ୍ପର୍କ ରଖିବା ଅଭିଯୋଗରେ ଗିରଫ କରାଯାଇଛି । ଗିରଫ ପରେ ଅଭିଷେକ ପୋରେଲଙ୍କ ଡାକ୍ତରୀ ପରୀକ୍ଷା କରାଯିବା ପରେ ତାଙ୍କୁ ଚିନସୁରା କୋର୍ଟରେ ହାଜର କରାଯାଇଥିଲା । ଏହା ପୂର୍ବରୁ କଲିକତା ହାଇକୋର୍ଟ ଅଭିଷେକ ପୋରେଲଙ୍କୁ ଗିରଫ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ । ମହିଳାଙ୍କ ଅଭିଯୋଗ ଅନୁଯାୟୀ, ବିବାହ ପ୍ରତିଶ୍ରୁତି ଦେଇ ଅଭିଷେକ ପୋରେଲ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ । ଏହାସହିତ ପୋରେଲ ସେମାନଙ୍କର ବ୍ୟକ୍ତିଗତ ମୁହୂର୍ତ୍ତଗୁଡ଼ିକୁ ରେକର୍ଡ କରିଥିଲେ । ଅଭିଷେକ ପୋରେଲଙ୍କ ଅନ୍ୟ ମହିଳାଙ୍କ ସହ ସମ୍ପର୍କ ଥିବା ମହିଳା ଜଣକ ଜାଣିବା ପରେ ପୋଲିସରେ ଅଭିଯୋଗ କରିଥିଲେ । ମହିଳା ଅଭିଯୋଗ କରିଛନ୍ତି ଯେ, ଅଭିଷେକ ପୋରେଲ ତାଙ୍କୁ ବେଆଇନ ଭାବରେ ବନ୍ଦୀ କରି ରଖିଥିଲେ ଏବଂ ତାଙ୍କୁ ଖାଦ୍ୟ ମଧ୍ୟ ଦେବାକୁ ମନା କରିଥିଲେ । ସେ ଏବଂ ଅଭିଷେକ୍ ବିଗତ ତିନି ବର୍ଷ ହେବ ପ୍ରେମ ସମ୍ପର୍କରେ ଥିଲେ ଏବଂ ଦୁହେଁ ବିବାହ କରିବାକୁ ଯୋଜନା କରୁଥିଲେ। ଘଟଣା ୨ ଏପ୍ରିଲ ୨୦୨୬ରେ ଦିଲ୍ଲୀରେ ଘଟିଥିଲା । ବର୍ତ୍ତମାନ ସୁଦ୍ଧା ଏହି ମାମଲାରେ ପୋରେଲ୍ଙ୍କ ପରିବାର ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ । ବେଙ୍ଗଲ ପାଇଁ ଘରୋଇ କ୍ରିକେଟ୍ ଖେଳୁଥିବା ଅଭିଷେକ୍ ପୋରେଲ୍ ଏପର୍ଯ୍ୟନ୍ତ ୩୨ଟି ପ୍ରଥମ ଶ୍ରେଣୀ, ୨୩ଟି ଲିଷ୍ଟ-ଏ ଏବଂ ୬୧ଟି ଟି୨୦ ମ୍ୟାଚ୍ ଖେଳିସାରିଛନ୍ତି । ଏହାସହ ୨୦୨୩ ରୁ ଓଟଖ ରେ ସୁଯୋଗ ପାଇଥିବା ଅଭିଷେକ୍ ଏପର୍ଯ୍ୟନ୍ତ ୩୫ଟି ଆଇପିଏଲ୍ ମ୍ୟାଚ୍ ଖେଳିଛନ୍ତି । ସେ ପ୍ରଥମ ଶ୍ରେଣୀ କ୍ରିକେଟରେ ୧୪୦୮ ରନ୍, ଲିଷ୍ଟ-ଏ ରେ ୮୩୩ ରନ୍ ଏବଂ ଟି୨୦ରେ ୧୫୯୦ ରନ୍ ସଂଗ୍ରହ କରିଛନ୍ତି । ଆଇପିଏଲ୍ ୩୩ଟି ଇନିଂସରେ ବ୍ୟାଟିଂ କରି ସେ ୭୬୯ ରନ୍ ହାସଲ କରିଛନ୍ତି ।

# ଅଜିଙ୍କ୍ୟ ରାହାଣେଙ୍କ ସନ୍ନ୍ୟାସରେ ଚକିତ ହୋଇଯାଇଥିଲେ ସଚିନ !

**ନୂଆଦିଲ୍ଲୀ :** ଗତ କିଛି ସପ୍ତାହ ଧରି ଅଜିଙ୍କ୍ୟ ରାହାଣେ ବେଶ ଚର୍ଚ୍ଚାରେ ଅଛନ୍ତି। ଗତ ଜୁଲାଇ ୩୦ ତାରିଖରେ ସେ ଅବସର ଘୋଷଣା କରିଥିଲେ। ଏହାସହ ତାଙ୍କର ୧୦ ବର୍ଷିୟ ଅନ୍ତର୍ଜାତୀୟ କ୍ୟାରିଅରର ଅନ୍ତ ଘଟିଛି। ଏହାପରଠାରୁ ରାହାଣେ ବେଶ ସକ୍ରିୟ ଅଛନ୍ତି। ସେ କ୍ରମାଗତ ଭାବରେ ସାକ୍ଷାତକାର ଦେଉଛନ୍ତି। ସେ ନିଜ କ୍ୟାରିଅରକୁ ନେଇ କିଛି ବଡ଼ ଖୁଲାସା ମଧ୍ୟ କରିଛନ୍ତି। ବର୍ତ୍ତମାନ ରାହାଣେ କହିଛନ୍ତି ଯେ ତାଙ୍କ ଅବସର ନିଷ୍ପତ୍ତି ଉପରେ କ୍ରିକେଟ ଜଗତର ଦିଗ୍ଗଜ ସଚିନ ତେନ୍ଦୁଲକରଙ୍କ ପ୍ରତିକ୍ରିୟା କ'ଣ ଥିଲା। ରାହାଣେ କହିଛନ୍ତି ଯେ ଅବସରର କିଛି ସମୟ ପରେ ତେନ୍ଦୁଲକର ତାଙ୍କୁ ଫୋନ କରିଥିଲେ। ସଚିନ ତାଙ୍କୁ କହିଥିଲେ ଯେ ସେ ଆଶା କରିଥିଲେ ଯେ ରାହାଣେ ଆହୁରି କିଛି ସମୟ ପାଇଁ ଖେଳିବେ। ଅଜିଙ୍କ୍ୟ ରାହାଣେ ନିକଟରେ ଏକ ସାକ୍ଷାତକାର ଦେଇଛନ୍ତି। ସେଠାରେ ସେ କହିଛନ୍ତି ଯେ ଅବସର ପରେ ସର୍ବପ୍ରଥମେ ତାଙ୍କ ପାଖକୁ ସଚିନ ତେନ୍ଦୁଲକରଙ୍କ ଫୋନ ଆସିଥିଲା। ରାହାଣେ କହିଛନ୍ତି, ସର୍ବପ୍ରଥମେ ସଚିନ ତେନ୍ଦୁଲକରଙ୍କ ଫୋନ ମୋ ପାଖକୁ ଆସିଥିଲା। ସେ କହିଥିଲେ ଯେ ତାଙ୍କୁ ଲାଗିଥିଲା ମୁଁ ଆହୁରି ଅଧିକ ଦିନ ଧରି ଖେଳିବି। ମୁଁ ତାଙ୍କୁ କହିଲି ଯେ ମୁଁ ବର୍ତ୍ତମାନ ଏହାକୁ ଆଉ ଅଧିକ ଦିନ ବଢ଼ାଇବାକୁ ଚାହେଁ ନାହିଁ, କାରଣ ମୁଁ କୌଣସି ପଶ୍ଚାତାପ ବିନା ଅବସର ନେଉଛି। ଇରଫାନ ପଠାନ ମଧ୍ୟ ମୋତେ କଲ କରିଥିଲେ। ପୂଜାରା, ବିରାଟ କୋହଲି, ରୋହିତ ଶର୍ମା ଏବଂ ଜସପ୍ରୀତ ବୁମରା ମୋତେ ମେସେଜ କରିଥିଲେ। ମୁଁ ସମସ୍ତଙ୍କୁ ଗୋଟିଏ କଥା କହିଲି ଯେ ମୁଁ ସନ୍ତୁଷ୍ଟ ଅଛି, କାରଣ ମୁଁ ଖେଳିବା ପାଇଁ ନିଜର ସର୍ବସ୍ୱ ଦେଇସାରିଛି।



## ବ୍ଲଡ ଡୋପିଙ୍ଗ୍ ମାମଲା ୩ ବର୍ଷ ବାସନ୍ଦ ହେଲେ ଜୋନା କୋଚ୍

**କୋଲୋରାଡୋ ସ୍ପ୍ରିଙ୍ଗ୍ସ :** ବ୍ଲଡ ଡୋପିଙ୍ଗ୍ ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ଯୁକ୍ତରାଷ୍ଟ୍ର ଆମେରିକାର ୧,୫୦୦ମିଟର ଚାମ୍ପିୟନ ଜୋନା କୋଚ୍ଙ୍କଠାରୁ ଟାଇଟଲ ପ୍ରତ୍ୟାହାର କରି ନିଆଯିବା ସହ ତାଙ୍କୁ ୩ ବର୍ଷ ବାସନ୍ଦ କରାଯାଇଛି। ୟୁ.ଏସ୍. ଆଣ୍ଟି ଡୋପିଙ୍ଗ ଏଜେନ୍ସି (ୟୁସାଡା) ପକ୍ଷରୁ ଏ ବିଷୟରେ ସୂଚନା ଦିଆଯାଇଛି। କେନିଆରେ ଜନ୍ମିତ ଏହି ୨୯ବର୍ଷୀୟଙ୍କ ଅସ୍ୱାଭାବିକ ଫଳାଫଳ ଯୋଗୁ ତାଙ୍କର ଡୋପ୍ ଟେଷ୍ଟ କରାଯାଇଥିଲା। ଜୋନା କୋଚ୍ ଏରିଥ ପୋପେଟିନ୍ ଭଳି ବ୍ଲଡ ବୁଷ୍ଟିଂ ଡ୍ରଗ୍ସ(ଇପିଓ) ବ୍ୟବହାର କରୁଥିଲେ। କୋଚ୍ ଆମେରିକା କଲେଜରେ ପପାଠ ପଢ଼ିବା ପାଇଁ ଆସିଥିଲେ। ପରବର୍ତ୍ତୀ ସମୟରେ ସେ ଦେଶର ନାଗରିକ ପାଲଟିଯାଇଥିଲେ। ୟୁଏସ୍ ଅର୍ମିର ୱାର୍ଲଡ କ୍ଲାସ ଆଥଲେଟ୍ ପ୍ରୋଗ୍ରାମ୍ ପାଇଁ ସେ ଦୌଡ଼ ପ୍ରତିଯୋଗିତାରେ ଭାଗ ନେଉଥିଲେ। ଗତବର୍ଷ ଜାତୀୟ ପ୍ରତିଯୋଗିତାରେ ତାଙ୍କର ଜାତୀୟ ଶ୍ରେଷ୍ଠ ଟାଇମିଂ ୩ ମିନିଟ୍, ୩୦.୧୭ ସେକେଣ୍ଡ ରହିଥିଲା। ପରେ ସେ ବିଶ୍ୱ ପ୍ରତିଯୋଗିତାରେ ଭାଗ ନେଇ ୧୩ତମ ସ୍ଥାନ ଅଧିକାର କରିଥିଲେ।

# ଇନ୍‌ଫାଣ୍ଟିନୋ ହଟିଲେ 'ଭୟଙ୍କର ତ୍ରୁଟି' ହେବ: ଟ୍ରମ୍ପ୍



**ୱାଶିଂଟନ :** ବିବାଦୀୟ ହୋଇ ପଡ଼ିଥିବା ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋଙ୍କୁ ଖୋଲା ଖୋଲି ସମର୍ଥନ କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍। ୨୦୨୭ ମସିହା ମାର୍ଚ୍ଚ ମାସରେ ହେବାକୁ ଥିବା ଫିଫା ସଭାପତି ନିର୍ବାଚନରେ ତାଙ୍କୁ ପୁନର୍ବାର ନିର୍ବାଚିତ କରିବାକୁ ସେ ଏଭଳି ମତ ପୋଷଣ କରିଛନ୍ତି। ଆମେରିକାରେ ସଦ୍ୟସମାପ୍ତ ଫିଫା ବିଶ୍ୱକପ୍‌ର ଅଭୂତପୂର୍ବ ସଫଳତା ପାଇଁ ଟ୍ରମ୍ପ୍ ମଧ୍ୟ ଇନ୍‌ଫାଣ୍ଟିନୋଙ୍କୁ ଶ୍ରେୟ ଦେଇଛନ୍ତି। ମାର୍ଚ୍ଚ ମାସର ନିର୍ବାଚନରେ ଇନ୍‌ଫାଣ୍ଟିନୋ ହଟିଲେ ଏହା ଏକ 'ଭୟଙ୍କର ତ୍ରୁଟି' ହେବ ବୋଲି ମଧ୍ୟ ଟ୍ରମ୍ପ୍ କହିଛନ୍ତି। ବିଶେଷ କରି ଫିଫା ବିଶ୍ୱକପ୍ ପରେ ଇନ୍‌ଫାଣ୍ଟିନୋଙ୍କ ପ୍ରସ୍ତାବିତ ଏଫ୍ଏଫ୍ଇ (ଫିଫା ଫରୱାର୍ଡ ଏଣ୍ଟରପ୍ରାଇଜ୍) ତାଙ୍କ ବିରୋଧରେ ସ୍ୱର ଉତ୍ତୋଳନ ପାଇଁ ବିଶ୍ୱର ଅନେକ ଫୁଟ୍‌ବଲ୍ ମହାସଂଘକୁ ଏକାଠି କରିଦେଇଛି। ନରୱେ ଫୁଟ୍‌ବଲ୍ ସଂଘ ତ ଇନ୍‌ଫାଣ୍ଟିନୋଙ୍କ ତୁରନ୍ତ ଇସ୍ତଫା ଦାବି କରି ସାରିଛି। ଏଫଏଫଇ ଜରିଆରେ ଫିଫା ଏହାର ବିଶ୍ୱକପ୍ ସମେତ ବିଭିନ୍ନ ପ୍ରତିଯୋଗିତାଗୁଡ଼ିକର ଘରୋଇକରଣ କରିବା ଯୋଜନା ରଖିଥିଲା। ତେବେ ୟୁରୋପ, ଆଫ୍ରିକା ଓ ଏସିଆ ମହାଦେଶର ଦୃଢ଼ ବିରୋଧ ପରେ ଏହି ଯୋଜନାରୁ ଫିଫା ତୁରନ୍ତ ପ୍ରତ୍ୟାହାର କରି ନେଇଛି। ଏହା ସତ୍ତ୍ୱେ ବିଭିନ୍ନ ଦେଶର ଫୁଟ୍‌ବଲ୍ ମହାସଂଘ ମଧ୍ୟରେ ଇନ୍‌ଫାଣ୍ଟିନୋଙ୍କ ଲୋକପ୍ରିୟତା ହ୍ରାସ ପାଇଛି। ଇନ୍‌ଫାଣ୍ଟିନୋ ନ ରହିଲେ ଫିଫା ବିଶ୍ୱକପ୍ ପୂର୍ବ ଭଳି ଏତେ ସଫଳ କି ଲାଭପ୍ରଦ ହେବ ନାହିଁ ବୋଲି ଟ୍ରମ୍ପ୍ ଆଶଙ୍କା ପ୍ରକଟ କରିଛନ୍ତି। ଏଫଏଫଇ ପ୍ରସ୍ତାବ ପାଇଁ ମହାସଚିବ ମାଟିଆସ ଗ୍ରାଫଷ୍ଟ୍ରମ୍ ମଧ୍ୟ କ୍ଷମା ମାଗି ସାରିଛନ୍ତି। ତେବେ ୟୁଫା, କନକାକାଫ ଓ ଏଏଫସିର ମିଳିତ ବିବୃତ୍ତିରେ କୁହାଯାଇଛି ଯେ ଏଭଳି ବିବାଦୀୟ ପ୍ରସ୍ତାବ 'ଗର୍ହିତ ବିଚାରଗତ ତ୍ରୁଟି' ଯାହାକି ଛଳନା ଦ୍ୱାରା ବିଶ୍ୱାସକୁ ଭାଙ୍ଗି ଦେଇଛି। ସୂଚନାଯୋଗ୍ୟ, ମାର୍ଚ୍ଚ ମାସରେ ହେବାକୁ ଥିବା ଫିଫା ସଭାପତି ନିର୍ବାଚନରେ ଇନ୍‌ଫାଣ୍ଟିନୋ ଚତୁର୍ଥ ଥର ପାଇଁ ନିର୍ବାଚିତ ହେବାକୁ ଏବେ ବି ଆଶାବାଦୀ ଅଛନ୍ତି।

# ବାଲକାଟୀ ଉମା ମାର୍ଶାଲ ଆର୍ଟର ୬ ଜଣ ପାଇଲେ ୧୮ ମେଡାଲ



**ଭୁବନେଶ୍ୱର(ବ୍ୟୁରୋ):** ହାଇଦ୍ରାବାଦ ଲକ୍ଷ୍ମୀ ଗାର୍ଡେନ ଅଡିଟୋରିୟରେ ଅନୁଷ୍ଠିତ ଦ୍ୱିତୀୟ ଆନ୍ତର୍ଜାତୀୟ ମାର୍ଶାଲ ଆର୍ଟ ପ୍ରତିଯୋଗିତାରେ ବାଲକାଟି ଉମା ମାର୍ଶାଲ ଆର୍ଟର ୬ ଜଣ ପ୍ରତିଯୋଗୀ ୧୮ଗୋଟି ମେଡାଲ ଜିତି ଅଞ୍ଚଳ ପାଇଁ ସୁନାମ ଆଣିଛନ୍ତି। କୋଚ୍ ଉମାକାନ୍ତ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ କଠୋର ପ୍ରଶିକ୍ଷଣ ଫଳରେ ଏହି ସଫଳତା ସମ୍ଭବ ହୋଇପାରିଛି। ସୁଦେଷ୍ଣା ଶୁଭ ଦର୍ଶିନୀ ୨ଟି ସ୍ୱର୍ଣ୍ଣ, ୧ଟି କାଂସ୍ୟ, ଶ୍ରୀ କୁମାର ଅଭିଷେକ ଭୋଇ ୧ଟି ସ୍ୱର୍ଣ୍ଣ, ୧ଟି ରୌପ୍ୟ ଓ ୧ଟି କାଂସ୍ୟ, ଆଦିତ୍ୟ ନମନ ମହାନ୍ତି ୧ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଭବେଶ କୁମାର ମହାନ୍ତି ୧ଟି ସ୍ୱର୍ଣ୍ଣ, ୧ଟି ରୌପ୍ୟ ଓ ୧ଟି କାଂସ୍ୟ, ଆଶିଷ କୁମାର ବାରିକ ୧ଟି ସ୍ୱର୍ଣ୍ଣ, ୧ଟି ରୌପ୍ୟ ଓ ୧ଟି କାଂସ୍ୟ, ଆଶୀର୍ବାଦ ବେହେରା ୧ଟି ସ୍ୱର୍ଣ୍ଣ, ୧ଟି ରୌପ୍ୟ ଓ ୧ଟି କାଂସ୍ୟ, ଖୋର୍ଦ୍ଧା ଜିଲ୍ଲାର ବାଲକାଟି ପରି ଏକ ସ୍ଥାନରୁ ବାହାରି ଆନ୍ତର୍ଜାତୀୟ ସ୍ତରରେ ଏତେ ବଡ଼ ସଫଳତା ହାସଲ କରିଥିବାରୁ କୋଚ୍ ଉମାକାନ୍ତ ବେହେରାଙ୍କ ସମେତ ସମସ୍ତ ବିଜେତା ଖେଳାଳିଙ୍କୁ ସ୍ଥାନୀୟ ଅଞ୍ଚଳବାସୀ, କ୍ରୀଡ଼ାପ୍ରେମୀ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭୂୟସୀ ପ୍ରଶଂସା ଏବଂ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଭବ୍ୟ ସମ୍ବର୍ଧନା ଉତ୍ସବ ବାଲକାଟି ବଜାର ସ୍ଥିତ ଯୁବଶ୍ରୀ କ୍ଲବରେ ସମାଜସେବୀ ରଞ୍ଜନ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ସମ୍ମାନୀତ ଅତିଥି ଭାବେ ପରିବେଶବିତ ଲକ୍ଷ୍ମୀଧର ପ୍ରଧାନ, ସମାଜସେବୀ ବେଣୁଧର ଭୋଇ, ଡ଼ ମାନବ ମଧୁଜିତ, ବାଲକାଟି ବିଜେପି ମଣ୍ଡଳ ସଭାପତି ବ୍ରହ୍ମାନନ୍ଦ ସ୍ୱାଇଁ, ପ୍ରାକ୍ତନ କ୍ରିଡ଼ା ଶିକ୍ଷକ ଆଜାଦ୍ ଖାନ୍ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ମଞ୍ଚ ପରିଚାଳନା ପ୍ରକୃତିବନ୍ଧୁ ଦିନବନ୍ଧୁ ଭୋଇ କରିଥିବା ବେଳେ ଗୋପାଳ ବେହେରା ସହଯୋଗ କରିଥିଲେ ।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085(News)

ସମ୍ପାଦକ: ନିରଞ୍ଜନ ପାତ୍ର
Editor: Niranjan Patra





# ୨୭ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ, ଜଣେ ଗିରଫ



କଟକ (ବ୍ୟୁରୋ) : ଅବକାରୀ ଗୁଇନ୍ଦା ଓ ପ୍ରବର୍ତ୍ତନ ବ୍ୟୁରୋ ୟୁନିଟ-୧ (ଫ୍ଲାଇଂ ୟୁନିଟ) କଟକ ଆଜି ୨୭ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ କରିଛି। ଏହି ମାମଲାରେ ଜଣେ ଯୁବକକୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଜଣକ ହେଲା, ଅନୁଗୁଳ ଜିଲ୍ଲା ନାଲକୋ ନଗର ଥାନା ଅନ୍ତର୍ଗତ ବଳରାମ ପ୍ରସାଦ ଅଞ୍ଚଳର ସିପୁ ବେହେରା (୩୨)। ଅଭିଯୁକ୍ତ ସିପୁ କୁ ଅବକାରୀ ବିଭାଗ ପକ୍ଷରୁ ଆଜି (ସୋମବାର) କୋର୍ଟ ଚାଲାଣ କରଯାଇଥିଲା । ଜାମିନ ନାମଞ୍ଜୁର ପରେ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଅଭିଯୁକ୍ତ ନିକଟରୁ ୨୭୫ ଗ୍ରାମ ବ୍ରାଉନସୁଗର ଜବତ କରାଯାଇଛି । ଯାହାର ଆନୁମାନିକ ବଜାର ମୂଲ୍ୟ ୨୭. ୫୦ ଲକ୍ଷ ଟଙ୍କା। ଏନେଇ ଅବକାରୀ ପକ୍ଷରୁ ଘଉଚଝ ଆକ୍ଟରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ଅବକାରୀ ବିଭାଗର ସୂଚନା ଅନୁଯାୟୀ, କୌଣସି ସୂତ୍ରରୁ ଖବର ପାଇ ଢେଙ୍କାନାଳ ଟାଉନ ଥାନା ଅଧିନ ମହିଷାପାଟ ଛକ ଜାତୀୟ ରାଜପଥ-୫୫ ଠାରେ ଅବକାରୀ ବିଭାଗ ପକ୍ଷରୁ ଅଚାନକ ଚଢ଼ାଉ କରି ଅଭିଯୁକ୍ତ ସିପୁ ବେହେରାଙ୍କୁ କାବୁ କରାଯାଇଥିଲା। ଅବକାରୀ ଅଧୀକ୍ଷକ ଶ୍ରୀ ସମରଜିତ ଦାସଙ୍କ ନିର୍ଦ୍ଦେଶରେ ଏବଂ ଉପ ଆବକାରୀ ଅଧୀକ୍ଷକ ଶ୍ରୀ ରୋଶନ ଇସୁ ହଂସଦାଙ୍କ ସିଧାସଳଖ ତଦାରଖରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ର ସଦସ୍ୟ ଭାବେ ସବ୍-ଇନ୍ସପେକ୍ଟର ବଲବୀର ଗଡନାୟକ, ସହାୟକ ସବ୍-ଇନ୍ସପେକ୍ଟର କିଶୋର କୁମାର ରାଉତ, କନଷ୍ଟେବଲ୍ ରଞ୍ଜିତ ସାହୁ, କନଷ୍ଟେବଲ୍ ଶିବାନନ୍ଦ ସଡଙ୍ଗୀ, କନଷ୍ଟେବଲ୍ ସୁମିତ କୁମାର ନାଏକ ଙ୍କ ମିଳିତ ସହଯୋଗରେ ଏହି ଚଢ଼ାଉ କରାଯାଇ ଅଭିଯୁକ୍ତଙ୍କୁ କାବୁ କରାଯାଇଥିଲା।

# ଆଇଆଇଆରଏଫ୍ ରାଙ୍କିଙ୍ଗ୍‌ରେ ଓଡ଼ିଶାରେ ୧ ନମ୍ବର ଏସ୍‌ସିବି

କଟକ (ବ୍ୟୁରୋ) : ସ୍ୱାସ୍ଥ୍ୟ କ୍ଷେତ୍ରରେ ଓଡ଼ିଶାକୁ ଉଲ୍ଲେଖନୀୟ ସଫଳତା ମିଳିଛି। ବିଶେଷକରି ଚିକିତ୍ସା ଶିକ୍ଷା, ଗବେଷଣା ଓ ଉତ୍ତମ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଉ ପାଦେ ଆଗକୁ ଯାଇଛି ଓଡ଼ିଶା। ଇଣ୍ଡିଆନ୍ ଇନିଷ୍ଟିଚ୍ୟୁସନାଲ ରାଙ୍କିଙ୍ଗ୍ ଫ୍ରେମୱର୍କ-୨୦୨୬ରେ ରାଜ୍ୟର ପ୍ରମୁଖ ତିନି ଭେଷଜ ମହାବିଦ୍ୟାଳୟ ଏସ୍‌ସିବି, ଭିମ୍‌ସାର ଏବଂ ଏମକେସିଜି ସ୍ଥାନ ପାଇଛି। ଏହି ରାଙ୍କିଙ୍ଗରେ କଟକର ଏସସିବି ଭେଷଜ ମହାବିଦ୍ୟାଳୟ ୧୫ତମ ସ୍ଥାନ, ବୁର୍ଲା ଭିମ୍‌ସାର ୬୪ତମ ସ୍ଥାନ ଏବଂ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ୭୪ତମ ସ୍ଥାନ ହାସଲ କରିଛି। ସେହିପରି, ଭୁବନେଶ୍ୱର ଏମ୍ସ ୧୬ ତମ ସ୍ଥାନରେ ରହିଛି। ଅର୍ଥାତ୍ ଓଡ଼ିଶାରେ ଏସ୍‌ସିବି ଏକ ନମ୍ବରରେ ଅଛି। ପ୍ରଥମଥର ପାଇଁ ଓଡ଼ିଶାର ଏକ ସରକାରୀ ଭେଷଜ ମହାବିଦ୍ୟାଳୟ ଏମ୍ସ ଭୁବନେଶ୍ୱରକୁ ପଛରେ ପକାଇଛି। ଏହା ରାଜ୍ୟର ସରକାରୀ ଚିକିତ୍ସା ଶିକ୍ଷା ଓ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ବଢୁଥିବା ଗୁଣାତ୍ମକ ମାନକୁ ପ୍ରତିପାଦନ କରୁଛି। ଏହି ସଫଳତା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସ୍ଥାନ ପାଇଥିବା ସମସ୍ତ ଭେଷଜ ମହାବିଦ୍ୟାଳୟର ଡାକ୍ତର, ଶିକ୍ଷକ, ଛାତ୍ରଛାତ୍ରୀ, ନର୍ସିଂ ଅଧିକାରୀ, ସ୍ୱାସ୍ଥ୍ୟକର୍ମୀ, ପ୍ରଶାସନିକ ଅଧିକାରୀ ଓ ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଏହି ରାଙ୍କିଙ୍ଗ୍ ଆମ ପାଇଁ କେବଳ ଏକ ସଫଳତା ନୁହେଁ, ବରଂ ଓଡ଼ିଶାର ସରକାରୀ ଭେଷଜ ମହାବିଦ୍ୟାଳୟଗୁଡ଼ିକୁ ଜାତୀୟସ୍ତରରେ ଆହୁରି ଉଚ୍ଚ ସ୍ଥାନକୁ ନେବା ପାଇଁ ଏକ ପ୍ରେରଣା।

# ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି

କଟକ (ବ୍ୟୁରୋ) : କଟକସଦର ବ୍ଲକ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କମଳଜିତ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୫୫ଟି ଅଭିଯୋଗ ହସ୍ତଗତ ହୋଇଥିଲା । ତନ୍ମଧ୍ୟରେ ୪୭ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୦୮ଟି ସାମୁହିକ ଅଭିଯୋଗ ରହିଥିଲା । ଅଭିଯୋଗ ଶୁଣାଣି ଶିବିରରେ ୧୫ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣି କାଳରେ ଡିସିପି, ଖିଲାରି ଋଷିକେଶ ଦ୍ୟାନଦେଓ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ,ଶ୍ରୀ ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ମିନାକ୍ଷୀ ଠାକୁର, କଟକ ସଦର ଉପଜିଲ୍ଲାପାଳ, ଶ୍ରୀ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ, ବିଡିଓ ପ୍ରତୀକ ସାହୁଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ । ସ୍ଥାନୀୟ ଲୋକମାନଙ୍କର ଉପସ୍ଥିତିରେ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଠାରେ ସୂଚନାଯୋଗ୍ୟ ଆସନ୍ତା ୧୭ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ କକ୍ଷଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।

# ବେତନଟୀ ମଣ୍ଡଳ ପକ୍ଷରୁ ବିଶାଳ ତ୍ରିରଙ୍ଗା ଯାତ୍ରାର ବଜାର ପରିକ୍ରମା




ବେତନଟୀ (ଅମୃତ ମିଡିଆ) : ଭାରତୀୟ ଜନତା ପାର୍ଟି ବେତନଟୀ ମଣ୍ଡଳ ପକ୍ଷରୁ ବିଶାଳ ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ଆଜି ଅପରାହ୍ନରେ ଆୟୋଜିତ ହୋଇଯାଇଛି। ବେତନଟୀ ମଣ୍ଡଳ ସଭାପତି ଜୀବନ କୁମାର ପରିଡା ସଂଯୋଜନା ଓ ବେତନଟୀ ଯୁବ ମୋର୍ଚ୍ଚାଙ୍କ ସହଯୋଗରେ ଅନୁଷ୍ଠିତ ତ୍ରିରଙ୍ଗା ଯାତ୍ରାରେ ବେତନଟୀ ବଜାରସ୍ଥିତ ପାର୍ଟି କାର୍ଯ୍ୟାଳୟରୁ ଏକ ବିଶାଳ ପଦଯାତ୍ରା ବାହାରି ବଜାର ପରୀକ୍ରମା କରିଥିଲା। ବଡ଼ସାହି ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ସନାତନ ବିଜୁଳିଙ୍କ ସମେତ ବେତନଟୀ ବ୍ଲକ ଅଧୀନ ବିଭିନ୍ନ ମଣ୍ଡଳର ସଭାପତି, ସମ୍ପାଦକଙ୍କ ସମେତ ମହିଳାମୋର୍ଚ୍ଚା, ଯୁବମୋର୍ଚ୍ଚା, କୃଷକମୋର୍ଚ୍ଚା ସହିତ ସ୍କୁଲ କଲେଜର ଛାତ୍ରାଛାତ୍ରୀ ଏବଂ ଜନସାଧାରଣ ପ୍ରମୁଖ ଜାତୀୟ ପତାକା ଧରି ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ବିଭିନ୍ନ ସ୍କୁଲ କଲେଜରୁ ଯୋଗଦେଇଥିବା ଶତାଧିକ ଛାତ୍ରଛାତ୍ରୀ ୫୦୦ମିଟର ଲମ୍ବର ଜାତୀୟପତାକା ଧରି ପଦଯାତ୍ରାରେ ସାମିଲ ହୋଇଥିଲେ। ବିଶାଳ ପଦଯାତ୍ରା ବଜାର ପରିକ୍ରମା କରିବା ସମୟରେ ସମସ୍ତେ ହାତରେ ଜାତୀୟ ପତାକା ଧରି ସମବେତ କଣ୍ଠରେ ଦେଶାତ୍ମବୋଧକ ସ୍ଲୋଗାନରେ ବେତନଟୀ ବଜାର ପ୍ରକମ୍ପିତ ହୋଇଥିଲା। ସୁରକ୍ଷା ଏବଂ ଟ୍ରାଫିକ ନିୟନ୍ତ୍ରଣକୁ ଦୃଷ୍ଟିରେ ବେତନଟୀ ଆଇଆଇସି କ୍ରିଷ୍ଣା ପିଙ୍ଗୁଆ ପ୍ରତ୍ୟକ୍ଷ ଭାବରେ ଅତିରିକ୍ତ ପୁଲିସଫୋର୍ସ ସହିତ ଉପସ୍ଥିତ ରହିଥିଲେ। ପାଖାପାଖି ଏକହଜାରରୁ ଉର୍ଦ୍ଧ୍ୱ ଦଳୀୟ କାର୍ଯ୍ୟକର୍ତ୍ତା, ସ୍କୁଲ କଲେଜର ଛାତ୍ରଛାତ୍ରୀ ଏବଂ ଜନସାଧାରଣଙ୍କୁ ନେଇ ଆୟୋଜିତ ବିଶାଳ ତ୍ରିରଙ୍ଗା ପଦଯାତ୍ରା ଶୃଙ୍ଖଳାର ସହିତ ସମ୍ପାଦିତ ହୋଇଥିଲା।

# ସବୁ କବି ନିଜନିଜ ସ୍ଥାନରେ ସ୍ୱତନ୍ତ୍ର: ଅପର୍ଣ୍ଣା ନାୟକ



ନୀଳଗିରି (ଅମୃତ ମିଡିଆ) : କବି ନୂତନ ଆବିଷ୍କାର ପାଇଁ ବ୍ୟସ୍ତ ଥାଏ। ସାହିତ୍ୟର ଯାତ୍ରା ଅସୀମ। ସାହିତ୍ୟ ସମାଜର ସ୍ଥିତାବସ୍ଥାକୁ ଗୁରୁତ୍ୱ ପ୍ରଦାନକରେ ବୋଲି ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ଷଷ୍ଠ ରାଜ୍ୟସ୍ତରୀୟ କବିତା ଆସରରେ ଅତିଥି ଭାବରେ ଯୋଗଦେଇ କବୀ ଅପର୍ଣ୍ଣା ନାୟକ ନିଜର ମତବ୍ୟକ୍ତ କରିଛନ୍ତି। ପରିବାରର ଗଞ୍ଜାମ ସଦସ୍ୟା କବୀ ପଦ୍ମିନୀ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ଭଦ୍ରକ ସଦସ୍ୟା କବୀ ଅଧାପିକା ହରିପ୍ରିୟା ସେଠୀ କବିତା ସଂଯୋଜନା କରିଥିବାବେଳେ ପରିବାରର ସମ୍ପାଦକ ଡ଼. ପ୍ରଦୀପ୍ତ କୁମାର ମିଶ୍ର କବିତାର ସମୀକ୍ଷା କରିଥିଲେ। ଏହି ଆସରରେ କ୍ୱୀ କନକପ୍ରଭା ଷଡ଼ଙ୍ଗୀ (ନୀଳଗିରି), କବି ଜୟନାରାୟଣନନ୍ଦ ପ୍ରହରାଜ (ଭୁବନେଶ୍ୱର), ଉନ୍ନତି ପ୍ରଧାନ (ପୁରୀ), ବ୍ୟଙ୍ଗକବି ପଦ୍ମଲୋଚନ ପ୍ରଧାନ (ବାଲେଶ୍ୱର), କବି ପ୍ରଫୁଲ୍ଲ ଦାଶ (ନୟାଗଡ଼), କବି ପ୍ରବୀର କମିଲା (ବାଲେଶ୍ୱର), କବି ରତିନାରାୟଣ ରାଉତ (କେନ୍ଦୁଝର), କବି ନୀଳକଣ୍ଠ ତ୍ରିପାଠୀ (ଚିଲିକା), କବୀ (ପୂଜା ରାଉତ) ତାଳଚେର), କବୀ ମାମାଲି ସାହୁ (ଭୁବନେଶ୍ୱର), କବି ପୂଜାଶ୍ରୀ (କେନ୍ଦ୍ରାପଡ଼ା) ପ୍ରମୁଖ ନିଜର ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଆସରର ପ୍ରଥମେ କୁମାରୀ ଭାର୍ଗବୀ ରାଉତ ସ୍ୱାଗତ ସଂଗୀତ ଗାନ କରିଥିବାବେଳେ ଶିକ୍ଷାବିତ ଜୟନ୍ତ କୁମାର ନାୟକ ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟାବାଦ ପ୍ରଦାନ କରିଥିଲେ।

# ବିଦଗ୍ଧ ଚିନ୍ତାମଣିର ପ୍ରଥମ ଛାନ୍ଦ କାବ୍ୟର ମୁକୁର : ପ୍ରଫେସର ବବ୍ରୁବାହନ ମହାପାତ୍ର



ନୀଳଗିରି (ଅମୃତ ମିଡିଆ) : ବିଦଗ୍ଧ ଚିନ୍ତାମଣିର ପ୍ରଥମ ଛାନ୍ଦ କାବ୍ୟର ସାଂକେତିକ ରୂପ ବା କାବ୍ୟର ମୁକୁର ଅଟେ। ପ୍ରଥମ ଛାନ୍ଦ କାବ୍ୟର ଆତ୍ମା ଅଟେ। ବିଦଗ୍ଧ ଚିନ୍ତାମଣିରେ ଆର୍ଶୀନମସ୍କ୍ରିୟା, ସାଧୁସ୍ତୁତି, ଖଳନିନ୍ଦା ଓ କାବ୍ୟ ଭଣତିକୁ ଗୁରୁତ୍ୱ ଦିଆଯାଇଛି। କାବ୍ୟରେ ନିହିତ କଳା ଈଶ୍ୱରୀୟ ସତ୍ତାର ଅଂଶବିଶେଷ। ରାଧା ଓ ହରି ଦିବ୍ୟପ୍ରେମର ପ୍ରତିମୂର୍ତ୍ତି। ଈଶ୍ୱର ନିର୍ଗୁଣ ଅଟନ୍ତି। ଈଶ୍ୱର ଲୌକିକ ସତ୍ତାରେ ବର୍ଣ୍ଣନୀୟ ରୂପ ପ୍ରକାଶ କରନ୍ତି। ଗୌଡ଼ିୟ ବୈଷ୍ଣବତତ୍ତ୍ୱରେ ଭକ୍ତ ହିଁ ସ୍ତ୍ରୀ ଅଟେ। ଜଗତ ସ୍ତ୍ରୀ ମୟ, ଏକମାତ୍ର ପୁରୁଷ ହେଉଛନ୍ତି ଶ୍ରୀକୃଷ୍ଣ। ଭଗବାନ କାମନାର କଳ୍ପତରୁ। କୃଷ୍ଣକଥା ହେଉଛି ଉଦୀୟମାନ ସୂର୍ଯ୍ୟ। ସର୍ବୋପରି ବିଦଗ୍ଧ ଚିନ୍ତାମଣିରେ ମଙ୍ଗଳାଚରଣରେ ଶ୍ରୀରାଧା - ହରିଙ୍କୁ ସ୍ତୁତି କରିବାସହ ର଼ାଗାନୁଗା ବୈଷ୍ଣବମାନଙ୍କ ଦୃଷ୍ଟିରେ ଗୋପୀଭକ୍ତିପ୍ରତି ଉଚ୍ଚକୋଟିର ଦୃଷ୍ଟିପାତ କାବ୍ୟକୁ ସୌନ୍ଦର୍ଯ୍ୟ ବିମଣ୍ଡିତ କରିଅଛି ବୋଲି ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାରରେ ଶହେ ଉଣେଇଶତମ ରାଜ୍ୟସ୍ତରୀୟ ଆଭାସୀ ପାଠଚକ୍ରରେ ବିଦଗ୍ଧ ଚିନ୍ତାମଣି କାବ୍ୟର ପ୍ରଥମ ତିନୋଟି ଛାନ୍ଦ ଆଲୋଚନା ପରିପ୍ରେକ୍ଷୀରେ ଆଲୋଚକ ଓଡ଼ିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ବବ୍ରୁବାହନ ମହାପାତ୍ର, ଓ ଯାଜପୁର ବାଲିଆର ଅଭିମନ୍ୟୁ ସାମନ୍ତସିଂହାରଙ୍କ ଦାୟାଦ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ଜେନା ପ୍ରକାଶ କରିଛନ୍ତି। ପରିବାରର ସମ୍ପାଦକ ଡ଼. ପ୍ରଦୀପ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ଜଗନ୍ନାଥ ବିଶ୍ୱବିଦ୍ୟାଳୟ ପୁରୀର ପ୍ରାକ୍ତନ ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର ଅତିଥି ଭାବରେ ଯୋଗଦାନକରି ଏପରି କାର୍ଯ୍ୟକ୍ରମର ପ୍ରଶଂସା ଗାନ କରିଥିଲେ। ପ୍ରାରମ୍ଭରେ କଣ୍ଠଶିଳ୍ପୀ ନିବେଦିତା ମହାପାତ୍ର ସ୍ୱାଗତ ଗାନ କରିଥିବାବେଳେ ଶେଷରେ ରାଉରକେଲାରୁ ଅଧାପିକା ବିଜୟିନୀ ଦାଶ ସମସ୍ତଙ୍କୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଆସରରେ ବହୁ ଶ୍ରୋତା ଯୋଗଦାନ କରିଥିଲେ।

# ଜଳେଶ୍ୱରପୁର ଗଙ୍ଗପୁରା ଶାଖା ନାଳ କାନ୍ଥ ଭୁଶୁଡ଼ିଲା

ମାହାଙ୍ଗା (ଅମୃତ ମିଡ଼ିଆ) : ଧର୍ମାଗତ ପୁର ଜଳସମ୍ପଦ ସେକ୍ସନ ଅଧିନ ପଙ୍ଗାମୁଣ୍ଡାଇ ମୁଖ୍ୟ କେନାଲରୁ ବାହାରିଥିବା ଜଳେଶ୍ୱର ପୁର ଗଙ୍ଗପୁରା ଶାଖା ନାଳ ଲଗାଣ ବର୍ଷା ଯୋଗୁଁ ଜଳେଶ୍ୱର ପୁର ଗ୍ରାମ ନିକଟରେ ମାଙ୍କଡ଼ା ପଥରରେ ନିର୍ମିତ କାନ୍ଥ ଭୁଶୁଡ଼ି ପଡିଥିବା ଦେଖିବାକୁ ମିଳିଛି। ଏହି ଶାଖା କେନାଲ ଉପରେ ଜଳେଶ୍ୱର ପୁର, ପସୁ ଲୁଣ୍ଡା, ଗଙ୍ଗପୁରା ଅଞ୍ଚଳର ଚାଷୀ ମାନେ ଜଳସେଚନ ଉପରେ ନିର୍ଭର କରୁଥିବାବେଳେ ପ୍ରାୟ ୫ଶହ ଏକରରୁ ଉର୍ଦ୍ଧ୍ୱ ଚାଷ ଜମିକୁ ଏହି କେନାଲ ମାଧ୍ୟମରେ ପାଣି ଯୋଗାଇ ଦିଆଯାଇଥାଏ। ଏବେ କାନ୍ଥ ଭାଙ୍ଗି ଯିବାରୁ କେନାଲ ପାଣି ସମ୍ପୂର୍ଣ୍ଣ ବନ୍ଦ ହୋଇଥିବାରୁ ଚାଷୀ ମାନେ ଧାନ ରୁଆ ପୋତାରେ ବାଧା ସୃଷ୍ଟି ହୋଇଛି। ତେବେ ପ୍ରତି ବର୍ଷ ଏହି କେନାଲର ବିଭିନ୍ନ ସ୍ଥାନରେ ବର୍ଷା ହେଲେ କିଛି ସ୍ଥାନରେ କାନ୍ଥ ଭୁଶୁଡି ପଡିବାର ନଜିର ରହିଛି। ତୁରନ୍ତ କଟକ ଜଳସମ୍ପଦ ବିଭାଗ ଉତ୍ତର ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ କେନାଲ କାନ୍ଥ ନିର୍ମାଣ ପାଇଁ ଚାଷୀମାନେ ଦାବି କରିଛନ୍ତି।

# ଓଡିଶା ସାମ୍ବାଦିକ ସଙ୍ଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

## ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତରେ ବିଲୟକୁ ବିରୋଧ



ବାସୁଦେବପୁର (ଅମୃତ ମିଡିଆ) : ରାଜ୍ୟ ସରକାରଙ୍କ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନାରେ ପରିବର୍ତ୍ତନ କରାଯିବା ପ୍ରୟାସକୁ ଓଡ଼ିଶା ସାମ୍ବାଦିକ ସଂଘ (ଅଜେୟୁ) ଭଦ୍ରକ ଜିଲ୍ଲା ୟୁନିଟ ପକ୍ଷରୁ ବିରୋଧ କରାଯାଇଛି। ଏନେଇ ବାସୁଦେବପୁରରେ ଆୟୋଜିତ ଜନ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ କୁହାଯାଇଛି ଯେ, କାର୍ଯ୍ୟରତ ସାମ୍ବାଦିକମାନଙ୍କ ପାଇଁ ପ୍ରଚଳିତ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନାରେ ପରିବର୍ତ୍ତନ କରାଯିବା ନେଇ ଚାଲିଥିବା ପ୍ରକ୍ରିୟା ସାମ୍ବାଦିକ ମହଲରେ ଦୁଃଖ ଓ କ୍ଷୋଭ ସୃଷ୍ଟି କରିଛି। ସଂଘ ପକ୍ଷରୁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ପୂର୍ବବତ ସ୍ୱତନ୍ତ୍ର ଭାବେ ଜାରି ରଖାଯିବା ସହ ସାମ୍ବାଦିକ ମାନଙ୍କ ପିତାମାତାଙ୍କୁ ମଧ୍ୟ ବୀମା ଯୋଜନାରେ ସାମିଲ କରାଯାଉ ବୋଲି ଦୃଢ଼ ଦାବି କରାଯାଇଛି। ସରକାର ଏହି ଦାବି ଉପରେ ତୁରନ୍ତ ସ୍ୱଷ୍ଟ ଓ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି କିମ୍ବା ବିବୃତି ଜାରି ନକଲେ, ସାରା ରାଜ୍ୟରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ସଙ୍ଘ ପକ୍ଷରୁ ସଭାପତି ଜ୍ଞାନ ପାଣି, ଲକ୍ଷ୍ମୀକାନ୍ତ ନାଥ, ପ୍ରଭାତ ବିଜୟ, ବାସୁଦେବପୁର ସଂଯୋଜକ ସତ୍ୟ ସୁନ୍ଦର ରାଉତ, ସହ ସଂଯୋଜକ ପ୍ରତାପ କୁମାର ପାଢ଼ୀ, ବୈ ଲୋଚନ ସାହୁ, ଗୌତମ ଦେ, ପ୍ରଶାନ୍ତ ଦାସ, ରଞ୍ଜନ ମଲ୍ଲିକ, ଆନନ୍ଦ ରାଉତ, ସର୍ବେଶ୍ୱର ଜେନା, ଉଦୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଇନ୍ଦ୍ରିୟ ବିଶୁଦ୍ଧ ହେଲେ ଅପ୍ରାକୃତସ୍ତର ଜନ୍ମନିଏ : ପଣ୍ଡିତ ଗୋବର୍ଦ୍ଧନ ପ୍ରଧାନ



ନୀଳଗିରି (ଅମୃତ ମିଡିଆ) : ବୈଦିକ ଯୁଗର ପ୍ରସିଦ୍ଧ ମୁନିଋଷି ଗ୍ରହନକ୍ଷତ୍ରଙ୍କ ଅବସ୍ଥିତି ସମ୍ପର୍କରେ ଅବଗତ ଥିଲେ। ରାଜା ପ୍ରିୟବ୍ରତଙ୍କ ରଥର ସାତଟି ଚକର ପରିଖାରୁ ସପ୍ତସାଗରର ଉତ୍ପତ୍ତି ହୋଇଛି। ଇନ୍ଦ୍ରିୟ ବିଶୁଦ୍ଧହେଲେ ଅପ୍ରାକୃତ ସ୍ତର ଜନ୍ମନିଏ। ଭୌତିକ ଜଗତ ଭଗବାନଙ୍କ ସୃଷ୍ଟିର ଏକ ଚତୁର୍ଥାଂଶ ଅଟେ। ବୈଦିକ ଆଚାର୍ଯ୍ୟ ଭାରତର ଶ୍ରେଷ୍ଠ ବିଜ୍ଞାନୀ ଅଟନ୍ତି। ଭୂମଣ୍ଡଳ ଏକ ପଦ୍ମ ସ୍ୱରୂପ। ସପ୍ତଦ୍ୱୀପ ପଦ୍ମର କୋଶ ଅଟେ। ଜମ୍ବୁଦୀପ ଏହି କୋଶର ମଧ୍ୟବର୍ତ୍ତୀ ସ୍ଥଳ। ଜମ୍ବୁଦ୍ୱୀପରେ ଇଳାବୃତ୍ତବର୍ଷ , କୁରୁବର୍ଷ, କିଂପୁରୁଷବର୍ଷ, ହରିବର୍ଷ, ରମ୍ୟକବର୍ଷ, ହିରଣ୍ମୟବର୍ଷ, ନିଷଧବର୍ଷ, ଭଦ୍ରାଶ୍ୱବର୍ଷ ଓ କେତୁମାଳବର୍ଷ ନାମରେ ନଅଟି ବର୍ଷ ରହିଛି। ଏହି ପୃଥିବୀ ଇଳାବୃତ ବର୍ଷ ଅନ୍ତର୍ଗତ ଅଟେ । ଏହିବର୍ଷକୁ ଲାଗି ନୀଳ, ଶ୍ୱେତ ଓ ଶୃଙ୍ଗବାନ ନାମକ ପର୍ବତ କ୍ରମାନ୍ୱୟରେ ଅବସ୍ଥିତ। ସର୍ବୋପରି ଏହିପରି ଭଗବାନଙ୍କ ଅନନ୍ତ ଶକ୍ତିର ବିସ୍ତାରକୁ ଆଦର କରିପାରିଲେ ଭୌତିକ ଜଗତର ପ୍ରତ୍ୟେକବ୍ୟକ୍ତି ସୁସ୍ଥଜୀବନ ଅତିବାହିତ କରିପାରିବେ ବୋଲି ସ୍ୱର୍ଣ୍ଣଚୂଡ଼ ସାହିତ୍ୟ ପରିବାରର ଶହେ ଦଶତମ ସାପ୍ତାହିକ ଆଭାସୀ ଆଲୋଚନାଚକ୍ରରେ ପଞ୍ଚମ ସ୍କନ୍ଧର ଷୋଡଶ ଅଧ୍ୟାୟର ଜମ୍ବୁଦ୍ୱୀପ ବର୍ଣ୍ଣନା ଅବକାଶରେ ପରିବାରର ସମ୍ପାଦକ ପ୍ରବାଚକ ଡ଼. ପ୍ରଦୀପ୍ତ କୁମାର ମିଶ୍ର ପ୍ରକାଶ କରିଛନ୍ତି। ପ୍ରାରମ୍ଭରେ ପରିବାରର ବରିଷ୍ଠ ସଦସ୍ୟ ଶିକ୍ଷାବିତ ଶ୍ରୀଯୁକ୍ତ ନୀଳକଣ୍ଠ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ଶ୍ରୀମାନ ଯଜ୍ଞଦୀପ ମିଶ୍ର ଓଁକାର ଧ୍ୱନି ପ୍ରଦାନ କରିଥିବାବେଳେ କୁମାରୀ ଜୟଶ୍ରୀ ପଣ୍ଡା ସ୍ୱାଗତ ସଂଗୀତ ଓ କୃତଜ୍ଞତା ପ୍ରଦାନ କରିଥିବାବେଳେ ଯାଜପୁରର ପଣ୍ଡିତ ଗୋବର୍ଦ୍ଧନ ପ୍ରଧାନ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ଶେଷରେ ଶିକ୍ଷାବିତ ରତିନାରାୟଣ ରାଉତ ଶାନ୍ତିମନ୍ତ୍ର ପାଠ କରିଥିଲେ।

# ରେଭେନ୍ସାରେ ତୁଟୁନି ଅଧାପକ-ବିଧାୟକ ବିବାଦ

## ହଷ୍ଟେଲ୍ ଦାୟିତ୍ୱ ନେଉନାହାନ୍ତି ୱାର୍ଡେନ୍

କଟକ (ବ୍ୟୁରୋ) : ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଥମୁନି ଅଧାପକ-ବିଧାୟକ ବିବାଦ। ବିବାଦ ପରେ ଏବେ ଏହାର ପ୍ରଭାବ ସିଧାସଳଖ ବିଶ୍ୱବିଦ୍ୟାଳୟର ହଷ୍ଟେଲ୍ ପରିଚାଳନା ଉପରେ ପଡ଼ିଛି। ରେଭେନ୍ସାର ସମସ୍ତ ହଷ୍ଟେଲର ୱାର୍ଡେନ୍, ଡେପୁଟି ୱାର୍ଡେନ୍ ଓ ଚିଫ୍ ୱାର୍ଡେନ୍ ଏବେ ଦାୟିତ୍ୱରେ ଯୋଗ ଦେଉନାହାନ୍ତି। ଅଧାପକ ସଂଘ ସ୍ୱଷ୍ଟ କରିଛି, ସେମାନଙ୍କ ଦାବି ପୂରଣ ନହେବା ପର୍ଯ୍ୟନ୍ତ ହଷ୍ଟେଲ୍ ଦାୟିତ୍ୱ ନେବେ ନାହିଁ। ଅଧାପକ-ବିଧାୟକ ବିବାଦ ପରେ ରେଭେନ୍ସାର ହଷ୍ଟେଲ୍ ପରିଚାଳନା ନେଇ ସଙ୍କଟ ବଢ଼ିଛି। ୱାର୍ଡେନ୍, ଡେପୁଟି ୱାର୍ଡେନ୍ ଓ ଚିଫ୍ ୱାର୍ଡେନ୍‌ମାନେ ଦାୟିତ୍ୱରୁ ଦୂରେଇ ରହିବାରୁ ହଷ୍ଟେଲ୍ ପରିଚାଳନା ପ୍ରଭାବିତ ହେବା ଆଶଙ୍କା ସୃଷ୍ଟି ହୋଇଛି। ବର୍ତ୍ତମାନ ରେଭେନ୍ସାର ୧୩ଟି ହଷ୍ଟେଲରେ ପ୍ରାୟ ୪ ହଜାର ଛାତ୍ରଛାତ୍ରୀ ରହୁଛନ୍ତି। ସେମାନଙ୍କ ଦୈନନ୍ଦିନ ସମସ୍ୟାଠାରୁ ଆରମ୍ଭ କରି ହଷ୍ଟେଲ୍ ଶୃଙ୍ଖଳା ଓ ପରିଚାଳନା ପର୍ଯ୍ୟନ୍ତ ବିଭିନ୍ନ ଦାୟିତ୍ୱ ୱାର୍ଡେନ୍ ଓ ଡେପୁଟି ୱାର୍ଡେନ୍‌ଙ୍କ ଉପରେ ରହିଥାଏ। ପୂର୍ବତନ ଚିଫ୍ ୱାର୍ଡେନ୍‌ଙ୍କ ମତରେ, ଏଭଳି ପରିସ୍ଥିତି ଦୀର୍ଘଦିନ ଜାରି ରହିଲେ ହଷ୍ଟେଲ୍ ବ୍ୟବସ୍ଥା ଚଳାଇବା କଷ୍ଟକର ହୋଇପଡ଼ିବ। ଅଧାପକ ସଂଘ କହିଛି, ବର୍ତ୍ତମାନ ପାଇଁ ହଷ୍ଟେଲ୍ କାର୍ଯ୍ୟରେ ଯୋଗ ଦେବା ପ୍ରଶ୍ନ ଉଠୁନାହିଁ। ଅଧାପକଙ୍କ ପ୍ରତି ଜନପ୍ରତିନିଧିମାନଙ୍କ ବ୍ୟବହାର କିଭଳି ହେବ, ସେନେଇ ସରକାର ଏକ ମାର୍ଗଦର୍ଶିକା ଆଣିବାକୁ ସଂଘ ଦାବି କରିଛି। ଏହାସହ ଚିଫ୍ ୱାର୍ଡେନ୍‌ଙ୍କ ବିରୋଧରେ ବିଧାୟକ ବାଚସ୍ପତିଙ୍କୁ ଦେଇଥିବା ଅଭିଯୋଗ ପ୍ରତ୍ୟାହାର କରିବାକୁ ମଧ୍ୟ ଦାବି କରାଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ଏହି ବିବାଦରେ ହସ୍ତକ୍ଷେପ କରି ସମାଧାନର ବାଟ ବାହାର କରିବେ ବୋଲି ଅଧାପକ ସଂଘ ଆଶା ରଖିଛି। ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି, ଏବେ ରେଭେନ୍ସାରେ ନାମଲେଖା ପ୍ରକ୍ରିୟା ଚାଲିଛି। ନୂଆ ଛାତ୍ରଛାତ୍ରୀଙ୍କ ହଷ୍ଟେଲ୍ ଆଲଟମେଣ୍ଟ, ରୁମ୍ ବଣ୍ଟନ, ହଷ୍ଟେଲ୍ ସମସ୍ୟାର ସମାଧାନ ଏବଂ ଶୃଙ୍ଖଳା ରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ କାମ ୱାର୍ଡେନ୍ ଓ ଡେପୁଟି ୱାର୍ଡେନ୍‌ଙ୍କ ଦାୟିତ୍ୱ। କିନ୍ତୁ ସେମାନେ ଦାୟିତ୍ୱରେ ଯୋଗ ଦେଉନଥିବାରୁ ଆଗାମୀ ଦିନରେ ନୂଆ ଛାତ୍ରଛାତ୍ରୀଙ୍କ ହଷ୍ଟେଲ୍ ଆଲଟମେଣ୍ଟଠାରୁ ଆରମ୍ଭ କରି ଅନ୍ୟାନ୍ୟ ପରିଚାଳନାଗତ କାର୍ଯ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି। ଗୋଟିଏ ପଟେ ଅଧାପକ ସଂଘ ନିଜ ଦାବିରେ ଅଡ଼ି ରହିଛି, ଅନ୍ୟପଟେ ହଷ୍ଟେଲ୍ ପରିଚାଳନାକୁ ନେଇ ଛାତ୍ରଛାତ୍ରୀଙ୍କ ଚିନ୍ତା ବଢୁଛି। ଏଭଳି ସ୍ଥିତିରେ ବିବାଦର ଶୀଘ୍ର ସମାଧାନ ନହେଲେ ରେଭେନ୍ସାର ଶିକ୍ଷା ବାତାବରଣ ସହ ହଷ୍ଟେଲ୍ ବ୍ୟବସ୍ଥା ମଧ୍ୟ ପ୍ରଭାବିତ ହୋଇପାରେ।

# ନୀଳଗିରି ଏନ୍‌ଏସି ବାରିକସାହି ରାସ୍ତାର ଭାଗ୍ୟ ଫିଟିବ କେବେ ?

## ଅସରାଏ ବର୍ଷାରେ କାଦ ପଚପଚ ରାସ୍ତାକୁ ଆଣ୍ଠୁଏପାଣି



ନୀଳଗିରି (ଅମୃତ ମିଡିଆ) : ଦୀପତଳ ଅନ୍ଧାର ଭଳି ନୀଳଗିରି ଏନ୍‌ଏସି ର ବାରିକସାହିରେ ବସବାସ କରୁଥିବା ଲୋକଙ୍କପାଇଁ ନିର୍ମାଣ ହୋଇଥିବା ଅଧାପନ୍ତରିଆ ରାସ୍ତା ତାଙ୍କ ପାଇଁ ଅଭିଶପ୍ତ ପାଲଟିଛି। ଅସରାଏ ବର୍ଷା ହେଲେ ଆଣ୍ଠୁଏ ପାଣି ସାଙ୍ଗକୁ କାଦ ପଚପଚ ରାସ୍ତାରେ ଘରୁ ବାହାରନ୍ତି ଓ ଘର ଭିତରକୁ ଯାଆନ୍ତି। ଯାହା ଜଣାପଡୁଛି ଏହି ୱାର୍ଡରେ ଲୋକ ଦେଖାଣିଆ ଅଳ୍ପକିଛି କଂକ୍ରିଟ ରାସ୍ତା କରିଦେଇ ଏନ୍‌ଏସି କର୍ତ୍ତୃପକ୍ଷ ହାତବାନ୍ଧି ବସିଥିବା ବେଳେ ଦୁର୍ଦ୍ଦଶାରେ ଘାଣ୍ଟି ହେଉଛନ୍ତି ବାରିକସାହିର ସାଧାରଣ ଜନତା। ତେବେ ରାସ୍ତାର ଅବସ୍ଥା ଏପରି ହୋଇଛି ଯେ ଉକ୍ତୱାର୍ଡକୁ ବନ୍ଧୁବାନ୍ଧବ ଆସିବା ବନ୍ଦ କରିଦେଲେଣି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏପରିକି ବର୍ଷାହେଲେ ଛୋଟଛୋଟ ପିଲାମାନେ ପାଠପଢିବାକୁ ନାରାଜ ହେଉଛନ୍ତି। ଯାହା ଜଣାପଡୁଛି ଦୟନୀୟ ଭାବେ ରାସ୍ତାରେ ଯାତାୟାତ କରୁଥିବା ବାରିକସାହି ୱାର୍ଡର ଲୋକଙ୍କୁ ମୌଳିକ ସୁବିଧା ସତେ ଯେମିତି ସାତସପନ ପାଲଟିଛି। ଉକ୍ତ ୱାର୍ଡର ଲୋକମାନେ ବର୍ଷବର୍ଷ ଧରି ଦୁର୍ଦ୍ଦଶା ଭୋଗୁଥିବା ବେଳେ ବାରମ୍ବାର ଅଭିଯୋଗ ସ୍ୱତ୍ତେ ଏନ୍ ଏ ସି କର୍ତ୍ତୃପକ୍ଷ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବାର ବାରକସାହି ୱାର୍ଡର ଲୋକମାନେ ଅଭିଯୋଗ ଆଣିଛନ୍ତି। ବାରମ୍ବାର ଲୋକମାନେ କଂକ୍ରିଟ ରାସ୍ତା ନିର୍ମାଣକରି ଲୋକମାନଙ୍କୁ ଯାତାୟାତରେ ସୁବିଧା ଯୋଗାଇଦେବାକୁ ଅଭିଯୋଗ କରିଆସୁଥିଲେ ହେଁ ଏନ୍‌ଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେଉନଥିବାରୁ ଆବାଳବୃଦ୍ଧବନିତା ପାଣିକାଦୁଅରେ ଯିବାଆସିବା କରି ଅଣ୍ଡାଜ୍ୱରରେ ପୀଡିତହୋଇ ଅଯଥା ଖର୍ଚ୍ଚାନ୍ତରେ ପଡୁଥିବାର ଅଭିଯୋଗ ଉଠିଛି। ଯଦି ଏନ୍ ଏ ସିର ରାସ୍ତା ଏପରି ହୁଏ ତେବେ ଗ୍ରାମାଞ୍ଚଳ ଗୁଡିକରେ କିଭଳି ଥିବ ତାହା ଅନୁମେୟ।

# ବାଙ୍କୀ ଓ ଡମପଡ଼ା ବ୍ଲକ କାର୍ଯ୍ୟାଳୟ ଆଗରେ ଲାଗିଲା ୧୬୩ ଧାରା

କଟକ (ବ୍ୟୁରୋ) : କଟକର ବାଙ୍କୀ ଓ ଡମପଡ଼ା ବ୍ଲକ କାର୍ଯ୍ୟାଳୟ ଆଗରେ ଲାଗିଲା ବି ଏନ ଏସ ୧୬୩ ଧାରା। ବ୍ଲକରେ ବିଡିଓଙ୍କ ମନମାନି ନେଇ ୨ଦିନ ପୂର୍ବରୁ ବିଜେପିର ଶତାଧିକ କର୍ମୀ କାର୍ଯ୍ୟାଳୟ ଘେରାଉ କରିଥିଲେ। ଅନେକ ସମୟରେ ବିଡିଓ ଜନସାଧାରଣଙ୍କ କଥା ଶୁଣୁନଥିବା ଅଭିଯୋଗ କରି ଆଜି ବିଜେପିପକ୍ଷରୁ କାର୍ଯ୍ୟାଳୟ ଘେରାଉ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ଏହାଫଳରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା କରି ବାଙ୍କୀ ଉପଜିଲ୍ଲାପାଳ ୧୬୩ ଧାରା ଜାରି କରିଛନ୍ତି। ଉଭୟ ବ୍ଲକର କାର୍ଯ୍ୟାଳୟ ଆଗରେ ୩ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ତେବେ ଏଯାଏ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ।





# ଚାଷୀଙ୍କ ସ୍ୱପ୍ନକୁ ସାକାର କରୁଛି ଚକାନୟନ ଏଫପିଓ

## ଦୁଇମାସରେ ୧ କୋଟି ଟଙ୍କା ବ୍ୟବସାୟିକ କାରବାର



## ବିଭିନ୍ନ ରାଜ୍ୟକୁ ୬୭୦ଟନ୍ କଖାରୁ ପଠାଯାଇଛି

**ମୟୂରଭଞ୍ଜ (ଅମୃତ ମିଡିଆ) :** ମୟୂରଭଞ୍ଜ ଜିଲ୍ଲାର ଚାଷୀମାନଙ୍କ ଜୀବନ ଓ ଆର୍ଥିକ ସ୍ଥିତିକୁ ସୁଦୃଢ଼ ଓ ସଶକ୍ତ କରିବା ଦିଗରେ ଚକାନୟନ କୃଷକ ଉତ୍ପାଦକ କମ୍ପାନୀ(ଏଫପିଓ) ଏକ ସଫଳ ମଡେଲ୍ ରୂପେ ଉଭା ହୋଇଛି। ସାରା ଦେଶର ପ୍ରାୟ ୧୦,୦୦୦ ଏଫପିଓମାନଙ୍କ ମଧ୍ୟରୁ ନାବାର୍ଡ ପ୍ରାୟୋଜିତ ଏବଂ ନିଗମ ଦ୍ୱାରା ପ୍ରୋତ୍ସାହିତ ଏହି ଏଫପିଓ ଏକ ଆଦର୍ଶ ସଂସ୍ଥା ଭାବେ ଆଜି ପରିଚିତ ହୋଇପାରିଛି। ଚାଷୀ ସଦସ୍ୟମାନଙ୍କ ସହଯୋଗରେ ଚଳିତ ନଭେମ୍ବର ଓ ଡିସେମ୍ବର ମାସ ମଧ୍ୟରେ ଚକାନୟନ ଏଫପିଓ ଚାଷୀମାନଙ୍କ ଉତ୍ପାଦିତ ୬୭୦ଟନ୍ କଖାରୁ ଆନ୍ଧ୍ରପ୍ରଦେଶର ଆଦିଲାବାଦ, ପଶ୍ଚିମବଙ୍ଗର ସିଲିଗୁଡ଼ି (କଲିକତା), ଉତ୍ତରପ୍ରଦେଶର ଗୋରଖପୁର, ଆସମର ଗୌହାଟୀ ସମେତ ଦେଶର ବିଭିନ୍ନ ରାଜ୍ୟକୁ ପଠାଇଛି। ଏହାଦ୍ୱାରା ଚାଷୀମାନେ ସେମାନଙ୍କ ଉତ୍ପାଦର ଉଚିତ ମୂଲ୍ୟ ପାଇବାରେ ସକ୍ଷମ ହୋଇପାରିଛନ୍ତି। ଉନ୍ନତିର ପଥରେ ଅଗ୍ରସର ହେଉଥିବା ଏହି ଏଫପିଓର ଆର୍ଥିକ କାରବାରରେ ମଧ୍ୟ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। କେବଳ ଦୁଇ ମାସ ମଧ୍ୟରେ ପ୍ରାୟ ୧ କୋଟି ଟଙ୍କାର ଟର୍ନଓଭର ସାଧନ କରିଥିବା ଏହି ଏଫପିଓ ଚାଷୀ ମହଲରେ ନୂଆ ଆଶା ଓ ଗଭୀର ଆତ୍ମବିଶ୍ୱାସ ସୃଷ୍ଟି କରିପାରିଛି। ପୂର୍ବରୁ ଯେଉଁଠାରେ ଚାଷୀମାନେ ଦଲାଲ ଓ ମଧ୍ୟସ୍ଥଙ୍କ ଉପରେ ନିର୍ଭର କରୁଥିଲେ। କିନ୍ତୁ ବର୍ତ୍ତମାନ ଏଫପିଓ ମାଧ୍ୟମରେ ସିଧାସଳଖ ବଜାର ସହ ସଂଯୋଗ ସ୍ଥାପନ ହୋଇଥିବାରୁ ଚାଷୀମାନେ ଅଧିକ ଲାଭ ପାଉଛନ୍ତି। ଏହା ପୂର୍ବରୁ ମଧ୍ୟ ଚକାନୟନ ରଚଙ୍ଗ ଆମ୍ବକୁ ଦିଲ୍ଲୀରେ ବିକ୍ରି କରାଇବାରେ ସଫଳ ସହଯୋଗ କରିଥିଲା। କଖାରୁର ଗ୍ରେଡିଂ, ପ୍ୟାକିଂ, ବଜାରୀକରଣ କାର୍ଯ୍ୟ ଏଫପିଓର ଜିଲ୍ଲା ସଂଯୋଜକ ସମୀର କୁମାର ପଲେଇ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ନିତ୍ୟାନନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ସଫଳତାର ସହ ସମ୍ପନ୍ନ ହୋଇଛି। ସେମାନେ ଚାଷୀମାନଙ୍କୁ ଉତ୍ପାଦର ଗୁଣମାନ, ଗ୍ରେଡିଂ ଓ ବଜାର ଚାହିଦା, ଆଧୁନିକ ବିପଣନ ପଦ୍ଧତି ସମ୍ପର୍କରେ ନିୟମିତ ସଚେତନ କରୁଛନ୍ତି। ଚାଷୀମାନେ କିପରି ଅତ୍ୟାଧୁନିକ ପଦ୍ଧତିରେ କଖାରୁ ଚାଷ କରି ଅଧିକ ଅମଳ ଓ ଉନ୍ନତ ମାନର ଉତ୍ପାଦନ କରିପାରିବେ ସେଥିପାଇଁ କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୨, ଯଶିପୁର ପକ୍ଷରୁ ବିଭିନ୍ନ ପ୍ରଶିକ୍ଷଣ ଦିଆଯାଇଛି। ସେହିପରି ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ଦ୍ୱାରା ପରିଚାଳିତ ସେଣ୍ଟର ଅଫ୍ ଏକ୍ସଲେନ୍ସ ସହ ଯୋଡି ହେବା ପରେ ଏହି କମ୍ପାନୀ କୃଷି ଓ ଆନୁସାଙ୍ଗିକ କ୍ଷେତ୍ରରେ ଅଧିକ ଉନ୍ନତିମୂଳକ ଯୋଜନା କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖିଛି। ସଫଳତା



# ୪ମାସ ହେବ ମିଳୁନି ଭତ୍ତା : ଦୁର୍ଦ୍ଦିନରେ ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମ

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ବିଗତ ୪ମାସ ହେବ ମିଳୁନି ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା। ଫଳରେ ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମମାନେ ଦୁର୍ଦ୍ଦିନ ମଧ୍ୟରେ ଗତି କରୁଥିବା ଦେଖିବାକୁ ମିଳିଛି। ପରିଣତ ବୟସରେ ପ୍ରତ୍ୟେକ ମାସରେ ମିଳୁଥିବା ଏହି ଭତ୍ତା ଗଣ୍ଡାକୁ ଆଶ୍ରାକରି ସେମାନେ କୌଣସି ପ୍ରକାର ଚଳି ଯାଉଥିଲେ। କିନ୍ତୁ ଗତ ୪ମାସ ହେବ ଭତ୍ତା ଗଣ୍ଡାକ ନମିଳିବାରୁ ଏହା ଉପରେ ଆଶ୍ରାକରି ଜୀବନ ବିତାଉଥିବା ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମମାନେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର ସମାଜର ଅସହାୟ, ନିଃସ୍ୱ, ଦରିଦ୍ୟ ଓ ଭିନ୍ନକ୍ଷମମାନଙ୍କୁ ସାମାଜିକ ନିରାପତ୍ତା ଯୋଗାଇ ଦେଇ ସେମାନଙ୍କ ମୁହଁରେ ଟିକେ ହସ ଫୁଟାଇବା ନିମନ୍ତେ ଏଭଳି ଯୋଜନାମାନ ପ୍ରଣୟନ କରିଛନ୍ତି। କିନ୍ତୁ ଏହିସବୁ ସାମାଜିକ ନିରାପତ୍ତା ଯୋଜନାର ସୁଫଳ ଯଦି ସେହିମାନଙ୍କୁ ନମିଳେ ଯାହାଙ୍କ ପାଇଁ ଏହା ପ୍ରଣୟନ ହୋଇଛି ତେବେ ଏତେସବୁ ଯୋଜନା କେବଳ ଯାହା ଲକ୍ଷ୍ୟଭ୍ରଷ୍ଟ ହେବା ବ୍ୟତୀତ ଆଉ କିଛି ମାନେ ନାହିଁ ବୋଲି ଭତ୍ତା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କ ପରିବାର ସଦସ୍ୟ କହିଛନ୍ତି। ସରକାରଙ୍କ ଏଭଳି ଯୋଜନାରେ ଯୋଡି ହୋଇଥିବା ନିଃସ୍ୱ, ଅସହାୟ, ଅବହେଳିତ ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମମାନେ ଯଦି ସେଥିରୁ ବଞ୍ଚିତ ହୁଅନ୍ତି ଓ ଏହାମଧ୍ୟରେ କିଛି ଅଘଟଣ ଘଟେ ତେବେ ଏଭଳି ଯୋଜନାର ମୂଲ୍ୟ କ'ଣ ବୋଲି ହିତାଧିକାରୀମାନେ ପ୍ରଶ୍ନ କରିଛନ୍ତି।୬୦ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାସିକ ମାତ୍ର ଏକ ହଜାର ଟଙ୍କା, ୮୦ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାତ୍ର ମାସିକ ସାଢେ ୩ହଜାର ଟଙ୍କା ଯୋଗାଇବାରେ ବିଜେପି ସରକାର ବିଫଳ ହୋଇଛି ବୋଲି ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ କହିଛନ୍ତି। ସେ କହିଛନ୍ତି ଯେଉଁ ରାଜ୍ୟରେ ସରକାର ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମ ଅସହାୟମାନଙ୍କ ବିପଦରେ ଛିଡା ହୋଇପାରୁ ନାହାନ୍ତି ସେଠାରେ ସରକାର ଅନ୍ୟ ଦିଗ ପ୍ରତି କିପରି ଯତ୍ନବାନ ହେବେ। ତେଣୁ ବାସ୍ତବରେ ବିଜେପି ସରକାର ଚଳାଇବାରେ ନିଜକୁ ଭିନ୍ନକ୍ଷମ ବୋଲି ପରିଚୟ ଦେଇଛି। ଏହି ଭିନ୍ନକ୍ଷମ ସରକାର କିପରି ଭିନ୍ନକ୍ଷମ ଲୋକମାନଙ୍କୁ ଭତ୍ତା ଦେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପରିଣତ ବୟସରେ ଏହି ଭତ୍ତା ଉପରେ ନିର୍ଭରକରି ଚଳୁଥିବା ୮୬ବର୍ଷର ବୃଦ୍ଧ ଭରତପୁର ଗ୍ରାମପଞ୍ଚାୟତର ଜଗନ୍ନାଥପୁର ଗ୍ରାମର ରାଜକିଶୋର ମହାନ୍ତି, ହରିଡାଦଣ୍ଡା ଗ୍ରାମର ଶରତ ସାମଲ, ଭରତପୁର ଗ୍ରାମର ଶ୍ରୀଧର କୁମାର ସ୍ୱାଇଁଙ୍କ ସମେତ ବହୁ ଭିନ୍ନକ୍ଷମ, ବୃଦ୍ଧ ଓ ବୃଦ୍ଧାମାନେ ଏ ନେଇ ପ୍ରଶାସନ ଓ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଏସମ୍ପର୍କରେ କେନ୍ଦ୍ରାପଡା ବିଡିଓ ଅଭିଷେକ ସ୍ୱାଇଁଙ୍କୁ ପଚାରିବାରେ ସେ କହିଲେ ରାଜ୍ୟ ସ୍ତରରୁ ଭତ୍ତା ହିତାଧିକାରୀଙ୍କ ଆକାଉଣ୍ଟକୁ ଅର୍ଥ ଆସୁନି। କିଛି ବୈଷୟିକ ତୃଟି ଯୋଗୁଁ ଏଭଳି ହୋଇଛି। ଆମେ ଏସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛୁ। ଖୁବଶୀଘ୍ର ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ବିଡିଓ ଶ୍ରୀ ସ୍ୱାଇଁ କହିଛନ୍ତି।

# କବି ଫକୀର ଚରଣ ସାମଲଙ୍କ ପରଲୋକ

**ବାଲିଚନ୍ଦ୍ରପୁର (ଅମୃତ ମିଡିଆ)** ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ପଞ୍ଚାୟତ ସ୍ଥିତ ବାହାଦୁରନଗର୍ ଗ୍ରାମର ବିଶିଷ୍ଟ ଲେଖକ, କବି ତଥା ଅବସରପ୍ରାପ୍ତ ଶିକ୍ଷକ ଫକୀର ଚରଣ ସାମଲ( ୭୪) ଙ୍କ ପରଲୋକ ହୋଇଯାଇଛି। କିଛି ଦିନ ହେବ ସେ ଅସୁସ୍ଥତା ଥାଇ କଟକର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ଥିବା ବେଳେ ତାଙ୍କର ଦେହାନ୍ତ ହୋଇଥିଲା। ସ୍ୱର୍ଗତ ଫକିର ସାମଲ ଜଣେ ଛାତ୍ର ବତ୍ସଳ ଶିକ୍ଷକ ଓ କବି ଭାବରେ ବଡ଼ଚଣା ଏବଂ ଯାଜପୁର ଜିଲ୍ଲାରେ ଜଣାଶୁଣା ଥିଲେ। ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ବଡ ପୁଅ ସନ୍ଦୀପ କୁମାର ସାମଲ ମୁଖାଗ୍ନି ଦେଇଥିବା ବେଳେ ସାନପୁଅ ସମୀର ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ।

# 'ଭାଇ ଭାଇ ସଂଗଠନ' ପକ୍ଷରୁ ବୋଲ୍‌ବୋମ୍ ଭକ୍ତଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା



**ଫୁଲବାଣୀ (ଅମୃତ ମିଡିଆ) :** କନ୍ଧମାଳ ଜିଲ୍ଲାର ଚକାପାଦଠାରେ ଶ୍ରୀ ଶ୍ରୀ ଶ୍ରୀ ବିରୁପାକ୍ଷ ମହାଦେବ ମନ୍ଦିର ପ୍ରାଙ୍ଗଣରେ ତା ୯/୮ ଦ୍ୱିତୀୟ ପାଳି ଦିନ ଫୁଲବାଣୀ ଭାଇଭାଇ ସଂଗଠନ ର ଆବାହକ କନ୍ଧମାଳ ପୋଲିସର ପୂର୍ବତନ ସଭାପତି ବିଶ୍ୱମ୍ଭର ସାହୁ ନେତୃତ୍ୱରେ ପବିତ୍ର ଶ୍ରାବଣ ମାସର ଦ୍ୱିତୀୟ ପାଳିର ସୋମବାର ଦିନ କାଉଡିଆଙ୍କ ଜଳ ଅଭିଷେକ ନିମନ୍ତେ ବାବା ବିରୁପାକ୍ଷ କରୁଣା ଭଣ୍ଡାରର ସ୍ୱେଚ୍ଛାସେବୀ ତରଫରୁ ଗତବର୍ଷ ପରି ଏହିବର୍ଷ ମଧ୍ୟ ପ୍ରାୟ ୧୫ଶହ ଲୋକଙ୍କ ନିମନ୍ତେ ଅର୍ଣ୍ଣ ପ୍ରସାଦ ଏବଂ ରାତ୍ରଭୋଜନ ନିମନ୍ତେ ଜଳଖିଆ ପ୍ରସ୍ତୁତ କରାଯାଇଥିଲା। ଏହି ମହତ କାର୍ଯ୍ୟକ୍ରମରେ ଆବାହକ ବିଶ୍ୱମ୍ଭର ସାହୁଙ୍କୁ ମାନସ ରଞ୍ଜନ ବେହେରା ସହଯୋଗ କରିଥିବା ବେଳେ ଚିତ୍ତରଞ୍ଜନ ଆଚାର୍ଯ୍ୟ, ପ୍ରଶାନ୍ତ କୁମର ସାହୁ, ଦୀପ୍ତି ରଞ୍ଜନ ନାୟକ, ଦୀପକ ସାହୁ, ଚକ୍ରଧର ସାହୁ, ସମ୍ବିତ ବେହେରା, ସୁଶୀଲ ପଣ୍ଡା, ସୁନୀଲ ଗଣ୍ଡା, ଶ୍ରୀନିବାସ ପ୍ରଧାନ, ରଞ୍ଜିତ କୁମାର ସାହୁ, ଗଣେଶ ତ୍ରିପାଠୀ, ବିଷ୍ଣୁ ନାୟକ, ଗୀତାଞ୍ଜଳୀ ଦଳାଇ, ହରିହର କହଁର, ସଂଯୁକ୍ତା ବେହେରା, ନୀଳାମ୍ବର ଡିଗଲ୍ କାଁହୁ ଚରଣ ଡିଗଲ୍ ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗର କରିଥିଲେ। ଶ୍ରୀ ସାହୁ କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ବାବା ବିରୁପାକ୍ଷ ସମସ୍ତଙ୍କ ମନସ୍କାମନା ପୂରଣ ନିମନ୍ତେ ପ୍ରାଥନା କରିଥିଲେ।

# ଜିଲ୍ଲା ସଂସ୍କୃତ ବିଦ୍ୟାଳୟ ଶିକ୍ଷକସଙ୍ଘ ବୈଠକ



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ତୁଳସୀ ସଂସ୍କୃତ ବିଦ୍ୟାଳୟରେ କେନ୍ଦ୍ରାପଡା ଜିଲ୍ଲା ସଂସ୍କୃତ ବିଦ୍ୟାଳୟ ଶିକ୍ଷକ ସଙ୍ଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ସଭାପତି ପଣ୍ଡିତ ସୁବାସ ଚନ୍ଦ୍ର ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ନିଖିଳ ଉତ୍କଳ ସଂସ୍କୃତ ମହାମଣ୍ଡଳର ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ତ୍ରିପାଠୀ, ପରୀକ୍ଷା ସଞ୍ଚାଳକ କୃଷ୍ଣଚନ୍ଦ୍ର ମିଶ୍ର, ଅଷ୍ଟସମ୍ଭୁ ସଂସ୍କୃତ ବିଦ୍ୟାଳୟ ପ୍ରଧାନ ପଣ୍ଡିତ ରତ୍ନାକର ଦାସ ଓ ନିଖିଳ ଉତ୍କଳ ସଂସ୍କୃତ ମହାମଣ୍ଡଳର ପରୀକ୍ଷା ନିୟନ୍ତ୍ରକ କୃଷ୍ଣଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂସ୍କୃତ ଶିକ୍ଷାର ଉନ୍ନତି ତଥା ଜିଲ୍ଲା ସଂସ୍କୃତ ଶିକ୍ଷକ ସଙ୍ଘର ବିଭିନ୍ନ ଦାବି ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଶିକ୍ଷୟତ୍ରୀ ସୁଲୋଚନା ସ୍ୱାଇଁ ବେଦପାଠ କରିଥିଲେ। ଶିକ୍ଷକ ଦୟାନିଧି ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଭାପତି ଶ୍ରୀ ପାଣି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ପଣ୍ଡିତ ମହେଶ୍ୱର ନନ୍ଦ, କୃଷ୍ଣଚନ୍ଦ୍ର ଷଡଙ୍ଗୀ, ବ୍ରଜସୁନ୍ଦର ନନ୍ଦ, ନିରଞ୍ଜନ ସାହୁ, ନାରାୟଣ ପ୍ରଧାନ, ଘନଶ୍ୟାମ ପରିଡା, ରତ୍ନାକର ଦାସ, ପର୍ଶୁରାମ ବିଶ୍ୱାଳ, ବ୍ରଜକିଶୋର ମହାନ୍ତି, କଳ୍ପତରୁ ନାୟକ, ସତ୍ୟନାରାୟଣ ମହାନ୍ତି, ବିଶ୍ୱନାଥ ରାଉତ, ଶିକ୍ଷୟିତ୍ରୀ ଅଞ୍ଜଳିପ୍ରଭା ନାୟକ ପ୍ରମୁଖଙ୍କୁ ସଙ୍ଘ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ସଙ୍ଘର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇ ସଭାପତି ଭାବେ ସୁବାଷ ଚନ୍ଦ୍ର ପାଣି, ଉପସଭାପତି ପ୍ରମୋଦ ଶତପଥୀ, ସମ୍ପାଦକ ବଳରାମ ବାଗ, ସହସମ୍ପାଦିକା କାମିନୀପ୍ରଭା ଜେନା, କୋଷାଧ୍ୟକ୍ଷ କଳ୍ପତରୁ ନାୟକଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ଶିକ୍ଷକ ପ୍ରମୋଦ ଶତପଥୀ, ରଜନୀକାନ୍ତ ବିଶ୍ୱାଳ, ଅନିରୁଦ୍ଧ ପ୍ରଧାନ, ପ୍ରଭାତରଞ୍ଜନ ରାଉତରାୟ, ନଳିନୀକାନ୍ତ ରାଉତ, ପ୍ରଶାନ୍ତ କୁମାର ବିଶ୍ୱାଳ, ଅମୂଲ୍ୟ ପାତ୍ର, ପ୍ରମୋଦ କୁମାର ଦାସ, କନକଲତା ଷଡଙ୍ଗୀ, ଅଞ୍ଜଳିପ୍ରଭା ନାୟକ, ଚିନ୍ମୟୀ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ଅନ୍ତର୍ଯ୍ୟାମୀ ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଚାରୀ ଅନାଦି ମହାରଣା, ବବିତା ପଲେଇ, ଜ୍ୟୋତିର୍ମୟୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଚାଷୀଙ୍କୁ କ୍ଷତିପୂରଣ ମିଳୁନଥିବା ଅଭିଯୋଗ



**ବାରିପଦା /ଉଦଳା (ଅମୃତ ମିଡିଆ) :** ଚାଷରେ କ୍ଷତି ହେଲେ ଚାଷୀ ଭାଇ ମାନଙ୍କୁ କ୍ଷତି ପୂରଣ ମିଳୁନଥିବାର ଅଭିଯୋଗ ବିଭିନ୍ନ ମହଲରେ ଶୁଣିବାକୁ ମିଳୁଛି। ଚାଷୀଭାଇ ମାନଙ୍କୁ ଏପରି ଅଣଦେଖା କରାଯିବା ଫଳରେ ଅସନ୍ତୋଷର ବାତାବରଣ ଖେଳିବାରେ ଲାଗିଛି। ଏଥିପାଇଁ ଆଗାମି ଦିନରେ ଏକ ବଡ଼ଧରଣର ଆନ୍ଦୋଳନ ଦାନା ବାନ୍ଧୁଥିବାର ଖବର ଆମର ହସ୍ତଗତ ହୋଇଛି। ଉଦଳା ବ୍ଲକର ଭୀମତାଳି ପଂଚାୟତ ଅନ୍ତର୍ଗତ ଜାଲଦା ଗ୍ରାମର ବାସିନ୍ଦା ପଦ୍ମଲୋଚନ ମଲିକ ଚାଷ କରି ପରିବାରର ଦୈନନ୍ଦିନର ଗୁଜୁରାଣ ମେଂଟାଇଥାନ୍ତି। କିଛିଦିନ ପୁର୍ବରୁ ହୋଇଥିବା ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ ସେ ଫଳାଇଥିବା ପନିପରିବା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାର କହିଛନ୍ତି। ସେ ଚଳିତ ବର୍ଷ ୮ମାଣ ଜମିରେ ପନିପରିବା ଚାଷ କରିଥିବାର ଜଣାଇଛନ୍ତି। ବଜାର ଦର ଅନୁସାରେ ନଷ୍ଟ ହୋଇ ଯାଇଥିବା ପରିବାର ମୂଲ୍ୟ ପ୍ରାୟ ୧ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ବିଭାଗୀୟ କତୃପକ୍ଷ ଏହି ଚାଷୀଙ୍କୁ ତାଙ୍କର କ୍ଷତିପୂରଣ ପ୍ରଦାନ କରିବାକୁ ଜନଜାଗୃତି ମଂଚର ସଦସ୍ୟ ମାନେ ଅନୁରୋଧ ଜଣାଇଛନ୍ତି।

# ଜାତୀୟ କୃମିନାଶକ ଦିବସ ପାଳିତ



**ବାସୁଦେବପୁର (ଅମୃତ ମିଡିଆ) :** ଶିଶୁ ଓ କିଶୋର-କିଶୋରୀଙ୍କୁ କୃମି ସଂକ୍ରମଣରୁ ମୁକ୍ତ ରଖି ସେମାନଙ୍କ ସୁସ୍ଥ ଓ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଲକ୍ଷ୍ୟରେ ଭଦ୍ରକ ଜିଲ୍ଲାରେ ଜାତୀୟ କୃମିନାଶକ ଦିବସ – ଅଗଷ୍ଟ ପର୍ଯ୍ୟାୟ ୨୦୨୬ ପାଳିତ ହୋଇଯାଇଛି। ଏହି ଅବସରରେ ବାସୁଦେବପୁର ବ୍ଲକ ଅନ୍ତର୍ଗତ ରାଜଘରପୋଖରୀ ଗ୍ରାମ ପଂଚାୟତ ହାଇସ୍କୁଲ ପରିସରରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ଭଦ୍ରକ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଭଦ୍ରକ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଭିଯାନର ଶୁଭାରମ୍ଭ କରିଥିଲେ। Healthy Children, Brighter Future' ବାର୍ତ୍ତାକୁ ନେଇ ଆୟୋଜିତ ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶିଶୁମାନଙ୍କ ମଧ୍ୟରେ କୃମି ସଂକ୍ରମଣ ହ୍ରାସ କରିବା ସହିତ ସେମାନଙ୍କ ସ୍ୱାସ୍ଥ୍ୟ, ପୋଷଣ ଓ ଶାରୀରିକ ବିକାଶକୁ ସୁନିଶ୍ଚିତ କରିବା। ଓଡ଼ିଶାରେ ଏହି କାର୍ଯ୍ୟକ୍ରମ ପ୍ରତିବର୍ଷ ଫେବୃଆରୀ ଓ ଅଗଷ୍ଟରେ ଦୁଇଟି ପର୍ଯ୍ୟାୟରେ କରାଯାଉଛି। ଜିଲ୍ଲାର ସମସ୍ତ ଅଭିଭାବକ, ଶିକ୍ଷକ, ଅଙ୍ଗନୱାଡ଼ି କର୍ମୀ ଓ ସ୍ୱାସ୍ଥ୍ୟକର୍ମୀମାନେ ଏହି ଅଭିଯାନକୁ ସଫଳ କରିବା ସହିତ ଯୋଗ୍ୟ ଶିଶୁମାନଙ୍କୁ ନିର୍ଦ୍ଧାରିତ କୃମିନାଶକ ଔଷଧ ସେବନ କରାଇବା ପାଇଁ ସହଯୋଗ କରିବାକୁ ଆହ୍ୱାନ କରାଯାଇଛି।

# ଯାଜପୁର ଜିଲ୍ଲାରେ ସଡ଼କ ସୁରକ୍ଷା ବିପନ୍ନ



**ଜେନାପୁର (ଅମୃତ ମିଡିଆ) :** ମାନ୍ୟବର ସୁପ୍ରିମକୋର୍ଟ, କେନ୍ଦ୍ର ଓ ରାଜ୍ୟ ସରକାର ସଡକ ସୁରକ୍ଷା ପ୍ରତି ଗୁରୁତ୍ୱ ଦେଉଛନ୍ତି। ଏହାସତ୍ୱେ ବି ଜତୀୟ ରାଜପଥ କର୍ତ୍ତୃପକ୍ଷ ଓ ନିର୍ମାଣକାରୀ ସଂସ୍ଥା ସଡକ ସୁରକ୍ଷାକୁ ସଂପୂର୍ଣ୍ଣ ବିପନ୍ନ କରୁଛନ୍ତି। ଯାଜପୁର ଜିଲ୍ଲାରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ନିର୍ମାଣକାରୀ ସଂସ୍ଥାର ବେପରୁଆ ମନୋଭାବ ପାଇଁ ସଡକ ସୁରକ୍ଷା ଅଧିକ ବିପନ୍ନ ହେଉଛି ବୋଲି ସଡକ ସୁରକ୍ଷା କମିଟି ବୈଠକରେ ମତ ପ୍ରକାଶ ପାଇ ଘୋର ଉଦବେଗ ପ୍ରକାଶ ପାଇଥିଲା। ଯାଜପୁର ଜିଲ୍ଲାପାଳଙ୍କ ସଭାଗୃହରେ ଅନୁଷ୍ଠିତ ସଡକ ସୁରକ୍ଷା କମିଟି ବୈଠକରେ ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ ନିର୍ମାଣରେ ମନୋମୁଖୀ କାର୍ଯ୍ୟ ପାଇଁ ଜିଲ୍ଲାରେ ସଡକ ସୁରକ୍ଷା ବିପନ୍ନ ହୋଇଛି ବୋଲି ସଭ୍ୟ ସତୀଶ ବିଶ୍ୱାଳ ଘୋର ଉଦବେଗ ପ୍ରକାଶ କରିଥିଲେ। ସତୀଶ ଅଭିଯୋଗ କରିଥିଲେ ଯେ, ପ୍ରାୟ ଚାରିଜଣ ଜିଲ୍ଲାପାଳ ଯାଜପୁରରୁ ଗଲେଣି। ହେଲେ ଚଣ୍ଡୀଖୋଲ-ଡୁବୁରୀ ରାସ୍ତା ନିର୍ମାଣକାରୀ ସଂସ୍ଥା ଏହି ଜିଲ୍ଲାପାଳ ମାନଙ୍କୁ ସଡକ ସୁରକ୍ଷା ବୈଠକରେ ଦେଉଥିବା ପ୍ରତିଶୃତି କାର୍ଯ୍ୟକାରୀ କରୁନାହାନ୍ତି। ଜିଲ୍ଲାପାଳ ମାନେ ମଧ୍ୟ ରାସ୍ତା ଦୂରାବସ୍ଥା ନେଇ ଦେଉଥିବା ଚେତାବନୀ କୌଣସି କ୍ଷେତ୍ରରେ କାର୍ଯ୍ୟକାରୀ ହେଉନାହିଁ। ପ୍ରାୟ ୯ ମାସ ପୂର୍ବରୁ ସଡକ ସୁରକ୍ଷା କମିଟି ବୈଠକରେ ଏବେକାର ଜିଲ୍ଲାପାଳଙ୍କୁ ଚଣ୍ଡୀଖୋଲ-ଡୁବୁରୀ ଜାତୀୟ ରାଜପଥ ନିର୍ମାଣକାରୀ ସଂସ୍ଥା ତରଫରୁ ଗତ ଡିସେମ୍ବର ୨୦୨୫ ସୁଦ୍ଧା କାମ ଶେଷ କରିବାକୁ ପ୍ରତିଶୃତି ଦେଇଥିଲେ। ପ୍ରାୟ ୧୦ ବର୍ଷ ହେବ ଏହି ଜାତୀୟ ରାଜପଥ କାର୍ଯ୍ୟ ଚାଲିଛି। କାମ ଶେଷ ନହେଲେ ବି ଲୋକଙ୍କ ଚଳପ୍ରଚଳ ପାଇଁ କୌଣସି ସ୍ଥାନରେ ସର୍ଭିସ ରୋଡ ଦିଆ ନଯିବା ସଂପୂର୍ଣ୍ଣ ବେଆଇନ। ଗତକାଲି କେତେକ ଗଣମାଧ୍ୟମରେ ଏହି ଜାତୀୟ ରାଜପଥ ଧାନବିଲରେ ପରିଣତ ହୋଇଥିବାର ଫଟୋ ସହ ପ୍ରକାଶିତ ଖବର କାଗଜକୁ ଜିଲ୍ଲାପାଳଙ୍କୁ ସତୀଶ ପ୍ରଦାନ କରି କହିଥିଲେ ଯେ ଏହି ଜାତୀୟ ରାଜପଥର କବାଟବନ୍ଧରେ ଥିବା ବ୍ରାହ୍ମଣୀ ବ୍ରିଜ ଏବଂ ଖୋସାଲିପୁର ବ୍ରିଜ ଏବେ ସଂପୂର୍ଣ୍ଣ ବିପଦ ଜନକ ଅବସ୍ଥାରେ ରହିଛି। କେତେବେଳେ ଭୁଷୁଡି ଯାଇପାରେ। ବ୍ରାହ୍ମଣୀବ୍ରିଜର ନିର୍ମାଣ ପାଇଁ ବହୁବାର ଜନଆନ୍ଦୋଳନ ହୋଇଛି। ଏଥିନେଇ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦେଉଥିବା ପ୍ରତିଶୃତି କାର୍ଯ୍ୟକାରୀ ହେଉନାହିଁ। ଦେଶର ଶିଳ୍ପ ସହର କଳିଙ୍ଗ ନଗର ସହ ପାରାଦ୍ୱୀପ ବନ୍ଦର ଏବଂ ସୁକିନ୍ଦା ଖଣିକୁ ଏହି ଜାତୀୟ ରାଜପଥ ସଂଯୋଗ କରୁଛି। ଏହି ଗୁରୁତ୍ୱପୂର୍ଣ୍ଣ ଜାତୀୟ ରାଜପଥ ନିର୍ମାଣରେ ଏଭଳି ଅବ୍ୟବସ୍ଥା ନେଇ ନିର୍ମାଣକାରୀ ସଂସ୍ଥାର ଯାବତୀୟ ବେଆଇନ କାର୍ଯ୍ୟ ପାଇଁ ଦୈନିକ ଦୁର୍ଘଟଣାରେ ଜୀବନ ଯାଉଛି। ହେଲେ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ଥିବାରୁ ନିର୍ମାଣକାରୀ ସଂସ୍ଥା ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଜିଲ୍ଲା ଦେଇ ଯାଇଥିବା ସମସ୍ତ ଜାତୀୟ ରାଜପଥରେ ପାହାଡ ଭଳି ବର୍ଯ୍ୟ ପାଉଁସ ବ୍ୟବହାର ହେଉଥିଲେ ମଧ୍ୟ ନିୟମ ଅନୁସାରେ ଏହି ପାଉଁସ ବ୍ୟବହାର ହେଉନଥିବାରୁ ଅତ୍ୟନ୍ତ ଭୟଙ୍କର ପ୍ରଦୂଷଣ ହେଉଛି। ସବୁବେଳେ ପବନରେ ରାସ୍ତା ଉପରେ ଏହି ପାଉଁସ ଉଡି କୃତ୍ରିମ କୁହୁଡି ସୃଷ୍ଟି ହେଉଛି। ବହୁ ମଣିଷ ଓ ଜୀବଜନ୍ତୁ ଏଥିପାଇଁ ରୋଗାକ୍ରାନ୍ତ ହୋଇ ମୃତ୍ୟୁ ବରଣ କରୁଛନ୍ତି। କୂଅ ପୋଖରୀ ପାଣି ସଂପୂର୍ଣ୍ଣ ଏହି ବିଷାକ୍ତ ପାଉଁସ ରଙ୍ଗ ହୋଇଯାଉଛି। ଛତିଆ ପରି ପର୍ଯ୍ୟଟନ ସ୍ଥାନରେ କଲେଜ ଓ ଶିକ୍ଷାନୁଷ୍ଠାନ ନିକଟରେ ଥିବା ବେଳେ ସେଠାରେ ଲୋକେ ଏଭଳି ବିଷାକ୍ତ ପାଉଁସର ଭୟଙ୍ଗର ପ୍ରଦୂଷଣ ପାଇଁ ଯାତାୟତ କରିପାରୁନାହାନ୍ତି। ଆରୁହା, ମାଣ୍ଡିଆ, ବରଡା ପ୍ରଭୃତି ବିଭିନ୍ନ ସ୍ଥାନରେ ଲୋକେ ଏଭଳି ଦୂରାବସ୍ଥାର ସମ୍ମୁଖୀନ ହୋଇଛନ୍ତି। କୁଆଖିଆରୁ ଯାଜପୁର ଟାଉନ ଅଭିମୁଖେ ଆସିଥିବା ୨୦ ନଂବର ଜାତୀୟ ରାଜପଥ ନିର୍ମାଣରେ ଆଖିବୁଜା ଦୁର୍ନିତି ପାଇଁ ରାସ୍ତା ନିର୍ମାଣ ନସରୁଣୁ ସଂପୂର୍ଣ୍ଣ ଦବି ଯାଇ ନଷ୍ଟ ହୋଇଯାଇଛି। ଏଥିନେଇ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସତୀଶ ଦାବି କରିଥିଲେ। ବୈଠକରେ କର୍ଣ୍ଣାଟ କେଶରୀ ଦାସ କହିଥିଲେ ଯେ, ବୈଠକକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ତରଫରୁ ନିଷ୍ପତି ନେଇ ପାରୁଥିବା ପ୍ରକଳ୍ପ ନିର୍ଦ୍ଦେଶକ ମାନେ ଆସିବାକୁ ବ୍ୟବସ୍ଥା କରାଯାଉ। ଏଠାରେ ଯେଉଁ ଅଧିକାରୀ କିମ୍ବା ଠିକା ସଂସ୍ଥାର ଲୋକେ ଯୋଗ ଦେଉଛନ୍ତି ସେମାନଙ୍କର କୌଣସି ନିର୍ଣ୍ଣାୟକ ଭୂମିକା ନଥିବାରୁ ବୈଠକରେ ନିଆ ଯାଉଥିବା ନିଷ୍ପତି କାର୍ଯ୍ୟକାରୀ ହୋଇପାରୁନାହିଁ। ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଏଥିରେ ଅଧକ୍ଷତା କରି ଆବେଗପୂର୍ଣ୍ଣ ଭାବେ ଘୋର ଉଦବେଗ ପ୍ରକାଶ କରିଥିଲେ। ଜିଲ୍ଲାପାଳ କହିଥିଲେ ଯେ, ମୋର ଚାକିରୀ ଜୀବନରେ ମୋତେ ଏଭଳି ଅଦ୍ଭୁତ ଅବସ୍ଥାର ସମ୍ମୁଖୀନ ହେବାକୁ କେବେ ପଡିନଥିଲା। ସେଥିପାଇଁ ମୁଁ ଅନୁତପ୍ତ। ପରିସ୍ଥିତି ଏପରି ହୋଇଛି ଯେ, ଅଭିଯୋଗ ନେଇ ମୁଁ କୌଣସି ସନ୍ତୋଷ ଜନକ ଉତର ଦେଇ ପାରୁନାହିଁ। ଜାତୀୟ ରାଜପଥ ନିର୍ମାଣକାରୀ ସଂସ୍ଥା ଉଦ୍ଦେଶ୍ୟରେ ଜିଲ୍ଲାପାଳ କହିଥିଲେ ଯେ, ଆପଣ ମାନଙ୍କୁ ଯେତେ ଯାହା କହିଲେ ବି, ତାର କୌଣସି ପ୍ରଭାବ ଆପଣଙ୍କ ଉପରେ ପଡୁନାହିଁ। ଏଭଳି ଉଦବେଗ ଜନକ ପରିସ୍ଥିତ କଣ ଆପଣମାନଙ୍କୁ ଭଲ ଲାଗୁଛି ? ଏହାପରେ ଏଭଳି ଜନସ୍ୱାର୍ଥ ବିରୋଧୀ କାର୍ଯ୍ୟ ନେଇ ସରକାରଙ୍କୁ ରିପୋର୍ଟ କରିବାକୁ ବାଧ ହେବୁ। ଚଣ୍ଡୀଖୋଲ ଆର.ଟି.ଓ ଶିଶିର କୁମାର ସାହୁ ସ୍ୱାଗତ ଭାଷଣ, ଯାଜପୁର ଆର.ଟି.ଓ ଧୀରେନ କୁମାର ନାୟକ ପ୍ରାରମ୍ଭିକ ସୂଚନା ଏବଂ ସତୀଶ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ, ଏସଡିପିଓ ପ୍ରଶାନ୍ତ ମାଝୀଙ୍କ ସହ ବିଭିନ୍ନ ଜାତୀୟ ରାଜପଥ ନିର୍ମାଣକାରୀ ସଂସ୍ଥା, ଗ୍ରାମ୍ୟ ଉନ୍ନୟନ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଗଣଶିକ୍ଷା, ସ୍ୱାସ୍ଥ୍ୟ, ଅବକାରୀ, ଅଗ୍ନି ନିର୍ବାପକ ଆଦି ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ଚନ୍ଦନ ନାୟକ, ଅମୀୟ ରଂଜନ ବାରିକ, ଦିଲ୍ଲୀପ ଚୌଧୁରୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।



# ବ୍ଲକ ସଭାପତିଙ୍କ ମାଡ଼ରେ ନାଏବ ସରପଞ୍ଚ ଲହୁଲୁହାଣ

## ନ୍ୟାୟ ପାଇଁ ଥାନାରେ ଏତଲା : କାର୍ଯ୍ୟାନୁଷ୍ଠାନ ଶୂନ

**ଫୁଲବାଣୀ (ଅମୃତ ମିଡିଆ) :** କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଶଙ୍କରାଖୋଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ତା ୭/୮/୨୦୨୬ ରିଖ ଦିନ ୧.୩୦ ମିନିଟ୍ ସମୟରେ ଗ୍ରାମସଭା ଚାଲିଥିବା ବେଳେ ସମସ୍ତଙ୍କ ଉପସ୍ଥିତିରେ ବ୍ଲକ ସଭାପତି ସର୍ବେଶ୍ୱର କହଁର ସଭା ସ୍ଥାନକୁ ଆସି ନାଏବ ସରପଞ୍ଚ ମାଲେଶ୍ୱର କହଁରଙ୍କୁ ଗ୍ରାମସଭା ବୈଠକକୁ କାହିଁକି ଡାକିଲୁ ନାହିଁ, ତୁ କନ୍ଧ କେବେଠାରୁ ରାଜନୀତି କରୁଛୁ, ତୁ ନାଏବ ସରପଞ୍ଚ ହେଲୁ ବୋଲି କାହାକୁ ମାନୁ ନାହୁଁ ବୋଲି କହି ଅଶ୍ଳୀଳ ଭାଷା ପ୍ରୟୋଗ କରିବା ସହିତ ତାଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ। ତତସହିତ ସେ ତାଙ୍କୁ ବାରମ୍ବାର ମୁଥ ମାରି ଆଖିକୁ ଫୁଲେଇ ଦେଇଥିବା ଥାନାରେ ଏତଲା ଦେଇଛନ୍ତି। ତତ୍ ସହିତ ନାଏବ ସରପଞ୍ଚ ମାଲେଶ୍ୱର ଗଣମାଧମ କହିଛନ୍ତି, ବ୍ଲକ ସଭାପତି ସର୍ବେଶ୍ୱର କହଁର ବାଇକ୍‌ରେ ଆସି ବାଇକ୍‌ରୁ ଓହ୍ଲାଇ ମୁଁ ବ୍ଲକ ସଭାପତି ମୋତେ କାହିଁକି ଗ୍ରାମସଭାକୁ ଡାକିଲୁ ନାହିଁ କହି ନିସ୍ତୁକ ମାଡ ମାରିଲା। ବ୍ଲକ ସଭାପତିଙ୍କ ମାଡ଼ରେ ମୋର ମୁଁହ ଆଖି ଫୁଲି ଯାଇଛି। ମୋର ଅଣ୍ଡକୋଷରେ ଏବଂ ଛାତିରେ ମାଡ ବାଜିଛି ବୋଲି କହିଥିବା ବେଳେ ସେଠାରେ ଚକାପାଦ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୃଦୟ



ରଞ୍ଜନ ସାହୁ ଉପସ୍ଥିତ ଥିଲେ। ବିଡିଓ ଗଣ୍ଡଗୋଳ ନ ଲାଗିବା ପାଇଁ ଉଭୟଙ୍କୁ ଅଟକାଇ ଥିଲେ ମଧ ବ୍ଲକ ସଭାପତି ଶୁଣିନଥିଲା। ମୋ ମାମୁଁ ପୁଅ ପିଣ୍ଟୁ ଭିତର ପସି ମୋତେ ଛଡ଼ାଇ ନେଇ ଯାଇଥିଲା। ତା ପରେ ମୁଁ ଚେତା ଶୂନ୍ୟ ହୋଇଯାଇଥିଲି। ପିଣ୍ଟୁ ମୋତେ ବାଇକ୍ ଯୋଗେ ଟିକାବାଲି ଥାନାକୁ ନେଇ ଥିଲେ। ଥାନାରେ ଘଟଣା ସମ୍ପର୍କରେ ଏତେଲା ଦେଇଥିଲି। ଅଭିଯୋଗ ଦେବା ପରେ ଟିକାବାଲି ମେଡିକାଲ୍ ନେଇ ଚିକିତ୍ସା କରାଯାଇଥିଲା । ଆଜକୁ ୩ ଦିନ ହେଲା ଏଫ୍ ଆଇ ଆର୍ ଦିଆଯାଇଥିଲେ ମଧ କାର୍ଯ୍ୟକାରୀ ହୋଇ ନାହିଁ। ମୋ ଅଭିଯୋଗ କାର୍ଯ୍ୟକାରୀ କରାଯାଇ ମୋତେ ଉପଯୁକ୍ତ ନ୍ୟାୟ ପ୍ରଦାନ କରାଯାଉ ବୋଲି ଥାନା ଅଧିକାରୀ ଙ୍କୁ ଅନୁରୋଧ କରୁଥିବା ନେଇ ନାଏବ ସରପଞ୍ଚ ମାଲେଶ୍ୱେର କହଁର ଗଣମାଧାମ କୁ ସୂଚନା ଦେଇଛନ୍ତି। ଚକାପାଦ ବ୍ଲକ ବିଜେପି ଦଳ ସଭାପତି ସର୍ବେଶ୍ୱର କହଁର ହୋଇଥିବାରୁ ଗତବର୍ଷ ତା ୬/୧/୨୦୨୫ ରିଖ ଦିନ ଆରାବକା ଠାରେ ମିଶନ ଶକ୍ତି ଗୃହ ଉଦଘାଟନ ହେଉଥିବା ବେଳେ ବିଧାୟକ ଉମାଚରଣ ମଲ୍ଲିକଙ୍କୁ ନ ଡାକି କାହିଁକି ଉଦଘାଟନ କରାଯାଉଛି ବୋଲି ସରପଞ୍ଚ ରୁନିମା କହଁରଙ୍କ ସହ ଗୋଣ୍ଡଗୋଳ ହୋଇଥିଲା। ବିଜେପି ସଭାପତି ବୋଲି ପୋଲିସ୍ ମୋ ପ୍ରତି ହୋଇଥିବା ଅମାନୁଷିକ ଅତ୍ୟାଚାରକୁ କିଛି ଗୁରୁତ୍ୱ ଦେଉ ନାହିଁ। ସେହି ସମୟରେ ସେଠାରେ ପ୍ରାୟ ୫୦ ଜଣ ଲୋକ ଉପସ୍ଥିତ ଥିଲେ। ପିଣ୍ଟୁ କହଁର ଏବଂ ଅନ୍ୟ ମାନେ ହସ୍ତକ୍ଷେପ କରି ସେମାନଙ୍କୁ ଅଲଗା କରିଥିଲେ। ଯାହାର ପ୍ରମାଣ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଥିବା ସିସିଟିଭି ଫୁଟେଜ୍ ଉପଲବ୍ଧ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଡ଼ିଓ ହୃଦୟ ରଞ୍ଜନ ସାହୁ ଚେୟାରମ୍ୟାନ ବୈନେତ୍ରି କହଁର, ସରପଞ୍ଚ ଜାନକୀ ପ୍ରଧାନ, ପ୍ରକାଶ କହଁର, ନକୁଳ କହଁର, ନମିତା ଦିଗାଲ, ବନିତା କହଁର, ଲଜିତା ମଲ୍ଲିକ, ରତୁମା କହଁର, ବାବୁଲା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏତଲା ଅନୁଯାୟୀ ଟିକାବାଲି ଥାନା ଅଧିକାରୀ ଶିବରାମ ସିଙ୍ଗା କେସ ନଂ ୧୫୬/୨୬ରେ ମାମଲା ରଜୁକରି ତଦନ୍ତ ଚଳାଇଛନ୍ତି।

# କର୍କଟ ଉପରେ ଅଧିକ ସଚେତନତା ଜରୁରୀ : ଡାକ୍ତର ମିଶ୍ର



**କଟକ (ବ୍ୟୁରୋ) :** କର୍କଟ ରୋଗ ଏବେ ଅଧିକରୁ ଅଧିକ ମାତ୍ରାରେ ବଢ଼ି ଚାଲିଛି। ବିଭିନ୍ନ କାରଣରୁ ଅନେକ ପ୍ରକାର କର୍କଟ ରୋଗ ଏବେ ମାନବ ଶରୀରରେ କାୟା ବିସ୍ତାର କଲାଣି। ତେଣୁ ଲୋକମାନେ ଅଧିକରୁ ଅଧିକ ସଚେତନ ହେଲେ କର୍କଟ ରୋଗକୁ ରୋକାଯାଇପାରିବ ବୋଲି ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ତଥା ଡାକ୍ତର ଆଦିତ୍ୟ କୁମାର ମିଶ୍ର କହିଛନ୍ତି। ଗାନ୍ଧୀ ଭବନ ପରିସରରେ ଆୟୋଜିତ କର୍କଟ ରୋଗ ସଂପର୍କିତ କବିତା ଆସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଡାକ୍ତର ମିଶ୍ର କର୍କଟ ରୋଗର ବିଭିନ୍ନ କାରଣ ଓ ନିରାକରଣ ସଂପର୍କରେ ଆଲୋକପାତ କରିଛନ୍ତି। ମଙ୍ଗଳାମାତା ଫାଉଣ୍ଡେସନ ଏବଂ ଅପରାହ୍ନ ଅନୁଷ୍ଠାନର ମିଳିତ ଉଦ୍ୟମରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟର କୋଣ ଅନୁକୋଣରୁ ପ୍ରାୟ ୧୫୦ କବି ଯୋଗଦେଇଥିଲେ। ସମସ୍ତେ କର୍କଟ ରୋଗ ସଂପର୍କିତ କବିତା ପାଠ କରିଥିବା ବେଳେ ସେମାନଙ୍କୁ ଉତ୍ସବରେ ପୁରସ୍କୃତ ମଧ କରାଯାଇଥିଲା। ଏଥିରେ ଅନ୍ୟତମ ଅତିଥିଭାବେ ସମାଜର ପ୍ରାକ୍ତନ ସଂପାଦକ ପ୍ରଭାସ ଆଚାର୍ଯ୍ୟ, ମଙ୍ଗଳାମାତା ଫାଉଣ୍ଡେସନର ସଂପାଦକ ଭାଗବତ ରଣା, ଶ୍ରୀଲିପ୍ସା ପ୍ରିଣ୍ଟର୍ସର ମୁଖ୍ୟ ଲକ୍ଷ୍ମୀପ୍ରିୟା ଦାସ, ବରିଷ୍ଠ ସାହିତ୍ୟିକ ତଥା ସଂଗଠକ ସଂଗ୍ରାମ କେଶରୀ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଅପରାହ୍ନର ମୁଖ୍ୟ ବଂଶୀଧର ଜେନା ମଞ୍ଚ ପରିଚାଳନା କରିଥିଲେ।

# ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

**ଖୋର୍ଦ୍ଧା (ଅମୃତ ମିଡିଆ) :** ଆଜି ପୂର୍ବାହ୍ନରେ ଖୋରଧା ଜିଲ୍ଲା ଅନ୍ତର୍ଗତ ବେଗୁନିଆ ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଏବଂ ଆରକ୍ଷୀ ଅଧିକ୍ଷକ ପାରମାର ସ୍ମିଥ ପାରୁସୋତ୍ତମ୍ ଦାସଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି। ଆଜିର ଏହି ଜନ ଶୁଣାଣି ଶିବିର ରେ ମାନ୍ୟବର ବିଧାୟକ, ବେଗୁନିଆ, ପ୍ରଦୀପ କୁମାର ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋରଧା, ଜ୍ୟୋତିଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋରଧା, ସଂକଳ୍ପ ସ୍ୱସ୍ତିକ ସାହୁ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଖୋରଧା, ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଏବଂ ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ, ଭୁବନେଶ୍ୱରୀ କଅଁର ପ୍ରମୁଖ ଜନ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଜନସାଧାରଣମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଗୁଡ଼ିକର ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ। ଆଜିର ଅଭିଯୋଗ ଶିବିରକୁ ମୋଟ ୯୯ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୭୩ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୨୬ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଥିଲା। ଜିଲ୍ଲାପାଳ, ଶ୍ରୀ ଋତୁରାଜ ଅଭିଯୋଗ ଶିବିରରେ ୦୮ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ। ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଭେଷଜ ଚିକିତ୍ସା ନିମନ୍ତେ କୁଷପଲା, ବେଗୁନିଆର ସେକ ମହିବୁବଙ୍କୁ ୧୫ହଜାର,ସିକୋ, ବେଗୁନିଆର ମଞ୍ଜୁଳା ନାୟକଙ୍କୁ ୧୫ହଜାର, ଉର୍ମିଳା ମହାନ୍ତିଙ୍କୁ ୧୦ ହଜାର, ମାଗୁଣୀ ସେଠୀଙ୍କୁ ୧୦ ହଜାର, ମଳୟ କୁମାର ସେଠୀଙ୍କୁ ୧୫ ହଜାର ନେଇ ମୋଟ ୬୫ ହଜାର ଜିଲ୍ଲା ରେଡ୍ କ୍ରସ୍ ପାଣ୍ଠିରୁ ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସରୋଜିନୀ ଜେନା, ଗୋଡ଼ିକିଲୋ, ସାଗଡା ଭାଙ୍ଗ, ବେଗୁନିଆଙ୍କୁ ଭେଷଜ ଚିକିତ୍ସା ନିମନ୍ତେ ୧୦ ହଜାର ନେଇ ସର୍ବମୋଟ ୭୫ହଜାର ଟଙ୍କା ୬ଜଣ ଅଭିଯୋଗ କାରୀଙ୍କୁ ଭେଷଜ ଚିକିତ୍ସା ନିମନ୍ତେ ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ। ଜନଶୁଣାଣି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ,ସି ଏସ ଓ, ଜ୍ଞାନେନ୍ଦ୍ରିୟ ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ ଗୀତାଂଶୁ ମୋହନ ଦାଶ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, କୁସୁମ କୁମାରୀ ପ୍ରହରାଜ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ, ଅଧିକ୍ଷଣ ଯନ୍ତ୍ରୀ ଇଂ ରଶ୍ମିତା ଦାସ, ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ସଂପୃକ୍ତ ବିଡିଓ, ସଂପୃକ୍ତ ତହସିଲଦାର, ଡେପୁଟି କଲେକ୍ଟର, ଅଗ୍ରଣୀ ବ୍ୟାଙ୍କ୍ ପରିଚାଳକ, ଖୋରଧାଙ୍କ ସମେତ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ସଦସ୍ୟା/ସଦସ୍ୟ, ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଓ ଗଣ ମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ।

# ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ପୁରାତନ ଛାତ୍ରସଂସଦ ପକ୍ଷରୁ ସମ୍ମିଳନୀ



**ଫୁଲବାଣୀ (ଅମୃତ ମିଡିଆ) :** ଫୁଲବାଣୀ ସର୍କିଟ ହାଉସ ଠାରେ ଆଜି ତା ୧୦/୮/୨୦୨୬ ରିଖ ସନ୍ଧ୍ୟା ୫ଟା ସମୟରେ ଲକ୍ଷ୍ମଣାନନ୍ଦ ସରସ୍ୱତୀ ପୁରାତନ ଛାତ୍ରସଂସଦ ଗୁରୁକୁଳ ଆଶ୍ରମ ଚକାପାଦ କନ୍ଧମାଳ ଓଡ଼ିଶା ପକ୍ଷରୁ ଛାତ୍ର ସଂସଦ ସଭାପତି କୁବେର କହଁରଙ୍କ ନେତୃତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ସମ୍ମିଳନୀରେ ସଭାପତି ଶ୍ରୀ କହଁର ଫୁଲବାଣୀରେ ନିର୍ମିତ କନ୍ଧମାଳ ଜିଲ୍ଲାରେ ନୂତନ ଭାବେ ପ୍ରତିଷ୍ଠିତ ମେଡିକାଲ୍ କଲେଜ୍‌କୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଭେଷଜ ମହାବିଦ୍ୟାଳୟ ନାମରେ ନାମିତ କରିଥିବାରୁ ଓଡ଼ିଶା ସରକାର ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜଣାଇଥିଲେ ତତ୍ ସହିତ ନାରୀ ଶିକ୍ଷା ଓ ବାଳିକା ଶିକ୍ଷାର ଉନ୍ନତି ପାଇଁ କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ବ୍ଲକର ଶୈବ ପୀଠ ଜାଲେଶ ପଟାଠାରେ ଶ୍ରୀ ଶ୍ରୀ ଶଙ୍କରାଚାର୍ଯ୍ୟ କନ୍ୟାଶ୍ରମ ପ୍ରତିଷ୍ଠା କରିଛନ୍ତି ସେଥି ପାଇଁ ରାଜ୍ୟ ସରକାରଙ୍କୁ ସାଧୁବାଦ ଓ ଧନ୍ୟବାଦ୍ ଜଣାଇଛନ୍ତି। ତାର ଉନ୍ନତି ପାଇଁ ରାଜ୍ୟ ସରକାର ୧୩ କୋଟି ଟଙ୍କା ଅନୁଦାନ ରାଶି ପ୍ରଦାନ କରିଛନ୍ତି। ତା ସଙ୍ଗେ ସଙ୍ଗେ ଚକାପାଦଠାରେ ଥିବା ଗୁରୁକୁଳ ଆଶ୍ରମ ବିଦ୍ୟାଳୟ ମହାବିଦ୍ୟାଳୟର ଉନ୍ନତି ପାଇଁ ଅର୍ଥ ରାଶି ପ୍ରଦାନ କରାଯିବା ପାଇଁ ଅନୁରୋଧ କରୁଛୁ ବୋଲି ସଭାପତି ଶ୍ରୀ କହଁର ସାମ୍ବାଦିକ ସମ୍ମିଳନୀରେ ଗଣମାଧମକୁ ସୂଚନା ଦେଇଛନ୍ତି। ତା'ସହ ଶିକ୍ଷାକୁ ଗୁରୁତ୍ୱ ଦେଇ କନ୍ଧମାଳର ଦୁର୍ଗମ ଅଞ୍ଚଳ ରେ ଶିକ୍ଷାର ଆଲୋକ ପହଞ୍ଚାଇବା ପାଇଁ ଗରିବ ଜାତି, ଜନଜାତି, ସବୁ ବର୍ଗର ପିଲାଙ୍କ ପାଇଁ ପ୍ରାଚୀନ ଆବାସିକ ଗୁରୁକୁଳ ପରମ୍ପରା ଶିକ୍ଷା ବ୍ୟବସ୍ଥା କରିଥିଲେ। ସେଥିପାଇଁ କନ୍ଧମାଳରେ ୨ଟି ଆଶ୍ରମ ପ୍ରତିଷ୍ଠା କରିଥିଲେ। ପ୍ରଥମେ ୧୯୬୯ ମସିହାରେ ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ଚକାପାଦ ବିରୂପାକ୍ଷ ଶୈବ ପୀଠ ପ୍ରାଙ୍ଗଣ ରେ ଗୁରୁକୁଳ ସଂସ୍କୃତ ଆଶ୍ରମ ପ୍ରତିଷ୍ଠା କରିଥିଲେ। ବାଳିକା ଶିକ୍ଷା ଓ ନାରୀ ଶିକ୍ଷାର ଉନ୍ନତି ପାଇଁ ତୁମୁଡ଼ିବନ୍ଧ ନିକଟସ୍ଥ ବାବା ଜଳେଶ୍ୱର ମହାଦେବଙ୍କର ପାଦ ଦେଶରେ ଏକ ଶଙ୍କରାଚାର୍ଯ୍ୟ ସଂସ୍କୃତ କନ୍ୟା ଆଶ୍ରମ ପ୍ରତିଷ୍ଠା କରିଥିଲେ। ଆଜିର ଦିନରେ ସାରା ଓଡ଼ିଶାରେ ଏହି ୨ଟି ଅନୁଷ୍ଠାନରୁ ୭୦ପ୍ରତିଶତ ଶିକ୍ଷକ ଶିକ୍ଷୟତ୍ରୀ ସୃଷ୍ଟି ହୋଇ ବିଦ୍ୟାଳୟ ମହାବିଦ୍ୟାଳୟ ମାନଙ୍କରେ ନିଯୁକ୍ତି ପାଇଛନ୍ତି। ତତ୍ ସହିତ ପ୍ରଶାସନିକ ସେବା ଓଏସ୍, ପେସ୍ ୟୁ, ଆର୍ମି, ଆଟି ପିବି, ସିଆର୍ ପିଫ୍, ଓଡ଼ିଶା ପୋଲିସ୍, ଡାକ୍ତର, ଲେକ୍ଚର୍ର, ପ୍ରଫେସର୍ ନିଯୁକ୍ତି ପାଇଛନ୍ତି। ସଂସ୍କୃତ ଶିକ୍ଷା ସହ ଭାରତୀୟ ସଂସ୍କୃତି ଓ ନୈତିକ ଶିକ୍ଷାର ମୂଲ୍ୟ ବୋଧ କୁ ଆଧାର କରି ଛାତ୍ରଛାତ୍ରୀମାନଙ୍କର ଚରିତ୍ର ଗଠନ ଉପରେ ଗୁରୁତ୍ୱ ଦେଉଥିଲେ। ଏବଂ ସ୍ୱାସ୍ଥ୍ୟ ଶିକ୍ଷା,ଗୋପାଳନ, ଜଙ୍ଗଲ ସୁରକ୍ଷା, କୃଷି, ଜଳ ସଂରକ୍ଷଣ ଆଦି ଶିକ୍ଷା ପ୍ରଦାନ କରୁଥିଲେ ବୋଲି ସାମ୍ବାଦିକ ସମ୍ମିଳନୀରେ ସଭାପତି ଶ୍ରୀ କହଁର କହିଥିଲେ ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଉପସଭାପତି ଶିବ ପ୍ରସାଦ ମଲ୍ଲିକ, ସମ୍ପାଦକ ମନୋଜ କୁମାର ପ୍ରଧାନ, ଯୁଗ୍ମ ସମ୍ପାଦକ ଡ଼ଃ ଅଶୋକ କୁମାର ଷଡ଼ଙ୍ଗୀ, କୋଷାଧକ୍ଷ ଦିତିକୃଷ୍ଣ ମାଝୀ, ଉପଦେଷ୍ଟା ପବିତ୍ର କହଁର, ଭୀମରାଜ କହଁର, ସଦସ୍ୟ ସିଦ୍ଧେଶ୍ୱର କହଁର, ସଞ୍ଜୟ ନାୟକ, ଶଶୀନାଥ ମଲ୍ଲିକ, ବିକ୍ରମ ଦାସ, ପଦ୍ମ ଚରଣ ସାହାଣୀ, ଲଳିତ ନନ୍ଦ, ଜିତେନ୍ଦ୍ର ମହାପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆଚାର୍ଯ୍ୟାଙ୍କ ପରଲୋକ

**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆଚାର୍ଯ୍ୟା ଭାବେ କାର୍ଯ୍ୟରତ ନାନପୁର ଗ୍ରାମର ଅମ୍ବିକା ଶତପଥୀ (୫୭)ଙ୍କର



ପରଲୋକ ଘଟିଛି। ସେ ଗତ କିଛି ଦିନ ହେବ ଶାରୀରିକ ଅସୁସ୍ଥତାର ଶିକାର ହୋଇ ଚିକିତ୍ସିତ ହେଉଥିବା ବେଳେ ଆଜି ତାଙ୍କର ପରଲୋକ ଘଟିଥିଲା। ସ୍ୱର୍ଗତା ଶତପଥୀ ଏହି ଶିଶୁ ବିଦ୍ୟାମନ୍ଦିରରେ ଦୀର୍ଘ ବର୍ଷ ଧରି ଆଚାର୍ଯ୍ୟା ଭାବେ କାର୍ଯ୍ୟ କରି ଆସୁଥିଲେ। ଜଣେ ଛାତ୍ର ବତ୍ସଳା ଆଚାର୍ଯ୍ୟା ଭାବେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଥିଲା। ତାଙ୍କ ଅକାଳ ବିୟୋଗରେ ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ହୋତା, ପରିଚାଳନା କମିଟି ସଭାପତି ଅଜିତ କୁମାର ମହାନ୍ତି ଓ ସମ୍ପାଦକ ହିମାଂଶୁ ଶେଖର ବଳଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ଆଚାର୍ଯ୍ୟ ଆଚାର୍ଯ୍ୟା ଗଭୀର ଶୋକ ପ୍ରକାଶ ପୂର୍ବକ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

# ଦୃଷ୍ଟିବାଧିତ ବିଦ୍ୟାଳୟରେ ସମାଜସେବୀଙ୍କୁ ଶ୍ରଦ୍ଧାଞ୍ଜଳି



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ସମାଜସେବୀ ମମତା ରାଉତଙ୍କ ଦ୍ୱାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଛି। କେନ୍ଦ୍ରାପଡା ସହରର ଅଯୋଦ୍ଧାନଗରସ୍ଥିତ ପୌରସଂସ୍ଥା ଦ୍ୱାରା ପରିଚାଳିତ ଦୃଷ୍ଟିବାଧିତ ବିଦ୍ୟାଳୟରେ ଦିବଂଗତ ସମାଜସେବୀ ମମତାଙ୍କ ସ୍ମୃତିଚାରଣ କରାଯାଇ ଶ୍ରଦ୍ଧାସୁମନ ଜ୍ଞାପନ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ରମଣୀରେଞ୍ଜନ ରାଉତରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ କାଉନସିଲର ନିରାକାର ସ୍ୱାଇଁ, ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ସ୍ୱପ୍ନାଂଶୁ ଦାସ, ଆଦିକନ୍ଦ ରାଉଳ, ମମତାଙ୍କ ଭଉଣୀ ସଂଯୁକ୍ତା ରାଉତ, ବଡଭାଇ ରମେଶ, ମା, ଲୋରା, ମଣି, ଗୁଡୁ, ଗୁଡୁଲି, ଲୁଚି, ଚିନୁ, ସଂଯୁ, ଯୋଗିଆ, ମଦନ, ସୁମନ, ମେକୋ ଓ ମନି ପ୍ରମୁଖ ସ୍ୱର୍ଗତା ମମତାଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଏହି ଅବସରରେ ଦୃଷ୍ଟିବାଧିତ ବିଦ୍ୟାଳୟର ଅନ୍ତେବାସୀ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଇଥିଲା।

# ଜିଲ୍ଲା ଆଇନ୍‌ସେବା ପକ୍ଷରୁ ସଚେତନତା ସଭା




**ଯାଜପୁର (ଅମୃତ ମିଡିଆ) :** ଯାଜପୁର ଜିଲ୍ଲା ଦୌରାଜଜ୍ ତଥା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ରସୁଲପୁର ବ୍ଲକ୍ ଅନ୍ତର୍ଗତ ଉପେନ୍ଦ୍ର ନାଥ ଶାରଦା ମହାବିଦ୍ୟାଳୟ, ଖଇରାବାଦ ମୁଗୁପାଳ ପରିସରରେ ଆଇନ୍ ସଚେତନତା ସଭା ପ୍ରାଧିକରଣ ସଚୀବ ଲିପା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଶ୍ରୀମତୀ ମହାନ୍ତି ପ୍ରାଧିକରଣ ରୂପରେଖ ତାର କାର୍ଯ୍ୟ ପରିସର ଓ କେଉଁମାନେ ତାର ଉପଭୋକ୍ତା ତାହା କହିବା ସହ ମହାବିଦ୍ୟାଳୟର ଶକ୍ତିଶ୍ରୀ ମାସିକ ସଚେତନତା କାର୍ଯ୍ୟକ୍ରମର ବିଷୟ ବିଶାରଦ ଭାବେ ଭାରତୀୟ ନ୍ୟାୟ ସଂହିତା, ଶିଶୁ ଯୌନ ଅପରାଧ ସୁରକ୍ଷା, କାର୍ଯ୍ୟ ସ୍ଥଳରେ ମହିଳାଙ୍କ ଉତ୍ପୀଡ଼ନ ପ୍ରତିଷେଧ ନିୟମ ସହିତ ରାଗିଙ୍ଗ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଅତିଥି ଆଲୋଚକ ଭାବେ ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ. ରୁଦ୍ରନାରାୟଣ ପୃଷ୍ଟି ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ବିକଶିତ କୃତ୍ରିମ ବୁଦ୍ଧିମତା ଆଧାରିତ ପୋର୍ଟାଲ୍ ସୁପ୍ରିମ୍‌କୋର୍ଟ ବିଧିକ ଅନୁବାଦ ପୋର୍ଟାଲ୍ ସହାୟତାରେ ଆଇନ୍ ଦଲିଲ୍ ବିବିଧ ଫର୍ମ ଖୋଜି ପାଇବା ସହ ରାୟ ଇତ୍ୟାଦି କିପରି ୨୨ଟି ଆଞ୍ଚଳିକ ଭାଷାରେ ଅନୁବାଦ ଆକାରରେ ମିଳିପାରୁଛି ଏବଂ ନ୍ୟାୟର ଗତି ବୃଦ୍ଧି, ଭାଷା ବାଧା ହଟିବା, ସ୍ୱଚ୍ଛ ନ୍ୟାୟିକ ବ୍ୟବସ୍ଥା ସହଜ ଲଭ୍ୟ ହେଉଛି ତା ସହ ଯୌତୁକ ଜନିତ ୧୩୨ ଓ ୧୩୩ କ୍ରିମନାଲ୍ ଅପିଲ୍ ୨୦୧୭କୁ ନେଇ ସୁପ୍ରିମକୋର୍ଟଙ୍କ ଉଲ୍ଲେଖନୀୟ ରାୟ ସମ୍ବନ୍ଧରେ ଆଲୋଚନା କରିଥିଲେ। ଅତିଥି ଭାବେ ଅଧାପିକା ଡ. କାନ୍ତିବାଳା ପଣ୍ଡା, ଅଧାପିକା ମମତା ବୋଇତାଇ ଅଧାପକ ସିଦ୍ଧାର୍ଥ ଶଙ୍କର ରଥ ପ୍ରମୁଖ ଯୋଗଦେଇ କାର୍ଯ୍ୟସ୍ଥଳ ବିଶ୍ଳେଷଣ, ଆଭ୍ୟନ୍ତରୀଣ ଅଭିଯୋଗ ନିରାକରଣ କମିଟି ଗଠନ ପ୍ରକିୟା, ନିର୍ଯ୍ୟାତନା ର ପ୍ରକାରଭେଦ ସହିତ ଶିକ୍ଷାୟତନରେ କିପରି ଶିକ୍ଷଣୀୟ ବାତାବରଣ ରହିବ, କେହି ଉତ୍ପୀଡ଼ନ ଶିକାର ହେବେ ନାହିଁ। ଏପରି ଅବସ୍ଥା ଉପୁଜିଲେ ପରିଣତି କଣ ହେବ ସେ ସଂପର୍କ ରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ମିଳନ୍ କିଶୋର ଜେନା ସଞ୍ଚାଳନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ଅଧାପକ ଚିତ୍ତରଞ୍ଜନ ଧଳ ଏବଂ ଅନ୍ୟାନ୍ୟ ଅଧାପକ ଓ ଅଧାପିକା ମାନେ ଉପସ୍ଥିତ ଥିବାବେଳେ ଅଧାପକ ସୁରେନ୍ଦ୍ର କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ ଓ ମହାବିଦ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।

# ଔଷଧ ରଖିବାକୁ ଏସ୍‌ସିବିରେ ନାହିଁ ଜାଗା

## ଟିଣତଳେ ନଷ୍ଟ ହେଉଛି ପେଟି ପେଟି ମେଡିସିନ୍ ଆଉ ଇଂଜେକ୍ସନ

**କଟକ (ବ୍ୟୁରୋ) :** କଟକ ଏସ୍‌ସିବି ମେଡିକାଲ୍‌ର ବିଭିନ୍ନ ବିଭାଗର ଆଉଟ୍‌ଡୋର, ୱାର୍ଡ, ଆଶୁ ଚିକିତ୍ସା କେନ୍ଦ୍ରରେ ଦିନକୁ ୧୦ ହଜାରରୁ ଅଧିକ ରୋଗୀ ଚିକିତ୍ସିତ ହେଉଛନ୍ତି। ବିଡ଼ମ୍ବନା ହେଉଛି, ରୋଗୀଙ୍କ ଚିକିତ୍ସାରେ ବ୍ୟବହୃତ ଜୀବନରକ୍ଷାକାରୀ ଔଷଧ, ଇଞ୍ଜେକସନ୍ ଆଦି ରଖିବାକୁ ବଡ଼ ଡାକ୍ତରଖାନାରେ ଜାଗା ଅଭାବ। ଟିଣ ଛାତ ତଳେ ଇଞ୍ଜେକସନ୍ ମହଜୁଦ ରହୁଥିବା ବେଳେ ପୂର୍ତ୍ତ ବିଭାଗ ଘୋଷଣା କରିଥିବା ବିପଦପୂର୍ଣ୍ଣ କୋଠା ପୁରୁଣା ଆଉଟଡୋରର ପରିତ୍ୟକ୍ତ ସ୍ଥାନରେ ସାଲାଇନ୍ ଓ ବିଭିନ୍ନ ଫ୍ଲୁଇଡ୍ ଗଦା ହୋଇଛି। ତେଣୁ ଔଷଧର ଗୁଣବତ୍ତା ବଜାୟ ରହିବା ନେଇ ସନ୍ଦେହ ପ୍ରକାଶ ପାଇଛି। ଏସ୍‌ସିବି ପରିସରରେ ଥିବା ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେସନ ଲିମିଟେଡ୍‌ର ଗୋଦାମରେ ଔଷଧ ରଖିବାକୁ ମଧ ଜାଗା ଅଭାବ। ଫଳରେ ଏସ୍ ?ସିବିଠାରୁ ୨୫ କିମି ଦୂର ଚୌଦ୍ୱାର କଜଳକଣା ଅଞ୍ଚଳରେ ଏକ ଭଡ଼ା ଘର ନେଇ ସେଠାରେ ସରକାରୀ ଔଷଧ ଗଚ୍ଛିତ ରଖାଯାଉଛି। ଠା'କୁ ଠା' ଗଚ୍ଛିତ ଥିବା ଔଷଧ, ଉପକରଣ ମଧରେ ରୋଗୀଙ୍କୁ ଯୋଗାଣ ପାଇଁ ଥିବା ବିଭିନ୍ନ ଟାବଲେଟ୍, କ୍ୟାପସୁଲ୍, ଅପରେସନରେ ବ୍ୟବହୃତ ସୂତା, ମାସ୍କ, ହେଡ୍ କ୍ୟାପ୍ ଓ ଆପ୍ରନ୍ ଆଦି ଅଧୀକ୍ଷକଙ୍କର ପୁରୁଣା



କାର୍ଯ୍ୟାଳୟରେ ଗଦା ହୋଇଛି। ସିରିଞ୍ଜ୍, ଗ୍ଲୋବ୍ସ, ତୁଳା, ଗଜ, ବ୍ୟାଣ୍ଡେଜ୍, ସ୍ପିରିଟ୍, ବେଟାଡିନ୍ ଆଦି ଅଧୀକ୍ଷକଙ୍କ ନୂଆ କାର୍ଯ୍ୟାଳୟର କିଛି ପ୍ରକୋଷ୍ଠରେ ଗଚ୍ଛିତ ରହିଛି। ସେହିପରି ଏହି ଅଫିସର ଅନ୍ୟ କିଛି ପ୍ରକୋଷ୍ଠରେ ନନ୍‌ଟେକ୍ନିକାଲ ଷ୍ଟୋରରେ ସୋଡ଼ା, ସାବୁନ, ଓଟିଲାଇଟ୍, ଆଦି ଷ୍ଟେସନାରୀ ସାମଗ୍ରୀ ଗଦା ହୋଇଛି। ଇଞ୍ଜେକସନ୍ ଗୁଡ଼ିକ ୨୫ ଡିଗ୍ରୀରୁ କମ୍ ତାପମାତ୍ରାରେ ଗଚ୍ଛିତ ରହିବା କଥା। ନଚେତ ଏହାର ଗୁଣବତ୍ତା ରହିବ ନାହିଁ ବୋଲି ଫାର୍ମାସୀ ଅଫିସରମାନେ କହିଛନ୍ତି। ସେହିପରି ସାଲାଇନ୍ ବୋତଲ ଓ ଅନ୍ୟାନ୍ୟ ଫ୍ଲୁଇଡ୍‌ଗୁଡ଼ିକ ଚଟାଣରେ ପଡ଼ି ରହିଥିବାରୁ ସେଥିରେ ଫଙ୍ଗସ୍ ସଂକ୍ରମଣ ହେବାର ଆଶଙ୍କା ରହିଛି। ଫଙ୍ଗସ୍ ଯୁକ୍ତ ସାଲାଇନ୍ ରୋଗୀଙ୍କୁ ଦିଆଗଲେ ଏହା ହାନିକାରକ ବୋଲି ଏସ୍‌ସିବିର ଜଣେ ବରିଷ୍ଠ ଭେଷଜ ବିଜ୍ଞାନୀ କହିଛନ୍ତି। ପେଟି ପେଟି ଔଷଧ, ଇଞ୍ଜେକସନ୍ ଆଦି ଚଟାଣରେ ପଡ଼ି ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ଏଗୁଡିକ ସଫା ନ କରି ସେହି ଗଦା ଉପରେ ପୁଣି ନୂଆ ଔଷଧ ଗଚ୍ଛିତ ରଖାଯାଉଛି। ଡାୟାଲିସିସ୍‌ରେ ବ୍ୟବହାର ହେଉଥିବା ତରଳ ରାସାୟନିକ ଫ୍ଲୁଇଡ୍‌ର ମାସିକିଆ କୋଟା ହିସାବରେ ରାଜ୍ୟସାରା କିଡ୍‌ନୀ ରୋଗୀ ବିଭିନ୍ନ ସମୟରେ ଏସ୍‌ସିବିରୁ ଆସି ନେଉଛନ୍ତି। ଉକ୍ତ ଫ୍ଲୁଇଡ୍ ରଖିବାକୁ ଜାଗା ନ ଥିବାରୁ କାଜୁଆଲଟି ସାମ୍ନାରେ ଥିବା ରେକର୍ଡ ରୁମ୍ ପାଇଁ ତିଆରି ହୋଇଥିବା ଘରେ ରଖାଯାଉଛି। ଜାଗା ଅଭାବରୁ ଔଷଧ ବୋଝେଇ ଟ୍ରକ୍ ମେଡିକାଲ ପରିସରରେ ଖଲାସ କରିନପାରି ଦୁଇ ତିନି ଦିନ ମେଡିକାଲ ପରିସରରେ ଠିଆ ହେଉଛି। ନିକଟରେ କୋଲକାତାରୁ ଆସିଥିବା ଏକ ଫ୍ଲୁଇଡ୍ ବୋଝେଇ ଟ୍ରକ୍ ତିନି ଦିନ କାଳ ଏସ୍‌ସିବି ଆଶୁ ଚିକିତ୍ସା କେନ୍ଦ୍ରରେ ଠିଆ ହୋଇ ରହିଥିଲା। ଟ୍ରାନ୍ସପୋର୍ଟ ସଂସ୍ଥା ଫ୍ଲୁଇଡ୍ ଫେରାଇ ନେଇଯିବ ବୋଲି ଧମକ ଦେବାରୁ ତାହାକୁ ଖୋଲାମେଲାରେ ରଖାଯାଇଥିଲା। ଜଣେ ଅଧିକାରୀଙ୍କ କହିବା କଥା, ଠା'କୁ ଠା' ଔଷଧ ଓ ଚିକିତ୍ସା ଉପକରଣ ଗଦା ହେବାରୁ ରୋଗୀଙ୍କ ଚିକିତ୍ସା ପାଇଁ ଔଷଧ ସଂଗ୍ରହ କଲା ବେଳକୁ ବହୁ ସମୟ ଅପବ୍ୟୟ ହେବା ସହ ରୋଗୀ ସେବାରେ ବିଭ୍ରାଟ ହେଉଛି। ସେହିପରି ଅଯଥାରେ ୧୫ରୁ ଅଧିକ ଫାର୍ମାସି ଅଫିସର, ୫ ଜଣ ଡାଟା ଏଣ୍ଟ୍ରି ଅପରେଟର, ପ୍ରାୟ ୩୦ ଜଣ ଆଟେଣ୍ଡାଣ୍ଟ ଉକ୍ତ କାର୍ଯ୍ୟ ପାଇଁ ନିୟୋଜିତ ହୋଇଛନ୍ତି। ଏସ୍ସିବି ଅଧୀକ୍ଷକ ପ୍ରଫେସର ଜ୍ୟୋତିଷ ଚନ୍ଦ୍ର ଚୌଧୁରୀ ଜାଗା ଅଭାବ କଥାକୁ ସ୍ୱୀକାର କରିବା ସହ ନୂଆ ମେଡିକାଲ୍ ଘର ହେଲେ ସମସ୍ୟାର ସମାଧାନ ହେବ ବୋଲି ଆଶା ପ୍ରକାଶ କରିଛନ୍ତି।





# ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ସାର ଦୁର୍ନୀତି

## ଚିଠି ପରେ ଚିଠି, କାର୍ଯ୍ୟାନୁଷ୍ଠାନ ଶୂନ




### ସାର ଅନିୟମିତତାରେ ନିଲମ୍ବନ ନିର୍ଦ୍ଦେଶ

### ଦୁଇ ମାସ ପରେ ବି ଫାଇଲରେ ଅଟକିଛି କାର୍ଯ୍ୟାନୁଷ୍ଠାନ

### କଳାବଜାରରୁ ସାର ଅଧିକ ଦାମରେ କିଣୁଛନ୍ତି ଚାଷୀ

ବାରିପଦା/ସାହାରପଡା (ଅମୃତ ମିଡିଆ) : ଖରିଫ ଚାଷର ଗୁରୁତ୍ୱପୂର୍ଣ୍ଣ ସମୟରେ ସାହାରପଡା ବ୍ଲକରେ ସାର ସଙ୍କଟକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ସରକାରୀ ସମବାୟ ସଂସ୍ଥା ମାଧ୍ୟମରେ ଚାଷୀଙ୍କୁ ନିର୍ଦ୍ଧାରିତ ଦରରେ ସାର ଯୋଗାଇବାର ବ୍ୟବସ୍ଥା ଥିବା ବେଳେ ଅନେକ ଲ୍ୟାମ୍ପସର ଅଚଳାବସ୍ଥା ଓ ସାର ବିକ୍ରି ଅନୁମତିକୁ ନେଇ ଉଠିଥିବା ପ୍ରଶ୍ନ ଏବେ ସମଗ୍ର ବ୍ୟବସ୍ଥାକୁ କାଠଗଡ଼ାରେ ଠିଆ କରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ତଥା କେନ୍ଦୁଝର ଜିଲ୍ଲା,ସାହାରପଡା ଲ୍ୟାମ୍ପସରେ ସାର କାରବାରରେ ଅନିୟମିତତା ନେଇ ସରକାରୀ ଚିଠି ପରେ ଚିଠି ଜାରି ହୋଇଛି। କିନ୍ତୁ ନିର୍ଦ୍ଦେଶ ଅନୁଯାୟୀ ବାସ୍ତବ କାର୍ଯ୍ୟାନୁଷ୍ଠାନ କେତେଦୂର ହୋଇଛି, ତାହାକୁ ନେଇ ଏବେ ଚାଷୀଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି। ୫ ଜୁନ୍‌ର ଚିଠିରେ ଅନିୟମିତତାର ତାଲିକା କେନ୍ଦୁଝର ବିଭାଗୀୟ ସହକାରୀ ନିବନ୍ଧକଙ୍କ କାର୍ଯ୍ୟାଳୟରୁ ଚିଠି ନଂ ୨୦୭୨ ତାରିଖ ୦୫.୦୬.୨୦୨୬ରେ ସାହାରପଡା ଲ୍ୟାମ୍ପସରେ ଖରିଫ ୨୦୨୬ ପାଇଁ ସାର କାରବାରରେ ଅନେକ ଅନିୟମିତତା ହୋଇଥିବାର ଉଲ୍ଲେଖ ରହିଛି। ଚିଠିରେ ନିର୍ଦ୍ଧାରିତ ବିକ୍ରି ସୀମା ଉଲ୍ଲଂଘନ, ଷ୍ଟକ୍‌ରେ ଅନିୟମିତତା, ଭୌତିକ ସାର ମହଜୁଦ ଓ ବିକ୍ରି ରେକର୍ଡ ମଧ୍ୟରେ ତାରତମ୍ୟ, ସାର ବିକ୍ରି ଅନୁମତିର ନବୀକରଣ ନହେବା, ନିରୀକ୍ଷଣ କ୍ୟାମେରା ଅଚଳ ରହିବା, ଦୈନିକ ହିସାବ ବହି ଠିକ୍ ଭାବେ ରଖାନଯିବା, କୃଷକ ଋଣ ହିସାବ ଓ ସଭା ବିବରଣୀ ବହି ରକ୍ଷଣାବେକ୍ଷଣ ନହେବା ଭଳି ଅଭିଯୋଗ ଉଲ୍ଲେଖ କରାଯାଇଛି। ଏହାକୁ ନେଇ ସମ୍ପୃକ୍ତ ପରିଚାଳନା ନିର୍ଦ୍ଦେଶିକାଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେଇ ୭ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ରହିଥିଲା। ୯ ଜୁନ୍‌ରେ ନିଲମ୍ବନ ପାଇଁ ନିର୍ଦ୍ଦେଶ ଏହା ପରେ ୦୯.୦୬.୨୦୨୬ର ଚିଠି ନଂ ୧୮୩୯ରେ ଆହୁରି କଡ଼ା ନିର୍ଦ୍ଦେଶ ଦିଆଯାଇଥିବା ଦସ୍ତାବେଜରୁ ଜଣାପଡୁଛି। ଏଥିରେ ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ପଦକ୍ଷେପ ନିଆଯାଇନଥିବା ଉଲ୍ଲେଖ ସହ ଅଭିଯୋଗର ତଦନ୍ତ ଶେଷ ହୋଇ ଦୋଷପତ୍ର ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ସମ୍ପୃକ୍ତ ପରିଚାଳନା ନିର୍ଦ୍ଦେଶିକାଙ୍କୁ ନିଲମ୍ବନ କରିବା ଏବଂ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ କୁହାଯାଇଥିବା ଦେଖାଯାଉଛି। ୧୮ ଜୁଲାଇରେ ପୁଣି ଚିଠି 'କାର୍ଯ୍ୟାନୁଷ୍ଠାନ ରିପୋର୍ଟ କୁଆଡ଼େ?' ତଥାପି ମାମଲା ଥମିନାହିଁ। ୧୮.୦୭.୨୦୨୬ର ଚିଠି ନଂ ୨୯୧୭ରେ ପୂର୍ବ ଚିଠିକୁ ଉଲ୍ଲେଖ କରି ପୁଣିଥରେ ଆବଶ୍ୟକ ଆଇନଗତ ପଦକ୍ଷେପ ନେବାକୁ କୁହାଯାଇଛି।ଚିଠିରେ ପୂର୍ବ ନିର୍ଦ୍ଦେଶ ପରେ ମଧ୍ୟ କୌଣସି ଅନୁପାଳନ ରିପୋର୍ଟ ଏହି କାର୍ଯ୍ୟାଳୟକୁ ପହଞ୍ଚିନଥିବା ଉଲ୍ଲେଖ ରହିଛି। ଏପରିକି ଉଚ୍ଚ ଅଧିକାରୀ ମାନେ ମାମଲାରେ ଗୁରୁତ୍ୱ ଦେଇଥିବା ଏବଂ ଲ୍ୟାମ୍ପସକୁ ସାର ଯୋଗାଣରୁ ବଞ୍ଚିତ କରିବା ପାଇଁ ତାଲିକାଭୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିବା ଚିଠିରେ ଉଲ୍ଲେଖ ରହିଛି। ପୁଣିଥରେ ୩ ଦିନ ମଧ୍ୟରେ ପଦକ୍ଷେପ ନେଇ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ରହିଛି। ନଚେତ୍ ପରିଚାଳନା ବୋର୍ଡ ବିରୋଧରେ ଓଡ଼ିଶା ସମବାୟ ସମିତି ଆଇନ ଓ ନିୟମ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଚେତାବନୀ ମଧ୍ୟ ରହିଛି। ତେବେ ନିର୍ଦ୍ଦେଶ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ କେଉଁଠି? ଏବେ ମୁଖ୍ୟ ପ୍ରଶ୍ନ ଏହିଠାରେ। ଜୁନ୍ ୫ରେ ଅନିୟମିତତା ନେଇ ପଦକ୍ଷେପ, ଜୁନ୍ ୯ରେ ନିଲମ୍ବନ ନିର୍ଦ୍ଦେଶ ଏବଂ ଜୁଲାଇ ୧୮ରେ ପୁଣି କଡ଼ା ନିର୍ଦ୍ଦେଶ ତଥାପି କାର୍ଯ୍ୟାନୁଷ୍ଠାନର ସ୍ଥିତି କ'ଣ ଯଦି ନିଲମ୍ବନ ହୋଇଛି, ତେବେ ନିଲମ୍ବନ ଆଦେଶ କେଉଁଠି? ଯଦି ହୋଇନାହିଁ, ତେବେ ସରକାରୀ ନିର୍ଦ୍ଦେଶ କାହିଁକି ପାଳନ ହେଲା ନାହିଁ? କାର୍ଯ୍ୟାନୁଷ୍ଠାନ ରିପୋର୍ଟ କାହିଁକି ଦାଖଲ ହୋଇନାହିଁ ନିଲମ୍ବନ ନିର୍ଦ୍ଦେଶ ପରେ ଛୁଟି ମଞ୍ଜୁରୀକୁ ନେଇ ପ୍ରଶ୍ନ ଏହି ମାମଲାରେ ଆଉ ଏକ ଦସ୍ତାବେଜ ଏବେ ଚର୍ଚ୍ଚାକୁ ଆସିଛି। ୦୯ ଜୁନ୍ ?ରେ ନିଲମ୍ବନ ନିର୍ଦ୍ଦେଶ ଥିବା ପରେ ୨୧ ଜୁନ୍ ?ରେ ସମ୍ପୃକ୍ତ ତତ୍କାଳୀନ ପରିଚାଳନା ନିର୍ଦ୍ଦେଶିକାଙ୍କ ପକ୍ଷରୁ ମାତୃତ୍ୱ ଛୁଟି ପାଇଁ ଆବେଦନ ଦିଆଯାଇଥିବା ଦସ୍ତାବେଜ ସାମ୍ନାକୁ ଆସିଛି। ଏହାକୁ ନେଇ ପ୍ରଶ୍ନ ନିଲମ୍ବନ ନିର୍ଦ୍ଦେଶ କେବେ କାର୍ଯ୍ୟକାରୀ ହେଲା? ଛୁଟି ଆବେଦନ କିପରି ଗ୍ରହଣ ହେଲା? ଏବଂ ଛୁଟି ମଞ୍ଜୁର କରିବାର ଅଧିକାର କାହାର ଥିଲା? ଏହି ପ୍ରଶ୍ନଗୁଡ଼ିକର ସ୍ପଷ୍ଟ ଉତ୍ତର ଏବେ ପ୍ରଶାସନ ପକ୍ଷରୁ ଆସିବା ଆବଶ୍ୟକ। ୫ ଅଗଷ୍ଟରେ ତଦନ୍ତ ନୋଟିସ୍ ଏପଟେ ୦୫.୦୮.୨୦୨୬ର ତଦନ୍ତ ନୋଟିସ୍ ନଂ ୩୦୧୯ରୁ ଜଣାପଡୁଛି ଯେ ଅଭିଯୋଗ ସମ୍ପର୍କରେ ଔପଚାରିକ ତଦନ୍ତ ପାଇଁ ତାରିଖ ଧାର୍ଯ୍ୟ ହୋଇଛି। ସମ୍ପୃକ୍ତ ପକ୍ଷମାନଙ୍କୁ ୧୩ ଅଗଷ୍ଟ ୨୦୨୬ ଦିନ ୧୧ଟା ୩୦ରେ ସାହାରପଡା ଲ୍ୟାମ୍ପସ କାର୍ଯ୍ୟାଳୟରେ ଆବଶ୍ୟକ ଦସ୍ତାବେଜ ସହ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅର୍ଥାତ୍ ମାମଲା ଏବେ ମଧ୍ୟ ତଦନ୍ତ ପ୍ରକ୍ରିୟାରେ ଅଛି। ତେଣୁ ଅନିୟମିତତା ସମ୍ପର୍କିତ ଅଭିଯୋଗଗୁଡ଼ିକର ଅନ୍ତିମ ସତ୍ୟତା ତଦନ୍ତ ପରେ ହିଁ ସ୍ପଷ୍ଟ ହେବ। ଚାଷୀଙ୍କ ମୁଣ୍ଡରେ ଚିନ୍ତା ସାର ପାଇବେ କେଉଁଠୁ? ଏହି ସମଗ୍ର ଘଟଣାର ସିଧା ପ୍ରଭାବ ଚାଷୀଙ୍କ ଉପରେ ପଡୁଛି। ୮ଟି ଲ୍ୟାମ୍ପସ ମଧ୍ୟରୁ ୫ଟି ଅଚଳ ଥିବା ଅଭିଯୋଗ ଏବଂ ସାର ବିକ୍ରି ଅନୁମତି ସମ୍ପର୍କରେ ଭିନ୍ନ ଭିନ୍ନ ତଥ୍ୟ ସାମ୍ନାକୁ ଆସିବା ପରେ ଚାଷୀଙ୍କ ଚିନ୍ତା ଆହୁରି ବଢ଼ିଛି। ସରକାରୀ ବ୍ୟବସ୍ଥାରେ ସାର ନମିଳିଲେ ଚାଷୀ ବାଧ ହୋଇ ବେସରକାରୀ ଦୋକାନକୁ ଯାଉଛନ୍ତି। ଅଧିକ ଦାମରେ ସାର କିଣିବାକୁ ପଡୁଥିବା ଅଭିଯୋଗ ସତ ହେଲେ ଏହା ଚାଷୀଙ୍କ ଚାଷ ଖର୍ଚ୍ଚକୁ ଆହୁରି ବଢ଼ାଇବ। ପ୍ରଶାସନକୁ ଚାଷୀଙ୍କ ସିଧା ପ୍ରଶ୍ନ ନିଲମ୍ବନ ନିର୍ଦ୍ଦେଶ ଯଦି ଜାରି ହୋଇଥିଲା, ତେବେ ଏହାର ପାଳନ କାହିଁକି ହେଲା ନାହିଁ? ତିନି ଦିନ ମଧ୍ୟରେ ରିପୋର୍ଟ ଦେବାକୁ ଜୁଲାଇ ୧୮ରେ ନିର୍ଦ୍ଦେଶ ଥିଲା, ତେବେ ଏହାର ଅନୁପାଳନ କେଉଁଠି? ନିଲମ୍ବନ ନିର୍ଦ୍ଦେଶ ପରେ ଛୁଟି ଆବେଦନ ଓ ମଞ୍ଜୁରୀ କିପରି ହେଲା? ସାହାରପଡାର ଲ୍ୟାମ୍ପସଗୁଡ଼ିକରେ ସାର ବିକ୍ରିର ବର୍ତ୍ତମାନ ଆଇନଗତ ସ୍ଥିତି କ'ଣ? ୫ଟି ଅଚଳ ଲ୍ୟାମ୍ପସକୁ ସଚଳ କରିବା ପାଇଁ କେବେ ପଦକ୍ଷେପ ନିଆଯିବ? ଚାଷୀଙ୍କ ଦାବି ନିରପେକ୍ଷ ତଦନ୍ତ କରାଯାଉ, ସରକାରୀ ନିର୍ଦ୍ଦେଶର ଅନୁପାଳନ ରିପୋର୍ଟ ସାର୍ବଜନୀନ କରାଯାଉ, ନିଲମ୍ବନ ନିର୍ଦ୍ଦେଶର ବାସ୍ତବ ସ୍ଥିତି ସ୍ପଷ୍ଟ କରାଯାଉ, ଅଚଳ ଲ୍ୟାମ୍ପସଗୁଡ଼ିକୁ ତୁରନ୍ତ ସଚଳ କରାଯାଉ,ଚାଷୀଙ୍କୁ ନିର୍ଦ୍ଧାରିତ ଦରରେ ସାର ଯୋଗାଣ ସୁନିଶ୍ଚିତ କରାଯାଉ,ଚିଠି ଜାରି ହେଉଛି, ନିର୍ଦ୍ଦେଶ ଆସୁଛି କିନ୍ତୁ କାର୍ଯ୍ୟାନୁଷ୍ଠାନ କେବେ? ସରକାରୀ ଦସ୍ତାବେଜରେ ଯେତେବେଳେ ଗୋଟିଏ ପରେ ଗୋଟିଏ ନିର୍ଦ୍ଦେଶ ରହିଛି, ସେତେବେଳେ ଚାଷୀଙ୍କ ମୁଖ୍ୟ ପ୍ରଶ୍ନ ହେଉଛି ନିର୍ଦ୍ଦେଶ କେବଳ କାଗଜରେ ରହିବ ନା ମାଟିରେ ତାହାର ପ୍ରଭାବ ଦେଖାଯିବ? ସାର ପାଇଁ ଚାଷୀ ଦୋକାନ ଦୋକାନ ବୁଲୁଥିବା ବେଳେ ଯଦି ସରକାରୀ ଚିଠି ଫାଇଲ ଭିତରେ ଅଟକି ରହେ, ତେବେ ଏହା କେବଳ ସାହାରପଡା ଲ୍ୟାମ୍ପସର ପ୍ରଶ୍ନ ନୁହେଁ; ଏହା ସମଗ୍ର ସମବାୟ ବ୍ୟବସ୍ଥାର ଦାୟିତ୍ୱବୋଧ ଓ ପ୍ରଶାସନିକ କାର୍ଯ୍ୟକ୍ଷମତା ଉପରେ ଏକ ବଡ଼ ପ୍ରଶ୍ନଚିହ୍ନ। ଏବେ ସମସ୍ତଙ୍କ ନଜର ୧୩ ଅଗଷ୍ଟର ତଦନ୍ତ ଉପରେ। ତଦନ୍ତରେ କ'ଣ ସତ୍ୟ ସାମ୍ନାକୁ ଆସୁଛି ଏବଂ ଜୁନ୍‌ରୁ ଜାରି ହୋଇଥିବା ସରକାରୀ ନିର୍ଦ୍ଦେଶର ବାସ୍ତବ କାର୍ଯ୍ୟାନୁଷ୍ଠାନ କେବେ ହେଉଛି ତାହା ଉପରେ ଏବେ ଚାଷୀଙ୍କ ନଜର।

## ରାସ୍ତା ଓ ପୂର୍ତ୍ତ ବିଭାଗ ଯନ୍ତ୍ରୀମୁଖ୍ୟଙ୍କ କଲରାବାଙ୍କ ଓ କଟକ ପାରାଦୀପ ରାସ୍ତା ପରିଦର୍ଶନ



**ରଘୁନାଥପୁର (ଅମୃତ ମିଡିଆ) :** ରାସ୍ତା ଓ ପୂର୍ତ୍ତ ବିଭାଗ ଯନ୍ତ୍ରୀ ମୁଖ୍ୟ ଧାନଚାନ୍ଦ ନାୟକଙ୍କ ସ୍ମାର୍ଟ ଗ୍ରାମ କଲରାବାଙ୍କକୁ ଯାଇଥିବା କଣ୍ଟୁଆର-ଗଡମା ଭାୟା କଲରାବାଙ୍କ ରାସ୍ତା ଓ କଟକ ପାରାଦୀପ୍ ରାସ୍ତା ପରିଦର୍ଶନ କରିଯାଇଛନ୍ତି। ପ୍ରକାଶ ଥାଉକି, କଣ୍ଟୁଆର-ଗଡମା ଭାୟା କଲରାବାଙ୍କ ରାସ୍ତାଟି ୧୮ ଫୁଟ ଚଉଡାରେ ନିର୍ମାଣ କରାଯାଇଛି। ମାତ୍ର ଏହି ରାସ୍ତାର ଶେଷ ଭାଗ ଅଇନୀପୁର ଦୋବନ୍ଦୀ ଠାରୁ ଗଡମକ୍ଷ ତାଳଦଣ୍ଡା ମୁଖ୍ୟ କେନାଲ ଉପରେ ବହୁ ଉଚ୍ଚ ପୁରୁଣା ବିପଦପୂର୍ଣ୍ଣ ପୋଲ ସହ ଅଣ ଓସାରିଆ ରାସ୍ତା ନିର୍ମାଣ କରାଯାଇ ସଂଯୋଗ କରାଯାଇଛି। କିନ୍ତୁ ଦୁଃଖର କଥା, ଗଡମାଠାରେ ତାଳଦଣ୍ଡା ମୁଖ୍ୟ କେନାଲ ଉପରେ ଥିବା ବିପଦ ପୂର୍ଣ୍ଣ ପୋଲଟି ଦକ୍ଷିଣ ପାର୍ଶ୍ୱ ସଂଯୋଗୀକରଣ ରାସ୍ତାଟିକୁ କାଟି ଦିଆଯାଇଛି। ଫଳରେ ୫ଗୋଟି ପଞ୍ଚାୟତର ହଜାର ହଜାର ଲୋକ ଓ ୩୦/୪୦ଟି ସ୍କୁଲ ବସ କଲରାବାଙ୍କ କିମ୍ବୁ ରୁରାଲ ହସ୍ପିଟାଲ କୁ ଆମ୍ବୁଲାନ୍ସ ଓ ରୋଗୀ ମାନେ ଏହି ରାସ୍ତା ରେ ଯାତାୟତ ଠପ୍ ହୋଇଯାଇଛି। ଏହି ରାସ୍ତାଟିକୁ ଯନ୍ତ୍ରୀ ମୁଖ୍ୟ ଶ୍ରୀ ନାୟକ ପରିଦର୍ଶନ କରି ଏହାକୁ କିପରି ଶୀଘ୍ର କରାଯିବ ସେ ଦିଗରେ ସେ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଥିଲେ। ସେହିପରି କଟକ-ପାରାଦୀପ୍ ରାସ୍ତାଟି ୬ ଥାକିଆ ରାସ୍ତା ନିର୍ମାଣ କରାଯିବ। ସେଥିପାଇଁ ଯନ୍ତ୍ରୀ ମୁଖ୍ୟ ଶ୍ରୀ ନାୟକ କଟକରୁ ପାରାଦୀପ୍ ପର୍ଯ୍ୟନ୍ତ ଯାଇ ରାସ୍ତା ପରିଦର୍ଶନ କରିଥିଲେ। ତାଙ୍କ ସହିତ ରାସ୍ତା ଓ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଅନୁସୟା ପାଣିଗ୍ରାହୀ, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ସତ୍ୟପ୍ରକାଶ ସାହୁ, ଅତିରିକ୍ତ ଯନ୍ତ୍ରୀ ବେଦ ବ୍ୟାସ ସ୍ୱାଇଁ, ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଶଶାଙ୍କ ଚୂଡାମଣି, ବରିଷ୍ଠ ସାମ୍ବାଦିକ ବିଜୟ କୁମାର ସ୍ୱାଇଁ, କଲରାବାଙ୍କ ଗ୍ରାମ କମିଟି ସଭାପତି ଅଞ୍ଜନ କୁମାର ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ବିଧାୟକଙ୍କ ବନ୍ୟାଞ୍ଚଳ ପରିଦର୍ଶନ



**ମାହାଙ୍ଗା (ଅମୃତ ମିଡ଼ିଆ) :** ମାହାଙ୍ଗା ଅଂଚଳରେ ଲଗାଣ ବର୍ଷା ଦ୍ୱାରା ହୋଇ ଥିବା ବନ୍ୟା ପରିସ୍ଥିତିକୁ ଆଜି ମାହାଙ୍ଗାର ଜନପ୍ରିୟ ବିଧାୟକ ସାରଦା ପ୍ରସାଦ ପ୍ରଧାନ, ଉପଜିଲ୍ଲାପାଳ, ମହାଙ୍ଗା ବ୍ଲକ ତହସିଲଦାର, ବିଡିଓ, ଡ୍ରେନେଜ ଜେ.ଇ ଏବଂ ବିଭିନ୍ନ ବିଭାଗର ସରକାରୀ କର୍ମଚାରୀ ମାହାଙ୍ଗାର ବିଭିନ୍ନ ଅଂଚଳରେ ଜଳମଗ୍ନ ଥିବା ହେକ୍ଟର ହେକ୍ଟର ଚାଷ ଜମି ବୁଲି ଦେଖିଥିଲେ। ପ୍ରଥମେ ଲଳିତଗିରି, ପାଇକରାପୁର, ପଣସପୁର, ପୋଡ଼ାମରାଇ, ଗୋକନ, ଓଷଙ୍ଗ, ପଲିସାହି ଏବଂ ବିଭିନ୍ନ ଗ୍ରାମପଞ୍ଚାୟତ ପରିଦର୍ଶନ କରିଥିଲେ। ଖୁବ୍ ଶୀଘ୍ର ଏହି ସମସ୍ୟାର ସମାଧାନ କରିବା ପାଇଁ ଲୋକଙ୍କୁ ପ୍ରତିଶ୍ରୁତି ଦେଲେ। ବିଭାଗୀୟ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ସମସ୍ୟାର ସ୍ଥାୟୀ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ବିତିଲା ୩ ବର୍ଷ ଉଠାଜଳସେଚନ ପ୍ରକଳ୍ପରେ ହୋଇପାରିଲାନି ବିଦ୍ୟୁତ ସଂଯୋଗୀକରଣ

### ଜିଲ୍ଲାପାଳଙ୍କୁ ଦାବି ଜଣାଇଲେ ସରପଞ୍ଚ



**ନୀଳଗିରି (ଅମୃତ ମିଡିଆ) :** ଚାଷୀ ମାନଙ୍କୁ ଖରିଫ ଓ ରବି ଋତୁରେ ସୁବିଧାରେ ଜଳ ଯୋଗାଣ କରାଯିବା ଚିନ୍ତାଧାର ରଖାଯାଇ ନୀଳଗିରି ବ୍ଲକ ଆରବନ୍ଧ ପଞ୍ଚାୟତ ପୋଡାମାଣଦି ଠାରେ ଆଇଟିଡିଏ ବିଭାଗ ପକ୍ଷରୁ ୨୦୨୩ ମସିହାରେ ପାଞ୍ଚ ଲକ୍ଷ ବ୍ୟୟ ଅଟକଳରେ ଏକ ଉଠାଜଳସେଚନ ପ୍ରକଳ୍ପ ପ୍ରସ୍ତୁତ ହୋଇଥିଲା। ଏହି ପ୍ରକଳ୍ପକୁ ତିନି ବର୍ଷ ବିତିଥିଲେ ମଧ୍ୟ ଏଯାବତ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରିନାହିଁ। ଏହି ପ୍ରକଳ୍ପରେ ବିଦ୍ୟୁତ ସଂଯୋଗୀକରଣ ହୋଇନଥିବାରୁ ଏହା କାର୍ଯ୍ୟକାରୀ ହୋଇପାରିନାହୁଁ। ଏ ନେଇ ସ୍ଥାନୀୟ ସରପଞ୍ଚ କୁଳମଣୀ ନାୟକ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିରରେ ଅଭିଯୋଗ କରିଥିଲେ ବି କୌଣସି ସୁଫଳ ମିଳିନାହିଁ। ଫଳରେ ଆଜି ନୀଳଗିରି ବ୍ଲକ ପରିସରରେ ଅନୁଷ୍ଠିତ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣୀ ଶିବିରରେ ଅଭିଯୋଗ କରିଛନ୍ତି। ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ମଧୁସ୍ମିତା ସାମନ୍ତରାୟ ଏହାକୁ ଗୁରୁତର ସହ ନେବା ସହ ତୁରନ୍ତ ତଦନ୍ତ କରାଯାଇ ବିଦ୍ୟୁତ ସଂଯୋଗୀ କରଣ କିପରି କରାଯାଇପାରିବ ବୋଲି ପ୍ରତିଶୃତି ଦେଇଛନ୍ତି।

## କାନଫୁଲିଆ ଆଖଣ୍ଡଳମଣି ପୀଠରେ କାଉଡିଆଙ୍କ ଭିଡ



ରାଜନଗର (ଅମୃତ ମିଡିଆ) : ଉପକୂଳ ଅଂଚଳର ପ୍ରଖ୍ୟାତ ଶୈବ ପୀଠ ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତ କାନଫୁଲିଆ ସ୍ଥିତ ଶ୍ରୀ ଶ୍ରୀ ଆଖଣ୍ଡଳମଣିଙ୍କ ପୀଠରେ ସୋମବାର ଦିନ କାଉଡିଆଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ରାତି ୪ଟା ଠାରୁ ସହସ୍ରାଧିକ କାଉଡ଼ିଆ ଭକ୍ତ ଧାଡ଼ିରେ ରହି ବାବାଙ୍କ ଉପରେ ପାଣିଢାଳି ନିଜ ମନସ୍କାମନା ପୂରଣ କରିଥିଲେ। ଶ୍ରୀ ଶ୍ରୀ ଆଖଣ୍ଡଳମଣି ପୂଜା କମିଟି ପକ୍ଷରୁ ଭକ୍ତମାନଙ୍କ ରହଣି ପାଇଁ ସୁବ୍ୟବସ୍ଥା କରାଯାଇଥିଲା। କାଉଡ଼ିଆ ଭକ୍ତମାନଙ୍କ ପାଇଁ କାନଫୁଲିଆ ଗ୍ରାମର ଶ୍ରୀକାନ୍ତ ବିଶ୍ୱାଳ ପ୍ରସାଦ ସେବନର ବ୍ୟବସ୍ଥା କରିଥିଲେ। ପୂଜା କମିଟିର ସଭାପତି ମହେଶ୍ୱର ବେହେରା, ସଦସ୍ୟ ଅକ୍ଷୟ ରାଉତ, ଅଲେଖ ପ୍ରଧାନ, ବିଭୂତି ଭୂଷଣ ଖଟୁଆ, ନିରାକାର ବେହେରା ଓ ବୈକୁଣ୍ଠ ବେହେରା ପ୍ରମୁଖ ଉପସ୍ଥିତ ରହି ଭକ୍ତମାନଙ୍କୁ ସହଯୋଗ କରିଥିଲେ।

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି



**ବାସୁଦେବପୁର (ଅମୃତ ମିଡିଆ) :** ବାସୁଦେବପୁର ବ୍ଲକ ପଂଚାୟତ ସମିତି ସମ୍ମିଳନୀ କକ୍ଷ ପରିସରଠାରେ ଆଜି ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶୁଣାଣିରେ ମୋଟ ୩୬୩ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରୁ ୨୭୮ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୭୬ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରଶ ଅଧିନସ୍ଥ ୯ଟି ଅଭିଯୋଗ ରହିଥିଲା। ଶୁଣାଣି ସମୟରେ ୬୬ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିବାବେଳେ ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ୯ଜଣ ଅଭିଯୋଗକାରୀଙ୍କୁ ମୋଟ ୧୯,୫୦୦/- ଟଙ୍କା ମଞ୍ଜୁର କରାଯାଇଛି। ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ, ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ ପ୍ରହରାଜ, ବାସୁଦେବପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ତନ୍ମିତ କର, ତହସିଲଦାର ପ୍ରିୟବ୍ରତ ଦାସ, ବାସୁଦେବପୁର ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ବାସୁଦେବପୁର ମୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ ଓ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ୧୭୭ଟି ଅଭିଯୋଗ

### ୨୨ଟି ସାମୂହିକ ଓ ୧୫୫ଟି ବ୍ୟକ୍ତିଗତ



**ରାଜନଗର (ଅମୃତ ମିଡିଆ) :** ରାଜନଗର ବ୍ଲକ ପରିସରରେ କେନ୍ଦ୍ରାପଡା ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଉପଜିଲ୍ଲାପାଳ ଅରୁଣକୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ଚିନ୍ମୟୀ ପାଣିଗ୍ରାହୀ, ସିଡିଏମଓ ନମିତା ପଟ୍ଟନାୟକ, ପଚାଂୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ଉପଧକ୍ଷ ଗଣେଷଚନ୍ଦ୍ର ଗୁଡିଆ, ଏସଡିପିଓ ସୁକାନ୍ତକୁମାର ପାତ୍ର, ବିଡିଓ ଅଶୋକକୁମାର ମହାନ୍ତି, ତହସିଲଦାର ଯୀଶୁକ୍ରିଷ୍ଟ ଦାସପ୍ରମୁଖଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ୧୭୭ଟି ଅଭିଯୋଗର ଶୁଣାଣୀ କରିଥିଲେ। ୧୫୫ଟି ବ୍ୟକ୍ତିଗତ ଓ ୨୨ଟି ସାମୁହିକ ଅଭିଯୋଗ ହୋଇଥିଲା। ସାମୁହିକ ଅଭିଯୋଗ ମୁଖ୍ୟତଃ ଚାନ୍ଦିବାଉଁଶମୂଳ ପଂଚାୟତ ୧୦୩ ଓ ୧୦୪ ବୁଥରେ ପ୍ରାୟ ୯୦ଜଣ ଭୋଟରଙ୍କ ନାମ ବାଦ ଦେବା ପାଇଁ ବୁଥ ଲେବୁଲ ଅଫିସର ମସୁଧା କରିଥିବା ନେଇ ଅଭିଯୋଗ କରିଥିଲେ । ସରପଂଚ ଚିତରଂଜନ ପଣ୍ଡାଙ୍କ ନେତୃତ୍ୱରେ ୪୦ରୁ ଉର୍ଦ୍ଧ୍ୱ ଲୋକେ ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିରରେ ଦୁଇ ବିଏଲଓଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରିଥିଲେ । ସାନବଡଗୋପାଳପୁର ପଂଚାୟତର ବସଷ୍ଟାଣ୍ଡ ନିକଟରେ ଜଳ ନିଷ୍କାସନ ପଥ ଅବରୋଧ ହୋଇଛି । ଯାହାଫଳରେ ବନ୍ଧପଡା ପଂଚାୟତର ଖଣ୍ଡେଇପଡା, ସାନବଡଗୋପାଳପୁର ପଂଚାୟତର ସାନବଡଗୋାଳପୁର ଓ ନୁରୁଗାଁର ଚାଷୀମାନଙ୍କର ଧାନତଳି ନଷ୍ଟ ହୋଇଯାଇଛି । ସୁଧାକର ପ୍ରଧାନଙ୍କ ନେତୃତ୍ୱରେ ୩୦ରୁ ଉର୍ଦ୍ଧ୍ୱ ଚାଷୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଏହି ପଂଚାୟତର ଗୋହି ଅଙ୍ଗାରୁଆ ପାଣିନାଳରେ କଟକିଦଳ ଓ ଆବର୍ଜନା ଯୋଗୁଁ ସଂପୂର୍ଣ୍ଣ ପୋତି ହୋଇଗଲାଣି। ଜଳ ନିଷ୍କାସନରେ ବାଧା ସୃଷ୍ଟି ହୋଇଥିବାରୁ ହଜାର ହଜାର ଏକର ଚାଷଜମିର ତଳି ନଷ୍ଟ ହେବାରୁ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଏହି ନାଳରୁ ଦଳ ସଫା ସହିତ ଖୋଳିବାକୁ ଚାଷୀମାନେ ଦାବୀ କରିଛନ୍ତି। ସେହିପରି ସାତଭାୟା ଥଇଥାନସ୍ଥଳୀ ବଗପାଟିଆ ସାମାନ୍ୟ ବର୍ଷାରେ ଉବୁଟୁବୁ ହୋଇଛି। ବର୍ଷାଜଳ ନିଷ୍କାସନ ହୋଇନପାରି ଫୁଟରୁ ଦୁଇ ଫୁଟ ପାଣି ଜମି ରହୁଛି । ବିଶେଷକରି ୧୦ ଓ ୧୧ ନମ୍ବର ଲେନରେ ଜବରଦଖଲ ଯୋଗୁଁ ଜଳ ନିଷ୍କାସନ ହୋଇନପାରିବାରୁ ଲୋକମାନେ ଘରୁ ବାହାରିବାରୁ କଷ୍ଟକର ହେଉଥିବା ନେଇ ଅଭିଯୋଗ ହୋଇଥିଲା। ବ୍ୟକ୍ତିଗତ ଭାବରେ ପ୍ରଧାନମନନ୍ତ୍ରୀ ଆବାସ ଯୋଜନା, ବିଧବା, ବାର୍ଦ୍ଧକ୍ୟ ଭତା ସହ ୩/୪ମାସ ହେଲା ହିତାଧିକାରୀ ଭତା ପାଉନଥିବା ନେଇ ଅନେକ ହିତାଧିକାରୀ ଅଭିଯୋଗ କରିଥିଲେ । ରାସନକାର୍ଡରେ ନାମ ଯୋଡିବା, ନୂତନ ରାସନକାର୍ଡ ଓ ଇଣ୍ଡେନ ଗ୍ୟାସ ମିଳୁନଥିବା ନେଇ ମଧ୍ୟ ଅଭିଯୋଗ ହୋଇଥିଲା। ରିଘାଗଡ ଗ୍ରାମର ରାଜେନ୍ଦ୍ର ପରିଡାଙ୍କ ୧୯ବର୍ଷର ପୁଅ ରୋହିତ ରାଉତ ସଂପୂର୍ଣ୍ଣ ଭିନ୍ନକ୍ଷମ ହୋଇଥିଲେ ମଧ୍ୟ ତାଙ୍କୁ ୧୨ଶହ ଟଙ୍କା ମିଳୁଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ତାଙ୍କ ମାଆ ଅଭିଯୋଗ କରିଥିଲେ । ମହୁଲିଆ ପଚାଂୟତ ବାଘତୈଳା ଗ୍ରାମର ଭିନ୍ନକ୍ଷମ ପ୍ରତାପ ଯେନାଙ୍କୁ ଜିଲ୍ଲାପାଳ ଶ୍ରୀ ଆୟାର ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବ୍ଲକ ସମାଜ କଲ୍ୟାଣ ଅଧିକାରୀ ମନୋଜ କୁମାର ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବଜ୍ରପାତରେ ଯୁବ ଚାଷୀଙ୍କ ମୃତ୍ୟୁ

**ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡ଼ିଆ) :** ଚୌଦ୍ୱାର ପୌରପାଳିକାର ୧୨ନମ୍ବର ୱାର୍ଡ଼ ବୁଢ଼ାଲିଙ୍ଗ ଗ୍ରାମର ରାମଚନ୍ଦ୍ର ନାଥଙ୍କ ପୁତ୍ର ସଞ୍ଜୟ କୁମାର ନାଥ (୪୩)ଙ୍କର ବଜ୍ରପାତରେ ମୃତ୍ୟୁ ହୋଇଥିବା ନେଇ ସୂଚନା ମିଳିଛି । ଘଟଣାରୁ ପ୍ରକାଶ, ସଞ୍ଜୟ ଆଜି ଦିନରେ ବୁଢ଼ାଲିଙ୍ଗ ଗ୍ରାମସ୍ଥିତ କୁଜୀବର ଭରାଣ୍ଡି ପୋଲ ନିକଟରେ ଥିବା ନିଜ ଚାଷ ଜମିରେ ତଳିରୋପଣ କରିବାକୁ ଯାଇଥିଲେ। ପାଖ ବିଲରେ ମଧ୍ୟ ତାଙ୍କ ଗ୍ରାମର ଅନ୍ୟ ଚାଷୀମାନେ ଧାନ ରୋଉଥିଲେ। ଅପରାହ୍ଣ ୩ଟାରେ ହଠାତ୍ ଜୋରରେ ବର୍ଷା ଆରମ୍ଭ ହେବାରୁ ସଞ୍ଜୟ ବିଲ ପାଖରେ ଥିବା ଜାମୁକୋଳି ଗଛ ପାଖକୁ ପଳାଇଥିଲେ। ସେଠାରେ ଆଶ୍ରୟ ନେଇଥିବା ବେଳେ ହଠାତ୍ ଏକ ଘଡ଼ଘଡ଼ି ତାଙ୍କ ଉପରେ ପଡ଼ିବାରୁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଖବର ପାଇ ଗ୍ରାମବାସୀମାନେ ତତ୍କ୍ଷଣାତ୍ ଘଟଣାସ୍ଥଳରେ ପହଂଚିଥିଲେ। ୱାର୍ଡ଼ କାଉନ୍‌ସିଲର ସୁବ୍ରତ ସାମଲ ଉକ୍ତ ସ୍ଥାନରେ ପହଂଚି ପୁଲିସ୍‌କୁ ଜଣାଇବା ସହିତ ରାଜସ୍ୱ ନିରୀକ୍ଷକଙ୍କୁ ଖବର ଦେଇଥିଲେ। ପୁଲିସ୍ ସହାୟତାରେ ମୃତ ଶରୀରକୁ ବ୍ୟବଚ୍ଛେଦ ପାଇଁ କଟକ ବଡ଼ଡାକ୍ତରଖାନାକୁ ପଠାଯାଇଥିବା ବେଳେ ସଂଧ୍ୟା ହୋଇଯାଇଥିବାରୁ ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରାଯିବ। ସଞ୍ଜୟଙ୍କର ଦୁଇଟି ନାବାଳିକା ଝିଅ ଥିବାବେଳେ ତାଙ୍କର ଏ ଅକାଳ ମୃତ୍ୟୁରେ ତାଙ୍କ ପରିବାରକୁ ଯଥାଶୀଘ୍ର ସରକାରୀ କ୍ଷତିପୂରଣ ଦେବା ପାଇଁ ଗ୍ରାମବାସୀ ଓ କାଉନ୍‌ସିଲର ଶ୍ରୀ ସାମଲ ତହସିଲଦାରଙ୍କୁ ଅନୁରୋଧ କରିଛନ୍ତି।



# ସୁନୀଲ ଡ୍ୟାନ୍ସ ଏକାଡେମୀର ୧୬ତମ ବାର୍ଷିକ ଉତ୍ସବ

## ବାଳିକାମାନଙ୍କୁ ସଶକ୍ତ କରିବା ପାଇଁ ସମସ୍ତେ ଦାୟିତ୍ୱ ନେବା ଆବଶ୍ୟକ




**ଭୁବନେଶ୍ୱର (ବ୍ୟୁରୋ) :** ଶୈଳେଶ୍ରୀ ବିହାର ଚନ୍ଦ୍ରଶେଖରପୁରସ୍ଥିତ ସୁନୀଲ ଡ୍ୟାନ୍ସ ଏକାଡେମୀର ୧୬ତମ ବାର୍ଷିକ ଉତ୍ସବ ନିକଟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରସ୍ଥିତ ଉତ୍କଳ ରଙ୍ଗମଞ୍ଚଠାରେ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଭୁବନେଶ୍ୱର ମହାନଗର ନିଗମର ୬ ଓ ୭ ନମ୍ବର ୱାର୍ଡର କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ ଓ ଯଶୋଧରା ପ୍ରଧାନ, ଶିକ୍ଷାବିତ ତଥା ସମାଜସେବୀ ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଅବସରପ୍ରାପ୍ତ ଅଧ୍ୟାପକ ଡ. ପୂର୍ଣ୍ଣଚନ୍ଦ୍ର ମହାନ୍ତି, ସମାଜସେବୀ ଅଜିତା ଚୌଧୁରୀ ଏବଂ କଳିଙ୍ଗ ଯୁବକ କ୍ଲବର ସମ୍ପାଦକ କମଳାକାନ୍ତ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଏକାଡେମୀର ଏଭଳି ପ୍ରୟାସକୁ ପ୍ରଶଂସା କରିବା ସହ ଶିକ୍ଷା ସହିତ ସହଶିକ୍ଷା କାର୍ଯ୍ୟକଳାପରେ ଅଂଶଗ୍ରହଣ ଶିଶୁମାନଙ୍କର ସାମଗ୍ରିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଏ ବୋଲି ମତବ୍ୟକ୍ତ କରିଥିଲେ। ଏଥିସହ ଭବିଷ୍ୟତର ଆହ୍ୱାନଗୁଡ଼ିକୁ ଦୃଢ଼ତାର ସହ ସାମ୍ନା କରିବା ପାଇଁ ବାଳିକାମାନଙ୍କୁ ସଶକ୍ତ ଓ ସୁଦୃଢ଼ କରିବା ନିମନ୍ତେ ସମସ୍ତଙ୍କୁ ସାମୂହିକ ଦାୟିତ୍ୱ ନେବାକୁ ସେମାନେ ଆହ୍ୱାନ ଦେଇଥିଲେ। ଏକାଡେମୀର ପ୍ରୋପ୍ରାଇଟର ଶ୍ରୀ ସୁନୀଲ କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ଏକାଡେମୀର ଦୀର୍ଘ ଯାତ୍ରାରେ ସହଯୋଗ ଓ ସମର୍ଥନ ଯୋଗାଇ ଆସିଥିବା ସମସ୍ତଙ୍କୁ କୃତଜ୍ଞତା ଜଣାଇବାସହ ଏକାଡେମୀର ଭବିଷ୍ୟତର କାର୍ଯ୍ୟକ୍ରମ ଓ ପ୍ରୟାସଗୁଡ଼ିକ ପାଇଁ ସମସ୍ତଙ୍କର ନିରନ୍ତର ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମର ଶୁଭାରମ୍ଭ ପ୍ରଦୀପ ପ୍ରଜ୍ୱଳନ ସହିତ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ବନ୍ଦନା ଉପରେ ଏକ ମନୋମୁଗ୍ଧକର ଓଡ଼ିଶୀ ନୃତ୍ୟ ପରିବେଷଣ ଦ୍ୱାରା ହୋଇଥିଲା। ଏହାପରେ କୁନି କୁନି ଶିଶୁଙ୍କଠାରୁ ଆରମ୍ଭ କରି ବରିଷ୍ଠ ଗୋଷ୍ଠୀ ପର୍ଯ୍ୟନ୍ତ ବିଭିନ୍ନ ବର୍ଗର କଳାକାରମାନଙ୍କ ଦ୍ୱାରା ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସନ୍ଧ୍ୟାର ଅନ୍ୟତମ ଆକର୍ଷଣ ଥିଲା ଶିଶୁମାନଙ୍କ ମା'ମାନଙ୍କ ଦ୍ୱାରା ପରିବେଷିତ "ସୁପର୍ ମମ୍ସ" ନୃତ୍ୟ। ଏହି ଅଭିନବ ପ୍ରଦର୍ଶନ ଦର୍ଶକମାନଙ୍କର ବିଶେଷ ପ୍ରଶଂସା ଓ ଉତ୍ସାହ ହାସଲ କରିଥିଲା। ଏହି ଅବସରରେ ଅନ୍ତର୍ଜାତୀୟ ଗଳ୍ଫ ଖେଳାଳି, ସୁପରିଚିତ ନୃତ୍ୟଶିଳ୍ପୀ ତଥା ସ୍ୱାର୍କ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶିକା ଶୁଭ୍ରା ସୁଭଦର୍ଶନୀ ମିଶ୍ରଙ୍କୁ ଏକାଡେମୀ ପ୍ରତି ତାଙ୍କର ଅବଦାନ ଏବଂ ଅର୍ଦ୍ଧ-ଶାସ୍ତ୍ରୀୟ ନୃତ୍ୟ ପରିବେଷଣ ପାଇଁ ସମ୍ମାନିତ କରାଯାଇଥିଲା। ସୁପରିଚିତ ନୃତ୍ୟଶିଳ୍ପୀ ଶ୍ରୀମତୀ ମିତା ଦାସ, ଶିକ୍ଷାବିତ୍ ଶ୍ରୀମତୀ ସୁଜାତା ସୁଭଦର୍ଶିନୀ ପଟ୍ଟନାୟକ ଏବଂ ଏକାଡେମୀ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ମଧ୍ୟ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ପ୍ରସିଦ୍ଧ ଟେଲିଭିଜନ୍ ଶୋ' ଆଙ୍କର ମାଷ୍ଟର ଶୁଭୋଜ୍ୟୋତ ପଣ୍ଡା ସମଗ୍ର କାର୍ଯ୍ୟକ୍ରମକୁ ଆକର୍ଷଣୀୟ ଢଙ୍ଗରେ ସଂଚାଳନା କରିଥିଲେ। ସୁଧାଦୀପା ମହାନ୍ତି, ଅଭିଭାବକ, ଶୁଭେଚ୍ଛୁ ଏବଂ ଅନ୍ୟମାନଙ୍କର ସକ୍ରିୟ ସହଯୋଗ ଓ ସମନ୍ୱୟରେ କାର୍ଯ୍ୟକ୍ରମଟି ସଫଳତାର ସହ ସମାପ୍ତ ହୋଇଥିଲା।

# ଫିଟନେସ୍‌ସ୍ତର ବୃଦ୍ଧି ପାଇଁ ପୁଶ୍-ଅପ୍ ଚ୍ୟାଲେଞ୍ଜ ଓ ବିଏମଆଇ ପରୀକ୍ଷା




**ଭୁବନେଶ୍ୱର (ବ୍ୟୁରୋ) :** ଆଜିର ବ୍ୟସ୍ତ ଜୀବନଶୈଳୀରେ ସୁସ୍ଥ ଓ ସୁନ୍ଦର ଜୀବନଯାପନ ପାଇଁ ସ୍ୱାସ୍ଥ୍ୟ ଏବଂ ଶାରୀରିକ ସୁସ୍ଥତାର ଗୁରୁତ୍ୱ ଅତ୍ୟନ୍ତ ଅଧିକ। ଶାରୀରିକ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ସହ ସୁସ୍ଥ ଶରୀର ଓଜନ, ପୋଷଣ ଏବଂ ସକ୍ରିୟ ଜୀବନଶୈଳୀ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ତଥା ଶାରୀରିକ ଶକ୍ତି ଓ ପେଶୀର ସହନଶକ୍ତି ପରୀକ୍ଷା କରିବା ସହ ମାପ ମାଧ୍ୟମରେ ଉଚ୍ଚତା ଓ ଓଜନର ଅନୁପାତ ସମ୍ପର୍କରେ ସଚେତନ କରାଇବା ଉଦ୍ଦେଶ୍ୟରେ ଡିଏଭି ପବ୍ଲିକ୍ ସ୍କୁଲ୍, କଳିଙ୍ଗ ନଗର, ଭୁବନେଶ୍ୱର ପକ୍ଷରୁ ଏକ ସାମୂହିକ ପୁଶ୍-ଅପ୍ ଚ୍ୟାଲେଞ୍ଜ ଓ ବିଏମଆଇ ପରୀକ୍ଷା ଆୟୋଜନ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଅଭିଭାବକ ଓ ଶିକ୍ଷକମାନଙ୍କ ପାଇଁ ପ୍ରତିଯୋଗିତା ଓ ପରୀକ୍ଷା ଆୟୋଜିତ ହୋଇଥିଲା। ୧୦୦ରୁ ଅଧିକ ପୁରୁଷ ଓ ମହିଳା ଅଭିଭାବକ ଏବଂ ୫୦ରୁ ଅଧିକ ଶିକ୍ଷକ ଉତ୍ସାହର ସହ ଏଥିରେ ଅଂଶଗ୍ରହଣ କରି ପୁଶ୍-ଅପ୍ ଚ୍ୟାଲେଞ୍ଜରେ ନିଜ ଶାରୀରିକ ଦକ୍ଷତା ପ୍ରଦର୍ଶନ କରିବା ସହ ବିଏମଆଇ ପରୀକ୍ଷା କରାଇଥିଲେ। କାର୍ଯ୍ୟକ୍ରମର ଉଦ୍‌ଘାଟନ କରି ବିଦ୍ୟାଳୟର ଅଧ୍ୟକ୍ଷ ବଳରାମ ମହାପାତ୍ର ଉତ୍ତମ ସ୍ୱାସ୍ଥ୍ୟ ଓ ନିୟମିତ ଶାରୀରିକ ବ୍ୟାୟାମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଦେବାଶିଷ ରାଉତ, ଦୀପକ ପାତ୍ରସିଂହ, ସୁଶ୍ରୀ ଶୁଭଜ୍ୟୋତି ଦାଶ ଏବଂ ଏ. ରବି ଶଙ୍କରଙ୍କୁ ନେଇ ଗଠିତ ବିଚାରକ ଓ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ଏକ ପ୍ୟାନେଲ୍ ପ୍ରତିଯୋଗିତାର ବିଚାର କରିବା ସହ ଅଂଶଗ୍ରହଣକାରୀମାନଙ୍କୁ ମୂଲ୍ୟବାନ ସ୍ୱାସ୍ଥ୍ୟ ଓ ଫିଟନେସ୍ ସମ୍ପର୍କିତ ପରାମର୍ଶ ପ୍ରଦାନ କରିଥିଲେ। ପୁରୁଷ ବର୍ଗରେ ରମାନନ୍ଦ ପୃଷ୍ଟି ବିଜେତା ହେବା ସହ ଦୀପକ ରଞ୍ଜନ ସୁବୁଦ୍ଧି ଓ ସ୍ୱରୂପ ଦାସ ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ସତ୍ୟପ୍ରକାଶ ଦାସ ଓ ଜୟ ପ୍ରକାଶ ରାୟ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ସେହିପରି ମହିଳା ବର୍ଗରେ ସୁଶ୍ରୀ ସ୍ମୃତିସ୍ମିତା ପୃଷ୍ଟି, ସୁଶ୍ରୀ ଲକ୍ଷ୍ମୀପ୍ରିୟା ସାହୁ ଏବଂ ସୁଶ୍ରୀ ସ୍ୱର୍ଣ୍ଣଲତା ପଟ୍ଟନାୟକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ। ବିଦ୍ୟାଳୟର ହେଲ୍ଥ ଆଣ୍ଡ ୱେଲନେସ୍ ଟିମ୍, ଛାତ୍ରଛାତ୍ରୀ ଓ କର୍ମଚାରୀବୃନ୍ଦଙ୍କ ସକ୍ରିୟ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ରୋଟାରୀ କ୍ଲବର ପଞ୍ଚମ ଅଧିଷ୍ଠାନ ଉତ୍ସବ ପାଳିତ

**ଭୁବନେଶ୍ୱର (ବ୍ୟୁରୋ) :** ଭୁବନେଶ୍ୱର ରୋଟାରୀ କ୍ଲବ, ଖଣ୍ଡଗିରିର ପଞ୍ଚମ ଅଧିଷ୍ଠାନ ଉତ୍ସବ ଖଣ୍ଡଗିରି ନିକଟସ୍ଥ କୋଳଥିଆ ଛକଠାରେ ଥିବା ଏ.ଏସ୍. ଲାଗୁନ୍ ହୋଟେଲ୍‌ରେ ଅନୁଷ୍ଠିତ ହୋଇଯାଇଅଛି। ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଅନୀଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପଞ୍ଚମ ଅଧିଷ୍ଠାନ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରାନ୍ତପାଳ ଶାନ୍ତନୁ କୁମାର ପାଣି, ସମ୍ମାନିତ ଅତିଥି ଭାବେ ପୂର୍ବତନ ପ୍ରାନ୍ତପାଳ ରବି ନାରାୟଣ ନନ୍ଦ ଓ ମୁଖ୍ୟବକ୍ତା ଭାବେ ପୂର୍ବତନ ପ୍ରାନ୍ତପାଳ ପ୍ରିୟବ୍ରତ ଦାସ ଯୋଗଦେଇ ଗତବର୍ଷର ରୋଟାରୀ କ୍ଲବ, ଖଣ୍ଡଗିରି ହାତକୁ ନେଇଥିବା ବିଭିନ୍ନ ସମାଜସେବା ଓ ଜନହିତକର କାର୍ଯ୍ୟକ୍ରମ ଉପରେ ଆଲୋଚନା କରିବା ସହିତ ଆଗକୁ କିଭଳି ଉନ୍ନତମାନର ସେବା ସମାଜରେ ଅବହେଳିତ ଓ ଅସହାୟ ଅବସ୍ଥାରେ ଥିବା ଦୁଃଖିରଙ୍କିମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରାଯାଇପାରିବ, ସେ ବିଷୟରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ପୂର୍ବତନ ପ୍ରାନ୍ତପାଳ ଯଜ୍ଞଶିଷ ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ରୋଟାରୀ କ୍ଲବ ପ୍ରତିବର୍ଷ ଜଣେ ଜଣେ ନୂଆ ନୂଆ ସଭାପତିଙ୍କ ହାତରେ ଦାୟିତ୍ୱ ଅର୍ପଣ କରିଥାଏ। ଏବର୍ଷର ନୂଆ ସଭାପତି ନିର୍ଝରିଣୀ ନାୟକ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ସାଧାରଣ ସମ୍ପାଦକ ଭାବେ ସଏଦ୍ ସକିଲ୍ ରହେମାନ୍ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ସଭାପତି ଦାୟିତ୍ୱ ଗ୍ରହଣ କରିବା ପରେ କ୍ଲବର ମୂଳ ଚିନ୍ତାଧାରା ସହିତ ବର୍ଷସାରା ସମସ୍ତ ସଦସ୍ୟମାନଙ୍କୁ ସାଙ୍ଗରେ ନେଇ ସମାଜରେ ବସବାସ କରୁଥିବା ଅସୁବିଧାରେ ଥିବା ପରିବାର ମୁହଁରେ ହସ ଫୁଟାଇବା ପାଇଁ ଆବଶ୍ୟକ ସହଯୋଗ ଏବଂ ପ୍ରୟାସ ଜାରି ରଖିବେ ବୋଲି ନିଜ ବକ୍ତବ୍ୟରେ କହିଛନ୍ତି। ଚଳିତ ବର୍ଷ ବୃକ୍ଷରୋପଣ, ରକ୍ତଦାନ ଶିବିର, ହେଲ୍‌ଥ୍ କ୍ୟାମ୍ପ, ଚକ୍ଷୁ କ୍ୟାମ୍ପ, ମାତୃତ୍ୱ ସଚେତନତା କାର୍ଯ୍ୟକ୍ରମ, ଶିଶୁ ଯତ୍ନ ଉପରେ ସଚେତନତା କାର୍ଯ୍ୟକ୍ରମ ଓ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ପ୍ଲାଷ୍ଟିକ୍ ବ୍ୟାଗ୍‌ର ବ୍ୟବହାରକୁ ବନ୍ଦ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ କରିବା ସହ ଲୋକମାନଙ୍କୁ କପଡ଼ା ବ୍ୟାଗ୍ ବିନା ମୂଲ୍ୟରେ ବଣ୍ଟନ କରାଯିବ ବୋଲି ନୂତନ ସଭାପତି ନିର୍ଝରିଣୀ ନାୟକ ଘୋଷଣା କରିଛନ୍ତି। ଏତଦ୍‌ବ୍ୟତୀତ ଏକାକୀ ରହୁଥିବା ବୟସ୍କ ଲୋକମାନଙ୍କ ପାଇଁ ଉତ୍ତମ ସେବା ପ୍ରଦାନ କରିବାକୁ ପିଡ଼ିଏମ୍‌ଡିଏସ୍ ହେଉଛି ପାର୍କିନ୍‌ସନ୍ ଡିଜିଜ୍ ଏବଂ ମୁଭ୍‌ମେଣ୍ଟ ଡିସ୍‌ଅର୍ଡର ଡିଜିଜ୍‌ରେ ପୀଡ଼ିତ ଲୋକମାନଙ୍କୁ ସବୁ ପ୍ରକାର ବିନା ମୂଲ୍ୟରେ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ସଭାପତି ନିଜ ବକ୍ତବ୍ୟରେ କହିଛନ୍ତି। ଏହି ଉତ୍ସବରେ ପୂର୍ବତନ ସଭାପତି ନିରୂପମା ନାୟକ ସମସ୍ତ କାର୍ଯ୍ୟକ୍ରମ ଓ ମଞ୍ଚ ପରିଚାଳନା କରିଥିଲେ ଏବଂ ସଭା ଶେଷରେ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଏଡେଲଓ୍ୱିସ ନିଫ୍ଟି, ଆରଇଆଇଟି ଓ ରିଅଲିଟି ଇଣ୍ଡେକ୍ସ ଫଣ୍ଡ ଶୁଭାରମ୍ଭ

**ଭୁବନେଶ୍ୱର (ବ୍ୟୁରୋ) :** ଏଡେଲଓ୍ୱିସ ଆସେଟ୍ ମ୍ୟାନେଜମେଂଟ କମ୍ପାନୀ ଲିମିଟେଡ୍ (ଏଡେଲଓ୍ୱିସ୍ ଏମଏଫ/ ଇଏମଏଫ/ ଇଏଏମସି) ପକ୍ଷରୁ ଆଜି ଭାରତର ପ୍ରଥମ ଆରଇଆଇଟି-ଭିତ୍ତିକ ଇଣ୍ଡେକ୍ସ ଫଣ୍ଡ୍ ଦ ଏଡେଲଓ୍ୱିସ୍ ନିଫ୍ଟି ଆରଇଆଇଟି ଏବଂ ରିଅଲ୍ଟି ଇଣ୍ଡେକ୍ସ ଫଣ୍ଡ୍ ଦ ର ଲଂଚ ଘୋଷଣା କରିଛି। ଏହି ନୂତନ ଫଣ୍ଡ୍ ଅଫର୍ ଅଗଷ୍ଟ ୫ ରୁ ୧୯ ତାରିଖ, ୨୦୨୬ ପର୍ଯ୍ୟନ୍ତ ସବ୍‌ସ୍କ୍ରିପ୍ସନ୍ ପାଇଁ ଖୋଲା ରହିବ। ଏହି ଓପନ୍-ଏଣ୍ଡେଡ୍ ଇଣ୍ଡେକ୍ସ ସ୍କିମ୍‌ର ଲକ୍ଷ୍ୟ ହେଉଛି ଟ୍ରାକିଂ ତ୍ରୁଟିକୁ ଦୃଷ୍ଟିରେ ରଖି ଦ ନିଫ୍ଟି ଆରଇଆଇଟି ଏବଂ ରିଅଲ୍ଟି ଟୋଟାଲ୍ ରିଟର୍ଣ୍ଣ ଇଣ୍ଡେକ୍ସ ଦ ର ପ୍ରଦର୍ଶନକୁ ଅନୁସରଣ କରିବା। ଏହି ଫଣ୍ଡ୍ ତାଲିକାଭୁକ୍ତ ରିଅଲ୍ ଇଷ୍ଟେଟ୍ ଇନଭେଷ୍ଟମେଂଟ ଟ୍ରଷ୍ଟ ଏବଂ ତାଲିକାଭୁକ୍ତ ରିଅଲ୍ ଇଷ୍ଟେଟ୍ ଷ୍ଟକ୍‌ଗୁଡ଼ିକରେ ଏକ ବିବିଧ ନିଷ୍କ୍ରିୟ ନିବେଶ ରଣନୀତି ମାଧ୍ୟମରେ ନିବେଶକମାନଙ୍କୁ ଭାରତର ତାଲିକାଭୁକ୍ତ ରିଅଲ୍ ଏଷ୍ଟେଟ୍ ଇକୋସିଷ୍ଟମ୍‌ରେ ନିବେଶ କରିବାର ସୁଯୋଗ ଦେଇଥାଏ। ଏହାର ଅନ୍ତର୍ନିହିତ ଇଣ୍ଡେକ୍ସ ବର୍ତ୍ତମାନ ତାଲିକାଭୁକ୍ତ ଆରଇଆଇଟିରେ ସର୍ବନିମ୍ନ ୬୦% ଆବଂଟନ ବଜାୟ ରଖିବା ସହ ବାକି ଅଂଶ ତାଲିକାଭୁକ୍ତ ରିଅଲ୍ ଇଷ୍ଟେଟ୍ କମ୍ପାନୀଗୁଡ଼ିକରେ ନିବେଶ କରୁଛି। ଏହି ଇଣ୍ଡେକ୍ସ ପ୍ରଣାଳୀକୁ ଏଭଳି ଭାବେ ପ୍ରସ୍ତୁତ କରାଯାଇଛି ଯେ ଯୋଗ୍ୟ ତାଲିକାଭୁକ୍ତ ଆରଇଆଇଟି କ୍ଷେତ୍ରର ବିସ୍ତାର ହେବା ସହିତ ଆରଇଆଇଟିରେ ଆବଂଟନର ପରିମାଣ ୧୦୦% ପର୍ଯ୍ୟନ୍ତ ବୃଦ୍ଧି ପାଇପାରିବ। ଏହି ଶୁଭାରମ୍ଭ ଏଭଳି ଏକ ସମୟରେ ଆସିଛି, ଯେତେବେଳେ ଭାରତର ରିଅଲ୍ ଇଷ୍ଟେଟ୍ କ୍ଷେତ୍ରକୁ ସହରୀକରଣ, ଭିତିଭୂମି ବିକାଶ, ଗ୍ଲୋବାଲ୍ କ୍ୟାପାବିଲିଟି ସେକ୍ଟର (ଜିସିସି) ନିକଟରୁ ଗ୍ରେଡ୍-ଏ ବାଣିଜ୍ୟିକ ସମ୍ପତି ପାଇଁ ଚାହିଦା, ଉତ୍ପାଦନ ଓ ଲଜିଷ୍ଟିକ୍ସର ସମ୍ପ୍ରସାରଣ ଭଳି ଦୀର୍ଘକାଳୀନ ଗଠନମୂଳକ ଟ୍ରେଣ୍ଡରୁ ସହଯୋଗ ମିଳୁଛି। ନିଫ୍ଟି ଆରଇଆଇଟି ଏବଂ ରିଅଲ୍ଟି ଟୋଟାଲ୍ ରିଟର୍ଣ୍ଣ ଇଣ୍ଡେକ୍ସ ଆୟ ସୃଷ୍ଟିକାରୀ ତାଲିକାଭୁକ୍ତ ଆରଇଆଇଟିକୁ ତାଲିକାଭୁକ୍ତ ରିଅଲ୍ ଇଷ୍ଟେଟ୍ କମ୍ପାନୀଗୁଡ଼ିକ ସହିତ ଯୋଡ଼ିଥାଏ, ଯାହା ଏକ ନିଷ୍କ୍ରିୟ ନିବେଶ ସମାଧାନ ମାଧ୍ୟମରେ ନିବେଶକମାନଙ୍କୁ ବାଣିଜ୍ୟିକ ରିଅଲ୍ ଇଷ୍ଟେଟ୍ ସମ୍ପତିର ଆୟ ସୃଷ୍ଟିକାରୀ କ୍ଷମତା ହାସଲ କରିବା ସହ ତାଲିକାଭୁକ୍ତ ରିଅଲ୍ ଇଷ୍ଟେଟ୍ ବ୍ୟବସାୟର ଅଭିବୃଦ୍ଧି କ୍ଷମତାକୁ ବ୍ୟବହାର କରିବାର ସୁବିଧା ପ୍ରଦାନ କରିଥାଏ। ଏହି ଇଣ୍ଡେକ୍ସ ତାଲିକାଭୁକ୍ତ ରିଅଲ୍ ଇଷ୍ଟେଟ୍ କ୍ଷେତ୍ରରେ ବିବିଧ ନିବେଶ ବଜାୟ ରଖିବା ପାଇଁ ତ୍ରୈମାସିକ ସମୀକ୍ଷା ସହିତ ଏକ ସ୍ୱଚ୍ଛ, ନିୟମ-ଆଧାରିତ ପ୍ରଣାଳୀ ଅନୁସରଣ କରିଥାଏ। ଏହି ଫଣ୍ଡ୍ ଭାରତ ଲାହୋଟି ଏବଂ ମାନସୀ ଜଳଗାଁଓକରଙ୍କ ଦ୍ୱାରା ପରିଚାଳିତ ହେବ। ଏହି ଫଣ୍ଡ୍ ସମ୍ପର୍କରେ ଏଡେଲଓ୍ୱିସ୍ ଆସେଟ୍ ମ୍ୟାନେଜମେଂଟ କମ୍ପାନୀ ଲିମିଟେଡ୍‌ର ଏମଡି ଓ ସିଇଓ ରାଧିକା ଗୁପ୍ତା କହିଛନ୍ତି, "ଭାରତୀୟ ନିବେଶକଙ୍କ ପାଇଁ ରିଅଲ୍ ଇଷ୍ଟେଟ୍ ଦୀର୍ଘ ଦିନରୁ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ପତି ଶ୍ରେଣୀ ରହିଆସିଛି, କିନ୍ତୁ ଅଧିକ ପୁଞ୍ଜିର ଆବଶ୍ୟକତା ଏବଂ ଜଟିଳ କାର୍ଯ୍ୟପ୍ରଣାଳୀ ଯୋଗୁଁ ଏଥିରେ ନିବେଶ ପହଂଚ ସୀମିତ ରହୁଛି। ଆରଇଆଇଟି ଏକ ନିୟନ୍ତ୍ରିତ ଏବଂ ସ୍ୱଚ୍ଛ ବ୍ୟବସ୍ଥା ମାଧ୍ୟମରେ ଉଚ୍ଚମାନର, ନିୟମିତ ଆୟ ପ୍ରଦାନକାରୀ ରିଅଲ୍ ଇଷ୍ଟେଟ୍ ସମ୍ପତିଗୁଡ଼ିକରେ ନିବେଶକୁ ସମସ୍ତଙ୍କ ପାଇଁ ସହଜ ଓ ସୁଲଭ କରିବାରେ ସାହାଯ୍ୟ କରିଛି। ଭାରତର ପ୍ରଥମ ଆରଇଆଇଟି-ଭିତିକ ଇଣ୍ଡେକ୍ସ ଫଣ୍ଡ୍ ସହିତ, ଆମେ ଏକ କମ୍-ଖର୍ଚ୍ଚ ଏବଂ ସହଜ ନିବେଶ ମାଧ୍ୟମରେ ନିବେଶକମାନଙ୍କୁ ଏହି ସମ୍ପତି ଶ୍ରେଣୀ ପାଇଁ ବିବିଧ ଏକ୍ସପୋଜର ହାସଲ କରିବା ସହଜ କରିଛୁ। ଆମେ ବିଶ୍ୱାସ କରୁଛୁ ଯେ, ଏହି ଫଣ୍ଡ୍ ନିବେଶ ସୁଯୋଗକୁ ବୃଦ୍ଧି କରିବ ଏବଂ ନିବେଶକମାନଙ୍କୁ ଅଧିକ ବିବିଧ ପୋର୍ଟଫୋଲିଓ ନିର୍ମାଣ କରିବାରେ ସାହାଯ୍ୟ କରିବ।

# ଶ୍ରୀଜଗନ୍ନାଥଙ୍କ ଦିବ୍ୟ ଭଜନ ସମାରୋହ



**ଭୁବନେଶ୍ୱର (ବ୍ୟୁରୋ) :** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭକ୍ତି, ଆଧ୍ୟାତ୍ମିକତା ଓ ଓଡ଼ିଆ ଧାର୍ମିକ-ସାଂସ୍କୃତିକ ପରମ୍ପରାକୁ ଭୁବନେଶ୍ୱର ମହାନଗର ଅଞ୍ଚଳରେ ଅଧିକ ପ୍ରସାର କରିବା ଉଦ୍ଦେଶ୍ୟରେ ଏକ ବିଶେଷ ଶ୍ରୀଜଗନ୍ନାଥ ଦିବ୍ୟାଙ୍ଗ ଭଜନ ସମାରୋହ ଓ ମହାପ୍ରଭୁଙ୍କ ବିଭିନ୍ନ ବେଶ ଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମ ମହାପ୍ରଭୁ ଶ୍ରୀଲିଙ୍ଗରାଜ ମହାଦେବଙ୍କ ଭଜନ ମଣ୍ଡପରେ ୧୪ ଅଗଷ୍ଟ ଶୁକ୍ରବାରଠାରୁ ୨୦ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ପ୍ରତ୍ୟହ ସନ୍ଧ୍ୟା ୬ଟା ଠାରୁ ରାତ୍ରି ୧୦ଟା ପର୍ଯ୍ୟନ୍ତ ଚାଲିବ। ଏହି ପବିତ୍ର କାର୍ଯ୍ୟକ୍ରମରେ ଭୁବନେଶ୍ୱର ମହାନଗର ଅଞ୍ଚଳରେ ବସବାସ କରୁଥିବା ଆଧ୍ୟାତ୍ମିକ ରୁଚିସମ୍ପନ୍ନ ଭକ୍ତ, ଶ୍ରଦ୍ଧାଳୁ, ସାଧାରଣ ନାଗରିକ ଓ ଶ୍ରୀଜଗନ୍ନାଥପ୍ରେମୀମାନେ ବହୁ ସଂଖ୍ୟାରେ ଯୋଗଦେଇ ମହାପ୍ରଭୁଙ୍କ ଦିବ୍ୟ ଦର୍ଶନ ଓ ଭଜନ-କୀର୍ତ୍ତନର ଆଧ୍ୟାତ୍ମିକ ଆନନ୍ଦ ଲାଭ କରିବାକୁ ଓଡ଼ିଶା ସର୍ଭିସ୍ ସେଣ୍ଟର ଫର୍ ଡିଫ୍ୟାଙ୍ଗ ପିପୁଲ୍‌ର ସଭାପତି ଭବାନୀ ଶଙ୍କର ପାଢ଼ୀ, ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନର ଅଧ୍ୟକ୍ଷ ଡଃ ନାରାୟଣ ମହାପାତ୍ର, ବିଶ୍ୱ ହିନ୍ଦୁ ପରିଷଦ, ଭୁବନେଶ୍ୱର ଜିଲ୍ଲାର ସଭାପତି ପ୍ରଦୀପ ଚନ୍ଦ୍ର ମହାନ୍ତି ଏବଂ ବରିଷ୍ଠ ହିନ୍ଦୁ ସଙ୍ଗଠକ ଶ୍ରୀ ଟାଇଫୁନ୍ ଦାସ ପ୍ରମୁଖ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। କାର୍ଯ୍ୟକ୍ରମର ଏକ ବିଶେଷ ଆକର୍ଷଣ ରହିଛି ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା' ସୁଭଦ୍ରାଙ୍କ ବିଭିନ୍ନ ବେଶର ଦର୍ଶନ, ଯାହା ଭକ୍ତମାନଙ୍କ ମନରେ ଭକ୍ତି, ଶ୍ରଦ୍ଧା ଓ ଆଧ୍ୟାତ୍ମିକ ଚେତନାକୁ ଅଧିକ ଦୃଢ଼ କରିବ ବୋଲି ଆୟୋଜକମାନେ ଆଶା ପ୍ରକାଶ କରିଛନ୍ତି। ବକ୍ତାମାନେ କହିଥିଲେ ଯେ, ଶ୍ରୀଜଗନ୍ନାଥ କେବଳ ଓଡ଼ିଆ ଜାତିର ଆରାଧ୍ୟ ନୁହଁନ୍ତି, ସେ ସମଗ୍ର ମାନବ ସମାଜର ମହାପ୍ରଭୁ। ତାଙ୍କ ଭକ୍ତି, ସଂସ୍କୃତି ଓ ମାନବିକତାର ବାର୍ତ୍ତାକୁ ସମାଜର ପ୍ରତ୍ୟେକ ବର୍ଗରେ ପହଞ୍ଚାଇବା ଆମ ସମସ୍ତଙ୍କ ଦାୟିତ୍ୱ ତେଣୁ ଭୁବନେଶ୍ୱର ମହାନଗର ଅଞ୍ଚଳର ସମସ୍ତ ଶ୍ରୀଜଗନ୍ନାଥପ୍ରେମୀ, ଆଧ୍ୟାତ୍ମିକ ଅନୁରାଗୀ, ଭକ୍ତ ଓ ସାଧାରଣ ନାଗରିକଙ୍କୁ ପରିବାର ସହିତ ଏହି ପବିତ୍ର ଆୟୋଜନରେ ସାମିଲ ହୋଇ ମହାପ୍ରଭୁଙ୍କ ଦିବ୍ୟ ଦର୍ଶନ ଓ ଭଜନ ସମାରୋହର ଲାଭ ନେବାକୁ ଆୟୋଜକମାନଙ୍କ ପକ୍ଷରୁ ବିଶେଷ ଅନୁରୋଧ କରାଯାଇଛି।

# ଆମାଜନ ଗ୍ରେଟ୍ ଫ୍ରିଡମ ସେଲ୍‌ରେ ଅନ୍ୱେଷଣ କରନ୍ତୁ ଆକର୍ଷଣୀୟ ଡିଲ୍

ଭୁବନେଶ୍ୱର (ବ୍ୟୁରୋ) : ଆମାଜନର ଗ୍ରେଟ୍ ଫ୍ରିଡମ୍ ସେଲରେ ଏବେ ପ୍ରତିଦିନର ଆବଶ୍ୟକୀୟ ସାମଗ୍ରୀ, ଏଆଇ-କ୍ୟୁରେଟେଡ୍ ରୋଷେଇ ଉପକରଣ, କୁକ୍‌ୱେୟାର, ଘରର ଆବଶ୍ୟକୀୟ ସାମଗ୍ରୀ, ବେବି କେୟାର, ପେଟ୍ କେୟାର, ନ୍ୟୁଟ୍ରିସନ, ଫର୍ଣ୍ଣିଚର, ହୋମ ଡେକୋର, ଗାର୍ଡେନିଙ୍ଗ, ଫିଟନେସ୍ ଉପକରଣ, ଅଟୋମୋଟିଭ୍ ଆକ୍‌ସେସୋରିଜ୍ ଏବଂ ଅନ୍ୟାନ୍ୟ ସାମଗ୍ରୀର ଏକ ବିସ୍ତୃତ ସଂଗ୍ରହ ଉପରେ ୬୦% ପର୍ଯ୍ୟନ୍ତ ଆକର୍ଷଣୀୟ ଡିଲ୍ ଉପଲବ୍ଧ ହେଉଛି। ଏହି ସପିଂ ଇଭେଂଟ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ମେଡ୍-ଇନ୍-ଇଣ୍ଡିଆ ଉତ୍ପାଦ, ଆଂଚଳିକ ପସନ୍ଦ ଏବଂ ହସ୍ତଶିଳ୍ପ ସାମଗ୍ରୀର ଏକ ବିସ୍ତୃତ ସଂଗ୍ରହ ସହିତ ପାଳନ କରୁଛି। ଗ୍ରାହକମାନେ କାଶ୍ମୀର ହସ୍ତଶିଳ୍ପ, ଆସାମରୁ ବେତ ଏବଂ ବାଉଁଶ ତିଆରି ଉତ୍ପାଦ, ରାଜସ୍ଥାନରୁ ପାରମ୍ପରିକ ସାଜସଜ୍ଜା ଏବଂ ମସଲା, କେରଳରୁ କଦଳୀ ଚିପ୍ସ ଏବଂ ତାମିଲନାଡୁରୁ ହସ୍ତଶିଳ୍ପ ଘରୋଇ ସାମଗ୍ରୀର ଏକ ବିସ୍ତୃତ କଲେକ୍ସନ ଉପରେ ଆକର୍ଷଣୀୟ ଡିଲ୍ ପାଇପାରିବେ। ଏହି କ୍ୟୁରେଟେଡ୍ କଲେକ୍ସନ ଗ୍ରାହକମାନଙ୍କ ପାଇଁ ଭାରତର ବିବିଧତାକୁ ପ୍ରତିଫଳିତ କରୁଥିବା ଉତ୍ପାଦଗୁଡ଼ିକୁ ଖୋଜିବା ସହଜ କରିଥାଏ। ଗ୍ରାହକମାନଙ୍କ ପାଇଁ, ଆମାଜନ ଗ୍ରେଟ୍ ଫ୍ରିଡମ୍ ସେଲ୍ ସମୟରେ ଏଚଡିଏଫସି ବ୍ୟାଙ୍କ କ୍ରେଡିଟ୍ କାର୍ଡ ଓ ଇଜି ଇଏମଆଇ ଟ୍ରାଞ୍ଜାକ୍ସନ ଉପରେ ୧୦%ର ତତ୍କାଳ ରିହାତି, ୨,୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାସବ୍ୟାକ୍ ରିୱାର୍ଡ, କିଛି ନିର୍ଦ୍ଦିଷ୍ଟ କ୍ରେଡିଟ୍ ଓ ଡେବିଟ୍ କାର୍ଡରେ ନୋ କଷ୍ଟ୍ ଇଏମଆଇ, ଏକ୍ସଚେଞ୍ଜ ସୁବିଧା ଏବଂ ଆମାଜନ ପେ ରିୱାର୍ଡ ଉପଲବ୍ଧ ରହିଛି। ପ୍ରାଇମ୍ ସଦସ୍ୟମାନେ ସ୍ମାର୍ଟଫୋନ୍, ହୋମ୍ ଆଣ୍ଡ କିଚେନ, ଦୈନନ୍ଦିନ ଆବଶ୍ୟକୀୟ ସାମଗ୍ରୀ, ଫ୍ୟାଶନ୍, ବିୟୁଟି ଓ ଅନ୍ୟାନ୍ୟ ଉତ୍ପାଦ ବର୍ଗରେ ୬% ପର୍ଯ୍ୟନ୍ତ ଅତିରିକ୍ତ ସଂଚୟ ମଧ୍ୟ ଉପଭୋଗ କରିପାରିବେ। ଗ୍ରାହକମାନେ ଆମାଜନ ନାଓରେ କିରାଣା, ତାଜା ଫଳ ଏବଂ ପନିପରିବା, ଫ୍ରୋଜେନ୍ ଫୁଡ, ପର୍ସନାଲ କେୟାର, ଫ୍ୟାଶନ୍ ଓ ବିୟୁଟି, ହୋମ ଓ କିଚେନ ଆଦି ବର୍ଗରେ ହଜାର ହଜାର ଉତ୍ପାଦ ମାତ୍ର କିଛି ମିନିଟ୍ ମଧ୍ୟରେ ପାଇପାରିବେ। ସେହିପରି ଗ୍ରେଟ ଫ୍ରିଡମ ସେଲ୍ ସମୟରେ ଆମାଜନର ବିଭିନ୍ନ ଏଆଇ-ପରିଚାଳିତ ଟୁଲ୍ ଯେପରିକି ରୁଫସ୍, ଲେନ୍ସ ଏଆଇ, ଏଆଇରିଭ୍ୟୁ ହାଇଲାଇଟ, କ୍ୱିକ ଭ୍ୟୁ, କ୍ୱିକ ଲର୍ଣ୍ଣ ଓ ବାୟିଙ୍ଗ ଗାଇଡ୍ ଆଦି ଗ୍ରାହକଙ୍କୁ ସହଜରେ ଉତ୍ପାଦ ଅନ୍ୱେଷଣ ଓ କ୍ରୟ କରିବା ପାଇଁ ସହଯୋଗ କରୁଛନ୍ତି। ଏହି ସେଲ୍ ସମୟରେ ହିମାଳୟା, ଡ୍ରୁଲ୍‌ସ, ୱିଗିଲ୍ସ, ଯୋଗା ବାର, ପିଂଟୋଲା, ହାପି ପ୍ଲାନେଟ, ସର୍ଫ ଏକ୍ସେଲ, ୱେଲବିଙ୍ଗ ନ୍ୟୁଟ୍ରିସନ ଭଳି ବିଶ୍ୱସନୀୟ ବ୍ରାଣ୍ଡରୁ ଆକର୍ଷଣୀୟ ରିହାତିରେ ସପିଂ କରିପାରିବେ। ଏହାବ୍ୟତୀତ ଗ୍ରାହକମାନେ ଫ୍ଲାଇଟ ବୁକିଙ୍ଗ ଉପରେ ୨୧% ପର୍ଯ୍ୟନ୍ତ ରିହାତି ଏବଂ ହୋଟେଲ ବୁକିଂ ଉପରେ ୬୦% ପର୍ଯ୍ୟନ୍ତ ବୁକିଂ ପାଇପାରିବେ। ନୂଆ ଗ୍ରାହକମାନେ ୧୦୦୦ ଟଙ୍କା ପର୍ଯ୍ୟନ୍ତ, ଅତିରିକ୍ତ ୧୦% ରିହାତି ପାଇବେ। ଆମାଜନ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ କାର୍ଡରେ ସପିଂ, ଫ୍ଲାଇଟ ଓ ହୋଟେଲ ବୁକିଂ ଉପରେ ଗ୍ରାହକମାନେ ୫% କ୍ୟାଶବ୍ୟାକ ମଧ୍ୟ ପାଇବେ। ଏହି କାର୍ଡରେ ଜିରୋ ଜଏନିଂ ଫି ଓ ଜିରୋ ବାର୍ଷିକ ଫି ରହିଛି। ଆମାଜନ ପେ ଲାଟର ସହ ଗ୍ରାହକମାନେ ଶୂନ ପ୍ରୋସେସିଂ ଫି ସହିତ ନିଜ କ୍ରୟକୁ ୩ଟି ସୁଧ ମୁକ୍ତ ଇଏମଆଇ କିମ୍ବା ସାଇନ-ଅପ୍ ଉପରେ ୬୦୦ ଟଙ୍କାର ୱେଲକମ ରିୱାର୍ଡ ପାଇପାରିବେ।

# ସୋଆରେ ବିକଶିତ ଭାରତ ଯୁବା କନେକ୍ଟ ପ୍ରୋଗ୍ରାମ

ଭୁବନେଶ୍ୱର (ବ୍ୟୁରୋ) : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଶାଖା ପକ୍ଷରୁ ଶନିବାର କ୍ୟାମ୍ପସ-୪ ପରିସରରେ ବିକଶିତ ଭାରତ ନିମନ୍ତେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରସଙ୍ଗ ରହିଥିଲା 'ନଶାମୁକ୍ତ ଯୁବା ଫର ବିକଶିତ ଭାରତ'। ଯୁବ ସମାଜକୁ ନିଶାଦ୍ରବ୍ୟର କୁପ୍ରଭାବ ସଂପର୍କରେ ସଚେତନ କରିବା ଏବଂ ନିଶାମୁକ୍ତ ଭାରତ ଗଠନରେ ସେମାନଙ୍କର ସକ୍ରିୟ ଭୂମିକାକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଏନ୍‌ଏସ୍‌ଏସ୍ ଆଂଚଳିକ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଅଜିତ କୁଶୱାହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ଭାରତ ସରକାରଙ୍କ ତତ୍ତ୍ୱାବଧାନରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଏହି ଅଭିଯାନ ଖୁବ୍ ବ୍ୟାପକ ହେବାରେ ଲାଗିଛି। ଏହି ଅଭିଯାନ ମାଧ୍ୟମରେ ଯୁବପିଢ଼ିଙ୍କୁ କିପରି ନିଶାମୁକ୍ତ କରାଯିବ ଏବଂ ସେମାନଙ୍କୁ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସ୍ତରରେ ସଶକ୍ତ କରାଯାଇପାରିବ ସେ ନେଇ ଶ୍ରୀ କୁଶୱାହ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ଶ୍ରୀ କୁଶୱାହ ଏପରି ଏକ ସାମାଜିକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ



କରିଥିବାରୁ ସୋଆ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରିବା ସହିତ ନିଶାମୁକ୍ତ ସମାଜ ଗଠନରେ ଶିକ୍ଷାନୁଷ୍ଠାନ ଓ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଛାତ୍ରଛାତ୍ରୀଙ୍କୁ ସମସ୍ତ ପ୍ରକାର ନିଶାଦ୍ରବ୍ୟଠାରୁ ଦୂରେଇ ରହିବାକୁ ଆହ୍ୱାନ ଦେଇଥିଲେ ଏବଂ ନିଶାମୁକ୍ତ ଭାରତର ଶପଥ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଓ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନ୍‌ସେସ୍ (ଆଇଏଏସ୍)ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଯୋଗ ଦେଇ ନିଜ ବକ୍ତବ୍ୟରେ ସମାଜକୁ ନିଶାମୁକ୍ତ କରାଇବାର ପ୍ରଚେଷ୍ଟା ଜାରି ରହିବା ଉଚିତ୍ ବୋଲି ଆହ୍ୱାନ ଦେଇଥିଲେ। ସୋଆ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର କମଳ ଲୋଚନ ମହନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିବା ପରିପ୍ରେକ୍ଷୀରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ ମାନେ ଯୁବପିଢ଼ିଙ୍କ ସହିତ କିପରି ଭାବେ ଯୋଡ଼ିପାରିବେ ଓ ସେମାନଙ୍କୁ ନିଶାମୁକ୍ତ ଭାରତ ଅଭିଯାନରେ ସକ୍ରିୟ ଭାବେ ସାମିଲ କରାଇପାରିବେ ସେ ନେଇ ଆହ୍ୱାନ ଦେଇଥିଲେ। ସୋଆ କ୍ୟାମ୍ପସ-୪ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ପ୍ରଫେସର ସରୋଜ କୁମାର ମହାନ୍ତି, ସତ୍ୟନାରାୟଣ ଶତପଥୀ, ଭାରତ ସରକାରଙ୍କ ଏନ୍‌ଏସ୍‌ଏସ୍ ଆଂଚଳିକ ନିର୍ଦ୍ଦେଶାଳୟର ଯୁବ ଅଧିକାରୀ ଏ. ଏସ୍. କବୀର, ଡକ୍ଟର ପ୍ରୀତିମନ୍ ମିଶ୍ର ଏବଂ ଯୁଥ ଆଇକନ୍ ସ୍ୱରାଜ ଧର ଉପସ୍ଥିତ ରହି ନିଜର ଅନୁଭୂତିରୁ ଛାତ୍ରଛାତ୍ରୀମାନଙ୍କୁ ନିଶାମୁକ୍ତ ହେବା ପାଇଁ ଆହ୍ୱାନ ଦେଇଥିଲେ। ନିଶାମୁକ୍ତ ସମାଜ ଗଠନ ପାଇଁ ସଚେତନତା ସୃଷ୍ଟି କରିବା ଏବଂ ସମାଜରେ ଏହି ବାର୍ତ୍ତା ପହଂଚାଇବାର ସଂକଳ୍ପ ସହ କାର୍ଯ୍ୟକ୍ରମ ସମାପନ ହୋଇଥିଲା।

## କାଉଡ଼ିଆଙ୍କୁ ନେଇ ଫେରୁଥିଲା ପିକଅପ ଭ୍ୟାନ, ଦୁର୍ଘଟଣାରେ ୧୭ ଆହତ

**ଜଗତସିଂହପୁର(ଅମୃତ ମିଡିଆ):** କାଉଡ଼ିଆଙ୍କୁ ଧରି ଫେରୁଥିବା ଏକ ପିକଅପ୍ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ୧୭ କାଉଡ଼ିଆ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ସୋମବାର ଏଭଳି ଏକ ଦୁର୍ଘଟଣା ଘଟିଛି ଜଗତସିଂହପୁର ଜିଲ୍ଲା କଟକ-ପାରାଦୀପ ରାସ୍ତାର କୋଟକଣା ଛକ ନିକଟରେ। କାଉଡ଼ିଆମାନେ ନୟାଗଡ଼ରୁ ପାଣି ଢାଳି କୁଜଙ୍ଗ ଅଞ୍ଚଳକୁ ପିକଅପ ଭ୍ୟାନରେ ଫେରୁଥିଲେ। ପିକଅପ୍ ଭାରସାମ୍ୟ ହରାଇ ଛକ ନିକଟରେ ଥିବା ବାବା ଗୋରେଖନାଥଙ୍କର ଏକ ହୁଣ୍ଡି ସହ ପିଟିହୋଇଥିଲା । ଫଳରେ ଏଥିରେ ଥିବା ୧୭ ଜଣ କାଉଡ଼ିଆ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ୬ ମହିଳା ଏବଂ ୨ ଶିଶୁ ଅଛନ୍ତି। ତେବେ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକ ପହଁଞ୍ଚି ଆହତମାନଙ୍କୁ ଉଦ୍ଧାର କରିଥିଲେ । ସମସ୍ତ ଆହତ ଓ ଗୁରୁତରଙ୍କୁ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି ।

## କୋଣ ଅନୁକୋଣରେ ପହଞ୍ଚିବ କୃମି ନାଶକ ବଟିକା

**ମହାକାଳପଡ଼ା(ଅମୃତ ମିଡିଆ):** କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ବାୟାବାବା କଲେଜ ସଭାଗୃହଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜାତୀୟ କୃମି ନାଶକ ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ କୃମି ନାଶକ ବଟିକା ଖୁଆଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ପରେ ଏହି ବ୍ଲକର କୋଣ ଅନୁକୋଣରେ କୃମି ନାଶକ ବଟିକା ଖାଇବାକୁ ସଚେତନ କରାଇବା ସହ ଏହା ବଣ୍ଟନ କରାଯିବ ବୋଲି ଉପସ୍ଥିତ ଅତିଥିମାନେ କହିଛନ୍ତି। ଏହି ଅବସରରେ ଜିଲା ଅତିରିକ୍ତ ଚିକିତ୍ସା ଅଧିକାରୀ ସଚ୍ଚିଦାନନ୍ଦ ମିଶ୍ର , ବିଡ଼ିଓ ତଥା ତହସିଲଦାର ରବି ନାରାୟଣ ଆଚାର୍ଯ୍ୟ, କଲେଜ ଅଧ୍ୟକ୍ଷ ପ୍ରଫେସର ରଞ୍ଜିତ କୁମାର ଦାସ, ରୋଗୀ କଲ୍ୟାଣ ସମିତି ସଭ୍ୟ ଇଂ. ରୁଦ୍ର ନାରାୟଣ ମୁଦୁଲି, ଇଂ. ଚନ୍ଦ୍ରକାନ୍ତ ସ୍ୱାଇଁଙ୍କ ସମେତ ବହୁ ସଂଖ୍ୟାରେ କଲେଜ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ବିସ୍କୁଟ୍ ନଦେବାରୁ ହଷ୍ଟେଲ୍ ସହପାଠୀଙ୍କୁ ନିସ୍ତୁକ ମାଡ଼



**ନୟାଗଡ଼(ଅମୃତ ମିଡିଆ):** ନୟାଗଡ଼ର ଏକ ଜଣାଶୁଣା ଘରୋଇ ସ୍କୁଲର ଛାତ୍ରାବାସରେ ଜଣେ ଅଷ୍ଟମ ଶ୍ରେଣୀର ଛାତ୍ରଙ୍କୁ ତିନି ଜଣ ଦଶମ ଓ ତାରର ଜଣେ ସହପାଠୀ ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏନେଇ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୀଡ଼ିତ ଛାତ୍ରଙ୍କ ପିତାଙ୍କ ଅଭିଯୋଗ ଅନୁସାରେ ବିଳମ୍ବିତ ରାତିରେ, ଅଭିଯୁକ୍ତ ୪ଜଣ ତାଙ୍କୁ ବିସ୍କୁଟ୍ ଓ ବାରମଜା ମାଗିଥିଲେ। ସେ ନଦେବାରୁ ସେମାନେ ମିଳିମିଶି ବାଡ଼େଇଥିଲେ। ଏହି କଥା କାହାରିକୁ କହିଲେ ଆହୁରି ମାଡ଼ର ଭୟ ଦେଖାଇଥିଲେ। ଏନେଇ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ତାଙ୍କ ପୁଅ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ଖଣ୍ଡପଡ଼ାର ବାସିନ୍ଦା ବର୍ତ୍ତମାନ କଟକ ଶେଖ ବଜାରରେ ରହୁଛନ୍ତି। ତାଙ୍କ ପୁଅକୁ ଏହି ଘରୋଇ ସ୍କୁଲରେ ପାଠ ପଢ଼ାଉଛନ୍ତି। ସ୍କୁଲ ଛୁଟି ଥିବାରୁ ଗତକାଲି (ଶନିବାର) ସେ ତାଙ୍କ ପୁଅକୁ ଘରକୁ ନେବାକୁ ଆସିଥିଲେ। ଏହି ସମୟରେ ପୁଅର ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଚିହ୍ନ ହୋଇଥିବା ସେ ଦେଖିବାକୁ ପାଇଥିଲେ। ପୁଅକୁ ପଚାରିବାରୁ ସେ ମିଛରେ ଗାଧୁଆ ଘରେ ପଡ଼ି ଯାଇଥିବା କହିଥିଲେ। ତେବେ ଘରେ ପହଞ୍ଚିବା ପରେ ଅନେକ ଥର ପଚାରିବାରୁ ସମସ୍ତ କଥା କହିଥିଲା। ଚଳିତ ମାସ ଚାରି ତାରିଖ ବିଳମ୍ବିତ ରାତିରେ ଦଶମ ଶ୍ରେଣୀର ତିନି ଜଣ ଓ ଅଷ୍ଟମ ଶ୍ରେଣୀର ଜଣେ ଛାତ୍ର ବିସ୍କୁଟ୍ ଓ ବାରମଜା ଖାଇବାକୁ ମାଗିଥିଲେ। ତେବେ ପୀଡ଼ିତ ଛାତ୍ରଜଣକ ଖାଇବା ପାଇଁ ଦେଇନଥିଲେ। ଫଳରେ ଏଥିରେ ଉତ୍ୟକ୍ତ ହୋଇ ସେମାନେ ଏକ ଲୁହା ପାଇପ ଓ ହାତରେ ମାଡ଼ ମାରିଥିଲେ। ଫଳରେ ଛାତ୍ରଙ୍କ ମୁହଁ, ପିଠି ଓ ଶରୀରର ଅନ୍ୟ ସ୍ଥାନରେ କ୍ଷତ ଚିହ୍ନ ସୃଷ୍ଟି ହୋଇଥିଲା। କେବଳ ସେତିକି ନୁହେଁ, ଏହି କଥା କାହା ସାମ୍ନାରେ ପ୍ରକାଶ ନକରିବାରୁ ମଧ୍ୟ ଏହି ଛାତ୍ରମାନେ ସେମାନଙ୍କୁ ଧମକ ଦେଇଥିଲେ। ମାଡ଼ରେ ଛାତ୍ର ଜଣକ ଏତେ ଭୟଭୀତ ହୋଇଯାଇଥିଲେ ଯେ, ଦେହରେ ପ୍ରବଳ ଯନ୍ତ୍ରଣା ହେଉଥିଲେ ମଧ୍ୟ ସେ କାହାରିକୁ କିଛି କହି ଚୁପ୍ ରହିଯାଇଥିଲା। ଏ ନେଇ ଟାଉନ ଥାନା ଇନସପେକ୍ଟର ରଶ୍ମୀ ରଞ୍ଜନ ପ୍ରଧାନ କହିଛନ୍ତି, ଘଟଣା ସମ୍ପର୍କରେ ଅଭିଯୋଗ ମିଳିଛି। ତଥାପି ଉଭୟ ଗୋଷ୍ଠୀଙ୍କୁ ଥାନାକୁ ଡକାଯାଇ ଆଲୋଚନା କରାଯାଉଛି। ଯଦି କିଛି ଫଳ ନମିଳେ ସିଡବ୍ଲୁସିକୁ ଘଟଣାକୁ ହସ୍ତାନ୍ତର କରାଯିବ।

## ଚାଷୀଙ୍କ ଆତ୍ମହତ୍ୟା ଉଦ୍ୟମ, କାବୁ କରିନେଲା ପୋଲିସ



**କେନ୍ଦ୍ରପଡ଼ା(ଅମୃତ ମିଡିଆ):** ଜିଲ୍ଲାପାଳଙ୍କ ଜନ ଶୁଣାଣି କାର୍ଯ୍ୟକ୍ରମରେ ବିଷ ପିଇ ଚାଷୀଙ୍କ ଆତ୍ମହତ୍ୟା ଉଦ୍ୟମ। ଚାଷୀଙ୍କୁ କାବୁ କରିନେଲା ପୁଲିସ । କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ତାଳଚୁଆ ଓ ଢୋଲମରା ଗାଁର ଦୁଇ ଚାଷୀ ଗଣେଶ ଚନ୍ଦ୍ର ଓ ରାମକୃଷ୍ଣ ମଣ୍ଡଳ ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିରରେ ବିଷ ପିଇବାକୁ ଉଦ୍ୟମ କରିଥିଲେ। ଅଭିଯୋଗ ମୁତାବକ ତାଙ୍କ ଚାଷଜମିକୁ ଲାଗି ବେଆଇନ ଭାବେ ଚିଙ୍ଗୁଡ଼ି ଘେରି ଗଢି ଉଠିଛି। ଚିଙ୍ଗୁଡ଼ି ଘେରିର ବିଷାକ୍ତ ଓ ଲୁଣି ପାଣି ମାଡି ଯିବାରୁ ବର୍ଷ ବର୍ଷ ଧରି ତାଙ୍କ ଫସଲ ଉଜୁଡି ଯାଉଛି। ଏନେଇ ସେ ବାରମ୍ବାର ଜିଲ୍ଲାପାଳ ଓ ଡିଏଫଓଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳିଲାନି । ଫଳରେ ଆଜି ବାଧ ହୋଇ ସେ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହି ସମୟରେ ପୁଲିସ ତାଙ୍କୁ ତୁରନ୍ତ କାବୁ କରିନେଇଥିଲା।

## ଦାଉସାଧୁଛି ବୈତରଣୀ ଓ ସାଳନ୍ଦୀ ବନ୍ୟା, ଚିନ୍ତାରେ ଚାଷୀ



**ଭଦ୍ରକ(ଅମୃତ ମିଡିଆ) :** ବିପନ୍ନଙ୍କ ଉପରେ ଦାଉ ସାଧୁଛି ବୈତରଣୀ ଓ ସାଳନ୍ଦୀ ବନ୍ୟା । ନଦୀରେ ଜଳସ୍ତର କମିଛି, କିନ୍ତୁ ଏବେବି ଭଦ୍ରକ ଜିଲ୍ଲାର ଅନେକ ତଳିଆ ଅଞ୍ଚଳର ଲୋକ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି । ଏବେ ବି ପାଣି ଘେରରେ ସାଳନ୍ଦୀ ନଦୀ ତଟବର୍ତ୍ତୀ ଅଞ୍ଚଳ । ବନ୍ୟା ଜଳ କମିଥିଲେ ମଧ୍ୟ ଅନେକ ଗାଁ ଭିତରେ ପାଣି ଓ ରାସ୍ତାରେ ବନ୍ୟା ପାଣି ପ୍ରବାହିତ ହେଉଛି । ଭଦ୍ରକ ବ୍ଲକ ଅଧିନସ୍ତ ମୁକୁନ୍ଦପୁର ବ୍ରିଜ ଉପରେ ଦୁଇ ଫୁଟ ଉଚ୍ଚର ଚାଲିଛି ବନ୍ୟା ପାଣି। ସେହିପରି ବିଷ୍ଣୁପୁର ବିନ୍ଧା ପଂଚାୟତ ର ମୁସଲିମ ସାହି, ଗୌଡ଼ ସାହି ଭିତରେ ଲହଡ଼ି ଭାଙ୍ଗୁଛି ଦୁଇ ଫୁଟର ବନ୍ୟା ପାଣି। ଫଳରେ ଜଳବନ୍ଦୀ ଜୀବନ କାଟୁଛନ୍ତି ସ୍ଥାନୀୟ ବାସିନ୍ଦା। ବିଲଣା ପଂଚାୟତ ର ଲଞ୍ଜା ତରା ଠାରେ ଘାଇ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମରାମତି ହୋଇପାରିନି। ଫଳରେ ଶହ ଶହ ଏକର ଚାଷ ଜମି ବନ୍ୟା ପାଣିରେ ବୁଡ଼ି ରହିଛି। ଆଖି ଆଗରେ ଉଜୁଡ଼ା ଚାଷକୁ ଦେଖି ଚିନ୍ତାରେ ଚାଷୀ ।

# ଜାଲରେ ପଡ଼ିଲା କ୍ୱିଣ୍ଟାଲ କ୍ୱିଣ୍ଟାଲ ଇଲିସି ମାଛ



**ଜଳେଶ୍ୱର(ଅମୃତ ମିଡିଆ) :** ଜାଲରେ ପଡ଼ିଲା କ୍ୱିଣ୍ଟାଲ କ୍ୱିଣ୍ଟାଲ ଇଲିସି ମାଛ । ମାଛ ଦେଖିବାକୁ ପର୍ଯ୍ୟଟକଙ୍କ ଭିଡ଼ ଲାଗିଛି । ବାଲେଶ୍ୱର ସୀମାନ୍ତ ଦୀଘା ମୁହାଣରେ ଦେଖିବାକୁ ମିଳିଛି ଏପରି କିଛି ଚିତ୍ର । ଦୀଘା ମତ୍ସ୍ୟ ଅବତରଣ କେନ୍ଦ୍ରରେ ୩୦ ଟନ୍ ରୁ ଅଧିକ ଇଲିଶି ମାଛ ଆମଦାନୀ ହୋଇଥିବା ଜଣାପଡ଼ିଛି । ଦୀର୍ଘ ଦିନ ପରେ ଏତେ ପରିମାଣର ଇଲିଶି ମାଛ ଧରା ପଡ଼ିଥିବାରୁ ଟ୍ରଲର ମାଲିକ, ମତ୍ସ୍ୟଜୀବୀ ଏବଂ ବ୍ୟବସାୟୀଙ୍କ ମଧ୍ୟରେ ଖୁସିର ଲହରୀ ଦେଖିବାକୁ ମିଳିଛି । ବଜାରରେ ମାଛର ଆକାର ଓ ଓଜନ ଅନୁସାରେ ପ୍ରତି କିଲୋଗ୍ରାମ୍ ଇଲିଶିର ଦାମ ୬ଶହରୁ ୧୩ ଶହଟଙ୍କା ପର୍ଯ୍ୟନ୍ତ ରହିଛି । ବଡ଼ ଆକାରର ଇଲିଶି ପାଇଁ ବ୍ୟବସାୟୀଙ୍କ ମଧ୍ୟରେ ଅଧିକ ଚାହିଦା ଦେଖାଯାଇଛି । ଏହି ବ୍ୟାପକ ଆମଦାନୀ ଫଳରେ ସ୍ଥାନୀୟ ବଜାର ସହ ଓଡ଼ିଶା ଏବଂ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନକୁ ଇଲିଶି ଯୋଗାଣ ଆରମ୍ଭ ହୋଇଛି । ମତ୍ସ୍ୟଜୀବୀଙ୍କ କହିବା ଅନୁସାରେ, ଝିପିଝିପି ବର୍ଷା ଏବଂ ଅନୁକୂଳ ପାଗ ଯୋଗୁଁ ଗଭୀର ସମୁଦ୍ରରେ ଥିବା ଇଲିଶି ମାଛ କୂଳ ଆଡ଼କୁ ଆସିଥାଏ । ବିଶେଷକରି ନଦୀ ମୁହାଣରେ ମିଠା ପାଣି ସହ ସମୁଦ୍ରର ଲୁଣିଆ ପାଣି ମିଶୁଥିବା ସ୍ଥାନକୁ ଇଲିଶି ଅଣ୍ଡା ଦେବା ପାଇଁ ଆସୁଥିବାରୁ ଏହି ସମୟରେ ବହୁ ପରିମାଣର ମାଛ ଜାଲରେ ଧରାପଡୁଛି। ମତ୍ସ୍ୟଜୀବୀ ମାନେ ମଧ୍ୟ ଏହାକୁ ଚଳିତ ଋତୁର ସବୁଠାରୁ ଭଲ ଧରଣ ମାଛ ଆମଦାନୀ ବୋଲି କହିଛନ୍ତି । ପାଗ ଏଭଳି ଅନୁକୂଳ ରହିଲେ ଆଗାମୀ କିଛି ଦିନ ମଧ୍ୟରେ ଆହୁରି ଅଧିକ ପରିମାଣର ଇଲିଶି ଧରାପଡ଼ିବ ବୋଲି ସେମାନେ ଆଶା କରିଛନ୍ତି। ଦୀର୍ଘ ଦିନ ପରେ ବଜାରରେ ପ୍ରଚୁର ପରିମାଣରେ ଇଲିଶି ମିଳୁଥିବାରୁ ଘରେ ଘରେ ଇଲିଶିର ସ୍ୱାଦ ଚାଖିବାକୁ ଲୋକେ ଅପେକ୍ଷା କରିଛନ୍ତି ।

## ଇଞ୍ଜେକ୍ସନ ନେଲା ଝିଅର ଜୀବନ, ଅଭିଯୋଗ କଲେ ପରିବାର ଲୋକେ

**ନୟାଗଡ଼(ଅମୃତ ମିଡିଆ):** ଭୁଲ ଇଞ୍ଜେକ୍ସନ ଦେବାରୁ ୧୮ ବର୍ଷୀୟା ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ। ଏଭଳି ଏକ ସଂଗୀନ ଅଭିଯୋଗ ଆସିଛି ନୟାଗଡ଼ଜିଲ୍ଲା ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ। ମୃତ ଛାତ୍ରୀ ହେଲେ ଭାପୁର ବ୍ଲକ ଗୋଳାପୋଖରୀ ଗ୍ରାମର ଗୋପାଳ ଚନ୍ଦ୍ର ବେହେରାଙ୍କ ଝିଅ ସନ୍ତୋଷୀ ବେହେରା। ପରିବାର ଲୋକଙ୍କ କହିବା ଅନୁସାରେ, ଗତକାଲି ସନ୍ତୋଷୀଙ୍କୁ ଜ୍ୱର ହୋଇଥିଲା। ଆଜି ସକାଳେ ଚିକିତ୍ସା ପାଇଁ ତାଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ଚିକିତ୍ସା ସମୟରେ ତାଙ୍କୁ ଡିଉଟି ଥିବା ଡାକ୍ତର ଇଞ୍ଜେକ୍ସନ ଦେଇଥିଲେ। ଇଞ୍ଜେକ୍ସନ ଦେବା ପରେ ହଠାତ୍ ସନ୍ତୋଷୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଥିଲା। କିଛି ସମୟ ପରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଡାକ୍ତରଙ୍କ ଭୁଲ ଇଞ୍ଜେକ୍ସନ ଯୋଗୁଁ ଝିଅର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ନ୍ୟାୟ ଦାବି କରିଛନ୍ତି ପରିବାର। ତେବେ ଇଞ୍ଜେକ୍ସନ ଯୋଗୁଁ ହିଁ ଛାତ୍ରୀଙ୍କ ମୃତ୍ୟୁ ହୋଇଛି କି ଅନ୍ୟ କୌଣସି କାରଣରୁ, ତାହା ତଦନ୍ତ ଓ ମେଡିକାଲ ରିପୋର୍ଟ ପରେ ସ୍ପଷ୍ଟ ହେବ, ଏଭଳି ଘଟଣାକୁ ନେଇ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉତେଜନା ପରିସ୍ଥିତି ଲାଗି ରହିଛି, ଘଟଣା ସ୍ଥଳକୁ ଖଣ୍ଡପଡ଼ା ଏସଡିପିଓ ସରୋଜ ସାହୁ, ଫତେଗଡ ଥାନା ଅଧିକାରୀ ଅଜୟ ସାହୁ ପହଞ୍ଚି ବୁଝାସୁଝା ଜାରି ରଖିଛନ୍ତି। ସେପଟେ ପରିବାର ଲୋକଙ୍କ ଜିଦ୍ ନ୍ୟାୟ ନ ମିଳିବା ଯାଏଁ ମେଡିକାଲରୁ ଶବ ଉଠେଇବେ ନାହିଁ।



## ଭଣଜାକୁ କାଉଡ଼ିରେ ବୋହି ମାମୁଙ୍କ ଜଳାଭିଷେକ



**ଜୟପୁର(ଅମୃତ ମିଡିଆ):** ସ୍ନେହ ଓ ଭକ୍ତିର ଅନନ୍ୟ ନିଦର୍ଶନ ଦେଖିବାକୁ ମିଳିଛି ଶ୍ରାବଣ ଦ୍ୱିତୀୟ ସୋମବାରରେ କୋରାପୁଟ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଠାରେ। ମାନସିକ ପୂର୍ଣ୍ଣ ହୋଇଥିବାରୁ ଭଣଜାକୁ କାଉଡ଼ିରେ ବୋହି ଜଳାଭିଷେକ କରିଛନ୍ତି ମାମୁ। ଭଣଜାର ଓଜନ ଯେତିକି, ସେତିକି ଓଜନର ଜଳଭାର ନେଇ ଗୁପ୍ତେଶ୍ୱର ମହାଦେବଙ୍କ ଜଳାଭିଷେକ ଚର୍ଚ୍ଚାର ବିଷୟ ହୋଇଛି। ମାଲକାନଗିରିଜିଲ୍ଲା ବାଲିମେଲା ଅଞ୍ଚଳର ଜଣେ ଶ୍ରଦ୍ଧାଳୁ ନିଜ ଭଉଣୀର ସନ୍ତାନ ପ୍ରାପ୍ତି ପାଇଁ ବାବା ଗୁପ୍ତେଶ୍ୱରଙ୍କ ନିକଟରେ ମାନସିକ ରଖିଥିଲେ। ପୁତ୍ରସନ୍ତାନ ହେଲେ ଜଳାଭିଷେକ କରିବାକୁ ଯିବେ। ଭଣଜା ଓଜନ ସହ ସମାନ ଓଜନର ଜଳ କାଉଡ଼ିରେ ବୋହି ବାବାଙ୍କ ପୀଠରେ ଜଳାଭିଷେକ କରିବେ। ବାବା ଗୁପ୍ତେଶ୍ୱରଙ୍କ କୃପାରୁ ମାନସିକ ପୂରଣ ହୋଇଥିବାରୁ ଚଳିତ ଶ୍ରାବଣ ମାସରେ ମାମୁ ପ୍ରତିଶ୍ରୁତି ପାଳନ କରିଛନ୍ତି। ତେବେ ତାଙ୍କ ଜଳାଭିଷେକ ଲାଗି ଯାତ୍ରାଶୈଳୀ ଭକ୍ତଙ୍କୁ ଭାବବିହ୍ୱଳ କରିଥିଲା। ଶ୍ରଦ୍ଧାଳୁ ସୁସଜ୍ଜିତ କାଉଡ଼ିର ଗୋଟିଏ ପାର୍ଶ୍ୱରେ ନିଜ ଭଣଜାକୁ ସୁରକ୍ଷିତ ଭାବେ ବସାଇ ଅନ୍ୟ ପାର୍ଶ୍ୱରେ ସେତିକି ଓଜନର ପବିତ୍ର ଜଳ ରଖିଥିଲେ।

## ବାଙ୍କୀ ଡମପଡ଼ା ବ୍ଲକ କାର୍ଯ୍ୟାଳୟରେ ୧୬୩ ଧାରା ଲାଗୁ

**ବାଙ୍କୀ(ଅମୃତ ମିଡିଆ) :** ବ୍ଲକ କାର୍ଯ୍ୟାଳୟରେ ୧୬୩ ଧାରା ଲାଗୁ । ରାଜନୈତିକ ହିଂସାକାଣ୍ଡକୁ ନଜରରେ ରଖି କଟକ ଜିଲ୍ଲା ଡମପଡ଼ା ବ୍ଲକ କାର୍ଯ୍ୟାଳୟରେ କଟକଣା ଲାଗୁ । ସକାଳ ୭ରୁ ରାତି ୮ଟା ପର୍ଯ୍ୟନ୍ତ କଟକଣା ଲାଗୁ ହୋଇଛି । ବାଙ୍କୀ ବିଧାୟକଙ୍କ ସମର୍ଥକ ଏବଂ ବିଜେପି ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ ଆଶଙ୍କାରେ ଧାରା ଜାରି କରାଯାଇଛି । କଡା ସୁରକ୍ଷା ବଳୟ ଭିତରେ ବାଙ୍କୀ ଡମପଡ଼ା ବ୍ଲକ୍ କାର୍ଯ୍ୟାଳୟ । ବିଜେପି କର୍ମୀ ମାନେ ବ୍ଲକକୁ ଯାଇ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ବିଡିଓଙ୍କୁ ଘେରିବାପାଇଁ ଯୋଜନା କରିଥିଲେ । ବିଧାୟକଙ୍କ ଗୋଷ୍ଠୀ ବିଜେପି ଗୋଷ୍ଠୀଙ୍କୁ ପ୍ରତିବାଦ କରିବାକୁ ସଜବାଜ ହେଉଥିବାରୁ ଗଣ୍ଡଗୋଳ ହେବାର ଆଶଙ୍କା କରି ବ୍ଲକ୍ କାର୍ଯ୍ୟାଳୟରେ ସୁରକ୍ଷା କଡ଼ାକଡ଼ି କରାଯାଇଛି । ତିନି ପ୍ଲାଟୁନ ପୋଲିସ ଫୋର୍ସ ସହିତ ୧୪ ଜଣ ବରିଷ୍ଠ ପୋଲିସ ଅଧିକାରୀ ମୁତୟନ ହୋଇଛନ୍ତି। ପୂର୍ବରୁ ମଧ୍ୟ ବିଜେପି କର୍ମୀ ତଥା ବିଜେପି ବିଧାୟକ ପ୍ରାର୍ଥୀଙ୍କ ସମର୍ଥକ ମାନେ ବ୍ଲକ୍ ସମ୍ମୁଖରେ ଗଣ୍ଡଗୋଳ କରିଥିଲେ। ଏହାକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ଓ ଆଇନଶୃଙ୍ଖଳା ସମସ୍ୟା ଆଶଙ୍କା କରି ବାଙ୍କୀ ଉପଜିଲ୍ଲାପାଳଙ୍କ ପକ୍ଷରୁ ବିଏନଏସ୍‌ର ୧୬୩ ଧାରା ଜାରି କରାଯାଇଛି । ଉଭୟ ବ୍ଲକ କାର୍ଯ୍ୟାଳୟ ନିକଟରେ ପୁଲିସ ମୁତୟନ କରାଯାଇ ସ୍ଥିତି ଉପରେ ନଜର ରଖାଯାଇଛି ।

# ପଞ୍ଜୀକରଣ ପ୍ରକ୍ରିୟାକୁ ନେଇ ଚାଷୀ ଅସନ୍ତୁଷ୍ଟ



**ମହାକାଳପଡ଼ା(ଅମୃତ ମିଡିଆ):** ଖରିଫ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ଗତ ୨ତାରିଖରୁ ଆରମ୍ଭ ହୋଇଛି। ହେଲେ ଚଳିତ ବର୍ଷ ଯେଉଁମାନଙ୍କ ନାମରେ ଆରଓଆର ବା ଜମି ପଟ୍ଟା ଅଛି ସେମାନେ ଧାନ ବିକିବା ବ୍ୟବସ୍ଥା ରହିଛି ବୋଲି କୁହାଯାଉଛି। ଏଥିପାଇଁ ଆରମ୍ଭ ହୋଇଥିବା ନୂତନ ପ୍ରକ୍ରିୟାକୁ ନେଇ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳର ୨୪ଟି ସମବାୟ ସମିତିରେ ଥିବା ଚାଷୀମାନେ ଚିନ୍ତାରେ ପଡିଛନ୍ତି। ପିଢ଼ିପିଢ଼ି ଧରି ବାପାଜେଜେଙ୍କ ନାମରେ ଜମି ରହିଛି। ସେମାନଙ୍କ ମୃତ୍ୟୁ ପରେ ଭାଗ ବାଣ୍ଟ ଛିଡ଼ି ନ ଥିବା ବେଳେ ଚାଷ କରୁଥିବା ପୁଅମାନଙ୍କ ପାଇଁ ସମସ୍ୟା ହେଉଛି। ଆଗାମୀ ଦିନରେ ଚାଷୀମାନଙ୍କ ସମସ୍ୟା ସମାଧାନ ନ କଲେ ସରକାରଙ୍କ ପାଇଁ ମହଙ୍ଗା ପଡ଼ିପାରେ ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ ବୋଲି କହିଛନ୍ତି କୃଷକ ମୂଳିଆ ଚାଷୀ ନେତା ଅଙ୍କୁର ପଲେଇ। ଅପରପକ୍ଷରେ ଚଳିତବର୍ଷ ବନ୍ୟା ପାଇଁ ଉପକୂଳ ଅଞ୍ଚଳ ରାମନଗର, ପେଟଛେଲା, ବରକନ୍ଧା, ବଉଳକଣି, ମଙ୍ଗଳପୁର ପଞ୍ଚାୟତ ଅଞ୍ଚଳରେ ଧାନ ତଳି ଓ ବେଉଷଣ ଫସଲ ନଷ୍ଟ ହୋଇଥିବା ଚାଷୀମାନେ କହିଛନ୍ତି। ସ୍ଥାନୀୟ ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ ଥରେ ବି ବନ୍ୟା ପ୍ରଭାବିତ ଚାଷ ଜମି ପରିଦର୍ଶନ କରିନାହାନ୍ତି ବୋଲି ବାବାଜି ଦାସ, ଶୁକଦେବ ଦାସ, ହରେକୃଷ୍ଣ ରାଉତ, ସଦାଶିବ ରାଉତ, ପହଲି ସ୍ୱାଇଁ, ଦିବାକର ପରିଡ଼ା ପ୍ରମୁଖ ଚାଷୀ କହିଛନ୍ତି। ଏଣୁ ଧାନ ବିକ୍ରି ପାଇଁ ଆବଶ୍ୟକ ପଞ୍ଜୀକରଣ ପ୍ରକ୍ରିୟାକୁ ସରଳୀକରଣ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି ।

# ଏମ୍ଭି-୧୦୪ରେ ଆତଙ୍କ, ଶତାଧିକ ହଂସ ଖାଇଗଲା କୁମ୍ଭୀର



**କୋରୁକୋଣ୍ଡା(ଅମୃତ ମିଡିଆ):** ୪ ଦିନ ପୂର୍ବରୁ ବିରାଟ କୁମ୍ଭୀର ପୋଟେରୁ ନଦୀରୁ ଚାଲି ଆସିଥିଲା ପୋଖରୀକୁ। ଗୋଟିଏ ପରେ ଆଉ ଗୋଟେ ହଂସ ଗିଳି ଚାଲିଥିଲା । ୪ ଦିନ ଭିତରେ ପ୍ରାୟ ଶହେରୁ ଅଧିକ ହଂସ ଖାଇ ସାରିଲାଣି । କେବଳ ସେତିକି ନୁହେଁ, ସାନବଡ଼ ମାଛ, ଅନ୍ୟ ଜଳଚର ଜୀବ ହାବୁଡ଼ରେ ଯିଏ ବି ପଡୁଥିଲା କେହି ବର୍ତ୍ତୁ ନ ଥିଲେ । ସ୍ୱାଦିଷ୍ଟ ମାଂସ ପାଟିରେ ଲାଗିବା ପରେ ପୋଖରୀ ଛାଡ଼ି ଯିବାକୁ ମନ ବଳାଉ ନ ଥିଲା କୁମ୍ଭୀର । ଦିନକୁ ଦିନ ହଂସ କମି ଚାଲିଥିଲେ । ପୋଖରୀ ମାଲିକଙ୍କର ମନରେ ସନ୍ଦେହ ହୋଇଥିଲା। ଶେଷରେ ଏହି ହଂସଖିଆ କୁମ୍ଭୀର ନଜରକୁ ଆସିଛି । ମାଲକାନଗିରି ଜିଲ୍ଲା ବାଲିମେଳା ରେଞ୍ଜ୍ ଚିତାପାରି-୩ ପଞ୍ଚାୟତର ଏମ୍ଭି-୧୦୪ ଗାଁରେ ଏହି କୁମ୍ଭୀର ଆତଙ୍କ ଦେଖାଦେଇଛି । ବନ ବିଭାଗର ଉକ୍ତ ଟିମ୍ ଆଣିଥିବା ଜାଲରେ କୁମ୍ଭୀର ଧରାପଡୁନି । ଏବେ ବଡ଼ଜାଲ ଆଣିବା ପରେ କୁମ୍ଭୀରକୁ ଧରାଯିବ । ଅଧିକ କ୍ଷମତାସମ୍ପନ୍ନ ଜାଲ ଦ୍ୱାରା କୁମ୍ଭୀରକୁ ଧରିବା ପରେ ସ୍ଥାନାନ୍ତର କରାଯିବ ବୋଲି କହିଛନ୍ତି ଟିମ୍ ମୁଖ୍ୟ ସମୀର ଜେନା । ଏମ୍ଭି-୧୦୪ ଗାଁର ମହାନନ୍ଦ ମଣ୍ଡଳଙ୍କ ଏକ ଏକରର ପୋଖରୀଟିଏ ରହିଛି । ସେଥିରେ ସେ ମାଛଚାଷ କରିଛନ୍ତି । ପୋଖରୀରେ ଛାଡ଼ିଛନ୍ତି ହଂସ । ଦୁଇ ଦିନ ହେଲା ହଂସ କମି ଚାଲିଥିବା ସେ ଜାଣିବାକୁ ପାଇଥିଲେ । କୁମ୍ଭୀର ହଂସ ଖାଉଥିବା ନେଇ ପ୍ରଥମେ ତାଙ୍କ ମନରେ ସନ୍ଦେହ ହୋଇଥିଲା । ଗତକାଲି ସକାଳେ ସେ ପୋଖରୀ କୂଳରେ ବୁଲୁଥିଲେ । ସେହି ସମୟରେ ପୋଖରୀ କଡ଼ରେ କୁମ୍ଭୀରଟି ରହିଥିଲା । ତାଙ୍କୁ ଦେଖି ପାଣି ଭିତରକୁ ପଶିଯାଇଥିଲା । ମହାନନ୍ଦ କହିଛନ୍ତି, ଏହି କୁମ୍ଭୀରଟି ପ୍ରାୟ ୮ରୁ ୧୦ ଫୁଟ୍ ହେବ । ପୋଖରୀରେ ଥିବା ୧୦୦ରୁ ଅଧିକ ହଂସକୁ ମାରି ଖାଇଦେଇଛି । ଏହାସହ ୫ କୁଇଣ୍ଟାଲରୁ ଅଧିକାଂଶ ମାଛ ମଧ୍ୟ ଖାଇଗଲାଣି । ତୁରନ୍ତ କୁମ୍ଭୀରକୁ ସ୍ଥାନାନ୍ତର କରାଯାଉ । ପୋଖରୀରେ ବିରାଟକାୟ କୁମ୍ଭୀର ଥିବା ଖବର ପ୍ରଚାର ପରେ ଲୋକଙ୍କ ଭିଡ଼ ଜମିଥିଲା । ଏ ସମ୍ପର୍କରେ ବନ ବିଭାଗକୁ ମଧ୍ୟ ଖବର ଦିଆଯାଇଥିଲା । ବନ ବିଭାଗର ରାପିଡ୍ ରେସପନ୍ସ ଟିମ୍ ମୁଖ୍ୟ ଶ୍ରୀ ଜେନା, କୈଳାସ ମହାରଣାଙ୍କ ସମେତ ଅନ୍ୟ ସଦସ୍ୟମାନେ ସେଠାରେ ପହଞ୍ଚିଥିଲେ । ଆରମ୍ଭ କରିଥିଲେ କୁମ୍ଭୀରଧରା ଅଭିଯାନ । ହେଲେ ଟିମ୍ ଆଣିଥିବା ଜାଲରେ କୁମ୍ଭୀରକୁ ଧରିବା ସମ୍ଭବ ହୋଇ ନ ଥିଲା । ନିରାଶ ହୋଇଥିଲେ ଟିମ୍ । ଫରେଷ୍ଟ ଗାର୍ଡ ଜସ୍ମିନ ସ୍ୱାଇଁ ଭିଡ଼ ନିୟନ୍ତ୍ରଣ କରିବା ସହ ପୋଖରୀ ପାଖକୁ କାହାକୁ ନଯିବା ପାଇଁ ଅନୁରୋଧ କରିଥିଲେ । ଏ ସମ୍ପର୍କରେ ଟିମ୍ ମୁଖ୍ୟ ଶ୍ରୀ ଜେନାଙ୍କୁ ପଚାରିବାରୁ କହିଛନ୍ତି, ପୋଖରୀରେ କୁମ୍ଭୀର ରହିଥିବା ସ୍ପଷ୍ଟ ହୋଇସାରିଛି । ବିଭାଗ ନିକଟରେ ଥିବା ଜାଲରେ ବଡ଼ କୁମ୍ଭୀରକୁ ଉଦ୍ଧାର କରିବା ସମ୍ଭବ ନୁହେଁ । ଆବଶ୍ୟକ ଜାଲ ବ୍ୟବସ୍ଥା କରି ଖୁବ୍‌ଶୀଘ୍ର କୁମ୍ଭୀର ଉଦ୍ଧାର କରାଯିବ । ବାଲିମେଳା ରେଞ୍ଜର ଲିସ୍ମିତା କହଁର କହିଛନ୍ତି, ଟିମ୍ ପକ୍ଷରୁ କୁମ୍ଭୀର ଉଦ୍ଧାର କାର୍ଯ୍ୟ ଜାରି ରହିଛି । ପୋଖରୀ ନିକଟ ଦେଇ ଏକ ବଡ଼ ନାଳ ଯାଇଛି । ନାଳଟି କିଛିଦୂରରେ ଥିବା ପୋଟେରୁ ନଦୀରେ ମିଶିଛି । ନଦୀରେ ଖାଦ୍ୟ ଅନ୍ୱେଷଣ କରୁଥିବା ବେଳେ କୁମ୍ଭୀରଟି ପୋଖରୀକୁ ଚାଲି ଆସିଥିବା ବନ ବିଭାଗ ଅନୁମାନ କରୁଛି । ସୁରକ୍ଷା ଦୃଷ୍ଟିରୁ ପୋଖରୀ ନିକଟକୁ ନଯିବା ପାଇଁ ସ୍ଥାନୀୟ ଲୋକଙ୍କୁ ସତର୍କ କରାଯାଇଛି ।

# ପ୍ରେମରେ ବିଫଳ ହେବାରୁ ପ୍ରେମିକାଙ୍କ ବାହାଘର ଭାଙ୍ଗିଦେଲେ



**ଜମନକିରା(ଅମୃତ ମିଡିଆ):** ସମ୍ବଲପୁର ଜିଲା ଜମନକିରା ଥାନା ଅଞ୍ଚଳରେ ପ୍ରେମ ସମ୍ପର୍କ ଭାଙ୍ଗିଯିବା ଓ ଅନ୍ୟତ୍ର ବାହାଘର ଠିକ୍ ହେବା ପରେ ପ୍ରତିଶୋଧ ପରାୟଣ ହୋଇ ଯୁବତୀଙ୍କ ଅଶ୍ଳୀଳ ଫଟୋ ଓ ୩ ପୃଷ୍ଠାର ଚିଠି ବରପକ୍ଷ (ପୁଅଘର) ନିକଟରେ ଫିଙ୍ଗି ବାହାଘର ଭାଙ୍ଗିଦେଇଛନ୍ତି। ଏହି ଘଟଣାରେ ପୋଲିସ ସୋମବାର ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ଆଇଆଇସି ରଞ୍ଜନ ନାଗ ପ୍ରକାଶ କରିଛନ୍ତି। ସେ ହେଲେ ବରଗଡ଼ ଜିଲା ବୁଢ଼େନ ଥାନା ଅନ୍ତର୍ଗତ ବେହେରାଟାଲ ଗ୍ରାମର ଆଶିଷ କୁମାର ଚାନ୍ଦ (୩୭)। ସେ ବର୍ତ୍ତମାନ ବରଗଡ଼ ଜିଲା ଭଟିଲି ଛକ ଅଞ୍ଚଳରେ ରହୁଛନ୍ତି। ଜମନକିରା ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ସହ ଆଶିଷଙ୍କ ୫ରୁ ୬ ବର୍ଷ ଧରି ପ୍ରେମ ସମ୍ପର୍କ ରହିଥିଲା। ତେବେ ଯୁବତୀଙ୍କ ଅନ୍ୟତ୍ର ବିବାହ ପ୍ରସ୍ତାବ ଠିକ୍ ହେବା ପରେ ରାଗ ଓ ପ୍ରତିଶୋଧ ପରାୟଣ ହୋଇ ଆଶିଷ ଯୁବତୀଙ୍କ କିଛି ଅଶ୍ଳୀଳ ଫଟୋ ଏବଂ ଏକ ୩ ପୃଷ୍ଠାର ହାତଲେଖା ଚିଠି ପୁଅଘର ନିକଟରେ ଫିଙ୍ଗିଦେଇଥିଲେ। ଏହି ଅଶ୍ଳୀଳ ଫଟୋ ଓ ଚିଠି ଦେଖିବା ପରେ ପୁଅଘର ବିବାହ ବାତିଲକରି ଦେଇଥିଲେ। ଏ ନେଇ ଗତ ୮ ତାରିଖରେ ଯୁବତୀଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ନଂ. ୧୨୨/୨୬ରେ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଭାରତୀୟ ନ୍ୟାୟ ସଂହିତାର ସେକ୍ସନ ୭୭/୭୯/୩୫୬(୨), ଆଇଟି ଆକ୍ଟ, ୨୦୦୦ର ସେକ୍ସନ ୬୬(ଇ) ଏବଂ ଯୁବତୀ ଅଶ୍ଳୀଳ ରୂପର ନିଷେଧ ଆଇନ, ୧୯୮୬ର ସେକ୍ସନ ୬ ଅଧୀନରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

## କଲେଜ ଅଫ୍ ଫାର୍ମାସେଟ୍ୟୁକାଲ ସାଇନ୍ସ ପକ୍ଷରୁ ଜୟନ୍ତୀ ପାଳନ









## ପୁରୀ ପୋଲିସ ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ସାଇବର ସଚେତନତା କାର୍ଯ୍ୟକ୍ରମ











## ପୁରୀ ତାଳବଣିଆ ଷ୍ଟାଡିୟମ ଠାରେ ଆସନ୍ତା ସ୍ୱାଧୀନତା ଦିବସ ପାଳନ ଲାଗି ପରେଡ୍ ଅଭ୍ୟାସ

















# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.114, Wednesday, 12 August 2026, Puri, Pages - 26, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୧୪, ବୁଧବାର, ୧୨ ଅଗଷ୍ଟ ୨୦୨୬, ପୁରୀ, ୨୬ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



